ଜାନୁଆରୀ ୨୦୨୪ • ୫୦ ଟଙ୍କା


# ରେବତୀ

ଆମ ମାଟିର ସ୍ୱର

website : www.rebatee.in

ପ୍ରସଙ୍ଗ : ନୂଆମୁହଁ






୭୦ ହଜାରରୁ ଅଧିକ ଶାଖା ଓ ପ୍ରାୟ ଏକ କୋଟି ସ୍ୱେଚ୍ଛାସେବୀଙ୍କ ଦ୍ୱାରା ସମୃଦ୍ଧ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆର୍‌ଏସ୍‌ଏସ୍)ର ସ୍ଥିତି ଓ ପ୍ରଭାବ ବ୍ୟାପକ। କହାଯାଏ, ଆର୍‌ଏସ୍‌ଏସ୍‌କୁ ଜାଣିବାର ସର୍ବୋତ୍ତମ ଉପାୟ ଏହି ସଂଘରେ ଯୋଗଦେବା। ବୋଧହୁଏ, ସେଥିପାଇଁ ଏହାର କାର୍ଯ୍ୟକ୍ରମ ଓ ରୂପରେଖ ବାବଦରେ ବହୁତ କମ ଲେଖା ଦେଖିବାକୁ ମିଳେ। ଆର୍‌ଏସ୍‌ଏସ୍‌ର ଜଣେ ବରିଷ୍ଠ ସ୍ୱୟଂସେବକ ଭାବେ ବିଗତ ବର୍ଷମାନଙ୍କରେ ଏହାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସମ୍ଭାଳିଥିବା **ରତନ ଶାରଦା** ଏହି ସଂଗଠନର ବହୁ ଅଜଣା ଦିଗ ଉପରେ ଏ ପୁସ୍ତକ ମାଧ୍ୟମରେ ଆଲୋକପାତ କରିଛନ୍ତି। ସଂଘର ଦର୍ଶନ, ଏହାର କାର୍ଯ୍ୟପନ୍ଥା ଓ ବିଭିନ୍ନ ଅନୁଷ୍ଠାନ ମାଧ୍ୟମରେ ସାରା ଭାରତରେ ଏହାର ବିଶାଳ ଉପସ୍ଥିତି ବାବଦରେ ସରଳ, ବୋଧଗମ୍ୟ ଭାଷାରେ ନାନାଦି ରୋଚକ ତଥ୍ୟ ଓ ଘଟଣାବଳି ସହ ଏଥିରେ ଉପସ୍ଥାପିତ କରିଛନ୍ତି ରତନ ଶାରଦା। ଏକ ନୂଆ ଶୈଳୀରେ ସେ ବହିଟିକୁ ରଚନା କରିବା ସହ ନାନାଦି ବିବାଦୀୟ ପ୍ରସଙ୍ଗ ବାବଦରେ ମଧ୍ୟ ଯଥେଷ୍ଟ ତଥ୍ୟ ଓ ପ୍ରସଙ୍ଗ ଉଲ୍ଲେଖ କରିଛନ୍ତି।

ଆପଣ ସଂଘର ବିଚାର ସହ ସହମତ ହୁଅନ୍ତୁ ବା ନହୁଅନ୍ତୁ, **ଆର୍‌ଏସ୍‌ଏସ୍ ୩୬୦°** ପୁସ୍ତକ ଆପଣଙ୍କୁ ଅବଶ୍ୟ ଆକର୍ଷିତ କରିବ। ଆର୍‌ଏସ୍‌ଏସ୍‌ର ବିଚାର, କାର୍ଯ୍ୟଶୈଳୀ, ସମାଜ ସୁଧାର ପାଇଁ ଏହାର ଅଙ୍ଗୀକାର, ରାଷ୍ଟ୍ର ଗଠନରେ ଏହାର ଭୂମିକା ଓ ରାଜନୀତି କ୍ଷେତ୍ରରେ ଆର୍‌ଏସ୍‌ଏସ୍‌ର ସଂପୃକ୍ତି ସମ୍ପର୍କରେ ଏ ପୁସ୍ତକ ଏକ ନୂଆ ଗବାକ୍ଷ ଖୋଲିଦେଇଛି।

ଲେଖକ **ରତନ ଶାରଦା** ଅନୁବାଦକ **ନବଜ୍ୟୋତି ରାୟ**

ପେନ୍ ଇନ୍ ବୁକ୍ସ ପ୍ରକାଶିତ ବହିଗୁଡ଼ିକ ଆମାଜନ୍ ଓ ନିର୍ବାଚିତ ବହି ଦୋକାନ ସମେତ ଆମ କାର୍ଯ୍ୟାଳୟରେ ଉପଲବ୍ଧ

scan on mobile camera to buy

**PEN IN BOOKS**
an imprint of **Odia Media Private Limited**
M-6/51, Acharya Vihar, Bhubaneswar-751013
Contact: 0674 254 0203, peninbooks@gmail.com
www.peninbooks.com

RNI Registration No. : ODIODI / 2018 / 78444

# REBATI AMA MATIRA SWARA

*a monthly family feature Odia Journal on Life & Literature*

# ରେବତୀ
## ଆମ ମାଟିର ସ୍ୱର

ଷଷ୍ଠ ବର୍ଷ : ୩ୟ ସଂଖ୍ୟା, ଜାନୁଆରୀ ୨୦୨୪ ■ Vol-6, Issue : 03, January 2024



ମାର୍ଗଦର୍ଶକ | Advisor
ଇଂ. ରବୀନ୍ଦ୍ର କୁମାର ଜେନା | **Er. Rabindra Kumar Jena**



ସମ୍ପାଦିକା | Editor
ଶ୍ରୀମତୀ ସୁବାସିନୀ ଜେନା | **Mrs. Subasini Jena**

ଆରାଧ୍ୟ
**ଫକୀରମୋହନ ସେନାପତି**
କଥାସମ୍ରାଟ ଓ ବ୍ୟାସକବି

■

ଉପଦେଷ୍ଟା
**ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତି**
ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ

ସହଯୋଗୀ ସମ୍ପାଦକ
**କୃଷ୍ଣ କୁମାର ମହାନ୍ତି**

ପ୍ରସାରଣ ଓ ବିଜ୍ଞାପନ ବିଭାଗ ମୁଖ୍ୟ
**ରବୀନ୍ଦ୍ର କୁମାର ବିଶ୍ୱାଳ**

ଅଳଂକରଣ ବିଭାଗ
- ଗ୍ରାଫିକ୍ ଡିଜାଇନ୍ : ଶିବରାଜ କମ୍ପ
- ଚିତ୍ରକଳା : ସୁସ୍ମିତା ମିଶ୍ର, ସଞ୍ଜୟ ରାଉଳ
- ଲେ-ଆଉଟ୍ : ଦିଲ୍ଲୀପ କୁମାର ସେଣ
- ଅକ୍ଷର : ନିରଞ୍ଜନ ସାହୁ
- ରେବତୀ ନାମାଙ୍କନ : ଶିଳ୍ପୀ ଶଶିକାନ୍ତ ରାଉତ

**Bhubaneswar Office**
Rebatee Media House Pvt. Ltd.
Plot No. 432, 1st Floor
Lewis Road
Bhubaneswar-751002
Phone : 9937288554
E-mail
*rebatimedia@gmail.com*

**Editorial Office**
Editor : Rebati Ama Matira Swara
O.T. Road, Balasore
Pin - 756001, Odisha
Phone : 9437080003
7008845920
E-mail :
*rebati.rebati2018@gmail.com*

Printed by **Subasini Jena**, Published by **Subasini Jena**, Owned by **Subasini Jena** and Printed at Print-Tech Offset Pvt. Ltd., F-66/1 & F-66/2, Chandaka Industrial Area, P.O. KIIT, Bhubaneswar-751024, Odisha and Published at Mansingh Bazar, P.O. Motiganj, Dist. Balasore-756003, Odisha. Editor : **Subasini Jena**

■ ମୂଲ୍ୟ : **୫୦ ଟଙ୍କା ମାତ୍ର** ■ Price : **INR 50/-**
■ ବାର୍ଷିକ : **୭୯୦ ଟଙ୍କା ମାତ୍ର** ■ Annual : **INR 790/-**

## ସୂ ଚୀ ପ ତ୍ର

। ଷଷ୍ଠ ବର୍ଷ । ୩ୟ ସଂଖ୍ୟା । ଜାନୁଆରୀ ୨୦୨୪ ।

# ରେବତୀ
ଆମ ମାଟିର ସ୍ୱର


୪ ସମ୍ପାଦକୀୟ : ପରିବାରର ନୂଆ ସଦସ୍ୟ : ସୁବାସିନୀ ଜେନା

୯ ବ୍ୟକ୍ତିତ୍ୱ-୧ : ବ୍ୟକ୍ତିତ୍ୱର ବ୍ୟାପ୍ତି : ଡ. ପ୍ରଫୁଲ୍ଲ କୁମାର ପାଣି


୧୨ ବ୍ୟକ୍ତିତ୍ୱ-୨ : ବିଦ୍ରୋହୀ ବ୍ୟକ୍ତିତ୍ୱ : ଡ. ମାନସ ବେହେରା

୧୪ ପର୍ବ-ପର୍ବାଣି : ମକର ମହକ: ସମ୍ବେଦନା ମିଶ୍ର

୧୮ ମାନନୀୟେଷୁ: ବନ୍ଦନୀୟ ବାନ୍ଧଶିଳ୍ପୀ: ମନୋଜ ମେହେର

୨୮ ପ୍ରସଙ୍ଗ-୧ : ନୂଆମୁହଁ : ପ୍ରଖର ସୁଅ: ସୁବ୍ରତ କୁମାର ସେନାପତି

୩୪ ପ୍ରସଙ୍ଗ-୨ : ସାତବର୍ଣ୍ଣର ସକାଳ: ମାନମୟୀ ରଥ






୪୨ ପ୍ରସଙ୍ଗ-୩ : ହିରଣ୍ମୟୀ ମିଶ୍ର
୪୬ ପ୍ରସଙ୍ଗ-୪ : ପବିତ୍ର ପାଣିଗ୍ରାହୀ
୪୯ ପ୍ରସଙ୍ଗ-୫ : ବିରଜା ବଳ
୫୨ ପ୍ରସଙ୍ଗ-୬ : ଅଜୟ ସ୍ୱାଇଁ
୫୪ ଦ୍ୱି-ପ୍ରଚ୍ଛଦ : ମୌସୁମୀ ସେଠୀ

**ଧାରାବାହିକ କାବ୍ୟ**

୫୬ : ଡକ୍ଟର ପ୍ରଫୁଲ୍ଲ କୁମାର ମହାନ୍ତି

**ସମକାଳ କବିତା**

୫୭ : ବନଜ ଦେବୀ
୫୮ : ଡକ୍ଟର ଅବନୀ ପ୍ରଧାନ
୫୯ : ପିନାକୀ ମିଶ୍ର
୬୦ : ପ୍ରଶାନ୍ତ ଦାସ




**ସମ୍ପାଦକୀୟାଂଶ...**

xxx ପାରିବାରିକ ବନ୍ଧନର ଆଉ ଏକ ଭଲ ଦିଗ ହେଉଛି ମିଳିମିଶି ସଂଘବଦ୍ଧ ଭାବେ ବଞ୍ଚିବା । ଏହାଫଳରେ କେହି କେବେ ନିଜକୁ ଅପାଙ୍‌କ୍ତେୟ ମନେ କରେନାହିଁ । ଏପରିକି ପରିବାରର ଛୋଟବଡ଼ ସଫଳତା, ଖୁସି ଆନନ୍ଦର କଥାକୁ ସମସ୍ତେ ସମସ୍ତଙ୍କ ସହିତ ବାଣ୍ଟିବା ଫଳରେ ସାରା ପରିବାର ଭିତରେ ଆନନ୍ଦର ଲହରୀ ଖେଳିଯାଏ । ଏହା ଆଗକୁ ଚାଲିବାର ପଥ ସୁଗମ କରେ ।

ପ୍ରତ୍ୟେକଟି ପରିବାରରେ ଯେଉଁ ସଦସ୍ୟ ସଦସ୍ୟାମାନେ ଚଳପ୍ରଚଳ ହୁଅନ୍ତି, ସେମାନଙ୍କ ଭିତରେ ବରିଷ୍ଠମାନଙ୍କୁ କନିଷ୍ଠମାନେ ମାନ୍ୟତା ଦେଇଥାନ୍ତି । ବରିଷ୍ଠଙ୍କ ଭିତରେ ବାପା, ମାଆ, ବଡ଼ ଭାଇ-ଭାଉଜ, ବଡ଼ ଭଉଣୀ, ଜେଜେବାପା, ଜେଜେମାଆ, ଦାଦା-ଖୁଡ଼ୀ ପ୍ରଭୃତି ଥାଆନ୍ତି । ଏମାନଙ୍କୁ ମାନି ଚଳିବାକୁ ପଡ଼େ । ସାନ ପିଲାମାନେ ଅନେକ କଥା ଶିଖନ୍ତି ଏମାନଙ୍କ ଠାରୁ ।

ସୁବାସିନୀ ଜେନା














**ନିୟମିତ ବିଭାଗ**

ରୋଷେଇଶାଳ:
୧୦୩ : ସଂଗୀତା ଦାସ
୧୦୪ : ଐଶ୍ୱର୍ଯ୍ୟା ପ୍ରଧାନ
୧୦୫ : ରତିକାନ୍ତ ପାତ୍ର





୧୦୬ : ଶେଷପୃଷ୍ଠା : ସର୍ଜନାରେ ନୂଆମୁହଁ
କୃଷ୍ଣ କୁମାର ମହାନ୍ତି

୬୧ : ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ
: ସୌଭାଗ୍ୟବନ୍ତ ମହାରଣା
୬୨ : ଡକ୍ଟର ଶ୍ରୀହରି ଧଳ
: ବିଜୟଲକ୍ଷ୍ମୀ ପାଣିଗ୍ରାହୀ
୬୩ : ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ
୬୪ : ଡକ୍ଟର ମମତା ସାହୁ
୬୫ : ଶୁଭଶ୍ରୀ ଦାଶ
: ଶୁଭଶ୍ରୀ ମହାରଣା
୬୬ : ଅମ୍ରିତ ଋତୁରାଜ
୬୮ କଥା-କାହାଣୀ-୧ : ଶୁଭଶ୍ରୀ ଶୁଭସ୍ମିତା ମିଶ୍ର
୭୫ କଥା-କାହାଣୀ-୨ : ଅଜୟ କୁମାର ପଣ୍ଡା
୮୦ ପ୍ରସଙ୍ଗ-୭ : ତ୍ରିନାଥ ସିଂହ
୮୪ ପ୍ରସଙ୍ଗ-୮ : ସଂଜୟ ଭଟ୍ଟ
୮୬ ଚରିତ ଉପନ୍ୟାସ : ପବିତ୍ର ମୋହନ ଦାଶ
୯୧ ପୁଷ୍ପବିତାନ : ଶ୍ୱେତା ରାଉତ
୯୫ ଧାରାବାହିକ ଆତ୍ମଜୀବନୀ : ଜୟନ୍ତୀ ରଥ
୯୮ ମୋ ବାପା : ଡ. ମମତା ପ୍ରିୟଦର୍ଶିନୀ ସାହୁ





ପ୍ରଚ୍ଛଦ ଭାବନା : **କୃଷ୍ଣ କୁମାର ମହାନ୍ତି**
ପ୍ରଚ୍ଛଦ ମଡେଲ୍ : **ପ୍ରଗତି ଗୁରୁ,** ମଡ଼େଲ
ଉଚ୍ଚତା : **୫ ଫୁଟ୍ ୪ ଇଞ୍ଚ୍**
ବୃତ୍ତି : **ଛାତ୍ରୀ, ମଡେଲିଂ**
ରୁଚି : **ଅଭିନୟ ଓ ବହିପଢା**
ଶିକ୍ଷା : **ଏମ୍‌ବିଏ**
ପ୍ରଚ୍ଛଦ ଫଟୋଗ୍ରାଫି : **ଅଖିଲ୍ ଫଟୋଗ୍ରାଫି,** ଭୁବନେଶ୍ୱର
ମେକ୍‌ଅପ୍ : **ରିତୁସ୍ ମେକ୍‌ଓଭର୍,** ଭୁବନେଶ୍ୱର
ପ୍ରଚ୍ଛଦ ଡିଜାଇନ୍ : **ଶିବରାଜ କର୍ଣ୍ଣ,** ସୋନପୁର
ଫଟୋଶୁଟ୍ ସ୍ଥାନ : **ପଟିଆ, ଭୁବନେଶ୍ୱର**

**ମଲାଟ କଥା** : ଜାନୁଆରି ଆସିଲେ କେବଳ ମକର ମନେ ପଡ଼େନା, ତତ୍‌ସହିତ ମନେ ପଡ଼ନ୍ତି ଫକୀରମୋହନ । ହଁ କଥାସାହିତ୍ୟର ପ୍ରାତଃସ୍ମରଣୀୟ ଫକୀରମୋହନ ସେନାପତି । ଯାହାଙ୍କ 'ରେବତୀ' କାଳଜୟୀ ପ୍ରକ୍ରିୟାରେ ଏବେ ବି ଆମ ଭିତରେ ଆତଯାତ । ରେବତୀ ସେଇ ଝିଅ ଯାହାକୁ ପାଠପଢା ପାଇଁ ମିଳିନଥିଲା ସମ୍ମତି । ଯାହା ପାଇଁ ପ୍ରେମ ଥିଲା ଅବୁଝା ଓ ଅପହଞ୍ଚ । ଆଜି କିନ୍ତୁ ରେବତୀମାନେ ପାଠ ପଢି ବେଶ୍ ମୁକ୍ତ ଜୀବନଯାପନ କରୁଛନ୍ତି । ତାରି ଭିତରେ ରେବତୀ ଭୁଲି ଯାଇନି ବହିପଢାର ସେଇ ମନ୍ତ୍ର । ଆଜି ବି ବହିଟିଏ ଧରି କେଉଁଠି ନା କେଉଁଠି ରେବତୀ ପଢୁଛି । ସେଇ ବହିପଢାର ପ୍ରତୀକ ହିଁ ଏ ମାସର ପ୍ରଚ୍ଛଦ ।

# ପରିବାରର ନୂଆ ସଦସ୍ୟ

ମଣିଷ ମାତ୍ରକେ ସମାଜବଦ୍ଧ ପ୍ରାଣୀ । ସାମାଜିକ ଜୀବନଯାପନ ହେଉଛି ମଣିଷର ଜନ୍ମଗତ ଶୃଙ୍ଖଳା । ସୁତରାଂ ସାମାଜିକ ଦାୟବଦ୍ଧତାକୁ ନେଇ ମଣିଷ ବଞ୍ଚିଥାଏ । ଆମ ସମସ୍ତଙ୍କର ଏଇ ସାମାଜିକ ଦାୟବଦ୍ଧତା ରହିବା ବାଞ୍ଛନୀୟ । ଏଇ ଦାୟବଦ୍ଧତାରୁ ଆମେ ଅଭିଜ୍ଞତା ସାଉଁଟିଥାଉ ଏବଂ ତଦନୁସାରେ ବଞ୍ଚିବା ପାଇଁ ଆମେ ସଂଘର୍ଷ କରୁଥାଉଁ । ଜୀବନ ଜୀବିକା ଦାୟରେ ଆମକୁ ବୃତ୍ତିଧାରୀ ସାଜିବାକୁ ପଡ଼େ । ଚାକିରି କରି ଅର୍ଥ ଉପାର୍ଜନ କଲେ ଜୀବନ ବଞ୍ଚିବା ସୁଗମ ହୋଇଥାଏ । ତେଣୁ ପ୍ରତ୍ୟେକଟି ମଣିଷ କିଛି ନା କିଛି କାମ କରି ନିଜର ଗୁଜୁରାଣ ମେଣ୍ଟାଇଥାଏ । ଏଇ ଗୁଜୁରାଣ ମେଣ୍ଟାଇବା କଥାଟିକୁ ଆମେ ଅନ୍ୟ ଅର୍ଥରେ କହିପାରିବା ପରିବାର ପ୍ରତିପୋଷଣ । ପରିବାର ପରିଚାଳନା ହେଉଛି ସାମାଜିକ ଦାୟିତ୍ୱର ଏକ ବଡ଼ ପକ୍ଷ । ଏଇ ପରିବାର ଭିତରେ ଆମେ ଚଳପ୍ରଚଳ ହେବା ଯୋଗୁଁ ଆମର ଏକାକୀତ୍ୱରୁ ଆମେ ମୁକ୍ତ ଥାଉଁ । ପରିବାର ଭିତରେ ସଭିଏଁ ମିଳିମିଶି ରହିବା ଦ୍ୱାରା କେହି ବି ଏକାକୀତ୍ୱ ଅନୁଭବ କରେ ନାହିଁ । ଏହା ପରିବାରର ପ୍ରତ୍ୟେକଟି ସଦସ୍ୟ ଭିତରେ ହସଖୁସି ଭରି ଦେଇଥାଏ ।

ପାରିବାରିକ ବନ୍ଧନର ଆଉ ଏକ ଭଲ ଦିଗ ହେଉଛି ମିଳିମିଶି ସଂଘବଦ୍ଧ ଭାବେ ବଞ୍ଚିବା । ଏହା ଫଳରେ କେହି କେବେ ନିଜକୁ ଅପାଙ୍‌କ୍ତେୟ ମନେ କରେନାହିଁ । ଏପରିକି ପରିବାରର ଛୋଟବଡ଼ ସଫଳତା, ଖୁସି ଆନନ୍ଦର କଥାକୁ ସମସ୍ତେ ସମସ୍ତଙ୍କ ସହିତ ବାଣ୍ଟିବା ଫଳରେ ସାରା ପରିବାର ଭିତରେ ଆନନ୍ଦର ଲହରୀ ଖେଳିଯାଏ । ଏହା ଆଗକୁ ଚାଲିବାର ପଥ ସୁଗମ କରେ ।

ପ୍ରତ୍ୟେକଟି ପରିବାରରେ ଯେଉଁ ସଦସ୍ୟ ସଦସ୍ୟାମାନେ ଚଳପ୍ରଚଳ ହୁଅନ୍ତି, ସେମାନଙ୍କ ଭିତରେ ବରିଷ୍ଠମାନଙ୍କୁ କନିଷ୍ଠମାନେ ମାନ୍ୟତା ଦେଇଥାନ୍ତି । ବରିଷ୍ଠଙ୍କ ଭିତରେ ବାପା, ମାଆ, ବଡ଼ ଭାଇ-ଭାଉଜ, ବଡ଼ ଭଉଣୀ, ଜେଜେବାପା, ଜେଜେମାଆ, ଦାଦା-ଖୁଡ଼ୀ ପ୍ରଭୃତି ଥାଆନ୍ତି । ଏମାନଙ୍କୁ ମାନି ଚଳିବାକୁ ପଡ଼େ । ସାନ ପିଲାମାନେ ଅନେକ କଥା ଶିଖନ୍ତି ଏମାନଙ୍କ ଠାରୁ ।

ଏପରି ସ୍ଥଳେ ଆଉ ଏକ ଅଧ୍ୟାୟ ଯୋଡ଼ିହୁଏ ପରିବାର ଭିତରେ । ପୁଅଟିଏ କି ଝିଅଟିଏ ବିବାହଯୋଗ୍ୟ ହେଲେ ଘରକୁ ବୋହୂ ଆସେ । ଝିଅ ଆଉ କାହା ଘରକୁ ବୋହୂ ହୋଇ ଚାଲିଯାଏ । ପରେ ପରେ ପୁଅବୋହୂଙ୍କ କୋଳକୁ ଆସେ ନବଜାତକଟିଏ । ସେମିତି ଝିଅଜ୍ୱାଇଁଙ୍କ କୋଳକୁ ମଧ୍ୟ । ଏହା ବଂଶ ପରମ୍ପରାର ଏକ ସ୍ୱାଭାବିକ ପ୍ରକ୍ରିୟା । ବସ୍ତୁତଃ ସିଏ ହିଁ ବୋଲାଏ ପରିବାରର ନୂଆ ସଦସ୍ୟ ବା ସଦସ୍ୟା । ପୁଅବୋହୂଙ୍କ କୋଳକୁ ନୂଆ ଶିଶୁସନ୍ତାନଟି ଆସିଲେ ହିଁ ପରିବାରରେ ଆନନ୍ଦ ଖେଳିଯାଏ । କାରଣ ଏଇ ନୂଆ ସଦସ୍ୟଟି ପରିବାରର ସମସ୍ତ ସଦସ୍ୟଙ୍କ ପାଇଁ ହୋଇଉଠେ ଗେଲ ବସରର କୁନି ସଦସ୍ୟ । ଏହାକୁ ନେଇ ଆନନ୍ଦମୁଖର ପରିବାର ଭିତରେ ନବଜାତକର ବାପାମାଆ ସମେତ ତା'ର ଜେଜେବାପା ଓ ଜେଜେମାଆଙ୍କ ମନରେ ବି ଅହେତୁକ ଆନନ୍ଦ ଭରିଯାଏ ।

ଆପଣମାନେ ଭାବନ୍ତୁ ଥରେ, ଗୋଟିଏ ନବଜାତକର ଆଗମନରେ ପରିବାରର ସମସ୍ତଙ୍କ ଭିତରେ ଖେଳିଯାଏ ଆନନ୍ଦ ଉତ୍ସାହ । ସେଇ ନୂଆ ସଦସ୍ୟଟି ସମସ୍ତଙ୍କର ଆଦର ଯତ୍ନରେ ବଢ଼େ ଓ କ୍ରମଶଃ ପରିବାରର ଅନ୍ୟ ସଦସ୍ୟଙ୍କ ପରି ଜଣେ ହୋଇ ଉଠେ । ଏହି 'ନୂଆ'ଙ୍କୁ ସ୍ୱାଗତ କରିବାର ପରମ୍ପରାଟି ଆମମାନଙ୍କର ରକ୍ତଗତ ଅଟେ । କାରଣ କେବଳ ପରିବାରରେ ନୁହେଁ, ସମାଜର ପ୍ରତ୍ୟେକଟି କ୍ଷେତ୍ରରେ ଜଣେ ନବାଗତକୁ ସ୍ୱାଗତ କରିବାର ଶୃଙ୍ଖଳିତ ପରମ୍ପରା ବହୁ ପୁରାତନ । ଶ୍ରେଣୀଗୃହରେ ହେଉ କି ଖେଳ ପଡ଼ିଆରେ ହେଉ, ସାହିତ୍ୟରେ ହେଉ କି ରାଜନୀତିରେ, ଶାସନରେ ହେଉ କି ପ୍ରଶାସନରେ- ସବୁଠି ଆମେ ନୂଆଙ୍କୁ ସ୍ୱାଗତ କରିବା ଉଚିତ । ପରିବାର ଭିତରେ ନୂଆ ସଦସ୍ୟଙ୍କୁ ଆମେ ଯେମିତି ଆନନ୍ଦ ସହକାରେ ସ୍ୱାଗତ କରୁ ସେମିତି ସାମାଜିକ ପରିବେଶରେ ମଧ୍ୟ 'ନୂଆ'ଙ୍କୁ ଗ୍ରହଣ କରିବାର ମାନସିକତା ରହିବା ଉଚିତ । ନୂଆମାନେ ହିଁ ଆଗକୁ ଆଗେଇ ନେବାର ବାର୍ତ୍ତାବହ ବୋଲି ଆମେ ଭୁଲିଯିବା ଉଚିତ୍ ନୁହେଁ । ତେଣୁ ପରିବାରରେ ନୂଆ ସଦସ୍ୟର ଆଗମନକୁ ଉତ୍ସବମୁଖର ମୁହୂର୍ତ୍ତଟିଏ କରି ତୋଳିବା ବେଳେ ଭୁଲିଯିବା ଉଚିତ ନୁହେଁ ଯେ ସେଇ ନୂଆ ସଦସ୍ୟଟି ଦିନେ ପୁଣି ବଡ଼ ହେବ ଏବଂ ତାର ପରିବାରରେ ନୂଆଙ୍କୁ ଅନୁରୂପ ଭାବେ ସ୍ୱାଗତ କରିବ ।

ନବବର୍ଷ ପରିପ୍ରେକ୍ଷୀରେ 'ରେବତୀ'ର ସମସ୍ତ ପାଠକପାଠିକା, ଶୁଭେଚ୍ଛୁ, ବିଜ୍ଞାପନଦାତା, ବିକ୍ରେତା ଭାଇ ଏବଂ 'ରେବତୀ' ସହିତ ଜଡ଼ିତ ସମସ୍ତଙ୍କୁ ମୋର ନବବର୍ଷ ଶୁଭେଚ୍ଛା ଓ ଅଭିନନ୍ଦନ । ଜଗନ୍ନାଥ ସଭିଙ୍କ ମଙ୍ଗଳ କରନ୍ତୁ ।

**ସମ୍ପାଦିକା**






## ତାମିଲ ବେଦ 'ତିରୁକ୍କୁରଲ'ର ଆଲୋଚନା ସୁନ୍ଦର

ଡିସେମ୍ବରର 'ରେବତୀ' ପଢିଲି । ଡିସେମ୍ବରୀ ଫୁଲ ଭଳି ଏହା ବର୍ଣ୍ଣିଳ । ସଂପାଦିକା ପାରିବାରିକ ଦାୟିତ୍ୱବୋଧ ପାଇଁ ସୁନ୍ଦର ଅନୁଭବର ବାର୍ତ୍ତା ରଖିଛନ୍ତି । ସମକାଳ କବିତା ବିଭାଗର ପ୍ରତିଟି କବିତା ମନଛୁଆଁ । ମେଘବର୍ଣ୍ଣା ମାଲ୍ୟବନ୍ତ, ଆଦିବାସୀର ଆଦିଭୂମିର ସଂସ୍କୃତି, ନୃତ୍ୟ, ସଂଗୀତରେ ଭରପୂର ଭୂସ୍ୱର୍ଗର ବର୍ଣ୍ଣନା ବାସ୍ତବିକ୍ ପାଠକକୁ ସେଠାକୁ ଯିବାର ଆଗ୍ରହ ଜଗାଏ । ବେଶୀ ଭଲ ଲାଗିଛି ମୋର ପ୍ରିୟ ଅଧ୍ୟାପକ ବିଶ୍ୱରଂଜନଙ୍କ ସାକ୍ଷାତକାର । ଯେଉଁ ଅନୁଗୋଳ ଜିଲ୍ଲାରେ ପ୍ରେମ ଓ ପ୍ରତାରଣା ତାଙ୍କ ଜୀବନ ପୃଷ୍ଠାରେ ଏକ ଅଲିଭା ଗାର ହୋଇ ରହିଛି ଜଣେ ଛାତ୍ରୀ ଭାବରେ ସେହି ତରୁଣ ବିଶ୍ୱରଂଜନଙ୍କ ସ୍ନେହ ଓ ଶୁଭେଚ୍ଛା ମୁଁ ପାଇଛି । ସେ ସମୟରେ, ଚିଠିରେ ଛାତ୍ରମାନେ ଲେଖିବାର ସୁଯୋଗ ପାଉଥିଲେ । ଶ୍ରେଣୀ ଭିତରେ ସେ ଅଧ୍ୟାପକ କିନ୍ତୁ ଶ୍ରେଣୀ ବାହାରେ ସେ ସମସ୍ତଙ୍କର ବନ୍ଧୁ । ସ୍ପଷ୍ଟବାଦୀ ନିର୍ଭୀକ ସ୍ତମ୍ଭକାର, ଆଉ କବିତାରେ ଛଳଛଳ । ପ୍ରକୃତରେ ସାରା ଜୀବନ ସେ କବିର ହୃଦୟ ନେଇ ବଂଚିଛନ୍ତି ବୋଲି ନିଜକୁ ବିଶ୍ୱ ପ୍ରେମିକ କହିବାରେ କୁଣ୍ଠା ପ୍ରକାଶ କରି ନାହାନ୍ତି । ସେ ପ୍ରେମ କରନ୍ତି ଆଜି ମଧ୍ୟ ପୁରୁଣା ସହରକୁ, ଛାତ୍ରଛାତ୍ରୀମାନଙ୍କୁ, ସେ ଦିନର ସ୍ମୃତିମାନଙ୍କୁ । ଜୀବନ ଯୁଦ୍ଧରେ ସେ କେବେ ହାରି ଯାଇ ନାହାଁନ୍ତି, ଥକ୍କି ପଡିଛନ୍ତି ବେଳେ ବେଳେ । ଅନ୍ୟ ପାଇଁ ପ୍ରେରଣା ହୋଇଛନ୍ତି ଶ୍ରୀଯୁକ୍ତ ରବି ପଣ୍ଡା ଚମତ୍କାର ଭାବରେ ତାଙ୍କ ଜୀବନର ବିସ୍ତୃତ କାନ୍‌ଭାସ୍‌କୁ ସଂକ୍ଷେପରେ ଉନ୍ମୋଚିତ କରିଛନ୍ତି । ଚିର ତରୁଣ ବିଶ୍ୱରଂଜନ ଏମିତି ହୃଦୟରେ ଫୁଟାଇ ରଖିଥାନ୍ତୁ ପ୍ରେମର ଅମଳିନ ଶତଦଳ । ଅଭୟ ଦ୍ୱିବେଦୀଙ୍କ ତାମିଲ ବେଦ 'ତିରୁକ୍କୁରଲ'ର ଆଲୋଚନା ସଂପୂର୍ଣ୍ଣ କାବ୍ୟିକ । ଡ. ଗିରିବାଳା ମହାନ୍ତିଙ୍କ କେତେ ସାଧନାର ଫଳଶ୍ରୁତି । ଏହି ବହିଟିର ଅନୁବାଦରେ କବି ଗିରିବାଳାଙ୍କ ମୌଳିକତା ଲକ୍ଷ୍ୟ କରି ହୁଏ । ପାଠକଙ୍କୁ ନିଶ୍ଚିତ ଏହା ଆକୃଷ୍ଟ କରିବ ।

**ଇନ୍ଦିରା ଦାଶ,** ଅନୁଗୁଳ ବଜାର, ଅନୁଗୁଳ

## ଚିରଶ୍ରୀ ଇନ୍ଦ୍ରସିଂଙ୍କ ଗପ ଚମତ୍କାର ହୋଇଛି

● 'ରେବତୀ' ଡିସେମ୍ବର ସଂଖ୍ୟା ପାଇଲି, ଏଥର ଗପ ବିଭାଗଟି ଖୁବ୍ ଭଲ । ଚିରଶ୍ରୀଙ୍କର ଗପ ଚମତ୍କାର । କବିତାରେ ମୁକୁଳ ମିଶ୍ର, ସୁଶୀଲ୍ କୁମାର ପାଣିଗ୍ରାହୀ ଓ ଦେବାଶିଷ ପାତ୍ର ଖୁବ୍ ଭଲ ଲାଗିଲେ । ମଣୀନ୍ଦ୍ର ସାର୍‌ଙ୍କ ଆଲେଖ୍ୟରୁ ଆଜିର ତରୁଣ ପିଢି ଅନ୍ନଦାଶଙ୍କରଙ୍କୁ ଜାଣିବାର ସୁଯୋଗ ପାଇବେ ।

**ହିରଣ୍ମୟୀ ମିଶ୍ର,** ଭୁବନେଶ୍ୱର

## ମଣୀନ୍ଦ୍ର କୁମାର ମେହେରଙ୍କ 'ନବନୀତା' ଲେଖାଟି ଖୁବ ସୁଖପାଠ୍ୟ

● ସବୁଥର ପରି 'ରେବତୀ'ର ନଭେମ୍ବର ସଂଖ୍ୟା ମଧ୍ୟ ଆରମ୍ଭ କରିଥିଲି ଶେଷପୃଷ୍ଠାରୁ । ଖୁବ ସୁନ୍ଦର ଶିକ୍ଷଣୀୟ ପ୍ରସଙ୍ଗ ଉପରେ ଆଲୋକପାତ କରିଛନ୍ତି କୃଷ୍ଣ କୁମାର ସାର୍ । କଥାରେ ଅଛି, ନମ୍ରନ୍ତି ଫଳିନଃ ବୃକ୍ଷା , ନମ୍ରନ୍ତି ଗୁଣିନ୍ ଜନା ....ଅର୍ଥାତ ଯିଏ ପ୍ରକୃତରେ ଗୁଣୀ ଓ ଜ୍ଞାନୀ, ସେ ହିଁ କେବଳ ନିଜ ବୟସ, ପଦବୀ, ଯୋଗ୍ୟତା ନିର୍ବିଶେଷରେ ନମ୍ରତା ଆଚରଣ କରିପାରେ । ସମ୍ପାଦିକା ସୁବାସିନୀ ମାଡାମଙ୍କ ଆଲେଖ୍ୟ ଖୁବ ସମାଜ ଉପଯୋଗୀ ଲେଖାଟିଏ । ଯେଉଁଦିନ ପରିବାରରୁ ପୁରୁଷତନ୍ତ୍ର ଉଠିଯିବ ଓ ଯେଉଁଦିନ ପ୍ରତ୍ୟେକ ପରିବାରରେ ନାରୀଟିଏ ଗୋଟିଏ ମର୍ଯ୍ୟାଦାପୂର୍ଣ୍ଣ ଆସନରେ ଆସୀନ ହେବ, ସେଇଦିନ ହିଁ ସୁନ୍ଦର ସମାଜଟିଏ ଧୀରେ ଧୀରେ ମୁଣ୍ଡ ଟେକିବ ଗୋଟିଏ ନୂଆ କଳେବର ଧରି । ଶକ୍ତି ସ୍ୱରୂପିଣୀ ମା' ଦୁର୍ଗାଙ୍କ ଉପରେ ଲେଖକ ରବୀନ୍ଦ୍ର କୁମାର ବେହୁରିଆ ସାରଙ୍କ ଲେଖା, କେନ୍ଦ୍ରାପଡ଼ାର ଶ୍ରୀ ବଳଦେବ ଜୀଉଙ୍କ ଉପରେ ଲେଖକ ନାରାୟଣ ରାଉତରାୟ ସାରଙ୍କ ଲେଖା ଏବଂ ରାୟଗଡାର ମାଆ ମଝିଘରିଆଣୀଙ୍କ ଉପରେ ଲେଖକ ଅରୁଣ କୁମାର ତ୍ରିପାଠୀ ସାର୍‌ଙ୍କ ଲେଖାଗୁଡିକ ଖୁବ ଉଚ୍ଚକୋଟୀର ଏବଂ ଗବେଷଣାତ୍ମକ । ବିଭିନ୍ନ ପ୍ରକାର ଜଣା ଅଜଣା ସୁନ୍ଦର ଆଉ ଶିକ୍ଷଣୀୟ ତଥ୍ୟ ସବୁକୁ ନେଇ ଆଲେଖ୍ୟ ଗୁଡିକ ଖୁବ ସ୍ୱତନ୍ତ୍ର ହୋଇଛି । ମୁଁ କେନ୍ଦ୍ରାପଡା ଯାଇଛି । ଉଦୟଗିରି, ରତ୍ନଗିରି, ଭିତରକନିକା ଆଦି ବୁଲିବା ସହ ଶ୍ରୀ ଜୀଉଙ୍କ ଦର୍ଶନ କରିଛି ଆଉ ରସାବଳୀ ମଧ୍ୟ ଖାଇଛି । କିନ୍ତୁ ଏତେ ସବୁ ତଥ୍ୟ ଜଣା ନଥିଲା କିଛି ବି ମୋତେ । ଏଥରର ଗଳ୍ପ ଓ କବିତା ବିଭାଗ ମଧ୍ୟ ମନଛୁଆଁ । ପ୍ରଫେସର ମଣୀନ୍ଦ୍ର କୁମାର ମେହେର ସାରଙ୍କର 'ନବନୀତା' ଲେଖାଟି ଖୁବ ଆକର୍ଷଣୀୟ ସତରେ । ଯେ କୌଣସି ପାଠକକୁ ନିଃସନ୍ଦେହରେ ଶେଷ ଯାଏ ବାନ୍ଧି ରଖିବ । ପ୍ରତ୍ୟେକ ପତ୍ରିକାରେ ମୋର ପ୍ରିୟ ବିଭାଗ ହେଉଛି ଭ୍ରମଣକାହାଣୀ ଓ ପର୍ଯ୍ୟଟନ । ଏଥର ସଂଖ୍ୟାରେ ପଢିଲି ସୁଷମା ପରିଜା ମାଡାମଙ୍କ ଗୁଜୁରାଟର ଡିୟୁ ଆଇଲ୍ୟାଣ୍ଡ, ପ୍ରିୟବ୍ରତ ସାରଙ୍କ 'ଜିରୋର ଜୀବନ', ଏବଂ ଲକ୍ଷ୍ମୀପ୍ରିୟା ମାଡାମଙ୍କ 'ପୋବିତରାର ପୁଲକ' । ତିନୋଟି ଯାକ ଲେଖା ଖୁବ ଭଲ ଲାଗିଲା ଏବଂ ଏତେ ଜୀବନ୍ତ ଲାଗିଲା ଯେ ମୋ ଭଳି ଗୋଟିଏ ଭ୍ରମଣପ୍ରିୟ ମଣିଷର ଭ୍ରମଣ ଆକାଂକ୍ଷାକୁ ବହୁଗୁଣିତ କରିଦେଲା ସତରେ । ଗତଥର ଲକ୍ଷ୍ମୀପ୍ରିୟା ମାଡାମଙ୍କ 'ତନୋଟ ଠାକୁରାଣୀ'ଙ୍କ ଉପରେ ଆଲେଖ୍ୟଟି ବି ପଢ଼ିଥିଲି । ଭଲ ଲାଗିଥିଲା ଖୁବ । ଧାରାବାହିକ 'ଦାସେ ଆପଣେ' ସବୁଥର ପଢେ, ଏଥର ମଧ୍ୟ ପଢିଲି ଏବଂ ଆଗାମୀ ଅଧ୍ୟାୟର ଅପେକ୍ଷାରେ ରହିଲି । ଜନଜାତି ବିଭାଗରେ ଡ଼. ସୁରେନ୍ଦ୍ରନାଥ ସାହୁ ସାର୍‌ଙ୍କ ଲେଖା ପଢି ସଉରା ସମ୍ପ୍ରଦାୟ ଉପରେ ଅନେକ କଥା ଜାଣିହେଲା । ଥରେ ଗୋଟେ ପ୍ରଦର୍ଶନୀରେ ଏମିତି କିଛି ଆଦିବାସୀ ଅଳଙ୍କାର ଦେଖିଥିଲି କିନ୍ତୁ ନାଁ ଗୁଡିକ ସବୁ ଏଠାରୁ ପଢିକି ଜାଣିଲି । ସବୁ ଗୁଡିକ ରେସିପି ମଧ୍ୟ ପଢିଲି । ନିଶ୍ଚୟ ଟ୍ରାଏ କରିବି ସବୁ । କୃଷ୍ଣ କୁମାର ସାର୍‌ଙ୍କୁ ଅନେକ ଅନେକ ଧନ୍ୟବାଦ ମୋତେ ସ୍ଥାନିତ କରି ଥିବାରୁ ।

**ରୋଜାଲିନି ମିଶ୍ର,** ଭିଏସ୍ଏସ୍ ନଗର, ଭୁବନେଶ୍ୱର

## ଜଗନ୍ନାଥ ସଂସ୍କୃତି ଉପରେ ଲିଖିତ ଆଲେଖ୍ୟଗୁଡିକ ବେଶ୍ ଗବେଷଣାତ୍ମକ ତଥା ତତ୍ତ୍ୱଭିତ୍ତିକ

● 'ରେବତୀ' ଜୁଲାଇ ସଂଖ୍ୟା ପଢି ସାରିଲି । ଏଥରର ସଂଖ୍ୟା କୋଟି ଓଡିଆଙ୍କର ଠାକୁର, ଜଗତର ନାଥ ଜଗନ୍ନାଥଙ୍କୁ ସମର୍ପିତ । ଜଗନ୍ନାଥ ସଂସ୍କୃତି ଉପରେ ଲିଖିତ ଆଲେଖ୍ୟଗୁଡିକ ଗବେଷଣାତ୍ମକ ତଥା ତତ୍ତ୍ୱଭିତ୍ତିକ । ଆଲେଖ୍ୟଗୁଡିକ ପଢି ଜଗନ୍ନାଥ ସଂସ୍କୃତି ବିଷୟରେ ଅନେକ କିଛି ଜାଣି ହେଲା । ସେଥିପାଇଁ ସମସ୍ତ ସ୍ରଷ୍ଟାଙ୍କୁ ପ୍ରଣାମ । ଅସିତ ମହାନ୍ତି ସାର୍‌ଙ୍କର ଆଲେଖ୍ୟଟିରୁ ନୀଳାଦ୍ରୀ ବିଜେ ତଥା ଶ୍ରଦ୍ଧାଞ୍ଜଳି କାନୁନ୍‌ଗୋଙ୍କର ଅଲେଖ୍ୟରୁ ଗହଣ ବିଜେ ବିଷୟରେ ସବିଶେଷ ଜାଣିହେଲା । ସୁବ୍ରତ କୁମାର ସେନାପତିଙ୍କର ଭଲ ବହି କ୍ରମରେ ଇନ୍ଦିରା ଦାଶଙ୍କ ବହି 'ମୁଁ ଓ ମୋ ଜଗନ୍ନାଥ'ର ଚର୍ଚ୍ଚା ଅନ୍ୟ ଏକ ଭାବଜଗତକୁ ନେଇଗଲା । ବିଚିତ୍ରା ଦାଶଙ୍କର 'ବେଶରେ ବେଶରେ ବିଶ୍ୱନିୟନ୍ତା' ଆମ ହଟିଆ ଠାକୁରଙ୍କ ଭିନ୍ନ ଭିନ୍ନ ବେଶକୁ ନେଇ ଏକ ସୁନ୍ଦର ଆଲେଖ୍ୟ । ସମ୍ପାଦିକାଙ୍କର ସୁଖୀ ପରିବାରର ସଂଜ୍ଞାଯୁଗପୋଯୋଗୀ । ବର୍ତ୍ତମାନ ଧୀରେ ଧୀରେ ପରିବାର ଛୋଟ ହେଇ ହେଇ ଯାଉଛି ଆଉ ତା ସହିତ କ୍ଷୟ ହୋଇଯାଉଛି ପରିବାର-ବାଦ ଯାହାକୁ ନେଇ ସାରା ପୃଥିବୀରେ ଓଡିଆଙ୍କର ପରିଚୟ ସୃଷ୍ଟି ହୋଇଛି । ଆମେ ପରିବାର କହିଲେ କେବଳ ବାପା,ମାଆ, ଛୁଆଙ୍କୁ ବୁଝୁନା । ଆମ ପରିବାର ବିରାଟ ଯେଉଁଥିରେ ବାପା, ଦାଦା, ଗୋସବାପାଙ୍କ ଠାରୁ ନେଇ ଆଇ, ମାଇଁ, ମାଉସୀ, ପିଉସୀ ସମସ୍ତେ ଅନ୍ତର୍ଭୁକ୍ତ । ଅନେକ ଧନ୍ୟବାଦ ମ୍ୟାଡାମ ଏପରି ଏକ ସମ୍ପାଦକୀୟ ପାଇଁ । ଶେଷରେ 'ଶେଷପୃଷ୍ଠା'ରେ କୃଷ୍ଣ କୁମାରଙ୍କର 'ସୃଜନର ସୁଖ' ଏକ ନିଆରା ଆକଳନ ।

**ନନ୍ଦିତା ମହାନ୍ତି,** ଭୁବନେଶ୍ୱର


SG
SMILE GOLD
JEWELLERS
Making
Flat 50% OFF
On Gold Ornaments
Flat 25% OFF
On Diamond Ornaments
Making
Flat 50% OFF
On Silver Ornaments
Flat 20% OFF
On Branded Watches
Saheed Nagar, Bhubaneswar
Mob: 9438019696, 9438029797
Ph.: 0674-2969696, 2969797

## ‘ରେବତୀ’ ଆମୂଳଚୂଳ ସବୁ ଭଲ ଲାଗେ

● ଜୁନ୍ ମାସର ‘ରେବତୀ’ର ପ୍ରତ୍ୟେକ ପୃଷ୍ଠା ମାଟିର ପର୍ବ, ମାଟିର ମଣିଷ,ମାଟିର ଶିଳ୍ପ, ମାଟିର କାହାଣୀ ଆଉ କବିତାରେ ଭରପୂର । ରଜ ପାନ ଆଉ ପୋଡ଼ପିଠାର ମହକରେ ମହକୁଛି ‘ରେବତୀ’ । ବାସନ୍ତୀ ମ୍ୟାଡାମ୍‌ଙ୍କର ଆଲେଖ୍ୟ ବେଶ୍ ମନଛୁଆଁ । ଏ ମାଟିର ବ୍ୟକ୍ତିତ୍ୱ ଜଗନ୍ନାଥ ପ୍ରସାଦ ଦାସଙ୍କର ଜାତକ ବିଷୟରେ ଅବଗତ ହେଲି । ମାଟିର ଶିଳ୍ପ ଆମ କେଉଁଝରର କଣ୍ଢେଇ ନାଚ ତ୍ରିଲୋଚନ ସାହୁଙ୍କର ଏକ ପ୍ରଶଂସନୀୟ ପ୍ରଚେଷ୍ଟା । ଦୁଇଟି ଗଳ୍ପ ଦୁଇଟି ଅଭିଜ୍ଞତାକୁ ବର୍ଣ୍ଣନା କରିଛି । ସୁରେଶ ଛୋଟରାୟଙ୍କ ବାଘ ଡଙ୍ଗର ‘ପରଜା’କୁ ମନେ ପକେଇ ଦେଇଛି । ଜୟନ୍ତୀ ମ୍ୟାଡାମ୍‌ଙ୍କର ପ୍ରଜ୍ଞାପୀଠ ପରିକ୍ରମାରୁ ଅନେକ ତଥ୍ୟ ପାଇ ପାରୁଛୁ । କବିତା ପୃଷ୍ଠାଗୁଡିକ ଜହ୍ନ,ଖରା, ନିଆଁ ଇତ୍ୟାଦିରେ ବେଶ୍ ସମୃଦ୍ଧ । ‘ଶେଷପୃଷ୍ଠା’ର ସଂପାଦକୀୟ ସବୁଠାରୁ ଆକର୍ଷଣୀୟ । ଆଜିକାଲିର ନୂଆ ନୂଆ ଲେଖକ ଲେଖିକାଙ୍କୁ ମାର୍ଗଦର୍ଶନର ମନ୍ତ୍ର ପ୍ରଦାନ କଲା ପରି କୃଷ୍ଣ କୁମାର ମହାନ୍ତିଙ୍କ ସଂପାଦକୀୟରେ ଯଥାର୍ଥତା ଅନେକ । ପ୍ରଥମରୁ ଶେଷ ପର୍ଯ୍ୟନ୍ତ ମୋତେ ସବୁ ଭଲ ଲାଗେ ।

**ଜ୍ୟୋସ୍ନା ରଥ,** ଭୁବନେଶ୍ୱର

## ରବି ପଣ୍ଡାଙ୍କ ଆଲେଖ ସ୍ମୃତି ରୋମନ୍ଥନ କରାଇଲା

● ସବୁ ସଂଖ୍ୟା ପରି ଅଗଷ୍ଟ ମାସର ସଂଖ୍ୟା ବି ପଢିବାକୁ ଆରମ୍ଭ କଲି ‘ଶେଷପୃଷ୍ଠା’ରୁ । କୃଷ୍ଣ କୁମାର ମହାନ୍ତିଙ୍କ ‘ସର୍ଜନରେ ସ୍ୱାଧୀନତା’ ଏକ ସାର୍ବଜନୀନ ପ୍ରତିବେଦନ । ସ୍ୱାଧୀନତା ବିନା ଲେଖକର ସତ୍ତା କାହିଁ, ଲେଖାର ମୌଳିକତା କାହିଁ ! ସାହିତ୍ୟ ହେଉଛି ଏକ ମୁକ୍ତ କଳାର ସ୍ୱରୂପ । ଲେଖକ ଯେମିତି ଚାହିଁବ, ସେମିତି ସର୍ଜନା କରିପାରିବ । ତାକୁ ଯାହା ଭଲ ଲାଗେ, ତାହା ତାକୁ ଅଥୟ କରେ । ତାହା ହିଁ ତା’ର ନୈତିକ ପ୍ରତିବଦ୍ଧତା । ସ୍ୱାଧୀନତା ବିନା ନୈତିକତା ନାହିଁ । ସୁତରାଂ ସମାଜ ପାଇଁ ତା’ର ଉତ୍ତରଦାୟିତ୍ୱ ପଶ୍ଚାତ୍‌ରେ ନିହିତ ଥାଏ ଲେଖକୀୟ ସ୍ୱାଧୀନତାର ସ୍ୱଚ୍ଛ ପ୍ରତିଫଳନ । ଏହା ସହ ସମ୍ପାଦକୀୟ ସ୍ତମ୍ଭରେ ସମ୍ପାଦିକା ସୁବାସିନୀ ଜେନାଙ୍କ ‘ପରିବାରର ସ୍ୱାଧୀନତା’ ସମୃଦ୍ଧ ପରିବାର ଗଠନର ଏକ ସ୍ୱାଧୀନ ବିଚାରଧାରା । ଅଗଷ୍ଟ ସଂଖ୍ୟାର ପ୍ରଥମ ଉପସ୍ଥାପନା ବରିଷ୍ଠ ଗାଳ୍ପିକ ରବି ପଣ୍ଡାଙ୍କ ‘ବାଗ୍‌ଦେବୀ ପୁତ୍ରୀ ବନଜ’ ମୋର ସଜଳ ସ୍ମୃତିକୁ ଉଜ୍ଜୀବିତ କରିଛି । ଖୋରଧା ସାହିତ୍ୟ ସଂସଦ ଗଠନ ହେବା ପରେ ୧୯୮୫ ମସିହାରୁ ବନଜ ମାଉସୀଙ୍କ ସହ ମୋର ସମ୍ପର୍କ । କଥାଶିଳ୍ପୀ ଜୟନ୍ତୀ ରଥଙ୍କ ଧାରାବାହିକରେ ତାଙ୍କ ସର୍ଜନାର ଉତ୍ତରଣରେ ଯେମିତି ମୁଗ୍ଧ ହେଲି, ତାଠୁଁ ଅଧିକ ଅନୁପ୍ରେରିତ ହେଲି ତାଙ୍କ ମାଆଙ୍କ ଆତିଥେୟତାର ଧାରା ଓ ପରମ୍ପରା ପାଠ କରି ।

**କୈଳାସ ଚନ୍ଦ୍ର ମହାରଣା,** ବାଲୁଗାଁ

# ଲେଖକଲେଖିକାଙ୍କ ପାଇଁ ନିୟମାବଳୀ

● ‘ରେବତୀ ଆମ ମାଟିର ସ୍ୱର’ ରେବତୀ ମିଡିଆ ହାଉସ୍ ପ୍ରା. ଲିଃ.ର ଏକ ଉପକ୍ରମ । ଏହା ଏକ ମାସିକ ପାରିବାରିକ ଫିଚର୍ ପତ୍ରିକା । ବିଶେଷ ଅସୁବିଧା ନଥିଲେ ବର୍ଷରେ ଏହାର ୧୨ଟି ସୁଚିନ୍ତିତ ସଂଖ୍ୟା ପ୍ରକାଶ ପାଏ । ବେଶ୍ କିଛି ସଂଖ୍ୟା ପାଇଁ ରଖା ଯାଇଥାଏ ବିଶେଷ ପ୍ରସଙ୍ଗମାନ ।

● ଏହା ଘର ଓ ପରିବାରର ପ୍ରତ୍ୟେକଟି ସଦସ୍ୟଙ୍କ ପତ୍ରିକା । ସୁତରାଂ ଏଥିରେ ପରିବାର ଓ ଜନଜୀବନ ଉପଯୋଗୀ ସକାରାତ୍ମକ ଲେଖାମାନ, ସଚିତ୍ର ସ୍ଥାନିତ ହୁଏ । ସାହିତ୍ୟ ଏହାର ଏକ ଅଂଶ ମାତ୍ର ।

● ‘ରେବତୀ’ ମୁଖ୍ୟତଃ ତରୁଣ ଲେଖକ/ଲେଖିକାଙ୍କର କଳ୍ପିତ ମଞ୍ଚ । କିନ୍ତୁ କେବଳ ଲେଖାର ଅଭିନବତ୍ୱ ହିଁ ଚୟନର ମାନକ । ଲେଖକମାନେ ଗୋଟିଏ ନୂଆ ଦିଗ୍‌ବଳୟ ସୃଷ୍ଟି କରି ପାରିଲେ ‘ରେବତୀ’ ସେଇମାନଙ୍କର ହେବ, ସବୁବେଳେ ।

● ଏଥିପାଇଁ ଫିଚରଧର୍ମୀ ଲେଖା (ଜେରକ୍ସ କପି ନୁହେଁ) ବର୍ଷସାରା ଗ୍ରହଣ କରାଯାଏ । ଲେଖା ସହିତ ନିଜର ଏବଂ ଲେଖା-ସମ୍ବନ୍ଧିତ ଫଟୋଗ୍ରାଫ୍ ସଂଲଗ୍ନ କରିବା ବିଧେୟ । ଉତ୍ତମ ରିଜୋଲ୍ୟୁସନ୍ ଥିବା ଭଲ ଫଟୋ ହିଁ ଗ୍ରହଣୀୟ । ଅନ୍ୟଥା ଖରାପ ଗୁଣବତ୍ତା ବିଶିଷ୍ଟ ଫଟୋ କାରଣରୁ ସମ୍ପୂର୍ଣ୍ଣ ଲେଖାଟି ଅପ୍ରକାଶ୍ୟ ରହିପାରେ । ଏଥିପ୍ରତି ବିଶେଷ ଧ୍ୟାନ ଦେବାକୁ ‘ରେବତୀ’ କହିରଖୁଛି ।

● କେଉଁ ବିଷୟରେ ଫିଚର୍ ପ୍ରସ୍ତୁତ କରିବେ, ସେ ସମ୍ବନ୍ଧିତ ସବିଶେଷ କଥା ସମ୍ପାଦକୀୟ କାର୍ଯ୍ୟାଳୟରୁ ଆଗ ଜାଣିନେବେ । ସେଠାରୁ ସବୁଜ ସଂକେତ ପାଇଲେ ନିର୍ଦ୍ଧାରିତ ସମୟସୀମା ଭିତରେ ଲେଖା ପଠାଇବେ । ପଠାଇବାର ଛଅମାସ (କିମ୍ବା ଅଧିକ ସମୟ)ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । ମନୋନୀତ ଲେଖାଟି ସମ୍ପାଦିତ/ସଂଶୋଧିତ/ସଂକ୍ଷିପ୍ତ ହୋଇ ପ୍ରକାଶ ପାଇପାରେ ।

● ଗଳ୍ପ, କବିତା କିମ୍ବା କବିତା ଜାତୀୟ ଯେକୌଣସି ଲେଖା ପଠାଇବା ପୂର୍ବରୁ ପଚାରି ନିଅନ୍ତୁ । କାରଣ ଏଥିପାଇଁ ‘ରେବତୀ’ ପକ୍ଷରୁ ହିଁ ଅନୁରୋଧ କରାଯାଏ । ଗଳ୍ପ/କବିତା ଜଣେ ଲେଖକର ବର୍ଷକରେ ଦୁଇଥର ପ୍ରକାଶ ପାଇବ । ଲଗାତାର କବିତା ଗଳ୍ପ ପଠାଇବେ ନାହିଁ ।

● ଅନୁବାଦ ଲେଖା ପ୍ରକାଶ ପାଏ ନାହିଁ କି ପୁସ୍ତକ ସମୀକ୍ଷା ବା ପୁସ୍ତକ ଆଲୋଚନା ମଧ୍ୟ ପ୍ରକାଶ ହୁଏନା । ଏଥଇପାଇଁ ଅନୁରୋଧ ନ କରିବାକୁ ଅନୁରୋଧ ।

● ‘ରେବତୀ’ ପାଇଁ ଯେଉଁମାନେ ଫିଚର୍ ଲେଖିବାକୁ ଆଗ୍ରହୀ ସେମାନେ ଏଥିପାଇଁ ପ୍ରଥମେ ସମ୍ପାଦକଙ୍କ ସହ ଆଲୋଚନା କରିନେବା ବିଧେୟ । ଫିଚର୍ ସହିତ ଆନୁଷଙ୍ଗିକ ଉନ୍ନତମାନର ବା ଛପା-ଉପଯୋଗୀ ରଙ୍ଗୀନ ଫଟୋଗ୍ରାଫ୍ (ଫଟୋ କ୍ୟାପ୍‌ସନ୍ ସହ) ଦେବାକୁ ହେବ । ଫଟୋଗ୍ରାଫ୍‌ଗୁଡ଼ିକର କେବଳ ସଫ୍ଟ କପି ଇ-ମେଲ୍ ମାଧ୍ୟମରେ ପଠାଇବେ । ହ୍ୱାଟ୍ସଆପ୍ କି ଫେସ୍‌ବୁକ୍ ମେସେଞ୍ଜର୍ ମାଧ୍ୟମରେ ଫଟୋ ଆଦୌ ପଠାଇବେ ନାହିଁ । ଏସବୁରେ ଫଟୋର ଗୁଣବତ୍ତା ହ୍ରାସ ପାଇଥାଏ । ଫିଚର୍‌ରେ କୌଣସି ବ୍ୟକ୍ତି/ଅନୁଷ୍ଠାନ/ଘଟଣା ସମ୍ପର୍କରେ ଅମୂଳକ ପ୍ରଶସ୍ତି / ନିନ୍ଦା ବା ଅତିରଞ୍ଜିତ ବର୍ଣ୍ଣନା ଥିଲେ ତାହା ହୁଏତ ଅଗ୍ରାହ୍ୟ ହେବ ନଚେତ୍ ସଂପାଦିତ ହୋଇ ପ୍ରକାଶିତ ହେବ ।

● ସହଜରେ ପଢ଼ିଲା ଭଳି ହାତ ଲେଖାକୁ ପିଡ଼ିଏଫ୍ ଫାଇଲ୍ କରି କିମ୍ବା ନିଜ ସ୍ୱାକ୍ଷର ଥାଇ କେବଳ ଓଡ଼ିଆ ଆକୃତି ଶାରଳା ଲିପିରେ ଡି.ଟି.ପି. ହୋଇଥିବା ଲେଖା ପେଜ୍‌ମେକର୍ କିମ୍ବା ୱାର୍ଡ଼ ଫାଇଲ୍ କରି ଇ-ମେଲ୍ କରିପାରିବେ । ଲେଖା ସହିତ ସବୁବେଳେ ଆତ୍ମ-ବିବରଣୀ, ଭଲ ଭଙ୍ଗୀର ରଙ୍ଗିନ ଫଟୋ, ସମ୍ପୂର୍ଣ୍ଣ ଡାକ ଠିକଣା, ଦୂରଭାଷା ନମ୍ବର ଓ ଇ-ମେଲ୍ (ଯଦି ଥାଏ) ଉଲ୍ଲେଖ କରନ୍ତୁ । ଲେଖାକୁ ଡି.ଟି.ପି. କରି ପଠାଉଥିଲେ, ବନାନ ପ୍ରୁଫ୍‌ରିଡ଼ିଂ ପରେ ହିଁ ପଠାନ୍ତୁ । ଲେଖା ୟୁନିକୋଡ୍‌ରେ ପଠାଉଥିଲେ ଦୟାକରି ଆକୃତି ଶାରଳା ଲିପିରେ କନ୍‌ଭର୍ଟ କରି ଆବଶ୍ୟକୀୟ ସଂଶୋଧନ ପରେ ହିଁ ମେଲ୍‌କୁ ପଠାନ୍ତୁ । ହ୍ୱାଟ୍ସଆପ୍‌ରେ ଲେଖା କି ଫଟୋ ଗ୍ରହଣୀୟ ନୁହେଁ ।e-mail: **rebati.rebati2018@gmail.com**

● ପ୍ରତିଟି ପ୍ରକାଶିତ ଲେଖା ପାଇଁ ଲେଖକୀୟ ଉପହାର ସ୍ୱରୂପ ପତ୍ରିକା ପଠାଯିବାର ବ୍ୟବସ୍ଥା ଅଛି ।


● ‘ରୋଷେଇ’ ପାଇଁ ଯେକୌଣସି ଆଗ୍ରହୀ ମହିଳା/ପୁରୁଷ, ସେ ଲେଖିକା/ଲେଖକ ହୋଇନଥିଲେ ମଧ୍ୟ ୩ଟି ରାନ୍ଧଣା ଲେଖା ତଥା ଲେଖା ସମ୍ବନ୍ଧିତ ରଙ୍ଗୀନ ଫଟୋ (ଫଟୋର ମାନ ଉତ୍ତମ ହେବା ଦରକାର) ଏବଂ ନିଜର ଏକ ରଙ୍ଗୀନ ଫଟୋ ପଠାଇ ପାରିବେ ସିଧାସଳଖ ଇ-ମେଲ୍‌ରେ ।

● ଲେଖା ଚୟନ, ପ୍ରକାଶନ ବା ଅମନୋନୀତର କାରଣ ଦୟାକରି ଫୋନ୍ ଯୋଗେ ବା ବ୍ୟକ୍ତିଗତ ଭାବେ ପଚାରନ୍ତୁ ନାହିଁ । ପ୍ରକାଶିତ ଲେଖା/ଫଟୋ ପାଇଁ କୌଣସି ପାରିତୋଷିକ ଦିଆଯାଏ ନାହିଁ ।

● ପ୍ରକାଶିତ ଲେଖାରେ ପ୍ରତିଫଳିତ ମତ, ବିଚାର ଓ ଦୃଷ୍ଟିକୋଣ ‘ରେବତୀ’ର ବୋଲି ଧରାଯିବ ନାହିଁ । ଏହା ସଂପୃକ୍ତ ଲେଖକଙ୍କର ନିଜସ୍ୱ ମତ ଓ ବିଚାର । ପ୍ରକାଶକ, ସମ୍ପାଦକ କିମ୍ବା ‘ରେବତୀ’ର କର୍ତ୍ତୃପକ୍ଷ ସେଥିପାଇଁ ଉତ୍ତରଦାୟୀ ରହିବେ ନାହିଁ । ପୁନଶ୍ଚ କୌଣସି ଲେଖକୀୟ ମନ୍ତବ୍ୟ, ଟୀକା-ଟିପ୍ପଣୀ ଓ ଭ୍ରମାତ୍ମକ ମତାମତ ତଥା କୌଣସି ବିଜ୍ଞାପନର ଦାବି ବା ବୈଧତା ପାଇଁ ପ୍ରକାଶକ ଓ ସମ୍ପାଦକ ଦାୟୀ ନୁହନ୍ତି । କଥାସାହିତ୍ୟରେ ଉଲ୍ଲେଖ ଥିବା ନାମ, ଘଟଣା ବା ସଂସ୍ଥା ସମ୍ପୂର୍ଣ୍ଣ କାଳ୍ପନିକ ଏବଂ କୌଣସି ବ୍ୟକ୍ତି, ସଂସ୍ଥା ବା ଘଟଣା ସହ କୌଣସି ପ୍ରକାର ସମାନତା କେବଳ ସଂଯୋଗ ମାତ୍ର ବୋଲି ଧରାଯିବ ।

● ‘ରେବତୀ’ ସମ୍ପର୍କୀୟ ସମସ୍ତ ଦେୟ **Rebati Media House Pvt. Ltd.**ସପକ୍ଷରେ ହେବ ।

ସମ୍ପର୍କ: ସମ୍ପାଦିକା : ‘ରେବତୀ’, ଓ.ଟି. ରୋଡ୍, ଲକ୍ଷ୍ମୀନାରାୟଣ ମନ୍ଦିର ପାଖ, ବାଲେଶ୍ୱର-୧, ଫୋନ: ୭୦୦୮୮୪୫୯୨୦
ଇ-ମେଲ୍:rebati.rebati2018@gmail.com



# ବ୍ୟକ୍ତିତ୍ୱର ବ୍ୟାପ୍ତି

# ସୁଦକ୍ଷ ଦେଓ୍ୱାନ ଫକୀରମୋହନ

**ଡକ୍ଟର ପ୍ରଫୁଲ୍ଲ କୁମାର ପାଣି**
ଜିରିଡ଼ାମାଳି, ଏ.ଜି. ଅଫିସ ନିକଟ,
କାମାକ୍ଷାନଗର, ଢେଙ୍କାନାଳ-୭୫୯୦୧୮
ଫୋନ: ୬୩୭୨୪୫୯୯୬୦

ଫଟୋ ସୌଜନ୍ୟ : ଗୁଗୁଲ୍


ଡକ୍ଟର ପ୍ରଫୁଲ୍ଲ କୁମାର ପାଣି

ବିଭିନ୍ନ ଦୃଷ୍ଟିକୋଣରୁ ବିଚାର କଲେ ଫକୀରମୋହନ ସେନାପତି ହେଉଛନ୍ତି ଏକ ଅସାଧାରଣ ଅନନ୍ୟ ପ୍ରତିଭାର ଅଧିକାରୀ । ଆଧୁନିକ ଓଡିଆ ସାହିତ୍ୟକୁ ତାଙ୍କର ଅବଦାନ ଅତୁଳନୀୟ । କବିତା, ଗଳ୍ପ, ଉପନ୍ୟାସ, ଶିଶୁ ସାହିତ୍ୟ, ରମ୍ୟ ରଚନା, ଭ୍ରମଣ ସାହିତ୍ୟ, ଅନୁବାଦ ଇତ୍ୟାଦି ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରି ଓଡିଆ ସାହିତ୍ୟକୁ ବିଭବ ମଣ୍ଡିତ କରିଛନ୍ତି । ଓଡିଆ ଗଳ୍ପ ତଥା ଭାରତୀୟ ଗଳ୍ପ ଜଗତର ସେ ହେଉଛନ୍ତି ଆଦି ସ୍ରଷ୍ଟା । ଛତିଶଗୋଟି ଆଞ୍ଚଳିକ ଭାଷାରେ ଅନୁବାଦିତ ତାଙ୍କର ବହୁ ଚର୍ଚ୍ଚିତ ରେବତୀ ଗଳ୍ପ । ଅପ୍ରତିଦ୍ୱନ୍ଦ୍ୱୀ ଔପନ୍ୟାସିକ ଭାବରେ ତାଙ୍କର ଛ'ମାଣ ଆଠଗୁଣ୍ଠ ଇଂରାଜୀ ଓ ଭାରତର ଅନ୍ୟାନ୍ୟ ପ୍ରାନ୍ତୀୟ ଭାଷାରେ ଅନୂଦିତ ହୋଇ ଭାରତୀୟ କଥା ସାହିତ୍ୟ ଜଗତରେ ତାଙ୍କୁ ସର୍ବୋଚ୍ଚ ଆସନ ମିଳିଛି । ସଙ୍କଟଗ୍ରସ୍ତ ଓଡିଆ ଭାଷାକୁ ସୁରକ୍ଷା ଦେବାରେ ସେ ମୁର୍ଦ୍ଧନ୍ୟ ସେନାପତିର ସୁଯୋଗ ପାଇଛନ୍ତି । ଏଠାରେ ତାଙ୍କ ସାହିତ୍ୟର ସାମଗ୍ରିକ କୃତି ଉପରେ ଆଲୋଚନା ନ'ରଖି ଆମେ ତାଙ୍କ ବ୍ୟକ୍ତିତ୍ୱର ଆଉ ଏକ ସଫଳ ଦିଗ ଉପରେ ଆଲୋଚନା ରଖିବା । ତାଙ୍କର ଶିକ୍ଷାଗତ ଯୋଗ୍ୟତା କମ୍ ଥିଲେ ମଧ୍ୟ ବିଦ୍ୟା ଓ ବୁଦ୍ଧିରେ ସେ ଥିଲେ ଜଣେ ଅସାଧାରଣ,ଧୁରୀଣ, ବିଚକ୍ଷଣ, ଚତୁର ବ୍ୟକ୍ତି । ବ୍ରିଟିଶ୍ ପ୍ରଶାସକମାନେ ତାଙ୍କ ବିଚକ୍ଷଣତା ଓ ଦକ୍ଷତାରେ ଆକୃଷ୍ଟ ହୋଇ ପ୍ରଶାସକ ବା ଦେଓ୍ୱାନ ଭାବରେ ବିଭିନ୍ନ ଗଡଜାତ ରାଜ୍ୟ ମାନଙ୍କରେ ନିଯୁକ୍ତି ଦେଇଥିଲେ । ନୀଳଗିରି, ଡୋମପଡା, ଢେଙ୍କାନାଳ, ଦଶପଲ୍ଲା, ପାଲଲହଡା,କେନ୍ଦୁଝର ଇତ୍ୟାଦି ରାଜ୍ୟ ମାନଙ୍କରେ ଦେଓ୍ୱାନ କାର୍ଯ୍ୟ କରି ନିଜର ପ୍ରଶାସନିକ ଦକ୍ଷତା, ପ୍ରତ୍ୟୁତ୍ପନ୍ନମତିତା,ଜଟିଳ ସମସ୍ୟାର ଆଶୁ ସମାଧାନ, ପ୍ରଜା ମଙ୍ଗଳ ଚିନ୍ତାଧାରାର ଦୃଢ ପରିଚୟ ଦେଇ ପାରିଥିଲେ ।

ଫକୀର ମୋହନ ତାଙ୍କ ସମଗ୍ର ଦେଓ୍ୱାନୀ ଜୀବନ କାଳରେ ଜନସେବାକୁ ଦାୟିତ୍ୱର ସହିତ ମୂଳକଥା ଭାବି କର୍ମ କରୁଥିଲେ । ପ୍ରଭାବଶାଳୀ ବ୍ୟକ୍ତି ବିଶେଷଙ୍କୁ ସ୍ନେହ ଶ୍ରଦ୍ଧାରେ ବାନ୍ଧି ଦୁଃସାଧ୍ୟ କାର୍ଯ୍ୟକୁ ଅନାୟାସାରେ ସାଧନ କରୁଥିଲେ । ଜନସାଧାରଣଙ୍କ ସମସ୍ୟା ସହିତ ନିଜକୁ ଯୋଡୁଥିଲେ । ସାମ,ଦଣ୍ଡ,ଭେଦ ପ୍ରୟୋଗ କରି ଲୋକଙ୍କର ହିତସାଧନ କରିବା ସହିତ ଏହି ଶୈଳୀର ପ୍ରଚଳନ ଦ୍ୱାରା ଯଦି କୌଣସି ବ୍ୟକ୍ତି ଅଧିକ କଷ୍ଟ ପାଉଥାଏ, ପରବର୍ତ୍ତୀ ପର୍ଯ୍ୟାୟରେ ସହୃଦୟତାର ସହିତ ସ୍ନେହ ପ୍ରଦର୍ଶନ କରି ଗ୍ଲାନି ମଧ୍ୟ ଦୂର କରୁଥିଲେ । ନୀଳଗିରି ରାଜ୍ୟରେ ସେ ପ୍ରଥମ ପ୍ରଶାସନିକ ଦାୟିତ୍ୱ ନିର୍ବାହ କରିଛନ୍ତି । ଏଠାରେ ସେ ନିର୍ମଳ ହାଟ ସ୍ଥାପନ କରି କୃଷିଜାତ ଦ୍ରବ୍ୟକୁ ସହଜ ବିକ୍ରି ଲାଭ କରାଇ ଜନସାଧାରଣଙ୍କ ସୁବିଧା ସହିତ କୃଷକମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ଦେଇଥିଲେ । ଅଗମ୍ୟ ରାସ୍ତାକୁ ସୁଗମ କରିବା ସହିତ ସଂସ୍କୃତ ଟୋଲ୍ ସ୍ଥାପନ, ରେଶମ ବ୍ୟବସାୟ, ଚା'ଚାଷ ଇତ୍ୟାଦି ତାଙ୍କ କର୍ମ ଦକ୍ଷତାର ପ୍ରତିପାଦନ କରିଥାଏ । ଡମପଡାରେ ଦୁଷ୍ଟ ଦମନ, ଶିଷ୍ଟ ପାଳନ କରି ପ୍ରଭୃତ ରାଜସ୍ୱ ବ୍ୟବସ୍ଥା କରିଥିଲେ । ଡମପଡାର ରାଜା ଫକୀରମୋହନଙ୍କୁ ସନ୍ଦେହ ଆଖିରେ ଦେଖୁଥିଲେ । ପରିଶେଷରେ ସନ୍ଦେହୀ ରାଜା ଫକୀରମୋହନଙ୍କ ବ୍ୟକ୍ତିତ୍ୱର ମହାନତା ଜାଣି ତାଙ୍କୁ ଅନେକ ଅର୍ଥ ରାଶି ପ୍ରଦାନ କରିବାକୁ ଇଚ୍ଛା କରିଥିଲେ । ଏ ସଂପର୍କରେ ଫକୀରମୋହନ ଲେଖିଛନ୍ତି- "ମୁଁ ଅସୁଲ ଟଙ୍କା ଗୁଡିକ ଧରି ରାଜାଙ୍କ ନିକଟରେ ଉପସ୍ଥିତ ହେଲି । ଟଙ୍କା ତୋଡା ଦେଖି ରାଜାସାହେବ କହିଲେ, ନାହିଁ,ନାହିଁ, ଆମ୍ଭେ ଏ ଟଙ୍କା ନେବୁ ନାହିଁ । ତୁମେ ଅସୁଲ କରି ଆଣିଛ ତୁମେ ନିଅ ...ଏତିକି କଥା କହି ଭିତରକୁ ଉଠିଗଲେ....ରାଜାଙ୍କ ନିକଟରୁ ବାହୁଡି ଆସି ରାଣୀମାତାଙ୍କୁ ଖବର ଦେଲି ...ରାଣୀ ମଧ୍ୟ ରଖିଲେନି .." ଶେଷରେ କଟକରେ ଦୁଇଜଣ ସୁଣ୍ଢି ମହାଜନଙ୍କ ଠାରୁ ରାଜା କରିଥିବା ୫୦ହଜାର ଟଙ୍କା ଋଣକୁ ପରିଶୋଧ କରି ଫକୀରମୋହନ ରାଜ୍ୟର ସମ୍ମାନ ରକ୍ଷା କରିଥିଲେ । ରାଜ୍ୟର ସଂପତ୍ତିକୁ ସୁରକ୍ଷା ଦେଇ ରାଜକୋଷକୁ ବିତ୍ତଶାଳୀ କରିବା ସହିତ ଜନସାଧାରଣଙ୍କୁ ମଧ୍ୟ ସୁରକ୍ଷା ଦେଉଥିଲେ । ଏହା ଥିଲା ପ୍ରଶାସକ ଫକୀରମୋହନଙ୍କର ମହତ ଗୁଣ । ଏ ବାବଦରେ ଫକୀରମୋହନ କୁହନ୍ତି- ଲୋକମାନେ ସମାଜର ମେରୁଦଣ୍ଡ । ସେମାନଙ୍କର ଶୁଭା ଶୁଭ ଓ କଲ୍ୟାଣ ହେଲେ ଦେଶର ଉନ୍ନତି ଘଟିବ । ରାଜଶକ୍ତି ରୂପକ ବୃକ୍ଷର ଚେର ସଦୃଶ ପ୍ରଜାଶକ୍ତି । ଫକୀର ମୋହନ ଢେଙ୍କାନାଳ ରାଜ୍ୟର ଦେଓ୍ୱାନ ଥିବା ସମୟରେ ସଙ୍କଳ୍ପ କରିଥିଲେ ସେ କେବଳ ଓଡିଆ ଭାଷାରେ ହିଁ ଲେଖିବେ । ବଙ୍ଗଳା ଭାଷାରୁ ମୁହଁ ଫେରାଇ ଆଣିଲେ । ତାଙ୍କ ପ୍ରଶାସନ ଜୀବନର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେଉଛି ରାଜ୍ୟ ରାଜ୍ୟ ମଧ୍ୟରେ ସୀମା ବିବାଦର ସମାଧାନ । ଅଫିସ୍‌ରେ ବସି ଅଧସ୍ତନ କର୍ମଚାରୀଙ୍କୁ ସେ ହୁକୁମ୍ ଦେଉ ନଥିଲେ । ମହକୁମାରେ ଉପସ୍ଥିତ ରହି ପ୍ରତ୍ୟେକ ସମସ୍ୟାକୁ ନିଜେ ସର୍ବେକ୍ଷଣ କରି ଅକାଟ୍ୟ ସିଦ୍ଧାନ୍ତରେ ଉପନୀତ ହେଉଥିଲେ । ମହାନଦୀର ବନ୍ୟା ବିପ୍ରାତରୁ ସାଧାରଣ ଜନତାଙ୍କ ସୁରକ୍ଷା ପାଇଁ ଦୁଇ ପାର୍ଶ୍ୱରେ ପଥର ବନ୍ଧ ନିର୍ମାଣ, ବନ୍ଧାକୋବି, ଫୁଲକୋବି ଚାଷର ପ୍ରୋତ୍ସାହନ, ପାହାଡର ନିମ୍ନ ଦେଶରେ ବନ୍ଧ ନିର୍ମାଣ କରି ଜଳସେଚନର ସୁବିଧା କରିବା ତାଙ୍କର ଆଉ ଏକ ପ୍ରମୁଖ କାର୍ଯ୍ୟ ଯାହା ଜୋରୋମ ଅଞ୍ଚଳରେ ଏବେ ମଧ୍ୟ ଫକୀର ମୋହନ ଡୁଙ୍ଗୁରୀ ବୋଲି ବିଖ୍ୟାତ । ଫକୀରମୋହନ ଖୁବ୍ ସ୍ୱାଭିମାନୀ ପ୍ରଶାସକ




## ସାଧୀନତା ସଂଗ୍ରାମୀ ତଥା ମହାନ ବିପ୍ଳବୀ
# ଧରଣୀଧର ନାଏକ (ଭୂୟାଁ)ଙ୍କ

ଥିଲେ, ଯାହା ପ୍ରଶାସକ ଚରିତ୍ରର ଭୂଷଣ । ପାଲଲହଡାରେ ଦେଓ୍ୱାନ ଥିବା ସମୟରେ ତାଙ୍କର ବିଶେଷ କାର୍ଯ୍ୟଚାପ ନଥିଲା । ସ୍ୱାଚ୍ଛନ୍ଦ୍ୟପୂର୍ଣ୍ଣ ଜୀବନ ସହିତ ଦରମା ବେଶ୍ ଅଧିକ । ମାଛବାଲୀ ବୁଢ଼ୀର ପଦେକଥାରେ ଆତ୍ମସଚେତନ ସ୍ୱାଭିମାନୀ ଫକୀର ମୋହନ ସ୍ୱଇଚ୍ଛାରେ ଚାକିରୀ ଛାଡିଦେଇଥିଲେ । କେନ୍ଦୁଝର ରାଜ୍ୟରେ ତାଙ୍କର ମ୍ୟାନେଜରୀ ଜୀବନ ବେଶ୍ ରୋମାଞ୍ଚକର ସହିତ ବହୁଳ ଘଟଣାବଳୀ ଥିଲା । କେନ୍ଦୁଝରର ମହାରାଜ ଧନୁର୍ଜୟ ନାରାୟଣ ଭଞ୍ଜଙ୍କ ପ୍ରଜାପୀଡନ,ବେଠୀ, ବେଗାରୀରେ ଅତିଷ୍ଠ ହୋଇ ଶାନ୍ତି ପ୍ରିୟ ନିରୀହ ଭୂୟାଁମାନେ ବିଦ୍ରୋହୀ ହେବାକୁ ବାଧ୍ୟ ହୋଇଥିଲେ । ଏହି ମେଳିର ସର୍ଦ୍ଦାର ଧରଣୀଧର ଭୂୟାଁ ମୁଖ୍ୟ ନେତୃତ୍ୱ ନେଇଥିଲେ । କେନ୍ଦୁଝର ଗଡର ଟୀକାୟତ ଭାବରେ ନିଜକୁ ଘୋଷଣା କରି ରାଇସୁଆଁରେ ଦରବାର ବସାଇଥିଲେ । ଏହି ସମୟରେ ଦେଓ୍ୱାନ ଫକୀରମୋହନ ବିଦ୍ରୋହୀ ମାନଙ୍କ ଦ୍ୱାରା ଧରା ପଡିଥିଲେ ମଧ ଧରଣୀଧର ଫକୀରମୋହନଙ୍କୁ ବନ୍ଦୀ କରିନଥିଲେ । ସେ ଜାଣିଥିଲେ ଫକୀର ମୋହନ ଜଣେ ଚତୁର,ଗୁଣୀ,ଦକ୍ଷ ଓ ଉତ୍ତମ ପ୍ରଶାସକ । ତେଣୁ ଫକୀର ମୋହନଙ୍କୁ ବିଶ୍ୱାସ କରି ନିଜର ପରାମର୍ଶ ଦାତା ରୂପେ ନିଯୁକ୍ତି ଦେଇ ତାଙ୍କରି ମାଧମରେ ଭୂୟାଁ ବିଦ୍ରୋହକୁ ପରିଚାଳନା କରିଥିଲେ । ବିଚକ୍ଷଣ କୂଟନୀତିଜ୍ଞ ଫକୀରମୋହନଙ୍କ ମିଠା କଥାରେ ସରଳବିଶ୍ୱାସୀ ଧରଣୀଧର ସଂପୂର୍ଣ୍ଣ ଢ଼ଳି ଯାଇଥିଲେ । ଯେତେବେଳେ ଧରଣୀଧର ରାଜକଅର ଅକ୍ତିଆର କରିବାକୁ ଯୋଜନା କଲେ ଫକୀରମୋହନଙ୍କ ଛଳନାଯୁକ୍ତ ପରାମର୍ଶ ଧରଣୀଧରଙ୍କ ଯୋଜନାକୁ ବିଫଳ କରିଦେଇଥିଲା । ଫକୀରମୋହନଙ୍କୁ କେତେଜଣ ବିଦ୍ରୋହୀ ସନ୍ଦେହ ଆଖିରେ ଦେଖୁଥିଲେ ମଧ ଧରଣୀଧର ପୂର୍ଣ୍ଣ ବିଶ୍ୱାସ କରୁଥିଲେ । ପ୍ରଜାମେଳୀ ଆନ୍ଦୋଳନରେ ଭୂୟାଁ ସର୍ଦ୍ଦାର ଧରଣୀଧରଙ୍କ କବଳରୁ ରାଜାଙ୍କ ପରିବାର, ରାଜପ୍ରାସାଦ ଓ ନିଜର ଆତ୍ମରକ୍ଷା ପାଇଁ ତାଙ୍କ ଦ୍ୱାରା ଲିଖିତ ଐତିହାସିକ ଚିଠି ଶ୍ଳେଷାତ୍ମକ ଭାଷା ଦୃଷ୍ଟିରୁ ଅଦ୍ୱିତୀୟ ଥିଲା । ଫକୀରମୋହନ ପତ୍ରଟିକୁ ଏହିପରି ଲେଖିଥିଲେ- 'ଭୋଳାନାଥ ଖମାରିଆ ଜାଣିବୁ- ମହାରାଣୀଙ୍କ ପୁତ୍ରଙ୍କ ସକାଶେ ନିତାନ୍ତ ଦରକାର- ଅତିଶୀଘ୍ର ୧୦୦ ହେଲେ ପାନ ୨୦୦ଗୁଆ ପଠାଇବୁ । ଉତ୍ତର ପଟୁ ମାହାରା କରି ଆଖୁବାଡିକୁ ଶୀଘ୍ର ପାଣି ବୁହାଇବୁ । ନୋହିଲେ ଆଖୁବାଡି ବିନାଶ ଯିବ ବୋଲି ଜାଣିବୁ । ଇତି

ଫକୀର ମୋହନ ସେନାପତି ।"

ପାନଗୁଆ ଅର୍ଥ ବନ୍ଧୁକର ଗୁଳି ବା ବନ୍ଧୁକଧାରୀ ସିପାହୀ । ଆଖୁବାଡି ଅର୍ଥ ଗଡ । ଉତ୍ତର ଦିଗରୁ ଅର୍ଥ ଚାଇଁ ବସା । ଏହି ସାଙ୍କେତିକ ଶବ୍ଦକୁ ବାରିଷ୍ଟର ମଧୁସୂଦନ ଦାସ ଧରିପାରି ଅର୍ଥ କରିଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରଜାମେଳୀ ଆନ୍ଦୋଳନକୁ କଠୋର ଭାବରେ ଦମନ କରାଯାଇଥିଲା । ଏତିକିରେ ଫକୀରମୋହନଙ୍କ ଛଳନା ସରିନଥିଲା । ଶେଷରେ ତାଙ୍କର ଷଡ଼ଯନ୍ତ୍ର ମୂଳକ ପରାମର୍ଶରେ ବିଶ୍ୱାସ କରି ଧରଣୀଧର ଡେପୁଟି କମିଶନର ଏଚ୍.ଡାଉସନଙ୍କୁ ସ୍ୱଳ୍ପ ସଂଖ୍ୟକ ସାଥୀମାନଙ୍କୁ ଧରି ଦେଖା କରିବାକୁ ଯାଇ ବନ୍ଦୀ ହୋଇଥିଲେ । ନିଜର ଅଧିକାର ଓ ଅତ୍ୟାଚାର ବିରୁଦ୍ଧରେ ଲଢେଇ କରିଥିବା ଭୂୟାଁ ମେଳୀକୁ ନୈତିକ ସମର୍ଥନ କରିବା ପରିବର୍ତ୍ତେ ଫକୀରମୋହନ ସେମାନଙ୍କ ସହିତ ବିଶ୍ୱାସ ଘାତକତା କରିଥିଲେ । ଚନ୍ଦ୍ରରେ କଳଙ୍କ ପରି ବିଶାଳ ବ୍ୟକ୍ତିତ୍ୱର ଅଧିକାରୀ ଫକୀର ମୋହନଙ୍କ ପ୍ରଶାସନିକ ଜୀବନରେ ଅଙ୍ଗୁଳି ଉଠିଥିଲା । ବିପ୍ଳବୀ ଧରଣୀଧର ସାତବର୍ଷ ବନ୍ଦୀ ଜୀବନ କାଟିଲା ପରେ ପୁରୀ ଚାଲିଯାଇ ବାଙ୍କି ମୁହାଣରେ ତପସ୍ୟା କଲେ ଓ ଆଳିରେ ଆଶ୍ରମ ସ୍ଥାପନା କରି ସନ୍ୟାସୀ ଜୀବନକୁ ଆପଣାଇ ଥିଲେ । ଫକୀର ମୋହନ କେନ୍ଦୁଝର ରାଜ୍ୟରେ ବହୁ ଉନ୍ନତି ମୂଳକ କାର୍ଯ୍ୟ ଭିତରେ ଅରମା ଜଙ୍ଗଲ ପରିଷ୍କାର କରି କଲିକତାରୁ ଆମ୍ବ, ଲିଚୁ, ଜାମରୋଳ, କଲମି ଆଣି ଉଦ୍ୟାନ ସ୍ଥାପନ, ଆନନ୍ଦପୁରରେ ପ୍ରେସ ସ୍ଥାପନ ଓ ପୁସ୍ତକ ମୁଦ୍ରଣ, ପକ୍କା ସ୍କୁଲ ଗୃହ ନିର୍ମାଣ କଲିକତା ହାଇକୋର୍ଟରେ ଲଢି କେନ୍ଦୁଝର ଜିଲ୍ଲା ସପକ୍ଷରେ ରାୟ ପ୍ରଦାନ, ଜମିଜମାର ସୁବନ୍ଦୋବସ୍ତ ଇତ୍ୟାଦି ଅନ୍ୟତମ । ଫକୀର ମୋହନଙ୍କ ସର୍ବଶ୍ରେଷ୍ଠ ପ୍ରଶାସନିକ ଗୁଣ ଥିଲା କୁଶଳୀ କର୍ମ ପ୍ରବଣ ମାନସିକତା ସହିତ ପୂର୍ବ ପ୍ରଶାସନିକ ପ୍ରସ୍ତୁତି । ଯେକୌଣସି ସରକାରୀ କାର୍ଯ୍ୟରେ ପ୍ରଜାମାନଙ୍କୁ ବେଠି ଖଟାଇବାକୁ ସେ ନାପସନ୍ଦ କରୁଥିଲେ । ଅଧିକନ୍ତୁ କାମ କରୁଥିବା ଲୋକମାନଙ୍କୁ ଚୂଡାଖିଆ ମଜୁରୀ ନିଜ ତରଫରୁ ବ୍ୟବସ୍ଥା କରୁଥିଲେ । ଏଇ ପରିପ୍ରେକ୍ଷୀରେ ଡଃ ମାୟାଧର ମାନସିଂଙ୍କ ମନ୍ତବ୍ୟ ପ୍ରଣିଧାନ ଯୋଗ୍ୟ- 'ଫକୀର ମୋହନ ସର୍ବତ୍ର ଓଡିଆ ପ୍ରେମୀ କିନ୍ତୁ ଅନ୍ୟ ବିଦ୍ୱେଷୀ ନଥିଲେ । ଗରିବ, ନିରୀହ ଜନସାଧାରଣଙ୍କ ପ୍ରତି ସଦା ସମ୍ବେଦନଶୀଳ କିନ୍ତୁ ବାମପନ୍ଥୀ ବା ଦକ୍ଷିଣପନ୍ଥୀ ନଥିଲେ । ସେ ଥିଲେ ମାନବବାଦୀ- ତାଙ୍କ ଅପୂର୍ବ ପ୍ରତିଭା ପ୍ରତିକୂଳ ପରିସ୍ଥିତି ସତ୍ୱେ ସ୍ତିମିତ ହୋଇନଥିଲା ।' ପ୍ରଜା ଆନ୍ଦୋଳନ ସମୟରେ ଦଲାଲ ଓ ମଧ୍ୟସ୍ଥିମାନଙ୍କୁ କିପରି ଦମନ କରାଯାଉଥିଲା ସେହି କାର୍ଯ୍ୟଶୈଳୀକୁ ଆଜିର ପ୍ରଶାସକମାନେ ଅନୁଧ୍ୟାନ କରିବାର କଥା । ଫକୀରମୋହନଙ୍କର ଆଦର୍ଶ, କୂଟନୀତି, କାର୍ଯ୍ୟଶୈଳୀ, ବିଶାଳ ହୃଦୟ,ଚତୁରତା ପ୍ରତ୍ୟୁତ୍ପନ୍ନମତିତା,ଦରଦୀ ହୃଦୟ, ଦୁର୍ନୀତି ମୁକ୍ତ ଜୀବନ ତଥା ସଖ୍ୟ ଭାବ ଓ କ୍ଷମାଶୀଳ ଗୁଣ ପାଇଁ ସେ ଉତମ ପ୍ରଶାସନର ମୁକୁଟ ପରିଧାନ କରିଛନ୍ତି । ସେ କେବଳ ଜଣେ ଯୁଗସ୍ରଷ୍ଟା ସାହିତ୍ୟିକ ନୁହଁନ୍ତି ଓଡିଶାର ଜଣେ ସମର୍ଥ ରାଜନୀତି ବିଶାରଦ ଧୁରୀଣ ପ୍ରଶାସକ । ଶାରିରୀକ ଉଚ୍ଚତାରେ ସେ ଯେଉଁପରି ଲମ୍ବା ପ୍ରଶାସନିକ କ୍ଷେତ୍ରରେ ସେହିପରି ବିଶାଳ ଉଚ୍ଚତାର ଅଧିକାରୀ । ତାଙ୍କର ଅଦ୍ୱିତୀୟ ପ୍ରଶାସନିକ ଦକ୍ଷତା ଓ ପ୍ରଭାବଶାଳୀ ବ୍ୟକ୍ତିସତା ବଳରେ ସେ ଇଂରେଜମାନଙ୍କୁ ଚତୁରତାରେ ବାନ୍ଧି ଅନୁରାଗଭାଜନ ପୂର୍ବକ ଦୁଃସାଧ୍ୟ କାର୍ଯ୍ୟକୁ ଅନାୟାସରେ ସମାଧାନ କରି ପାରୁଥିଲେ । ବର୍ତ୍ତମାନର ଉଚ୍ଚଶ୍ରେଣୀର ପ୍ରଶାସକମାନେ ତାଙ୍କର କାର୍ଯ୍ୟଶୈଳୀକୁ ଆପଣାଇ ପାରିଲେ ଓଡିଶା ଏକ ଦୁର୍ନୀତିମୁକ୍ତ ସମୃଦ୍ଧ ରାଜ୍ୟରେ ପରିଣତ ହୋଇପାରିବ ।






# ଫକୀରମୋହନଙ୍କ ସାହିତ୍ୟରେ ସାମାଜିକ ବାସ୍ତବତା ଓ ବିଦ୍ରୋହର ସ୍ୱର




**ଡକ୍ଟର ମାନସ ବେହେରା**
ପ୍ରାଧ୍ୟାପକ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ
୩/୩, ୩ଆର୍‌ଏଫ୍ ଫ୍ଲାଟ୍, ଭୋଇ ନଗର,
ଭୁବନେଶ୍ୱର-୭୫୧୦୨୨
ଫୋନ : ୯୪୩୭୧୯୭୦୧୮


ସମାଜକୁ ବୁଝିବା ପାଇଁ ବାସ୍ତବବାଦୀ ସାହିତ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ ଓ ଫକୀରମୋହନଙ୍କ ସାହିତ୍ୟ ଏପରି ଏକ ଉତ୍ସ ଅଟେ ।

ସମସାମୟିକ ସାହିତ୍ୟରେ ଏପରି ବାସ୍ତବତାର ପ୍ରତିଫଳନ ବିରଳ ଅଟେ ଓ ସମସାମୟିକ ସମାଜରେ କ୍ଷମତାର ଢାଞ୍ଚା, କ୍ଷମତା ପାଇଁ ଓ କ୍ଷମତା ସହ ଲୋକଙ୍କ ସଂଘର୍ଷ ର କାହାଣୀ କେବଳ ଫକୀରମୋହନଙ୍କ ସାହିତ୍ୟରେ ହିଁ ମିଳେ । ବିଶେଷକରି ବଂଚିତ ଗୋଷ୍ଠୀର ସଂଘର୍ଷ ତାଙ୍କ ସାହିତ୍ୟରେ ଜୀବନ୍ତ ରୂପ ନେଇଛି ଯାହା ସାରିଆ, ଭଗିଆ ଆଦି ଚରିତ୍ରରେ ପ୍ରତିଫଳିତ ।

ଫକୀରମୋହନଙ୍କ କୌଶଳ ଅନନ୍ୟ ଓ ଅତୁଳନୀୟ । ତାଙ୍କ ସାହିତ୍ୟରେ ବିଭିନ୍ନ ଶ୍ରେଣୀ, ଗୋଷ୍ଠୀ ଓ ଜାତିର ପରସ୍ପର ବିରୋଧୀ ତଥା ପ୍ରତିଦ୍ୱନ୍ଦ୍ୱିତା ମୂଳକ ଦୃଷ୍ଟିଭଙ୍ଗୀ ଓ ଉପାଖ୍ୟାନ (narrative ) ମଧ୍ୟ ପ୍ରତିଫଳିତ ଓ ଏଥିପାଇଁ ତାଙ୍କ ସାହିତ୍ୟ ସାର୍ବିକ ଅଟେ ଓ ତତ୍କାଳୀନ ସମାଜର ପ୍ରାୟ ସମସ୍ତ ଗୋଷ୍ଠୀଙ୍କର ଆଶା, ଆକାଂକ୍ଷା ତଥା ସଂଘର୍ଷ କୁ ପ୍ରତିଫଳିତ କରିଥାଏ ।

କେବଳ ଏତିକିରେ ତାଙ୍କ ସାହିତ୍ୟ ସୀମିତ ନୁହେଁ । ଏଥିରେ ଅସମାନତା ଓ ଶୋଷଣ ବିରୋଧରେ ପ୍ରତିବାଦର ସ୍ୱର ଅନ୍ତର୍ନିହିତ ଅଛି, ଯଦିଓ ଏହା ଅନେକ ସମୟରେ ପରୋକ୍ଷ ।

ତାଙ୍କର ପ୍ରସିଦ୍ଧ କୃତି ତଥା ଓଡ଼ିଆ ସାହିତ୍ୟର ଅନନ୍ୟ ସୃଷ୍ଟି 'ଛ ମାଣ ଆଠ ଗୁଣ୍ଠ'ର ଉଦାହରଣ ନିଆଯାଉ । ବିଶ୍ଲେଷଣାତ୍ମକ ବାସ୍ତବତା ଏ ଉପନ୍ୟାସର ଅନ୍ୟତମ ପ୍ରମୁଖ ଲକ୍ଷଣ ଓ ଏହା ସାମାଜିକ ଅନୁସନ୍ଧାନରେ ପରିପୂର୍ଣ୍ଣ ଓ ସମସାମୟିକ ସମାଜ ।

ଏହାର କ୍ଷମତାର ଢାଞ୍ଚା, ବିଭିନ୍ନ ଶ୍ରେଣୀ ଓ ଗୋଷ୍ଠୀର ସଂଘର୍ଷକୁ ବୁଝିବା ପାଇଁ ଏ ଉପନ୍ୟାସ ଏକ ଶକ୍ତିଶାଳୀ ମାଧ୍ୟମ ।



ସାହିତ୍ୟ ସହ ସମାଜ ବିଜ୍ଞାନ ଓ ଦର୍ଶନର ସମନ୍ୱୟ ଏଥିରେ ଦେଖିବାକୁ ମିଳେ । ସମାଜର ଦରିଦ୍ରତମ ତଥା ବଂଚିତ ମଣିଷମାନଙ୍କ ସହ ତଥା ସେମାନଙ୍କ ସମସ୍ୟା ଓ ସଂଘର୍ଷ ସହ ଆଲୋଚନା, ବିଚାର ବିମର୍ଷ କରିବାକୁ ଫକୀରମୋହନ ପାଠକ ମାନଙ୍କୁ ବାଧ କରିପାରିଛନ୍ତି । ଏହା ତାଙ୍କର ସୃଜନଶୀଳ କୌଶଳ । ସାରିଆ, ଭଗିଆ ପରି ଅତି ସାଧାରଣ ମଣିଷର ସାଧାରଣ ଅନୁଭୂତିକୁ ସେ ଅସାଧାରଣ ଭାବରେ ଉପସ୍ଥାପିତ କରିଛନ୍ତି ଓ ଉପନ୍ୟାସଟି କେବଳ କାହାଣୀରେ ପରିପୂର୍ଣ ନୁହେଁ ଅଧିକନ୍ତୁ ଏହା ବିଭିନ୍ନ ପ୍ରକାର ସମ୍ପର୍କରେ ପରିପୂର୍ଣ । ଏ ସମ୍ପର୍କଗୁଡ଼ିକ ନିରପେକ୍ଷ ନୁହଁ ବା ଫକୀରମୋହନ ନିରପେକ୍ଷ କରିବାକୁ ଚାହିଁନାହାନ୍ତି ଯାହା ସାଧାରଣତଃ ଅନେକ ଉପନ୍ୟାସରେ ଦେଖିବାକୁ ମିଳେ ଓ ଯେଉଁ ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ବ୍ୟବସ୍ଥା ଓ ଅବସ୍ଥା ଦେଇ ତାଙ୍କ ଚରିତ୍ର ମାନେ ଗତି କରିଛନ୍ତି ଓ ସଂଘର୍ଷର ମୁକାବିଲା କରିଛନ୍ତି ତାହାକୁ ସେ ନିଖୁଣ ଭାବରେ ଚିତ୍ରଣ କରିଛନ୍ତି ।

ପରୋକ୍ଷରେ ସେ ପାଠକମାନଙ୍କ ମଧ୍ୟରେ ଶୋଷଣପୂର୍ଣ୍ଣ ବ୍ୟବସ୍ଥା ବିରୋଧରେ ବିଦ୍ରୋହର ଚେତନାକୁ ଆହ୍ୱାନ କରିଛନ୍ତି ।

ସେ ଟଲଷ୍ଟୟ ଓ ପ୍ରେମଚାନ୍ଦଙ୍କ ସହ ସମକକ୍ଷ; କିନ୍ତୁ ଓଡ଼ିଆ ସାହିତ୍ୟରେ ତାଙ୍କ ସାହିତ୍ୟର ଏପରି ତୁଳନାତ୍ମକ ଅଧ୍ୟୟନ କମ ଦେଖିବାକୁ ମିଳେ ।

ଫକୀରମୋହନଙ୍କ ରଚନା ଓ ଉପସ୍ଥାପନା କୌଶଳ ତତ୍କାଳୀନ ମାନଦଣ୍ଡ ଅନୁସାରେ ଆଧୁନିକ ଅଟେ ଓ ଛ ମାଣ ଆଠ ଗୁଣ୍ଠରେ ସେ ବର୍ଣ୍ଣନାକାରୀଙ୍କୁ ଅଜ୍ଞ ଭାବରେ ରଖିଥିଲା ବେଳେ ପାଠକମାନଙ୍କୁ ବୁଦ୍ଧିମାନ କରିଛନ୍ତି ଓ ଗୋବିନ୍ଦପୁର ଗାଁର କ୍ଷମତାର ଢାଞ୍ଚା, ବ୍ୟବସ୍ଥା ଓ ଏହା ବିରୋଧରେ ପ୍ରତିବାଦ ତଥା କ୍ଷମତାର ପ୍ରୟୋଗର କୌଶଳ ଆଦିକୁ ସେ ଅତି ସରଳ ଭାବରେ ଉପସ୍ଥାପିତ କରିଛନ୍ତି । ବ୍ରିଟିଶ ଉପନିବେଶବାଦ ଦ୍ୱାରା ଦେଶୀୟ ସାମନ୍ତବାଦୀ ବ୍ୟବସ୍ଥାରେ ହେଉଥିବା ପରିବର୍ତ୍ତନର ଚିତ୍ର ଏଥିରେ ସ୍ପଷ୍ଟ ଭାବେ ପ୍ରତିଫଳିତ । ସେ ସଚେତନ ଭାବରେ ନିଷ୍ପେଶିତର ଆକାଂକ୍ଷା ଓ ହୃଦୟକୁ ସେମାନଙ୍କ ନିଜ ଭାଷାରେ ଉପସ୍ଥାପନ କରିଛନ୍ତି ଓଏହା କେବଳ ବାସ୍ତବତାର ପ୍ରତିଫଳନ ନୁହଁ ବରଂ ଅସମାନତା ଉପରେ ପର୍ଯ୍ୟବେସିତ ବ୍ୟବସ୍ଥାର ପରିବର୍ତନ ପାଇଁ ଆହ୍ୱାନ ଏଥିରେ ଅନ୍ତର୍ନିହିତ ଓ ଗୋବିନ୍ଦପୁର ଗାଁରେ ଘଟୁଥିବା ଅତ୍ୟାଚାରର ବାସ୍ତବ ଚିତ୍ର ସହ ଅତ୍ୟାଚାରର କୌଶଳ ଆଦି ଏ ଉପନ୍ୟାସରେ ଫକୀରମୋହନଙ୍କ ହାତରେ ଜୀବନ୍ତ ରୂପ ପାଇଛନ୍ତି । ଔପନିବେଶିକ ପୃଷ୍ଠପୋଷକତାରେ ଗଢି ଉଠୁଥିବ ଜମିଦାରୀ ବ୍ୟବସ୍ଥା ଓ ଏହାର ମୂଲ୍ୟବୋଧ ଗୁଡ଼ିକର ସେ ଅତି ନଗ୍ନ ଭାବରେ ମୁଖା ଖୋଲି ଦେଇଛନ୍ତି ଓ ଏଥିପାଇଁ ଏ ଉପନ୍ୟାସଟି କେବଳ ଓଡ଼ିଆ ସାହିତ୍ୟ ନୁହଁ, ସମଗ୍ର ସାହିତ୍ୟ ଜଗତରେ ଏକ କାଳଜୟୀ ସୃଷ୍ଟି ।

ରାମଚନ୍ଦ୍ର ମଙ୍ଗରାଜର କାହାଣୀ ବ୍ରିଟିଶ ଔପନିବେଶିକ ଶାସନର ପ୍ରୋତ୍ସାହନରେ ବିକାଶ ଲାଭ କରୁଥିବା ଜମିଦାରୀ ବ୍ୟବସ୍ଥାର କାହାଣୀ ଅଟେ । ଏହି ବିଦେଶୀ ଶାସନ ଏକ ବିଶ୍ୱସ୍ତ ଶ୍ରେଣୀର ଅନୁସନ୍ଧାନରେ ଥିଲା । ଏ ଶ୍ରେଣୀର ସହଯୋଗରେ ନିଜର ଶାସନ ବିନା ପ୍ରତୋରୋଧରେ ଚଳାଇପାରିବାର ଉଦେଶ୍ୟ ଏହାର ଥିଲା ଓ ଭଗିଆ ଓ ସାରିଆର ଧ୍ୱଂସ ପଛରେ ସାହୁକାର ବ୍ୟବସ୍ଥା ଏକ ପ୍ରମୁଖ କାରଣ ଓ ଏହି ବ୍ୟବସ୍ଥା ଜମିଦାରୀ ଶାସନର ଏକ ଅବିଛେଦ ଅଙ୍ଗ । ସେହିପରି ଜାତି ପ୍ରଥା ଓ ଜାତିଗତ ଶୋଷଣ ଓ ଅସମାନତା ମଧ୍ୟ ଏହାର ଅଂଶ ବିଶେଷ ଓ ଔପନିବେଶିକ ରାଷ୍ଟ୍ର, ସାମନ୍ତବାଦୀ ବ୍ୟବସ୍ଥା, ଜାତିପ୍ରଥା, ଧର୍ମୀୟ ବ୍ୟବସ୍ଥାର ମିଳିତ ମହାମେଣ୍ଟ ଛୋଟ ଓ ନାମମାତ୍ର ଚାଷୀଙ୍କୁ ଧ୍ୱଂସ କରିଛି । ଆଧୁନିକ ବୋଲାଉଥିବା ବ୍ରିଟିଶ ଉପନିବେଶ ସରକାର ଜାତି ପ୍ରଥା ପରି ପଛୁଆ ପଚମାନ ପ୍ରଥା ଉପରେ ପ୍ରହାର କରିବାକୁ ବିଫଳ ହୋଇଛି ଓ କାରଣ ଏହା ଦ୍ୱାରା ଦେଶୀ ବିଦେଶୀ ଶାସକ ଗୋଷ୍ଠୀର ମେଣ୍ଟ ବାଧାପ୍ରାପ୍ତ ହୋଇଥାନ୍ତା ।

ଏହି ଜମିଦାର ଶ୍ରେଣୀ ନିଜ କାନ୍ଧରେ ଉପନିବେଶବାଦର ବୋଝ ବୋହିବାର ବ୍ୟବସ୍ଥା ସୃଷ୍ଟି ହୋଇଥିଲା । ଏ ବ୍ୟବସ୍ଥାର କେନ୍ଦ୍ରବିନ୍ଦୁ ଜମି ଅଟେ । 'ଛ ମାଣ ଆଠ ଗୁଣ୍ଠ' ଉପନ୍ୟାସର କେନ୍ଦ୍ର ବିନ୍ଦୁ ଜମି ଅଟେ । ଏହି ଜମି ପାଇଁ ଜମିଦାର ମାନେ ଅସତ୍ୟ, ଦୁର୍ନୀତି ଓ ମିଥ୍ୟାଚାରର ଆଶ୍ରୟ ନେବା ଜମିଦାରୀ ବ୍ୟବସ୍ଥାର ସ୍ୱାଭାବିକ ଚରିତ୍ର । ଏ ପ୍ରକ୍ରିୟାରେ ଧର୍ମକୁ ଏକ ଅସ୍ତ୍ର ଭାବରେ ବ୍ୟବହାର କରା ଯାଇପାରିବ । ଧର୍ମ ଏକ ଶ୍ରେଣୀଭିତ୍ତିକ ଆୟୁଧ ଭାବେ ଫକୀରମୋହନଙ୍କ ତୀକ୍ଷ୍ଣ ଲେଖନୀରେ ଚିତ୍ରିତ ହୋଇଛି । ଏହାର ନୈତିକତା ଓ ମୂଲ୍ୟବୋଧ ସାମନ୍ତବାଦୀ ଶ୍ରେଣୀର ସ୍ୱାର୍ଥର ଗଣ୍ଡି ଭିତରେ ସୀମିତ ଓଏଭଳି ବାସ୍ତବ, ବୈପ୍ଳବିକ ଉପାଖ୍ୟାନ କେବଳ ଫକୀରମୋହନଙ୍କ ଦ୍ୱାରା ହିଁ ସମ୍ଭବ ଓସେ ସୃଜନଶୀଳ କଟାକ୍ଷର ପ୍ରୟୋଗ କରିଛନ୍ତି । ଏଭଳି ପ୍ରୟୋଗ ତତ୍କାଳିକ ସାହିତ୍ୟରେ ବିରଳ ଓଏହା ମାଧ୍ୟମରେ ସେ ପରୋକ୍ଷ ଭାବରେ ଜମିଦାର ଶ୍ରେଣୀ ବିରୋଧରେ ଆହ୍ୱାନ ସୃଷ୍ଟି କରିଛନ୍ତି । ଏହି ଶ୍ରେଣୀର ଛଳନା ଓ ଫମ୍ପା ମୂଲ୍ୟବୋଧର ମୁଖା ଖୋଲିବା ସହ ସାରିଆକୁ ଏକ ନିରୀହ, ସରଳ ଓ ଶୋଷଣର ଶିକାର ହୋଇଥିବା ମଣିଷ ଭାବରେ ଚିତ୍ରିତ କରିଛନ୍ତି । ସାମନ୍ତବାଦର ଅନ୍ୟାୟ ଓ ଅତ୍ୟାଚାର ବିରୋଧରେ ପ୍ରତିବାଦ କରିବାକୁ ସେ ପାଠକ ମାନଙ୍କୁ ପରୋକ୍ଷରେ ଆହ୍ୱାନ କରିଛନ୍ତି ଓ ଏହା ଫକୀରମୋହନ ସାହିତ୍ୟର ବିଶେଷ ଲକ୍ଷଣ ଓ ଏହାହିଁ ଏ ଉପନ୍ୟାସର ବୈପ୍ଳବିକ ବାର୍ତ୍ତା ।

ସାମନ୍ତବାଦୀ ବ୍ୟବସ୍ଥାର ଶୋଷଣର କେବଳ ବାସ୍ତବଧର୍ମୀ ଚିତ୍ର ଫକୀରମୋହନ ଏ ଉପନ୍ୟାସରେ ଆଙ୍କିନାହାନ୍ତି, ଅଧିକନ୍ତୁ ଏହା ବିରୋଧରେ ପ୍ରତିବାଦ କରିବାକୁ ପାଠକମାନଙ୍କ ପାଇଁ ପରୋକ୍ଷ ଇଙ୍ଗିତ ଦେଇଛନ୍ତି । ଏଥିପାଇଁ ସେ କଟାକ୍ଷରପ୍ରୟୋଗ କରିଛନ୍ତି । ନାରୀଙ୍କ ସମ୍ପର୍କରେ ତାଙ୍କର ମତକୁ ଅନେକ ଭ୍ରମାତ୍ମକ ବିଶ୍ଳେଷଣ କରିଥାନ୍ତି କାରଣ ଏହାପରିପ୍ରେକ୍ଷୀ ଭିତ୍ତିକହୋଇ ନଥାଏ । ଏ ଉପନ୍ୟାସରେ ସେ ସାରିଆକୁ ବ୍ୟବସ୍ଥାର ଶିକାର ଭାବେ ଉପସ୍ଥାପନା କରିଛନ୍ତି ଅର୍ଥାତ ତାର ନିର୍ଯାତନା ପ୍ରତି ସେ ସହାନୁଭୁତିଶୀଳ । କେବଳ ଏତିକି ନୁହେଁ ଭଗିଆ ସହ ସାରିଆକୁ ସେ ଉପନ୍ୟାସର କେନ୍ଦ୍ର ବିନ୍ଦୁର ପରିଧି ଭିତରକୁ ଆଣିଛନ୍ତି ଓ ତତ୍କାଳୀନ ସାହିତ୍ୟରେ ଉଚ୍ଚ ବର୍ଗ ଓ ଶ୍ରେଣୀର ପ୍ରାଧାନ୍ୟ ଥିଲାବେଳେ ସେ ସାଧାରଣ ମଣିଷଙ୍କୁ ମୁଖ୍ୟ ସ୍ଥାନକୁ ଆଣିବା କେବଳ ପ୍ରଗତିଶୀଳ ନୁହେ ଆଧୁନିକ ମଧ୍ୟ । ଏ ଉପନ୍ୟାସଟି କେବଳ ତତ୍କାଳିକ ବାସ୍ତବତାକୁ ଚିତ୍ରିତ କରିବାରେ ସୀମିତ ନୁହଁ ବରଂ ବାସ୍ତବତାକୁ କିପରି ଦେଖିହେବ ତାହାର ଦିଗ୍‌ଦର୍ଶନ ଏଥିରେ ନିହିତ । ଅର୍ଥାତ ଏଥିରେ ଫକୀରମୋହନ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ପାଠକୀୟ ହୃଦୟରେ ସୃଷ୍ଟି କରିବାକୁ ସକ୍ଷମ ହୋଇଛନ୍ତି ଓ ଏହା ହିଁ ଏଉପନ୍ୟାସର ବିଶେଷତ୍ୱ ଓ ସମସାମୟିକ ଚେତନାର ଗଣ୍ଡିରୁ ବାହାରି ଫକୀରମୋହନ ବହୁ ଆଗକୁ ଯାଇ ପାରିଛନ୍ତି ଓ ତାଙ୍କର ଏ କୃତି ଆଧୁନିକତା, ପ୍ରଗତିଶୀଳତା ଓ ବୈପ୍ଳବିକ ବାର୍ତ୍ତାର ପ୍ରତୀକ । ଏ ଉପନ୍ୟାସକୁ ବିଶ୍ୱ ସାହିତ୍ୟରେ ଅନ୍ୟତମ ଶ୍ରେଷ୍ଠ ଉପନ୍ୟାସ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ନିଃସନ୍ଦେହରେ ଫକୀରମୋହନ ବିଶ୍ୱର ଯେକୌଣସି ପ୍ରଗତିଶୀଳ ସାହିତ୍ୟିକଙ୍କ ସମକକ୍ଷ ଓ ଓଡ଼ିଆ କଥାସାହିତ୍ୟକୁ ତାଙ୍କ ଅବଦାନର ମୂଲ୍ୟାୟନ ଉପରୋକ୍ତ ଦିଗ ଗୁଡ଼ିକର ବିଶ୍ଳେଷଣ ବିନା ଅସମ୍ପୂର୍ଣ୍ଣ ।

# ମକର ମହକ



# ମକର ପର୍ବ ଓ ଶ୍ରୀ ଜଗନ୍ନାଥ


## ସମ୍ବେଦନା ମିଶ୍ର

ପ୍ଲଟ୍ ନମ୍ବର-୬୧୨, ଘର ନଂ ୧୩,
ପ୍ରଜାପତି ରିସୋର୍ଟ, ବେହେରା ସାହି,
ନୟପେଲ୍ଲୀ, ଭୁବନେଶ୍ୱର-୭୫୧୦୧୨
ଫୋନ:୯୯୩୭୭୨୩୫୭୯


ଫଟୋ ସୌଜନ୍ୟ : ଗୁଗୁଲ୍

ସୌର ବର୍ଷର ଦଶମ ମାସ ହେଉଛି ମକର ମାସ । ଏହା ମକର ସଂକ୍ରାନ୍ତିରୁ ଆରମ୍ଭ ହୋଇ ମାସାନ୍ତରେ ଶେଷ ହୁଏ । ସୂର୍ଯ୍ୟ ଯେଉଁ ସମୟ ମଧ୍ୟରେ ଏହି ମକର ରାଶିରେ ଅବସ୍ଥାନ କରେ ସେହି ସମୟ ତୁଳା ମାସ ନାମରେ ନାମିତ । ସାଧାରଣତଃ ଏହା ଇଂରାଜୀ ମାସ ଜାନୁଆରୀର ମଧ୍ୟ ଭାଗରୁ ଆରମ୍ଭ ହୋଇ ଫେବୃଆରୀ ମାସର ମଧ୍ୟ ଭାଗରେ ଶେଷ ହୁଏ । ହିନ୍ଦୁମାନଙ୍କର ଚାନ୍ଦ୍ରମାନ ମାସ ପୌଷ ଓ ମାଘ ସହ ଏହା ସମ୍ବନ୍ଧିତ । ଅଖିଳ ଭାରତୀୟ ନିରୟନ ସୌର କ୍ୟାଲେଣ୍ଡର ପଦ୍ଧତିରେ ଦଶମ ସୌର ମାସ (ମାଘ) ୧୪ ଜାନୁଆରୀ- ୧୨ ଫେବୃଆରୀ ।

ମକର ସଂକ୍ରାନ୍ତି ଏକ ସର୍ବ ଭାରତୀୟ ପର୍ବ । ମକର ସଂକ୍ରାନ୍ତି ଦିନ ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରିଥାନ୍ତି । ସୌର ଗଣନା ଅନୁସାରେ ମକର ସଂକ୍ରାନ୍ତିକୁ ମକର ମାସର ପ୍ରଥମ ଦିନ ହିସାବରେ ଗ୍ରହଣ କରାଯାଏ । ସଂକ୍ରାନ୍ତି ହେଉଛି ସୂର୍ଯ୍ୟଙ୍କର ସଂକ୍ରମଣ ବା ଗୋଟିଏ ରାଶିରୁ ଅନ୍ୟ ରାଶିକୁ ଚଳନ କରିବାର ଦିନ । ମକର ସଂକ୍ରାନ୍ତି ଦିନ ସୂର୍ଯ୍ୟ ଧନୁ ରାଶିରୁ ମକର ରାଶିକୁ କ୍ରମଶଃ ଗମନ କରନ୍ତି । ଏହି ଦିନଠାରୁ ସୂର୍ଯଙ୍କର ଉତ୍ତରାୟଣ ଗତି ଆରମ୍ଭ ହୋଇଥାଏ । ସୂର୍ଯ୍ୟ ମକର ସଂକ୍ରାନ୍ତି ଦିନ ଉତ୍ତର ଦିଗକୁ ଯାତ୍ରା କରି ଛଅ ମାସ ଅବସ୍ଥାନ କରୁଥିବାରୁ ବିବାହ, ବ୍ରତ, ଯଜ୍ଞାନୁଷ୍ଠାନ,ଗୃହ, ଦେବାଳୟ ପ୍ରତିଷ୍ଠା ଆଦି ସମସ୍ତ ଶୁଭକର୍ମ ଅନୁଷ୍ଠିତ ହୁଏ । ଏହି ସମୟରେ ଅଭୀଷ୍ଟ ସିଦ୍ଧି ପାଇଁ ସୂର୍ଯ୍ୟ ଉପାସନା କରାଯାଏ । ଓଡ଼ିଆ ପ୍ରବାଦ ଅନୁଯାୟୀ 'ମକର ଠାରୁ ଦିନ ବକର ହୁଏ', ଅର୍ଥାତ ଏହି ଦିନ ଠାରୁ ଦିନ କ୍ରମଶଃ ବଡ଼ ହୁଏ । ସୂର୍ଯ୍ୟଙ୍କର ତେଜ ମଧ୍ୟ ଏହି ଦିନ ଠାରୁ ପ୍ରଖର ହୁଏ । ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ସମୟରେ ଯେଉଁମାନଙ୍କର ପରଲୋକ ହୁଏ, ସେମାନଙ୍କୁ ସ୍ୱର୍ଗଲୋକ ପ୍ରାପ୍ତ ହୁଏ ବୋଲି ହିନ୍ଦୁମାନେ ବିଶ୍ୱାସ କରନ୍ତି । ଏହି ପବିତ୍ର ଦିନରେ ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଦ୍ୱାଦଶ ଯାତ୍ରା ମଧ୍ୟରେ ଅନ୍ୟତମ 'ଉତ୍ତରାୟଣ ଯାତ୍ରା' ବା 'ମକର ସଂକ୍ରାନ୍ତି ଉତ୍ସବ' ମହାସମାରୋହରେ ପାଳିତ ହୋଇଥାଏ । ଏହି ଯାତ୍ରା ସମ୍ବନ୍ଧରେ ସ୍କନ୍ଧପୁରାଣରେ ଉଲ୍ଲେଖ ରହିଛି ଯେ, ମହା ପୁଣ୍ୟମୟ ମକର ସଂକ୍ରାନ୍ତି ଦିନ ଶ୍ରୀକ୍ଷେତ୍ରରେ ତୀର୍ଥରାଜ ମହୋଦଧିରେ ସ୍ନାନ କରି ଶ୍ରୀମନ୍ଦିରରେ କଳ୍ପବଟ ପ୍ରଦକ୍ଷିଣ ପୂର୍ବକ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କଲେ ଅଶେଷ ଫଳପ୍ରାପ୍ତି ହୋଇଥାଏ ।

## ଶ୍ରୀମନ୍ଦିରରେ ମକର ସଂକ୍ରାନ୍ତି ପାଳନ

ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ହେତୁ ମକର ସଂକ୍ରାନ୍ତିକୁ ଏକଦା ନୂଆବର୍ଷ ରୂପେ ଗ୍ରହଣ କରାଯାଉଥିଲା ତାହାର ପ୍ରମାଣ ଶ୍ରୀଜଗନ୍ନାଥ ମନ୍ଦିରର କେତେକ ରୀତିନୀତିରେ ମିଳେ । ଶ୍ରୀ ମନ୍ଦିରରେ ଏହା ଏକ ତିନି ଦିନିଆ ଉତ୍ସବ । ମକର ସଂକ୍ରାନ୍ତିର ପୂର୍ବଦିନ ଚାଉଳ ମେଲାଣ ଓ ଫୁଲ ମେଲାଣ ଏବଂ ତା ପୂର୍ବଦିନ ଦୁଧ ମେଲାଣ ରୂପେ ପାଳିତ ହୋଇଥାଏ ।

ଶ୍ରୀ ମନ୍ଦିରର ସ୍ୱତ୍ୱ ଲିପି ଅନୁସାରେ, ଦୁଧ ମେଲାଣ ନୀତିରେ ଦେଶମାନଙ୍କରୁ ଗୋପାଳମାନେ ଦୁଧଭାର ଆଣି ଆସନ୍ତି ଏବଂ ଜଗନ୍ନାଥ ବଲ୍ଲଭ ମଠ ଠାରେ 'ଗୋ ଧନ' (ଗୋ ଦୋହନ)ନୀତି ସମ୍ପନ୍ନ ହୋଇଥାଏ । ସେହି ଦୁଧକୁ ଘଣ୍ଟ, ଛତା ଓ କାହାଳୀ ସହ ଶ୍ରୀମନ୍ଦିରରକୁ ନିଆଯାଏ । ସେହିପରି ଚାଉଳ ମେଲାଣ ନୀତିରେ 'ଧାନ ଘର' ଠାରୁ ବେରବୋଇର ପ୍ରଧାନ ଚାଉଳ ବିଜେ କରନ୍ତି । ସେହି ଚାଉଳକୁ ପଟୁଆର କରି ବଡ ଦେଉଳ ପରିକ୍ରମା କରାଯାଏ । ଫୁଲ ମେଲାଣରେ ମାଳିମାନେ ଶ୍ରୀ ମନ୍ଦିରକୁ ମାଳ ଚୂଳ ଘେନି ଆସନ୍ତି ଏବଂ ତାହାକୁ ଶ୍ରୀ ମନ୍ଦିର ପରିକ୍ରମା କରାଯିବ ପରେ ଖୁଣ୍ଟିଆ ସେବକ ନେଇ ସନ୍ଧ୍ୟା ଆଳତି ବେଶରେ ଲାଗି କରାନ୍ତି ।

ମକର ସଂକ୍ରାନ୍ତି ଦିନ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ମଙ୍ଗଳ ଆଳତି ଓ ଅବକାଶ ନୀତି ବଢ଼ିବା ପରେ ଶ୍ରୀଜିଉମାନଙ୍କର ପଟା ପହରଣ (ପତଳା ସୂତାର ଜାଲିକନା) ଲାଗି କରାଯିବା ପରେ ତ୍ରିମୁଣ୍ଡିରେ ମକରଚୂଳ ଲାଗି ହୋଇଥାଏ । ଏହାପରେ କର୍ପୂର ଲାଗି ହୋଇ ଶ୍ରୀବିଗ୍ରହମାନଙ୍କର ବେଶ ବଢ଼ିଥାଏ । ଗୋପାଳବଲ୍ଲଭ ଓ ସକାଳ ଧୂପ ନୀତି ବଢ଼ିବା ପରେ ମଇଲମ, ମହାସ୍ନାନ, ସର୍ବାଙ୍ଗ ଲାଗି, ନୂଆଲୁଗା ଲାଗି, ମାଳଚୂଳ ଲାଗି ହେବା ପରେ ୬ ମୂର୍ତ୍ତି ଅଳଙ୍କାର ଲାଗି ହୋଇ ମକରବେଶ ବଢ଼ିଥାଏ । ଘଣ୍ଟ, ଛତା, କାହାଳୀ ପଟୁଆର ସହିତ ତଳିଚ୍ଛୁ ଓ ପ୍ରଧାନୀ (ସେବକ)ଙ୍କ ହାତପୈଠ (ହାତୁଆଣୀ) ହୋଇ ରୋଷଘରଠାରୁ ଭୋଗ ଶ୍ରୀଛାମୁକୁ ଆସିଥାଏ । ଭୋଗଟେରା (ଭୋଗପୂଜା ସମୟରେ ସାଧାରଣଙ୍କ ପ୍ରବେଶ ନିରୋଧ କରିବାକୁ ଶ୍ରୀମନ୍ଦିର ଭିତର କଳାହାଟ ଦ୍ୱାର ସମ୍ମୁଖରେ ବନ୍ଧା ହେଉଥିବା କନାର ଲୁଗା) ବନ୍ଧାହେବା ପରେ ଦିଗପାଳ ବଳି ନୀତି ହୋଇଥାଏ । ଭୋଗ ବଢ଼ିବା ପରେ ପାଣି ପଡ଼ି ଧୋପଖାଳ (ଲୋକମାନଙ୍କୁ ବାହାର କରାଯାଇ ଭୋଗ ବଢ଼ାଯିବା ସ୍ଥାନ ଧୁଆଧୋଇ କରି ପରିଷ୍କାର କରାଯିବା) ହୋଇ ଟେରା ବନ୍ଧାଯାଏ । ଇତି ମଧ୍ୟରେ ମକରଚାଉଳ ପ୍ରସ୍ତୁତି ନିମନ୍ତେ ରୋଷଘରକୁ ଗୋଦାମରୁ ନଡ଼ିଆ, ଘିଅ, ମିଠା, ମସଲା ଓ ଦୁଧସରମାନ ଅଣାଯାଇଥାଏ । ହାଣ୍ଡି କୁଡୁଆ ଇତ୍ୟାଦି ସଜଡ଼ା ଯାଇଥାଏ । ସୁଦୁ ସୁଆର ସେବକ ଉପରୋକ୍ତ ଦ୍ରବ୍ୟଗୁଡ଼ିକରେ ମକରଚାଉଳ ପ୍ରସ୍ତୁତ କରି



▲ ଲେଖିକା ସମ୍ବେଦନା ମିଶ୍ର



ରଖିଥାନ୍ତି । ଏହାପରେ ପୂର୍ବ ଦିନରୁ ଭୋଗମଣ୍ଡପ ଘରେ ଶୁଦ୍ଧପୂତ ଭାବେ ଅଧିବାସ ହୋଇ ରଖା ଯାଇଥିବା ମକରଚାଉଳକୁ ପତ୍ରିବଡୁ / ପନ୍ତିବଡୁ (ଶ୍ରୀଛାମୁରେ କୋଠଭୋଗ ବାଢ଼ିବା ସେବକ) ସେବକମାନେ ମୁହଁରେ ବାଘମୁହାଁ (ଭୋଗ ନେବାବେଳେ ପାଟିରୁ ଛେପ ନ ପଡ଼ିବା ପାଇଁ ମୁହଁରେ ବନ୍ଧା ଯାଉଥିବା କନା) ବାନ୍ଧି ଘଣ୍ଟ, ଛତା, କାହାଳୀ ପଟୁଆରରେ ତଳିଛୁ (ମହାନାୟକ ସେବକ ଓ ପରିଛାଙ୍କ ପ୍ରତିନିଧି)ଙ୍କ ସହ ମୁଖ୍ୟ ମନ୍ଦିରକୁ ତିନିଥର ପରିକ୍ରମା କରି ଶ୍ରୀଛାମୁରେ ପନ୍ତି ବାଢ଼ିଥାନ୍ତି । ଏହାପରେ ମହାଭୋଇ (ଶ୍ରୀମନ୍ଦିରର ମୁଖ୍ୟ ଗଉଡ଼ ସେବକ) ଦୁଧ, ଗୁଡ଼ିଆ ଶାକର ଓ ଣାସବୁକୁ ଉପରୋକ୍ତ ପ୍ରକାରେ ଏକଥର ବଡ଼ଦେଉଳ ପରିକ୍ରମା କରି ଜୟବିଜୟ ଦ୍ୱାର ଠାରେ ମହାସୁଆରଙ୍କ ଜିମା ଦେଲେ ମହାସୁଆର ତାକୁ ନେଇ ଛାମୁରେ ବାଢ଼ି ଥାଆନ୍ତି । ହଡ଼ପ ନାୟକ ସେବକ (ମହାପ୍ରଭୁଙ୍କ ପାଇଁ ବିଭିନ୍ନ ନୀତିରେ ରୂପାବଟାରେ ବିଡ଼ିଆପାନ ଯୋଗାଉଥିବା ସେବକ) ହଡ଼ପ (ଖିଲିପାନର ଉପକରଣ) ଘରଠାରୁ ଘଣ୍ଟ, ଛତା, କାହାଳୀ ପଟୁଆରରେ ମୁଖ୍ୟ ମନ୍ଦିର ଭିତର ବେଢ଼ାକୁ ଏକଥର ବୁଲି ଭୋଗ ବାଢ଼ିବା ନିମନ୍ତେ ମହାସୁଆରକୁ ଦେଇ ଥାଆନ୍ତି । ମୁଦିରସ୍ତ / ମୁଦିହସ୍ତ / ମୁଦିରଥ (ବିବିଧ ନାମରେ ପରିଚିତ ସେବକ, ଗଜପତି ମହାରାଜାଙ୍କ ପ୍ରତିନିଧି ଭାବେ ମହାପ୍ରଭୁଙ୍କ ସେବାକାରୀ) ପ୍ରସାଦ ଲାଗି କରିବା ପରେ ତିନି ବାଡ଼ରେ ତିନି ପୂଜାପଣ୍ଡା ପଞ୍ଚୋପଚାରରେ ମଣୋହି କରନ୍ତି । ଭୋଗ ସରିବା ପରେ ଶ୍ରୀଜିଉମାନଙ୍କୁ ବନ୍ଦାପନା କରାଯାଏ । ଏ ସଂପର୍କରେ ସ୍କନ୍ଦପୁରାଣର ବିଷ୍ଣୁଖଣ୍ଡରେ ଉଲ୍ଲେଖ ରହିଛି ଯେ ମହର୍ଷି କଶ୍ୟପ ପୂର୍ବ କଳ୍ପ (ବ୍ରହ୍ମାଙ୍କର ଏକଦିନ ମନୁଷ୍ୟ ଗଣନାରେ ୪୩୨ କୋଟି ବର୍ଷ)ରେ ମହାପ୍ରଭୁ ଜଗନ୍ନାଥଙ୍କ ପ୍ରୀତି ନିମନ୍ତେ ଶ୍ରୀମନ୍ଦିରରେ ଏହି ମହୋତ୍ସବ ପାଳନ କରିଥିଲେ । ଏହି ନୀତି ସଂପାଦନ ସମୟରେ ଘଣ୍ଟ, ଛତା, କାହାଳୀର ମହାର୍ଘ ପଟୁଆରରେ ହଜାର ହଜାର ଭକ୍ତ ମନ୍ଦିର ପ୍ରଦକ୍ଷିଣ କରନ୍ତି । ବିଶେଷଭାବେ ଜଗମୋହନରେ ଶ୍ରୀଜିଉଙ୍କର ଅର୍ପିତ ଅମୃତୋଗମ ମକରଚାଉଳ (ମକରାନ୍ନ କୈବଲ୍ୟ) ବା ମକରଭୋଗ ଲାଭ କରିବା ନିମନ୍ତେ ଦର୍ଶକମାନଙ୍କ ଠାରେ ପ୍ରବଳ ଆଗ୍ରହ ଦେଖାଦିଏ । ହିନ୍ଦୁ ଧର୍ମ ବିଶ୍ୱାସ ଅନୁସାରେ ଏହି ମକର ସଂକ୍ରାନ୍ତି ଦିନ ଜଗନ୍ନାଥଙ୍କ ଦର୍ଶନରେ ରାଜସୂୟ ଯଜ୍ଞର ଫଳ ପ୍ରାପ୍ତି ହୋଇଥାଏ । ଯେଉଁ ଭକ୍ତ ମହାପ୍ରଭୁଙ୍କୁ ଦର୍ଶନ କରି ବିଧିପୂର୍ବକ ବେଢ଼ା ପ୍ରଦକ୍ଷିଣ କରନ୍ତି, ସେମାନେ ପୁଣ୍ୟଲାଭ ସହିତ ମୁକ୍ତିଲାଭ କରିଥାଆନ୍ତି ।

## ନବାଙ୍କ ବେଶ

ମକର ସଂକ୍ରାନ୍ତି ପୂର୍ବଦିନ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନବାଙ୍କ ବେଶ ସହ ଚାଉଳ ମେଳାଣ ଓ ଫୁଲ ମେଳାଣ ଉତ୍ସବ ଅନୁଷ୍ଠିତ ହୁଏ । ଉକ୍ତ ଦିନ ସନ୍ଧ୍ୟା ଆଳତି ବେଶରେ ମାଳଚୂଳମାନ ଖୁଣ୍ଟିଆ ଓ ପୁଷ୍ପାଳକ ସେବକଙ୍କ ସହାୟତାରେ ଠାକୁରମାନଙ୍କୁ ଲାଗି କରାଯାଇଥାଏ । ଉକ୍ତ ଦିନ ବଡ଼ସିଂହାର ବେଶରେ ସୋଲ ଓ ଜରି, କଇଁଥ ଅଠାରେ ପ୍ରସ୍ତୁତ ଶଙ୍ଖ, ଚକ୍ର, ହଳ, ମୁଷକ, କୁଣ୍ଡଳ ଡଡଗୀ ଇତ୍ୟାଦି ଜଗନ୍ନାଥ,ବଳଭଦ୍ର ଓ ସୁଭଦ୍ରାଙ୍କୁ ଲାଗି କରାଯାଇଥାଏ । ଏହି ବେଶରେ ଜଗନ୍ନାଥ ଓ ବଳଭଦ୍ର ଯଥାକ୍ରମେ ସୋଲ ନିର୍ମିତ ମକର କୁଣ୍ଡଳ ଓ ଶଙ୍ଖ, ଚକ୍ର, ହଳ,ମୁଷକ ଇତ୍ୟାଦି ଧାରଣ କରିଥାନ୍ତି । ଏହି ବେଶ ନବାଙ୍କ ବେଶ ରୂପେ ପରିଚିତ । ଏହି ବେଶର ପ୍ରବର୍ତ୍ତକ ହେଉଛନ୍ତି ଚୈତନ୍ୟ ଦେବ ।

ପୂର୍ବେ ଏହି ବେଶର ସାମଗ୍ରୀ ଦକ୍ଷିଣ ପାର୍ଶ୍ୱ ମଠ (ଶ୍ରୀରାମ ଦାସ ମଠ) ଯୋଗାଇ ଆସୁଥିଲେ । ଗତ କିଛି ବର୍ଷ ଧରି ସଂପୃକ୍ତ ମଠ ବେଶ ସାମଗ୍ରୀ ଯୋଗାଉ ନଥିବା ଜଣାଯାଏ । ସଂପ୍ରତି ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଏହି ବେଶର ସମସ୍ତ ଖର୍ଚ୍ଚ ନିର୍ବାହ କରାଯାଉଛି ।

ନବାଙ୍କ ବେଶରେ ଠାକୁରମାନଙ୍କ ଶିରରୁ ରତ୍ନସିଂହାସନ ଚଟାଣ ଯାଏଁ ଗେଣ୍ଡୁଫୁଲର ମାଳରେ ସୁସଜ୍ଜିତ କରାଯାଏ । ବଡ଼ସିଂହାର ବେଶରେ ଦେବତାମାନଙ୍କୁ ଅଳଙ୍କୃତ କରୁଥିବା ଚିତା, ଗୁଣା, କରପଲ୍ଲବ, ଅଧରମାଳା ଓ ଶ୍ରୀପୟର ମାଳା ମଧ୍ୟ ପ୍ରଧାନତଃ ଗେଣ୍ଡୁ ଫୁଲରେ ନିର୍ମିତ ହୋଇଥାଏ । ହୃଦ ପଦକରେ ଗେଣ୍ଡୁ ଫୁଲ ସହିତ ଗୋଲାପ ଫୁଲର ସମ୍ମିଶ୍ରଣ ଘଟିଥାଏ । ସାଧାରଣ ଦିନମାନଙ୍କରେ ଚାରି ପାଞ୍ଚଟି ମାଳ ଲାଗୁଥିଲେ ମଧ୍ୟ ନବାଙ୍କ ବେଶ ଦିନ ଦଶ ପନ୍ଦରଟି ମାଳ ଲାଗିହୁଏ । ଏହି ଦିନ ଲାଗୁଥିବା ଶିର ଭୂଷଣ ଓ ଟୋପରଗୁଡ଼ିକ ତୁଳସୀପତ୍ର ଦ୍ୱାରା ପ୍ରସ୍ତୁତ ହୋଇଥାଏ ଏବଂ ସେହି ଟୋପର ଉପରେ ଗେଣ୍ଡୁଫୁଲର ମାଳା ଗୁଡା ଯାଇଥାଏ ।

ମକର ସଂକ୍ରାନ୍ତି ପୂର୍ବଦିନ ଅନୁଷ୍ଠିତ ହେଉଥିବା ଏହି ବେଶରେ ବହୁଳ ଭାବରେ ଗେଣ୍ଡୁ ଫୁଲ ବ୍ୟବହାର ହେଉଥିବା କାରଣ ହେଉଛି ଏହି ସମୟରେ ଅଧିକ ଗେଣ୍ଡୁଫୁଲ ମିଳେ । ନବାଙ୍କ ବେଶ ସହିତ ନବାଙ୍କ ବେଢାର ମଧ୍ୟ ତାତ୍ପର୍ଯ୍ୟ ରହିଛି । ଏହି ଦିନ ବଡ଼ ସିଂହାର ଭୋଗ ପରେ ମଦନମୋହନ ଦକ୍ଷିଣ ଘରୁ ବିଜେ କରି ରତ୍ନସିଂହାସନକୁ ଆସନ୍ତି । ସେଠାରୁ ଆଜ୍ଞାମାଳ ପାଇ ରତ୍ନ ସିଂହାସନକୁ ସାଢେ ଚାରିଥର ପ୍ରଦକ୍ଷଣ କରି ବଟମୂଳେ ଥିବା ପାଲିଙ୍କିରେ ବିଜେ କରି ଦେଉଳ ଚାରିପାଖକୁ ସାଢେ ଚାରିଥର ପ୍ରଦକ୍ଷିଣ କରନ୍ତି ।

## ମକର ଚଉରାଶି ବେଶ

ମକର ସଂକ୍ରାନ୍ତି ଦିନ ଶ୍ରୀ ଜଗନ୍ନାଥ ଙ୍କର 'ମକର ଚଉରାଶି ବେଶ' ହୁଏ । ମକର ଚଉରାଶି ଭୋଗ ମଧ୍ୟ ଏହି ଦିନ ର ଏକ ବିଶେଷ ନୀତି । ତଥ୍ୟ ଅନୁସାରେ , ଏହି ଦିନ ହିଁ ଶ୍ରୀମନ୍ଦିର ରେ ସର୍ବାଧିକ ପର୍ବାଣି ଭୋଗ ହୋଇଥାଏ । ଏହାର ପ୍ରକାର ଚଉରାଶି ହୋଇଥିବାରୁ ଏବଂ ମକର ସଂକ୍ରାନ୍ତିରେ ଏହି ଭୋଗ ହେଉଥିବାରୁ ଏହାର ନାମ 'ମକର ଚୌରାଶିଆ' । ଏହିଦିନ ମଧ୍ୟ ମକର ଚାଉଳ ଓ ବୃହତ ଆକାରର ବିଡିଆ ପାନ ଠାକୁରଙ୍କୁ ମଣୋହି ହୋଇଥାଏ ।


ଜନଶ୍ରୁତି ଅନୁସାରେ ଧନୁ ସଂକ୍ରାନ୍ତି ଠାରୁ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ଶ୍ରୀଦେବୀ (ଦେବୀ ଲକ୍ଷ୍ମୀ ) ନିଜ ପିତ୍ରାଳୟ (ବାପଘର)କୁ ଯାଇଥାଆନ୍ତି । ସେହି ସମୟ ରେ ଶ୍ରୀ ଜଗନ୍ନାଥଙ୍କୁ ଶ୍ରୀ କୃଷ୍ଣ ଭାବରେ ମାଆ ଯଶୋଦା ସ୍ନେହରେ ପହିଲି ଭୋଗ ପ୍ରସ୍ତୁତ କରି ଖୁଆନ୍ତି । ମକର ସଂକ୍ରାନ୍ତି ଦିନ ଶ୍ରୀ ଦେବୀ ଶ୍ରୀ ମନ୍ଦିରକୁ ଫେରନ୍ତି । ସେ ନିଜ ସହିତ ଯେଉଁ ଦ୍ରବ୍ୟ ଆଣିଥାନ୍ତି, ତାହା ମହାପ୍ରଭୁଙ୍କୁ ନୈବେଦ୍ୟ ହୁଏ । ସେଥିପାଇଁ, ଏହି ପର୍ବାଣି ଭୋଗର ସଂଖ୍ୟା ସର୍ବାଧିକ ଯାହାର ପ୍ରକାର ଚଉରାଶି ।

ମକର ଚଉରାଶି ବେଶ ପାଇଁ ବାଉଁଶ ପାତିଆ କଦଳୀ ପଟୁକା ଏବଂ ମୁଖ୍ୟତଃ ତୁଳସୀରେ ପ୍ରଭୁଙ୍କ ପାଇଁ ଯେଉଁ ସ୍ୱତନ୍ତ୍ର ଚୂଳ ପାରମ୍ପରିକ କାରିଗର ପ୍ରସ୍ତୁତ କରନ୍ତି, ତାହାର ନାମ 'ମକର ଚୂଳ' । ଗେଣ୍ଡୁ ଫୁଲର ବେଢ଼ଣରେ ତାହା ଖୁବ ସୁନ୍ଦର ଦେଖା ଯାଏ ଏବଂ ପ୍ରଭୁଙ୍କ ପ୍ରତି ଭକ୍ତଙ୍କର ଆକର୍ଷଣ ବଢ଼ିଥାଏ ।

(ସଂଗୃହୀତ ତଥ୍ୟ ଆଧାରରେ ପ୍ରସ୍ତୁତ)

# ଡଃ ସୁମିତ୍ରା ମିଶ୍ରଙ୍କ ସୃଷ୍ଟି ସମ୍ଭାର





# ବନ୍ଦନୀୟ ବାନ୍ଦଶିଳ୍ପୀ



# ଅସାଧାରଣ ବାନ୍ଧଶିଳ୍ପୀ : ସୁରେନ୍ଦ୍ର ମେହେର

**ଦେଶ ବିଦେଶରେ ସମ୍ବଲପୁରୀ ବାନ୍ଧକଳା ତଥା ବସ୍ତ୍ରକୁ ସ୍ୱତନ୍ତ୍ର ମର୍ଯ୍ୟାଦା ଆଣି ଦେବାରେ ଯେଉଁ କତିପୟ ବାନ୍ଧଶିଳ୍ପୀଙ୍କ ଉଲ୍ଲେଖନୀୟ ଅବଦାନ ରହିଛି, ତନ୍ମଧ୍ୟରେ ୟୁନେସ୍କୋ ପୁରସ୍କାର ବିଜେତା ଡକ୍ଟର ସୁରେନ୍ଦ୍ର ମେହେର ଅନ୍ୟତମ । ଯୁଗଚାହିଦା ଏବଂ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ମୂଲ୍ୟକୁ ବୁଝିବିଚାରି ସର୍ଜନ ଦିଗରେ ନିଜକୁ ମନୋନିବେଶ କରିପାରୁଥିବା ଶିଳ୍ପୀ ହେଉଛନ୍ତି ସୁରେନ୍ଦ୍ର । ସମ୍ବଲପୁରୀ ଶାଢ଼ିର ନୂଆ ନୂଆ ଡିଜାଇନ୍ ପ୍ରସ୍ତୁତ କରି ଏହାକୁ ଭିନ୍ନ ଏକ ଉଚ୍ଚତାରେ ପହଞ୍ଚାଇବାରେ ତାଙ୍କର କୃତିତ୍ୱ ଅବିସମ୍ବାଦିତ । ବାନ୍ଧକଳାରେ ତାଙ୍କର ସୃଜନଶୀଳତା, ମୌଳିକତା ଓ ଅଭିନବତାର ତୁଳନା ନାହିଁ; ତାଙ୍କର କଳାକୃତିରେ ଅସାଧାରଣତ୍ୱ ବାରି ହୋଇପଡ଼େ । ପ୍ରସିଦ୍ଧ ବାନ୍ଧଶିଳ୍ପୀ ପଦ୍ମଶ୍ରୀ କୁଞ୍ଜବିହାରୀ ମେହେରଙ୍କ ସୁପୁତ୍ର ଭାବେ ବୟନ କଳାକୁ ସେ ଯେପରି ଆୟତ୍ତ କରି ପାରିଛନ୍ତି ଏବଂ ବିଶ୍ୱବ୍ୟାପୀ କରିବାରେ ଆତ୍ମମଗ୍ନ ହୋଇ କାମ କରି ଚାଲିଛନ୍ତି, ତାହା ନିଷ୍ଚିତ ଭାବେ ଦୃଷ୍ଟାନ୍ତମୂଳକ ଓ ପ୍ରେରଣାଦାୟକ । ଏହି ଅନନ୍ୟ ପ୍ରତିଭାବାନ ବାନ୍ଧଶିଳ୍ପୀଙ୍କ ଉପରେ ସ୍ୱତନ୍ତ୍ର ଉପସ୍ଥାପନା 'ରେବତୀ'ର ପରିକଳ୍ପନା । ସମକାଳର ଚର୍ଚ୍ଚିତ ଯୁବକବି ମନୋଜ ମେହେରଙ୍କ ପ୍ରସ୍ତୁତି ।**


## ମନୋଜ ମେହେର

'ସମାଜ' କାର୍ଯ୍ୟାଳୟ, ଗୋପବନ୍ଧୁ ଭବନ, କଟକ-୧
ଫୋନ: ୯୪୩୮୭୦୫୨୫୬


ମୁଖ୍ୟପୃଷ୍ଠ ପୋଟ୍ରେଟ୍ : ବିମଳ ଦାସ
ଫଟୋ ସୌଜନ୍ୟ : ଲେଖକ



▶ଲେଖକ ମନୋଜ ମେହେର

ଆଜି ବିଶ୍ୱରେ ପୂର୍ବଭାରତର ଯେଉଁ ଦୁଇଟି ସାମଗ୍ରୀ ସ୍ୱକୀୟ ଗୁଣବତ୍ତା ପାଇଁ ସ୍ୱତନ୍ତ୍ର ବଜାର ଓ ପରିଚୟ ସୃଷ୍ଟି କରିପାରିଛି, ତନ୍ମଧ୍ୟରେ ଦାର୍ଜିଲିଂ ଚା ଓ ସମ୍ବଲପୁରୀ ଶାଢ଼ି ଅନ୍ୟତମ । ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପୂର୍ବତନ ରାଷ୍ଟ୍ରପତି ପ୍ରତିଭା ପାଟିଲ, ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ, ପୂର୍ବତନ କଂଗ୍ରେସ ସଭାନେତ୍ରୀ ସୋନିଆ ଗାନ୍ଧୀ, ପୂର୍ବତନ ବିଶ୍ୱସୁନ୍ଦରୀ ଐଶ୍ୱର୍ଯ୍ୟା ରାୟ, ଡ୍ରିମଗାର୍ଲ ହେମାମାଳିନୀ, ବିଦ୍ୟା ବାଲାନ, ଅର୍ଥ ମନ୍ତ୍ରୀ ସୀତାରମଣଠୁ ଆରମ୍ଭ କରି ସିନେତାରକା ତଥା ସେଲିବ୍ରିଟି ଯେପରି ଭାବେ ସମ୍ବଲପୁରୀ ଶାଢ଼ି ପରିଧାନ କରୁଛନ୍ତି, ତାହା ହିଁ ଏହାର ଲୋକପ୍ରିୟତାକୁ ପ୍ରମାଣ କରୁଛି । କେବଳ ଶାଢ଼ି ନୁହେଁ; ସମ୍ବଲପୁରୀ ବିଛଣା, ଚାଦର, ରୁମାଲ, ଓଢ଼ଣି, ଡ୍ରେସ୍‌କନା, ସ୍କାର୍ଫ, ୱାଲହେଙ୍ଗିଂ, ଉପଢ଼ୌକନ ଆଦି ବିଶ୍ୱ ଦରବାରରେ ଆଦୃତ ହୋଇପାରିଛି । ଏହାର ବିଶେଷତ୍ୱ ହେଉଛି ଯେ ଶାଢ଼ି ବୟନ ପୂର୍ବରୁ ଶିଳ୍ପୀ ନିଜେ ଏହାର ନକ୍ସା ଆଙ୍କିଥାଆନ୍ତି । ଏହା ତାଙ୍କର ସ୍ୱକୀୟ ମୌଳିକ କଳ୍ପନା । ତଦନୁଯାୟୀ ସୂତାକୁ ବାନ୍ଧି ରଙ୍ଗ କରାଯାଏ । ଡିଜାଇନ ଅନୁସାରେ ଯେଉଁ ଅଂଶତକ ବାନ୍ଧି ଦିଆଯାଏ ସେଥିରେ ରଙ୍ଗ ଲାଗେନାହିଁ । ପରେ ଆବଶ୍ୟକ ରଙ୍ଗ ଦେଇ ଚିତ୍ର ଓ ଡିଜାଇନ ସହ ବୁଣାଯାଏ । ଏହି ବାନ୍ଧକଳାର ସ୍ୱତନ୍ତ୍ର ଶୈଳୀ ରହିଥିବାରୁ ଅବିକଳ ଚିତ୍ରର ବିନ୍ୟାସ ଲୁଗାର ଉଭୟ ପାର୍ଶ୍ୱରେ ବାନ୍ଧି ରଖାଯାଏ । ଉଲ୍ଲେଖନୀୟ ବିଷୟ ହେଲା, ସମ୍ବଲପୁରୀ ବସ୍ତ୍ର ବୟନ ଦିଗରେ ଶିଳ୍ପୀକୁଳ ଯେତେ ଆତ୍ମମଗ୍ନ ଥିଲେ ହେଁ 'ଭୁଲିଆ' ବା ମେହେର ଜାତିର ବାନ୍ଧଶିଳ୍ପୀ ବୁଣୁଥିବା ବସ୍ତ୍ର ସବୁଠାରୁ ଅଧିକ ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ଓ ସୃଜନଶୀଳତାର ପରିଚୟ ଦିଏ ।

ଦେଶବିଦେଶରେ ସମ୍ବଲପୁରୀ ବାନ୍ଧକଳା ତଥା ଶାଢ଼ିକୁ ସ୍ୱତନ୍ତ୍ର ମର୍ଯ୍ୟାଦା ଆଣି ଦେବାରେ ଯେଉଁ କତିପୟ ବାନ୍ଧଶିଳ୍ପୀ ସ୍ୱୀୟ ପ୍ରତିଭାର ପରାକାଷ୍ଠା ପ୍ରଦର୍ଶନ କରିଯାଇଛନ୍ତି ତନ୍ମଧ୍ୟରେ ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ, ରାଧେଶ୍ୟାମ ମେହେର, ପଦ୍ମଶ୍ରୀ ଯଦୁନାଥ ସୂପକାର, ପଦ୍ମଶ୍ରୀ କୁଞ୍ଜବିହାରୀ ମେହେର, ମୋହନ ମେହେର ଓ ପଦ୍ମଶ୍ରୀ ଚତୁର୍ଭୁଜ ମେହେରଙ୍କ କ୍ରମରେ ଡକ୍ଟର ସୁରେନ୍ଦ୍ର ମେହେର ଏକ ଅଭିନବ ସଂଯୋଗ ।

ସୁରେନ୍ଦ୍ରଙ୍କ ବାନ୍ଧକଳାର ବୈଶିଷ୍ଟ୍ୟ ଏହା ଯେ ସେ ଏକ ସମୟରେ ପାରମ୍ପରିକ ଓ ଆଧୁନିକ ଦୃଷ୍ଟିସମ୍ପନ୍ନ ଏବଂ 'ଇକତ୍' କଳାଧର୍ମ ରକ୍ଷା କରି ନିଜ କାରିଗରୀର ପରିପ୍ରକାଶ କରିଥାଆନ୍ତି । ଉଭୟ ସୂତା ଓ ସିଲ୍‌କ୍‌ରେ ନିଜସ୍ୱ ଡିଜାଇନରେ ଉଚ୍ଚମାନର ଗୁଣାତ୍ମକ ସମ୍ବଲପୁରୀ ଶାଢ଼ି, ୱାଲ୍‌ପେଣ୍ଟିଂ ଆଦି ସୃଷ୍ଟି କରିଥାଆନ୍ତି । ତାଙ୍କର ରଙ୍ଗ ଶୈଳୀ ଏବଂ ଚିତ୍ରବିନ୍ୟାସ ତାଙ୍କୁ ସ୍ୱତନ୍ତ୍ର ଭାବେ ଚିହ୍ନଟ କରାଏ । ମୋଟାମୋଟି କହିବାକୁ ଗଲେ ଯୁଗଚାହିଦା ଏବଂ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ମୂଲ୍ୟକୁ ବୁଝିବିଚାରି ସର୍ଜନ ଦିଗରେ ନିଜକୁ ମନୋନିବେଶ କରିପାରୁଥିବା ଶିଳ୍ପୀ ହେଉଛନ୍ତି ସୁରେନ୍ଦ୍ର । ଅନ୍ୟପକ୍ଷରେ ମୁକ୍ତମନ ଓ ଭାବନା ନେଇ ସେ ଅନ୍ୟ ଭାରତୀୟ ପ୍ରସିଦ୍ଧ ବୟନ କଳା ସହ ସମ୍ବଲପୁରୀର ପରୀକ୍ଷାନିରୀକ୍ଷା

କରିବା ସହ ଫ୍ୟୁଜନ ଘଟାଇ ଚାଲିଛନ୍ତି । ଏ ଦିଗରେ ବଡ଼ କଥା ହେଲା ସୁରେନ୍ଦ୍ର ସର୍ବଦା ପରମ୍ପରା ଓ ଶାସ୍ତ୍ରୀୟତାକୁ ସମ୍ମାନ ଦେଇ ହିଁ ଯାହା କିଛି ସୃଷ୍ଟି କରନ୍ତି । ଏଥିପାଇଁ ସେ ଆଜିର ପ୍ରସିଦ୍ଧ ବାନ୍ଧଶିଳ୍ପୀଙ୍କ ମଧ୍ୟରେ ବାରି ହୋଇପଡ଼ନ୍ତି ଏବଂ ଏହି କଳାର ଜଣେ ସାର୍ଥକ ପ୍ରତିନିଧି ଭାବେ ଦେଶବିଦେଶରେ ବାନ୍ଧକଳାର ଜୀବନ୍ତ ପ୍ରଦର୍ଶନୀ କରିବା ସହ ବିଭିନ୍ନ ସମ୍ମାନ ଓ ଆଲୋଚନାଚକ୍ରରେ ଅଂଶଗ୍ରହଣ କରି ସମ୍ବଲପୁରୀ ବସ୍ତ୍ରର ଉଚ୍ଚ ଗୁଣମାନ ବିଷୟରେ ନିଜର ଗବେଷଣାଲବ୍ଧ ବକ୍ତବ୍ୟ ରଖୁଛନ୍ତି ।


ନିକଟ ଅତୀତରେ ସୁରେନ୍ଦ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଇକତ ପୋଟ୍ରେଟ୍ ତିଆରି କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ସେହିପରି ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ପ୍ରତିକୃତି ସହିତ ତାଙ୍କର ପ୍ରସିଦ୍ଧ କବିତା 'ମଧୁମୟ' 'ମହିମା'କୁ ସମ୍ବଲପୁରୀ କପଡ଼ାରେ ନିଖୁଣ ଭାବେ ବୟନ କରି ବାନ୍ଧକଳାର ଅପୂର୍ବ ନିଦର୍ଶନ ଆଙ୍କିଯାଇଛନ୍ତି । ମାଆ ସମଲେଇ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତିକୃତି ଅଙ୍କନ କରି ସିଦ୍ଧହସ୍ତର ପରିଚୟ ଦେଇଛନ୍ତି । ସେ ତିଆରି କରିଥିବା 'କଳିଙ୍ଗରତ୍ନ', 'ରୁଦ୍ରାକ୍ଷ', 'ମାଳିନୀତୋୟା', 'ପାଞ୍ଚଜନ୍ୟ' ଆଦି ଶାଢ଼ି ଜାତୀୟସ୍ତରରେ ଓଡ଼ିଶା ପାଇଁ ବେଶ୍ ଗୌରବ ଆଣି ଦେବା ସହ ନିଜକୁ ବିଶ୍ୱର ଜଣେ ମାଷ୍ଟର କ୍ରାଫ୍ଟମ୍ୟାନ ଭାବେ ପ୍ରତିଭାତ ହୋଇପାରିଛନ୍ତି । ତାଙ୍କ କୃତ 'କଳାରତ୍ନ' ସିଲ୍କ୍ ଶାଢ଼ି ଜାତୀୟ ପୁରସ୍କାର ଲାଭ କରିଥିବା ବେଳେ ଏସୀୟ କଳା ଓ ଆମେରିକାର ସାନ୍‌ଫ୍ରାନ୍‌ସିସ୍‌କୋ ସଂଗ୍ରହାଳୟରେ ସଂଗୃହୀତ ହୋଇରହିଛି । ୧୯୮୭ ମସିହାରୁ ଭାରତ, ବେଙ୍ଗାଲୁରୁ, ମୁମ୍ବଇ, ପୁଣେ,

▼ ପୁରା ପରିବାର ସହ ବାନ୍ଧଶିଳ୍ପୀ ସୁରେନ୍ଦ୍ର



ହାଇଦରାବାଦ, କଲକାତା, ନୂଆଦିଲ୍ଲୀ ପ୍ରଭୃତି ସ୍ଥାନରେ ସୁରେନ୍ଦ୍ର ନିଜର କୃତି ପ୍ରଦର୍ଶନ କରିଥିବା ବେଳେ ସୁରଜକୁଣ୍ଡରୁ 'କଳାନିଧି', ଓ 'କଳାରତ୍ନ' ସମ୍ମାନର ଅଧିକାରୀ ହୋଇ ପାରିଛନ୍ତି । ସେହିପରି, ଭାରତ ସରକାରଙ୍କ ଦ୍ୱାରା ମନୋନୀତ ହୋଇ ଦୁବାଇ, ସାନ୍‌ଫ୍ରାନ୍‌ସିସ୍‌କୋ, ଭିଏନା, ଅଷ୍ଟ୍ରିଆ, ଲଣ୍ଡନ, ହଲାଣ୍ଡ ଓ ଜେରୁଜେଲମ୍ ଠାରେ ଅନୁଷ୍ଠିତ ହସ୍ତଶିଳ୍ପ ଓ କଳା ପ୍ରଦର୍ଶନୀରେ ଅଂଶଗ୍ରହଣ କରି ସେଠାରେ ଜୀବନ୍ତ ବୟନ କଳା ପ୍ରଦର୍ଶନ କରି ବିଶ୍ୱର ବାନ୍ଧଶିଳ୍ପପ୍ରେମୀ ତଥା ସମୀକ୍ଷକଙ୍କୁ ଆଶ୍ଚର୍ଯ୍ୟଚକିତ କରିଛନ୍ତି । ପରିସ୍ଥିତି ଏପରି ହୋଇଥିଲା ଯେ ପ୍ରସିଦ୍ଧ

# ବାନ୍ଧଶିଳ୍ପୀଙ୍କୁ କୁଶଳୀ ଓ ସ୍ୱାବଲମ୍ବୀ କରାଯାଉ



**◆ ଏକ ମନୋଜ୍ଞ ବାନ୍ଧକଳା ପାଇଁ ନିଜକୁ ପ୍ରସ୍ତୁତ କରନ୍ତି କିପରି ?**

❖ ବାନ୍ଧ ଓ ବୟନ କଳାର ଶିଳ୍ପୀପ୍ରାଣ ସମ୍ପୂର୍ଣ୍ଣ ଭିନ୍ନ; କାରଣ ଏହା ସମ୍ପୂର୍ଣ୍ଣ ପାରମ୍ପରିକ ଏବଂ ନାରୀସମାଜ ପାଇଁ ଉତ୍ସର୍ଗୀକୃତ । ନାରୀର ଶ୍ରୀ ଓ ସୁନ୍ଦରତା କିପରି ଏହି କଳାର ଆଭୂଷଣ ମାଧ୍ୟମରେ ବୃଦ୍ଧି ପାଇବ ଓ ଉତ୍କଳୀୟ ସଂସ୍କୃତି - ପରମ୍ପରାର ଗୌରବ ବାନା ଉଡ଼ାଇବ,ଏ ସବୁକୁ ମାନସିକ ସ୍ତରରେ ରଖି ପ୍ରସ୍ତୁତ ହେବାକୁ ପଡ଼ିଥାଏ ।

**◆ ସମ୍ବଲପୁରୀ ବସ୍ତ୍ରର ଚାହିଦା ବୃଦ୍ଧି ପାଇବାର ମୁଖ୍ୟ କାରଣ କ'ଣ ? ଦେଶବିଦେଶରେ ଏହାକୁ କେମିତି ଦେଖନ୍ତି ?**

❖ ଏହା ଯେତିକି କାରିଗରୀପୂର୍ଣ୍ଣ, ସେତିକି ମନଲୋଭା ଓ ଗ୍ୟାରେଂଟିଯୁକ୍ତ । ଗୁରୁତ୍ୱପୂର୍ଣ୍ଣ ହେଲା ଏହା ପରିବେଶ ଅନୁକୂଳ । ବିଶ୍ୱରେ ସମ୍ବଲପୁରୀ ଶାଢ଼ି ଓ ବସ୍ତ୍ରର ତୁଳନା ନାହିଁ । ଦେଶବିଦେଶରେ ଏହାର ନାହିଁ ନ ଥିବା ଚାହିଦା ରହିଛି । ସମ୍ବଲପୁରୀ ଶାଢ଼ି ବିଷୟରେ କିଛି ଜାଣି ନ ଥିବା ବିଦେଶୀ ପର୍ଯ୍ୟଟକ ତଥା କ୍ରେତା ଏହାକୁ ଛପାଶାଢ଼ି ମନେକରିଥାନ୍ତି; ମାତ୍ର ଏହାର ଜୀବନ୍ତ ପ୍ରଦର୍ଶନ କରି ଯେତେବେଳେ ମୁଁ ଆମେରିକା,ଲଣ୍ଡନ, ଦୁବାଇ ଓ ଇସ୍ରାଏଲ ପ୍ରଭୃତି ସ୍ଥାନରେ ବୁଣି କରି ଦେଖାଇଦେଇଛି, ସେମାନେ ଅଭିଭୂତ ହୋଇଛନ୍ତି । ସମ୍ବଲପୁରୀ ବସ୍ତ୍ରର ଅନ୍ତର୍ଜାତୀୟ ବଜାର ସୃଷ୍ଟି କଲେ ଏଠାରେ ଯେଉଁ ବସ୍ତ୍ର ସାମାନ୍ୟ ମୂଲ୍ୟରେ ବିକ୍ରି ହେଉଛି, ତା'ଠୁ ବହୁ ଗୁଣରେ ବିକ୍ରି ହେବ ।

**◆ ଓଡ଼ିଶାର ବାନ୍ଧଶିଳ୍ପୀଙ୍କ ଅବସ୍ଥା କିପରି ?**

❖ ସମ୍ବଲପୁରୀ ଶାଢ଼ି ଓ ବସ୍ତ୍ରର ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଚାହିଦା ବୃଦ୍ଧିପାଉଛି ସତ; କିନ୍ତୁ ଏହାଦ୍ୱାରା ସାଧାରଣ ଓ ତଳସ୍ତରର ବୁଣାକାର ଲାଭବାନ ହୋଇପାରୁନାହାନ୍ତି କିମ୍ବା ସେମାନଙ୍କର ଆର୍ଥିକ ଅବସ୍ଥାରେ ବିଶେଷ ଉନ୍ନତି ଘଟୁନାହିଁ । ଫଳରେ ବୁଣାକାର ପରିବାରର ଦାୟାଦମାନେ ସେମାନଙ୍କ କୌଳିକ ବୃତ୍ତି ପରିତ୍ୟାଗ କରୁଛନ୍ତି । ତା'ର କାରଣ ଏମାନେ ନୂତନ ଡିଜାଇନ ସୃଷ୍ଟି କରି ଶାଢ଼ି ବୟନ କରିବା ସହଜ ହୋଇନଥାଏ । ଅନେକାଂଶରେ ଏମାନେ ବୟନଶାଳାରେ ନାଁକୁ ଥଇଥାନ ହୋଇ କେବଳ ଗୁଜୁରାଣ ମେଣ୍ଟାଇବା ସାର ହୋଇଥାଏ । କୁଶଳୀ ଶିଳ୍ପୀ ମଧ୍ୟ ବହୁ ସମୟରେ ଉପଯୁକ୍ତ କାମ ଓ ପ୍ରୋତ୍ସାହନ ପାଇପାରୁନଥିବାରୁ ଏମାନଙ୍କର ପରିସ୍ଥିତି ଖୁବ୍ ଶୋଚନୀୟ । ଏହାଛଡ଼ା ସମ୍ବଲପୁରୀ ବାନ୍ଧକୁ ଡିଜାଇନ କରି ନକଲି ଛପାଶାଢ଼ି ବଜାରକୁ ଛଡ଼ାଯାଉଥିବାରୁ ଏହା ବାନ୍ଧକଳା ଓ କାରିଗର

▼ ଡିଜାଇନ୍ ପ୍ରସ୍ତୁତି ଓ ବୟନରେ ମଗ୍ନ ଶିଳ୍ପୀ ସୁରେନ୍ଦ୍ର





କଳା ସମୀକ୍ଷକ ଏଲିଜାବେଥ୍ ଗାଏକ୍ଲିଫ୍ ତାଙ୍କୁ ବାନ୍ଧକଳାର ଲିଓନାର୍ଡ଼ୋ ଦା ଭିନ୍ସି ବୋଲି ମତାମତ ପୁସ୍ତିକାରେ ଉଲ୍ଲେଖ କରିଛନ୍ତି । ସେହିପରି ପ୍ରଥମର ଥର ପାଇଁ ସେ ଯେତେବେଳେ ଆମେରିକାରେ ସମ୍ବଲପୁରୀ ବସ୍ତ୍ର ବୟନର ଜୀବନ୍ତ ପ୍ରଦର୍ଶନ କରୁଥିଲେ, ତାହାକୁ ଦେଖି ଜଣେ ପ୍ରତିଷ୍ଠିତ କଳା ସମୀକ୍ଷକ ଅଭିଭୂତ ହେବା ସହ କୌଣସି ଉଚ୍ଚତର ଜ୍ଞାନକୌଶଳଯୁକ୍ତ ମେସିନ ଉତ୍ପାଦ ଏହା ସହ ତୁଳନୀୟ ହୋଇପାରିବ ନାହିଁ ବୋଲି ପ୍ରକାଶ କରିଥିଲେ । ଏହି ପଦକ କଥା ଯୁବ ବାନ୍ଧଶିଳ୍ପୀ ସୁରେନ୍ଦ୍ରଙ୍କ ଭିତରେ ଆତ୍ମବିଶ୍ୱାସକୁ ବଢ଼ାଇ ଦେଇଥିଲା ଏବଂ ସେ ଆତ୍ମମଗ୍ନ ହୋଇ ବାନ୍ଧକଳାରେ ସୃଜନଶୀଳତା ଓ ପରୀକ୍ଷାନିରୀକ୍ଷା ଧର୍ମିତାକୁ ପ୍ରୟୋଗ ଦିଗରେ ବ୍ରତୀ ରହିଲେ ।

ସୁରେନ୍ଦ୍ରଙ୍କ ପାଇଁ ବଡ଼ ଉପଲବ୍ଧିର ବିଷୟ ହେଉଛି ଓଡ଼ିଶା କଳା ସଂଗ୍ରହାଳୟ 'କଳାଭୂମି'ର କେନ୍ଦ୍ରୀୟ ହଲ୍‌ରେ ତାଙ୍କର 'ବୈଦେହୀ ଦୟ ଶାଢ଼ି'(କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଚିତ୍ରକାବ୍ୟ ବଇଦେହୀଶବିଳାସ ଉପରେ ଆଧାରିତ) ଏବଂ 'ମଧୁମୟ ୱାଲ୍ ହେଙ୍ଗିଙ୍ଗ୍'(ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ପ୍ରତିକୃତି ସହ ସମ୍ପୂର୍ଣ୍ଣ କବିତା)ସ୍ଥାନ ପାଇଛି । ସନ୍ଥକବି ଭୀମ ଭୋଇଙ୍କ ପ୍ରସିଦ୍ଧ କବିତା 'ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ..'ର ପ୍ରଥମ ପଙ୍‌କ୍ତିକୁ ଗୋଟିଏ କପଡ଼ାରେ ଓଡ଼ିଆ, ହିନ୍ଦୀ ଓ ଇଂରାଜୀରେ ନିଖୁଣ ଭାବେ ବୟନ କରି ଚମତ୍କାରିତା ପ୍ରଦର୍ଶନ କରିଛନ୍ତି ।

ଉପରେ ପ୍ରଭାବ ପକାଉଛି । ଏହାକୁ ପେଟେଣ୍ଟ ସହ ଜିଆଇ ମାନ୍ୟତା ମିଳିବା ନିତାନ୍ତ ଜରୁରୀ । ଦେଶ ସ୍ୱାଧୀନ ହେବା ପୂର୍ବରୁ ଏବଂ ପରେ ମଧ ହସ୍ତଶିଳ୍ପ କରମୁକ୍ତ ଥିଲା । ଏବେ ଜିଏସ୍‌ଟି ଲାଗୁ କରାଯିବା ଫଳରେ ବୁଣାକାରଙ୍କ ଉପରେ ଏହାର ସିଧାସଳଖ ପ୍ରଭାବ ପଡୁଛି ।

◆ **କ'ଣ କଲେ ତୃଣମୂଳ ସ୍ତରରେ କାମ କରୁଥିବା ବୁଣାକାରମାନେ ଉପକୃତ ହେବେ ?**

❖ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ସ୍ଥାନରେ 'ବୟନ ବିହାର' ପ୍ରତିଷ୍ଠା କରି ବୁଣାକାରଙ୍କୁ ସ୍ୱୀକୃତି ଦେବା ସହ ଏଥିରୁ ଉତ୍ପାଦିତ ବସ୍ତ୍ରର ବଜାର ସୃଷ୍ଟି ଦିଗରେ ତତ୍ପରତା ଦେଖାଇଲେ ସମ୍ଭବ ହୋଇପାରିବ । ତା'ଛଡ଼ା, ଏହି କଳାକୁ ଓଡ଼ିଶାରେ ଧନ୍ଦାମୂଳକ ଶିକ୍ଷା ପ୍ରତିଷ୍ଠାନରେ ଅନ୍ତର୍ଭୁକ୍ତ କରାଯିବା ସହ ବୁଣାକାରଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଯୋଜନା କରିବାର ଆବଶ୍ୟକତା ରହିଛି । ବରଗଡ଼ଠାରେ କେନ୍ଦ୍ର ସରକାରଙ୍କ ସହାୟତାରେ ଯେଉଁ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ? ହ୍ୟାଣ୍ଡଲୁମ୍ ଟେକ୍ନୋଲୋଜି (ଆଇଆଇଏଚଟି) ପ୍ରତିଷ୍ଠା ହୋଇଛି, ତାହା ଡିପ୍ଲୋମା ପର୍ଯ୍ୟାୟଭୁକ୍ତ; ତାହାକୁ ଡିଗ୍ରୀକୁ ଉନ୍ନୀତ କରିବାର ଆବଶ୍ୟକତା ରହିଛି । ଏହା ହେଲେ ନୂଆପିଢ଼ି ଏଥିପ୍ରତି ଆକୃଷ୍ଟ ହେବେ ଏବଂ ଏହାକୁ ଏକ ଚାରୁକଳା ଭଳି ମାନ୍ୟତା ମିଳିବ । ବାନ୍ଧଶିଳ୍ପୀଙ୍କୁ କୁଶଳୀ ଓ ସ୍ୱାବଲମ୍ବୀ କରିବା ପାଇଁ ଏହା ନିତାନ୍ତ ଜରୁରୀ । ଆନ୍ତର୍ଜାତିକ ସ୍ତରରେ ଗ୍ରାହକ ଯେଉଁ ଡିଜାଇନ ଓ ମାନ ଚାହୁଁଛନ୍ତି ସ୍ଥାନୀୟ ବୁଣାକାରମାନେ ତାହା ଯୋଗାଇ ପାରୁ ନାହାନ୍ତି । ସରକାରୀ ଓ ବେସରକାରୀ ସ୍ତରରେ ଉପଯୁକ୍ତ ପ୍ରଶିକ୍ଷଣ ଓ ପ୍ରୋତ୍ସାହନ ଦରକାର ।



▼ ଜାତୀୟ ପୁରସ୍କାର ପ୍ରାପ୍ତ ବାନ୍ଧଶିଳ୍ପୀ ଶାନ୍ତିଲତାଙ୍କ ସହିତ

◆ **ସମ୍ବଲପୁରୀ ବସ୍ତ୍ରର ଜାତୀୟ ଓ ଅନ୍ତର୍ଜାତୀୟ ବଜାରରେ ବିକ୍ରିବଟା ପାଇଁ ଆଇଆଇଏମ-ଫ୍ଲିପ୍‌କାର୍ଟ ମଧ୍ୟରେ ବୁଝାମଣା ହୋଇଛି । ଏହାକୁ ଆପଣ କେମିତି ଦେଖନ୍ତି ?**

❖ ପଶ୍ଚିମ ଓଡ଼ିଶାର ବୁଣାକାର ପୂର୍ବାପେକ୍ଷା ଏବେ ଉନ୍ନତ । ଆଇଆଇଏମ ବୁଣାକାର ଓ ସମ୍ବଲପୁରୀ ବସ୍ତ୍ର ପାଇଁ ବିପଣନ ସୁଯୋଗ ସୃଷ୍ଟି କରିଛି । ସମ୍ବଲପୁରୀ ବସ୍ତ୍ର କେବଳ ବିକ୍ରିଯୋଗ୍ୟ ବସ୍ତ୍ର ନୁହେଁ, ଏହା ତାର ବୌଦ୍ଧିକ ସମ୍ପଦ । ତେଣୁ ଫ୍ଲିପ୍‌କାର୍ଟ ବ୍ୟବସାୟରେ ସ୍ୱତନ୍ତ୍ର ନିୟମ ରଖିବା ଆବଶ୍ୟକ । ବରାଦ ଓ ଫେରସ୍ତ ନୀତି ନିୟମ ସଂଶୋଧନ ହେବା ଉଚିତ । ଏବେ ଅଧିକ ସଂଖ୍ୟାରେ ପ୍ରତିଭାବାନ ବୁଣାକାର ଉପଯୁକ୍ତ ବଜାର ପାଇପାରିବେ ।

◆ **ଆପଣଙ୍କ ଭବିଷ୍ୟତ ଯୋଜନା କ'ଣ ?**

❖ ବରଗଡ଼ ଠାରେ ଏକ 'ହ୍ୟାଣ୍ଡଲୁମ୍ ପାର୍କ' ପ୍ରତିଷ୍ଠା ସ୍ଥାପନ କରିବାର ସ୍ୱପ୍ନ ରହିଛି । ୨୦୦୯ ରୁ ଏଥିପାଇଁ ଦଶ ଏକର ଜମି ଚିହ୍ନଟ ହେବା ସହ ୫୦ କୋଟି ଟଙ୍କାର ବ୍ୟୟ ଅଟକଳ ପ୍ରସ୍ତାବ ସରକାରଙ୍କୁ ଦିଆ ଯାଇଛି । ଏହା ଅଦ୍ୟାବଧି କାର୍ଯ୍ୟକାରୀ ହୋଇ ପାରିନାହିଁ । ଏଥିରେ ଶହେରୁ ଉର୍ଦ୍ଧ୍ୱ ରାଜ୍ୟ ଓ ଜାତୀୟ ପୁରସ୍କାରପ୍ରାପ୍ତ ବୁଣାକାର ସାମିଲ ଅଛନ୍ତି । ଏହା ହେଲେ ସହ ସହସ୍ରାଧିକ ଅଣକୁଶଳୀ ଏବଂ ଅଣଭୁଲିଆ ବୁଣାକାରଙ୍କୁ ସ୍ୱତନ୍ତ୍ର ତାଲିମ ଦିଆଯାଇ କୁଶଳୀ କରାଯାଇ ପାରିବ । ଦିନକୁ ଦିନ ବୁଣାକାରଙ୍କ ସଂଖ୍ୟା କମିଯାଉଥିବା ବେଳେ କାମଧନ୍ଦା ନ ପାଇ ଯେଉଁମାନେ ଭିଟାମାଟି ଛାଡ଼ି ଦାଦନ ଖଟିବାକୁ ଯାଉଛନ୍ତି, ସେମାନଙ୍କ ପାଇଁ ସ୍ଥାୟୀ ଭାବେ ରୋଜଗାରର ପନ୍ଥା ବାହାର କରାଯିବ; ତାଙ୍କ ଜରିଆରେ ଉଚ୍ଚମାନର ବସ୍ତ୍ର ବୁଣାଯାଇପାରିବ । ସମ୍ବଲପୁରୀ ବସ୍ତ୍ରକୁ ରପ୍ତାନୀ ସହ ସ୍ୱତନ୍ତ୍ର ବଜାର ସୃଷ୍ଟି ପାଇଁ ସଂଘବଦ୍ଧ ଭାବେ କିଛି କରିବାର ଇଚ୍ଛା ରହିଛି ।

ଭାରତର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଥମ ଓଡ଼ିଶା ଆଗମନ ପରିପ୍ରେକ୍ଷୀରେ ଭୁବନେଶ୍ୱର ରାଜଭବନ ଠାରେ ଓଡ଼ିଶା ସରକାରଙ୍କ ପକ୍ଷରୁ ନାଗରିକ ସମ୍ବର୍ଦ୍ଧନା ଦିଆ ଯାଇଥିଲା । ଏହି ଅବସରରେ ସୁରେନ୍ଦ୍ର ନିଜେ ସ୍ୱତନ୍ତ୍ର ଭାବେ ବୟନ ସନ୍ଥକବି ଭୀମଭୋଇଙ୍କ ଅମର ଲେଖନୀ 'ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ' ୱାଲ୍‌ହେଙ୍ଗିଙ୍ଗ୍‌କୁ ରାଷ୍ଟ୍ରପତିଙ୍କୁ ପ୍ରଦାନ କରିଥିଲେ । ଶ୍ରୀମତୀ ମୁର୍ମୁ ରାଷ୍ଟ୍ରପ୍ରତି ଭାବେ ଶପଥ ଗ୍ରହଣ କରିବା ଅବସରରେ ତାଙ୍କର ଅଭିବ୍ୟକ୍ତିରେ ଭୀମଭୋଇଙ୍କ ଏହି ଅମରବାଣୀକୁ ଉଲ୍ଲେଖ କରିଥିଲେ । ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଯେ ଏହି ସମୟରେ ବିଭିନ୍ନ ପ୍ରତିଭାଧର ନିଜ ନିଜର ଯେଉଁସବୁ କୃତି ରାଷ୍ଟ୍ରପତିଙ୍କୁ ଭେଟି ଦେଉଥିଲେ ତାହା ପ୍ରଦର୍ଶିତ ହେଉନଥିଲେ । କିନ୍ତୁ ସୁରେନ୍ଦ୍ରଙ୍କ କ୍ଷେତ୍ରରେ ବ୍ୟତିକ୍ରମ ସାବ୍ୟସ୍ତ ହେଲା ଏବଂ ଖୁବ୍ ଉତ୍ସୁକତାର ସହିତ ରାଷ୍ଟ୍ରପତି ଏହି ବାନ୍ଧକୃତିକୁ ଦେଖିଥିଲେ ଏବଂ ଅଭିଭୂତ ହୋଇଯାଇଥିଲେ ।

ସୁରେନ୍ଦ୍ରଙ୍କ ବାନ୍ଧକଳାର ସିଦ୍ଧି ଓ ବିଶେଷ ସ୍ୱୀକୃତି ଉପରେ ଯଦି ଦୃଷ୍ଟି ପକାଇବା ସମ୍ବଲପୁରସ୍ଥିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପକ୍ଷରୁ ହୋଇଥିବା ପ୍ରଥମ ସମାବର୍ତ୍ତନ ସମାରୋହରେ ପ୍ରଥମ ସମ୍ମାନସୂଚକ ଡିଲିଟ୍ ଉପାଧି ପ୍ରାପକ ହେଉଛନ୍ତି ସୁରେନ୍ଦ୍ର । ଜଣେ ବାନ୍ଧଶିଳ୍ପୀଙ୍କୁ କୌଣସି ବିଶ୍ୱବିଦ୍ୟାଳୟରୁ ଏପରି ସମ୍ମାନ ପ୍ରଦାନ ନିଶ୍ଚିତ ଭାବେ ବିରଳ ।

ସୁରେନ୍ଦ୍ରଙ୍କ ଅନ୍ୟ ଏକ ପରିଚୟ ରହିଛି । ସେ ଏହି ବୟନ କଳା ଓ ଶିଳ୍ପ ଉପରେ ଗବେଷଣା ଚଳାଇଛନ୍ତି । ତାଙ୍କର ମନନଧର୍ମୀ ଲେଖାଗୁଡ଼ିକ ପ୍ରମୁଖ ପତ୍ରପତ୍ରିକାରେ ପ୍ରକାଶ ପାଇଆସୁଛି । ଆକାଶବାଣୀ, ଦୂରଦର୍ଶନ ଓ ବିଭିନ୍ନ ବୈଦ୍ୟୁତିକ ଗଣମାଧ୍ୟମରେ ମଧ୍ୟ ସମ୍ବଲପୁରୀ ବସ୍ତ୍ରର ପ୍ରଚାରପ୍ରସାର କରି ଆସୁଛନ୍ତି । ବିଦେଶ ଭ୍ରମଣ ଅନୁଭୂତିକୁ ପୁଞ୍ଜି କରି 'ବାନ୍ଧଶିଳ୍ପୀର ବିଦେଶ ଅନୁଭୂତି' ଶୀର୍ଷକ ଏକ ଅନୁପମ ଭ୍ରମଣ ବୃତ୍ତାନ୍ତ ପୁସ୍ତକ ପ୍ରକାଶ କରିଛନ୍ତି ।

ସୁରେନ୍ଦ୍ରଙ୍କ ଜନ୍ମ ଅବିଭକ୍ତ ସମ୍ବଲପୁର ଜିଲ୍ଲା (ସମ୍ପ୍ରତି ବରଗଡ଼)ର ବରପାଲିରେ ୬ ଏପ୍ରିଲ ୧୯୫୯ରେ । ବାପା ପ୍ରଖ୍ୟାତ ବାନ୍ଧଶିଳ୍ପୀ ପଦ୍ମଶ୍ରୀ ଶିଳ୍ପଗୁରୁ କୁଞ୍ଜବିହାରୀ ମେହେର ଓ ମାତା ହାରାଦେବୀ । ପିତାଙ୍କ ପ୍ରେରଣା ଓ ଦିଗ୍‌ଦର୍ଶନ ପାଇ ବାଲ୍ୟାବସ୍ଥାରୁ ଏହି ଶିଳ୍ପକଳା ପ୍ରତି ଆକୃଷ୍ଟ ହୋଇଥିଲେ । ଉଚ୍ଚଶିକ୍ଷିତ ହୋଇ ମଧ୍ୟ ଚାକିରି ପଛରେ ନ ଗୋଡ଼ାଇ କୌଳିକ ବୃତ୍ତିକୁ ଆପଣେଇ ନେଇଛନ୍ତି । ପତ୍ନୀ ଶାନ୍ତିଲତା ମେହେର ମଧ୍ୟ ତାଙ୍କ ପଦାଙ୍କ ଅନୁସରଣ କରି ନିଜକୁ ଜଣେ ବିଶିଷ୍ଟ ବାନ୍ଧଶିଳ୍ପୀ ଭାବେ ପ୍ରତିଷ୍ଠା କରାଇପାରିଛନ୍ତି; ଜାତୀୟ ପୁରସ୍କାର ଲାଭ କରିଛନ୍ତି । ଉପଯୁକ୍ତ ପିତାଙ୍କ ଉପଯୁକ୍ତ ଦାୟାଦ ଭାବେ ସୁରେନ୍ଦ୍ର ସମ୍ବଲପୁରୀ ବାନ୍ଧ ଓ ବୟନ ଶିଳ୍ପର ବିକାଶ ପରମ୍ପରାକୁ ସମୃଦ୍ଧ କରିବା ପାଇଁ ଅନବରତ ସଂଗ୍ରାମ ଚଳାଇବା ସହ ଏଥିପ୍ରତି ଅଧିକ ନିଷ୍ଠା ଓ ଅଙ୍ଗୀକାରବଦ୍ଧ ହୋଇ ନୂଆନୂଆ ସୃଷ୍ଟିରାଜିର ଅନ୍ୱେଷଣରେ ନିଜକୁ ଯେପରି ବୁଡାଇ ରଖିଛନ୍ତି ତାହା ବାସ୍ତବିକ ଅନୁକରଣୀୟ ଓ ପ୍ରେରଣାଦାୟକ । ଏକାଧାରରେ ତୃଣମୂଳ ସ୍ତରର ବାନ୍ଧଶିଳ୍ପୀ ହେବା ସହ ଉଚ୍ଚଶିକ୍ଷିତ, ଲେଖକ, ଗବେଷକ, ସମ୍ବଲପୁରୀ ବସ୍ତ୍ରର ପ୍ରଚାରକ, ସର୍ଜକ ଏବଂ ମାଟି ଓ ଆକାଶମନସ୍କ ସୁରେନ୍ଦ୍ରଙ୍କ ପରି ଶିଳ୍ପୀ ଆଜିର

▼ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସନ୍ଥକବି ଭୀମଭୋଇଙ୍କ ଅମର ବାଣୀ 'ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ' ଥିମ୍‌ରେ ବୟନ ହୋଇଥିବା ୱାଲ୍ ହେଙ୍ଗିଙ୍ଗ୍ ପ୍ରଦାନ କରୁଛନ୍ତି ଶିଳ୍ପୀ ସୁରେନ୍ଦ୍ର










▲ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଠାରୁ ପୁରସ୍କାର ଗ୍ରହଣ ଅବସରରେ ଶିଳ୍ପୀ ସୁରେନ୍ଦ୍ର

▲ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରଥମ ସମାବର୍ତ୍ତନ ସମାରୋହରେ ପ୍ରଥମ ସମ୍ମାନସୂଚକ ଡିଲିଟ୍ ଉପାଧି ଗ୍ରହଣ କରୁଛନ୍ତି ସୁରେନ୍ଦ୍ର

ଦିନରେ ବିରଳ । ଏକାବେଳେ ସ୍ଥାନୀୟ ଓ ଆନ୍ତର୍ଜାତୀୟ ଶିଳ୍ପୀ ଭାବେ ସେ ଯେଉଁ କୀର୍ତ୍ତି ଅର୍ଜନ କରିଛନ୍ତି ଓ ସାଧନାମଗ୍ନ ଅଛନ୍ତି, ତାଙ୍କ ପରି କଳାକାର କ୍ୱଚିତ୍ ଦେଖିବାକୁ ମିଳେ ।

## ସର୍ବଧର୍ମର ପୂଜାରୀ ଓ ପୋଟ୍ରେଟ୍ ମାଷ୍ଟର

ସୁରେନ୍ଦ୍ର ଏପରି ଜଣେ ଶିଳ୍ପୀ ଯିଏ ବିଶ୍ୱାୟନ ଉପରେ ବିଶ୍ୱାସ ରଖନ୍ତି ଏବଂ ମୁକ୍ତ ଭାବେ କାର୍ଯ୍ୟ କରିବା ପାଇଁ ସଦା ମଗ୍ନ ରହନ୍ତି । ଏଥିପାଇଁ ତାଙ୍କର ବାନ୍ଧକଳାରେ ସ୍ୱାଧୀନ ବିଚାର ଓ ବିହାରର ଝଲକ ପରିଦୃଶ୍ୟ ହୁଏ । ସେ ମହାପ୍ରଭୁ ଶ୍ରୀରାମ, ଶ୍ରୀଜଗନ୍ନାଥଙ୍କ ପ୍ରତିକୃତିଠାରୁ ମାଆ ସମଲେଇ, ବାଗ୍‌ଦେବୀ, ବୁଦ୍ଧ, ଯୀଶୁଖ୍ରୀଷ୍ଟ, ସିରିଡ଼ି ସାଇ ପ୍ରଭୃତିଙ୍କ ଛବି ବାନ୍ଧକଳାରେ ନିଖୁଣ ଭାବେ ବୟନ କରିଛନ୍ତି । ଏଥିରୁ ସ୍ପଷ୍ଟ ଅନୁମେୟ ଯେ ସଦ୍‌ଭାବନା ଓ ସଂପ୍ରୀତି ପ୍ରତି ସେ ଦାୟବଦ୍ଧ । ସେ ଏହା ଜରିଆରେ କହି ଦେବାକୁ ଚାହାନ୍ତି ଜଣେ କଳାକାର ବା ଶିଳ୍ପୀର ନିର୍ଦ୍ଦିଷ୍ଟ ଭାବେ କୌଣସି ଭୌଗୋଳିକ ସୀମାରେଖା ନାହିଁ ବା ସଂକୀର୍ଣ୍ଣତାରେ ସୀମାବଦ୍ଧ ନୁହନ୍ତି । ଅନ୍ୟପରେ ଗାନ୍ଧୀ, ଗୋପବନ୍ଧୁ ଠାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରମୁଖଙ୍କ ପ୍ରତିକୃତି ବୟନ କରିଛନ୍ତି ।

▼ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବାନ୍ଧରେ ବୁଣା ହୋଇଥିବା ପ୍ରତିକୃତି ପ୍ରଦାନ ଅବସରରେ ଶିଳ୍ପୀ ସୁରେନ୍ଦ୍ର





ପ୍ରତିକୃତି ବୟନ ପ୍ରେରଣା ସୁରେନ୍ଦ୍ର ପିତା କୁଞ୍ଜବିହାରୀଙ୍କ ଠାରୁ ପାଇଥିଲେ । କୁଞ୍ଜବିହାରୀ ପ୍ରଥମଥର ପାଇଁ ସ୍ୱମ୍ବଲପୁରୀ ବାନ୍ଧକଳାରେ ପ୍ରତିକୃତି ବୟନର ପ୍ରୟୋଗ କରିଥିଲେ । ସୁରେନ୍ଦ୍ରଙ୍କ ପୋଟ୍ରେଟ୍‌ର ବିଶେଷତ୍ୱ ହେଉଛି ଏହାର ସ୍ପଷ୍ଟତା ଏବଂ କଳା କାରିଗରୀ । ସମକାଳର କୌଣସି ବାନ୍ଧଶିଳ୍ପୀଙ୍କ କୃତିରେ ଏପରି ସୂକ୍ଷ୍ମାତିସୂକ୍ଷ୍ମ ସ୍ପଷ୍ଟତା, ପ୍ରୟୋଗବାଦିତା ଓ ଅଭିନବତ୍ୱ ଦେଖିବାକୁ ମିଳେ ନାହିଁ ।

## ପଦ୍ମଶ୍ରୀ କୁଞ୍ଜବିହାରୀ ମେହେର ପରିବାରର ସଭିଏଁ ବାନ୍ଧଶିଳ୍ପୀ

ଦେଶ ବିଦେଶରେ ସମ୍ବଲପୁରୀ ବାନ୍ଧକଳାର ସୌଷ୍ଠବ ବୃଦ୍ଧି କରିବାରେ ଯେଉଁ କତିପୟ ଶିଳ୍ପୀ ସ୍ୱକୀୟ ପଦଚିହ୍ନ ଆଙ୍କି ଯାଇଛନ୍ତି ସେମାନଙ୍କ ମଧ୍ୟରେ ପଦ୍ମଶ୍ରୀ କୁଞ୍ଜବିହାରୀ ମେହେରଙ୍କ ଖ୍ୟାତି ଅବିସମ୍ବାଦିତ । ବାନ୍ଧକଳା କ୍ଷେତ୍ରରେ ତାଙ୍କର ଅସାଧାରଣ କୁଶଳତା, ପ୍ରଖର କଳ୍ପନା ଶକ୍ତିର ପ୍ରୟୋଗ, ନୂତନ ନକ୍ସା ଓ ଉଦ୍‌ଭାବନ ସର୍ବୋପରି ଏହାକୁ ଲୋକପ୍ରିୟ କରାଇବାରେ ତାଙ୍କ ଅବଦାନର ତୁଳନା ନାହିଁ । କୁଞ୍ଜବିହାରୀ ସମ୍ବଲପୁରୀ ବୟନ କ୍ଷେତ୍ରରେ ସର୍ବଦା ଶାସ୍ତ୍ରୀୟତା ବା ପାରମ୍ପରିକତାକୁ ମୂଳାଧାର କଳାପାଟବତାର ପରିସ୍ଫୁଟନ କରୁଥିଲେ । କାହାରି ଚାପ ବା ଲୋଭର ବଶବର୍ତ୍ତୀ ହୋଇ ପରମ୍ପରାକୁ ଆଘାତ ଦେବା ଭଳି କାମ କରୁନଥିଲେ । ଯେତେବେଳେ ବି କୌଣସି ଶାଢ଼ିର ନୂତନ ଡିଜାଇନ ସର୍ଜନା କରୁଥିଲେ । ସର୍ବଦା ପ୍ରଥମେ ଧ୍ୟାନ ଦେଉଥିଲେ ଯେ ଏହାକୁ ଦେଖିଲା ମାତ୍ରେ ମନ ଓ ବିବେକ ଉପରେ କିପରି ସକରାତ୍ମକ ପ୍ରଭାବ ପକାଇବ । ଏଣୁ ନୈସର୍ଗିକତା ତଥା ପ୍ରକୃତି ଓ ଧର୍ମଧାରାକୁ ଧ୍ୟେୟ କରି ଚିତ୍ରସବୁ ପ୍ରସ୍ତୁତ କରିବା ସହ ରଙ୍ଗ ଆଦିର ପରିକଳ୍ପନା କରୁଥିଲେ । ସୌଖୀନ ବା ଫେସନ ସ୍ତରରେ କିଏ ବାନ୍ଧକଳାର ପ୍ରୟୋଗ କରୁଥିଲେ ବରଦାସ୍ତ କରିପାରୁନଥିଲେ । ଏହାର ଅର୍ଥ ନୁହେଁ ଯେ ବାନ୍ଧକଳାରେ ପରୀକ୍ଷାନିରୀକ୍ଷା ବା ନୂତନତ୍ୱକୁ ସ୍ୱାଗତ କରିନାହାନ୍ତି । ଏହି ପରିପ୍ରେକ୍ଷୀରେ ତାଙ୍କ କୃତ 'ନବଗୁଞ୍ଜର' ଏକ ସର୍ବକାଳୀନ ଉତ୍କୃଷ୍ଟ ବାନ୍ଧକଳାର ନିଦର୍ଶନ ।




▲ 'ସମାଜ ସମ୍ମାନ' ଜଷ୍ଟିସ୍ ଦୀପକ କୁମାର ମିଶ୍ରଙ୍କ ଠାରୁ ଗ୍ରହଣ କରୁଛନ୍ତି ସୁରେନ୍ଦ୍ର





ସମ୍ବଲପୁରୀ ବସ୍ତ୍ରର କଳା-ଶିଳ୍ପ-ସୌନ୍ଦର୍ଯ୍ୟର ଗୌରବ ଆଜି ସାରା ପୃଥିବୀରେ ସ୍ୱୀକୃତି ଲାଭ କରିଛି । ସମ୍ବଲପୁରୀ ବାନ୍ଧଶିଳ୍ପ ଯେଉଁ ଗରିମା ନେଇ ଲୋକପ୍ରିୟତା ହାସଲ କରିଚାଲିଛି ଏବଂ ବୈପ୍ଳବିକ ପରିବର୍ତ୍ତନ ପରିଦୃଶ୍ୟ ଏହାର ଅନ୍ୟତମ ମୂଳ ସୂତ୍ରଧର ଭାବେ କୁଞ୍ଜବିହାରୀଙ୍କ ସ୍ୱକୀୟ ଅବଦାନକୁ କଦାଚିତ ଅସ୍ୱୀକାର କରିହେବ ନାହିଁ । ତାଙ୍କ ପରି କଳା ସମର୍ପିତ ବାନ୍ଧଶିଳ୍ପୀ ଆଜିର ଦିନରେ ବିରଳ ।

କୁଞ୍ଜବିହାରୀଙ୍କ ଜନ୍ମ ବିଜେପୁର ଅନ୍ତର୍ଗତ ବୁଡ଼ାପାଲି ଗ୍ରାମରେ ୧୯୨୮ ନଭେମ୍ବର ୨୨ ତାରିଖ । ପିତା ବ୍ରଜମୋହନ ମେହେର ଓ ମାତା କ୍ଷୀରବତୀ । ପଞ୍ଚମଶ୍ରେଣୀ ପରେ ପଢ଼ା ଛାଡ଼ି ୧୨ ବର୍ଷ ବୟସରେ ପିତାଙ୍କ ଠାରୁ କୌଳିକ ବୃତ୍ତି ହସ୍ତତନ୍ତ ଶିକ୍ଷା ଲାଭ କରିଥିଲେ । ପରେ ନିଜର ଅସାଧାରଣ ପ୍ରତିଭା, ନିଷ୍ଠା ଓ ଅଧ୍ୟବସାୟ ବଳରେ ଦେଶର ଜଣେ ପ୍ରମୁଖ ବାନ୍ଧଶିଳ୍ପୀର ମାନ୍ୟତା ଲାଭ କରିବା ସହିତ ଉଚ୍ଚକୋଟୀର ସମ୍ବଲପୁରୀ ଶାଢ଼ି ବୟନ କରି ଏହାକୁ ବିଶ୍ୱବ୍ୟାପୀ ଲୋକପ୍ରିୟ କରାଇପାରିଥିଲେ ।

ବାନ୍ଧକଳା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ କୁଞ୍ଜବିହାରୀ ୧୯୭୦ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ କାର୍ଯ୍ୟାଳୟ ଏବଂ ୧୯୭୧ରେ ଲଣ୍ଡନରୁ ପ୍ରଶଂସାପତ୍ର ଲାଭ କରିଛନ୍ତି । ବହୁବାର ରାଜ୍ୟ ଓ ଜାତୀୟ ପୁରସ୍କାର ଲାଭ କରିଛନ୍ତି । ସମ୍ବଲପୁର ବିଶ୍ୱବିଦ୍ୟାଳୟ ରଜତ ଜୟନ୍ତୀ ଉତ୍ସବରେ ପୂର୍ବତନ ଉପରାଷ୍ଟ୍ରପତି ଶଙ୍କରଦୟାଲ ଶର୍ମାଙ୍କ ଠାରୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ ହେଇଥିଲେ । ସେହିପରି ବ୍ରହ୍ମପୁର ଓ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନିତ ହୋଇଛନ୍ତି । ଆମେରିକାରେ ତାଙ୍କୁ ସ୍ୱତନ୍ତ୍ର ଭାବେ 'ସାର୍ଟିଫିକେଟ୍ ଅଫ୍ ଆଚିଭ୍‌ମେଣ୍ଟ୍' ପ୍ରଦାନ କରାଯାଇଥିଲା । ତାଙ୍କ କୃତ ସୃଷ୍ଟିରାଜି ମଧ୍ୟରେ ରହିଛି ପୁଷ୍ପବତୀ, ରତ୍ନାବତୀ, ମୃଗନୟନୀ, କଳିଙ୍ଗରତ୍ନ, ପଞ୍ଚକନ୍ୟା, ଶକୁନ୍ତଳା, କାଶ୍ମୀରୀ ବିମ୍ବ, କୋଣାର୍କ ଚିତ୍ରାବଳୀ ଓ କଳାରତ୍ନ ପରି ଶାଢ଼ି । ସେହିପରି ୱାଲ୍‌ହେଙ୍ଗିଙ୍ଗ୍ ମଧ୍ୟରେ 'ଦ ଗ୍ଲୋରି ଅଫ୍ ଓଡ଼ିଶା', 'ବାପୁଜୀ କେ ଅବଦାନ', 'ଗାନ୍ଧିଜୀଙ୍କ ତିନିମାଙ୍କଡ଼', 'ଦଶଅବତାର', 'ନବଗୁଞ୍ଜର'(ସାରଳ ମହାଭାରତ), 'ସ୍ୱଭାବ କବି ଗଙ୍ଗାଧର ମେହେର' ଇତ୍ୟାଦି ଅନ୍ତର୍ଭୁକ୍ତ ।

ବାନ୍ଧକଳା କର୍ମକୁ ସେ ପୂଜା ଏବଂ ସେବା ଭାବେ ପରିଚର୍ଯ୍ୟା କରୁଥିଲେ । ଏହା ଜରିଆରେ ରାଜ୍ୟ ତଥା ଦେଶର ଗୌରବ ଯେ ବୃଦ୍ଧି କରାଯାଇପାରେ ପଦ୍ମଶ୍ରୀ କୁଞ୍ଜବିହାରୀ ମେହେରଙ୍କ ପରିବାର ତା'ର ଏକ ଅନନ୍ୟ ଉଦାହରଣ । ତାଙ୍କର ବଡ଼ପୁଅ ଦୟାଳୁ ମେହେର ଓ ସାନପୁଅ ଡ. ସୁରେନ୍ଦ୍ର ମେହେର ବାନ୍ଧଶିଳ୍ପୀ ଭାବେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରି ପାରିଛନ୍ତି ।

## ଗଙ୍ଗାଧରପ୍ରେମୀ ସୁରେନ୍ଦ୍ର



ମେହେର ବା ଭୁଲିଆ ଜାତିର ଜାତିଗଙ୍ଗା ଭାବେ ରଙ୍ଗାଜୀବ, ସ୍ୱଭାବକବି ଗଙ୍ଗାଧର ମେହେରଙ୍କୁ ବିବେଚନା କରାଯାଇଥାଏ । ଭୁଲିଆ ଜାତିକୁ ଗୌରବାନ୍ୱିତ ଓ ଗରିମାମୟ କରିବାରେ ଗଙ୍ଗାଧର ହେଉଛନ୍ତି ଆଦ୍ୟ ମହାତ୍ମା । ଅତଏବ ସମଗ୍ର ଭୁଲିଆଜାତି ଗଙ୍ଗାଧରଙ୍କୁ ଈଶ୍ୱର ତୁଲ୍ୟ ବିବେଚନା କରନ୍ତି ଏବଂ ପ୍ରାତଃ ସ୍ମରଣୀୟ । ବରପାଲି ଗଙ୍ଗାଧରଙ୍କ ଜନ୍ମଭୂମି । ସଂଯୋଗ ବଶତଃ ସୁରେନ୍ଦ୍ରଙ୍କ ଜନ୍ମଭୂମି ଓ କର୍ମଭୂମି ହେଉଛି ବରପାଲି । ଏହି ଦୃଷ୍ଟିରୁ ଗଙ୍ଗାଧରଙ୍କ ପ୍ରତି ସ୍ୱତଃ ସମ୍ମାନ ପ୍ରଦର୍ଶନ କରନ୍ତି ସୁରେନ୍ଦ୍ର ବାନ୍ଧକଳା ଜରିଆରେ । ଏଣୁ ସେ ଗଙ୍ଗାଧର ଓ ଗଙ୍ଗାଧରଙ୍କ ଅନେକ ଅମର ବାଣୀକୁ ବାନ୍ଧକୃତିରେ ବୟନ କରିଛନ୍ତି । ଗଙ୍ଗାଧରଙ୍କ 'ଭକ୍ତି', 'ମହିମା' ଓ 'ମଧୁମୟ' ସମ୍ପୂର୍ଣ୍ଣ କବିତାକୁ ବାନ୍ଧକଳାରେ ବୟନ କରି ସୁରେନ୍ଦ୍ର ଅସାଧାରଣ କୃତିତ୍ୱ ଅର୍ଜନ କରିଛନ୍ତି । 'ମହିମା' କବିତା(୧୦୦ ଧାଡ଼ି) ପ୍ରାୟ ୨୭ ଫୁଟ ଲମ୍ବର ଏହି କଳାକୃତି ସୃଷ୍ଟି କରି ସୁରେନ୍ଦ୍ର ଦୃଷ୍ଟାନ୍ତମୂଳକ ଉଦାହରଣ ସୃଷ୍ଟି କରିଛନ୍ତି । ସବୁଥିରେ ସୁରେନ୍ଦ୍ରଙ୍କ ସୃଜନଶୀଳତା ଓ ମୌଳିକତା ସ୍ପଷ୍ଟ । ଗାଙ୍ଗଧରଙ୍କ ଉପରେ ଏପରି ବୈଚିତ୍ର୍ୟମୟ ବାନ୍ଧକଳା ସର୍ଜନ କରିଥିବାରୁ ସୁରେନ୍ଦ୍ର ନିଜକୁ କୃତାର୍ଥ ମନେକରନ୍ତି ଏବଂ ଆଗକୁ ଏହି ପ୍ରୟାସ ଜାରି ରହିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।



ସୁରେନ୍ଦ୍ରଙ୍କ ପିତା କୁଞ୍ଜବିହାରୀ ମେହେର ତତ୍କାଳୀନ ରାଷ୍ଟ୍ରପତି କେ. ଆର୍. ନାରାୟଣନ୍‌ଙ୍କ ଠାରୁ ପଦ୍ମଶ୍ରୀ ଗ୍ରହଣ କରୁଛନ୍ତି ।

# OHM PIPES PVT. LTD.




“An ISO 9001-2015 Certified Company”

## OHM PIPES, Symbol of Trust

A leading manufacturer of
PVC & HDPE Pipes & Fittings

Works: D - 7, 8, 49 & 50, Somnathpur, IID Centre, Odisha 756019
Sales Enquiry Odisha: +91 - 7008869992, 8280956445
West Bengal: +91- 9433094332
info@ohmpipes.com
www.ohmpipes.com

## ସେମାନଙ୍କ ମୁହଁରୁ ...



❑ଆମ ଭୁଲିଆ ସମାଜର ଗୌରବ ଡକ୍ଟର ସୁରେନ୍ଦ୍ର ମେହେରଙ୍କୁ ମୁଁ ପିଲାଟି ଦିନରୁ ଦେଖି ଆସୁଛି । ତାଙ୍କ ପିତା ପଦ୍ମଶ୍ରୀ କୁଞ୍ଜବିହାରୀ ମେହେରଙ୍କ ସହ ମୋର ଘନିଷ୍ଠତା ଥିଲାପିତା ଗୁଣେ ପୁତ୍ର ସୂତ୍ରରେ ସେ ବଢ଼ି ଚାଲିଛନ୍ତି । ନିଜର ନିରନ୍ତର ନିଷ୍ଠା, ଅନ୍ୱେଷା ଓ ଅଧ୍ୟବସାୟ ବଳରେ ସେ ଆଜି ସମ୍ବଲପୁରୀ ବାନ୍ଧକଳାକୁ ଏକ ଭିନ୍ନ ଉଚ୍ଚତାକୁ ନେବା ସହ ହଜାର ହଜାର ବୁଣାକାର ଭାଇଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ପାରିଛନ୍ତି । ବିଶେଷକରି ନୂତନ ପିଢ଼ିର ଉଚ୍ଚଶିକ୍ଷିତ ବାନ୍ଧଶିଳ୍ପୀ ତାଙ୍କ ପଦାଙ୍କ ଅନୁସରଣ କଲେ ବାନ୍ଧଶିଳ୍ପୀ କୁଳ ପାଇଁ ଅଧିକ ସୁସମୟ ଆସୁଛି କହିବାକୁ ହେବ ।

**ଶିଳ୍ପୀଗୁରୁ ପଦ୍ମଶ୍ରୀ ଚତୁର୍ଭୁଜ ମେହେର,** ସୁବର୍ଣ୍ଣପୁର



❑ଭୁଲିଆ ବା ମେହେର ଜାତିକୁ ସାରା ବିଶ୍ୱରେ ଗୌରବାନ୍ୱିତ କରିବାରେ ଯେଉଁ କିଛି ପ୍ରତିଭାଧରଙ୍କ ସ୍ୱକୀୟ ଅବଦାନ କହିଛି ସେମାନଙ୍କ ମଧ୍ୟରେ ବାନ୍ଧଶିଳ୍ପୀ ସୁରେନ୍ଦ୍ର ମେହେର ଅନ୍ୟତମ । ସୁରେନ୍ଦ୍ରବାବୁ କେବଳ ବାନ୍ଧଶିଳ୍ପୀ ଭିତରେ ସୀମିତ ରହି ନାହାନ୍ତି, ସେ ଜଣେ ବହୁମୁଖୀ ପ୍ରତିଭା ଏବଂ ଆଲୁଅସ୍ତମ୍ଭ । ବାନ୍ଧକଳାରେ ଉଚ୍ଚତର ଗବେଷଣା ଜାରି ରଖିବା ସହିତ ନୂତନ ନୂତନ ସୃଷ୍ଟି ରାଜିରେ ଆମକୁ ଚମତ୍କୃତ କରି ଆସୁଛନ୍ତି । ତାଙ୍କର ସୃଜନକର୍ମ ଉତ୍ତରପିଢ଼ି ପାଇଁ ଖୁବ୍ ପ୍ରେରଣାପ୍ରଦ । ବାନ୍ଧଶିଳ୍ପକୁ ଭିନ୍ନ ଏକ ଉଚ୍ଚତା ଓ ଗଭୀରତା ସହିତ ବ୍ୟାପ୍ତିକୁ ନେଇ ଚାଲିଛନ୍ତି ।

**ଆଡଭୋକେଟ୍ ବୈଶମ୍ପାୟନ ମେହେର,**
ସଭାପତି, ନିଖିଳ ଭୁଲିଆ ସମାଜ



❑ଆମର ଭାଇ ସୁରେନ୍ଦ୍ର ମେହେର ତାଙ୍କ ପିତା ମହାନ ବାନ୍ଧ ଓ ବୟନ ଶିଳ୍ପୀ ପଦ୍ମଶ୍ରୀ କୁଞ୍ଜବିହାରୀ ମେହେରଙ୍କ ପରି ବାନ୍ଧକଳା କ୍ଷେତ୍ରରେ ଓଡ଼ିଶା ତଥା ଓଡ଼ିଶା ବାହାରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି । ବାନ୍ଧକଳା ପରି ଏକ ଜଟିଳ କଳାକୁ ପିତାଙ୍କ ପ୍ରେରଣା ଓ ନିଜର ଅଧ୍ୟବସାୟ ବଳରେ ଆୟତ୍ତ ପୂର୍ବକ ଏ ଦିଗରେ ଗବେଷଣା କରି ନୂତନ ନୂତନ ସୃଷ୍ଟି ତାଙ୍କୁ ଏ କ୍ଷେତ୍ରରେ ଶୀର୍ଷସ୍ଥାନରେ ପହଞ୍ଚାଇ ପାରିଛି । ସେ ଏହି କଳା ଯୋଗୁଁ ଜାତୀୟ ସମ୍ମାନ, ୟୁନେସ୍କୋ ସମ୍ମାନ ଓ ବୟନ କଳା କ୍ଷେତ୍ରରେ ଭାରତ ସରକାରଙ୍କ ସର୍ବୋଚ୍ଚ ସମ୍ମାନ 'ସନ୍ଥ କବୀର ସମ୍ମାନ'ରେ ଭୂଷିତ ହୋଇଛନ୍ତି ।

**ମହେନ୍ଦ୍ର କୁମାର ମେହେର**
ପ୍ରପୌତ୍ର, ସ୍ୱଭାବକବି ଗଙ୍ଗାଧର ମେହେର, ଗଙ୍ଗାଧର ସ୍ମୃତି ସଦନ, ବରପାଲି



❑ଉଚ୍ଚଶିକ୍ଷିତ ହେଲା ପରେ କୌଳିକ ବୃତ୍ତି ପ୍ରତି ଉଦାସୀନତା ସମ୍ପ୍ରତି ଏକ ଅବାଞ୍ଛିତ ଅଥଚ ସାଧାରଣ ମାନସିକତା । ମାତ୍ର ଏଥିରେ ଅନୁକରଣୀୟ ବ୍ୟତିକ୍ରମ ହେଉଛନ୍ତି ବାନ୍ଧଶିଳ୍ପୀ ଡକ୍ଟର ସୁରେନ୍ଦ୍ର ମେହେର । ସ୍କୁଲ କଲେଜର ଆନୁଷ୍ଠାନିକ ଶିକ୍ଷା ସହ ସମାନ୍ତରାଳ ଭାବେ ସେ ଦୀକ୍ଷିତ ହୋଇଥାଆନ୍ତି ହସ୍ତତନ୍ତ ବାନ୍ଧକଳାରେ, ଯାହା ଥିଲା ତାଙ୍କ ପରିବାରର ପିଢ଼ି ପରେ ପିଢ଼ି ଅନୁସୃତ କୌଳିକ ବୃତ୍ତି । ପିତା ପ୍ରଥିତଯଶା ଶିଳ୍ପୀଗୁରୁ ପଦ୍ମଶ୍ରୀ କୁଞ୍ଜବିହାରୀ ମେହେର ଥିଲେ ତଥା ପଥ ପ୍ରଦର୍ଶକ । ଉଭୟ ପିତାପୁତ୍ର ଅଳ୍ପକାଳ ମଧ୍ୟରେ ଗଢ଼ି ତୋଳିଲେ ବାନ୍ଧକଳାର ଅପୂର୍ବ ଯୁଗଳବନ୍ଦୀ, ଉଭୟେ ହୃଦୟଙ୍ଗମ କରିଥିଲେ ଯେ ବୃତ୍ତି ପ୍ରବୃତ୍ତିରେ ପରିଣତ ନକଲେ ସାଧନାରେ ସିଦ୍ଧି, ଆତ୍ମତୃପ୍ତି ବା ଆନନ୍ଦ ସୁଦୂର ପରାହତ ।

**ଡ. ରବୀନ୍ଦ୍ର ଗଡ଼ତିଆ,** ପୂର୍ବତନ ଅଧ୍ୟକ୍ଷ, ମହିଳା ମହାବିଦ୍ୟାଳୟ, ବରଗଡ଼

## ପୁରସ୍କାର ଓ ସମ୍ମାନ

- ରାଜ୍ୟ ପୁରସ୍କାର (ଓଡ଼ିଶା ସରକାର, ୧୯୮୭, ୧୯୮୮ ଓ ୧୯୮୯ )
- ଜାତୀୟ ପୁରସ୍କାର (କେନ୍ଦ୍ର ସରକାର, ୧୯୯୧)
- କଳାନିଧି ସମ୍ମାନ (ସୁରଜକୁଣ୍ଡ କ୍ରାଫ୍ଟ ମେଳା, ୧୯୯୪)
- ସୁବର୍ଣ୍ଣ ଜୟନ୍ତୀ ସମ୍ମାନ (କେନ୍ଦ୍ର ବୟନ ଶିଳ୍ପ ମନ୍ତ୍ରଣାଳୟ, ୧୯୯୭)
- ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ ସ୍ମୃତି ସମ୍ମାନ (୨୦୦୧)
- ଉତ୍କଳ ଦିବସ ସମ୍ମାନ (ଓଡ଼ିଶା ଗଣପରିଷଦ, ୨୦୦୧)
- ସାର୍ଟିଫିକେଟ ଅଫ୍ ଅନର (ଭିଏନା ରାଷ୍ଟ୍ରଦୂତ, ୨୦୦୧)
- କଳା ଗୌରବ ସମ୍ମାନ (ମନସ୍ୱିନୀ, ଭୁବନେଶ୍ୱର, ୨୦୦୬)
- ୟୁନେସ୍କୋ ସିଲ୍ ଅଫ୍ ଏକ୍ସଲେନ୍ସ (ଭାରତ ସରକାର, ୨୦୦୬)
- ସିଲ୍ ଅଫ ଏକ୍ସଲେନ୍ସ (ୟୁନେସ୍କୋ ଓ ପାକିସ୍ତାନ ସରକାର, ୨୦୦୭)
- କଳାରତ୍ନ ସମ୍ମାନ (ରାଜ୍ୟ କଳାକାର ଗବେଷଣା ଓ ତାଲିମ ପରିଷଦ, ୨୦୦୭)
- ହ୍ୟାଣ୍ଡଲୁମ ମାର୍କ ପୁରସ୍କାର (କେନ୍ଦ୍ର ବୟନ ଶିଳ୍ପ ମନ୍ତ୍ରଣାଳୟ, ୨୦୦୭)
- ଗନ୍ଧଗିରି ସମ୍ମାନ (ନୃସିଂହନାଥ ମନ୍ଦିର ଟ୍ରଷ୍ଟ, ୨୦୦୮)
- କପିଳେଶ୍ୱର ସମ୍ମାନ (ଚେତନା ଟ୍ରଷ୍ଟ, ଲେହେଡ଼ି, ୨୦୦୯)
- ଡ. ବିଆଁ ଆମ୍ବେଦକର ରାଷ୍ଟ୍ରୀୟ ସମ୍ମାନ (ବାବୁ ଜଗଜୀବନ ରାମ ଏସ.ଏସ. ଏକାଡେମୀ, ନୂଆଦିଲ୍ଲୀ, ୨୦୧୦)
- ସାର୍ଟିଫିକେଟ ଅଫ୍ ଏପ୍ରିସିଏସନ (ଅନ୍ତର୍ଜାତୀୟ କଳା ଓ ସ୍ଥାପତ୍ୟ ମେଳା, ଜେରୁଜେଲମ, ଇସ୍ରାଏଲ, ୨୦୧୧)
- ଆୱାର୍ଡ ଅଫ୍ ଏକ୍ସଲେନ୍ସ (ୟୁନେସ୍କୋ ଓ ମାଲେସିଆ ସରକାର, ବେଙ୍ଗକକ୍, ୨୦୧୨)
- ୱାର୍ଲ୍ଡ କ୍ରାଫ୍ଟ କାଉନସିଲ ଆୱାର୍ଡ (ଏସିଆ ପେସିଫିକ ରିଜନ୍ ଓ ଇଣ୍ଡୋନେସିଆ ସରକାର, ୨୦୧୪)
- ସନ୍ଥକବୀର ପୁରସ୍କାର (ଭାରତ ସରକାର, ୨୦୧୩)
- ସମ୍ମାନଜନକ ଡିଲିଟ ଉପାଧି, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁର, (୨୦୧୯)
- 'ସମାଜ'ର ଶତବର୍ଷ ପୂର୍ତ୍ତି ପାଳନ ଅବସରରେ 'ସମାଜ ସମ୍ମାନ, ସମାଜ, କଟକ(୨୦୧୯)

**ସଦସ୍ୟତା ଗ୍ରହଣ**

- ସଦସ୍ୟ, ଅଖିଳ ଭାରତୀୟ ହସ୍ତତନ୍ତ ବୋର୍ଡ, ଭାରତ ସରକାର, ୨୦୦୦ ରୁ ୨୦୦୪ ଏବଂ ୨୦୧୬ ରୁ ୨୦୧୭, ପରିଚାଳନା କମିଟି ସଦସ୍ୟ, IIHTs., ଭାରତ ସରକାର, ୨୦୨୩ ରୁ ୨୦୨୪
- ଓଡିଶା ସରକାରଙ୍କ ପ୍ରି ବଜେଟ କମିଟି ସଦସ୍ୟ, ୨୦୦୫ ମସିହାରୁ ଏବଂ ଓଡ଼ିଶା ସରକାରଙ୍କ 'ଷ୍ଟେଟ ଇନ୍‌ଷ୍ଟିଚ୍ୟୁଟ୍ ଫର ଡେଭଲେପମେଣ୍ଟ ଅଫ୍ ଆର୍ଟ ଆଣ୍ଡ କ୍ରାଫଟ୍ସ, ଭୁବନେଶ୍ୱର'ର ପରିଚାଳନା କମିଟି ସଦସ୍ୟ (୨୦୨୩)

ସୁରେନ୍ଦ୍ର ମେହେରଙ୍କ ପତ୍ନୀ ଶାନ୍ତିଲତା ମେହେର ଓ ପୁତ୍ର ତନ୍ମୟ ମେହେର ମଧ୍ୟ ଜାତୀୟ ପୁରସ୍କାରପ୍ରାପ୍ତ ବାନ୍ଧଶିଳ୍ପୀ ।

ସମ୍ବଲପୁରୀ ବାନ୍ଧକଳା କ୍ଷେତ୍ରରେ ଭାରତ ସରକାରଙ୍କ ଠାରୁ ପଦ୍ମଶ୍ରୀ ପାଇବାରେ ମେହେର(ଭୁଲିଆ) ଜାତିର ବାନ୍ଧଶିଳ୍ପୀ ଭାବେ କୁଞ୍ଜବିହାରୀ ହେଉଛନ୍ତି ପ୍ରଥମ ବ୍ୟକ୍ତି । କୁଞ୍ଜବିହାରୀଙ୍କ ବ୍ୟକ୍ତିତ୍ୱର ବଡ଼ ବିଶେଷତ୍ୱ ହେଉଛି ସେ ପଦ୍ମଶ୍ରୀ ସମେତ ଶହଶହ ପୁରସ୍କାର ଲାଭ ଏବଂ ବହୁବାର ବିଦେଶ ଭ୍ରମଣ କରିଥିଲେ ହେଁ ତାଙ୍କୁ ଅହଙ୍କାର ସ୍ପର୍ଶ କରିପାରିନଥିଲା । ଖୁବ୍ ବିନୟୀ ହୋଇ ଓ ଆଜୀବନ ସଙ୍କୋଚ ହୋଇ ଜିଇଥିଲେ । ଉଚ୍ଚଶିକ୍ଷାରୁ ବଂଚିତ ଜଣେ ଶିଳ୍ପୀ କିପରି ଏକନିଷ୍ଠ ସାଧନା ବଳରେ ଗୋଟିଏ କଳାକୁ ବିଶ୍ୱବ୍ୟାପୀ କରିବାରେ ସମର୍ଥ ହୋଇପାରନ୍ତି ଏବଂ ଏକ ଅପହ ଉଚ୍ଚତାକୁ ସ୍ପର୍ଶ କରିପାରନ୍ତି ତାହାର ଜ୍ୱଳନ୍ତ ନିଦର୍ଶନ ହେଉଛନ୍ତି କୁଞ୍ଜବିହାରୀ ।


ଭାରତ
ମସଲା
Turmeric Powder
RED CHILLI POWDER
Kashmiri Mirch
Curry Powder
ମସଲା କ୍ଷେତ୍ରରେ ଦୀର୍ଘ ୨୪ବର୍ଷର ନିରନ୍ତର ସେବା...
BHARAT MASALA
Chana Sattu
BHARAT FOOD
MULTIGRAIN SATTU
New Pack
TOMATO KETCHUP
PREMIUM TOMATO KETCHUP
E-mail : jbspl@bharatmasala.in
Toll Free : 1800 345 1138
Web : www.bharatmasala.in

ପ୍ରସଙ୍ଗ-୧

# ଆମ୍ଭେ ହିଁ : ପ୍ରଖର ସୁଅ

ତାରୁଣ୍ୟର ଅରଣ୍ୟରୁ
ପାଞ୍ଚଟି ପାଖୁଡ଼ାଙ୍କୁ
ତୋଳି ଆଣିଛନ୍ତି
ସୁବ୍ରତ କୁମାର ସେନାପତି













# ସୃଜନର ସୁଚୟନ
# ପଞ୍ଚମ ତାନ


## ସୁବ୍ରତ କୁମାର ସେନାପତି

ଖାରବେଳ ଛାତ୍ରାବାସ, ଗଙ୍ଗନଗର,
ଭୁବନେଶ୍ୱର-୭୫୧୦୦୩
ଫୋନ:୭୯୭୮୧୬୮୧୯୩
ଫଟୋ ସୌଜନ୍ୟ: ଲେଖକ




▶ ସୁବ୍ରତ କୁମାର ସେନାପତି


ତାରୁଣ୍ୟ ଏକ ଅରଣ୍ୟ; ଯେଉଁ ଅରଣ୍ୟରେ ଛଳଛଳ ହୋଇ ବୋହିଯାଉଥାଏ ଭାବର ଝରଣା, ଯେଉଁଠି ଅରମା ଲତାଟିଏ ଗୁଡ଼ାଇ ହୋଇ ଯାଇଥାଏ ନିଜ ଇଚ୍ଛାମତେ କେଉଁ ଏକ ଶକ୍ତ ମହୀରୂହର ଗଣ୍ଡି ଉପରେ ତ ପୁଣି ଆଉ କେଉଁ ବୁଦା ଆଢୁଆଳରୁ ଭାସି ଆସୁଥାଏ କେତେ କେତେ ଶବ୍ଦ ଫୁଲଙ୍କ ମହକ । ସେ ମହକରେ ବି ଥାଏ କେତେ ଭିନ୍ନତା, ଆକର୍ଷିତ କରିବାର କେତେକେତେ ଆଦବ କାଇଦା । ସେ ଅରଣ୍ୟ ଭିତରେ ନିଜେ ଥାଇ ସେ ଅରଣ୍ୟର ଏତାଦୃଶ ସବୁଜିମା ଓ ମହକ ଭିତରେ ଆହୁରି ତଲ୍ଲୀନ ହୋଇଯିବାର ଅନୁଭବ ମଧ୍ୟ ଖୁବ୍ ନିଆରା । ଆମ ସମୟର ସର୍ଜନାର ବନାନୀରେ ଖୁବ୍ ବାସ୍ନାୟିତ ଏ ଫୁଲମାନଙ୍କ କଥା କହିବା ବେଳେ ମୁଁ ସେଇ ଅସରନ୍ତି ପ୍ରେମାନୁଭବକୁ ସାଉଁଟି ଚାଲିଚି । ସେ ସାଉଁଟିବାର ସୁଖକୁ ଶବ୍ଦରେ ପ୍ରକାଶ କରି ହୁଏନା ସହଜରେ ଆଉ ସବୁ ସୁଖ ଭିତରେ ବି କିଛି ଅବସୋସ ବି ରହି ଯାଉଚି...ସେ ଅବସୋସ ଏ ବନାନୀର ଆହୁରି କେତେ କେତେ ଫୁଲମାନଙ୍କ କଥା କହି ପାରୁନି ଏଠି । ମୁଁ ବା କହିବାକୁ କିଏ,ଏ ଫୁଲ ମାନେ ତ ଫୁଟୁଥିବେ ଏମିତି ନିତ୍ୟ ନୈମିତ୍ତିକ, ଆଉ ସେମାନଙ୍କ ମହକ ହିଁ ତ ଆପଣମାନଙ୍କୁ ଟାଣି ନେଇ ଯାଉଥିବ ସେମାନଙ୍କ ସୃଷ୍ଟି ପାଖକୁ ସ୍ୱତଃ ପ୍ରବୃତ୍ତ ଭାବେ । ତେବେ ଏଥର 'ରେବତୀ'ର ଏ ସ୍ୱତନ୍ତ୍ର ପ୍ରତିବେଦନରେ ଗଳ୍ପ, କବିତା ଓ ଆଲୋଚନା ବିଭାଗର ଯେଉଁ ଯେଉଁ ଶୁଭ୍ର ସୁଗନ୍ଧରାଜ ମାନଙ୍କ କଥା କହିବାକୁ ଚେଷ୍ଟା କରିଚି, ମୋର ବିଶ୍ୱାସ, ସେମାନେ ଆମ ସର୍ଜନା ବନାନୀକୁ ଆହୁରି ମହକାଇବେ ଆଗକୁ ଆଗକୁ ।

### ଚନ୍ଦ୍ରିକାରାଣୀ ପଣ୍ଡା

**ଜନ୍ମ: ମେ ୧୮,୧୯୯୫**
**ଖପରାପଦା,ଭଦ୍ରକ**
**ଫୋନ : ୯୬୬୮୬୪୮୨୮୨**



ଅଭିଜ୍ଞତା ହୁଏତ ତାଙ୍କ ପାଖରେ ସ୍ୱଳ୍ପ କିନ୍ତୁ ଜିଜ୍ଞାସା ତାଙ୍କର ପ୍ରଚଣ୍ଡ । ସେଇ ପ୍ରଚଣ୍ଡ ଜିଜ୍ଞାସାରୁ ହିଁ ତାଙ୍କ ପାଖରୁ ଜନ୍ମ ନେଇଛି 'ଜିଜ୍ଞାସାର ପ୍ରଥମ ପାଦଚିହ୍ନ' । 'ଜିଜ୍ଞାସାର ପ୍ରଥମ ପାଦଚିହ୍ନ' ହେଉଚି ଚନ୍ଦ୍ରିକାରାଣୀଙ୍କ ପ୍ରଥମ ଆଲୋଚନା ପୁସ୍ତକ ଯାହାକୁ ପ୍ରକାଶ କରିଛନ୍ତି ଅଗ୍ରଦୂତ ପ୍ରକାଶନୀ । ପୂଜା ସଂଖ୍ୟାରେ ଅନେକ ପତ୍ରିକାରେ ଆମେ ଗପ ଓ କବିତା ବିଭାଗରେ ଯୁବପିଢ଼ି ମାନଙ୍କ ଯେଉଁ ଭିଡ ଦେଖିବାକୁ ପାଉ ସେତିକି ପ୍ରବେଶ ପ୍ରବନ୍ଧ ବା ଆଲୋଚନା ବିଭାଗରେ ଯୁବପିଢ଼ି ମାନଙ୍କର ଦେଖିବାକୁ ମିଳେନା । କେବେ କେବେ ସୁନ୍ଦର କବିତା ଲେଖୁଥିବା ଚନ୍ଦ୍ରିକାରାଣୀ ଏ କ୍ଷେତ୍ରରେ ଜଣେ ବ୍ୟତିକ୍ରମ କହିଲେ ଅତ୍ୟୁକ୍ତି ହେବ ନାହିଁ । ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, କେନ୍ଦୁଝର (ଦ୍ୱିତୀୟ ପରିସର)ରୁ ପ୍ରାକ୍ ଗବେଷଣା ସମାପ୍ତ କରିଥିବା ତଥା 'ଗୋପୀନାଥ ମହାନ୍ତି ସ୍ମୃତି ସଂସଦ' ତରଫରୁ ପ୍ରବନ୍ଧ ରଚନା ନିମନ୍ତେ ପୁରସ୍କୃତ ହୋଇଥିବା ଚନ୍ଦ୍ରିକାରାଣୀଙ୍କ ଅନେକ ପ୍ରବନ୍ଧ ସପ୍ତର୍ଷି, ଗୋକର୍ଣ୍ଣିକା, କାବ୍ୟଲୋକ, ପ୍ରାଚୀ, ଜ୍ୟୋତିର୍ମୟ, ଘାସଫୁଲ, ଆଇନା ପରି ପତ୍ରିକା ମାନଙ୍କରେ ପ୍ରକାଶିତ ହେବା ସହ କିଛି ଉଚ୍ଚକୋଟୀର ପ୍ରବନ୍ଧ ଏକାଧିକ ସଂକଳିତ ପୁସ୍ତକରେ ମଧ୍ୟ ସ୍ଥାନିତ ହୋଇଚି । ପଶ୍ଚିମା ପ୍ରକାଶନୀର ପ୍ରକାଶକ ଅଶୋକ ମହାନ୍ତିଙ୍କ ଦ୍ୱାରା ସମ୍ପାଦିତ ପୁସ୍ତକ 'କଥା ସାହିତ୍ୟର ସୃଜନ ବିନ୍ଧାଣୀ: ବୀଣାପାଣି'ରେ ଚନ୍ଦ୍ରିକାଙ୍କ ଏକ ଉପାଦେୟ ପ୍ରବନ୍ଧ ମଧ୍ୟ ସ୍ଥାନିତ । ଚନ୍ଦ୍ରିକାରାଣୀଙ୍କ ସମାଲୋଚନାତ୍ମକ ପ୍ରବନ୍ଧଗୁଡ଼ିକ ପଢ଼ିବା ବେଳେ ବେଶ୍ କରି ବାରି ହୋଇପଡେ ସ୍ରଷ୍ଟାଙ୍କ ନିଷ୍ଠାପର ଅନୁଶୀଳନ । ପ୍ରବନ୍ଧ ବା ଆଲୋଚନା କ୍ଷେତ୍ରରେ ଗତାନୁଗତିକ ଉପସ୍ଥାପନ ଶୈଳୀରେ ବିଶ୍ୱାସ ରଖୁ ନଥିବା ଚନ୍ଦ୍ରିକା ଆପଣାର ମୌଳିକତା ପାଇଁ ହିଁ ସମାଲୋଚନା କ୍ଷେତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସକ୍ଷମ ହୋଇଛନ୍ତି । କେବଳ ଯେ ବହୁ ଚର୍ଚ୍ଚିତ ସ୍ରଷ୍ଟାମାନଙ୍କ ସୃଷ୍ଟି ପ୍ରତି ତାଙ୍କ ଜିଜ୍ଞାସୁ ସ୍ରଷ୍ଟାପଣଟି ଯତ୍ନବାନ ଥାଏ ତାହା ନୁହଁ, ବରଂ ସମସାମୟିକ ଯୁବଲେଖକଙ୍କ ମନୋଜ୍ଞ ସୃଷ୍ଟି ପ୍ରତି ମଧ୍ୟ ସେ ଥାଆନ୍ତି ବେଶ୍ ସଚେତନଶୀଳ ଯାହାର ଜ୍ୱଳନ୍ତ ଦୃଷ୍ଟାନ୍ତ ତାଙ୍କର ପ୍ରଥମ ବହି 'ଜିଜ୍ଞାସାର ପ୍ରଥମ ପାଦଚିହ୍ନ'ରେ ଦେଖିବାକୁ ମିଳେ । ଚନ୍ଦ୍ରିକାଙ୍କ




ପ୍ରବନ୍ଧ ତଥା ଆଲୋଚନା ଲେଖିବାର ଅଭିନବ ଶୈଳୀ ସମ୍ପର୍କରେ ବିଶିଷ୍ଟ ସମାଲୋଚକ ଡକ୍ଟର ବେଣୁଧର ପାଢ଼ୀ କହିଥିବା କଥାଟି ଉଲ୍ଲେଖ କରୁଚି: "ସତର୍କ ସଯନ୍ ଓ ସୁନିର୍ବାଚିତ ତଥ୍ୟ ହିଁ ଚନ୍ଦ୍ରିକାଙ୍କ ଆଲୋଚନାକୁ କରିଥାଏ ଶୋଭନୀୟ ପୁଣି ଉପାଦେୟ । କ୍ଲିଷ୍ଟ ବୌଦ୍ଧିକତାରୁ ମୁକ୍ତ କରି ସମାଲୋଚନାକୁ ଏକ ମଧୁର ଓ ନମନୀୟ ରୂପ ପ୍ରଦାନ କରିବା ହେଉଚି ତାଙ୍କର ଲେଖକୀୟ ବିଶେଷତ୍ୱ ।"


ନିଜ ପ୍ରଥମ ବହିର ଅବତରଣିକାରେ ଚନ୍ଦ୍ରିକା ଉଲ୍ଲେଖ କରିଛନ୍ତି: "ପ୍ରତ୍ୟେକ ପ୍ରବନ୍ଧ ଗୋଟିଏ ଗୋଟିଏ ନୂତନ ଜିଜ୍ଞାସା । ସେ ବ୍ୟକ୍ତିନିଷ୍ଠ ପ୍ରବନ୍ଧ ହେଉ ଅବା ବସ୍ତୁନିଷ୍ଠ, ଅଥବା ସମାଲୋଚନା କିମ୍ବା ମୌଳିକ ଆଲୋଚନା ଯେକୌଣସି ପ୍ରଜାତିର ପ୍ରବନ୍ଧଟିଏ ରଚନା କରିବା ଭିତର ଦେଇ ପ୍ରାବନ୍ଧିକ ଅନେକ ନୂତନ ଦିଗନ୍ତକୁ ଉନ୍ମୋଚିତ କରିଥାନ୍ତି ଏବଂ ପ୍ରତ୍ୟେକ ପ୍ରବନ୍ଧ ଶେଷରେ ରହିଯାଏ ପୁଣି ଅୟୁତ ଅତୃପ୍ତି, ଅନେକ ଜିଜ୍ଞାସା ଆଉ ଅସରନ୍ତି ପ୍ରଶ୍ନର କୁହେଳିକା ଯାହା ତାଙ୍କର ଚିନ୍ତନ ଏବଂ ମନନକୁ କରେ ସୂକ୍ଷ୍ମଶୀଳ ତଥା ଆତ୍ମାକୁ କରେ ଅନ୍ୱେଷଣମୁଖୀ । ଏହି ଜିଜ୍ଞାସା ଏବଂ ତଦ୍ ନିହିତ ଅନ୍ୱେଷଣ ହିଁ ଏକ ସାର୍ଥକ ପ୍ରବନ୍ଧର ରେଖାଚିତ୍ର ପ୍ରସ୍ତୁତିର ମୂଳଭିତ୍ତି ।" ଏ ମତ ତାଙ୍କର ବ୍ୟକ୍ତିଗତ ହୋଇପାରେ । କିନ୍ତୁ ଏଥରର ଅକ୍ଷର ପୁସ୍ତକମେଳାରେ ଅଗ୍ରଦୂତ ପ୍ରକାଶନୀ ଷ୍ଟଲ୍‌ରେ ନିତ୍ୟାନନ୍ଦ ଶତପଥୀ, ଦାଶରଥୀ ଦାସ, ଶରତ କୁମାର ମହାନ୍ତିଙ୍କ ପରି ବିଶିଷ୍ଟ ସ୍ରଷ୍ଟା ମାନଙ୍କ ବହି ସାଥେ ଚନ୍ଦ୍ରିକାଙ୍କ ପ୍ରଥମ ପୁଳକ 'ଜିଜ୍ଞାସାର ପ୍ରଥମ ପାଦଚିହ୍ନ' ଶୋଭା ପାଉଥିବାର ଦେଖି ବେଶ୍ ଖୁସି ହୋଇଥିବା ଏ ଲେଖକ ନିଶ୍ଚିତ ରୂପେ ବିଶ୍ୱାସ ରଖିବ ଚନ୍ଦ୍ରିକା ପ୍ରବନ୍ଧ-ସମାଲୋଚନା ଦିଗରେ ନୂତନ ଦିଗ ସବୁ ଉନ୍ମୋଚିତ କରିବେ ଏବଂ ସ୍ୱକୀୟ ଶୈଳୀରେ ବିପୁଳ ପାଠକୀୟ ଶ୍ରଦ୍ଧା ଲାଭ କରି ଯଶସ୍ୱୀ ହେବେ ।

## ସତ୍ୟ ରଞ୍ଜନ ମିଶ୍ର



**ଜନ୍ମ :ଜୁନ ୨,୨୦୦୦**
**ଅଡଙ୍ଗ ଶାସନ, ଅଣଖିଆ, ଜଗତସିଂହପୁର**
**ଫୋନ: ୭୦୬୪୨୨୭୭୮୩**

ସତ୍ୟ ରଞ୍ଜନ ମିଶ୍ର : ଆମ ସମୟର ଜଣେ ସମର୍ଥ ପ୍ରତିଶ୍ରୁତିସମ୍ପନ୍ନ ଯୁବ କଥାଶିଳ୍ପୀ । ସତ୍ୟଙ୍କ 'ସିଦ୍ଧାର୍ଥ' ଓ 'କିଟ୍‌କାଟ୍' ଗଳ୍ପ ସଂକଳନ ପଢ଼ିବା ବେଳେ ମୋର ମନେ ପଡ଼ିଥିଲା କୌଣସି ଏକ ସାହିତ୍ୟ ସଭାରେ କିମ୍ବା କୌଣସି ସାକ୍ଷାତକାର ଭିତ୍ତିକ କାର୍ଯ୍ୟକ୍ରମରେ ବିଶିଷ୍ଟ କଥାକାର ଗୌରହରି ଦାସଙ୍କ ବକ୍ତବ୍ୟରୁ ଶୁଣିଥିବା ସେଇ ଗୋଟିଏ ପଦ - "ସାହିତ୍ୟ ହେଉ, ସଂଗୀତ ହେଉ ଅବା ନୃତ୍ୟ ହେଉ ତାହା ଶିହରଣରେ ବୁଝାଯାଏ, ବ୍ୟାକରଣରେ ନୁହେଁ ।" ସତ୍ୟଙ୍କ ଗପରେ ଯେ କେବଳ କିଟ୍‌କାଟ୍‌ର ମିଠା ଶିହରଣ ଅଛି ତା ନୁହେଁ ବରଂ ଜୀବନାନୁଭୂତିର ଉଲିକିଉଲି ଶିହରଣ ସବୁକୁ ସେ ଏପରି ଭାବେ ନିଜ ଗପ ମାନଙ୍କରେ ଭର୍ତ୍ତି କରି ରଖିଥାନ୍ତି ଯେ ଯେଉଁଠି ପାଠକକୁ ବୋଧହେବ ସେ ଏପରି ଏକ ଗଳ୍ପ ବଗିଚାକୁ ପ୍ରବେଶ କରିଛି, ଯେଉଁଠି ଫୁଟିଛି ହରେକ୍ ରଙ୍ଗର ଫୁଲ । ସମସାମୟିକ ଲେଖକ ଭାବେ ସତ୍ୟ ସବୁବେଳେ ତାଙ୍କ ଗଳ୍ପ ଇଲାକାର ବେପରୁଆ ଯୁବକୁମାର ମନେହୁଅନ୍ତି ଯେ ଧରାବନ୍ଧା କଥାରୁ ଖୁବ୍ ଚତୁରତାର ସହ ଓହରି ଆସି ଗପରେ ଆତ୍ମବିଶ୍ଳେଷଣର ଚିତ୍ରକୁ ଏପରି ଢଙ୍ଗରେ ପରଷି ପାରିବା ସହ ଅସରନ୍ତି ଶୋକ ଭିତରେ ନାନ୍ଦନିକତାକୁ ଅନ୍ୱେଷଣ କରିବାର କଳାକୁ ଅକ୍ତିଆର କରିନେଇ ପାଠକମାନଙ୍କୁ ଏକ ନୂଆ ଦିଶା ଦେଖାଇବାରେ ସମର୍ଥ ହୁଅନ୍ତି । ସତ୍ୟଙ୍କ ଗଳ୍ପଭାଷା ସାମାଜିକ ଭାବେ ରୁଚିକର ଓ ତାଙ୍କ




ଗଳ୍ପକଳାରେ ଭରି ରହିଛି ପ୍ରଚୁର ରଂଜକ । କଥା ନବ ପ୍ରତିଭା ବିଶେଷାଙ୍କରେ ପ୍ରକାଶ ପାଇଥିବା ସତ୍ୟଙ୍କ ଗପ 'ଲେଉଟିଆ ଶାଗ' ଠୁ ଆରମ୍ଭ କରି ନିକଟ ଅତୀତରେ ଜୁନ ମାସ କଥାରେ 'କଥା ଅଙ୍କୁର' ବିଭାଗରେ ପ୍ରକାଶ ପାଇଥିବା ତାଙ୍କ ଗପ 'ତୋ ପରି ମୁଁ'କୁ ପଢିବା ଭିତର ଦେଇ ମୁଁ ଅନୁଭବ କରିଛି: ସତ୍ୟଙ୍କ ପ୍ରତିଟି ଗପ ଯେ ପ୍ରତିଟି ପାଠକ ହୃଦୟକୁ ବେଶ୍ କରି ସ୍ପର୍ଶ କରିବାର କ୍ଷମତା ରଖେ; ତାହା ହୁଏତ କହିବା କଷ୍ଟ ହେବ କିନ୍ତୁ ଏତିକି ଜୋର୍ ଦେଇ କୁହା ଯାଇପାରେ ପ୍ରତିଟି ଗପରେ ଏପରି ଗୋଟିଏ ଗୋଟିଏ ବାକ୍ୟ ଗାଳ୍ପିକ ଲେଖି ଦେଇଥାନ୍ତି ଯେ, ଯାହା ତୀର ପରି କେବେ ବିଦ୍ଧ କରିଥାଏ ଛାତିକୁ ତ ଆଉ କେବେ ସକାଳର କାଠଚମ୍ପା ପରି ମନ ଅଗଣାରେ ଭରି ଦେଉଥାଏ ଅଫୁରନ୍ତ ମହକ । କେବଳ ଗପ ଲେଖିବାରେ ବିଶେଷ ରୁଚି ରଖିଥିବା ନବ ପ୍ରଜନ୍ମର ଏ ପ୍ରତିବଦ୍ଧଶୀଳ ଗାଳ୍ପିକ ଗଳ୍ପ ପ୍ରତି ଥିବା ତାଙ୍କର ସ୍ୱତନ୍ତ୍ର ମୋହବଦ୍ଧତାକୁ ସ୍ୱୀକାର କରି କୁହନ୍ତି : "ପିଲାବେଳେ ଜହ୍ନମାମୁଁ, ମୀନାବଜାର ତଥା ସାହିତ୍ୟ ବହିରେ ଥିବା ଗପ ଓ ଏକାଙ୍କିକା ସବୁ ପଢ଼ିବାର ଅଭ୍ୟାସ ଥିଲା । ଏ ଅଭ୍ୟାସରୁ ନିଶା, ନିଶାରୁ ପ୍ରେମ । ଦେଖିବାକୁ ଗଲେ ଗପ ବ୍ୟତିରେକ ସଂସାରରେ କିଛି ନାହିଁ ମୋ ପାଇଁ । ମୋ ଜୀବନ ସବୁଠୁ ବଡ଼ ଆଉ ସବୁଠୁ ଚମକପ୍ରଦ ଦୀର୍ଘଗପ । ପ୍ରତିଦିନ ମୁଁ ନିଜକୁ ନାୟକ କରି ମୋ ଦିନ ଆରମ୍ଭ କରେ, ମୋ କାହାଣୀ ଆରମ୍ଭ କରେ ଆଉ ପୁଣି ନିଜ ଠାରେ ଶେଷ କରେ, ନିଜକୁ ବିଶ୍ରାମ ଦିଏ । ତହିଁ ଆରଦିନ ନୂଆ ଏକ ଗପ.. ଏମିତି ଚାଲିଛି । ପ୍ରକୃତପକ୍ଷେ ମୁଁ ଗଳ୍ପକୁ ନୁହେଁ ବରଂ ଗଳ୍ପସବୁ ମୋତେ ଖୋଜି ଖୋଜି ଆସି ଧରା ଦେଇଛନ୍ତି ଏକଥା ବରଂ କହିବା ସଠିକ ହେବ । ମୋ ଠୁ ବେଶୀ ଗଳ୍ପମାନେ ମୋତେ ପ୍ରେମ କରନ୍ତି ଏହା ମୋର ସୁଦୃଢ ଭାବନା ।" ଟାଇମ୍ ପାସ୍ ପ୍ରଥମା ସମ୍ମାନ, ଟାଇମ୍ ପାସ୍ ଉଦୟରାଗ ସମ୍ମାନ, କଥା ନବ ପ୍ରତିଭା ସମ୍ମାନରେ ସମ୍ମାନିତ ସତ୍ୟରଞ୍ଜନ ଏମିତି ଚିତ୍ରିତ ପ୍ରଜାପତିଟିଏ ପରି ଗଳ୍ପର ବହୁବର୍ଣ୍ଣୀ ଆକାଶରେ ଉଡ଼ି ବୁଲୁଥାନ୍ତୁ

ଓ ତାଙ୍କ ସୃଜନ ପ୍ରତିଭା ଆହୁରି ବର୍ଦ୍ଧିତ ହେଉ- ଆମର କାମନା ।

## ରୁଦ୍ରମାଧବ ସାହୁ

**ଜନ୍ମ:ଜୁନ୍ ୧୬,୧୯୯୮**
**ବାଘମୁଣ୍ଡା, କୃଷ୍ଣନଗର ପାଟଣା, କାକଟପୁର, ପୁରୀ**
**ଫୋନ : ୬୩୭୦୧୩୧୨୬୯**



"ଛୋଟ ପ୍ରାନ୍, ଛୋଟ ବ୍ୟଥା
ଛୋଟଛୋଟ ଦୁଃଖ କଥା
ନିତାନ୍ତ ଇ ସହଜ ସରଲ୍,
ସହସ୍ର ବିସ୍ମୃତି ରାଶି
ପ୍ରତ୍ୟହ ଯେତେଛେ ଭାସି
ତାରି ଦୁ-ଚାରିଟି ଅଶ୍ରୁ ଜଲ୍ !

ନାହିଁ ବର୍ଣ୍ଣନାର ଛଟା
ଘଟନାର ଘନଘଟା
ନାହିଁ ତତ୍ୱ, ନାହିଁ ଉପଦେଶ୍
ଅନ୍ତରେ ଅତୃପ୍ତି ରବେ
ସାଙ୍ଗ କରି ମନେହବେ
ଶେଷ ହଏ, ହଏଲନା ଶେଷ୍ !"

ତରୁଣ ଗାଳ୍ପିକ ରୁଦ୍ରମାଧବଙ୍କ ଗଳ୍ପ ସମ୍ପର୍କରେ କହିବା ବେଳେ ସ୍ୱତଃ ମନେ ପଡ଼ିଯାଏ ବିଶ୍ୱ କବି ରବୀନ୍ଦ୍ରନାଥ ଟାଗୋରଙ୍କ ଏ ଉକ୍ତି ଏଥିପାଇଁ ଯେ, ରୁଦ୍ରଙ୍କ ଗପରେ କେବେ ଅତିଶୟ ବର୍ଣ୍ଣନା ନଥାଏ । ଗପର ବିସ୍ତାର ଓ ଗପ ପାଇଁ ଶବ୍ଦ ଚୟନରେ ସେ ବେଶ୍ ଯତ୍ନବାନ ଓ ମାପଚୁପ ଜଣା ପଡନ୍ତି । ଜୀବନର ଛୋଟ ଛୋଟ କଥାକୁ ସହଜ ସରଳ ଭାଷା ଦେଇ ଏପରି ସେ ଗପ ଗଢ଼ିଥାନ୍ତି ଯେ ପାଠକ ଅନୁଭବ କରେ ଯେମିତି ମାଆଟିଏ ତା କୁନି ପୁଅ ପାଇଁ ବୁଣି ଦେଇଛି ସ୍ୱେଟରଟିଏ । ହଁ,ଖୁବ୍ କୋମଳ ଛଳଛଳ ଆବେଗ ପ୍ରବଣ ତାଙ୍କ ଗପର ଚିତ୍ର ଚରିତ୍ର ସବୁ । ଅସହାୟ ନିସଂଗ ମଣିଷ କେବଳ ନୁହନ୍ତି ବରଂ ପଶୁପକ୍ଷୀଙ୍କ ସ୍ୱର ବି ନିନାଦିତ ହୁଏ ତାଙ୍କ ଗପରେ ବେଶ୍ କରି ଯାହା ମନ୍ଥିତ କରି ପକାଏ ଶତତ ପାଠକ ହୃଦୟକୁ । ଏ ପରିପ୍ରେକ୍ଷୀରେ 'କଥା ନବ ପ୍ରତିଭା' ବିଶେଷାଙ୍କରେ ପ୍ରକାଶିତ ତାଙ୍କର ଏକ ଗପ 'ପଣତକାନିର ବାସ୍ନା' ମୋର ମନେପଡେ ଯେଉଁଠି ସନ୍ତାନ ଓ ଚଢେଇ ଛୁଆ ଭିତରେ ସେ ଯେପରି ଏକ ତୁଳନାତ୍ମକ ବିଶ୍ଳେଷଣ କରି ମଝିରେ ଦର୍ଶନର ଛୁଙ୍କ ଦେଇଛନ୍ତି ତାହା ହିଁ ତାଙ୍କର ସେଇ ଗପକୁ ଖୁବ୍ ରୁଚିକର କରିଚି । ପୁଣି ମନେପଡିଯାଏ 'ପ୍ରଗତିବାଦୀ'ର ସୃଜନୀ ପୃଷ୍ଠାରେ ପ୍ରକାଶିତ ତାଙ୍କର ଏକ ମିନି ଗପ 'ମାଆ ଟିଏ ବୋଲି ତ !' ଯେଉଁଠି ମାତୃତ୍ୱର ଅନନ୍ୟ ଦୃଶ୍ୟ ଅଭିଭୂତ କରିଦିଏ ପାଠକକୁ । କଥା, ଅର୍ପିତା, ଗୋକର୍ଣ୍ଣିକା, ଗୌରବ, ଜ୍ୟୋତିର୍ମୟ ଆଦି ପତ୍ରିକା ତଥା ଧରିତ୍ରୀ, ସମାଜ, ନିତିଦିନ, ଏକମାତ୍ର, ନକ୍ଷତ୍ରଜ୍ୟୋତି, ପ୍ରଜାତନ୍ତ୍ର, ପ୍ରଗତିବାଦୀ, ସମ୍ବାଦକଳିକା, ପ୍ରମେୟ, ସୂର୍ଯ୍ୟପ୍ରଭା, ସର୍ବସାଧାରଣ ଆଦି ସମ୍ବାଦପତ୍ରର ସାହିତ୍ୟ ପୃଷ୍ଠାରେ ରୁଦ୍ରଙ୍କ ଲେଖାମାନ ପ୍ରକାଶିତ ହୋଇ ପାଠକାଦୃତି ଲାଭ କରିଛି । ରୁଦ୍ର ମାଧବଙ୍କ ଭେଜାଲ ନିର୍ଭେଜାଲ, ଭାବାନ୍ତର ପରି ଚମକପ୍ରଦ ଗପ ଗୁଡ଼ିକ ପଢିବା ବେଳେ ପାଠକଟିଏ ଅନୁଭବ କରିପାରିବ ଗାଳ୍ପିକ ଯେପରି ଅତି ସରଳ ସାବଲୀଳ ଭାବେ ତୋଳି ଧରିଛନ୍ତି ଆମ ଆଖପାଖର ଚରିତ୍ର ମାନଙ୍କୁ ଆଉ ଜୋର୍ କରି ତାଙ୍କ ଆବେଗଭରା ବୁକୁରେ ଜାବୁଡି ଧରିଛନ୍ତି ହଜି ଯାଉଥିବା ସମ୍ପର୍କର ଡୋରୀକୁ ।ବାସ୍ତବରେ,ଆବେଗ ଓ ଆଦର୍ଶର ଅନମନୀୟ ବିନ୍ଧାଣୀ ପରି ବେଳେବେଳେ ପ୍ରତୀତ ହୁଅନ୍ତି ଏହି କମ୍ ବୟସର ଗାଳ୍ପିକ ଜଣକ । ଡିସେମ୍ବର୍ ମାସ 'କଥା'ରେ ପ୍ରକାଶ ପାଇଥିବା ତାଙ୍କର ଆଉ ଏକ ମିନି ଗପ 'ସାହାଯ୍ୟ ଭିକ୍ଷା' ପଢ଼ିଥିବା ପାଠକମାନେ ଏକଥାକୁ ବେଶ୍ କରି ହୃଦ୍‌ବୋଧ କରିପାରିବେ । ଗପ ଲେଖିବା ପାଇଁ ପିଲାଟି ଦିନରୁ ପିତାମାତା, ଗୁରୁଜନ ଓ ସାଙ୍ଗ ସାଥୀଙ୍କ ପ୍ରଚୁର ପ୍ରେରଣା ପାଇଥିବା ରୁଦ୍ର କୁହନ୍ତି – "ଜଣେ ସାହିତ୍ୟମନସ୍କ ପାଇଁ ଦୁନିଆରେ ଘଟୁଥିବା ପ୍ରତିଟି ଘଟଣା ଗପ ପରି ଲାଗେ, ନିଜସ୍ୱ ଢଙ୍ଗରେ । ବ୍ୟକ୍ତିବିଶେଷରେ ସାମାନ୍ୟ ମନେ ହେଉଥିବା ଘଟଣା ବି ଲେଖକୀୟ ଦୃଷ୍ଟିରେ ଜଳଜଳ ହେଇ ଦିଶେ । ସେଇ ଘଟଣାର କେତେକ ଦିଗ ଆଚ୍ଛନ୍ନ କରିପାରେ ତ ଆନ୍ଦୋଳିତ କରିପାରେ । ବିଭୋର କରିପାରେ ତ ପୁଣି କୋହରେ ଆକ୍ରମାନ୍ତ କରିବାର ସାମର୍ଥ୍ୟ ରଖେ । ସେଥିରୁ ନିଜକୁ ମୁକୁଳାଇନେବା ଦୁଃସାଧ୍ୟ । ନିଶ୍ଚିତରୂପେ ଏୟା କୁହାଯାଇପାରେ ଯେ କାଗଜ-କଲମ ଦେଇ ସେସବୁକୁ ଶବ୍ଦାୟିତ କଲାପରେ ସେଇ ଆବେଗମୟତାରୁ ସାମାନ୍ୟ ତ୍ରାହି ମିଳେ । ଏଣୁ, ଜଣେ ଲେଖକ ପାଇଁ ସାହିତ୍ୟ ହିଁ ସର୍ବବିଦ୍ୟମାନ ।"

ସାହିତ୍ୟ ପ୍ରତି ଏତାଦୃଶ ଭାବେ ସମର୍ପିତ ଯୁବ କଥାକାର ରୁଦ୍ରମାଧବ ତାଙ୍କ ଅଭିନବ ସମ୍ବେଦନଶୀଳ କଥା ଚାତୁରୀ ପାଇଁ ଆଗକୁ ନିଜର ଏକ ସ୍ୱତନ୍ତ୍ର ପରିଚୟ ଗଳ୍ପ ସାହିତ୍ୟରେ ସୃଷ୍ଟି କରିବେ ନିଶ୍ଚୟ । ତାର୍ଯ୍ୟକ ଇଙ୍ଗିତ ଓ ଗାଠନିକ କଳାରେ ଆହୁରି ସମୃଦ୍ଧ ହେଉ ଏ ଯୁବ ଗାଳ୍ପିକଙ୍କ ଗଳ୍ପ । କଥନିକାରେ ସେ ଆହୁରି ସ୍ୱଚ୍ଛ ଓ ନିର୍ଭୀକ ହୁଅନ୍ତୁ ବୋଲି ମୋର ଶୁଭେଚ୍ଛା ଓ ଶୁଭକାମନା ।

## ଲକ୍ଷ୍ମୀପ୍ରିୟା ମହାନ୍ତି

**ଜନ୍ମ : ଅକ୍ଟୋବର ୮,୨୦୦୨**
**ମାହାଳ, ଢିଙ୍କିଆ, କୁଜଙ୍ଗ, ଜଗତସିଂପୁର : ୭୫୪୧୪୧**
**ଫୋନ : ୭୮୧୫୦୨୫୦୧୭**



"କେତେ ଠୋପା ଲୁହ ପାଖାପାଖି ହେଇ ମିଶିଯାଆନ୍ତି । ମିଶିଗଲେ ସେ ଆଉ ବଡ଼ ଠୋପା ହେଇ ରହନ୍ତନି, ବହିଯାଆନ୍ତି । ଏହି ବହିଯିବା ହିଁ କବିତା । କବିତାରେ କ୍ଷୋଭ, ଆକ୍ରୋଶ, ଦ୍ରୋହ ଥାଇପାରେ- ହେଲେ ତା ପଛରେ ଥିବା କାରୁଣ୍ୟକୁ ବି ଅସ୍ୱୀକାର କରି ହେବନି । ଯେଉଁ ଲୁହଠୋପା ଗୁଡ଼ିକ ଏକ୍‌ଲା ରହିଗଲେ- ପଢ଼ାଟେବୁଲ୍, ଡାଏରୀ, ପାପୁଲି କି ପିନ୍ଧାଲୁଗା ସହ ମିଶିଗଲେ, ସେମାନେ ବାଧ୍ୟ କରାନ୍ତି ତାଙ୍କୁ ଗପ କରିଦେବାକୁ । ଗପ କବିତା ଆଡ଼କୁ କି କବିତା ଗପ ଆଡ଼କୁ ଛିଟିକି ନଯିବେ କହିହେବନି; ହେଲେ ସେମାନେ ନିଜ ଜାଗାରେ ନିଜର ମର୍ଯ୍ୟାଦା ରଖନ୍ତୁ, ସେ ଲାଗି ମୋତେ ସଚେତନ ହେବାକୁ ପଡ଼େ ।"

'ସମ୍ପର୍କ' ପତ୍ରିକାର ସାହିତ୍ୟ ପୃଷ୍ଠାରେ ସାକ୍ଷାତକାର ବିଭାଗରେ କବି ଗାଳ୍ପିକ ପ୍ରକାଶକ ସରୋଜ ବଳଙ୍କ ଏକ ପ୍ରଶ୍ନରେ ଉତ୍ତର ରଖିବାକୁ ଯାଇ ଏ କଥା କହିଥିଲେ ବରିଷ୍ଠ କବି ସୁଚେତା ମିଶ୍ର । ଲକ୍ଷ୍ମୀପ୍ରିୟାଙ୍କ ବିଷୟରେ ଲେଖିବାକୁ ଗଲା ବେଳେ ସୁଚେତା ମିଶ୍ରଙ୍କ ଏ ଧାଡ଼ି ସବୁ ଏଥିପାଇଁ ମନେ ପଡ଼ିଲା ଯେ, ଖୁବ୍ କମ୍ ବୟସରେ ଉଭୟ ଗପ ଓ କବିତା କ୍ଷେତ୍ରରେ କିପରି ଏକ ଭାରସାମ୍ୟ ରକ୍ଷା କରିବାକୁ ହୁଏ ସେକଥା ଲକ୍ଷ୍ମୀପ୍ରିୟାଙ୍କୁ ବେଶ୍ ଜଣା । ଜଣା ବୋଲି ତ ଲକ୍ଷ୍ମୀପ୍ରିୟାଙ୍କ କାହାଣୀର ମଞ୍ଜ କେତେବେଳେ ପାଠକ ମାନଙ୍କୁ ଅଥୟ କରେ ତ ଆଉ କେତେବେଳେ ତାଙ୍କ କବିତା ବିଭୋର କରେ ପାଠକକୁ ବହୁମାତ୍ରାରେ । ସରଳ,ତରଳ ଓ ଲଳିତ ଶବ୍ଦ ବସାଣ ସହ ତାଙ୍କ ହୃଦୟର ଅନୁଭବକୁ କବିତାର କାୟାକଳ୍ପରେ ସେ ଏପରି ଭାବେ ବିଛାଇ ଦେଇଥାନ୍ତି ଯେ ନିଖୁଣ ଜୀବନବୋଧର ଚିତ୍ର ସ୍ୱଚ୍ଛ

ରୂପେ ଉଦ୍‌ଭାସିତ ହୋଇଉଠେ ପାଠକ ସାମ୍ନାରେ । ନିକଟ ଅତୀତରେ ସମ୍ବାଦ ରବିବାର ପୃଷ୍ଠାରେ ପ୍ରକାଶିତ ତାଙ୍କର କବିତା 'ବାପା!! ଟିକେ ସ୍ୱାର୍ଥପର ହୁଅ'ର କିଛି ଧାଡ଼ି ଏଠି ଉପସ୍ଥାପନ କରୁଚି ।

"ଏକ ଅବ୍ୟବହୃତ କୋଠରୀ କୋଣରେ / ତୁମେ ଅଦରକାରୀ ପଦାର୍ଥଟେ ସାଜି ପାର / ତୁମର ସେ କଥାକୁହା ପାଟି / କାନ୍ଦି ଶିଖି ନଥିବା ଆଖି / ଗୁମୁରି କାନ୍ଦି ଖୁଁ ଖୁଁ ହେବ..../ ଆମ ଭବିଷ୍ୟତ ଦୀପରେ / ସବୁତକ ଘୃତ ଭର୍ତ୍ତି କରି ତୁମ ଭବିଷ୍ୟତ ଅମା ଅନ୍ଧକାର..../ ସେଥିପାଇଁ କହୁଛି, ବାପା! / ନିଜ ପାଇଁ ବଞ୍ଚିବା ଶିଖ / ବାପା! ଟିକେ ସ୍ୱାର୍ଥପର ହୁଅ... ।" **(ରବିବାର ସମ୍ବାଦ ସାହିତ୍ୟ ପୃଷ୍ଠା,ଜୁଲାଇ ୩୦,୨୦୨୩)** ଲକ୍ଷ୍ମୀପ୍ରିୟାଙ୍କ ଆଉ ଏକ କବିତା 'ଅନ୍ଧାର'ର ଏ କିଛି ଧାଡ଼ିକୁ ଲକ୍ଷ୍ୟ କରାଯାଉ । ପାଠକ ନିଶ୍ଚିତ ରୂପେ ଅନୁଭବ କରିପାରିବେ ଯେ, କବି ଅଯଥା ଆଡମ୍ବର, ବାହ୍ୟ ଅଳଙ୍କାର ଏସବୁରୁ ମୁକ୍ତ ହୋଇ ସରଳ ଶବ୍ଦଙ୍କ କାନ୍ଧରେ କବିତାର ବୋଝ ବହନ କରିବାରେ ଖୁବ୍ ସମର୍ଥ ।

"ଶୀତ ଦିନେ ଘରେ ଲକ୍ଷ୍ମୀ ପାଦ ଥାପୁଥାପୁ
ବୋଉ ପାଦ ଫାଟି ଆଁ କରେ
ସେ କିନ୍ତୁ ତା' ଦରଜର ନାଁ ଦେଲା ବେଳକୁ
ବେଳ ବୁଡ଼ି ରତରତ
କିନ୍ତୁ ମୋ ହାତର ଝାପ୍‌ସା ଦାଗଟେ
ତା' ଛାତିରେ ଭୀଷଣ କଷ୍ଟ ଭରେ.. ।"**(କବିତା: ଅନ୍ଧାର)**

ଜୀବନ ସମ୍ପର୍କିତ ନାନାବିଧ ଉପଲବ୍ଧି ଯାହା ଏହି ଯୁବ ପ୍ରତିଭାଙ୍କ ଅନ୍ତରକୁ ବିଦାରିତ କରିଚି ତାହା କେବଳ କବିତାରେ ନୁହଁ ଗପରେ ମଧ୍ୟ ବେଶ୍ କରି ତୋଳି ଧରିଛନ୍ତି ସେ । 'କଥା' ଓ 'ସମ୍ବାଦ'ରେ ଯଥାକ୍ରମେ ପ୍ରକାଶିତ ତାଙ୍କର ଦୁଇଟି ଭଲଗପ 'ଗୋଟେ ଇଚ୍ଛା ନଥିବା ଅହ୍ୟସୁଲକ୍ଷଣୀ' ଏବଂ 'କୃଷ୍ଣଚୂଡ଼ା'କୁ ଦୃଷ୍ଟାନ୍ତ ରୂପେ ନିଆ ଯାଇପାରେ । 'ଗୋଟେ ଇଚ୍ଛା ନଥିବା ଅହ୍ୟସୁଲକ୍ଷଣୀ'ରେ ପତି ଦ୍ୱାରା ନିର୍ଯାତିତା ନିଷ୍ପେଷିତା ଏକ ନାରୀର ମନସ୍ତତ୍ତ୍ୱ ସହ ଲୋକଙ୍କ ଚିରାଚରିତ ଚିନ୍ତାଧାରାକୁ ସେ ଯେପରି ଭାବେ ଗପରେ ଉପସ୍ଥାପନ କରିଛନ୍ତି ତାହା ହିଁ ଏ ଗପକୁ ସଭ୍ୟତାର ଅନ୍ଧାରୀ ଗଳିରେ ଦିଗବାରେଣୀ ଭଳି ଛିଡ଼ା କରାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ସେହିପରି ତାଙ୍କର ଅନ୍ୟ ଏକ ଗପ 'କୃଷ୍ଣଚୂଡ଼ା'ରେ ସମାଜର ବିଡମ୍ବନାକୁ ସେ ଯେପରି ପ୍ରତିଫଳିତ କରିବାରେ ସଫଳ ହୋଇଛନ୍ତି ତାହା ତାଙ୍କର ଗଳ୍ପଟିଏ ଗଢ଼ି ପାରିବାର ଅପୂର୍ବ ସୂକ୍ଷ୍ମ କଳାର ପରିଚୟ ଦିଏ । ଉଭୟ ଗପ ଓ କବିତା ସର୍ଜନାରେ ମଗ୍ନ ଥିବା ଓ ନିଜ ସାରସ୍ୱତ ପ୍ରତିଭା ପାଇଁ ଟାଇମ୍ ପାସ୍ ଉଦୟରାଗ ସମ୍ମାନ, କଥା ନବପ୍ରତିଭା ସମ୍ମାନ, ସମ୍ବାଦ ଏ ମାସର ଲେଖକ ସମ୍ମାନରେ ସମ୍ମାନିତ ଲକ୍ଷ୍ମୀପ୍ରିୟା କୁହନ୍ତି: "ରାତିରେ ସମୁଦ୍ରର ବିସ୍ତୀର୍ଣ୍ଣ ବେଳା ଭୂଇଁରେ ଏକା ଛିଡ଼ା ହେଇଥିବା ବେଳେ ଯେଉଁ ଢେଉ ସବୁ ଧାଡ଼ି ଧାଡ଼ି କରି କୂଳ ଛୁଇଁ ଫେରିଯାଆନ୍ତି, ସେଇଥିରେ ସେ ଅନେକ ଅକୁହା କଥା ବାଲି ପଠାରେ ନେଶି ଦେଇ ଯାଆନ୍ତି, ସେଇ ସବୁ ସକାଳୁ କବିତା ହେଇ ଫୁଟନ୍ତି । ସେଇଠି ଛିଡ଼ା ହେଇ ଆଖି ବୁଜି ଦେଲେ ଦିଶୁଥିବା ପବନରେ ଦାଗ, ବାଲିର ଗୋଲାପ, ଫର୍ଦ୍ଦେ କାଗଜ ରଙ୍ଗର ଆକାଶ, ଜହ୍ନର ବାସ୍ନା ଆଉ ଭୋଗୁଥିବା ଭୟ ସବୁ ଗପ । ଗପ ଓ କବିତାକୁ ମୁଁ କେତେ ଭଲପାଏ କହିପାରିବିନି । ହଁ, ଦୁହିଁଙ୍କ ଠୁ ମିଳୁଥିବା କଷ୍ଟ ବି ମୋତେ ଭଲଲାଗେ, ସେ କଷ୍ଟକୁ ବୋଲି ହେବାକୁ ମୁଁ ଭଲପାଏ । ସେ ଦୁହେଁ ନିଜ ଭିତରେ ନିଜେ ସମନ୍ୱୟ ରକ୍ଷା କରନ୍ତି । କିଏ ଗପ ହେବ କିଏ କବିତା ହେବ; ସେ କଥା ସେମାନେ ନିଜ ଭିତରେ ସ୍ଥିର କରି ପରେ ମୋ ପାଖକୁ ଆସନ୍ତି ।"

ଉପେକ୍ଷାର ଯନ୍ତ୍ରଣା ସବୁକୁ ନୂଆ ରାହା ଦେବାରେ କେବଳ ସାହିତ୍ୟ ହିଁ ସମର୍ଥ ବୋଲି ବିଶ୍ୱାସ ରଖୁଥିବା ଆମ ସମୟର ଏହି ପ୍ରତିଭାବାନ ଯୁବ ଗାଳ୍ପିକା ଓ କବିଙ୍କ ଚେତନାର ଚୌହଦୀ ଆହୁରି ବିସ୍ତାରିତ ଓ ବିସ୍ଫାରିତ ହେଉ ବୋଲି କାମନା କରୁଛି ।

## ବିଜୟଲକ୍ଷ୍ମୀ ସାମନ୍ତରାୟ

**ଜନ୍ମ: ଜୁଲାଇ ୩,୧୯୯୫**
**ଏକଡ଼ାଳିଆ ସାହି, ରାଜସୁନାଖଳା,ନୟାଗଡ଼**
**ଫୋନ :୮୯୧୭୬୯୮୬୬୨**

"ଜଣେ ଥିଲା ରାଜା, ଜଣେ ଥିଲା ରାଣୀ, ସେମାନଙ୍କର ଥିଲା ଗୋଟେ ସୁନ୍ଦରୀ ନାକଫୋଡ଼ୀ ଝିଅ...ଇତ୍ୟାଦି ଶୁଣିବା ବେଳ ବହୁ ଆଗରୁ ଅପସୃୟ! ମୋର ବିଶ୍ୱାସ ସାଂପ୍ରତିକ ମଣିଷ ବେଶି ଭାଗ ବଞ୍ଚେ ମନରେ । ସଂଘର୍ଷ କରେ ମସ୍ତିଷ୍କରେ । ପୁଣି ବିଶ୍ୱ ଗ୍ରାମ ବା ଗ୍ଲୋବାଲ୍ ଭିଲେଜ୍‌ରେ ବାସ କରୁଥିବା ମଣିଷର ଆଜି ବଡ଼ ସମସ୍ୟା ସାମାଜିକ ସ୍ତରରେ ସୀମିତ ନୁହଁ ଅଧିକନ୍ତୁ ମାନସିକ ସ୍ତରରେ ।"



ଏ କଥା ଆମ ସମୟର ଚର୍ଚ୍ଚିତ ଅଫ୍ ବିଟ୍ ଗାଳ୍ପିକ ରାଜେନ୍ଦ୍ର ରାଉଳ ଉଲ୍ଲେଖ କରିଛନ୍ତି ତାଙ୍କ ଗଳ୍ପ ପୁସ୍ତକ 'ଶିବ ଦାସ'ର ପ୍ରଥମ ସଂସ୍କରଣର ଅଗ୍ରଲେଖରେ । ଯୁବ ଗାଳ୍ପିକା ବିଜୟଲକ୍ଷ୍ମୀଙ୍କ ଉପରେ ଆଲୋଚନା କଲାବେଳେ ରାଜେନ୍ଦ୍ର ରାଉଳଙ୍କ ଏ କିଛି କଥାକୁ ଏଠି ଉପସ୍ଥାପିତ କରିବାର ତାତ୍ପର୍ଯ୍ୟ ହେଉଚି, ବିଜୟଲକ୍ଷ୍ମୀଙ୍କ ଗପରେ ମଧ୍ୟ ଆଧୁନିକ ମଣିଷର ମନ ଓ ବିବେକ ଭିତରେ ଅହରହ ଚାଲିଥିବା ସଂଘର୍ଷ ଓ ସଂଘାତର ଚିତ୍ର ସ୍ପଷ୍ଟ ଭାବେ ଦୃଶ୍ୟମାନ ହୋଇଥାଏ । ପିଲାଟି ଦିନରୁ ଓଡ଼ିଆ ଭାଷା ପ୍ରତି ଓ ସାହିତ୍ୟ ପ୍ରତି ବିଶେଷ ମମତ୍ୱବୋଧ ରଖିଥିବା ବିଜୟଲକ୍ଷ୍ମୀ କେବଳ ଗପ ଲେଖିବାରେ ରୁଚି ରଖନ୍ତି ନାହିଁ ବରଂ ଭଲ ଗପ ପଢ଼ି ସୁନ୍ଦର ଆବୃତି ମାଧ୍ୟମରେ ଅନ୍ୟ ମାନଙ୍କ ପାଖରେ ଓଡ଼ିଆ ଗପକୁ ପହଞ୍ଚାଇବାକୁ ମଧ୍ୟ ପ୍ରୟାସ କରନ୍ତି । ଗପକୁ ଗପର ନାଟକୀୟତା ଦେଇ, ଗପ ବାଗରେ ପଢିବାର କଳା ତାଙ୍କୁ ବେଶ୍ ଜଣା । ଭାଦ୍ରବ ମାସ ଖୁଦୁରୁକୁଣୀ ପିଣ୍ଡିରେ ବସି ସମସ୍ତଙ୍କୁ ଗପ ଶୁଣାନ୍ତି ବୋଲି ତାଙ୍କୁ ତାଙ୍କ ଆତ୍ମୀୟ, ସାଙ୍ଗସାଥୀ ମାନେ ଗପବୁଢ଼ୀ ବୋଲି ଡାକନ୍ତି । ସୁରେନ୍ଦ୍ର ମହାନ୍ତି, ପ୍ରତିଭା ରାୟ, ରାମଚନ୍ଦ୍ର ବେହେରା, ମନୋଜ ଦାସ, ଗୋଦାବରୀଶ ମହାପାତ୍ର, ନନ୍ଦ କିଶୋର ବଳଙ୍କ ପରି ମହାନ୍ ସାରସ୍ୱତ ସାଧକମାନଙ୍କର ସୃଷ୍ଟି ନିଚୟରୁ ସେ ବିଶେଷ ସାରସ୍ୱତ ଆନନ୍ଦ ଲାଭ କରିବା ସହ ଆଗାମୀ ଦିନରେ ଜଗନ୍ନାଥ ସଂସ୍କୃତି ଉପରେ ଗଭୀର ଭାବେ ଅଧ୍ୟୟନ କରିବାକୁ ଇଚ୍ଛା ରଖିଛନ୍ତି । ବିଦ୍ୟାଳୟର ବାର୍ଷିକପତ୍ରିକା 'ପ୍ରତୀକ' ପାଇଁ ଲେଖା ଆହ୍ୱାନ ବେଳେ, ପ୍ରଥମ କରି ଗପ ଲେଖିବା ପାଇଁ ସୃଷ୍ଟି ହୋଇଥିବା ଆଗ୍ରହ ତାଙ୍କୁ ପରବର୍ତ୍ତୀ ସମୟରେ ଲେଖାଇ ନେଇଛି ଅନେକ ଚମତ୍କାର ଗପ କୌସ୍ତୁଭ, ମିଶ୍ରରାଗ, ରବିବାର ସମ୍ବାଦ ପୃଷ୍ଠା, ଓଡ଼ିଆ ଗଳ୍ପର ନବଜାତକ କଥା ମାସିକ ପତ୍ରିକା, ମହକ, ଟାଇମପାସ ପ୍ରକାଶନୀ ଦ୍ୱାରା ପ୍ରକାଶିତ ଉଦୟରାଗ, ଯୁବପିଢ଼ିର ସ୍ୱର ଜ୍ୟୋତିର୍ମୟ ପତ୍ରିକାରେ । ଫେସ୍‌ବୁକ୍ କାନ୍ଥରେ, 'ଜୀବନ କଥା' ସିରିଜ୍ ମାଧ୍ୟମରେ ଜୀବନର ତମାମ ଘଟଣାକୁ ଭିନ୍ନ ତଥା ନୂଆ ଢଙ୍ଗରେ ପରଷି ସେ ମଧ୍ୟ ସାଉଁଟି ପାରିଛନ୍ତି ଅନେକ ପ୍ରସଂଶା । 'ଜୀବନ କଥା' ଲେଖୁଲେଖୁ ଅନ୍ୟମାନଙ୍କ ଉତ୍ସାହ ଓ ପ୍ରେରଣା ପାଇ ସେ ପାଦ ଥାପିଛନ୍ତି

ଗଳ୍ପ ଭୂମିରେ । ଓଡ଼ିଆ ସାହିତ୍ୟରେ ଅନେକ ବିଭାଗ ଥାଉଥାଉ ଗପରେ କାହିଁକି ବୋଲି ଯେତେବେଳେ ତାଙ୍କୁ ପ୍ରଶ୍ନ କରାଯାଏ ସେତେବେଳେ ସେ ଉତ୍ତର ରଖନ୍ତି: "ପିଲାଦିନେ, ଆମ ଧାନବେଙ୍ଗଳା ପକା ବାଡ଼ିରେ, ଜେଜେମା' ମତେ କାନ୍ଧରେ ପକେଇ, ବୁଲିବୁଲି, ଗପ କୁହେ । ମୁଁ ଶୋଇବି ବୋଲି ।

ମୁଁ ଗପ ଶୁଣେ, ଜେଜେ ମା' କାନ୍ଧରୁ ଆକାଶ ଦେଖେ, ଜହ୍ନକୁ ନିରେଖେ....! ହେଲେ ବିଲ୍‌କୁଲ୍ ଶୁଏନି ... ! ସେଦିନ ମୁଁ ଖୁବ୍ ଖୁସି ହୁଏ । ଆଉ ଯେବେ ସେ ମତେ ଗୀତ ଶୁଣାଏ ମୁଁ ଆପେ ଶୋଇଯାଏ କେଇଟା ମୁହୂର୍ତ୍ତରେ । କାଇଁ ଶୋଇଗଲି, କେମିତି ଶୋଇଗଲି ବୋଲି ସକାଳୁ ଉଠି ବ୍ୟସ୍ତ ହୁଏ ! ମନ ଦୁଃଖ କରି ଜେଜେମା' ଆଗରେ ରୁଷେ । ବାସ୍ ସେବେଠୁ ମୋ ଭିତରେ ତିଆରି ହେଇଯାଇଚି ଧାରଣାଟିଏ ! ବୋଧେ ମତେ, ସତେଜ ରଖେ, ଜୀବନ୍ତ ରଖେ, ଖୁସିରେ ରଖେ ଗପ ... ! ସମୟ ସହିତ ବଡ ହେଲା ପରେ, ମୁଁ ପୁଣି ସେଇ ସମାନ ଅନୁଭବ କଲି...! ଗପଟିଏ ତିଆରି ସେ ଭିତରେ ଟିକିନିଖି ଚିତ୍ର ଦେଖେଇବାରେ ଖୁସି ସାଉଁଟିଲି । ଗପ ପଢ଼ିବାକୁ ବେଶି ଭଲ ପାଇଲି ... । ଦୀର୍ଘଗପକୁ ଆହୁରି ବେଶୀ ଭଲ ପାଇଲି ... ! ସଂକ୍ଷେପରେ କହିଲେ ଗପରେ ଅତି ସହଜ ହୁଏ ନିଜକୁ ଯୋଡିବା ... ! ବୋଧେ ସେଇଥି ପାଇଁ !"

ଗଳ୍ପ ବିଭାଗକୁ ଏହିପରି ଭାବେ ଖୁବ୍ ଭଲପାଉଥିବା ଓ 'କେନ୍ଦ୍ରବିନ୍ଦୁ', 'ପାଳ ଦଉଡି', 'ସଧବା ଶ୍ରଦ୍ଧା', 'ଭଙ୍ଗା ନିଦ, ଅଭଙ୍ଗା ହସ', 'ଜୀବନ ବୁଲା', 'ମାମୁଁ', 'ଆପଣାର କେହି' ପରି ଆବେଗସିକ୍ତ ଗଳ୍ପସବୁ ଭେଟି ଦେଇଥିବା କଥା ନବପ୍ରତିଭା ବିଜୟିନୀ ବିଜୟଲକ୍ଷ୍ମୀଙ୍କ ସର୍ଜନ ଚକ୍ଷୁ ଏମିତି ସବୁବେଳେ ଉନ୍ମୀଳିତ ହୋଇ ରହିଥାଉ ଏବଂ ସେ ସେହି ଗଳ୍ପର ବଳୟ ଭିତରେ ରହି ଜୀବନର ବହୁବିଧ ଚିତ୍ର ଦେଖିବାର ଓ ଦେଖାଇବାର ପ୍ରକ୍ରିୟାରେ ବ୍ରତୀ ହୋଇ ରହିଥାଆନ୍ତୁ ।

ମୋ କଥାଟି ସଇଲା ... ଫୁଲଗଛଟି ମରିଲା...

କେଜାଣି କିଏ କହିଥିଲେ ଏକଥା ! ଫୁଲଗଛ କଣ ମରେ ! ତା ବାସ୍ନାର ଛାପ କଣ ସହଜରେ ହଜି ଯାଇପାରେ ! ନା, ସେ ବାସ୍ନା ଆହୁରି ବିସ୍ତାରିତ ହେଉଥାଏ । ଏ ଫୁଲଗଛ ମାନେ ବି ଆଗକୁ ଆଗକୁ ପେନ୍ଥା ପେନ୍ଥା ଫୁଲର ସମ୍ଭାର ନେଇ ଆସିବେ, ଆସୁଥିବେ ଯାବତୀୟ ବାସ୍ନାକୁ ସାଥିରେ ଧରି ଏ ବିଶ୍ୱାସ ମୋର ଅଛି । କାରଣ ଏମାନେ ପୁରସ୍କାର, ମିଥ୍ୟା ପ୍ରଶଂସାର ମୋହରେ ମୋହାବିଷ୍ଟ ନୁହନ୍ତି ବରଂ ଏମାନେ କୋମଳ ଛଳଛଳ ମନ ନେଇ ଭଲପାଇଛନ୍ତି ଏ ସର୍ଜନାର ବନାନୀକୁ । ଏ ବନାନୀର ପଲ୍ଲବନ, ପ୍ରସ୍ଫୁଟନ, ନୂତନ ବୀଜ ଅଙ୍କୁରୋଦ୍‌ଗମନରେ ହିଁ ଲୁକ୍କାୟିତ ହୋଇ ରହିଛି ସେମାନଙ୍କର ଅନ୍ତର୍ନିହିତ ଆନନ୍ଦ । ଆଉ ସେଇ ଆନନ୍ଦର ସ୍ଫୁରଣରେ ହିଁ ଆମ ସାହିତ୍ୟ ଆକାଶ ନିତ୍ୟ ନିୟତ ହେଉଥିବ ଉଦ୍‌ଭାସିତ ।


## ବାର୍ଷିକ ଗ୍ରାହକ ହୁଅନ୍ତୁ ଘରେ ବସି ରେବତୀ ପାଆନ୍ତୁ

ରିହାତି ୧୭%

ବାର୍ଷିକ ଗ୍ରାହକ ଯୋଜନା





- ଏକ ବର୍ଷ ପାଇଁ ଟ.୫୦୦.୦୦ (ପାଞ୍ଚଶହ ଟଙ୍କା), ଡାକଖର୍ଚ୍ଚ ୨୯୦.୦୦ ଟଙ୍କା ଅତିରିକ୍ତ । ସମୁଦାୟ ୭୯୦.୦୦ ଟଙ୍କା ପଠେଇବାକୁ ପଡ଼ିବ ।
- ପତ୍ରିକା ରେଜିଷ୍ଟାର୍ଡ ଡାକ (ନିରାପଦ ଡାକ ବ୍ୟବସ୍ଥା)ରେ ଆପଣଙ୍କ ଘରେ ପହଞ୍ଚିବ । ସାଧାରଣ ଡାକରେ ପତ୍ରିକା ପଠାଯାଏ ନାହିଁ ।
- ବାର୍ଷିକ ଦେୟ 'ରେବତୀ ମିଡିଆ ହାଉସ ପ୍ରା. ଲିଃ.' ନାମରେ ଥିବା ବ୍ୟାଙ୍କ ଖାତାକୁ ପଠାଇବେ ।
- ନିଜର ସମ୍ପୂର୍ଣ୍ଣ ଡାକ ଠିକଣା, ପିନ୍‌କୋଡ୍ ନମ୍ବର ଏବଂ ଟେଲିଫୋନ୍ ନମ୍ବର ନିମ୍ନରେ ପ୍ରଦତ୍ତ ଟେଲିଫୋନ୍ ନମ୍ବରର ହ୍ୱାଟ୍‌ସ୍‌ଆପ୍‌କୁ ପଠାଇବେ ।
- ଟଙ୍କା ପୈଠ ହୋଇଥିବାର ପ୍ରମାଣ ସ୍ୱରୂପ ବ୍ୟାଙ୍କ ରିସିପ୍ଟଟି ଆମକୁ ପଠାଇବେ ।

ଯୋଗାଯୋଗ : ରେବତୀ କାର୍ଯ୍ୟାଳୟ, ଲକ୍ଷ୍ମୀନାରାୟଣ ମନ୍ଦିର ପାଖ, ଓଟି ରୋଡ୍, ବାଲେଶ୍ୱର-୧, ଫୋନ : ୯୯୩୭୨୮୮୫୫୪

**Bank Details**
**Benificiary Name : Rebati Media House Pvt Ltd.**
**Bank Name : HDFC BANK (India), Balasore**
**Account No : 50200033907121**
**IFSC Code : HDFC0000366**

www.rebatee.in
୫୦/-
ରେବତୀ
ଆମ ମାଟିର ସ୍ୱର

ପ୍ରସଙ୍ଗ-୨

# ସାତବର୍ଣ୍ଣର ସକାଳ

## ଚିତ୍ରକଳାର ଚିତ୍ରପ୍ରତିମାଙ୍କୁ ସାତରଙ୍ଗରେ ସଜେଇଛନ୍ତି ମାନମୟୀ ରଥ

▲ ଶୀର୍ଷକ ପାଇଁ କବି ସୂର୍ଯ୍ୟ ମିଶ୍ରଙ୍କ ଠାରେ ଋଣ ସ୍ୱୀକାର



**ଶବ୍ଦର ଇଙ୍ଗିତ ବା ଦ୍ୟୋତନା ଠାରୁ ରଙ୍ଗ ଓ ରେଖାର ଦ୍ୟୋତନା ଭିନ୍ନ । ରଙ୍ଗ ଓ ରେଖାର କୁହୁକକୁ ଦେହରେ ବୋଳି ଜୀବନ୍ତ ହୁଏ ଚିତ୍ର । ସର୍ଜନାର ଏହି କଳାରୂପ ଦେଖଣାହାରୀଙ୍କ ଆଖି ବାଟ ଦେଇ ହୃଦୟ ଓ ମସ୍ତିଷ୍କକୁ ଆଲୋଡ଼ିତ ଓ ଉଚ୍ଛାଟିତ କରେ । କରେ ବି ଭାବମୟ ଓ ଆନନ୍ଦ ମୁଖର । ଚିତ୍ରରେ ନିହିତ ଆନନ୍ଦ ହେଉଛି ତାର ପ୍ରାଣଶକ୍ତି । ଅଭିନବତ୍ୱ ତାର ସାମର୍ଥ୍ୟ । ରେଖା ସୀମିତ, ରଙ୍ଗ ବି ସୀମିତ । କିନ୍ତୁ ପ୍ରୟୋଗରେ ବିବିଧତା ଓ ବୈଚିତ୍ର୍ୟ ଝଟକାଇ ଦିଏ ଚିତ୍ରରେ ନୂତନତ୍ୱ । ଉନ୍ମୋଚିତ ହୁଏ ନୂଆପଣର ଦିଗନ୍ତ ପରେ ଦିଗନ୍ତ । ସେହି ନୂଆପଣର ରୋମାଂଚ କାନ୍‌ଭାସ୍‌ରେ ବୁଣି ହୋଇ ସଂଚରିତ ହୁଏ ରସଗ୍ରାହୀର ରୁଚିରେ । ଅୟମାରମ୍ଭର ପଦପାତରେ ଛାଏଁ ରୂପ ପାଏ ଚିତ୍ର । ଚିତ୍ରକଳାର ବର୍ଣ୍ଣମାଳାରୁ ଛାଣି ଆଣି କିଛି ନୂଆମୁହଁଙ୍କୁ ତୋଳି ଧରିବା ପାଇଁ 'ରେବତୀ' ବରାବର ପ୍ରୟାସ କରି ଆସିଛି । ଏଥର ସେମିତି ସାତବର୍ଣ୍ଣର ସକାଳରେ ସାତ ଜଣ ନୂଆଶିଳ୍ପୀଙ୍କୁ ଚିହ୍ନାନ୍ତି ଆମ ସମୟର ଚିତ୍ରଶିଳ୍ପୀ, କବି ଓ ଗାଳ୍ପିକା ମାନମୟୀ ରଥ ।**

# ନୂଆପଣର ସାତବର୍ଣ୍ଣ


## ମାନମୟୀ ରଥ

ଅଧ୍ୟକ୍ଷା: ସେଣ୍ଟ୍ ଜାଭିଅର୍ କିଡ୍ସ
ବାଲିପୁଟ, ପୁରୀ-୭୫୨୦୪୫
ଫୋନ୍:୭୯୭୮୫୭୯୩୯୯


ଫଟୋ ସୌଜନ୍ୟ: ଲେଖିକା



▶ ଲେଖିକା ମାନମୟୀ ରଥ

ଶବ୍ଦର ଇଙ୍ଗିତ ବା ଦ୍ୟୋତନା ଠାରୁ ରଙ୍ଗ ଓ ରେଖାର ଦ୍ୟୋତନା ଭିନ୍ନ । ରଙ୍ଗ ଓ ରେଖାର କୁହୁକକୁ ଦେହରେ ବୋଳି ଜୀବନ୍ତ ହୁଏ ଚିତ୍ର । ସର୍ଜନାର ଏହି କଳାରୂପ ଦେଖଣାହାରୀଙ୍କ ଆଖି ବାଟ ଦେଇ ହୃଦୟ ଓ ମସ୍ତିଷ୍କକୁ ଆଲୋଡ଼ିତ ଓ ଉଚ୍ଛାଟିତ କରେ । କରେ ବି ଭାବମୟ ଓ ଆନନ୍ଦ ମୁଖର । ଚିତ୍ରରେ ନିହିତ ଆନନ୍ଦ ହେଉଛି ତାର ପ୍ରାଣଶକ୍ତି । ଅଭିନବତ୍ୱ ତାର ସାମର୍ଥ୍ୟ । ରେଖା ସୀମିତ, ରଙ୍ଗ ବି ସୀମିତ କିନ୍ତୁ ପ୍ରୟୋଗରେ ବିବିଧତା ଓ ବୈଚିତ୍ର୍ୟ ଝଟକାଇ ଦିଏ ଚିତ୍ରରେ ନୂତନତ୍ୱ । ଉନ୍ମୋଚିତ ହୁଏ ନୂଆପଣର ଦିଗନ୍ତ ପରେ ଦିଗନ୍ତ । ସେହି ନୂଆପଣର ରୋମାଂଚ କାନ୍‌ଭାସ୍‌ରେ ସଂଚାରିତ ହୋଇ ସଂଚରିତ ହୁଏ ରସଗ୍ରାହୀର ଭିତରେ । ଅୟମାରମ୍ଭର ପଦପାତରେ ଛାଏଁ ରୂପ ପାଏ ଚିତ୍ର । ଆଖିକୁ ଚମକେଇ ଦେଇ ଚିତ୍ର ସୂଚାଇ ଦିଏ ପ୍ରାଣତନ୍ତ୍ରୀକୁ ଯେ 'ହେଇ ମୁଁ ରୂପ ନେଲି' । ସେହି ରୂପକାର କେହି ବି ହୋଇପାରେ । ଜୀବନର ପ୍ରଥମ ସୋପାନରେ ପାଦ ଦେଇଥିବା କୋମଳମତି ଶିଶୁ, ଉଦ୍ଦାମ ଯୁବକ, ଅବିଚଳିତ ପ୍ରୌଢ଼ ନତୁବା ଏକୁଟିଆପଣରେ ଛନ୍ଦି ହୋଇ ଯାଉଥିବା ନିରବ ବୃଦ୍ଧ । କେହି ବି । ନିର୍ଦ୍ଦିଷ୍ଟ ବୟସ କିଛି ନଥାଏ ରୂପକାରର । ସେ କେଉଁଠି ବି ଜିଉଁଥାଏ ଚିତ୍ର ସହ ଜୀବନକୁ ଏକାକାର କରି । 'ରେବତୀ' ପତ୍ରିକା ପାଇଁ ଚିତ୍ରରେ ନୂଆ ମୁହଁ ଖୋଜୁ ଖୋଜୁ ମୁଁ ହିଁ ହଜିଗଲି ସେହି ସବୁ ଚିତ୍ରକରଙ୍କ ନୂଆପଣ ଓ ଜୀବନବୋଧରେ । ଚିତ୍ର ତ ଆରମ୍ଭ ହୋଇଯାଇଛି ସର୍ଜନମୁଖର କରି ମୁହୂର୍ତ୍ତମାନଙ୍କୁ ନେଇ ଜ୍ଞାତର ପୃଥିବୀରେ, ହେଲେ ଚଳପ୍ରଚଳ ସେତେ ହୋଇପାରିନାହିଁ ଆଲୋଚ୍ୟ ଶିଳ୍ପୀମାନଙ୍କର । ଦଶ/ବାର ଜଣ ଶିଳ୍ପୀଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ସହଯୋଗର ହାତ ବଢ଼େଇଥିଲେ ସାତ ଜଣ, ସେମାନେ ପୁଣି କେବଳ ନାରୀଶିଳ୍ପୀ । ଆନନ୍ଦିତ ହେଲି । କାଳ କାଳକେ ନାରୀ ଚରିତ୍ର ନିଷ୍ପାପର । ଜୀବନକୁ କଳ୍ପନାର ଆଖିରେ କେବଳ ନୁହେଁ ଆହୁରି ଗଭୀରତମ ଉପଲବ୍ଧିରେ ଉକୁଟେଇ ପାରିଛନ୍ତି ସମସ୍ତ ଶିଳ୍ପୀ ବିଭିନ୍ନ ମାଧ୍ୟମକୁ ନିଜର କରି ।



▶ ଶିଳ୍ପୀ ଅନନ୍ୟା ମହାପାତ୍ର

ଚିତ୍ର ବି ଯେତେବେଳେ କଥା କୁହେ ସେ କାହାଣୀ ହିଁ ବଖାଣେ ଖୁବ୍ ନିରବରେ । ଏକକାଳୀନ ଅନେକ ଘଟଣା ଓ ଭାବନାକୁ ନେଇ ପ୍ରତିଭାତ ହୋଇପାରେ ଗୋଟିଏ ଗୋଟିଏ ଚିତ୍ର ଭିନ୍ନ ଭିନ୍ନ ସମୟକୁ ସ୍ଥିର କରି ଗୋଟିଏ ବିନ୍ଦୁରେ । ଏମିତି କିଛି ଚମକପ୍ରଦ ସମୟକୁ ନିଜ ଭାବନାରେ ଆବଦ୍ଧ କରି ନୂତନତ୍ୱର ଝଲକ ଦେଉଥିବା କିଛି ନାରୀଶିଳ୍ପୀଙ୍କୁ ନେଇ ଏଇ ସଂଖ୍ୟାର ସ୍ୱତନ୍ତ୍ର ଆବେଦନ । ବୟସ କେବେ ପରିମାପକ ନୁହେଁ ଅଭିନବତ୍ୱର । ଆଲୋଚ୍ୟ ପ୍ରସଙ୍ଗରେ ନିଜ ହୃଦୟ ଓ ମସ୍ତିଷ୍କକୁ ଖୋଲା ରଖି ଯିଏ ମୁହୂର୍ତ୍ତମାନଙ୍କୁ ଅମର କରିବାର ଚେଷ୍ଟାରେ ଅଛନ୍ତି ଚିତ୍ରରେ ସେହିମାନେ ହେଉଛନ୍ତି ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଅନନ୍ୟ ଶିଳ୍ପୀ ଅନନ୍ୟା, ଖଲ୍ଲିକୋଟ ଆର୍ଟ କଲେଜରେ ସ୍ନାତକର ଶେଷବର୍ଷରେ ପାଠ ପଢ଼ୁଥିବା ଶ୍ୱେତପଦ୍ମା, ମୟୂରଭଞ୍ଜରେ ଶିକ୍ଷକତା କରୁଥିବା ନିବେଦିତା, କଟକର ଗୃହିଣୀ ପ୍ରତିମା, ଗୋଆର ରେବେକା, ରାଉରକେଲାର ସରିତା ଏବଂ ଭଞ୍ଜନଗରର ଇଂଜିନିୟର ଏକତା ।



◀ଚିତ୍ରଶିଳ୍ପୀ ଅନନ୍ୟା ମଙ୍ଗରାଜଙ୍କ କଳାକୃତି

## ଅନନ୍ୟା ମଙ୍ଗରାଜ


ବାଇଶ ବର୍ଷିଆ ଅନନ୍ୟାଙ୍କ ପାଇଁ ଚିତ୍ର ହେଉଛି ମନର ଏକ ପୂର୍ଣ୍ଣାଙ୍ଗ ରୂପ ଯାହା କି ପ୍ରତ୍ୟେକଙ୍କୁ କିଛି ନା କିଛି ଜ୍ଞାନ ଅର୍ପଣ କରିଥାଏ । ପିତା ଅକ୍ଷୟ ମଙ୍ଗରାଜ, ମାତା ସବିତା ମଙ୍ଗରାଜଙ୍କ ସୁପୁତ୍ରୀ ଅନନ୍ୟା ଚକେଇଶୁଣି, ଭୁବନେଶ୍ୱରର ବାସିନ୍ଦା ।

ଧଉଳି ଆର୍ଟ କଲେଜରୁ ଆପ୍ଲାଏଡ୍ ଆର୍ଟ ଓ ଡିଜାଇନ ବିଷୟକୁ ଧରି ବିଭିଏ ଡିଗ୍ରୀ ହାସଲ କରିଥିବା ଅନନ୍ୟା ଏବେ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଅଧ୍ୟୟନରତ । କୁହନ୍ତି ଆପ୍ଲାଏଡ୍ ଆର୍ଟର ପରିସର ବିରାଟ । ପୋଷ୍ଟର୍ ତିଆରି, କାର୍ଟୁନ୍ ଆର୍ଟ, କେରିକେଚର୍, ଆଡ଼ଭର୍ଟାଇଜମେଣ୍ଟ୍ ଡିଜାଇନିଂ, ଫଟୋଗ୍ରାଫି, ଇଲ୍ୟୁଷ୍ଟ୍ରେସନ୍, ପ୍ରଡକ୍ଟ ଡିଜାଇନ୍, ଭିଡ଼ିଓଗ୍ରାଫି, ଷ୍ଟିଲ୍ ଲାଇଫ୍ ପେଣ୍ଟିଂ, କ୍ରିଏଟିଭ୍ ଡ୍ରଇଂ ଭଳି ବିଷୟକୁ ଛୁଉଁଥିବା ତାଙ୍କର ପାଠ୍ୟକ୍ରମ ଅନନ୍ୟାଙ୍କୁ ଖୁବ୍ ପସନ୍ଦ । ଉପରୋକ୍ତ ସମସ୍ତ ବିଷୟରେ ତାଙ୍କର ସୁନ୍ଦର ଦକ୍ଷତା ବି ରହିଛି ।

ପାବ୍‌ଲୋ ପିକାସୋ, ଲିଓନାର୍ଡୋ ଦା ଭିନ୍ସି, ଭିନ୍‌ସେଣ୍ଟ୍ ଭାନ୍ ଗଗ, ରବିବର୍ମା, ଅମ୍ରୀତା ଶେରଗିଲ, ଅବନୀନ୍ଦ୍ର ନାଥ ଟାଗୋର, ଜୋହାନେସ ବର୍ମିରଙ୍କ ଭଳି ପ୍ରଖ୍ୟାତ ଚିତ୍ରକରଙ୍କ ଦ୍ୱାରା ପ୍ରେରିତ ଅନନ୍ୟା କୁହନ୍ତି, "ଅଙ୍କନ ଚିତ୍ରକୁ ଜୀବନ ଦେଇଥାଏ । ଚିତ୍ର କରିବାର ମୂଳ ହେଉଛି ଅଙ୍କନ ଯାହା ଚିତ୍ରକୁ ପୂର୍ଣ୍ଣାଙ୍ଗ ରୂପ ଦେବାକୁ ସମର୍ଥ ହୋଇଥାଏ । ଅଙ୍କନର ବିଧିଗୁଡ଼ିକ ସୂଚାରୁ ରୂପେ ତୁଳେଇ ସଠିକ ରଙ୍ଗ ଦେଲେ ଚିତ୍ରର ଯଥାର୍ଥ ପରିପ୍ରକାଶ ଘଟେ । ପରେ ମନସ୍ତତ୍ତ୍ୱ ଅନୁଯାୟୀ ଆଲୋକ ସହ ସମ୍ପର୍କରେ ଆସି ପ୍ରତି ରଙ୍ଗ ନିଜର ରୂପ ବଦଳାଇଥାନ୍ତି ।" ଅନନ୍ୟାଙ୍କ ହାତରେ ଇଲୁଷ୍ଟ୍ରେସନ୍, ଗ୍ରାଫିକ୍ସ, ପୋଟ୍ରେଟ୍ ଭଲ ଉତୁରେ ଏବଂ ଛାତ୍ରୀ ବୟସରୁ ସେ ରୋଜଗାରକ୍ଷମ ବି ହେଲେଣି । ଜିଲ୍ଲା ଠାରୁ ଜାତୀୟ ସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଥିବା ଅନନ୍ୟାଙ୍କ କୃତିର ତାଲିକା ଦୀର୍ଘ ବି ହେଲାଣି । ଅତ୍ୟନ୍ତ ଅଳ୍ପ ବୟସରୁ ନିଜର ନିଖୁଣ କଳା କାମ ଦ୍ୱାରା ଲୋକପ୍ରିୟତା ସାଉଁଟିଲେଣି । ସମାଜ ପାଇଁ ସଠିକ୍ ବାର୍ତ୍ତା ପ୍ରଚାର କରିବାକୁ ଅନନ୍ୟା ଚିତ୍ରକୁ ମାଧ୍ୟମ କରିଥାନ୍ତି । କୁହନ୍ତି, "ଚିତ୍ର ମାଧ୍ୟମରେ ସମାଜକୁ ଭୁଲ ଆଉ ଠିକ୍ ସହ ପରିଚିତ କରିବା ମୋ ମତରେ ଏକ ସଠିକ୍ ମାର୍ଗ ଅଟେ ।" ଓଡିଶା ଭଳି ରାଜ୍ୟରେ ଚିତ୍ରକୁ ନେଇ କଣ ଆଭିମୁଖ୍ୟ ପୋଷଣ କରନ୍ତି ଭଳି ପ୍ରଶ୍ନରେ ଆତ୍ମବିଶ୍ୱାସର ସହ ସେ କୁହନ୍ତି, "ଚିତ୍ରକୁ ଜୀବିକା କରି ଓଡ଼ିଶାରେ ଜଣେ ପରିଚିତ ଓ ପ୍ରତିଷ୍ଠିତ ହୋଇପାରିବ । ଚିତ୍ର ରୂପକ ଜ୍ଞାନକୁ ସମାଜରେ ବାଣ୍ଟି ତାର ପ୍ରକୃତ ପରିପ୍ରକାଶ କରେଇ ପାରିଲେ ଜୀବିକା ଅର୍ଜନ କରିବା ସହ ଜଣେ ଖ୍ୟାତି ମଧ୍ୟ ହାସଲ କରିପାରିବ ।

## ରେବେକା ରାୟ

ରେବେକା ରାୟଙ୍କ ପରିବାର ଚିତ୍ରଶିଳ୍ପୀଙ୍କ ପରିବାର । ଜେଜେ ବାପା, କାକା, ଭାଇ ସମସ୍ତେ ରଙ୍ଗ ତୂଳୀରେ ସୁନ୍ଦର ଛବି ଆଙ୍କୁଥିଲେ । ଗୋଆରେ ଜନ୍ମ ରେବେକାଙ୍କ କର୍ମଭୂମି ଓଡିଶା । ମା ଏଲିଜାବେଥ୍ ଫର୍ଣ୍ଣାଡେସ୍, ବାପା ବ୍ରାଜିଲ ଫର୍ଣ୍ଣାଡେସ୍‌ଙ୍କ କନ୍ୟା ରେବେକାଙ୍କ ଚିତ୍ର ପ୍ରତି ରୁଚି ବାଲ୍ୟକାଳରୁ । ସାନ ବେଳେ ଅଏଲ ଏବଂ ୱାଟର କଲରରେ ଚିତ୍ର ଆଙ୍କିବା ଶିଖିଥିବା ରେବେକା ପରେ ପାରମ୍ପରିକ ମୈଥିଳୀ, ମଧୁବାଣୀ ଚିତ୍ରକଳା ଦ୍ୱାରା ଅନୁପ୍ରାଣିତ



◀ଚିତ୍ର : ଶିଳ୍ପୀ ରେବେକା ରାୟ

ହୋଇଥିଲେ । ମିଥିଳାର ସୁବିଖ୍ୟାତ ମଧୁବାଣୀ ଚିତ୍ରଶିଳ୍ପୀ ଶାଳିନୀ ଝା ରେବେକାଙ୍କ ପ୍ରେରଣା ଅଟନ୍ତି । ସ୍ୱାମୀ ରାଜୁରାୟ ତାଙ୍କର ଅନ୍ୟତମ ପ୍ରେରଣାଦାତା ଯିଏ ତାଙ୍କ କଳା ପ୍ରତି ପ୍ରେମକୁ ବୁଝନ୍ତି ଏବଂ ତହିଁରେ କାମ କରିବା ପାଇଁ ସହଯୋଗ କରନ୍ତି ।

ସ୍ୱକୀୟ ଭଙ୍ଗୀରେ ମୌଳିକ ଚିତ୍ର ଆଙ୍କିବାର ପ୍ରୟାସ କରନ୍ତି ରେବେକା । ରୂପ କଥା, ରାଜଘରର କାହାଣୀ, ପଞ୍ଚତନ୍ତ୍ର ନୀତିକଥା ମଧ୍ୟରୁ ସେ ଛବି ପାଇଁ ବିଷୟବସ୍ତୁ, ପରିବେଶ ଏବଂ ଚରିତ୍ର ଚୟନ କରିଥାନ୍ତି । ସେସବୁକୁ ନେଇ ଚିତ୍ରାଙ୍କନର ପରୀକ୍ଷାନିରୀକ୍ଷା ଚାଲିଥାଏ ତାଙ୍କର । ରଙ୍ଗରେ ଭରା ଏଇ ଜୀବନ ଓ ପ୍ରକୃତି ଯାହା ବିଭିନ୍ନ ରଙ୍ଗର ପସରା ମେଲାଇ ରଖିଚି ଆଖପାଖରେ, ସେହି ରଙ୍ଗର ବିନ୍ୟାସ କରନ୍ତି ରେବେକା ତାଙ୍କ ଚିତ୍ରଗୁଡ଼ିକରେ । ସ୍ୱଚ୍ଛନ୍ଦରେ ଚିତ୍ରକଳାରେ ରଙ୍ଗର ବୈଭବ ଢାଳିଦିଏ ତାଙ୍କ ଶିଳ୍ପୀ ହାତ । କୁହନ୍ତି, ଫୁଲ ଫୁଟିଲା ବେଳେ ଯେମିତି କେତେ ଉଜ୍ଜ୍ୱଳ ବା କେତେ ଗାଢ଼ ରଙ୍ଗ ଆପଣାଇ ଥାଏ ତାହାର ଖିଆଲ ରଖି ନଥାଏ, ଛବି ଆଙ୍କିଲା ବେଳେ ବି ମୁଁ ସେପରି ମନ ଆନନ୍ଦରେ ଭିନ୍ନ ଭିନ୍ନ ରଙ୍ଗର ବ୍ୟବହାର କରିଥାଏ । ସେଥିପାଇଁ ତାଙ୍କ ଚିତ୍ରରେ ମୁଖ୍ୟତଃ ପ୍ରକୃତି ଏବଂ ଜୀବନ ପ୍ରସ୍ଫୁଟିତ ହୋଇଥାଏ ବୋଲି ସେ ମାନନ୍ତି । ଓଡ଼ିଶାରେ ଚିତ୍ରକଳାକୁ ପେସା ଭାବରେ ଗ୍ରହଣ କରିବା ବିଷୟରେ ସେ କୁହନ୍ତି, "ଭବିଷ୍ୟତରେ ଓଡ଼ିଶାର ସ୍ଥିତି ଉଜ୍ଜ୍ୱଳ କିନ୍ତୁ ଏଥିପାଇଁ ଶିଳ୍ପୀମାନେ ମିଳିତ ଭାବରେ ଏକ ମଞ୍ଚ ବା ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରି ଶିଳ୍ପର ବ୍ୟବସାୟିକ ଦିଗ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ । ପାରମ୍ପରିକ ଚିତ୍ରକଳାକୁ ବିସ୍ମୃତି ଗର୍ଭକୁ ଠେଲି ନ ଦେଇ, ନୂତନ ଢଙ୍ଗର କଳାକୁ ନେଇ ଚିତ୍ର ଶିକ୍ଷକ ରୋଜଗାରକ୍ଷମ କରିବା ଦିଗରେ ଯତ୍ନବାନ୍ ହେବାକୁ ପଡିବ ।" ଆଧୁନିକ ଯୁଗର ଗନ୍ଧଧାରାକୁ ନେଇ ପୁରାତନ ପରମ୍ପରାର ଚିତ୍ରକଳା ପ୍ରସ୍ତୁତ କରିବାକୁ ପ୍ରୟାସରତ ରେବେକା ନିଜ ଚିତ୍ରକର ଜୀବନକୁ ନେଇ ଖୁବ୍ ସ୍ୱାଭାବିକ ଏବଂ ଆତ୍ମବିଶ୍ୱାସୀ ।



◀ଶିଳ୍ପୀ ରେବେକା ରାୟ

SUPRATIK INFRAVENTURES

**LIFESTYLE** Project - II

***Limited 2 & 3 BHK***
***Flat Available***

RERA
APPROVED







**7205330222**


sales@supratikinfraventures.com

Follow us on :

/ supratikinfraventures

www.supratikinfraventures.com

**Branch Office :** Alupur, Near Laxminarayan Temple
O. T. Road, Balasore - 756001



◀ଚିତ୍ରଶିଳ୍ପୀ ନିବେଦିତା ମହାନ୍ତଙ୍କ କଳାକୃତି

ଚିତ୍ରଶିଳ୍ପୀ ପ୍ରତିମା ମିଶ୍ରଙ୍କ କଳାକୃତି▼



## ନିବେଦିତା ମହାନ୍ତ

ନିବେଦିତାଙ୍କ ଚିତ୍ର ଜୀବନର ପ୍ରେରଣା ତାଙ୍କ ପରିବାର। ବାପା ସୁବାସ ଚନ୍ଦ୍ର ସାମନ୍ତ, ମାଆ ଜୟନ୍ତୀ ସାମନ୍ତଙ୍କ ସୁକନ୍ୟା ନିବେଦିତାଙ୍କ ଚିତ୍ର ପାଇଁ ପାଠପଢ଼ା ଆରମ୍ଭ ହୋଇଛି ବିବାହ କରିବାର କିଛି ବର୍ଷ ପରେ। ସ୍ୱାମୀ ରାକେଶ କୁମାର ମହାନ୍ତ ବାୟୁସେନାର କାର୍ଯ୍ୟରତ ଥିବା କାରଣରୁ ଓଡିଶା ବାହାରେ ରହୁଥିବା ନିବେଦିତା ପୁଅ ହେବା ପରେ ଓଡିଶାକୁ ଆସି ଧଉଳି ଆର୍ଟ କଲେଜରେ ଚାରିବର୍ଷ ଆ ବିଭିଏ ପାଠ୍ୟକ୍ରମ ସାରିଥିଲେ। ଏବେ ଇନ୍ଦିରା ଗାନ୍ଧି ମୁକ୍ତ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର କରୁଛନ୍ତି। ଅଳ୍ପ ବୟସରୁ ରାଜା ରବି ବର୍ମାଙ୍କ ଅଙ୍କିତ ଜୀବନ୍ତ ଚରିତ୍ର ଦେଖି ସେ ବିସ୍ମିତ ହେଉଥିଲେ। ତାଙ୍କ ବିଷୟରେ ଖୋଜି ଖୋଜି ପଢୁଥିଲେ। ଚିତ୍ର ଜଗତର ଅନନ୍ୟ ଏହି ବିଖ୍ୟାତ ଭାରତୀୟ ଚିତ୍ରକରଙ୍କ ଯାଦୁକରୀ ସ୍ପର୍ଶ ତାଙ୍କୁ ଖୁବ୍ ପ୍ରଭାବିତ କରିଥିଲା। ପରବର୍ତ୍ତୀ ସମୟରେ ଯାମିନି ରାୟ, ବିଜୟ ବିଶ୍ୱାଳ ଏବଂ ବିକାଶ ଭଟ୍ଟାଚାର୍ଯ୍ୟଙ୍କ କାର୍ଯ୍ୟଶୈଳୀ ତାଙ୍କୁ ଭଲ ଲାଗିଥିଲା ବୋଲି ସେ କୁହନ୍ତି। ଚିତ୍ରରେ ଭାବପ୍ରକାଶ ପାଇଁ ଗୋଟିଏ ମାଧ୍ୟମରେ ସୀମିତ ନ ରହି ଅଲଗା ଅଲଗା ମାଧ୍ୟମକୁ ମିଶାଇ ପରୀକ୍ଷାନିରୀକ୍ଷା କରିବାକୁ ଚେଷ୍ଟା କରିଥାଆନ୍ତି ନିବେଦିତା। ବିଶେଷ କରି ମନର ଭାବନାକୁ ବିଭିନ୍ନ ରଙ୍ଗରେ ଭିଜେଇ ସାଧା କାଗଜରେ ସେହି ଭାବନାକୁ ପ୍ରକାଶ କରିବାକୁ ଚେଷ୍ଟା କରିଥାନ୍ତି ନିବେଦିତା। ସ୍ୱକୀୟ କଳାକୁ ନେଇ ଗୋଟେ ହଟଚମଟ କରିବାର ପ୍ରବୃତ୍ତି ଠାରୁ ଯଥେଷ୍ଟ ଦୂରରେ ନିଜକୁ ରଖନ୍ତି ନିବେଦିତା। କୁହନ୍ତି, "ଚିତ୍ର ମୋ ପାଇଁ ଗୋଟେ ଥେରାପି। ନିଜକୁ ସ୍ଥିର, ଶାନ୍ତ, ଏବଂ ଖୁସିରେ ରଖି ପାରିବାର ମାଧ୍ୟମ ହେଉଛି ଚିତ୍ରକଳା।" ତାଙ୍କ ମତରେ ଚିତ୍ରକଳାର ଅଭ୍ୟାସ ଏକ ତପସ୍ୟା। ଭଳି। କଳାକୁ ଜୀବିକା କରି ସମ୍ମାନ ଓ ପ୍ରତିଷ୍ଠାର ସହ ଓଡ଼ିଶାରେ ଜିଇଁହେବ ବୋଲି ସେ ବିଶ୍ୱାସ କରନ୍ତି। ଚିତ୍ରକୁ ନେଇ କେଉଁ ସ୍ୱପ୍ନ ତାଙ୍କର ଭବିଷ୍ୟତ ପାଇଁ ଅଛି ପ୍ରଶ୍ନର ଉତ୍ତରରେ ସେ କୁହନ୍ତି, "ମୁଁ ଏବେ ବି ଶିଖୁଛି।" ଛାତ୍ରୀତ୍ୱର ଅନୁଭବରେ ନିଜ ଶିଳ୍ପୀସତ୍ତାକୁ ବଞ୍ଚେଇ ରଖିଥିବା ନିବେଦିତାଙ୍କ ସ୍ୱପ୍ନ ସବୁ ଚିତ୍ର ହୋଇଯାଉ ବୋଲି ଆମେ ମନାସିବା।



◀ଶିଳ୍ପୀ ନିବେଦିତା ମହାନ୍ତ

## ପ୍ରତିମା ମିଶ୍ର

ଆନୁଷ୍ଠାନିକ ଭାବରେ ବିଶେଷ ତାଲିମପ୍ରାପ୍ତ ହୋଇନଥିଲେ ହେଁ ପ୍ରତିମାଙ୍କ ଚିତ୍ରକଳାରେ ନାନ୍ଦନିକତା ଖୁନ୍ଦି ହୋଇରହିଥାଏ । ଘରକରଣାରେ ନିଜକୁ ଢାଳି ଦେଇଥିବା ଜଣେ ସୁଦକ୍ଷ ଗୃହିଣୀଙ୍କ ଚିତ୍ରକଳା ପ୍ରତି ଆଗ୍ରହ ଓ ନିଷ୍ଠା ଦେଖିଲେ ଯେକେହି ସାଧାରଣ ମଣିଷ ମୁଗ୍ଧଚକିତ ହେବ ହିଁ ହେବ। ଅଯଥା ତତ୍ତ୍ୱର ପ୍ରୟୋଗ ନାହିଁ । ମସ୍ତିଷ୍କକୁ ଭାରାକ୍ରାନ୍ତ କଲା ଭଳି କୌଣସି ବାଦ (ସମ୍ପ୍ରଦାୟ)ର କସରତ ନାହିଁ କେବଳ ରେଖା ଓ ରଙ୍ଗର ସୁନ୍ଦର ସମନ୍ୱୟ ତାଙ୍କ ଚିତ୍ରରେ କଥାର ରଙ୍ଗ ହୋଇ ଝଟକେ।

ଚିତ୍ର ପ୍ରତି ପ୍ରତିମାଙ୍କ ଆକର୍ଷଣ ତାଙ୍କର ପିଲାବେଳୁ । ଘରେ ବାହାରେ ପଡୁଥିବା ଝୋଟି ଦେଖି, ମନ୍ଦିର ଦେଖି, ଫୁଲ ଦେଖି, କ୍ୟାଲେଣ୍ଡରରେ ଫଟୋ ଦେଖି, ଦେବାଦେବୀଙ୍କ ଚିତ୍ର ଦେଖି ବିଭୋର ତାଙ୍କ ପିଲା ହାତ ଚିତ୍ର ଆଙ୍କୁଥିଲା ଏବଂ ଶ୍ରେଣୀଗୃହରେ ଅଳ୍ପବହୁତେ ବାହାବା ପାଇ ଖୁସି ହେଉଥିଲା। ଝିଅର ଚିତ୍ର ପ୍ରତି ଥିବା ଦୁର୍ବାର ଆକର୍ଷଣ ଦେଖି ବାପା ଅନନ୍ତ ଚରଣ ପଣ୍ଡା କଟକର ମହତାବ ରୋଡରେ ଥିବା 'କ୍ରିଏସନ' ନାମକ ଏକ ଅନୁଷ୍ଠାନକୁ ଚିତ୍ର ଶିଖେଇବାକୁ ଛାଡ଼ନ୍ତି । ଝିଅଟିଏ ପାଇଁ ଚିରାଚରିତ ଉପୁଜୁଥିବା ସମସ୍ୟାମାନଙ୍କ କାରଣରୁ ପ୍ରତିମା ତେଣିକି ଜାରି ରଖିପାରିଲେନି ଚିତ୍ରଶିକ୍ଷା। ବିବାହ ହେଲା। ଝିଅଟିଏର ମାଆ ହେଲେ। ଝିଅଟି ବଡ଼ ହୋଇ ପାଠ ପଢ଼ିବାକୁ ଗଲାପରେ ଅବସର ସମୟରେ ଚିତ୍ର ଆଙ୍କିବାରେ ପୁନଶ୍ଚ ମନୋନିବେଶ କଲେ ସେ। ଚିତ୍ରମାନେ ପରିପକ୍ୱ ଦିଶିଲେ ତାଙ୍କ ତୂଳୀର ସ୍ପର୍ଶରେ। ସ୍ୱାମୀ ବିଭୂତି ଭୂଷଣ ମିଶ୍ର ପ୍ରୋତ୍ସାହନ ଦେଲେ। ଚିତ୍ରର ପ୍ରତିଭା ସହ ବାହାର ଦୁନିଆଁକୁ ଧୀରେସୁସ୍ଥେ ଆସିଲେ ପ୍ରତିମା। ଘରୋଇ ଭାବରେ ଲଳିତ କଳା ଏକାଡେମୀ ତରଫରୁ ମୌଳିକ ଚିତ୍ର ଶିକ୍ଷା କରିବାର ସୁଯୋଗ ପାଇଲେ। ଏହି ଭିତରେ ଅନେକ ସମୂହ ପ୍ରଦର୍ଶନୀରେ ଚିତ୍ର ପ୍ରଦର୍ଶନ କରିବାର ସୁଯୋଗ ପାଇଛନ୍ତି। କିଛି କିଛି ଅନୁଷ୍ଠାନ ଦ୍ୱାରା ସମ୍ମାନିତ ଓ ସମ୍ବର୍ଦ୍ଧିତ ବି ହୋଇଛନ୍ତି। ଚିତ୍ରଜଗତ ପାଇଁ ଅତ୍ୟନ୍ତ ସକରାତ୍ମକ ଭାବ ପୋଷଣ କରୁଥିବା ପ୍ରତିମା ବହୁତ ଗୁଡ଼ାଏ ପ୍ରଶ୍ନର ଉତ୍ତର ହଁ କିମ୍ବା



◀ଶିଳ୍ପୀ ପ୍ରତିମା ମିଶ୍ର



◀ ଚିତ୍ରଶିଳ୍ପୀ ପି. ଆର୍. ଶ୍ୱେତପଦ୍ମାଙ୍କ କଳାକୃତି

ନାହିଁରେ ସାରି ଜଣେଇଦେବାକୁ ଚାହିଁଲେ ଯେ ସେ ଜଣେ ନିରୁତା ଶିଳ୍ପୀ । ଚିତ୍ର ତତ୍ତ୍ୱରେ ଦକ୍ଷତା ଅର୍ଜନ କରି ନିଜ ଚିତ୍ର ପାଇଁ କୌଣସି ଦର୍ଶନ ସେ ଏଯାବତ୍ ସ୍ଥିର କରି ପାରିନାହାଁନ୍ତି । ତାଙ୍କ ଚିତ୍ରରେ ସେ ଯଥାସାଧ୍ୟ ଆଧ୍ୟାତ୍ମିକତା ଓ ପବିତ୍ରତାକୁ ପ୍ରସ୍ଫୁଟିତ କରିବାକୁ ଚେଷ୍ଟା କରନ୍ତି ରେଖାରେ ଓ ରଙ୍ଗରେ । ତହିଁରେ ସେ ଖୁସି ହୁଅନ୍ତି । ତାଙ୍କ ମତରେ ଚିତ୍ରକୁ ଜୀବିକା କରି ଚଳିହେବ କିନ୍ତୁ ସେହି ଅନୁଯାୟୀ ନିଷ୍ଠା ଓ ଏକାଗ୍ରତା ଲୋଡ଼ା ।

## ପି. ଆର୍. ଶ୍ୱେତପଦ୍ମା

ସିଙ୍ଗିଟାଳି, କୁଜଙ୍ଗ, ଜଗତସିଂପୁରର ଝିଅ ପି. ଆର୍. ଶ୍ୱେତପଦ୍ମା ଖଲ୍ଲିକୋଟ ଚାରୁ ଚିତ୍ରକଳା ମହାବିଦ୍ୟାଳୟର ୩ୟ ବର୍ଷର ଛାତ୍ରୀ । ଅଳ୍ପ ବୟସରୁ ରଙ୍ଗରେ ଯାଦୁକରୀ ସ୍ପର୍ଶ ଦେଇ ଦେଖଣାହାରୀଙ୍କୁ ବିମୋହିତ କରିଆସିଛନ୍ତି ସେ । ଚିତ୍ର ଜୀବନର ସର୍ବଶ୍ରେଷ୍ଠ ପ୍ରେରଣା ହେଉଛନ୍ତି ତାଙ୍କ ବାପା କବି ରଜୀତ କୁମାର ଦାସ ବୋଲି ସେ କୁହନ୍ତି । କଳାକୁ ଭଲ ପାଉଥିବା ଜଣେ କଳପ୍ରେମୀ ବ୍ୟକ୍ତିତ୍ୱ ବାପା ରଜୀତ କୁମାର ଶ୍ୱେତପଦ୍ମାଙ୍କ ଭିତରେ ଥିବା ପ୍ରତିଭା ଟିକକକୁ ସେହି ପିଲାବେଳୁ ଖୁବ୍ ମୂଲ୍ୟ ଦେଇ ତହିଁରେ ସ୍ୱପ୍ନ ଗଢିବାକୁ ରାସ୍ତା ବିଛେଇ ଦେଇଛନ୍ତି । ଏମ୍.ଏଫ୍. ହୁସେନ୍, ଲିଓନାର୍ଡୋ ଦା ଭିନ୍ସି, ୱିଲିୟମ୍ ବୁଗାରୋ ଆଦି ବିଶ୍ୱସ୍ତରୀୟ ଚିତ୍ରଶିଳ୍ପୀମାନେ ପ୍ରମୁଖ ଭାବେ ତାଙ୍କ ଚିତ୍ରକର ମନ ଉପରେ ପ୍ରଭାବ ବିସ୍ତାର କରିଛନ୍ତି ବୋଲି ସେ କୁହନ୍ତି । ସେହିସବୁ ଚିତ୍ରକରଙ୍କ ମହାନ କଳାକୃତି ସାମାଜିକ ମୂଲ୍ୟବୋଧକୁ ବିଶେଷ ଭାବେ ଗୁରୁତ୍ୱ ଦେଇଛି ବୋଲି ସେ କୁହନ୍ତି । କାନ୍‌ଭାସ୍‌ରେ ରଙ୍ଗକୁ ନେଇ ସଦାବେଳେ ନିଆରା କିଛି କରିବାର ପ୍ରଚେଷ୍ଟାରେ ଥିବା ଶ୍ୱେତପଦ୍ମା ପ୍ରତ୍ୟେକ ରଙ୍ଗର ସାଙ୍କେତିକ ଦିଗକୁ ବୁଝି ତାର ଯଥାର୍ଥ ପ୍ରୟୋଗ କରିବାରେ ବ୍ରତୀ । କୁହନ୍ତି, "ଏହି ପ୍ରକ୍ରିୟା ଦ୍ୱାରା ନିଜ ମନର ଭାବକୁ ପ୍ରକାଶ କରିବା ସହଜ ହୁଏ ।" ତାଙ୍କ ଚିତ୍ର ସବୁ ସାମାଜିକ ବିସଂଗତିକୁ ନିର୍ଦ୍ଧାରଣ କରି ତାର ନିବାରଣ କ୍ଷେତ୍ରରେ କାମ କରୁ ବୋଲି ସେ ଚାହାଁନ୍ତି ଓ ସେହିଭଳି ପ୍ରୟାସ ଜାରି ବି ରଖିଛନ୍ତି ।




◀ ଶିଳ୍ପୀ ପି.ଆର୍. ଶ୍ୱେତପଦ୍ମା

ଚିତ୍ରକୁ ଆଧାର କରି ଓଡ଼ିଶାରେ ବଞ୍ଚିହେବ ବୋଲି ସେ ବିଶ୍ୱାସ କରନ୍ତି । କାରଣ ତାଙ୍କ ମତରେ ଓଡ଼ିଶା ସରକାର ଚିତ୍ରକୁ ବିଶେଷ ଭାବେ ପ୍ରୋତ୍ସାହନ ଦେଉଥିବାର ନଜିର ତାଙ୍କ ପାଖରେ ମହଜୁଦ ରହିଛି । ଚିତ୍ରକୁ ଜୀବିକା ଭାବେ ଗ୍ରହଣ କରି ନିଜ ଚିତ୍ରର ସ୍ୱାତନ୍ତ୍ର୍ୟକୁ ବିଶ୍ୱ ଦରବାରରେ ପହଞ୍ଚେଇ ଓଡିଶା ପାଇଁ ଗର୍ବ ଓ ଗୌରବ ଆଣିଦେବା ତାଙ୍କର ଉଦ୍ଦେଶ୍ୟ ବୋଲି ଦୃଢ଼ କଣ୍ଠରେ ଶ୍ୱେତପଦ୍ମା କୁହନ୍ତି ।

## ସରିତା ଦାସ

ବାସନ୍ତୀ କଲୋନୀ, ରାଉରକେଲାରେ ଜନ୍ମ ଅଥଚ ସରିତାଙ୍କର କର୍ମଭୂମି ହେଉଛି ଖଡ଼ଗପୁର । ବାପା ଡାକ୍ତର ବସନ୍ତ କୁମାର ଦାସ, ମାଆ ଚାରୁବାଳା



◀ ଚିତ୍ର : ଶିଳ୍ପୀ ସରିତା ଦାସ

ପଟ୍ଟନାୟକଙ୍କ ଅଳିଅଳ କନ୍ୟାଙ୍କ କଳା ପ୍ରତି ରୁଚି ଛୋଟବେଳୁ । କୁହନ୍ତି, "ଆବାଲ୍ୟରୁ କଳା କ୍ଷେତ୍ରରେ ବଡ଼ ପ୍ରେରଣା ହେଉଛନ୍ତି ତାଙ୍କ ମାଆ ।" କମ୍ ବୟସରୁ ତାଙ୍କର ଚିତ୍ର ଓ ଅଙ୍କନ ପ୍ରତି ଆକର୍ଷଣ ରହିଛି । ସରିତାଙ୍କ ମାଆ ତାଙ୍କୁ ନିଜର ଅନୁରାଗକୁ ରେଖାରେ ରୂପ ଦେବାକୁ କହୁଥିଲେ । ଏମ୍ କେ ଗୋଏଲ, ଭରଦ୍ୱାଜ ରାଜ, ଫିଲିସିଆ ରୋଲାଣ୍ଡ ପ୍ରମୁଖ ଶିଳ୍ପୀଙ୍କର କାର୍ଯ୍ୟସ୍ତରରେ ସେ ପହଞ୍ଚିବାକୁ ପ୍ରୟାସ କରିଥାନ୍ତି । ଏହିମାନଙ୍କ ସମେତ ଆହୁରି ଅନେକ ଶିଳ୍ପୀ ଯେଉଁମାନେ ତାଙ୍କୁ ନୂଆ ଶୈଳୀଗତ ପରୀକ୍ଷା ନିରୀକ୍ଷା କରିବା ପାଇଁ ପ୍ରଚୋଦିତ କରିଛନ୍ତି ସେମାନେ ସମସ୍ତେ ତାଙ୍କ ଚିତ୍ର ଜୀବନର ପ୍ରେରଣା ବୋଲି ସରିତା କୁହନ୍ତି । ଛୁଆ ବେଳୁ ଅଙ୍କନ, ସ୍କେଚିଂ, ରଙ୍ଗୋଲି ପ୍ରଭୃତି କରୁଥିଲେ । ଦୁଇ ବର୍ଷ ଜଳରଙ୍ଗ, ଆର୍କିଲିକ, ଚାରକୋଲ, ଅଏଲ, କଫି ପେଣ୍ଟିଂ କ୍ଷେତ୍ରରେ ତାଲିମ ନେଇଥିଲେ । ତାଙ୍କର ସବୁଠାରୁ ପ୍ରିୟ ବିଭାଗ ହେଉଛି ଆର୍କିଲିକ୍‌ରେ ଆଙ୍କିବା ଯଦିଓ ସେ ରଙ୍ଗର ମାଧ୍ୟମରେ ବିଭିନ୍ନ ପ୍ରକାରର ଅଙ୍କନ ବି କରିଥାନ୍ତି । ଚିତ୍ରରେ ରଙ୍ଗ ସହ ଖେଳିବା ତାଙ୍କର ପ୍ରିୟ ଅଭ୍ୟାସ । ରଙ୍ଗ



◀ ଶିଳ୍ପୀ ସରିତା ଦାସ

ପ୍ରୟୋଗ ମାଧ୍ୟମରେ ସେ ଚିତ୍ରର ବାସ୍ତବ ଅର୍ଥ ଉକୁଟାଇଥାନ୍ତି । ସାମଗ୍ରିକ ଭାବରେ ଗାଢ଼ ରଙ୍ଗ ବ୍ୟବହାର କରିଥାନ୍ତି ଯାହା ସମସ୍ତଙ୍କୁ ଆକର୍ଷିତ କରି ପାରିଥାଏ । ପ୍ରକୃତି, ପଶୁ, ଭୂଚିତ୍ର ତଥା ବିଭିନ୍ନ ଆଖ୍ୟାନକୁ ଆଧାର କରି ସେ ତାଙ୍କର ଚିତ୍ର ଆଙ୍କିଥାନ୍ତି । ତାଙ୍କ ମତରେ ଓଡିଶାରେ କଳା ଓ ସଂସ୍କୃତିର ଏକ ମହାର୍ଘ ପରମ୍ପରା ଅଛି । ତେଣୁ ଏଠାରେ କଳାକୁ ନେଇ ଭବିଷ୍ୟତ ଉଜ୍ଜ୍ୱଳ । ତେବେ ଚିତ୍ରାଙ୍କନକୁ ଏକ ବୃତ୍ତି ରୂପେ ଗ୍ରହଣ କରିବା ପାଇଁ ଯେଉଁ ସମର୍ଥନ ଦରକାର ତାହା ସମ୍ପୂର୍ଣ୍ଣ ପ୍ରାପ୍ତ ହୁଏ ନାହିଁ । ସମାଜର ସବୁ କୋଣରୁ ଏଥିପାଇଁ ପୃଷ୍ଠପୋଷକତା ଓ ସହଯୋଗ ମିଳିଲେ ଏହାକୁ ବୃତ୍ତି ରୂପରେ ଗ୍ରହଣ କରିହେବ । ସରିତା ବିଭିନ୍ନ ପ୍ରକାରର ଚିତ୍ର କରିବାକୁ ଭଲପାଆନ୍ତି ସତ କିନ୍ତୁ ପ୍ରକୃତି, ଜୀବନର ବିଭିନ୍ନ କ୍ଷେତ୍ରରେ ନାରୀର କାର୍ଯ୍ୟ ତଥା କାହାଣୀଭିତ୍ତିକ ଚିତ୍ର ଆଙ୍କିବାକୁ ସେ ଅଧିକ ପସନ୍ଦ କରନ୍ତି ।

## ଏକତା ପଟ୍ଟନାୟକ

କମ୍ପ୍ୟୁଟର ସାଇନ୍ସରେ ଏମ୍‌ଟେକ୍ କରିଥିବା ଇଞ୍ଜିନିୟର ହେଉଛନ୍ତି ଏକତା ପଟ୍ଟନାୟକ । ନାଚିବା, ରାନ୍ଧିବା, ସିଲେଇ କରିବାରେ ରୁଚି ରଖିଥିବା ଏକତା ଚିତ୍ରକଳାରେ ରୁଚି ରଖନ୍ତି । ଚିତ୍ର ପାଇଁ ଭାରତୀୟ ରେଳବାଇ, ଭଦଦୋରାରେ ନ୍ୟାସ୍‌ନାଲ୍ ଏକାଡେମୀ ଦ୍ୱାରା ପ୍ରଥମ ଭାବରେ ପୁରସ୍କୃତ ହୋଇଛନ୍ତି । ଅନେକ ଅନ୍‌ଲାଇନ୍ ଚିତ୍ର ପ୍ରତିଯୋଗିତାରେ ପୁରସ୍କାର ଓ ସମ୍ମାନ, ସବୁଠାରୁ ସର୍ଜନଶୀଳ ଶିଳ୍ପୀ ଭାବରେ ସାଇ ଏଣ୍ଟରଟେନ୍‌ମେଣ୍ଟର ମାନ୍ୟତା ହାସଲ, ବିଶିଷ୍ଟ ଲେଖକଙ୍କ ବହିର ପ୍ରଚ୍ଛଦ ଅଙ୍କନ କରି ଲୋକପ୍ରିୟତା ହାସଲ କରିଛନ୍ତି ଏକତା ।

ଆନୁଷ୍ଠାନିକ ଭାବରେ ଚିତ୍ର ପ୍ରତି ବିଶେଷ ତାଲିମପ୍ରାପ୍ତ ହୋଇନଥିଲେ ହେଁ ଏକତାଙ୍କ ଚିତ୍ରକଳା ପ୍ରତି ଆଗ୍ରହ ତାଙ୍କ କୈଶୋରରୁ । ଇଞ୍ଜିନିୟରିଙ୍ଗ୍ ସମୟରେ ଶିଖିଥିବା ଡ୍ରଇଂ, ଗ୍ରୀଡ଼ ପଦ୍ଧତି, ରେସିଓ ମ୍ୟାପିଂ ତାଙ୍କ ଚିତ୍ରକଳାକୁ ଅଧିକ ପରିପୁଷ୍ଟ କରିଛି ବୋଲି ସେ କୁହନ୍ତି । ୟୁଟ୍ୟୁବ୍‌ରୁ ଚିତ୍ରକଳା ପାଇଁ ସେ ଅଧିକ ଶିକ୍ଷା ଆହରଣ କରିଛନ୍ତି ବୋଲି କୁହନ୍ତି । ହସିକି କୁହନ୍ତି, ୟୁଟ୍ୟୁବ୍ ତାଙ୍କର ବଡ଼ ଗୁରୁ କହିଲେ ଅତ୍ୟୁକ୍ତି ହେବ ନାହିଁ । ଦେଢଶୁର ବୀରେନ ପଟ୍ଟନାୟକ ଯିଏ ଓଡ଼ିଶାର ଜଣେ ସୁପ୍ରସିଦ୍ଧ ଚିତ୍ରକର, ଫଟୋଗ୍ରାଫର, ତାଙ୍କ ଦ୍ୱାରା ପ୍ରେରିତ ହୋଇ ଏକତା ପ୍ରୋଟ୍ରେଟ୍ ତିଆରି କରିବା ଆରମ୍ଭ କଲେ । ଲୋକେ ପସନ୍ଦ କଲେ । ପରିଣତି ସ୍ୱରୂପ ଏକତା ଚିତ୍ରକଳା ଜଗତ ଆଡ଼କୁ ଧୀରେ ଧୀରେ ମୁହାଁଇଲେ । ଅନେକ ଚିତ୍ରକର ଏକତାଙ୍କ ଆଦର୍ଶ । ରାଜା ରବି ବର୍ମାଙ୍କ କିଛି ଚିତ୍ରକୁ ସେ ନିଜେ ଆଉଥରେ ଆଙ୍କି ଚିତ୍ର ଅଭ୍ୟାସ କରିଛନ୍ତି । ନୂଆ ପିଢ଼ିର ମହେଶ ପଣ୍ଡିତ, ଶଶିକାନ୍ତ ଧୋତରେଙ୍କ କାମ ଏକତାଙ୍କୁ ଖୁବ୍ ପ୍ରଭାବିତ କରିଛି ବୋଲି ସେ ସ୍ୱୀକାର କରନ୍ତି । ଅଏଲ ରଙ୍ଗର ପ୍ରୟୋଗ, ରଙ୍ଗୀନ ପେନ୍ସିଲ ଆର୍ଟ ପାଇଁ ସେ ଏହି ଦୁଇ ଆର୍ଟିଷ୍ଟଙ୍କ ଠାରୁ ଶିଖନ୍ତି । ଅନେକ ଆର୍ଟ ଗ୍ରୁପ୍ ସହ ଜଡିତ ଯେହେତୁ ବିଭିନ୍ନ ସମୟରେ ନୂଆ ନୂଆ କିଛି କୌଶଳ ସେ ଶିଖିବାର ସୁଯୋଗ ପାଆନ୍ତି ଏବଂ ସେସବୁକୁ ସେ ନିଜ ଚିତ୍ରକଳା ପ୍ରସ୍ତୁତି ପାଇଁ ସାଇତି ରଖନ୍ତି । ଆବଶ୍ୟକସ୍ଥଳେ ନିଜ ଚିତ୍ରରେ ଥିବା ତ୍ରୁଟିକୁ ସୁଧାରି ପକାନ୍ତି ।

ପେନ୍ସିଲ, ଚାରକୋଲ, ଅଏଲ ଆଦିକୁ ନିଜ ଚିତ୍ର ପାଇଁ ମୁଖ୍ୟତଃ ବ୍ୟବହାର କରୁଥିବା ଏକତା ପ୍ରୋଟ୍ରେଟ୍ ତ ତିଆରି କରନ୍ତି କିନ୍ତୁ ମଧୁବାଣୀ, ଗୋଣ୍ଡ ଆର୍ଟ, କଲମକାରୀ, ପଟ୍ଟଚିତ୍ର, କେରଳ ମୁରାଲ ଆର୍ଟରେ ବି ତାଙ୍କର ପ୍ରବେଶ ଅଛି । ଏବଂ ସେ ଭଲରେ ଆଙ୍କିପାରନ୍ତି । କାନ୍‌ଭାସ୍, ଶାଢି, କାଗଜ, ଗ୍ଲାସ୍, କାଠ, ମୂର୍ତ୍ତି ଆଦିରେ କାମ କରିବାକୁ ପସନ୍ଦ କରନ୍ତି । ରଙ୍ଗର ବିବିଧ ପ୍ରୟୋଗରେ ମଣିଷର ମନ ଓ ଚେତନାର ଗଭୀରତାକୁ ପ୍ରକାଶ କରିହୁଏ ଏବଂ ସେଥିପାଇଁ ଅଭ୍ୟାସ କରିବାକୁ ହୁଏ ବୋଲି ସେ ବିଶ୍ୱାସ କରନ୍ତି । ଚିତ୍ରକଳାକୁ ଜୀବିକା କରି ଜିଇଁବା କଷ୍ଟକର ବୋଲି ସେ କୁହନ୍ତି । ଚିତ୍ରକୁ ତାରିଫ୍ ଓ ପ୍ରଶଂସା ତ ମିଳେ କିନ୍ତୁ ଆର୍ଥିକ ଭାବରେ ସ୍ୱଚ୍ଛଳ ହେବା ଲାଗି ଚିତ୍ରକର ପାଇଁ ରାସ୍ତା ସହଜ ହୁଏନି

▼ଚିତ୍ରଶିଳ୍ପୀ ଏକତା ପଟ୍ଟନାୟକଙ୍କ କଳାକୃତି




ବୋଲି ସେ ମନେକରନ୍ତି । କଳା ଓ ସଂସ୍କୃତି କ୍ଷେତ୍ରରେ ଅତ୍ୟନ୍ତ ସମୃଦ୍ଧ ଓଡିଶାରେ ଚିତ୍ରକରଙ୍କୁ ହୁଏତ ଯଶ, ଖ୍ୟାତି, ପ୍ରଶଂସା ମିଳେ କିନ୍ତୁ ସେହି ଅନୁଯାୟୀ ବ୍ୟବସାୟିକ ସଫଳତା ମିଳେନି । ଚିତ୍ରକୁ ପୂରାଟା ଜୀବିକା କରି ବଞ୍ଚିବାକୁ ହେଲେ ହୁଏତ ଖୁବ୍ ଚେଷ୍ଟା ଏବଂ ସଂଘର୍ଷ ସହାୟକ ହୋଇପାରେ ବୋଲି ଏକତା କୁହନ୍ତି । ଚିତ୍ରକଳାରେ ଏକତାଙ୍କ କ୍ଷେତ୍ର ବାସ୍ତବ ପ୍ରୋଟ୍ରେଟ୍ ଅଙ୍କନ । ଲୋକଙ୍କ ଦାବୀ ଅନୁଯାୟୀ ପେନ୍‌ସିଲ୍, ଚାରକୋଲ୍ ସ୍ଥଳ ବିଶେଷରେ ତୈଳ ରଙ୍ଗ ବ୍ୟବହାର କରି ପ୍ରତିକୃତିରେ ଭାବକୁ ଯଥାଯଥ ପ୍ରସ୍ଫୁଟିତ କରିବାରେ ଏକତା ନିରନ୍ତର ପ୍ରୟାସରତ ଥାଆନ୍ତି ।



▲ଶିଳ୍ପୀ ଏକତା ପଟ୍ଟନାୟକ


ସାତଜଣ ଶିଳ୍ପୀଙ୍କ ସମ୍ପର୍କରେ ଏହି ଆଲେଖ ପାଠକଙ୍କ ମନକୁ ଘେନିବ ନିଶ୍ଚୟ । ସାତବର୍ଣ୍ଣରେ ଇନ୍ଦ୍ରଧନୁର ବର୍ଣ୍ଣାଳି ଝଲସେ । ଆଲୋଚିତ ଶିଳ୍ପୀମାନେ ରଙ୍ଗ ଓ ରେଖାର ଦୁନିଆଁରେ ଅନେକ ଇନ୍ଦ୍ରଧନୁ ସୃଜିବାରେ ଅବଶ୍ୟ ସମର୍ଥ ହେବେ ।



HIGHLAND
A Highland Group Entity
A one stop solution for Aquaculture
Vannamei Seeds
Shrimp Feed
Health Care Process (Probiotics)
Quality Control Checks
Consultancy Services
Aquaculture Equipments
Buy & Sell Shrimp
HIGHLAND MARINE
Alupur, O.T Road, Balasore, Odisha, India - 756001
Contact no : +91 - 9990251362, Email: info@highlandgroups.com
www.highlandgroups.com

# ତାରୁଣ୍ୟର ତ୍ରିଦେବୀ

ତାରୁଣ୍ୟର ତୋଟାମାଳରୁ ଏଇ ତିନି ଦେବୀଙ୍କୁ ସାଉଁଟିଛନ୍ତି **ହିରଣ୍ମୟୀ ମିଶ୍ର**



# ଓଡ଼ିଆ ଗପରେ ନୂଆ କଲମ


**ହିରଣ୍ମୟୀ ମିଶ୍ର**

ୟୁ.ଏନ.କଲେଜ, ଅଡ଼ଶପୁର, କଟକ-୭୫୪୦୧୧

ଫୋନ: ୭୮୯୪୭୪୪୦୦୧


ଫଟୋ ସୌଜନ୍ୟ: ଲେଖିକା



▲ ଲେଖିକା ହିରଣ୍ମୟୀ ମିଶ୍ର

ସ୍ୱପ୍ନ ଆଉ ସମ୍ଭାବନା- ତାରୁଣ୍ୟର ଚିରସାଥୀ । ଜାଣିଛି, କେହି କେହି ଖୁବ୍ ଡେରିରେ ଲେଖାଲେଖି ଆରମ୍ଭ କରି ବି ସାହିତ୍ୟରେ ବେଶ୍ ପ୍ରତିଷ୍ଠା ଲାଭ କରିଛନ୍ତି । ତେବେ ତାରୁଣ୍ୟରେ ଟଳମଳ ପାଦ ନେଇ ସାହିତ୍ୟରେ ପ୍ରବେଶ କରିବାର ଅନୁଭବ ନିଆରା । ଓଡ଼ିଆ ସାହିତ୍ୟରେ ଏବେ ବେଶ୍ କିଛି ନୂଆ ମୁହଁ । କେତେ ଦଶନ୍ଧି ତଳେ ନୂଆ ନୂଆ ଗପ ବା କବିତା ଲେଖୁଥିବା ଲେଖକଟିଏକୁ ପ୍ରକାଶିତ ହେବା ପାଇଁ ବେଶ୍ କିଛି ବର୍ଷ ଲାଗି ଯାଉଥିଲା । ହାତଗଣତି କିଛି ସାହିତ୍ୟ ପତ୍ରିକାରେ ସେତେବେଳେ ଓଡ଼ିଆ ସାହିତ୍ୟର ଚିରକାଳର ଗର୍ବ ଓ ଗୌରବ ଏବଂ ଅତି ବିଶିଷ୍ଟ ଲେଖକମାନଙ୍କର ଆଧିପତ୍ୟ । ଆଜି ଏତେ ବର୍ଷ ପରେ କହିବାରେ ଦ୍ୱିଧା ନାହିଁ ଯେ 'ସୁଚରିତା' ଓ 'କଥା' ଭଳି ପତ୍ରିକା ତରୁଣ ପିଢ଼ିର ଲେଖକ ଲେଖିକାମାନଙ୍କୁ ଛାପିବାର ଧାରା ଆରମ୍ଭ କରିନଥିଲେ ଆମ ପିଢ଼ିର ଅନେକଙ୍କର ମନ ତଳର ସବୁ କଳ୍ପନା ଓ ଲେଖକ ହେବାର ସ୍ୱପ୍ନ ଅପୂର୍ଣ୍ଣ ରହିଯାଇଥାନ୍ତା ।

ଆଜି 'ସାମାଜିକ ଗଣମାଧ୍ୟମ'ରେ ଆମର କବି ଓ ଲେଖକମାନେ ନିଜକୁ ପ୍ରକାଶିତ କରିବାର ସହଜ ଉପାୟ ହାତ ପାଆନ୍ତାରେ । 'ସାମାଜିକ ଗଣମାଧ୍ୟମ'ର ଅନେକ ପ୍ରମାଣିତ ଦୁର୍ଗୁଣ ସତ୍ତ୍ୱେ ଏକଥା ସତ ଯେ ଏହା ଆମ ସାହିତ୍ୟକୁ ବହୁ ସଂଖ୍ୟାରେ ନୂଆ ଲେଖକ ଦେଇ ଚାଲିଛି । ଯେଉଁମାନେ ଓଡ଼ିଆ ସାହିତ୍ୟର ଭବିଷ୍ୟତକୁ ନେଇ ଖୁବ୍ ସନ୍ଦିହାନ, ସେମାନେ ହୃଦୟଙ୍ଗମ କରିନେବା ଉଚିତ ଯେ ଓଡ଼ିଆ ସାହିତ୍ୟର ଭବିଷ୍ୟତ ଏଇମାନେ, ଏଇ ଡିଜିଟାଲ୍ ପ୍ଲାଟଫର୍ମରେ ନିଜକୁ ପ୍ରକାଶିତ କରୁଥିବା ଆଜିର ଯୁବପିଢ଼ିର କବି ଓ ଲେଖକମାନେ । ସେଇମାନଙ୍କ ଭିତରେ ଅଛନ୍ତି ଆସନ୍ତାକାଲିର ଲେଖକମାନେ । ଏଥର ଆମ ଭବିଷ୍ୟତର କିଛି ସମ୍ଭାବନାର ବିନ୍ଦୁକୁ ଆସନ୍ତୁ ଜାଣିବା ।

## 'ଗ୍ରହଚଳନ' ଓ ସରୋଜିନୀ ଶଙ୍ଖୁଆ

ସରୋଜିନୀ ଶଙ୍ଖୁଆ ଉଭୟ କବିତା ଓ ଗପ ଲେଖନ୍ତି । ସରୋଜିନୀ ଗପ ଓ କବିତା, ଉଭୟରେ ବି ଏକାଭଳି ସହଜ ଲାଗନ୍ତି । ସରୋଜିନୀଙ୍କର ଶବ୍ଦଚୟନରେ ରହିଛି ଖୁବ୍ ମଧୁରତା । ଆଧୁନିକତା ଓ ପରମ୍ପରାର ସମନ୍ୱୟରେ ତାଙ୍କ ଚରିତ୍ର ସବୁ ଖୁବ୍ ପରିଚିତ ମନେହୁଅନ୍ତି । ଖୁବ୍ ପିଲାବେଳୁ ଲେଖାଲେଖି ଆରମ୍ଭ କରିଥିବା ସରୋଜିନୀ ଏବେ କିଛିବର୍ଷ ହେଲାଣି ନିୟମିତ ଭାବେ ପ୍ରକାଶିତ ହେଇ ଆସୁଛନ୍ତି । ଏବେ ସେ ଓଡ଼ିଆ ଭାଷା ଓ ସାହିତ୍ୟରେ ସ୍ନାତକୋତ୍ତର ଶିକ୍ଷା ସାରିଲେଣି ।

ସରୋଜିନୀ ସୁନ୍ଦର ଚିତ୍ର ଆଙ୍କିପାରନ୍ତି । କାନ୍‌ଭାସ୍‌ରେ ଅଙ୍କା ତାଙ୍କ ଚିତ୍ର ସବୁ ତାଙ୍କର ଗପ ଭଳି ଅନନ୍ୟ । ସମବେଦନା ଓ କରୁଣା ସୃଷ୍ଟି କରିପାରେ ସାହିତ୍ୟ- ଏ ତାଙ୍କର ବିଶ୍ୱାସ ।

ଏ ଯାବତ୍ ଅଳ୍ପ କିଛି ଗପ ଓ ଅନେକ କବିତା ଲେଖି ସାରିଥିବା ସରୋଜିନୀ ଆଧୁନିକ ମଣିଷର କଷ୍ଟ, ଅପ୍ରାପ୍ତି ଓ ଆଶଙ୍କାକୁ ଖୁବ୍ ଭଲ ଭାବରେ ପଢ଼ିପାରନ୍ତି ।



▲ କବି ସରୋଜିନୀ ଶଙ୍ଖୁଆ

ତାଙ୍କର 'ଉଡ଼ାଣ' ଶୀର୍ଷକ ଗପରେ ଗପନାୟିକା କୁମୁଦ ପଚାରୁଛି "ମରିବା ପାଇଁ ସବୁଠୁ ସହଜ ଉପାୟ କଣ ?" ଗପନାୟକ ମହର୍ଷି ଉତ୍ତର ଫେରଉଛି, "ପ୍ରେମରେ ପଡ଼ିବା, ନଚେତ୍ ପ୍ରେମ ଛାଡ଼ିଦେବା ।"

ସରୋଜିନୀଙ୍କର ଗପସବୁ ଜୀବନ ଓ ପ୍ରେମ ଠାରୁ ଯେତିକି ଦୂରତାରେ ଥାଏ, ସେତିକି ବି ଦୂରତା ଥାଏ ବିରହ ଓ ମୃତ୍ୟୁ ଠାରୁ । ଏତେ କମ୍ ବୟସର ଲେଖିକା ଜଣେ ଶବ୍ଦ ବସାଣର ଏ ଅଦ୍ଭୁତ କଳାତ୍ମକତା ସହ କାହାଣୀ କରିବାର ଢଙ୍ଗକୁ

ଏତେ ସାବଲୀଳ କରି ପାରିବା ଓଡ଼ିଆ ସାହିତ୍ୟ ପାଇଁ ଶୁଭ ଲକ୍ଷଣ । ତାଙ୍କର 'ପ୍ରେମର ସହର' ଗପ ଆରମ୍ଭ ହେଉଛି ଗୋଟେ ମନେ ରହିଯିବା ଭଳି ଧାଡ଼ିରୁ- "ସେ କହେ, କଟକରେ ପ୍ରେମ କରିବାକୁ ଜାଗା ନାହିଁ ।" ଗପ ତା'ର ବିଭିନ୍ନ ରାସ୍ତା ଦେଇ, ଉଠାଣି ଗଡ଼ାଣି ଦେଇ ଶେଷ ବିନ୍ଦୁରେ ପହଞ୍ଚି ପୁଣି ସରୁଛି ଏକ ବାକ୍ୟରେ- "ପଚାରିଲେ କହେ, କଟକ, ଛଡ଼ା ପ୍ରେମ ପାଇଁ ଆଉ କୋଉଠି ଜାଗା ଅଛି ଯେ..."

ଗପର ଏ ଶୈଳୀ ବେଶ୍ ପରିପକ୍ୱ ହାତର କାମ । କିଶୋର ବୟସର ଲାଜ, ଭୟ, ଆଶଙ୍କା ଜର୍ଜରିତ ସଂପର୍କକୁ ନେଇ ସରୋଜନୀଙ୍କର 'ପିମ୍ପୁଡ଼ି' ବି ଅନ୍ୟତମ ଭଲ ଗପ । 'ଲଙ୍ଗଡ୍ରାଇଭ୍' ଗପରେ ଗୌତମ ଓ ମୋକ୍ଷା ଚରିତ୍ରକୁ ସେ ଖୁବ୍ ସତର୍କତାର ସହିତ ଆଗକୁ ନେଇଛନ୍ତି । ସରୋଜିନୀ ଏଯାବତ୍ ଲେଖିଥିବା ଗପମାନଙ୍କ ଭିତରୁ ସମ୍ଭବତଃ ସବୁଠାରୁ ଅଧିକ ପାଠକୀୟ ସ୍ୱୀକୃତି ପାଇଛି 'ଗ୍ରହଚଳନ' । ଏ ଗପ ପାଇଁ ସେ କଥା-ନବପ୍ରତିଭା ପୁରସ୍କାର ପାଇଛନ୍ତି । 'ଗ୍ରହଚଳନ' ଗପର ନାୟକ ନୀଳକଣ୍ଠ ଦଶ ଆଙ୍ଗୁଠିରେ ଦଶଟି ମୁଦି ପିନ୍ଧେ । ରାଶି ଓ ଗ୍ରହମାନଙ୍କ ଚଳନ ଉପରେ ବିଶ୍ୱାସ ରଖୁଥିବା ବିବାହିତ ପୁରୁଷ ନୀଳକଣ୍ଠର ପ୍ରିୟତମା କିନ୍ତୁ ବେଶ୍ ଆଧୁନିକା ଝିଅଟିଏ । ଏ ଗପର ସବୁଠୁ ବଡ଼ ଦିଗଟି ହେଉଛି ସମ୍ବାଦ । କଥାବାର୍ତ୍ତାର ଭାଷା ଭିତରେ ଗପର ଶେଷ ଭାଗରେ ପାଠକ ପହଞ୍ଚିଯିବ ଅକସ୍ମାତ୍ । ଗପଟି 'ମୁଁ' ବା ପ୍ରଥମ ପୁରୁଷରେ ଲେଖା ହେଇଛି । ସରୋଜିନୀ ଏ ଗପରେ ଯେତିକି ଆଧୁନିକ ଓ ସାହସୀ, ସେତିକି ସମାଜମନସ୍କ ।

ସରୋଜିନୀଙ୍କର ଗପସବୁ ମୋର ଖୁବ୍ ପ୍ରିୟ । ଏବେ ଏବେ ଗପର ପୃଥିବୀରେ ଶ୍ରଦ୍ଧା ସାଉଁଟୁଥିବା ସରୋଜିନୀ ଖୁବ୍ ଆଗକୁ ଯିବେ ସାହିତ୍ୟ ଯାତ୍ରାପଥରେ । ଆହୁରି ଗଳ୍ପ ମନସ୍କ ହୁଅନ୍ତୁ ସେ ।

**●ଯେତେବେଳେ ଇଚ୍ଛା ହୁଏ, ସେତେବେଳେ ଗପ ଲେଖି ହୁଏ ନା ଗପ ଆସିବା ବେଳେ ଲେଖିବାକୁ ହୁଏ ?**

**❑ଯେତେବେଳେ ଇଚ୍ଛା ହୁଏ ସେତେବେଳେ ଗପ ଲେଖିହୁଏନି । ମୁଁ ଗୋଟିଏ ଗପ କାଗଜରେ ଲେଖିବା ପୂର୍ବରୁ ତାକୁ ବହୁତ ସମୟ ଭାବେ । ଏଇ ସମୟ ଭିତରେ କାହାଣୀ ଚରିତ୍ର ଭିତରେ ବିଭିନ୍ନ ପରିବର୍ତ୍ତନ ହୁଏ । ଯେତେବେଳେ ସ୍ଥିର କରିନିଏ ଯେ ଏବେ ମୋ ଭାବିବା ଅନୁସାରେ ଲେଖିହେବ ସେତେବେଳେ ମୁଁ ଗପ ଲେଖେ ।**

**●ତମେ କେମିତି ଲେଖ, ଜୀବନ ଭଳି ଗପ ନା ଗପରେ କଳ୍ପନାର ଭାଗ ଜରୁରୀ ?**

**❑ଜୀବନ ଭଳି ଗପ ଯେଉଁଥିରେ କଳ୍ପନା ମିଶିକି ଥାଏ । ଗପ ଜୀବନ ଭିତରୁ ଆସେ ଆଉ ଯେତିକି ଭାଗ କଳ୍ପନା ଥାଏ ସେ ବି ଜୀବନ ଭିତରୁ ଆସିଥାଏ, ଆମର ନହେଲେ ବି ସେ କାହାର ନା କାହାର ଜୀବନରେ ଘଟିଥାଏ । ତେଣୁ ଗପ ସମ୍ପୂର୍ଣ୍ଣ ଜୀବନ ଭଳି, ଜୀବନ ଠୁ ଅଲଗା ନୁହେଁ ।**

## ଶ୍ରୀସିକ୍ତା ଶୁଭଦର୍ଶିନୀ: ମେଘ ପରି ବର୍ଷା ପରି ଛଳଛଳ

ସେ ଅନେକଙ୍କର ଏବେ ପ୍ରିୟ ଶ୍ରୀ' । ଶ୍ରୀସିକ୍ତା ଶୁଭଦର୍ଶିନୀ- ଏବେ ଏବେ ରେଭେନ୍ସା ମହାବିଦ୍ୟାଳୟରୁ ସ୍ନାତକ ଶିକ୍ଷା ଶେଷ କରି ବାଣୀବିହାର କ୍ୟାମ୍ପସ୍‌ରେ ପାଦ ଦେଇଛନ୍ତି । ସମାଜବିଜ୍ଞାନ ବିଭାଗର ସ୍ନାତକୋତ୍ତର ଶ୍ରେଣୀର ପ୍ରଥମ ବର୍ଷରେ ସେ ଏବେ ଅଧ୍ୟୟନ କରୁଛନ୍ତି ।

ଏକୋଇଶ ବର୍ଷର ଏଇ ଝିଅଟି ବେଶ୍ ପ୍ରଗଳ୍ଭା, କବିତାରେ, ଗପରେ ଓ ବ୍ୟକ୍ତିଗତ ଜୀବନରେ ବି । ହୁଏତ କହିବାକୁ ଅନେକ କିଛି ଅଛି ବୋଲି ସେ ସାହିତ୍ୟର ପୃଥିବୀରେ ପ୍ରବେଶ କରିଛନ୍ତି । ମୁହଁରେ ସବୁବେଳେ ହସଫୁଲ ଫୁଟେଇ ପାରୁଥିବା ଶ୍ରୀସିକ୍ତା ଶୁଭଦର୍ଶିନୀ ନାୟକ ଏ ଭିତରେ ବହୁତ ବେଶୀ କବିତା ଓ ଅଳ୍ପ କିଛି ଗଳ୍ପ ଲେଖିଛନ୍ତି । କିନ୍ତୁ ଗଳ୍ପ ରଚନା ପାଇଁ ସେ ଅନେକବାର ପୁରସ୍କୃତ ହେଇଛନ୍ତି । କଥା ନବପ୍ରତିଭା ପୁରସ୍କାର ପାଇଥିବା ଏ ଗାଳ୍ପିକାଙ୍କର ଗପରେ ରହିଛି ଗୋଟେ ଆଶା କରି ହେଉନଥିବା ବାସ୍ତବିକତା ଓ ସମାଜ ମନସ୍କତାର ଚିତ୍ର । କବିତାରେ ସେ ଯେତିକି ସ୍ୱପ୍ନମଗ୍ନ, ଯେତିକି ବିଳାସୀ, ଗପରେ ସେ ଠିକ୍ ବିପରୀତ । କବିତାରେ ସେ ଶୀତକୁ ମଫଲର୍ ପିନ୍ଧେଇ ପାରନ୍ତି, ନିତିଦିନିଆ ଜୀବନରେ ମନେ ହେଇପାରନ୍ତି ଚୁଲ୍‌ବୁଲି ଓ ଆବେଗସିକ୍ତ, କିନ୍ତୁ ଗପରେ ସେ ଅପୂର୍ବ ଭାବରେ ଗମ୍ଭୀର ଓ ବାସ୍ତବିକତାର ଚିତ୍ରକର । 'ରେଭେନ୍ସାରେ ମେଘ' ଗପରୁ ସେ ଦୃଷ୍ଟି ଆକର୍ଷଣ କରନ୍ତି ପାଠକମାନଙ୍କର । କବିତା ପରି ଭାଷା, ଅଥଚ ଗପର ଗଦ୍ୟଭାବ ବି ରହିଛି ଠିକ୍‌ଠିକ୍ । ଗପର ନାୟକ ମନ୍ମୟ ଭାବି ଚାଲିଛି ଜଣେ ସହପାଠିନୀର କଥା, ଯାହାକୁ ସେ ଚିହ୍ନେ ନାହିଁ, ଜାଣେ ନାହିଁ, ଏମିତିକି ତା ନାଁ ବି ଜାଣିନି । ଏ ଗପରେ ଆଦୌ ଡାଏଲଗ୍ ବା ସମ୍ବାଦ ନାହିଁ କହିଲେ ଚଳେ । ତଥାପି ଗପ କୁହା ଚାଲିଛି, ଶେଷଯାଏଁ ।



▶ ଶ୍ରୀସିକ୍ତା ଶୁଭଦର୍ଶିନୀ

ଶ୍ରୀସିକ୍ତାଙ୍କର ଏଯାବତ୍ ଲେଖିଥିବା ଗପମାନଙ୍କ ଭିତରେ ସବୁଠୁ ଶକ୍ତିଶାଳୀ ଗପର ଶୀର୍ଷକ – 'ବୁଢ଼ାଟା ଚାଲିଗଲା ବୋଧେ' । ଏ ଗପରେ ସେ ଯେଉଁ ଚିତ୍ର ଦେଇଛନ୍ତି, ଗୋଟେ ଗାଁର ପରିବେଶର ଯେଉଁ ବର୍ଣ୍ଣନା ଦେଇଛନ୍ତି, ସାମାଜିକ ସଂପର୍କ ସବୁର ଦ୍ୱନ୍ଦ୍ୱ ପଛରେ ଥିବା ଖୁବ୍ ଅସହଜ କାରଣ ଗୁଡ଼ିକର ଯେଉଁ ଅନୁଶୀଳନ କରିଛନ୍ତି, ଏସବୁ ଲକ୍ଷ୍ୟ କରିବାର କଥା । ଆଜିର ତରୁଣ ପିଢ଼ିର ଲେଖକ ଲେଖିକାମାନେ ଗ୍ରାମ୍ୟ ଜୀବନର ସୂକ୍ଷ୍ମ ଅନୁଭୂତି ସବୁଠାରୁ କ୍ରମଶଃ ଦୂରେଇ ଯାଉଥିବା ସମୟରେ ଶ୍ରୀସିକ୍ତାଙ୍କର ଏ ଗପ ବେଶ୍ ଆଶା ସଂଚାର କରେ । ଗପର ଏ ଆରମ୍ଭକୁ ଲକ୍ଷ୍ୟ କରନ୍ତୁ- "ରାମ ଶଙ୍ଖାରିର ଚାହିଦା ଢେର୍ । କାହିଁ କେତେ ବଡ଼ ଘରର ଝିଅ ବୋହୂ ତାକୁ ହିଁ ଅପେକ୍ଷିଥାନ୍ତି ନୂଆ ଚୂଡ଼ି ମୁଠେ ପାଇଁ । ତା' ଘରଣୀ କିନ୍ତୁ ସେଇ ସାଧା ପାଣିକାଚ ନାଇଥାଏ ପଟେ ପଟେ ତୁଟିବା ଯାଏଁ । ଲେଖିକା କେବଳ ଗ୍ରାମ୍ୟ ଜୀବନର କାହାଣୀଟିଏ ନେଇନାହାନ୍ତି, ସେ କାହାଣୀ ଗଢ଼ିବା ବେଳେ ସେଇ ଚରିତ୍ର ଉପଯୋଗୀ ଭାଷାର ବି ବ୍ୟବହାର କରିଛନ୍ତି । ଅନ୍ୟ ଏକ ଗପ 'ନୋଟା'ରେ ସେ ରଘୁସାର୍‌ଙ୍କ ଚରିତ୍ରକୁ ଖୁବ୍ ଭଲ ଭାବେ ଚିତ୍ରଣ କରୁଛନ୍ତି । ଆଜିର ଅତ୍ୟାଧୁନିକ ସମୟରେ ଜୀବନ ବଂଚୁଥିବା ଆମ ତରୁଣ ପିଲାମାନେ ଏତେ ପରିପକ୍ୱ ଢଙ୍ଗରେ ଗପ ଲେଖୁଥିବା ଶ୍ରୀସିକ୍ତାଙ୍କ ଏ ଗପ ନ ପଢ଼ିଲେ ବିଶ୍ୱାସ ହେବନି । ଶ୍ରୀସିକ୍ତା ସାହିତ୍ୟ ସମୁଦ୍ରର ଅଧିଷ୍ଠାତ୍ରୀଙ୍କର ଆଶୀର୍ବାଦରେ ଅଭିଷିକ୍ତା ହୁଅନ୍ତୁ । ଦୀର୍ଘ ହେଉ ଗପର ଏ ରାସ୍ତା ।

**●ଯେତେବେଳେ ଇଚ୍ଛା ହୁଏ, ସେତେବେଳେ ଗପ ଲେଖି ହୁଏ ନା ଗପ ଆସିବା ବେଳେ ଲେଖିବାକୁ ହୁଏ ?**

❑ପ୍ରତିଦିନ ମୁଁ ଗପ ମଞ୍ଜିଟିଏ ଭେଟୁଥାଏ, ସେଥିରୁ କିଛି କିଛିର ଅଙ୍କୁରୋଦ୍‌ଗମ ହୁଏ ଆଉ କିଛି ଅପେକ୍ଷା କରିଥାନ୍ତି ଭଲରେ ଗଜା ଧରି ମହାଦ୍ରୁମ ହେବାକୁ । ଗପ ମଞ୍ଜିଟେ ଖୋଜି ନପାଇଲା ଯାଏଁ ଯେତେ ଇଚ୍ଛା କଲେ ମଧ ଗପଟେ ଗଢ଼ି ହୁଏନି ।

**●ତମେ କେମିତି ଲେଖ, ଜୀବନ ଭଳି ଗପ ନା ଗପରେ କଳ୍ପନାର ଭାଗ ଜରୁରୀ ?**

❑ମୋ କ୍ଷେତ୍ରରେ ଜୀବନ ହିଁ ଗପଟିଏ, ମୋର ସବୁ ଗପର ଚରିତ୍ରଙ୍କୁ ମୁଁ ବାସ୍ତବରେ ଭେଟିଛି । କଳ୍ପନା କେତେକାଂଶରେ ଗପକୁ ସୁନ୍ଦର କରେ କିନ୍ତୁ ଜୀବନ ବିନା ଗପଟେ ଭାବିବା ଅନ୍ତତଃ ମୋ ପକ୍ଷେ ସମ୍ଭବ ନୁହେଁ ।

## ଜିନାତମାମ୍ ଦର୍ଜୀ: ନୀରବ ତାରୁଣ୍ୟର ଚିତ୍ରକର

ରାଜଧାନୀର କୋଳାହଳ ଠାରୁ ବେଶ୍ ଦୂରରେ, ବରପାଲି ଠାରେ ରହୁଥିବା ଜିନାତମାମ୍ କବିତା ଓ ଗଳ୍ପ ଉଭୟରେ ଖୁବ୍ ଶକ୍ତିଶାଳୀ, ଜିନାତମାମ୍‌ଙ୍କ ଗପ ବା କବିତା ପଢ଼ିଲେ ପାଠକ କେବେହେଲେ ତାଙ୍କର ବୟସ ଅନୁମାନ କରିପାରିବ ନାହିଁ । ସେ ତାରୁଣ୍ୟରେ ବି ଗମ୍ଭୀର ଏବଂ ଲେଖାଲେଖିକୁ ନେଇ ବେଶ୍ ସିରିୟସ୍ । ବୈଦାନ୍ତିକ ସିଦ୍ଧାନ୍ତ, ମୃତ୍ୟୁଚେତନା ଓ ରହସ୍ୟବାଦକୁ ନେଇ ସେ ଗପ ଲେଖିବାକୁ ଚାହାନ୍ତି । ଜିନାତମାମ୍‌ଙ୍କ ସଂର୍ପରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ସୂଚନାଟି ହେଉଛି ଯେ ସେ ହିନ୍ଦୀରୁ ଓଡ଼ିଆ ଓ ଓଡ଼ିଆରୁ ହିନ୍ଦୀ ଅନୁବାଦ କରୁଛନ୍ତି । ଖୁବ୍ ନିକଟ ଅତୀତରେ ପ୍ରଫେସର୍ ମଣୀନ୍ଦ୍ର କୁମାର ମେହେରଙ୍କ ଦ୍ୱାରା ରଚିତ 'ସ୍ୱଭାବକବି ଗଙ୍ଗାଧର ମେହେର' ପୁସ୍ତକର ହିନ୍ଦୀ ଅନୁବାଦ କରିଛନ୍ତି । ପ୍ରେମଚାନ୍ଦଙ୍କ ରଚିତ କିଛି ହିନ୍ଦୀ ଗପର ସେ ଓଡ଼ିଆ ଅନୁବାଦ କରିଛନ୍ତି । ଆମର ଜାତୀୟ ଭାଷା ଓ ଆଂଚଳିକ ଭାଷା ଭିତରେ ସେ ଏକ ପ୍ରକୃଷ୍ଟ ସେତୁ । ସେ ଚିତ୍ର ଆଙ୍କନ୍ତି, କବିତା ଲେଖନ୍ତି ଓ ସମ୍ବଲପୁରୀ ଲୋକଗୀତ ବି ରଚନା କରନ୍ତି । ସୃଜନକର୍ମର ଗୋଟେ ଅପୂର୍ବ ପ୍ୟାକେଜ୍ ଜିନାତମାମ୍ ଏତେ ଅଳ୍ପ ବୟସରୁ ସାହିତ୍ୟରେ ବେଶ୍ ପାଠକୀୟତା ଲାଭ କରି ସାରିଲେଣି ।



◄ ଜିନାତମାମ୍

ରାଜାଙ୍କ ଜିଜ୍ଞାସା, ପର ପୁରୁଷ, ପ୍ରକୃତ ପ୍ରେମିକ, ଭଳି କିଛି ଗପ ତାଙ୍କର ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ ପାଇଛି । 'ପରାଜିତ ଯୋଦ୍ଧାମାନେ' ଗପ ପାଇଁ ସେ କଥା ନବପ୍ରତିଭା ପୁରସ୍କାର ପାଇଛନ୍ତି । 'ବଦଳୁଥିବା ଚିତ୍ର' ଉପରେ ସେ ବିଭିନ୍ନ ପିଢ଼ି ଭିତରେ ଘରକୁ ନେଇ ଯେଉଁ ଆବେଗର ଭିନ୍ନତା ଥାଏ, ସେ କଥା ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି । 'ପରାଜିତ ଯୋଦ୍ଧାମାନେ' ଏକ ସର୍ବକାଳୀନ ଭଲ ଗପ । ଆଜିକୁ ଅନେକବର୍ଷ ପରେ ବି ଏ ଗପ ପାଠକମାନଙ୍କ ମନରେ ବଂଚି ରହିବ, ମୋର ବିଶ୍ୱାସ । ଜିନାତମାମ୍‌ଙ୍କର ଅନୁଭବର ସ୍ୱାତନ୍ତ୍ର୍ୟ ଖୁବ୍ ଉଲ୍ଲେଖନୀୟ ।

"ଅଢ଼େଇ ଦିନର ଆୟୁଷ, ଆଉ ଯେଉଁ ଜିନିଷରେ ନିଜର ମୃତ୍ୟୁ ସେଇ ଆଡ଼କୁ ଆକର୍ଷିତ ହେବା- ଏ ଦୁଇଟି କଥା ଝଡ଼ିପୋକ ଆଉ ମଣିଷ' ପାଇଁ ଠିକ୍ ବସେ"- ଏ ଶବ୍ଦ ତାରୁଣ୍ୟର ପ୍ରଗଳ୍‌ଭତାରୁ ଆସେନି, ବରଂ ଜୀବନକୁ ଖୁବ୍ ଭଲ ଭାବରେ ବୁଝି ପାରିବାର ସାମର୍ଥ୍ୟରୁ ଆସେ ।

ଜିନାତମାମ୍‌ଙ୍କ ସାମ୍ନାରେ ଦୀର୍ଘ ଓ ସମ୍ଭାବନାମୟ ପଥ । ବହୁ ଗୁଣରେ ଗୁଣୀ ଓ ପ୍ରତିଭାମଣ୍ଡିତା ଜିନାତମାମ୍ ଜୀବନକୁ ଆହୁରି ଭଲ ଭାବରେ ନିଜ ଇଚ୍ଛା ଅନୁସାରେ ନିରୀକ୍ଷଣ କରିବାର ସୁଯୋଗ ପାଆନ୍ତୁ । ଓଡ଼ିଆ ସାହିତ୍ୟର ଭଣ୍ଡାର ଜିନାତମାମ୍‌ଙ୍କର ଲେଖନୀର ବିବିଧ ଶକ୍ତିରେ ଆହୁରି ସମୃଦ୍ଧ ହେଉ ।

**●ଯେତେବେଳେ ଇଚ୍ଛା ହୁଏ, ସେତେବେଳେ ଗପ ଲେଖି ହୁଏ ନା ଗପ ଆସିବା ବେଳେ ଲେଖିବାକୁ ହୁଏ ?**

❑ଗପ ମାଡିଲା ବେଳେ ହିଁ ଗପ ଲେଖି ହୁଏ । ବେଳେବେଳେ କୌଣସି କାରଣରୁ ଗପକୁ ଅଧାରେ ଛାଡି ଉଠିଗଲେ ତାର ବାକି ଅଂଶ ଲେଖିବା ପାଇଁ ସେଯାଏଁ ଅପେକ୍ଷା କରିବାକୁ ପଡେ ଯେତେବେଳ ଯାଏଁ ପୁଣି ଥରେ ସେହି ଗପର ଆବେଗ ଚେତନାକୁ ଆନ୍ଦୋଳିତ କରି, ଲେଖିବା ପାଇଁ ନିଜର ସବୁଜ ଇଙ୍ଗିତ ନଦେଇଛି । ପୁଣି ଥରେ ସେଇ ଆବେଗ ଫେରି ଆସିବାକୁ କିଛି ଦିନ, ବା କିଛି ମାସ କିମ୍ବା କିଛି ବର୍ଷର ଲମ୍ବା ସମୟ ବି ଲାଗିପାରେ । ଗପ ଆସିଲା ବେଳେ ନିଜ ସହ ତା'ନିଜ ପାଇଁ ଗୋଟିଏ ଭାଷା, ପରିସର, ଶୈଳୀ ଓ ନିୟତ ଭାଗ୍ୟ ନେଇ ଆସେ ।

**●ତମେ କେମିତି ଲେଖ, ଜୀବନ ଭଳି ଗପ ନା ଗପରେ କଳ୍ପନାର ଭାଗ ଜରୁରୀ ?**

❑ଜଣେ ବଣିଆ ସୁନା ଅଳଙ୍କାର ଗଢ଼ିଲା ବେଳେ ସୁନା ସହ କିଛି ପରିମାଣର ଖାଦ ବି ମିଶାଏ, କାରଣ କେବଳ ସୁନାରେ ଗହଣା ଗଢ଼ିବା ସମ୍ଭବ ନୁହେଁ । ସେମିତି ଗପର ପୃଷ୍ଠଭୂମି ମୁଁ ସବୁବେଳେ ସତ ଘଟଣାକୁ ନିଏ ହେଲେ ତାକୁ ଗୋଟିଏ ଗପର ଛାଞ୍ଚ ଦେବା ପାଇଁ ସେଥିରେ କିଛି ପରିମାଣର କଳ୍ପନା ଜଳ୍ପନା ବି ଯୋଡ଼େ । ଯେମିତି କେବଳ ଖାଦରେ ତିଆରି ଗହଣା ସୁନା-ଗହଣା କୁହା ଯିବନି ସେମିତି କେବଳ କଳ୍ପନାରେ ଗୋଟିଏ କାହାଣୀ ଗଢ଼ିଲେ ତାକୁ ମୁଁ ଛାତିରେ ହାତ ରଖି ଗଳ୍ପଟିଏ କହି ପାରିବିନି ।

ସରୋଜିନୀ, ଶ୍ରୀସିକ୍ତା ଓ ଜିନାତମାମ୍ – ଏ ତିନିଜଣ ଲେଖିକା ଉଭୟ ଗପ ଓ କବିତା କ୍ଷେତ୍ରରେ ସକ୍ରିୟ ଅଛନ୍ତି । କିନ୍ତୁ ଗାଳ୍ପିକା ଭାବରେ ଅଳ୍ପ ସମୟ ଭିତରେ ସେମାନଙ୍କୁ ପ୍ରଚୁର ଶ୍ରଦ୍ଧା ଓ ପାଠକୀୟ ଆଦୃତି ମିଳୁଛି । ଏମାନେ ଆସନ୍ତାକାଲିର ଲେଖିକା । ଏବେ ଏବେ ତାରୁଣ୍ୟରେ ପ୍ରବେଶ କରିଥିବା ଏଇ ତିନିଜଣ ଲେଖିକା ଉଚ୍ଚଶିକ୍ଷିତା ଓ ନିଜର ଲେଖାଲେଖିକୁ ନେଇ ବେଶ୍ ସତର୍କ । ବାଗ୍‌ଦେବୀଙ୍କର କରୁଣାର ଯେଉଁ ବିନ୍ଦୁ ଏମାନଙ୍କୁ ସାହିତ୍ୟର ପୃଥିବୀକୁ ଆମନ୍ତି ଆଣିଛି, ତାହା ସଜଳ ଧାରାରେ ବଞ୍ଚେଇ ରଖିବା ଏବେ ଏମାନଙ୍କର ଦାୟିତ୍ୱ ।

ଆମ ଗପ ବଂଚି ରହୁ । ଆହୁରି ଭଲ କଥା, ସେମାନଙ୍କ ସମୟର କଥା ଓ ଆସନ୍ତାକାଲିର କଥା ଲେଖନ୍ତୁ ଆମ ପିଲାମାନେ ।


ପ୍ରସଙ୍ଗ-୪
ମୋ ପସନ୍ଦର

# ମୋ ପସନ୍ଦର ନୂଆ ମୁହଁ


**ପବିତ୍ର ପାଣିଗ୍ରାହୀ**

ଛାଇ, ଜଗନ୍ନାଥ ବିହାର, ଶାଳନ୍ଦୀନଗର
ଭଦ୍ରକ-୭୫୬୧୦୦,
ଫୋନ: ୯୩୩୭୨୬୮୬୯୮


ଫଟୋ ସୌଜନ୍ୟ: ପତିତପାବନ ପାଣି

**ସେ କୈଳାସ ବେହେରା, କେବଳ ଗଳ୍ପ ଲେଖନ୍ତିନି । ସାରସ୍ୱତ ସଂଗଠନ ଓ ସମାଜସେବାର ରହିଛିରୁଚି । ସାଙ୍ଗଠନିକ କାର୍ଯ୍ୟକୁ ଯେମିତି ସେ ସାରସ୍ୱତ ସାଧନାର ଅଂଶ ବିଶେଷ ବୋଲି ଭାବନ୍ତି, ସମାଜସେବାକୁ ମଧ୍ୟ ସେମିତି ଲେଖକୀୟ ସାମାଜିକ ଅଙ୍ଗୀକାରବଦ୍ଧତା ବୋଲି ସେ ଗ୍ରହଣ କରନ୍ତି । ଭଦ୍ରକର ଏକ ପ୍ରମୁଖ ସାହିତ୍ୟ ସଂଗଠନ 'ତିହିଡ଼ି ସାହିତ୍ୟ-ସାଂସ୍କୃତିକ ମଞ୍ଚ'ର ସେ ପ୍ରତିଷ୍ଠାତା ଓ ଆବାହକ । ସାମାଜିକ ଅନୁଷ୍ଠାନ 'ତିହିଡ଼ି ଯୁବ ମଞ୍ଚ'ର ସଭାପତି ଭାବେ ମଧ୍ୟ କୈଳାସ ଦାୟିତ୍ୱ ନିର୍ବାହ କରୁଛନ୍ତି । 'ସମ୍ବାଦ ସାହିତ୍ୟଘର' ତିହିଡ଼ି ଶାଖାର ବି ସେ ସମ୍ପାଦକ ଅଛନ୍ତି ।**



◄ ଲେଖକ ପବିତ୍ର ପାଣିଗ୍ରାହୀ

## ଭିଡ଼ ଭିତରେ ବି ଗଳ୍ପମନସ୍କ : କୈଳାସ



◄ କବି କୈଳାସ

ଓଡ଼ିଆ ଗଳ୍ପ କ୍ଷେତ୍ରରେ ଏକ ସ୍ନେହ-ସ୍ନିଗ୍ଧ ଉଚ୍ଚାରଣ କୈଳାସ ବେହେରା । ଘର ତିହିଡ଼ି, ଭଦ୍ରକ । ବୃତ୍ତି ବ୍ୟବସାୟ । ରୁଚି ସାହିତ୍ୟ ଓ ସମାଜସେବା । ପ୍ରାୟ ଦଶ ବର୍ଷ ହେଲା ସେ ଗପ ଲେଖାରେ ନିବିଷ୍ଟ ଅଛନ୍ତି । ତାକୁ ଘଟଣା ବା ଚରିତ୍ରଟିଏ ଆଲୋଡ଼ିତ କଲା ପରେ ନିଜ ଭିତରେ ତାକୁ ବାରମ୍ବାର ଭଙ୍ଗାଗଢ଼ା ମାରି ଉପଯୁକ୍ତ ସମୟ ଆସିଲେ ସେ ଗପଟିଏ ଲେଖନ୍ତି । ସେଇଥିପାଇଁ ଦଶବର୍ଷ ଭିତରେ ସେ ଲେଖିଛନ୍ତି ମୋଟ ପଚିଶଟି ଗଳ୍ପ ଓ ପ୍ରାୟ ପନ୍ଦରଟି ମିନିଗପ । ୨୦୨୪ରେ ଗଳ୍ପ ସଂକଳନଟିଏ ପ୍ରକାଶ କରିବାର ସ୍ୱପ୍ନ ଦେଖୁଛନ୍ତି ।

ପ୍ରଥମେ ସେ ପିଲାଙ୍କ ପାଇଁ ଗଳ୍ପ ଲେଖିବା ଆରମ୍ଭ କରିଥିଲେ । ୨୦୨୪ରେ ତାଙ୍କର ପ୍ରଥମ ଲେଖା ପ୍ରକାଶ ପାଇଥିଲା ପିଲାଙ୍କ ଧରିତ୍ରୀରେ । ପରେପରେ ସେ ଶିଶୁ ଗଳ୍ପ ଲେଖିଲେ ମୀନା ବଜାର, ପ୍ରଜାତନ୍ତ୍ର ସାପ୍ତାହିକୀ, ସମାଜ ଶିଶୁରାଇଜ ଓ ଶିଶୁ ପ୍ରତିଭା ପ୍ରଭୃତି ପତ୍ରପତ୍ରିକାରେ । ଗଳ୍ପ ଲେଖା ଆରମ୍ଭ କଲେ ୨୦୧୨-୧୩ ମସିହାରେ । କାଦମ୍ବିନୀ, କଥା, କାହାଣୀ, ଅକ୍ଷାଂଶ, ଘାସଫୁଲ, ପାହାଚ ଓ ଶତଦ୍ରୁ ଆଦି ପତ୍ରିକା ଏବଂ ସମାଜ, ପ୍ରମେୟ, ନିତିଦିନ, ଧରିତ୍ରୀ ପ୍ରଭୃତି ସମ୍ବାଦପତ୍ରର ସାହିତ୍ୟ ପୃଷ୍ଠାରେ ପ୍ରକାଶ ପାଇବାକୁ ଲାଗିଲା ତାଙ୍କର ଗଳ୍ପ । ବେଳେବେଳେ କବିତା ବି ଲେଖନ୍ତି ।

ସାମାଜିକ ଚଳଣି, ନିତିଦିନିଆ ଜୀବନରେ ଆତଯାତ ହେଉଥିବା ସାଧାରଣ ଚରିତ୍ରଙ୍କ ଭିତରେ ପ୍ରତ୍ୟକ୍ଷ କରୁଥିବା ଅସାଧାରଣତ୍ୱ ଏବଂ ସାଂପ୍ରତିକ ସମୟରେ ପରିବର୍ତ୍ତନଶୀଳ ଘଟଣା ପ୍ରବାହ ତାଙ୍କ ଗଳ୍ପର ଆତ୍ମା । ଶୈଳୀ ଅପେକ୍ଷା ସେ ଗୁରୁତ୍ୱ ଦିଅନ୍ତି କାହାଣୀ ଉପରେ । ସାଧାରଣ, ସରଳ ଓ ସାବଲୀଳ ଢଙ୍ଗରେ ଗପ ଲେଖିବାକୁ ସେ ପସନ୍ଦ କରନ୍ତି । ମଜା କଥା ହେଲା, ପ୍ରାୟ ପ୍ରତିଟି ଗାଳ୍ପିକ କିଛି କିଛି ପ୍ରେମଗଳ୍ପ ଲେଖିଥିଲା ବେଳେ, କୈଳାସ ନିଷ୍ଠୁର ବାସ୍ତବତାକୁ ନେଇ ଗପ ଲେଖୁଥିବାରୁ ପ୍ରେମକୁ ନେଇ ଜମା ଗଳ୍ପ ଲେଖି ନାହାନ୍ତି । ଏକମାତ୍ର 'ଚିଠି' ଗଳ୍ପରେ ପ୍ରେମର ସାମାନ୍ୟ ଝଲକ ଦେଖିବାକୁ ମିଳେ । ଜିଅନ୍ତା ଷ୍ଟାଚ୍ୟୁ, ପାଳଭୂତ ଓ ଭାଙ୍ଗି ଯାଉଥିବା ସ୍ୱପ୍ନସବୁ ଇତ୍ୟାଦି ତାଙ୍କର ପାଠକୀୟ ଆଦୃତି ଲାଭ କରିଥିବା ଗଳ୍ପ ।

ଗଳ୍ପ ରଚନା ପାଇଁ ସେ ନୂଆଯୁଗର ନୂଆ ସକାଳ ଯୁବ କଥାକାର ସମ୍ମାନ, ଏମ୍‌ଟିଏମ୍ ଯୁବ ପ୍ରତିଭା ସମ୍ମାନ ଓ ଜାତୀୟ କବି ସମ୍ମାନ ଆଦି ସ୍ୱୀକୃତି ପାଇବା ସହ ୨୦୧୬ରେ କାଦମ୍ବିନୀ ଗଳ୍ପ ଉନ୍ମେଷ ପୁରସ୍କାର ପାଇଛନ୍ତି । କେନ୍ଦ୍ର ସାହିତ୍ୟ ଏକାଡ଼େମି ଦ୍ୱାରା ଆମନ୍ତ୍ରିତ ହୋଇ 'ଯୁବ ସାହିତ୍ୟ' କାର୍ଯ୍ୟକ୍ରମରେ ମଧ୍ୟ ଗଳ୍ପ ପାଠ କରିଛନ୍ତି । ଗଳ୍ପ ରଚନାରେ ତାଙ୍କ ଭିତରେ କିଛିଟା ସମ୍ଭାବନା ଥିବାର ଅନୁଭବ ହୋଇଛି ମୋର ।

ସେ କେବଳ ଗଳ୍ପ ଲେଖନ୍ତିନି । ସାରସ୍ୱତ ସଂଗଠନ ଓ ସମାଜସେବାର ତାଙ୍କର ରୁଚି ରହିଛି । ସାଙ୍ଗଠନିକ କାର୍ଯ୍ୟକୁ ଯେମିତି ସେ ସାରସ୍ୱତ ସାଧନାର ଅଂଶ ବିଶେଷ ବୋଲି ଭାବନ୍ତି । ସମାଜସେବାକୁ ମଧ୍ୟ ଲେଖକୀୟ ସାମାଜିକ ଅଙ୍ଗୀକାରବଦ୍ଧତା ବୋଲି ସେ ଗ୍ରହଣ କରନ୍ତି । ଭଦ୍ରକର ଏକ ପ୍ରମୁଖ ସାହିତ୍ୟ ସଂଗଠନ ତିହିଡ଼ି ସାହିତ୍ୟ-ସାଂସ୍କୃତିକ ମଞ୍ଚର ସେ ପ୍ରତିଷ୍ଠାତା ଓ ଆବାହକ । ସାମାଜିକ ଅନୁଷ୍ଠାନ 'ତିହିଡ଼ି ଯୁବ ମଞ୍ଚର ସଭାପତି ଭାବେ ମଧ୍ୟ କୈଳାସ ଦାୟିତ୍ୱ ନିର୍ବାହ କରୁଛନ୍ତି । ସମ୍ବାଦ ସାହିତ୍ୟଘର ତିହିଡ଼ି ଶାଖାର ବି ସେ ସମ୍ପାଦକ ଅଛନ୍ତି । ନୂଆପିଢ଼ିର ତରୁଣସ୍ରଷ୍ଟାଙ୍କୁ ସାହିତ୍ୟମନସ୍କ କରାଇବା ପାଇଁ ସାହିତ୍ୟ ସଂଗଠନ ମାଧ୍ୟମରେ ସେ ପ୍ରୟାସ ଜାରି ରଖିଛନ୍ତି ।

ତାଙ୍କର ମାମୁଁ ଡ. ସତ୍ୟପିୟ ମହାଳିକ, ଭୀମ ପୃଷ୍ଟି, ପବିତ୍ର ପାଣିଗ୍ରାହୀ ଓ ସରୋଜ ବଳଙ୍କୁ ସେ

ତାଙ୍କ ଗଳ୍ପ ଲେଖାର ପ୍ରେରଣା ବୋଲି କହନ୍ତି । ଗଳ୍ପ ସଂକଳନଟିଏ ପ୍ରକାଶ କରିବା ପାଇଁ ସ୍ୱପ୍ନ ଦେଖୁଥିଲେ ବି ପାଠକଙ୍କ ଠାରେ ଅଧିକ ପରିଚିତ ହେଲା ପରେ ବହି ବାହାରିବା ଉଚିତ୍ ବୋଲି ବିଚାର କରନ୍ତି କୈଳାସ । ଦିନସାରା ବ୍ୟସ୍ତ ରହନ୍ତି ନିଜସ୍ୱ ବ୍ୟବସାୟ ସାରସ୍ୱତ ସାଙ୍ଗଠନିକ କାର୍ଯ୍ୟରେ । ପଢ଼ାପଢ଼ି ଓ ଲେଖାଲେଖି କରନ୍ତି ମୁଖ୍ୟତଃ ରାତିରେ । ହେଲେ ଭିଡ଼ ଭିତରେ ବି ସେ ଗଳ୍ପମନସ୍କ ଥାଆନ୍ତି, ବ୍ୟସ୍ତବାସ୍ତବ ଜୀବନଯାପନର ଚଉପାଶରୁ ଗଳ୍ପ ଚରିତ୍ରର ଅନ୍ୱେଷଣରେ ଜାରି ରଖିଥାନ୍ତି ।

କୈଳାସଙ୍କ ସୃଜନଶୀଳତା ସାଙ୍ଗକୁ ସାହିତ୍ୟାନୁରାଗ ତଥା ସାମାଜିକ ପ୍ରତିବଦ୍ଧତା ମୋତେ ମୁଗ୍ଧ କରେ । ତାଙ୍କଠୁ ଆହୁରି ଭଲ ଗଳ୍ପର ମୁଁ ପ୍ରତୀକ୍ଷା ରଖେ । ଗଳ୍ପ ରଚନା ପାଇଁ ସେ ଅଧିକ ସମୟ ଦେଲେ ନିଶ୍ଚୟ ଭଲ ଗପ ଲେଖିବେ, ଏ ବିଶ୍ୱାସ ମୋର ରହିଛି ।

## କବିତାର କୋମଳ ପ୍ଲାବନ : ପତିତପାବନ

କବି କିଏ ? କବି କ'ଣ ଡାକ୍ତର ? ଅଫିସର ? ଇଂଜିନିୟର ? ଅଧ୍ୟାପକ ଓକିଲ ? ସାମ୍ବାଦିକ ? ବ୍ୟବସାୟୀ ? ସମାଜସେବୀ ? ନା ସମାଜ ସଂସ୍କାରକ ?

କବିତ୍ୱ ଏକ ବୃତ୍ତି ନୁହେଁ, ପ୍ରବୃତ୍ତି । ବୃତ୍ତି ଚାଲିଥାଏ ତା ବାଗରେ । ପ୍ରବୃତ୍ତି ବୃତ୍ତିଧାରୀ ବ୍ୟକ୍ତିସତ୍ତାଟିକୁ ଟାଣି ନେଉଥାଏ ଭିନ୍ନ ମାର୍ଗରେ । ବୃତ୍ତି ସହ ପ୍ରବୃତ୍ତିର ବିଶେଷ ସମ୍ପର୍କ ନଥାଏ, ଯଦିଓ ବୃତ୍ତିଗତ ଜୀବନର ସାମାନ୍ୟ ପ୍ରଭାବ କେବେ କେମିତି ପ୍ରବୃତ୍ତିରେ ପ୍ରତିଫଳିତ ହୁଏ । ବିଶେଷତଃ, ପ୍ରବୃତ୍ତିରେ ଯଦି ସେ ହୋଇଥାଏ ଜଣେ ସୃଜନଶୀଳ ସାହିତ୍ୟ ସ୍ରଷ୍ଟା ।

ଯାହାଙ୍କ ବିଷୟରେ କହିବାକୁ ଯାଉଛି ସେ ହେଉଛନ୍ତି ଓଡ଼ିଆ କବିତା ରଚନା କ୍ଷେତ୍ରରେ ଏକ କୋମଳ ପ୍ରତିଶ୍ରୁତି ପତିତପାବନ ପାଣି । ସୌମ୍ୟଦର୍ଶନ ଯୁବକ ପତିତପାବନଙ୍କ ଘର ଭଦ୍ରକ ଜିଲ୍ଲାର ଚୁନିଦା ପଞ୍ଚାୟତର ଓଲଟୁଙ୍ଗା ଗାଆଁରେ । ରହୁଛନ୍ତି ଆଖଣ୍ଡଳମଣି ଛକରେ ନିର୍ମିତ ତାଙ୍କର ନିଜସ୍ୱ ଘରେ । ବାପା ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ଗୌରୀଶ୍ୟାମ ପାଣି, ମାଆ ବିଦ୍ୟୁତ୍‌ପ୍ରଭା ଇହଲୀଳା ସମ୍ବରଣ କଲେଣି ଚାରିବର୍ଷ ହେଲା । ପତିତପାବନ ସ୍ୱଭାବତଃ ଖୁବ୍ ଅନ୍ତର୍ମୁଖୀ, ଲାଜୁଆ । କଥା କହନ୍ତି କମ୍ । ପ୍ରଗଳ୍‌ଭ ପାଲଟି ଯାଆନ୍ତି ଫେସ୍‌ବୁକ୍‌ରେ । ଏକା ଏକା ଡ୍ରାଇଭିଂ କହିବାକୁ ଭଲ ପାଆନ୍ତି । ବୃତ୍ତିରେ ଜଣେ ସର୍ବୋଚ୍ଚ ଡିଗ୍ରୀ ପ୍ରାପ୍ତ ଇଂଜିନିୟର । ଏକ ପ୍ରମୁଖ ବିଦେଶୀ କମ୍ପାନୀରେ ସମ୍ମାନଜନକ ବେତନରେ ଜୀବିକା ନିର୍ବାହ କରୁଥିଲେ ବି ପ୍ରବୃତ୍ତି ହେଲା ତାଙ୍କର କବିତା ଲେଖିବା । ବେଶୀ କଥା କୁହନ୍ତିନି ବୋଲି ନିଜକୁ, ନିଜର ସୁଖ ଦୁଃଖ, ସ୍ୱପ୍ନ ଓ ସ୍ୱପ୍ନଭଙ୍ଗକୁ କବିତାରେ ପ୍ରକାଶ କରନ୍ତି ଅକପଟ ଭାବରେ । ଖୁବ୍ ବେଶୀ କବିତା ଲେଖନ୍ତିନି କି ପ୍ରକାଶ ପାଇଁ ଏତେ ବେଶୀ ବ୍ୟାକୁଳ ହୁଅନ୍ତିନି । ଅଥଚ ସେ ଭଲ କବିତା ଲେଖନ୍ତି ସୁବିଧା ସୁଯୋଗ ଦେଖି ପତ୍ରପତ୍ରିକାକୁ ପ୍ରକାଶ ପାଇଁ ଦିଅନ୍ତି । ଶବ୍ଦ ଚୟନରେ ସେ ବେଶ୍ ମାପଚୁପ୍, କିନ୍ତୁ ଭାବପ୍ରବଣ । ସବୁବେଳେ ସେ ସୃଜନମନସ୍କ । ମୋତେ ଲାଗେ, ତାଙ୍କ ନିସଙ୍ଗ ଚୁପଚାପ୍ ବ୍ୟକ୍ତିତ୍ୱ ଭିତରେ ଛପି ରହିଛି ତାଙ୍କ ନିରଳସ ନିରହଙ୍କାରୀ କବିପଣ, ଯାହା ତାଙ୍କୁ କରିଛି ନମ୍ର, କୋମଳ ଓ ଛଳଛଳ ।



ଫଟୋ: ପତିତପାବନ ପାଣି

ଉଦୟପୁର ସ୍ଥିତ ବିକ୍ରମଦେବ ସରକାରୀ ମହାବିଦ୍ୟାଳୟରେ ଯୁକ୍ତ ଦୁଇ ବିଜ୍ଞାନ ଶ୍ରେଣୀରେ ଅଧ୍ୟୟନ ବେଳେ ସେ କବିତା ଲେଖିବା ଆରମ୍ଭ କରିଥିଲେ । ଏକ ଦଶନ୍ଧିରୁ ଊର୍ଦ୍ଧ୍ୱକାଳ ଧରି ବ୍ରତୀ ଅଛନ୍ତି ସାରସ୍ୱତ ସାଧନାରେ । ସାହିତ୍ୟର ବିଭିନ୍ନ ବିଭାଗ ମଧ୍ୟରୁ କବିତା ଲେଖିବାରେ ସେ ନିଜକୁ ସହଜ ଓ ସ୍ୱଚ୍ଛନ୍ଦ ମଣନ୍ତି । ବ୍ୟକ୍ତିଗତ ଜୀବନ ଓ ଜୀବନଯାପନରେ ଜୁଆର-ଭଟ୍ଟା, ପ୍ରେମ ଓ ସଂପର୍କର ରହସ୍ୟମୟତା, ପାରିବାରିକ ଜୀବନର ମଧୁରତା ଓ ସଂଘାତ ଭିତରୁ ସେ ପାଇଯାନ୍ତି କବିତାର ଭାବ ଓ ଶବ୍ଦ । ଆକସ୍ମିକ ଭାବେ ସବୁଠୁ ବେଶୀ ଭଲପାଉଥିବା ମାଆଙ୍କୁ ହରେଇଲା ପରେ ଜୀବନର କରୁଣ ମୂର୍ଚ୍ଛନାର ଅନୁରଣନ ମଧ୍ୟ ପ୍ରତ୍ୟକ୍ଷ କରିହୁଏ ତାଙ୍କର ବେଶ୍ କେତୋଟି କବିତାରେ ।


ନିଜର ଅନ୍ତର୍ମୁଖୀ ସ୍ୱଭାବ ଯୋଗୁଁ ସେ ସହଜରେ ନିଜକୁ ଖୋଲିଦେଇ ପାରନ୍ତିନି କାହା ସାମ୍ନାରେ, ଅଥଚ ଥରେ କାହାରି ସହ ଅନ୍ତରଙ୍ଗ ହେଲା ପରେ ଝରଣା କି ନଈଟିଏ ପରି ବହି ଯାଆନ୍ତି ଛଳଛଳ ହେଇ । ସ୍ୱାଭିମାନ ତାଙ୍କର ଭୂଷଣ । ରବୀନ୍ଦ୍ରନାଥ ଠାକୁର ଲିଟେରାରି ଏୱାର୍ଡ଼ ଭଳି କାଁ ଭାଁ ସ୍ୱୀକୃତି ଓ ସମ୍ମାନ ପାଇଥିଲେ ବି ବିଶେଷ ଆନୁଷ୍ଠାନିକ ପୁରସ୍କାର ସେ ପାଇନାହାନ୍ତି ଏଯାଏଁ ।

ପତିତପାବନଙ୍କର ପ୍ରକାଶିତ ଏକମାତ୍ର କବିତା ସଂକଳନର ନାଁ ହେଲା 'ଆଂଜୁଳାଏ ଅଭିମାନ' । ଦୁଃଖର ରଙ୍ଗ, ଲୁହର ସ୍ୱାଦ, ଯନ୍ତ୍ରଣାର ସ୍ଥାପତ୍ୟ, ଆନନ୍ଦର କାରୁକାର୍ଯ୍ୟ, ପ୍ରେମର ନିଃସଙ୍ଗତା ଓ ଅଭିମାନର ସ୍ୱକୀୟ ଅନୁଭବର ଅନ୍ୱେଷଣରେ ସଂକଳନରେ କବିତାଗୁଡ଼ିକ ମୁଖର । ଆଉ ଏକ କବିତା ସଂକଳନ ନିକଟରେ ପ୍ରକାଶ ଅପେକ୍ଷାରେ । ଇଂଜିନିୟରିଂ କଲେଜର କ୍ୟାମ୍ପସ୍ ଜୀବନକୁ ନେଇ ଏକ ଉପନ୍ୟାସ 'ଅପହୃତ ସ୍ୱପ୍ନ' ମଧ୍ୟ ସେ ଲେଖୁଛନ୍ତି, ଯାହା ପ୍ରାୟ ଲେଖା ସରିବା ଉପରେ । ମାଆ ବିଦ୍ୟୁତପ୍ରଭାଙ୍କ ସ୍ମୃତିକୁ ନିଜ ଭିତରେ ଚିରକାଳ ଉଜ୍ଜୀବିତ ରଖିବା ପାଇଁ 'ପ୍ରଭୋ' ନାଁରେ ତ୍ରୈମାସିକ/ଷାଣ୍ମାସିକ ସାହିତ୍ୟ ପତ୍ରିକାଟିଏ ଖୁବ୍ ଶୀଘ୍ର ପ୍ରକାଶ କରିବାର ଯୋଜନା ମଧ୍ୟ କରୁଛନ୍ତି ନିଷ୍ଠାର ସହ । ତାଙ୍କର ସ୍ୱପ୍ନ, ଏହି ପତ୍ରିକାଟି ହେବ ପ୍ରତିଭାଧର ତରୁଣ ଓ ଯୁବପିଢ଼ିର ଲେଖକମାନଙ୍କର ମୁଖଶାଳା ।

ଅବସର ସମୟରେ କ୍ରିକେଟ୍ ଖେଳିବାକୁ, ଉଭୟ ଓଡ଼ିଆ ଓ ଇଂରାଜୀ ଉପନ୍ୟାସ ପଢ଼ିବାକୁ ସେ ଭଲପାଆନ୍ତି । ବେଳେବେଳେ ଗପ ବି ଲେଖନ୍ତି । ହେଲେ କବିତା ଲେଖା ପାଇଁ ଶବ୍ଦମାନଙ୍କୁ ସବୁବେଳେ ଗୁଣୁଗୁଣେଉଥାନ୍ତି ନିଜ ଭିତରେ । କବିତାକୁ ନିଜର ଜୀବନ ମଣନ୍ତି । ତାଙ୍କ ଭଳି ଜଣେ ନିରଳସ ନିରହଙ୍କାର, ସ୍ୱାଭିମାନୀ, ସର୍ବଦା କବିତାମନସ୍କ ଯୁବପିଢ଼ିର ଅନାଲୋଚିତ ପ୍ରାୟ କବି ପତିତପାବନ ପାଣିଙ୍କୁ ମୁଁ ସ୍ୱାଗତ କରିବା ସହ ତାଙ୍କ ଲେଖନୀ ଆହୁରି ଶକ୍ତ ଓ ମୁଖର ହେଉ, ଆଶା ପୋଷଣ କରୁଛି ।

# ମୋର ପ୍ରିୟ ନୂଆମୁହଁ

ଏ କବିଙ୍କର ଆବିଷ୍କାର ହଠାତ୍ । ଠିକ୍ ଆଦିମାନବର ନିଆଁର ଆବିଷ୍କାର ପରି ଦୁଇଖଣ୍ଡ ପଥର ପରିବର୍ତ୍ତେ ଶବ୍ଦ ଓ ଧ୍ୱନିର ସଂଘାତରୁ । ଏ କବିଙ୍କୁ ପାଇବା ମାତ୍ରେ ଏକ ଅପୂର୍ବ ସଂଘାତ ସୃଷ୍ଟି ହେଲା । ଯେମିତି କବିତାର ଆଣବିକ ସଂଘାତ ଘଟିଲା କି ? ତରୁଣ କବି ସତ୍ୟରଞ୍ଜନ ପ୍ରହରାଜଙ୍କ କବିତାର ପାଦଶବ୍ଦ ଶୁଭିଲା କି ପ୍ରଖର କବି ବିରଜା ବଳଙ୍କୁ ।







# ସମକାଳୀକ କବିତା : ଓଡ଼ିଆ ନୂଆ କବିତାର ପାଦଶବ୍ଦ


## ବିରଜା ବଳ

**ଚିତ୍ରକଳ୍ପ, ବାଲିଗଣ୍ଡ, କୁଆଁରପୁର**
**ରାମବାଗ, ଯାଜପୁର-୭୫୫୦୧୪**
**ଫୋନ : ୭୭୯୦୦୩୪୪୨**
**ଫଟୋ ସୌଜନ୍ୟ : ଲେଖକ**


ଏକବିଂଶ ଶତାବ୍ଦୀର ଓଡ଼ିଆ ନୂଆ କବିତା ଖୁବ୍ ତୀକ୍ଷ୍ଣ ଓ ତୀର୍ଯ୍ୟକ୍ । ପ୍ରାଚୀନ ଏହାର ଆଧାରଶିଳା ହେଲେ ହେଁ ଆଧୁନିକତା ପ୍ରଦାନ କରିଛି କବିତା ନିର୍ମାଣର ନୂଆ ଚିତ୍ରରୂପ । କବିତାରେ ବିଷୟବସ୍ତୁ ବଦଳିଛି, ଗଠନଶୈଳୀ ବଦଳିଛି, ଭାଷା ବିଭାବ ବଦଳିଛି, ଭାବସମ୍ବେଗ ବଦଳିଛି, କଳାନୈପୁଣ୍ୟ ବଦଳିଛି । କବିତା ଧୀରେ ଧୀରେ କ୍ରମଃ ବିକାଶରେ ପ୍ରାଚୀନରୁ ଆଧୁନିକ, ଆଧୁନିକରୁ ଆଧୁନିକୋତ୍ତର କାଳଖଣ୍ଡ ସହ ଘର୍ଷଣରେ ହୋଇଛି ଆହୁରି ତୋଫା ଓ ଚିକ୍କଣ । ଯାହା ଫଳରେ କି କ୍ରମବିବର୍ତ୍ତନତାରୁ ଯେଉଁ କାବ୍ୟ ବିକାଶ ଆସିଛି ସେଥିରେ ଓଡ଼ିଆ ନୂତନ ତରୁଣ କବି ଶୈଳ୍ପୀକ ସ୍ୱଚ୍ଛଳତାରୁ ହୋଇଛି ଆତ୍ମ ନିର୍ଭରଶୀଳ । ଯେଉଁ ଶବ୍ଦ ଶୁଭୁଛି ଏକ ନୂଆ ପରମ୍ପରା ନିର୍ମାଣ ହେବାର ଧୀର ପାଦଶବ୍ଦ ।

ଓଡ଼ିଆ କାବ୍ୟ ନିର୍ମାଣରେ ଭିନ୍ନ ଭିନ୍ନ ସମୟଖଣ୍ଡରେ ଭିନ୍ନଭିନ୍ନ ପିଢ଼ି ଦ୍ୱାରା ନୂଆ ନୂଆ ପରମ୍ପରା ପ୍ରତିଷ୍ଠା ହୋଇଛି । ସେଇ ସମୟଖଣ୍ଡର ପ୍ରବାହରେ ପାରମ୍ପରିକ ରୀତିନୀତି ବି ବଦଳିଛି । ଏଇ ବଦଳ ହିଁ 'ନୂଆ' କ୍ରମ-ପ୍ରବହମାନ ଓ କ୍ରମ ଗତିଶୀଳ । ଏଇ ଗତିଶୀଳତାରେ ତରୁଣ କବିର ଗତି ତୀବ୍ର । ଏଇ ତୀବ୍ରତା ହିଁ ପାରମ୍ପରିକ ପକ୍ଷଧରମାନଙ୍କ ଦ୍ୱାରା ସ୍ଥାପିତ 'ତୁ ମୋର', 'ମୁଁ ତୋର' ସ୍ଥାପନାଟିକୁ ଭାଙ୍ଗିଦେଇ 'ମୁଁ ତୋର ନୁହେଁ ତୁ ମୋର', 'ତୁ ମୋର ନୁହେଁ ମୁଁ ତୋର' ଓଡ଼ିଆ କବିତାର ନୂଆ ପରମ୍ପରାରେ ସ୍ଥାପନ କରିବାକୁ ବ୍ରତୀ । ତରୁଣ କବିର ଭାବନାରେ ଏହାର ସ୍ପଷ୍ଟଚିତ୍ର ମିଳିସାରିଛି । ବୋଧହୁଏ ତରୁଣ କବିର ନୂଆ ନେତ୍ରଟି ଖୋଲିଯିବାରୁ ଏହା ସମ୍ଭବ ହୋଇଛି ।



▶ ଲେଖକ ବିରଜା ବଳ

ଏ କବିଙ୍କର ଆବିଷ୍କାର ହଠାତ୍ । ଠିକ୍ ଆଦିମାନବର ନିଆଁର ଆବିଷ୍କାର ପରି ଦୁଇଖଣ୍ଡ ପଥର ପରିବର୍ତ୍ତେ ଶବ୍ଦ ଓ ଧ୍ୱନିର ସଂଘାତରୁ । ଏ କବିଙ୍କୁ ପାଇବା ମାତ୍ରେ ଏକ ଅପୂର୍ବ ସଂଘାତ ସୃଷ୍ଟି ହେଲା । ଯେମିତି କବିତାର ଆଣବିକ ସଂଘାତ ଘଟିଲା କି ?

ହାଁ, ଏତେବଡ଼ କଥା ? ହଁ କଥାଟି ବଡ଼ । କାରଣ ସମକାଳୀନ ଓଡ଼ିଆ କବିତା ସର୍ଜନା କ୍ଷେତ୍ରରେ ନବରୂପ ଧାରଣ କରି ଏ କବି ଆବିର୍ଭୂତ । ଅତ୍ୟାଧୁନିକ ଜୀବନର ବସ୍ତୁତାନ୍ତ୍ରିକ ଅବବୋଧ ଭିତରେ ବସ୍ତୁନିଷ୍ଠତାର କୃତ୍ରିମତା ପରିବର୍ତ୍ତେ ଏ କବିଙ୍କ କବିତାରେ ପ୍ରାକୃତିକତାକୁ ଭେଟିଲି । ଅନୁଭବିଲି ଏ କବି ଜୀବନ ଓ ଜଗତ ପ୍ରତି କେତେ ସମର୍ପିତ ! ଜୀବନ କି ସୁନ୍ଦରତାରେ ଭରା ! ଜଗତ କେତେ ସୁନ୍ଦର ଓ ବିକଶିତ !

କିଏ ଏ କବି ? କବିତାର ପ୍ରାରମ୍ଭ କାଳରେ ଯାହାଙ୍କ ସଂପର୍କରେ ଏ କଥା କୁହାଯାଇପାରେ !

**ସତ୍ୟରଂଜନ ପ୍ରହରାଜ** ଓଡ଼ିଆ କବିତାର ନବତରୁଣ କବି । ଯେପରି ସର୍ଜନ ମନସ୍କ, ସେପରି ସତ୍ୟନିଷ୍ଠ । ମାତ୍ର ପାଞ୍ଚ ବର୍ଷର କାବ୍ୟଯାତ୍ରାରେ ଘଟିଛି ଯେଉଁ ଉତ୍ତରୋତ୍ତର ଉତ୍ତରଣ ତାହା ଆଶ୍ଚର୍ଯ୍ୟକର । ନିର୍ମମ ସାଂପ୍ରତିକ ଜୀବନ ଓ ସମୟର ପ୍ରତିଛବି ସତ୍ୟଙ୍କ କବିତା । ଖୁବ୍ ସ୍ୱଚ୍ଛ ଓ ପରିଚ୍ଛନ୍ନ । ଭୋଗବାଦୀ କବିମାନେ ଛଳନାର ପର୍ଦ୍ଦା ପଛରେ ଲୁଚି ରହିଲା ପରି ଏ କବି ନୁହଁନ୍ତି । ଆଧୁନିକ ବିଡ଼ମ୍ବନାର କଳା ପର୍ଦ୍ଦା ସାମ୍ନାରେ ଠିଆ ହୋଇ ମଣିଷ ସମାଜର ଅବ୍ୟବସ୍ଥା, ଦୁର୍ଘଟଣା, ଅବିଶ୍ୱାସ,ସଂଘାତ ଓ ମୂଲ୍ୟବୋଧହୀନ ନଗ୍ନ-ବାସ୍ତବତା ବିରୋଧରେ ଏ କବିଙ୍କର ଅନେକ ପ୍ରଶ୍ନ । ଲୁହଲହୁର ଆର୍ତ୍ତି ଭିତରେ ସାଧାରଣ ମଣିଷର ବଂଚିବା ପାଇଁ ଯେଉଁ କଷ୍ଟାର୍ଜିତ ପ୍ରତିବଦ୍ଧତା, ସେଇ ପ୍ରତିବଦ୍ଧତାର ଚଳମାନ ଚିତ୍ର ତାଙ୍କ କବିତା ।

ସତ୍ୟଙ୍କର ନିକଟ ଅତୀତରେ ପ୍ରକାଶ ପାଇଛି 'ବର୍ଷା ପବ୍ଲିକେଶନ୍' ଦ୍ୱାରା କବିତା ସଂକଳନ 'ମିଛ ଜହ୍ନରାତି' । ତାରୁଣ୍ୟର ରୋମାଣ୍ଟିକ୍ ଆବେଗ ଭିତରେ ନିର୍ମମ ସାଂପ୍ରତିକ ସମାଜର ଭଙ୍ଗୁର ଜୀବନ ବିଘଟଣର ବାସ୍ତବ ଚିତ୍ର ହେଉଛି 'ମିଛ ଜହ୍ନରାତି' । ଆକାଶରେ ଜହ୍ନ ଅଛି ଅଥଚ ଜହ୍ନରାତି ମିଛ ! ତେବେ ସତ କ'ଣ ? ସଂଚିଥିବା ଅପଯଶର ମଧ୍ୟବିନ୍ଦୁରେ ଆଞ୍ଜୁଳାଏ ଲୁହର ପାଉଁଶ । ହଜିଥିବା ସମୟର ନିଷ୍ଠୁର ଓ ନିର୍ମମ ସାରାଂଶ । ହଁ, ଏଇ ହିଁ ସତ ନୁହେଁ ସତ୍ କବିତାର ବାସ୍ତବତା । ଏହା କେତେ ତୀବ୍ର ଭାବେ ଆଘାତ କରୁଛି ମଗଜକୁ ଓ ହୃଦୟକୁ ।

"ମୁଁ କେବଳ ଦେଇପାରେ /ସଞ୍ଚିଥିବା ଅପଯଶ / ଆଞ୍ଜୁଳାଏ ଲୁହର ପାଉଁଶ
ଅବା ତୁମକୁ ମୁଁ ଲୋଡ଼ିବା ପଣରେ / ହଜିଥିବା ସମୟର / ନିଷ୍ଠୁର ଓ ନିର୍ମମ ସାରାଂଶ ।"
**(କବିତା 'ମିଛ ଜହ୍ନରାତି')**

ଛନ୍ଦହୀନ ଓଡ଼ିଆ କବିତାର ମରୁରେ ଛନ୍ଦ ପୁଣି ଫେରିଛି ଓଡ଼ିଆ କବିତାକୁ । ଛନ୍ଦହୀନ ଓଡ଼ିଆ ସମାଜରେ ଏ ଛନ୍ଦ ଏକ ରିସ୍କ । ଛନ୍ଦ ଛନ୍ଦ ଚିକ୍ରାରୁଥିବା ବିଚ୍ଛନ୍ଦ ଓଡ଼ିଆ କିପରି ଗ୍ରହଣ କରିବ ଏ ଛନ୍ଦୋବଦ୍ଧ ମିଛ ଜହ୍ନରାତିକୁ  ଅବଶ୍ୟ ସମୟ କହିବ !

ଓଡ଼ିଆ କବିତାର ଆଧୁନିକ ଯୁଗର ପ୍ରାଣ ପ୍ରତିଷ୍ଠାତା ବୋଲି ରାଧାନାଥଙ୍କୁ କୁହାଗଲା । ମାତ୍ର ଏହା ମୁକ୍ତ ଓ ଦୃଢ଼ କଣ୍ଠରେ କୁହା ଯାପାରିଲା ନାହିଁ । ତଣ୍ଟି ପାଖରୁ ଅଟକି ଖୁବ୍ କ୍ଷୀଣ ଭାବେ ଏ ସ୍ୱରଟି ବାହାରିଲା । ହେଲେ ୧୯୪୦/୫୦ରେ ଓଡ଼ିଆ କବିତାରେ ଆଧୁନିକ ଯୁଗର ଆରମ୍ଭକୁ ଅସ୍ୱୀକାର କରିବାର କୌଣସି ବାଟ ନାହିଁ । ଏ ରାଧାନାଥଙ୍କ ସମୟ । ରାଧାନାଥ ପ୍ରାଚୀନ ଛନ୍ଦ ପରିବର୍ତ୍ତେ ଆଧୁନିକ ଛନ୍ଦର ପ୍ରଥମ ପ୍ରୟୋଗ କଲେ କବିତାରେ । ଗୋଟେ ନୂଆ ଯୁଗର ପ୍ରତିଷ୍ଠା କରି ବହୁ ଆକ୍ଷେପ ଓ ବିଦ୍ରୁପର ଶୀକାର ହେଲେ । ୧୯୭୦/୮୦ ବେଳକୁ ଓଡ଼ିଆ କବିତାରେ ଅତ୍ୟାଧୁନିକ ଯୁଗ ଆସିଲା । ସଚ୍ଚି ରାଉତରାଙ୍କୁ ଅତ୍ୟାଧୁନିକ ଯୁଗର ପ୍ରାଣ ପ୍ରତିଷ୍ଠାତା ବୋଲି କୁହାଗଲା । ଓଡ଼ିଆ କବିତାରୁ ଛନ୍ଦ ହଟିଲା । ବିଚ୍ଛନ୍ଦ ହେଲା ଓଡ଼ିଆ କବିତା । ବିବର୍ତ୍ତନଧାରାର ଉତ୍ତରଣରେ ମୁକ୍ତଛନ୍ଦ ହେଲା କବିତା । କବିତାର ଏ ବିବର୍ତ୍ତନ ମୂଳରେ ଷୋଡ଼ଶ ଶତାବ୍ଦୀରେ ଆଧୁନିକ ବିଜ୍ଞାନର ପୃଥିବୀରେ ପ୍ରବେଶ ଯେ ମୁଖ୍ୟ

କାରଣ ଏ ବିଷୟରେ ଆଦୌ ଆଲୋଚନା ହେଲା ନାହିଁ । କବିତା ଠାରୁ ବିଜ୍ଞାନକୁ ଅଲଗା କରି ରଖାଗଲା । ବିଜ୍ଞାନକୁ ଘର ଭିତରକୁ ପଶି ଆସିଥିବା ଏକ ବିଷଧର ସାପ ସଦୃଶ ଦେଖାଗଲା ।


ଓଡ଼ିଆ କାବ୍ୟ-ପରମ୍ପରା, କାବ୍ୟାଦର୍ଶ, କାବ୍ୟ-ପ୍ରକରଣରେ ଅତ୍ୟାଧୁନିକ ବିଜ୍ଞାନ ଯେପରି ଚଳତ୍‌ଶକ୍ତିହୀନ କରିଦେବ ଏଇପରି ଧାରଣାଟିଏ ତିଆରି କରି ଦିଆଗଲା । ହେଲେ ବିଜ୍ଞାନ ଅତ୍ୟାଧୁନିକ କବିର ଜୀବନଯାପନ ଶୈଳୀରେ ନେସିହୋଇ ରହିଲା ।

ଏତେବର୍ଷ ପରେ ଛନ୍ଦ ଫେରିଛି ଓଡ଼ିଆ କବିତାକୁ । ସତ୍ୟରଞ୍ଜନ ସଂଖୋଳି ଆଣିଛନ୍ତି ଛନ୍ଦକୁ । ଯେତେବେଳେ ଅତ୍ୟାଧୁନିକ ମଣିଷର ଆତ୍ମକୈନ୍ଦ୍ରିକ ଅବବୋଧରେ ଛନ୍ଦହୀନ ହୋଇଯାଇଛି ସମାଜ । ଛନ୍ଦହୀନ ଜୀବନର ଛନ୍ଦକୁ କେବେବି ଫେରାଇ ଆଣି ହେବ ନାହିଁ । ତେଣୁ କହିଛି ଏ ଛନ୍ଦ ଏକ ରିସ୍କ । ହେଲେ ସ୍ୱାଗତମ୍ କବି ।

"ଅଭିଶପ୍ତ କିଏ ଥିଲା / ଏ ଜହ୍ନରାତି ନା ରେଳ ପଟ୍ରି, / ନା ହାତ ଠାରି ଡାକୁଥିବା ନିଜ ଭିଟାମାଟି, / କାଳର କରାଳ ସୁଅରେ / ଉଦ୍‌ଗ୍ରୀବ ପ୍ରଶ୍ନଟିଏ ଭାସୁ, / 'ଇଣ୍ଡିଆ'ର ଧୋକାଖିଆ ଶ୍ରମିକଟେ / ଆପଣାର 'ଭାରତକୁ' ଫେରୁ ।" ('ବଳକା ରୁଟି')

ଏ କବିତାରେ ଜହ୍ନରେ ବଳକା ରୁଟିର ପୋଡ଼ାଦାଗ ସୀମିତ ଚିତ୍ର-କଳ୍ପାବଳୀ ହୋଇ ରହିନାହିଁ । କବିତାରେ ଜହ୍ନ ରୁଟି ପରି ଦିଶୁ ନାହିଁ । ଜହ୍ନରେ ରୁଟିର ପୋଡ଼ାଦାଗ ଜହ୍ନର କଳଙ୍କ ପରି ଦିଶୁଚି । ପୁଣି ସେ ଜହ୍ନର ଦେହ ରେଳ ପଟ୍ରି ଉପରେ ଚାରିଖଣ୍ଡ ହୋଇ ପଡ଼ିଛି । ଯିଏ ଘରମୁହାଁ ଥିଲା ଓ ଉଜ୍ଜ୍ୱଳ ଜହ୍ନରାତିରେ ଜହ୍ନରେ ରୁଟିର ପୋଡ଼ାଦାଗ ଖୋଜୁଥିଲା, ସେ କେହିନୁହେଁ ସେ ନିପୀଡ଼ିତ ମଣିଷର ଦାରିଦ୍ର୍ୟ । ଇଣ୍ଡିଆ ଓ ଭାରତ ମଝିରେ ଏ ଧୋକାଖିଆ ଦାରିଦ୍ର୍ୟ ଗୋଟେ ଚଳତ୍ ମେଟାଫର୍ । ଭୋକ ଏକ ଇମେଜ୍ । ପରସ୍ପର ଯୁଗ୍ମ ସମ୍ବନ୍ଧରେ ସମ୍ବନ୍ଧିତ । ଏ ନୂଆ ପ୍ରୟୋଗଶୈଳୀ ଖୁବ୍ ପ୍ରଭାବୀ ଓ ହୃଦୟଗ୍ରାହୀ ।

"ନୀଡ଼ ଛଡ଼ା ନଙ୍ଗଳା ପାଦଯୋଡ଼େ ଆଜି / ଖୋଜୁଥାଏ ଆଶା ବୀଜଟିଏ, / ତା' କବିତାରେ ଶବ୍ଦସବୁ / ଲୁହରେ ଟଳମଳ / ଆଉ ଏକ ବିବର୍ତ୍ତନ ଯାଏ / ଆଉ ଏକ କବନ୍ଧ ସହରରେ / ରକ୍ତିମ ସକାଳର ଆଗମନ ଯାଏ ।" ('ଅଗ୍ନିଫୁଲ')




କବିତାରେ ଛାନ୍ଦସିକ ବାସ୍ତବତା କଳ୍ପପ୍ରବଣତାରେ ଅନ୍ଧ ନୁହେଁ । ନେତ୍ର ତା'ର ଖୋଲା । ସହର ଜଳେ । ସହରର ଛାତିତଳେ ନର୍କରେ ଫୁଟେ ଅଗ୍ନିଫୁଲ । ଏ ନିଆଁ ହିଁ ତା'ର ଏନ୍ତୁଡ଼ିଶାଳର ସ୍ୱପ୍ନ । ସ୍ୱପ୍ନ ବି ଜଳେ । ଜଳି ଯାଇଥିବା ପୋଡ଼ା ପାଉଁଶ ଭିତରୁ ଆଶାବୀଜଟିକୁ ଉଦ୍ଧାର କରେ କବି । ଆଉ ଏକ ବିବର୍ତ୍ତନକୁ ଅପେକ୍ଷା କରେ ।


କବି ସତ୍ୟରଂଜନ ପ୍ରହରାଜ

ଏ କବି କେତେ ସମ୍ବେଦନଶୀଳ ! ଏ କବିତାରେ ପ୍ରଚଳିତ ସମାଜର ବି ନଗ୍ନରୂପ ! ସ୍ୱପ୍ନପ୍ରବଣ କାବ୍ୟନାୟକର ଆଉ ଏକ ବିବର୍ତ୍ତନକୁ ଅପେକ୍ଷା, ଆଧୁନିକ ସମାଜ ଜୀବନ ଆଉ ଏକ ବିବର୍ତ୍ତନକୁ ଅପେକ୍ଷା କରେ ବୋଲି ପ୍ରମାଣ କରେନି ତ !

ଓଡ଼ିଆ କବିତାରେ ଛନ୍ଦ କଥକତା ପୁଣି ବିବର୍ତ୍ତନ ଧାରାରେ ଫେରିବନି ତ ! ସତ୍ୟାନୁସନ୍ଧାନୀ କବି ବୈଜ୍ଞାନିକ ବିଶ୍ୱାସ ଓ ବିଚାର ନେଇ କବିତା ଯେ ରୂପ, ରଙ୍ଗ ଓ ରସର ଜଗତ- ଏ କଥା ପ୍ରମାଣ-ସିଦ୍ଧ କରିବାକୁ ଆଗଭର ହେବନି ତ ! ଏ କଥା ହେଲେ ଅତ୍ୟାଧୁନିକ ଓଡ଼ିଆ କବିତା କ୍ଷତିଗ୍ରସ୍ତ ହେବନି ତ !

ସତ୍ୟରଂଜନଙ୍କ କବିତାରେ ପରିବେଷିତ ମେଟାଫର୍‌ଗୁଡ଼ିକୁ ଦେଖିବା । ସମକାଳୀନ ଓଡ଼ିଆ କବିତାରେ ଏବେ ମେଟାଫର୍‌ର ସମୟ । ଇମେଜ୍ (ଚିତ୍ରକଳ୍ପ)ର ସମୟ ସରି ସରି ଆସୁଛି ବୋଲି କେହି କେହି କହିଲେଣି । ଏଠି ବ୍ୟବହୃତ ମେଟାଫର୍ (ରୂପକଳ୍ପ) ଗୁଡ଼ିକ କେତେ ବିସ୍ତାରିତ ! କେତେ ସଂଚରଣଶୀଳ ! ନେଳିଲଗା ପଥର, ମାୟାମୃଗ, ଶିଳାଫୁଲର ଟାଙ୍ଗୁଡ଼ି, ମାଳ ମାଳ କପୋତ, ସ୍ୱପ୍ନର ଶିଡ଼ି, ବଳକା ରୁଟି, ଜହ୍ନରାତିର ରେଳପଟ୍ରି, ସହସ୍ରାଖିର ମିଡ଼ିଆ ପିଠିର ଇତିବୃତ୍ତ, ଜୀବନ ମୂରୁଜ, ମାତାଲ୍ ପ୍ରେମିକ, ପ୍ରଣୟର ଚନ୍ଦ୍ରଶାଳା, ବଂଚିଥିବା ମୂରୁଜ, ଅଗ୍ନିଫୁଲ, ଆଶାବୀଜ, ସ୍ୱରବର୍ଣ୍ଣ ସମୟ, ପ୍ରେମଥାଳ, ଅଧାଗଢ଼ା ଫୁଲଦାନି, କାଉଁରି ହାଡ଼, ଜ୍ୟୋସ୍ନାର କ୍ଷେତ, ପଥୁରିଆ ବିଣ୍ଡି, ମହାମାରୀ କ୍ଲବ୍, ଅନ୍ଧାରର ସ୍ୟାହି, ସୁନେଲି ଚନ୍ଦ୍ରିକାର ଫଗୁ, କୁଟିଳ କୁଜ୍‌ଝଟି, ମନ୍ତୁରା ଶବ୍ଦ, ମୃତକଳ୍ପ ମୂର୍ତ୍ତି, ସମୟର ବନ୍ଧ୍ୟାମାଟି ଆଦି ମେଟାଫର୍‌ର କ୍ଷେତ ଭିତରେ ମତେ ଲାଗୁଛି ମୁଁ ଯେମିତି ଏକ ବିମୋହିତ ପ୍ରଜାପତି ପରି ଘୂରି ବୁଲୁଛି ।

କବିତାରେ ଚିତ୍ର ଓ ରୂପ ଉଭୟ ସୁନ୍ଦର । ଉଭୟେ କଳ୍ପନା ଓ ବାସ୍ତବତାରୁ ଆସିଥାନ୍ତି । କବିର ଭାବସଂବେଗ, ଅନୁଭୂତି ଓ ଭାଷା ପ୍ରୟୋଗର ଶକ୍ତି ଉପରେ ଚିତ୍ରକ ଓ ରୂପକର ସାର୍ଥକତା ନିର୍ଭରଶୀଳ । ପରିବେଶ ଓ ପରିସ୍ଥିତି ସହିତ ଘନିଷ୍ଠତା ଏକାନ୍ତ ପ୍ରୟୋଜନୀୟ । ଏ ପ୍ରୟୋଜନୀୟତାକୁ ସତ୍ୟରଂଜନ ଜାଣିଛନ୍ତି ଓ ବୁଝିଛନ୍ତି ସେଇଥିପାଇଁ ତାଙ୍କ କବିତାରେ ଯୁଗ୍ମ ସହାବସ୍ଥାନରେ ଚିତ୍ର-ରୂପର କଳରବ ଖୁବ୍ ବେଶି । ଏ କଳରବ ହିଁ କବିତାକୁ ସଜୀବ ଓ ଜୀବନ୍ତ କରି ଦେଉଛି ।

ଏ କବି ଯେ ଓଡ଼ିଆ କବିତାରେ ପ୍ରଚୁର ସମ୍ଭାବନା ନେଇ ପାଦ ଥାପିଛନ୍ତି ଏଥିରେ ଆଦୌ ସନ୍ଦେହ ନାହିଁ । ମାତ୍ର ଏ କବି ଯେ ଦୀର୍ଘକାଳ କବିତା ସହ ସୂକ୍ଷ୍ମ ଭାବେ ସଂଲଗ୍ନ ହୋଇ ରହିପାରିବେ ଓ କବିତାର ସମ୍ମାନ ରକ୍ଷାରେ ନିଜକୁ ସମର୍ପିତ କରିପାରିବେ, ଅବଶ୍ୟ ସମୟ କହିବ ! ଭୟ ଅଛି । କାରଣ ଗୋଟିଏ ସ୍ତରରୁ ଆଉ ଗୋଟିଏ ସ୍ତର କ୍ରମ-ବିବର୍ତ୍ତନଶୀଳ । ଏଇ ହେତୁରେ ଗୋଟିଏ ସତ୍ତାରୁ ଆଉ ଗୋଟିଏ ସତ୍ତାକୁ ବିଚ୍ଛିନ୍ନ ହୋଇଯିବା ସୃଷ୍ଟିର ନିୟମ ।

ହୋ ପ୍ରହରାଜେ "ବିସ୍ମୟରେ ଓଲଟିଛି / ଇଂରାଜୀ ଅକ୍ଷରର 'ଆଇ'(i)" ପରି ଆଖିକୋଣରେ ଦାନା ବାନ୍ଧୁଥିବା ମେଘଖଣ୍ଡଟି ପରିଣତ ହୋଇ ଯାଇପାରେ ଆଶାରେ ନହେଲେ ଅନ୍ତରେ ! କଥାଟିକୁ ମନେରଖିବ ଭଣତି କରି ।

ପ୍ରସଙ୍ଗ-୧

# ମୋର ପ୍ରିୟ ନୂଆମୁହଁ

ଏ ଗାଳ୍ପିକ ସହ ମୋର ପ୍ରଥମ ଭେଟ ହୋଇଥିଲା 'କଥା' ପତ୍ରିକାର ଏକ ଗଳ୍ପ କର୍ମଶାଳାରେ । ସେତେବେଳେ ସେ ପ୍ଲସ୍ ଥ୍ରୀ ଛାତ୍ର । ସମସ୍ତଙ୍କୁ ସ୍ପଟ୍‌ରେ ଗପ ଲେଖିବାକୁ ହେବ ଓ ଶେଷକୁ ହେବ ମୂଲ୍ୟାୟନ । ସେ ଲେଖିଥିଲେ 'ଫୁଲଗୁଡ଼' ବୋଲି ଗୋଟେ ଗପ । ସେଇ ତରୁଣ ଗାଳ୍ପିକ **ଶୁଭ୍ରାଂଶୁ ବିଶ୍ୱାଳ**ଙ୍କ ଫୁଲଗୁଡ଼ର ମିଠାପଣ ଅଭିଜ୍ଞ **ଅଜୟ ସ୍ୱାଇଁ**ଙ୍କୁ ଅଥୟ କଲା କି ? ଆସନ୍ତୁ ପରଖିବା ।





# ମୋର ପ୍ରିୟ ନୂଆମୁହଁ

**ଅଜୟ ସ୍ୱାଇଁ**
ସାଇ ରେସିଡେନ୍ସି, ୫୫- ସୂର୍ଯ୍ୟ ନଗର,
ଭୁବନେଶ୍ୱର-୭୫୧୦୦୩
ଫୋନ: ୮୨୪୯୩୧୮୦୮୮

**ବିଧିବଦ୍ଧ ଭାବେ ୨୦୧୫ରୁ ଶୁଭ୍ରାଂଶୁଙ୍କ ଲେଖାଲେଖି ଆରମ୍ଭ । ଏଇ ଆଠବର୍ଷ ଭିତରେ ସେ କେତେଗୁଡ଼େ ଗପ ଲେଖିଛନ୍ତି । ନିଛକ ଗାଁ ଭାଷାରେ, ଗାଁର ଅନୁଭବକୁ ସେ ଜୀବନ୍ତ କରିଛନ୍ତି । ତାଙ୍କ ସମାସାମୟିକ ଗପ ଲେଖୁଥିବା ଯୁବକମାନେ ସେମାନଙ୍କ ଗପରେ ପ୍ରାୟତଃ ଗାଁ ପ୍ରତି ବୀତସ୍ପୃହ । ସେମାନେ ଆଧୁନିକତା ନାଁରେ ନିଜେ ଭୋଗିନଥିବା ଜୀବନ କଥା ଲେଖୁଛନ୍ତି । ଶୁଭ୍ରାଂଶୁ ଏକ ବ୍ୟତିକ୍ରମ । ତାର ଫୁଲଗୁଡ଼, ଗୁଡ଼ହାଣ୍ଡି, ଶାଳଚୁଲି ଏହାର ଜ୍ୱଳନ୍ତ ଉଦାହରଣ ।**


ଶୁଭ୍ରାଂଶୁ ବିଶ୍ୱାଳ

## ଶୁଭ୍ରାଂଶୁ ବିଶ୍ୱାଳ(୧୯୯୭)

ଶୁଭ୍ରାଂଶୁକୁ ଜାଣିବାର ସାତବର୍ଷ ହେଲାଣି । ଶୁଭ୍ରାଂଶୁ ବିଶ୍ୱାଳ । ଛବିଶ ବର୍ଷର ହସକୁରା ଯୁବକ । ତାର ଲେଖାରେ ଅଛି ଫୁଲଗୁଡ଼ର ମହକ । ଫୁଲଗୁଡ଼ କେବେ ଚାଖିଛନ୍ତି ? ଏଇ ଗୁଡ଼ ପ୍ରାୟତଃ ବିକ୍ରି ହୁଏ ନାହିଁ ବଜାରରେ । ନୟାଗଡ଼ରେ ଚେଷ୍ଟା କଲେ ମିଳିପାରେ ଶୁଭ୍ରାଂଶୁର ସୌଜନ୍ୟରୁ ।

ଶୁଭ୍ରାଂଶୁ ସହ ମୋର ପ୍ରଥମ ଭେଟ ହୋଇଥିଲା 'କଥା' ପତ୍ରିକା ଆନୁକୂଲ୍ୟରେ ହେଉଥିବା ଏକ ଗଳ୍ପ କର୍ମଶାଳାରେ । ମୋ ଦଳରେ ଯେଉଁ ନୂଆ ୫ଜଣ ଗଳ୍ପ ଲେଖକ ଥିଲେ, ତା' ଭିତରେ ଥିଲେ ଶୁଭ୍ରାଂଶୁ । ସେତେବେଳେ ସେ ପ୍ଲସ୍ ଥ୍ରୀ ପଢୁଥିଲେ। ବୋଧେ । ସମସ୍ତଙ୍କୁ ସ୍ୱଟ୍‌ରେ ଗପ ଲେଖିବାର ଥିଲା । ଶେଷକୁ ହେବ ଗପର ମୂଲ୍ୟାୟନ । ଶୁଭ୍ରାଂଶୁ ଲେଖିଥିଲେ 'ଫୁଲଗୁଡ଼' ବୋଲି ଗୋଟେ ଗପ ।

ମୁଁ ଯେହେତୁ ଗୁଡ଼ ଅଂଚଳର ଲୋକ, ମୁଁ ସେ ଗପ ପଢ଼ି ଅଭିଭୂତ ହେବା ସ୍ୱାଭାବିକ । ମୋର ବି 'ଶାଳ ଉଖୁଡ଼ା' ବୋଲି ଗୋଟେ ଗପ ଅଛି । ମୁଁ ବି ବୁଝେ ଆଖୁଶାଳ ଓ ତାକୁ କେନ୍ଦ୍ରକରି କେତେ ଯେ କାହାଣୀ, ମୋ ପିଲାଦିନର ସ୍ମୃତିରେ ଆଖୁବିଲ, ଆଖୁଶାଳ ଓ ଗୁଡ଼କୁ ନେଇ ବିଭିନ୍ନ ସ୍ମୃତି ।

ହେଲେ ବାବୁ ! ଏ 'ଫୁଲଗୁଡ଼' କ'ଣ ? ଶୁଭ୍ରାଂଶୁ କହିଲେ, ଫୁଲଗୁଡ଼ର କାହାଣୀ । ମୁଁ ଆଶ୍ଚର୍ଯ୍ୟ ହେଲି ତା'ର ଗପରେ । ବ୍ୟବହୃତ ଶବ୍ଦ ଓ ମେଟାଫର୍‌କୁ ନେଇ ।


ବିଧିବଦ୍ଧ ଭାବେ ୨୦୧୫ରୁ ଶୁଭ୍ରାଂଶୁଙ୍କ ଲେଖାଲେଖି ଆରମ୍ଭ । ଏଇ ଆଠବର୍ଷ ଭିତରେ ସେ କେତେଗୁଡ଼େ ଗପ ଲେଖିଛନ୍ତି । ନିଛକ ଗାଁ ଭାଷାରେ, ଗାଁର ଅନୁଭବକୁ ସେ ଜୀବନ୍ତ କରିଛନ୍ତି । ତାର ସମାସାମୟିକ ଗପ ଲେଖୁଥିବା ଯୁବକମାନେ ସେମାନଙ୍କ ଗପରେ ପ୍ରାୟତଃ ଗାଁ ପ୍ରତି ବୀତସ୍ପୃହ । ସେମାନେ ଆଧୁନିକତା ନାଁରେ ନିଜେ ଭୋଗିନଥିବା ଜୀବନ କଥା ଲେଖୁଛନ୍ତି । ଶୁଭ୍ରାଂଶୁ ଏକ ବ୍ୟତିକ୍ରମ । ତାର ଫୁଲଗୁଡ଼, ଗୁଡ଼ହାଣ୍ଡି, ଶାଳଚୁଲି ଏହାର ଜ୍ୱଳନ୍ତ ଉଦାହରଣ ।

ଦଣ୍ଡନାଚର ସୁଆଙ୍ଗ ଉପରେ ଗୋଟେ ସଂକଳନ ସେ ଆରମ୍ଭ କରୁଛନ୍ତି । ପୁଣି 'ଢୁମ୍ପା' ଉପରେ ତାଙ୍କର ଏକ ଗବେଷଣାତ୍ମକ ବହି ପ୍ରକାଶିତ ହୋଇଛି ।

ସେ ଓଡ଼ିଆ ଭାଷା ସାହିତ୍ୟରେ ଏମ୍.ଏ. କଲା ପରେ ନୟାଗଡ଼ ସ୍ୱୟଂଶାସିତ କଲେଜରେ ଅତିଥି ଅଧ୍ୟାପକ ଥିଲେ । ଏବେ ଏସ୍ଏସ୍‌ବି ପାଇ ବୋଲଗଡ଼୍ କଲେଜରେ ସ୍ଥାୟୀ ଅଧ୍ୟାପକ ।

ଅଧ୍ୟାପକ ହେବା ଦାୟରେ ଶୁଭ୍ରାଂଶୁ ଏବେ ଗବେଷଣା ଆଦିରେ ବେଶୀ ଲାଗିଛନ୍ତି । ହେଲେ ଏ ଗପ ଲେଖା କ'ଣ କି ? ଗପଲେଖା ତ ବିନା ଗବେଷଣାରେ ସମ୍ଭବ ନୁହେଁ ।

୨୦୧୫ରୁ ଲେଖାଲେଖି ଆରମ୍ଭ କରିଥିବା ଶୁଭ୍ରାଂଶୁର ଲେଖକ ଜୀବନକୁ ମୋଟେ ଆଠବର୍ଷ ହେଲା । ତା' ଭିତରର ଗାଳ୍ପିକ ଓ କଥକ ପାଇଁ ଆହୁରି ଲମ୍ବା ରାସ୍ତା ଚାଲିବାକୁ ଅଛି । ସବୁବେଳେ ବିନ୍ଦାସ୍ ଓ ହସହସ ଏଇ ଯୁବକ ଦିନେ ହେବ ପାକଳ ଗାଳ୍ପିକ, ଏ ଆଶା ଓ ବିଶ୍ୱାସ ମୋର ଅଛି ।


ଲେଖକ ଅଜୟ ସ୍ୱାଇଁ



ଦ୍ୱି-ପ୍ରଚ୍ଛଦ
ଆମ ମାଟିର ସ୍ୱର
ପ୍ରଚ୍ଛଦ କଳ୍ପନା : କୃଷ୍ଣ କୁମାର ମହାନ୍ତି
ପ୍ରଚ୍ଛଦ ମଡେଲ୍ : ମୌସୁମୀ ସେଠୀ,ବାରିପଦା
ଉଚ୍ଚତା : ୫ ଫୁଟ୍ ୩ ଇଞ୍ଚ୍
ବୃତ୍ତି : ଶିକ୍ଷକତା
ଶିକ୍ଷା : ବିଏସ୍‌ସି, ଶେଷ ବର୍ଷ ଛାତ୍ରୀ
ରୁଚି : ନାଚ, ଚିତ୍ରକଳା, ଅଭିନୟ
ପ୍ରଚ୍ଛଦ ଫଟୋଗ୍ରାଫି : ରାକେଶ ବେହେରା,ୟୁନିକ୍ ଫଟୋଗ୍ରାଫି
ପ୍ରଚ୍ଛଦ ଡିଜାଇନ୍ : ଶିବରାଜ କର୍ମ୍ମ, ସୋନପୁର
ମେକ୍‌ଅପ୍ : ଅନୀତା ସେଠୀ
ସ୍ଥାନ : ହରିପୁର୍ ଗଡ଼, ବାରିପଦା

ଲେଣ୍ଡର

# ୨୦୨୪ / ଜାନୁଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | ୩୧ | | | |

୦୧/୦୧/୨୦୨୪ : ଇଂରାଜୀ ନବବର୍ଷ
୧୫/୦୧/୨୦୨୪ : ମକର ସଂକ୍ରାନ୍ତି
୨୩/୦୧/୨୦୨୪ : ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ
୨୬/୦୧/୨୦୨୪ : ସାଧାରଣତନ୍ତ୍ର ଦିବସ

### ୨୦୨୪ / ଜାନୁଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | ୩୧ | | | |

### ୨୦୨୪ / ଫେବୃଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | | |

### ୨୦୨୪ / ମାର୍ଚ୍ଚ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |
| ୩୧ | | | | | | |

### ୨୦୨୪ / ଅପ୍ରେଲ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | | | | |

### ୨୦୨୪ / ମଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | ୩୧ | |

### ୨୦୨୪ / ଜୁନ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |
| ୩୦ | | | | | | |

### ୨୦୨୪ / ଜୁଲାଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | ୩୧ | | | |

### ୨୦୨୪ / ଅଗଷ୍ଟ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | ୩୧ |

### ୨୦୨୪ / ସେପ୍ଟେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | | | | | |

### ୨୦୨୪ / ଅକ୍ଟୋବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | ୩୧ | | |

### ୨୦୨୪ / ନଭେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |

### ୨୦୨୪ / ଡିସେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୮ | ୨୮ |
| ୨୯ | ୩୦ | ୩୧ | | | | |

ଧାରାବାହିକ କାବ୍ୟ

# ଦ୍ରୌପଦୀ-୩୫


## ପ୍ରଫୁଲ୍ଲ କୁମାର ମହାନ୍ତି

**(ଅର୍ଜ୍ଜୁନ ଦ୍ରୌପଦୀ ଭେଟ)**

ମହାରାଣୀ ମୁଖାଖୋଲି ଫେରିଲେ ଦ୍ରୌପଦୀ
ଉଦାସ ଏକାକୀ ପ୍ରାଣ ଆନ୍ଦୋଳିତ ମନ
ଅଭିନେତ୍ରୀ ରଙ୍ଗପୋଛି ଡାକିଲା ସଖୀକୁ-
ହଟାଅ ସବୁ ଆଭରଣ ଝଲମଲ ଆବରଣ
ସରାଗ ପଟଳ ସବୁ ଖୋଲିଦେଇ ଦିଅ ମତେ
ପାତଳୀ ସୂତା ଶାଢ଼ୀ ମଲ୍ଲି ଶୀତଳ ପ୍ରାଣ
ଧୋଇଦିଅ ସବୁ ଭୂମିକାର ଆସ୍ତରଣ ।

ଦର୍ପଣ ଆଗରେ ଠିଆହେଲା ଦ୍ରୌପଦୀ
ଆଖିତଳେ ନିରେଖିଲା ଘଟଣାର ସଂଧ୍ୟାରାଗ
ମ୍ଲାନ ହସି ଠିଆହେଲା ପଥରମୂର୍ତ୍ତି ପରି
ସହିବାକୁ ସମୟର ଅଜଣା ଆଘାତ ।

ମୁହଁ ନ ଫେରାଇ ମନାକଲା
ନବଦମ୍ପତିଙ୍କ ସ୍ୱାଗତ ରାଜଭୋଜୀ
ସାମାନ୍ୟ ଅପେକ୍ଷା କଲା ରଙ୍ଗଫେରା ପଲକକୁ
ଆଖି ଗାଲ ଦେହର ପୁରୁଣା ସ୍ମିତିକୁ
ଅଭ୍ୟସ୍ତ ହସରେ ପୁଣି ମାଜିଦେଲା ଓଠ
ସଖୀକୁ ଫେରାଇ ଦେଲା ଏକାନ୍ତ ରାତି ପାଇଁ
ଆଉଜିଲା ଚୌକିରେ ଆହତ ଆରାମରେ
ପୂର୍ଣ୍ଣିମା ଅମାବାସ୍ୟା ମଝି ଆକାଶରେ
ମୁହୂର୍ତ୍ତର ନିର୍ବାକ୍ ଗତିରେ ଅସ୍ଥିର ଉଡ଼ାଣରେ
ଆଖିରେ ନାଚିଗଲା ସ୍ୱୟଂବର ଚିତ୍ର
ସ୍ୱପ୍ନ ପରି ଝଲସିଲା ରାଜସଭା
କର୍ଣ୍ଣର ଦର୍ପ ଚାଲି ସହଜ ଧନୁଗୁଣ-
ନା ନା ସୁତପୁତ୍ର ଅଯୋଗ୍ୟ ତୁମେ
ଏଠି ଖାଲି ରାଜଅଂଶ ଭାଗ ନେବେ-
ଅଧାବୁଜା ଆଖିରେ ହସିଲା ଦ୍ରୌପଦୀ
ଏ ପୁଣି କିଏ ଧଳାଲୁଗା ପିନ୍ଧି ବ୍ରାହ୍ମଣ ଯୁବକ
ଜିଣିବାକୁ ସିଂହ ପରି ଚାଲେ
ଜିଣିବାକୁ ଦ୍ରୌପଦୀର ହାତ
ଧନୁ ଉଠାଏ ସତେ ମୟୂର ଚନ୍ଦ୍ରିକା
ଗୁମଟାଣି ଆଖି ପିଛୁଳାକେ ବିନ୍ଧିଦେଲା ତୀର
ଭେଦିଲା ମାଛ ଆଖି ରାଜସଭା ଦୁଲୁକାଇ
ଆଶ୍ଚର୍ଯ୍ୟର ଓଠ ଆଉ ପ୍ରଶଂସା ତାଳିରେ ?



ଆଖିମଳି ଏବେ ବି ଚମକିଲା କୃଷ୍ଣା
ସଲ୍ଲଜ ଆନନ୍ଦର ସ୍ମୃତି ଶିହରଣେ:
ଏଇ ସେ ଅର୍ଜ୍ଜୁନ ଯା ଗଳାରେ ଦେଇଥିଲି
ପୁଣ୍ୟ ବରମାଳା କୁମାରୀ ହାତରେ
ଏଇ ସେ ଅର୍ଜ୍ଜୁନ ଯିଏ ଚୁପ୍ ଠିଆହେଲା
ଯେତେବେଳେ ବଣ୍ଟା ହେଲା ପୁରସ୍କାର
ମାତାଙ୍କର ଅଧାବୁଝା ଆଶିଷରେ !

ବାହାରେ ପାଦଶବ୍ଦ ଶୁଣି
ଫେରିଲା ପୃଥିବୀକୁ ମଳିନ ଶିଖାରେ
ବୁଝିଲା ଅର୍ଜ୍ଜୁନର ପାଦ ଅଟକିଛି
ପ୍ରବେଶ ଇଚ୍ଛାରେ ତାର ଅନ୍ଧ ବଳୟରେ !
ଇତଃସ୍ତତଃ ପାଦରେ ଅର୍ଜ୍ଜୁନ ଆସିଲେ-
ଦ୍ରୌପଦୀ ! ପଦେ କଥା ପାରିବି କି କହି ?

ପଦେ ନୁହେଁ ଲକ୍ଷେ କଥା କହିପାର ତୁମେ
କିନ୍ତୁ ଆଜି ରାତି ନୁହେଁ ତୁମ ଶବ୍ଦ ମୋର କାନ ପାଇଁ
ଆଜି ଡେରି କର ନାହିଁ ଯାଅ
ସୁଖ ସମ୍ଭୋଗର ଉଷ୍ମ ବିହାର ପାଇଁ
ସୁଭଦ୍ରା ବସିଚି ଦେବ ଅବଗାହୀ ପ୍ରେମ ବାରିଧିରେ
ଯମୁନାର ନାବକେଳି ରସ ବାସନ୍ତିକା
ହଁ ହଁ ମୁଁ ହିଁ ଗଢ଼ିଛି ନାବ ଦେଇଛି ମୁଁ ରୂପ
ମୋ ମନର ଉଦାର ସନ୍ଦେଶ
ମୋର ନାୟକ ପାଇଁ ଯିଏ ମତେ
ଦେଇଛି ଅକାତରେ ପ୍ରେମ ପ୍ରତାରଣା ।

ଅନୁଯୋଗ କରୁଛି ପ୍ରିୟା କରନି ବିଦ୍ରୂପ
ଆତ୍ମଗ୍ଳାନିରେ ଛୁରୀକାବିଦ୍ଧ ମୁଁ
ମରୁଛି ମୁଁ ସବୁ ମୁହୂର୍ତ୍ତରେ ଅନ୍ତର ଭିତରେ:

ହେ ପାର୍ଥ ନିଜକୁ କରନାହିଁ ଛୋଟ
ନାୟକର ରକ୍ତଝରା ବୀରର ତିଳକ
ପ୍ରେମିକର ନୁହେଁ-
ଶୁଣ ପ୍ରିୟେ ଅଚାନକ ଫସିଗଲି ମୁଁ
ବାସୁଦେବ ଛଳରେ ହଜିଗଲା ଥଳକୂଳ
ସୁଭଦ୍ରାର ପ୍ରେମ ନିବେଦନ କୃଷ୍ଣ ଛଳନୀତି
ବୁଝିବା ଶକ୍ତିମୋର ହରାଇଲି ମୃତ୍ ମାନସରେ

ଭବିଷ୍ୟତ ପାଇଁ ଇନ୍ଦ୍ରଜାଲ ଛନ୍ଦିଦେଲେ କୃଷ୍ଣ
କାଳ ମୋର ହଜିଗଲା ଲୀଳା ପୁରୁଷର
ଅଦୃଷ୍ଟ ଦର୍ଶନର ଉପସ୍ଥିତ ଭାଷାରେ
ଅଧା ସତ୍ ଅଧା ଅସତ୍‌ରେ ହେଲି ବାଟବଣା-

ସଫେଇ ଦିଅନାହିଁ ହେ ମୋର ଦୁର୍ଜୟବୀର
ପଡ଼ିଚି ମୋ ଆତ୍ମାରେ ବେଦନାର ଗଣ୍ଠି
କେମିତି ପାରିଲନି ଦେଖି ଆହେ ଦିଗଦ୍ରଷ୍ଟା
ସଖାଙ୍କର ମୋହିନୀ ମେଘରେ ଚମକ ବିଜୁଳି ?

ତୁମେ ପରା ସେଇ ପାର୍ଥ ଯିଏ ଦେଖେ
ଉଡ଼ନ୍ତା ଫୁଲ ରେଣୁ ଝଡ଼ ଆଖିଭେଦି
ଯିଏ ଦେଖେ ଛଦ୍ମ ନବଗୁଞ୍ଜରରେ
ମୋହନ ମୁରାରୀର ବିଶ୍ୱ ନିର୍ଣ୍ଣାୟକ
ସେ ଅର୍ଜ୍ଜୁନ କିପରି ହାରିଲା ପାରିଲାନି ବୁଝି
ମାୟା କୁହେଳୀରେ କୂଟ ପ୍ରେମନୀତି-

ହଉ ହେଲା ଛାଡ଼ ସେ କଥା
କୁହ ସେଇ ପଦେ କଥା ଯାହା ଲାଗି
ଆସିଛ ତୁମେ ସୁଭଦ୍ରାକୁ କରିଛ ଉପେକ୍ଷା
ଥତମତ ହେଲେ ଅର୍ଜ୍ଜୁନ, ଗଳା ସଫା କଲେ
ପଦେ କଥା ଦେବୀ ମୋର- ମୁଁ ଦୁଃଖିତ ।
ଦୁଃଖିତ ! ଦୁଃଖିତ ! କଣ ପାଇଁ ପାର୍ଥ
ତୁମ ମୁଖେ ଶୋଭେ ନାହିଁ ଏ ଶବ୍ଦ ଧନଞ୍ଜୟ !

ସୁଭଦ୍ରାର ମନ ମୁଁ ଭାଙ୍ଗି ପାରିଲିନି
ଯେତେବେଳେ ବଳରାମ ଇଚ୍ଛା ବିରୋଧରେ
କ୍ରୋଧ ବିରୋଧରେ ଦ୍ୱାରିକା ଛାଡ଼ିବା ଇଚ୍ଛା
କହିଲେ ସୁଭଦ୍ରା ହରିନେବା ପାଇଁ ଅନୁନୟ କଲେ
ତ୍ୟାଗ କରି ପରିବାର ଗର୍ବର ହୁଂକାର-
ଚମତ୍କାର ! ଠିକ୍ କରିଛ ତୁମେ
ବୀର ପୁରୁଷର ଉଚିତ ମର୍ଯ୍ୟାଦା
ଅଭିନନ୍ଦନ ଅର୍ଜ୍ଜୁନ ତୁମେ ବୁଝ ନାରୀମନ
ଦ୍ରୌପଦୀର ପ୍ରେମଧର୍ମ ଆଡ଼େଇଛ ପାଦେ
ସେଥିପାଇଁ ନାହିଁ ଅଭିଯୋଗ ନାହିଁ ମଧ୍ୟ
ରୋଷ ଅଭିମାନ ନିଷ୍ଠୁର ବିଚାର

କ୍ଷମା କରିଥିଲି ମୁଁ ଉଲୁପି ଚିତ୍ରାଙ୍ଗଦା
ଆଉରି ବି କେତେ ଏକାପଣ ସାଥୀ
ବାଟଚଲା ବନଭୂମି ଦିନିକିଆ ରତି
ସବୁ ମୁଁ ଭୁଲିଥିଲି କରିଥିଲି କ୍ଷମା :

କିନ୍ତୁ ଏବେ ତୁମେ ସୁଭଦ୍ରାର ପତି
ଗୋଟିଏ ପ୍ରେମ ଡାକରେ ସବୁ ଭୁଲିଗଲ
ଦ୍ରୌପଦୀ ତପସ୍ୟା ଏଡ଼ିଗଲ ଧର୍ମ !
ଅବାକ୍ ମୁଁ ତୁମର ଏ ପ୍ରେମ ପାଲଟାରେ
ଏକାଗ୍ର ପୌରୁଷର ଭୀରୁ ସ୍ଖଳନରେ:

କିନ୍ତୁ ମୁଁ ମଧ୍ୟ ନାରୀ
ପାରୁଛି ମୁଁ ବୁଝି ସୁଭଦ୍ରାର ମନ
ମହାନ୍ ଅର୍ଜ୍ଜୁନ ପାଖେ ପ୍ରେମ ସମର୍ପଣ ।
ଆଜି ଖାଲି ଏତିକି ବିନତୀ
ନଲଭୁ ସୁଭଦ୍ରା କେବେ ଦ୍ରୌପଦୀର ଗତି
ହେ ମୋର ପ୍ରତାରକ ପ୍ରେମ ବିଦାରକ
ସୁଭଦ୍ରାକୁ ଦିଅ ତୁମ ପ୍ରେମ
ଅସରନ୍ତି ଅମାପ ଅକ୍ଷୁର୍ଣ୍ଣ ।

ଆସ ମୁଁ ଗ୍ରହଣ କଲି ସୁଭଦ୍ରା ଦାୟିତ୍ୱ
ଅକ୍ଷତ ରହୁ ତାର କୋମଳ ନାରୀତ୍ୱ
ଆସ ମୁଁ ନେଇଯିବି ତ୍ୟାଗୀର ଗର୍ବରେ
ତୁମକୁ ସମର୍ପି ଦେବି ସୁଭଦ୍ରା କୋଳରେ
ସାଜିଛି ମୁଁ ନିଜ ହାତେ ପ୍ରେମର ପୃଥିବୀ
ଯେଉଁଠି ରଚିବ ତୁମେ ପ୍ରେମର ସାମ୍ରାଜ୍ୟ
ସୁଭଦ୍ରା ସହିତ ତୁମ କଳାର ମାଧୁର୍ଯ୍ୟ
ଈର୍ଷାହୀନ ପ୍ରେମହୀନ ତ୍ୟାଗ ମହିମାରେ
ନେଇଯିବ ଆସ ପାର୍ଥ ବାସର ସ୍ୱର୍ଗକୁ
ଲଂଘିବିନି ସୁଭଦ୍ରାର ପ୍ରେମ ଅଧିକାର
ଆସ ଆସ ନେଇଯିବି ହାତ ଧରି
ସୁଭଦ୍ରାକୁ ଭେଟି ଦେବି ମୋର ମଥାମଣି ।

ଆଉ ଶୁଣ ମୋର ପଦେ କଥା
ଭୁଲରେ ମାଡ଼ିବ ନାହିଁ ମୋ ଘରର ରାସ୍ତା ।

'ଚିତ୍ରକାବ୍ୟ', ଶିଶୁ ବିହାର
ଭୁବନେଶ୍ୱର-୭୫୧୦୨୪
ଫୋନ:୯୪୩୮୦୩୬୨୩

# ଏକାକୀ ବନ୍ଦନା

ବନଜ ଦେବୀ



Art by : Dhanunjay Prasad

ସଂଜର ବୟସ ଖସେ,
ଧୀରେ ଧୀରେ ରାତି ହୁଏ ଘନ
ଆକାଶରେ ଜକଜକ
ଅଶିଣର କମନୀୟ ଜହ୍ନ ।
କାଶତଣ୍ଡୀ ଫୁଲ
ଶେଫାଳି ମହକ
ଭିଜିଯାଏ ଚନ୍ଦନ ପାଣିରେ
ଏତେ ବେଳେ ଏକାକୀ ବନ୍ଦନା
ନିଜ ସାଥେ କଥା ହୁଏ, ନିଶୂନ କୁଟୀରେ ।

ସମୟର ତୀରେ ତୀରେ,
ନୁହେଁ ଅଶ୍ୱାରୋହୀ,
ସଂସାରର କେଉଁ କଣେ,
ପଥପ୍ରାନ୍ତ ଧୂଳି କଣାଟିଏ
ନଗଣ୍ୟ ବାଟୋଇ,
ବାଟ ଚାଲେ ଏକାନ୍ତ ନିଷ୍ଠାରେ
ଚଉପାଶେ ବିଞ୍ଚି ଦେଇ
ଜୀବନ-ସ୍ପନ୍ଦନ, ପ୍ରାଣରସ
ଗତିକୁ ଶୁଣାଏ ଗୀତ,
ପଥକୁ ଦିଏ ପାଦର ରକ୍ତ
ଜ୍ୱାଳାକୁ ଭିଜାଇ ଦିଏ

ଚଉପାଶ-ବନ୍ଧନର, ଅମୃତ ଅନୁଭବରେ
ଛିନ୍ନ କରେ ଘେରିଥିବା ନାନାବିଧ ବୁଢ଼ୀଆଣି ଜାଲ
ମାଟିର ଉଦାରପଣ, ଆକାଶର ଆଶ୍ୱାସନା,
ଧ୍ୱଜାଦଣ୍ଡ ହାତରେ ତା' ଅନୁପମ ସ୍ୱପ୍ନ, ଅପ୍ରତିହତ,
ଗଢ଼ିଗଲେ ସେ ମୂର୍ତ୍ତି, ଆଙ୍କେ ଚିତ୍ର
ଶବ୍ଦକୁ ଶବ୍ଦରେ ଯୋଡ଼ି ସେତୁ ଏକ,
ସଂସାରର ଚିତ୍ର ଓ ଚରିତ୍ର
ତେବେ ବି ସେ ଅବ୍ୟକ୍ତ, ଅତୃପ୍ତ !
ସରି ନଥିବା ଧର୍ମଯୁଦ୍ଧର ନିରୀହ ସୈନିକଟିଏ ସେ
ଭେଦିପାରେ ନାହିଁ ସଂପର୍କର ଛଦ୍ମବେଶ
ଈର୍ଷା, ଅନାତ୍ମୀୟତାର, ଦୁର୍ଗ
କାନ୍ଥକୁ ଆଉଜି ବସିଥାଏ
ପଥକ୍ଲାନ୍ତ, ନିରୀହ ଅସ୍ତିତ୍ୱ

ଚଉପାଶେ ଅସୁମାରି
କଳକଳ ଜୀବନ ପ୍ରବାହ
ମିଶ୍ରରାଗ- ଆବେଶରେ ସରିଯାଏ ଦିନରାତି
ଋତୁଚକ୍ର ଘୁରୁଥାଏ, ଆପଣା ଛନ୍ଦରେ,
ଏକାକୀ ବନ୍ଦନା,
ଆପଣା କୁଟୀରେ ବସି ଶୁଣୁଥାଏ ବେହାଗ ରାଗର
ଜୀବନ-ମୂର୍ଚ୍ଛନା !

ଶିବଛାୟା, ରଥରୋଡ଼, ଭୁବନେଶ୍ୱର-୭୫୬୦୦୨,
ଫୋନ: ୯୨୩୮୬୩୨୧୨୮



ବନଜ ଦେବୀ

# ମାଟି ଉଠାଇନିଏ ଫଟୋ

## ଡକ୍ଟର ଅବନୀ ପ୍ରଧାନ

ମାଟି ଉଠାଇନିଏ ଫଟୋ
ତୁମର
ମୋର
ଆମ ସଭିଙ୍କର ସଚରାଚରର ।
ତୁମେ କ'ଣ କଲ ମୁଁ କ'ଣ ନକଲି
ମୁଁ କ'ଣ କଲି ତୁମେ କଣ ନକଲ !
ସୁତରାଂ ଆମ କଲା କର୍ମର ।

ନିଦାଘର ରୌଦ୍ରଝରା ଆକାଶର ରଙ୍ଗ
ସଂଧ୍ୟାର ପୁରୁପୁରୁ କୋମଳ ଗାନ୍ଧାର
ଅନ୍ଧାର ଆଲୋକର ବିସ୍ମୟ
ବିଭୀଷିକା ମୟ ପୃଥିବୀ
ଯୁଦ୍ଧ
ଯୁଦ୍ଧର କାରଣ
ସାମ୍ରାଜ୍ୟ ସମ୍ରାଟ
ସାମ୍ରାଜ୍ୟ ପତନର ଦୃଶ୍ୟ
ଆଶ୍ୱିନର ନୀଳ ନିର୍ମେଘ ଆକାଶକୁ ଶୁଭିଲେ
ଦେବୀ ଆବାହନୀ ମନ୍ତ୍ର
ଦେବୀ ଓହ୍ଲାଇ ଆସନ୍ତି ଶୁଣି ମହିଷାର କୁହାଟ
ଭୋର୍ ଆକାଶରୁ ଲିଭି ଆସୁଥିବା ଫିକା ଦରମଲା ଜହ୍ନର
ଉଇଁ ଆସୁଥିବା ଲାଲ୍‌ରଙ୍ଗ ସୂର୍ଯ୍ୟର
ମାଟିରୁ ଭୋକିଲା ଅନ୍ଧାରୀ ମଣିଷର ଆର୍ତ୍ତ ଡାକ
ରାତିଅଧ ପୋଲ ତଳୁ  ଦରନଂଗୁଳୀ ଯମୁନା ବେଓ୍ୱାର
ଗହମ ରଙ୍ଗର ଲୋଭିଲା ଦେହ
ଗାଜାପଟ୍ଟ ଯୁଦ୍ଧରେ ମୃତାହତ କିଶୋର କିଶୋରୀ ଶିଶୁଙ୍କର
କୁଢ଼ କୁଢ଼ ଶବ ।
ଶୀତରେ ସଢୁଥିବା ଲଙ୍ଗଳା ମଣିଷଙ୍କ ଅବୟବ...



▲ ଡ. ଅବନୀ ପ୍ରଧାନ
ଫଟୋ ସୌଜନ୍ୟ: ଲେଖକ



▲ ଚିତ୍ର : ଶିଳ୍ପୀ ମନୋଜ କୁମାର ସାହୁ

ଗାଜା ଛାଡ଼ି ପ୍ରାଣଭୟେ ଦେଶାନ୍ତରୀ ମଣିଷଙ୍କ ଅସହାୟପଣ-
ଏସବୁକୁ ମାଟି ଉଠାଇ ନେବ ଫଟୋ ।
ଏବେ ତ' ଏଠି ସେଠି ଯୁଦ୍ଧ !
ତୁମ ଠିଁ ମୋଠିଁ
ପୁରୁଷ ପ୍ରକୃତି ଠିଁ
ଧ୍ୱଂସର ଛିଟିକା ଚିହ୍ନ ପର୍ଯ୍ୟାପ୍ତ, ବିପର୍ଯ୍ୟସ୍ତ
ସୀମାରେଖା ମାନଚିତ୍ର ନିୟନ୍ତ୍ରିତ, ସଂକୁଚିତ ତ'
ନିଶ୍ଚିହ୍ନ ।
ଆଉ କେହି କେହି ନିଶ୍ଚିନ୍ତରେ ତୋଳୁଛନ୍ତି ସୁଡ଼ଙ୍ଗ
କରିବାକୁ ଷଡ଼ଯନ୍ତ୍ର ।

ଆଉ ଯୁଦ୍ଧ ?
ମୋକ୍ଷ ପାଇଁ ତ' କାମ କାମନା ପାଇଁ
ବରାବର ଚାଲି ରହିଛି ଯୁଦ୍ଧ ।
ଯୁଦ୍ଧ କ'ଣ କ୍ରମିକ ବିକାଶର ଲକ୍ଷଣ ନା କାରଣ
ନା ପ୍ରତିକାରଣ ?
ହାତ କ'ଣ ବିନା ଯୁଦ୍ଧରେ ତଳୁ ଉଠେ ?
ସବୁ ଯୁଦ୍ଧ କେବଳ ସଂଘର୍ଷ, ନିଜ ନିଜ ଭିତରରେ ବାହାରେ ।

ଯେତେ ସଦୁକ୍ତି ସଦାଚାର
ବୟାନ ବଖାଣ
ମାନବିକତା ନାଁରେ ଯେତେ ଧ୍ୱନି, ପ୍ରତିଧ୍ୱନି
ଲାଗିଲେ ଯୁଦ୍ଧରେ
ଯୁଦ୍ଧ ହୋଇଯିବ ସଂଭୋଗ ।
ଏବେ ବନ୍ଦ କର ତମ ଯୁଦ୍ଧ !
ଦେଖୁଛି ରୁହ !
କୁଆଡ଼େ ହଜି ଯାଉଛି ମାନବିକତାର ମୂଲ୍ୟବୋଧ !

♥ ମୋଟେଲ ଛକ, ଭଦ୍ରକ-୭୫୬୧୦୦, ଫୋନ: ୮୭୬୩୬୧୪୬୧୬



▲ ଚିତ୍ର : ଶିଳ୍ପୀ ସୌମ୍ୟରଂଜନ ପଟ୍ଟନାୟକ

# ପୁରୁଷ

## ପିନାକୀ ମିଶ୍ର

ଚାମୁଚେ ସୁଖ
ଦେହକ ଦହନ

ଲଂବା ବାଟରେ ଶହେ ବାଙ୍କ
ସରୁ ନଥିବା ରାତି
ବିଶ୍ରାମ ଲାଗି ଛାଇକୁ ନେହୁରା,
କେବେ ପୁଣ୍ୟର ପୁଲକ
ପୁଣି କେବେ ପାପମିଠା ଢୋକିଦେଇ
ଯଂତ୍ରଣାନଈର ତୁଠେ ଅନୁତପ୍ତ ।

ସେ ପୁରୁଷ, ଆଉ କିଏ କି !
ସେ' ଦାଣ୍ଡରେ ବାଜୁଥିବା ତାଳଗଛ ତାଳି
କେବେ ପ୍ରଗଳ୍‌ଭ କେବେ ଆନମନା
କେତେ ବିଶ୍ୱାସ କେତେ ପ୍ରତାରଣା ।

ଇଏ ଦେହଦେହଳୀର କଥା
ପାଣି ପଡିଲେ ଫୁଲିଯାଏ
ଗ୍ରୀଷ୍ମଧାସରେ ଚୋପା, ଜାଡରେ ଥର ।

ହଳେ ପାଦ
କେବେ ରାଜା ତ କେବେ ବଳଦ

ସେ ପାଏ, ହରାଏ, ଭୁଲି ବି ଯାଏ
ଫୁଲଛୁଆଁ ରସ, ଦେହମଖା ନିଆଁ
ନଈ, ନରକ, ଛନ୍ଦାଛନ୍ଦି ଶୃଂଗାର ପାଦଘଷା
ସବୁଠି ତା' ପାଦଚିହ୍ନ,

ପୁରୁଷ ବୋଲି ବହପ କାହିଁକି ?
ଏ ତ ଧାତୁ ତିଆରି ମୁଦ୍ରା
ଏଠୁ ସେଠିକି, ୟା' ହାତରୁ ତା ହାତ
ମଥାଛୁଆଁ ପାଉଥିବ
ଟେକାଟାଂଗର ବି ଖାଉଥିବ,

ଦିନେ ତ ଦିନେ ପାଦଚଲା
ତା'ପରେ ଚଢେଇ ଫୁର୍
ଛାଡି ଦେଇଯିବ ଶିବରଂଜନୀ ରାଗର ଲହର ।

ପୁରଷ ଆଖି ଦେଖାଏ
ରକ୍ତର ଦୟାନଦୀ ରଚେ
କଳା କରମକୁ ନିନ୍ଦେ,
ମାଧୁରୀ ନିଶାର ଆଖିଜାଲରେ ପଡେ
ଟାଣି ଆଣେ କବରୀ, ଭିଡି ଧରେ ଛାତି,ଦଳିଦିଏ ଗୋଲାପ, ବଢେ ଖେଳ,
ଯୁଦ୍ଧ, ସଂଘର୍ଷ
ପତଂଗର କି ନିଆଁ ପ୍ରବେଶ !

ପୁରୁଷ
ଗଛ ତଳେ ବି ଦେଖାଇପାରେ ବିଶ୍ୱ
ବିଶାଖା କ୍ଷିରୀ ଖୁଏଇ ଦିଏ ବୁଦ୍ଧଙ୍କୁ
ଅଣଚାଷ ଉପବାସ ପରେ
ସେଇ ପୁରୁଷ, ଚେତନାର ସୂର୍ଯ୍ୟ ବି ବନିପାରେ ।

ତ୍ୟାଗରେ ବି ଅରଜେ ଯଶ
କାଠ ଠାକୁରକୁ ଭାବସମୁଦ୍ରରେ ହଲେଇ ଦିଏ,
ପାଖରେ ନାରୀ ଥାଉ ବା ନଥାଉ -
ବହଳ ହୁଏ ପ୍ରଶସ୍ତ ଡାଳ,
ସେ ଜାଣେ,
ଦ୍ରୋହର ଶିଖରପାହାଚ ନୀରବତା
ପ୍ରେମର ପୁରିଲାପାର୍ବଣ ନୀରବତା ।

ପୁରୁଷର ପୁଣି ସାର୍ଥକତା କ'ଣ !!
ସବୁଠି ହଳାହଳ ବିଷ,
ନିଜେ ନିଜର ରାତିଅରାତି
ଜଣେ ଅଧେ ରଖିଛନ୍ତି ଟେକ, ଆଣିଛନ୍ତି ନୂଆଯୁଗ
ପୁରୁଷ
ତା' ହାତରେ ତା' ଦେଶ, ତା ଇତିହାସ ।

♥ 'ଶୂନ୍ୟନୀଳ'
ଚର୍ଚ୍ଚ ପାଖ, ଜେଲ୍ ରୋଡ, କେନ୍ଦୁଝର-୧
ଫୋନ:୯୪୩୮୧୧୮୩୯୭



▶ ଫଟୋ ଚିତ୍ର



▲ ଚିତ୍ର : ଶିଳ୍ପୀ ପ୍ରଦୀପ୍ତ କିଶୋର ଦାସ

# କଥା ପରି ଦୁଇଟି କବିତା

**ପ୍ରଶାନ୍ତ ଦାସ**

**॥ ସମାଧି ॥**

ବାପା ଟଙ୍କା ବିଡାଟିଏ
ଧରାଇ ଦେଲେ ପୁଅକୁ
କହିଲେ, ନେ ଧର୍
ଏଇ ଟଙ୍କାରେ ଇଟା ବାଲି ସିମେଣ୍ଟ୍
କିଣା ହେବ ।
ପୁଅ ଚାହିଁଲା ବାପାଙ୍କୁ ଭାବିଲା
ଘର ତୋଳା ତ ସରିଛି
ପୁଣି ଏ ସବୁ କଣ ହେବ !

ଦିନେ ବୋଉଙ୍କୁ ପଚାରିଲା
ଏ କଥା ।
ବୋଉ କହିଲେ, ତୋ ବାପା
ଚିରକାଳ ଏମିତି
ଯାହା ବୁଝିବେ ତାହା ହିଁ କରିବେ
ତାଙ୍କୁ ପଚାରିବାର ସାହସ
କାହାର ଅଛି !

ସାହସ କରି ଦିନେ ପଚାରିଲା ପୁଅ
ବାପା ! ଘର ତୋଳା କାମ ସରିବା ପରେ
ଇଟା ବାଲି ସିମେଣ୍ଟ୍ କଣ ହେବ ?
ବାପା କହିଲେ, ସମାଧି ।
ପୁଅ ପଚାରିଲା, କାହାର ?
ବାପା କହିଲେ, ମୋର ।

ବାପାଙ୍କ କଥାରେ ଆଶ୍ଚର୍ଯ୍ୟ ହେଲା ପୁଅ ।
ତୋଳା ସରିଥିବା ଘରକୁ ଅନାଇ
ବାପା କହୁଥିଲେ
ମୋର ମୃତ୍ୟୁ ପରେ ବଦଳିଯିବ
ଏ ଘରର ମାଲିକାନାସତ୍ୱ ଓ
ଘର ହେବ ତୋର ।
କିନ୍ତୁ
ମୋ ପାଇଁ ନିର୍ମିତ ହୋଇଥିବା ସମାଧିରୁ
ଚିରକାଳ ମୋତେ କେହି
ବେଦଖଲ କରିପାରିବେ ନାହିଁ ।

**॥ ସାବୁନ ॥**

ପ୍ରଭୁଜୀ ବାପାଙ୍କୁ ରଙ୍ଗତୁଳୀ
ଧରାଇ ଦେଇ କହିଲା
ବାପା ଏକ ଚିତ୍ର ଆଙ୍କ ।

ବାପା ଧରିଲେ ରଙ୍ଗତୁଳୀ ଓ ଆଙ୍କିଲେ ଚିତ୍ର
ଏକ ସହରର ଦୃଶ୍ୟ ।

ରାଜରାସ୍ତା ଟ୍ରାଫିକ୍ ଛକ ଦୋକାନ
ବଜାର ଉଦ୍ୟାନ ।

ଉଦ୍ୟାନର ପଛପାଖେ ଆଙ୍କିଲେ
ଏକ ବିରାଟ ପୋଖରୀ ଓ
ପୋଖରୀ ପାଣିର ରଙ୍ଗ କଲେ ଲାଲ୍

ପ୍ରଭୁଜୀ ପୋଖରୀ ପାଣିର
ଲାଲ୍ ରଙ୍ଗ ଦେଖି ବାପାଙ୍କୁ ପଚାରିଲା
ପାଣିର ରଙ୍ଗ ଲାଲ୍ କାହିଁକି ?

ବାପା କହିଲେ,
ସହର ସାରାର ରକ୍ତମୁଖା ମଣିଷଙ୍କ
ଦେହ ଧୋଉ ଧୋଉ
ପୋଖରୀର ପାଣି ଲାଲ୍ ହୋଇଛି ।

ସେମାନେ ସଫା ସୁତୁରା ହୋଇ
ସମାଜର ସ୍ରୋତରେ ମିଶି ଯାଇଥିବାବେଳେ
ପୋଖରୀର ପାଣି ରକ୍ତ ରଙ୍ଗ ହୋଇଛି ।

ବାପାଙ୍କୁ ଚାହିଁ ପ୍ରଭୁଜୀ କହିଲା
ବାପା ବଡ଼ ହେଲେ ମୁଁ ଏକ ସାବୁନ
ଆବିଷ୍କାର କରିବି
ଯେଉଁ ସାବୁନରେ ଧୋଇ ସଫା କରିଦେବି
ପୋଖରୀର ରକ୍ତ ରଙ୍ଗୀ ପାଣି ।

♥ ମଣିଷଘର,ବାଗବୃନ୍ଦାବନ, ବାଲେଶ୍ୱର-୭୫୬୦୦୧
ଫୋନ : ୯୯୩୭୯୩୨୫୭୦



▲ କବି ପ୍ରଶାନ୍ତ ଦାସ

# ସେସବୁ ପରେ

## ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ

ଯାହା ସବୁକୁ ତୁମେ ଅପସନ୍ଦ କରି ଆସିଲ
ସେସବୁ ମୋର ଅସ୍ତିତ୍ୱର ଅଂଶ ଥିଲା
ଦିନେ କାହାକୁ ପସନ୍ଦ ଆସିବ ବୋଲି ମୁଁ ତ ମୋ ନିଜକୁ ଗଢ଼ି ନଥିଲି !

କେତେ ସ୍ୱପ୍ନର କବର ଉପରେ ଫୁଲ ଫୁଟେଇଛି
ସେସବୁ ତୁମେ ଜାଣ ନାହିଁ
ଅଥଚ ମୋ ଇତିହାସ ବିବ୍ରତ କରେ ତୁମକୁ
ଗୋଟେ ନିରାପଦ ଦୂରତାରେ ବି ରହି ପାରନ୍ତ ତୁମେ
ଅଥଚ ଖାସ୍ ମୋର ଭୁଲ୍ ଗଣେଇବା ପାଇଁ ପାଖେଇ ଆସ କାହିଁକି ?

ନିଜ ଉପରେ ରାଗ ଆସୁଚି ?
ସେଥିପାଇଁ ତ ଦାୟୀ ନୁହେଁ ମୁଁ କେବେ ବି !
ମୋର ଜୀବନ ଅଛି, ଇଚ୍ଛା ଅଛି,
ଦୁଃଖ ଲାଗିଲେ ମୁଁ ବି କାନ୍ଦେ
ହେଲେ ଏସବୁ ତ ଅସାଧାରଣ କିଛି ନୁହେଁ !

ଅସାଧାରଣ ନୁହେଁ ମୁଁ ମୋ ନିଜ ପାଇଁ ଗୋଟେ ଇତିହାସ ଛାଡିଯିବା !
କିଛି ବି ନୁହେଁ ମୋର ତୁମକୁ ଭଲ ପାଇବା ଓ ସବୁ ପରେ ବି ଭଲ ପାଇବା
ଜାଣିଛ, ମୋ ଜୀବନକୁ ନେଇ ଆଦୌ ଲଜ୍ଜିତ ନୁହେଁ ମୁଁ
ନା ମୋତେ ନେଇ ମୁଁ ବିଚଳିତ !

ମୁଁ ମୋ ପରି ଓ ଏଇ ପରି ହିଁ ଖୁସି !
ବାକି ତୁମ ଖୁସି ତୁମ ହାତରେ !
ଯାହା ସବୁ ଛାଡ଼ି ଆସିଲ ତାକୁ ଛାଡ଼ି ଆସିବାର ହିଁ ଥିଲା
ଭ୍ରମ ତୁଟି ଯିବାର ଥିଲା କୋଉଠି ନା କୋଉଠି

ଏଇଠୁ ପଛ କରି ମୁଁ ଚାଲିଯାଉଛି ଓ ତୁମକୁ ଆଦୌ ଦୋଷ ନ ଦେଇ
ପାରିବ ତ ତୁମେ ବି ଦୋଷ ଗଣିବା ଛାଡ଼ି ଦିଅ
ଅନେକ ସୁନ୍ଦର ଏଇ ଜୀବନ
ପାରିବ ତ ନିଜ ପାଇଁ ଭରପୂର ଜୀବନଟେ ଜିଅଁ ।

♥ ଅଧ୍ୟାପିକା: ଇଂରାଜୀ ବିଭାଗ
ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ, ଯାଜପୁର ରୋଡ-୭୫୫୦୧୯
ଫୋନ: ୭୭୩୫୭୩୪୯୬୪



▲ ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ

# ଅପ୍ରିୟ ବିଶ୍ୱାସ

## ସୌଭାଗ୍ୟବନ୍ତ ମହାରଣା

ସମୟର ଅସମୟତାର ଫାନ୍ଦରେ
ଛାଇ ବି ନିଜ ଦେହକୁ ଭୁଲିଯାଏ
କାଳ ବି ଅକାଳ ପାଲଟି ଯିବାକୁ
ନିଜ ସହ ନିଜେଇ ହାତ ମିଳାଏ ।
ହୃଦୟର ପୁଞ୍ଜିଭୂତ ଅବିଶ୍ୱାସ ମାନେ
ଅନ୍ତରଙ୍ଗ ପାଲଟି ଯିବାକୁ ଦୂଷିତ ରକ୍ତରେ
ନିଜ ବିଶ୍ୱସ୍ତ ଠିକଣା ଖୋଜନ୍ତି
ଛଳନାର କମ୍ବଳରେ ନିଜ ଦେହକୁ ଘୋଡେଇ ।

ଏବେ ସାଧୁ ଓ ସଇତାନଙ୍କ ମଧୁଚନ୍ଦ୍ରିକା
ସୂର୍ଯ୍ୟସ୍ନାନରୁ ଚନ୍ଦ୍ରସ୍ନାନ ଯାଏଁ
ସରଳ ବାକ୍ୟଟେ ମୁହଁରୁ ବାହାରୁ ବାହାରୁ
ଦେଖୁ ଦେଖୁ ଜଟିଳ ପାଲଟି ଯିବାର କଥା
ହୃଦୟର ବ୍ୟାକରଣକୁ ଅଜଣା ।

ବଂଜର ମାଟିର ଫଟା ଛାତିରେ
ଆଶାର ଅଙ୍କୁରୋଦ୍‌ଗମ ଖୋଜିବା
ହଜିଲା ଆତ୍ମୀୟତାର ଅନ୍ତରାଳରେ
ମାନବତାର ମୋହିତ ଗୀତରେ
ନିଜ ରକ୍ତ,ମାଂସ,ହାଡକୁ ପଖାଳିବା
ମାୟାରୁ ମୁକୁଳିବାର ଗୋଟେ ମାର୍ଗ ନୁହେଁ କି ?

ଶତ୍ରୁର ଉତ୍କୃଷ୍ଟ ଷଡଯନ୍ତ୍ରରେ
ମୃତ୍ୟୁର ଆର୍ଟ ଗ୍ୟାଲେରୀରେ
ନିଜ କଳା ଧଳା ଚିତ୍ରପଟର ତର୍ଜମା କରିବା
ଘନିଷ୍ଠ ଅଥଚ କପଟୀ ଛାଇଙ୍କ ସାମ୍ନାରେ
ବିଦେହରେ ନିଜ ବଂଶୀବାଦନ ଶୁଣେଇବା
ଗୋଟେ ଚମତ୍କାର ପରାଜୟର ଦୃଷ୍ଟାନ୍ତ ।
ସତେ କେତେ ମହାର୍ଘ ମୁହୂର୍ତ୍ତଙ୍କ
ନିଃଶ୍ୱାସର ମିଳନରେ ଗଢା
ଏ ବିଚିତ୍ର ଦେହର ବିଦେହ
ଏ ଅପ୍ରିୟ ବିଶ୍ୱାସର ଅନ୍ତରଙ୍ଗ ଅବିଶ୍ୱାସ !

♥ 'ଭାରତୀ ଭବନ', ଶିବମ୍ କଲୋନୀ, ଆୟକର ଭବନ ପଛ,
ସମ୍ବଲପୁର-୭୬୮୦୦୪, ଫୋନ-୯୪୩୭୪୫୭୭୩୬

▲ ସୌଭାଗ୍ୟବନ୍ତ ମହାରଣା



# ଫେରିବାର ଥିଲା ବୋଲି

## ଡକ୍ଟର ଶ୍ରୀହରି ଧଳ

ଫେରିବାର ଥିଲା ବୋଲି ତ
ଦୃଷ୍ଟି ସେପାଖେ ସଜିଲ୍ ଥିଲା
ଦୃଶ୍ୟହୀନ ରଥ ।

ହସ ଭିଡ଼ରେ
ଗଜରୁଥିଲା ଲୁହ ରତ୍ନ,
କଷ୍ଟର ତାଳପତ୍ର,
କୋଳାହଳ ଭିତରେ
ବଢୁଥିଲା
ଭୟଙ୍କର ନିରବତା ।

କେହି ଘୋଷଣା କଲା
ଯିବାକୁ ହେବ
ଶତତ ଗଡ଼ା ମଝିରୁ,
ଏବେ ତ ଅପୂର୍ଣ୍ଣତାର ଦୁଃଖ,
ଜଡ଼ସଡ଼ ସମୟ
କାନ୍ଦ କାନ୍ଦ ଡାଳର ପକ୍ଷୀ,
ପବନ ପିନ୍ଧିଛି କି
ପଥରର ଗୋଡ଼ ?

ତମେ ଫେରିଲ
ଆକାଶରେ ପତାକା କରି
ଟୋପା ଟୋପା ଲୁହ,



▲ ଚିତ୍ର : ଶିଳ୍ପୀ ସୁସ୍ମିତା ମିଶ୍ର

ଲୁହର ତୋରଣ ତଳେ
ମୂର୍ଚ୍ଛନାୟିତ ଏକି ଅଦ୍‌ଭୁତ
ନିରବତା !

କବି ସଭାରେ
ଖାଲି ପଡ଼ିଛି ଗୋଟେ ଚେୟାର୍,
ମୁଣ୍ଡ ଗଣତିରୁ
ଊଣା ପଡୁଛି ଜଣେ ସମଧର୍ମା ।

ଫେରିବାର ଥିଲା ବୋଲି ତ
ସମୁଦ୍ର ଆଁକୁ,
ସଜିଲ୍
ଲେଉଟାଣି ବୋଇତର ଅଝାଳ,
କେହି ନିଶବ୍ଦ ବଂଶୀ ଫୁଙ୍କି
ହକାରେ ଦିଗନ୍ତରୁ ।

ଆଁ
ଶୂନ୍ୟ ଆଲିଙ୍ଗନକୁ
ପ୍ରିୟ ପକ୍ଷୀ !
ଆ, ଆ–
ଦୃଶ୍ୟହୀନ ରମଣକୁ,
ଶୂନ୍ୟ ସହବାସକୁ ।

♥ ତାଉଁତରା, କପାସି, ଚିତାଲୋ, ଯାଜପୁର
ଫୋନ:୮୧୧୭୦୮୧୯୦୬



▲ ଡକ୍ଟର ଶ୍ରୀହରି ଧଳ

# ଶବ୍ଦାୟୁଧ

## ବିଜୟଲକ୍ଷ୍ମୀ ପାଣିଗ୍ରାହୀ

ମୋତେ ଦରକାର
ବାରୁଦ ଗୋଳା କିଛି ଶବ୍ଦ
ଆବେଗର ଟାଣ ଖରଦିଆ ।

ପାଟଳବର୍ଣ୍ଣୀ ହେଉ ଅବା ଧୋବ ଫରଫର
ଆଖିକୁ ଆକୃଷ୍ଟ କରିପାରୁଥିବ
ଅୟୁତ ଯୋଜନ ଦୂରରୁ ।
ମନ ମସ୍ତିଷ୍କରେ ସାଗର ମନ୍ଥନରୁ
ଛାଣି ପାରୁଥିବ
ଅମୃତତ୍ୱର ସମାଧାନ ।

ସେ ପଥର ପରି କଠିନ ହେଉ ଅବା
ଲହୁଣୀ ପରି ନରମ
ସୁଦୃଢ଼ କଙ୍କାଳକୁ ଭେଦି
ହୃଦୟକୁ ଛୁଇଁ ପାରୁଥିବ
ସାମର୍ଥ୍ୟବାନ ପାରିବାପଣରେ ।

କାଟି ପାରୁଥିବା ସେ ଶବ୍ଦାସ୍ତ୍ରରେ
ଛିନ୍ନ ହେଉଥିବ ସମାଜର କର୍କଟରୋଗାକ୍ରାନ୍ତ ଅଙ୍ଗ ।
ପରଶ୍ରୀକାତରତା, ତୋଷାମୋଦକାରୀତାର ମୁଣ୍ଡ ।

ହାଣି ପାରୁଥିବା ସେ ଶବ୍ଦାଘାତରେ
ବହୁ ନଥିବ ରକ୍ତ
ଅଥଚ ବଦଳୁଥିବ ଆଦିମତା ଦିବ୍ୟତା ଆଡକୁ ।

ଚିରି ପାରୁଥିବା ସେ ଶବ୍ଦାୟୁଧରେ
କେରାକେରା ହେଉଥିବେ ଅହଙ୍କାରୀ ଧର୍ମ ସମୂହ
ସର୍ବଧର୍ମ ସମନ୍ୱୟରେ
ଅଦୃଶ୍ୟରେ ଦୃଶ୍ୟମାନ ହେଉଥିବେ ଜଣେ
ଅସୀମ ମୁଦ୍ରାରେ...

♥ ଶିକ୍ଷୟିତ୍ରୀ,ଜୟପୁର, କୋରାପୁଟ
ଫୋନ: ୮୨୪୯୪୫୦୦୫୦



▲ ବିଜୟଲକ୍ଷ୍ମୀ ପାଣିଗ୍ରାହୀ

# ତ୍ରିବାର ସତ୍ୟ

## ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ



ଚିତ୍ର : ପ୍ରିୟା ପ୍ରିୟଦର୍ଶିନୀ ଓଝା

କେବେ ଦିନେ ମଥା ଛୁଇଁ
ସେ ରାଣ ପକେଇ ଥିଲା
ଖାଲି ମୋର ହେବ ବୋଲି
ସେ ମୋର ହେଲା କି ନାହିଁ ଜାଣେନା,
କିନ୍ତୁ ଏମିତି ଗଲା ଯେ
ମୁହୂର୍ତ୍ତକେ ପୋଛି ଦେଇଗଲା ତେରଟି ଫଗୁଣ !

ତାକୁ ପଚାରିବାର ଥିଲା ଅନେକ କିଛି
ହେଲେ କୋଉ ପଚାରି ପାରିଲି !
ସଞ୍ଜ ଯାଇ ରାତି ହେଲା ସତ
ଛାତିରୁ କାଢ଼ି ସ୍ମୃତି ସବୁ ସଜେଇଲି
ସେ ନଥିଲା ବେଳେ ।

ସତରେ
ସେ କଣ ମୋତେ ଭାବୁନଥିବ ମୋ କଥା !
ଯେମିତି ଲୁହ ସବୁ ଆଖିରେ ବାନ୍ଧି
ମୁଁ ଏବେ ଭାବୁଛି !
ତା'ଯିବା ପରଠୁ
ଆଜି ବି ମୁଁ ଚାଲୁଛି ପାଦେ
ହେଲେ ଝୁଣ୍ଟୁଛି ଦୁଇଥର
ଆମ ଚିହ୍ନା ରାସ୍ତାରେ !
ଭାଗେ ଖାଇଲେ ଦଶ ଭାଗ ପାଣି,
କିଏ ବା କାହିଁକି ବିଶ୍ୱାସ କରିବ



ଫଟୋ ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ

ଆଜି ବି ଅପେକ୍ଷାର ଗାରଟେ କାଟିଛି
ମୋ କ୍ୟାଲେଣ୍ଡର୍‌ର ଚାରିପାଖରେ ।

ସେ ବୋକା ବୁଝେନା ପ୍ରେମର ଭାଷା,
ତା ଦୁଇ ପଦ ମିଠା ମିଛରେ ମୁଁ କିନ୍ତୁ ଭୋଗିଯାଏ ଲକ୍ଷେ ଜହ୍ନରାତି
ତା ପଦିଏ ନିନ୍ଦାରେ ମୁଁ
କାଚଘର ପରି ଭାଙ୍ଗୁଥାଏ ପ୍ରତିଥର ।

ଆଗରୁ କହିଛି
ସମ୍ପର୍କର ଏ ଲୁଚକାଳି ଖେଳ ଖୁଉବ୍
ଭଲ ଲାଗେ ମୋତେ,
ସବୁଥାଏ ପୁଣି ଜମାରୁ ନଥାଏ
ଫି'ଥର ଭାଙ୍ଗିବା
ପୁଣି ଝାଡ଼ି ଝୁଡ଼ି ହେଇ ନିଜକୁ ସଜାଡ଼ିବା
ମୋର ସହଜାତ ପ୍ରବୃତ୍ତି,
କେମିତି ବା ଏଥିରୁ ମୁଁ ବାଦ୍ ଯିବି ?

ସମ୍ପର୍କର ଗାଳିଚାରେ ଯେବେ ବିଛେଇ ସାରିଛି ମୋ ବିଶ୍ୱାସର ସଜଫୁଲ,
ସହର ଜଳିଲେ
କି ଜଳିଲେ ହୃଦୟ
ମୋତେ କି ଭେଦିପାରେ କଣ୍ଟାର ଦହନ !

ସେ ଦେଇଥିବା କଥା ଆଜି ପାଣିର ଗାର,
ତଥାପି ମୁଁ ଜାଣେ,
ସେ ଫେରିବ
ଦିନେ ଫେରିବାକୁ ସେ ବାଧ୍ୟ
ରାତି, ରତି, ଋତୁ, ଜରା,ଜନ୍ମ-ମୃତ୍ୟୁ ପରି
ତା'ର ଫେରିବାଟା
ସତ୍ୟ ସତ୍ୟ ସତ୍ୟ
ତ୍ରିବାର ସତ୍ୟ ।

ସହଦେବଖୁଣ୍ଟା, ବାଲେଶ୍ୱର-୭୫୬୦୦୧
ଫୋନ: ୭୭୮୯୭୭୨୭୬



▲ ଚିତ୍ର : ଶିଳ୍ପୀ ସ୍ନିଗ୍ଧା ତ୍ରିପାଠୀ

# ଡାହାଣୀ


## ଡକ୍ଟର ମମତା ସାହୁ


ଗୋଟେ ସରୁନଥିବା ରାତି
କାହାଣୀ ହୋଇପାରେ
ମରି ପାରୁନଥିବା ସ୍ତ୍ରୀଲୋକ ଡାହାଣୀ
ଏବେ ରାତିରେ ରତି ନାହିଁ କି
ରତିରେ ରାତି
ଝରକା ଫାଙ୍କରେ
ଦରମଲା ଜହ୍ନ ମାଗୁଛି ସୁରତୀ
ପଦିଆନା ସିଲଟରେ ଶୂନ୍ ଲେଖି
ଜୀବନକୁ ମୁଣ୍ଡୁଳି ଭାବୁଛି

ସେ କହୁଥିଲା !
ତାକୁ ସେ ଦେଖେ
ହୁତୁହୁତୁ ନିଆଁରେ
ତା ଗୋଡକୁ ଜାଳିଦେଇ
ସେ ଛୁଆକୁ ସେକେ
ଗେଲ କରେ
କୁଆଁତାରା ଫୁଟିବା ଫୁଟିବା ହେଲେ
ତା ଅନ୍ତନାଡି ଦୁହିଁ ଖାଏ
ସକାଳର ଟେଣ୍ଟିଆ ପିଠିରେ ଉଡିଯାଇ ଦୁଆରେ ପଶେ

ସେ ଗୋଟେ ସ୍ତ୍ରୀଲୋକ
ଯିଏ ନିଃଶବ୍ଦ ରାତିରେ
ଦୁଃଖକୁ ଫେଣ୍ଟାଏ ପବନରେ
ଅବସୋସକୁ ବିଞ୍ଚିବାକୁ ଯେଉଁ ରାସ୍ତା ଧରେ
ସେଇଠି ତା ଠିକଣା ଝୁଲୁଥାଏ
ଦୂର ବତୀଖୁଣ୍ଟର ଶେଷ ଆଲୁଅରେ

ତା ଇତିହାସ ତାକୁ ଜଣା
ଭୂଗୋଳ ବି ...
ଗୋରା ତକତକ ଦେହ
ଖଣ୍ଡାଧାର ନାକ
ଟଣା ଟଣା ଆଖି
ଯେ କେହି ଶୁଣେ ପଡେ ତୋ ପ୍ରେମରେ
ହେଲେ ସାବଧାନ୍
ଶୋଷକୁ ପାଣି
ସ୍ୱପ୍ନକୁ ନିଦ
ସ୍ୱରକୁ ଧ୍ୱନି
ଭଳି, ତା ପ୍ରେମ ତୁମକୁ ଲୁଟ୍ କରିପାରେ ।

ଫି ରାତି ନୂଆ ଗପ
ନୂଆ ଅନ୍ଧାରରୁ ସେ ଝରେ
ସବୁ ମୌନୀ ବର୍ଷାଝରା ରାତି
ପଦିଆନା ତା' ପାଇଁ ସାରେ
କାଳେ ରହିଗଲା କି ?
ତା ପାଦଖୋଳର ଚିହ୍ନ
ଓସ୍ତାଦୀ ପଣର
କଳଙ୍କ ଛଡାଇବ ବୋଲି
ହାତରେ ମାଲିସ୍ କରି
କାଦୁଅକୁ ପଲସ୍ତରା କରେ ।


♥ ଅଧ୍ୟାପିକା: ସମାଜ ବିଜ୍ଞାନ, ଜମ୍ବୁବତୀ ନିବାସ
ଜଗନ୍ନାଥପୁର, କଲେଜ ଛକ, ଭଦ୍ରକ, ଫୋନ: ୯୮୬୧୧୫୩୩୬୪




▶ ଡ଼. ମମତା ସାହୁ

# ନାରୀ : ଏକ ସମ୍ଭାବନା

## ଶୁଭଶ୍ରୀ ଦାଶ

ମୁଁ ଶିଖୁଛି ଜୀବନର ଦୋଛକିରେ
ଛାଇଆଲୁଅର ଲୁଚକାଳି ଖେଳ ଭିତରେ
ବର୍ତ୍ତମାନରେ ଅବର୍ତ୍ତମାନର
ଫେଣ୍ଟାଫେଣ୍ଟି ମିଶ୍ରିତ ରାଗିଣୀରେ
ନୈରାଶ୍ୟ ଆଉ ସମ୍ଭାବନାର ଉର୍ମି ନେଇ
ଜୀବନର ଉପକୂଳରେ ।

ମୁଁ ଡୁବୁଛି ଚେତନାର ମହାଦ୍ରୁମରେ
ଭାବର ନୈବେଦ୍ୟ ବାଢୁଛି
ଆଲୋକିତ କରୁଛି ମମତ୍ୱକୁ
ଜୀବନର ଅର୍ଘ୍ୟଥାଳିରେ
ପ୍ରୀତିପୁଷ୍ପ ସମର୍ପି ଦେଉଛି
ଏ ସୁନ୍ଦର ସୃଷ୍ଟିର ସୃଜନକର୍ତ୍ତାଙ୍କ
ଚରଣ କମଳରେ ।

ମୁଁ ଭିଜୁଛି ଜ୍ୟୋତ୍ସ୍ନା ବିଧୌତ ରଜନୀରେ
ପବିତ୍ର ପ୍ରେମର ବୈଭବରେ
ଐଶ୍ୱରୀୟ ସତ୍ତାର ସାନ୍ନିଧ୍ୟରେ
ଅନୁରାଗର ବର୍ଷାରେ
ମୃଦୁ ମଳୟର ସ୍ପର୍ଶରେ ।

ମୁଁ ନାରୀ !
କାଳର କରାଳ ଚକ୍ରକୁ ଭେଦି ମୁଁ ସାଜୁଛି
ଅଗ୍ନିସମ୍ଭୂତା ଯାଜ୍ଞସେନୀ
ଋଦ୍ଧିମନ୍ତ କରୁଛି ଜଗତକୁ ଜ୍ଞାନର ମହାଶିଖାରେ
ସର୍ବଂସହା ଧରିତ୍ରୀ ମୁଁ ଜୀବନକୁ ପ୍ଳାବିତ କରୁଛି
ପ୍ରେମର ଅମୀୟ ଧାରାରେ
ଚଳଚଞ୍ଚଳ କଳକଳ ନାଦରେ
ପ୍ରାଣର ସଞ୍ଚାର କରୁଛି ଜନମାନସରେ ।

♥ ଶ୍ରୀକଣ୍ଠପୁର, ବାଲେଶ୍ୱର-୭୫୬୦୦୧,
ଫୋନ: ୯୪୩୭୫୧୩୮୬୫



▲ ଚିତ୍ର : ଶିଳ୍ପୀ ଅନନ୍ୟା ମଙ୍ଗରାଜ

# କେହି ଜଣେ

## ଶୁଭଶ୍ରୀ ମହାରଣା

ନିଜକୁ ଲହୁଣି ପରି
କୋମଳ କରିବି ଭାବିଲା ବେଳକୁ
ପଥର ପାଲଟାଇ ଦିଏ କେହିଜଣେ,
ନିଜକୁ ଲୁଣ ପରି
ଅପରିହାର୍ଯ୍ୟ ହେବି ଭାବିଲା ବେଳକୁ
ନିର୍ମୂଳି ପରି ଅଲୋଡ଼ା କରିଦିଏ କେହିଜଣେ ।

ସମ୍ପର୍କର ସୂର୍ଯ୍ୟ ଉଦୟ ହେବା ପୂର୍ବରୁ
କେହିଜଣେ ପରାଗକୁ ପାଛୋଟି ଆଣେ
ଅତୀତକୁ ସମାଧି ତଳେ ରଖିଦେଇ
ସ୍ମୃତିକୁ ଫୁଲ କରି ଢାଳିଦିଏ ତା' ଉପରେ ।

ଧୀରେ ଧୀରେ ଘୋଟି ଆସେ ଅନ୍ଧାର
ରୁନ୍ଧି ପକାଏ ଛାତିରୁ ଆଖି ପର୍ଯ୍ୟନ୍ତ
ଅସଂଖ୍ୟ ପ୍ରଶ୍ନବାଚକ ଚିହ୍ନକୁ
ଏଡ଼ାଇ ଯାଇ ହୁଏନି ବୋଲି ତ
ମୁଁ ମୁଣ୍ଡ ପୋତି ଠିଆ ହୁଏ
ଚତୁର୍ଥ ଶ୍ରେଣୀ ଆଜ୍ଞାଧୀନା ଛାତ୍ରୀ ପରି
ମାଡ଼ର ଭୟରେ
ଯଦିଓ ଦଣ୍ଡମୁକ୍ତ ଅଞ୍ଚଳରେ ।

ସେ କେହିଜଣେ ହିଁ
କାଲି କହୁଥିଲା,
ମୁଁ କୁଆଡ଼େ ତା'ର କଳିଜାର ଟୁକୁଡ଼ା


ତା' ଏକାନ୍ତ ଇଚ୍ଛାର ଈଶ୍ୱରୀ
ମୋ ତଥାସ୍ତୁରେ ହିଁ
ତା' ଇଚ୍ଛା କୁଆଡ଼େ ଫଳବତୀ ହୁଏ ।

ହେଲେ ଆଜି ...
ତା' ରକ୍ତରେ ମୁଁ ଚିମୁଟାଏ
ବିଷ ପାଲଟି ଯାଇ
ଶିରା ପ୍ରଶିରାରେ ଅନବରତ ବହି ଚାଲିଛି ।
ଯେତିକି ମୋର ବିସ୍ମୃତି
ତା'ଠୁ ଅଧିକ ବିସ୍ମୃତି ଘଟୁଛି ।

ଅବଶ୍ୟ,
ପ୍ରେମରେ ବିସ୍ମୃତି କିଛି ଖରାପ ନୁହେଁ
ତା'ର ମୋ ପ୍ରତି ଏ ଅବହେଳାକୁ
ମୁଁ ମନେରଖିବା ଆଦୌ ଆବଶ୍ୟକ ନୁହେଁ ।

ଏମିତିରେ ତ ସେ ଉଇ ପରି
ଚରି ଯାଇଛି ମୋର ସର୍ବାଙ୍ଗରେ
ମୁଁ ଯାହା ପୁରୁଣା,
ହଳଦିଆ ପଡ଼ି ଯାଇଥିବା,
ଧରୁ ଧରୁ ଛିଡ଼ି ଯାଉଥିବା,
ପୁଳେ କାଗଜ ହୋଇ ପଡ଼ି ରହିଛି
ମୋଟା ବାଇଣ୍ଡିଙ୍ଗ୍‌ର ଖୋଳପା ଭିତରେ ।

♥ ଶିକ୍ଷୟିତ୍ରୀ, ବିଦ୍ୟାନାସୀ, କଟକ,
ଫୋନ: ୯୮୬୧୦୭୩୭୩୦



▲ ଫଟୋ ଶୁଭଶ୍ରୀ ଦାଶ



▲ ଫଟୋ ଶୁଭଶ୍ରୀ ମହାରଣା

# ଭୟ


## ଅମ୍ରିତ ରତୁରାଜ


ଛୋଟବେଳେ ଭୟ ଲାଗୁଥିଲା
ଦୁଷ୍ଟ ହେଲେ ଥାପଡ ଖାଇବାର
ଆଣ୍ଠେଇବା ଆରମ୍ଭ ବେଳେ
ଝୁଣ୍ଟିକି ପଡିଯିବାର
ଝିଟିପିଟି ସର୍ ସର୍ କରି
କାଂଥରେ ଗୁରୁଣ୍ଡି ହଉଥିବାର
ରାତିରେ ହଠାତ୍ ବତୀ ଚାଲିଯିବାର
ଭୟ ଲାଗୁଥିଲା
ଅଳ୍ପ କାଠୁଆ ସେରେଲାକ୍ ତଂଟିରେ
ଲାଗିଯିବାର

ତା' ପରେ ଭୟ ଲାଗିଲା
ସିଲଟରେ ଭୁଲ୍ ଆଡେ
ଖଡି ଗାରେଇ ଦେବାରେ
ପଣିକିଆ ଭୁଲ୍ କହିଦବାର
ଖେଳଛୁଟି ବେଳେ କଣ୍ଢେଇ କୋଳି
ତୋଳୁ ତୋଳୁ ଡେରିରେ
ଶ୍ରେଣୀରେ ପହଂଚିବାର
କାଦୁଅରେ ନିଜ ଇଚ୍ଛାରେ
ଚପଲ ଜୁଡୁବୁଡୁ କରି
ଘର ବାରଣ୍ଡା ମଇଳା କରିବାର

ପୁଣି ଆଗକୁ ଭୟ ଲାଗିଲା
ଉତ୍ତର ଖାତାରେ ମିଳୁଥିବା
ନାଲିଛକି ଗୁଡା ଉପରେ
ଶନିବାର ସକାଳିଆ ସ୍କୁଲ୍ ଗଲାବେଳେ
ସାହି ମୁଂଡର ମାଟିଆ କୁକୁର ଉପରେ
ଅନ୍ଧାର ରାତିରେ କିଏ ଭିଡିକି
ଜଂଗଲ ଭିତରକୁ ଟାଣି ନେବାର ଡର
ବାରମ୍ୱାର ବହିପତ୍ର ନ ଖୋଲିବାର ଭୟ
ଅପରାହ୍ନ ଛୁଟିଦିନରେ
ବେଶି ସମୟ ବାଟି ଖେଳିଲା ପରେ
ଘରୁ ଗାଳିମଂଦ ଖାଇବାର ଭୟ

ତା' ପରେ ଭୟ ଲାଗିଲା
ମେଂଚା ମେଂଚା ସ୍ୱପ୍ନର
ଖାତା,କାଗଜ,କଲମ,ନମ୍ବର
ଭୟ ଲାଗିଲା ପ୍ରତିଯୋଗିତାର
ଆଗକୁ ହବାକୁ ଥିବା ଚାହି ଟାପରାର
ନଦୀ,ପାହାଡ ଦେଖି ଆଉ ଉତ୍ସୁକତା
ହେଉନଥିବା ମନକୁ ଭୟ ଲାଗିଲା
ଆଖପାଖରେ ପରିଶ୍ରମ କରୁଥିବା
ପିଲାମାନଂକୁ ଦେଖି ଭୟ ଲାଗିଲା
ରୋଲ୍ ମଡେଲ୍ ଭଳି
ପ୍ରତିପାଦିତ କରିଥିବା
ଡାକ୍ତର, ଯନ୍ତ୍ରୀଂକୁ ଦେଖି ଭୟ ଲାଗିଲା
ବାପାଂକ ଅବସୋସ ଘେରା ଆଖି
ଭାଂଗିବାକୁ ଗୋଡ ବଢଉଥିବା
ସ୍ୱପ୍ନର କାଚ ଗ୍ଲାସ୍ ଦେଖି ଭୟ ଲାଗିଲା

ଏବେ ସେ ସ୍ୱପ୍ନ ସବୁ ଆଉ ତ୍ରସ୍ତ କରୁନାହାନ୍ତି
ହଇରାଣ କରୁନାହାନ୍ତି ଅଧରାତିରେ
ଅଧା ଚିତ୍କାର କରି ବିଳିବିଳଉ ନାହାନ୍ତି
ସେ ପୂରଣ ହେଇଗଲା
ଆଉ କ'ଣ ଡରିବାକୁ କିଛି ନାହିଁ
ଭୂତ ଓ ଅନ୍ଧକାର ତ କେବେ
ଭୟଂକର ବି ଲାଗି ନାହାନ୍ତି

ହଁ ଏବେ ଡର ଲାଗୁଛି କୋଉ ବି ମଣିଷ
ହସି ଦେଉଥିବା,ଦି ପଦ କଥା କହୁଥିବା
ନୂଆ ସ୍ୱପ୍ନର ଇମାରତ୍ ଦେଖଉଥିବା
ଉନ୍ନତି ପାଇଁ ପ୍ରତିଶ୍ରୁତି ଦେଉଥିବା
ପକ୍କା ଘରର ଆଶା ଦେଉଥିବା
ପୁରୁଣା କାଗଜକୁ ପୋଡି ଦେଉଥିବା
ସ୍ମୃତିକୁ ଯାବଜ୍ଜୀବନ
ଅଣସର ଘରେ ଫିଂଗି ଦେଉଥିବା
ଦିଶୁନଥିବା ଘା' ସତେଜ କରି ଦଉଥିବା
ଇଏ ସବୁ ମଣିଷଠୁ ବହୁତ ଡର ଲାଗୁଛି
ବହିର ପୃଷ୍ଠା ଭିତରେ ଭୟ ଲାଗୁନଥିବା
ମଣିଷ ନିଶ୍ଚେ କିଛି ମିଳିବେ
ସେଠି ବହି ବାଛିବାର ଅଧିକାର ଅଛି
ଯାହାର ଚରିତ୍ର ଦେଖି
ନିଦ ଅଧାରୁ ଭାଂଗିବନି କି
ସାଇତା ସ୍ୱପ୍ନ ପର୍ଣ୍ଣମୋଚୀ ଗଛର
ପତ୍ର ଭଳି ଛଟପଟ ହଉନଥିବେ

ମଣିଷ ମାନଂକ ଏତେ ତୀବ୍ର ଭୟ ଭିତରେ
ଆଉ ଗୋଟେ ଜିନିଷ ଟିକେ ବି ଡରେଇ ପାରୁନି
ସେଇଟା ମରିଯିବାର ଭୟ
ଖାଲି ରକ୍ତ ମାଂସ ହିଁ ତ ପାଉଁଶ ହେବ
ସେ ସବୁ ଆଗରୁ ବହୁତ ଭୟର ଆଘାତ ପାଇଛନ୍ତି
କେତେ ନିର୍ଜନ ପକ୍ଷାଘାତ ସହିଛନ୍ତି
ଛଳନାର ପ୍ରହେଳିକାରେ ଲହୁଲୁହାଣ ହେଇଛନ୍ତି
ନିଜେ ଶବର ଅଂଶବିଶେଷ ପାଲଟିଲେ
ତାଂକୁ ସେ ଭୟ ଆଦୌ ହିଁ ନାହିଁ ।


ଗରାପୁର ଛକ, କେନ୍ଦ୍ରାପଡ଼ା-୭୫୪୨୧୧
ଫୋନ: ୯୪୩୮୪୦୮୬୦୮





ଚିତ୍ର : ଶ୍ରୀ ସମିତା ପାଣିଗ୍ରାହୀ



ଛବି ଅମ୍ରିତ ରତୁରାଜ


SMiLE GOLD
Agarbati
JHPPL
SMiLE
SMiLE
900
AN ISO 9001:2008 Certified
Since : 20years
Our Product
SMiLE
SANITISER
White Phenyle
SMiLE GOLD
ROSE
BLACK DIMOND
NEEM GOLD
MALLI GOLD
LEMON GOLD
Rose Gold
Jayadurga Homecare Products Pvt. Ltd.
Mancheswar, Bhubaneswar
Customer Care : 9861049796, 9238349796

# ଗୋଟେ ଚମ୍ପାଗଛର ଆତ୍ମକାହାଣୀ



# ଗୋଟେ ଚମ୍ପାଗଛର ଆତ୍ମକାହାଣୀ


## ଶୁଭଶ୍ରୀ ଶୁଭସ୍ମିତା ମିଶ୍ର

ଫ୍ଲାଟ୍ ନମ୍ବର-୨୦୬, କୁସୁମ ବାଟିକା ଆପାର୍ଟମେଣ୍ଟ,
ଶତାବ୍ଦୀ ନଗର, ଭୁବନେଶ୍ୱର-୭୫୧୦୦୩,
ଫୋନ: ୯୮୬୧୭୮୮୯୯୯
ଚିତ୍ର: ସୁସ୍ମିତା ମିଶ୍ର


**ସେଦିନ ଥିଲା ଚୈତ୍ର ମଙ୍ଗଳବାର । ଶାଶୁଙ୍କର ଉପବାସ ! ତେଣୁ ତାଙ୍କ ପାଇଁ ବାଦାମ ଖିର ତିଆରି କରି ରଖିଲା ଉଦିପ୍ତି । ମନ୍ଦିରରୁ ଫେରିଲେ ତାଙ୍କୁ ଜବରଦସ୍ତ ପିଆଇ ଦେବାକୁ ହେବ । ନହେଲେ ପୁରାଦିନ ସେ ସେମିତି ରହିଯିବେ । ଏଇ ବର୍ଷେ ହେଲା ସେ ତାଙ୍କୁ ବାଧ କରି, ଅଳି କରି ନହେଲେ ଆଖି ଦେଖାଇ ଚୈତ୍ର ମଙ୍ଗଳବାରରେ କିଛି ପିଆଏ ! ଅନେକ କଷ୍ଟରେ ଅତି ଅଳ୍ପ କିଛି ଖାଆନ୍ତି ସେ, ଏତକ ସେ ନିଜେ କରେ । ମେଡ୍ ଉପରେ ଛାଡେନା ।**



▶ ଲେଖିକା ଶୁଭଶ୍ରୀ ଶୁଭସ୍ମିତା ମିଶ୍ର

ଗଛମାନେ ଯଦି କଥା କହି ପାରୁଥାନ୍ତେ, ତେବେ କଣ କୁହନ୍ତେ ?

– ମୋତେ କାଟିବା ଆଗରୁ ଥରେ ଭବିଷ୍ୟତ ବିଷୟରେ ଭାବ୍ ମୂର୍ଖମଣିଷ । ମୁଁ ଅମ୍ଳଜାନର ସ୍ରୋତ, ମୁଁ ହିଁ ତୁମ ଜୀବନ ନାଟିକା ! !

ଏମିତି ନା ଅତି କୋମଳତାରେ ହାତ ଯୋଡନ୍ତେ ସେମାନେ !

ଉଦିପ୍ତିର ବାରମ୍ବାର ମନେପଡେ ବୋଉ କହିଥିବା ଗୋଟେ ଗପ । ଗଛର ଅନେକ କିଛି ଦେବାର ପ୍ରତିଦାନରେ ମଣିଷ ଶେଷରେ ତାକୁ ଜଳେଇ ନିଆଁ ପୋଇଁଥିଲା !

ଡାକ୍ତରମାନଙ୍କ ପାଖରେ ଅତ୍ୟଧିକ ସମ୍ବେଦନଶୀଳତା ଶୋଭା ପାଏନା । କେଜାଣି କୋଉ ଫିଲୋସଫର୍ ଏତକ ଲେଖିଥିଲା ଆଉ କୋଉ ଗ୍ରନ୍ଥରେ !

ଦିନଚର୍ଯ୍ୟାରେ କେତେବେଳେ ସକାଳରୁ ରାତି ଆଉ ରାତି ପାହି ସକାଳ ହୁଏ,ଏ ସବୁର ହିସାବ ଅନେକ ଦିନରୁ ରଖିବା ଛାଡି ସାରିଲାଣି ଉଦିପ୍ତି ! ରାଘବଙ୍କ ସହ ତାର ବିଚ୍ଛେଦ ପରେ ସେ କେବଳ ଘରୁ ଜାହ୍ନବୀର ସ୍କୁଲ ଆଉ ପରେ ତାର କର୍ମକ୍ଷେତ୍ର ହସ୍ପିଟାଲକୁ ଯାଏ । ଆଉ ଫେରେ ଘରକୁ । ତାର ମେଡ୍, ଡ୍ରାଇଭର୍ ସହ ଯାଇ ଝିଅକୁ ସ୍କୁଲ୍‌ରୁ ଆଣେ । ଏକ ପ୍ରେମ ବିବାହର ମାତ୍ର ଛଅ ବର୍ଷ ପରେ ତାର ବିଚ୍ଛେଦ ହେବା ଆଉ ବିଚ୍ଛେଦର କାରଣର ଉତ୍ତରରେ ଉଦିପ୍ତିର ମୌନତାକୁ କେହି ସହଜରେ ଗ୍ରହଣ କରି ପାରନ୍ତି ନାହିଁ । ନାରୀଟେ ବିବାହ ପରେ ତାର ସ୍ୱତନ୍ତ୍ରତା ହରାଇ ଦିଏ ବୋଲି ବୋଧେ ଏକ ପ୍ରଚ୍ଛନ୍ନ ବିଶ୍ୱାସଟେ ରହିଥାଏ ଏ ସମାଜର ।

ସହଜେ ତାର ପିତା ପ୍ରସନ୍ନ କୁମାର ମିଶ୍ର ପ୍ରଥମରୁ ଏ ବିବାହର ସପକ୍ଷରେ ନଥିଲେ, କାରଣ ଜାତି ଓ କୁଳ ! ରାଘବ ଜାତିରେ ବୈଶ୍ୟ ଆଉ ଏତେ ଭଲ ଥିଲାବାଲା ଘରର ବି ନୁହଁନ୍ତି । ଏଇଟି ହିଁ ତାଙ୍କ ବିବାହର ବିରୁଦ୍ଧରେ ପ୍ରଥମ କାରଣ ଥିଲା । ନହେଲେ ରାଘବ ପରି ଜଣେ ଫରେନ୍ ଫେରନ୍ତା ଡାକ୍ତର ପାଇଁ ଝିଅର ଅଭାବ ନଥିଲା । ରାଘବ ଉଦିପ୍ତିର ଉପର ବ୍ୟାଚ୍‌ର, ଫ୍ରେସର୍ସର ପ୍ରଥମ ଦିନରେ ହିଁ ରାଘବଙ୍କ ବ୍ୟକ୍ତିତ୍ୱ ଉପରେ ହୃଦୟ ହାରି ଥିଲା ଉଦିପ୍ତି । ପରେ ପରେ ପ୍ରାୟ ଚାରି ବର୍ଷ ସେମାନଙ୍କ କ୍ୟାମ୍ପସ୍ ଲାଇଫ୍ ଥିଲା ଖୁବ୍ ପ୍ରେମମୟ । ଏମ୍‌ଡି ପରେ ରାଘବ ବିଦେଶରେ ପଢିବାକୁ ଚାଲିଗଲେ ଆଉ ଉଦିପ୍ତି ନିଜର ପାଠ ଏଇଠି ସାରିଲା । ଫେରିଲା ପରେ ବିବାହ । ଅନେକ ପ୍ରତିକୂଳତା ସତ୍ତ୍ୱେ ସେମାନେ ବିବାହ କଲେ ବୈଦିକ ରୀତିରେ । ନୂଆ ବିବାହର ଦିନ ଗୁଡିକ ଥିଲା ସ୍ୱପ୍ନଠୁ ସୁନ୍ଦର । ପକ୍ଷୀରାଜର ଘୋଡାର ଡେଣାରେ ଉଡିଗଲା ଦୁଇବର୍ଷ । ଜାହ୍ନବୀ ପେଟରେ ରହିବା ପରେ ରାଘବ ଓ ଉଦିପ୍ତିର ପିତା ପ୍ରସନ୍ନ କୁମାର ମିଶ୍ରଙ୍କ ଭିତରେ ଦୂରତା ଟିକେ କମି କମି ଆସିଥିଲା । ଯିବା ଆସିବା ବଢିଥିଲା ପରସ୍ପର ଘର ଭିତରେ । ଛୋଟ ବେଳରୁ ରାଘବ ଥିଲା ପିତୃହୀନ । ବିଧବା ମାଆ ପୁଅ ଅପେକ୍ଷା ବୋହୂକୁ ବରଂ ବେଶି ଭଲପାଉ ଥିଲେ । ଜାହ୍ନବୀର ଜନ୍ମବେଳେ ତାକୁ ଗୋଡେ ଗୋଡେ ଜଗୁଥିଲେ । ଯତ୍ନ ନେଉଥିଲେ ନିଜ ଝିଅ ପରି । ଏତେ ସ୍ନେହ ଆଦର ଭିତରେ ବି ତାର ପ୍ରସବ ଥିଲା ଅତ୍ୟନ୍ତ ପୀଡାଦାୟକ । ଉଦିପ୍ତି ନିଜେ ଅନୁଭବିବାକୁ ଚାହୁଁଥିଲା ଜନନୀ ହେବାର ଅନନ୍ତ ପୀଡାକୁ ! ସିଜରିଆନ୍ ପାଇଁ ମୂଳରୁ ମନାକରି ଦେଇଥିଲା ସେ । ସମ୍ପୂର୍ଣ୍ଣ ଦଶଘଣ୍ଟାର ଗର୍ଭଯନ୍ତ୍ରଣା ପରେ ରାଘବଙ୍କ ମାଆ ହିଁ କହିଥିଲେ: "ଆଉ ମୋ ଛୁଆକୁ ଏତେ କଷ୍ଟରେ ଦେଖି ପାରିବି ନାହିଁ, ଆପଣ ଅପରେସନ୍ କରନ୍ତୁ !"

ଓଟି ଭିତରକୁ ଯିବାବେଳେ ବି ବେଶ୍ କାନ୍ଦୁରା କାନ୍ଦୁରା ସ୍ୱରରେ ଅଦୃଶ୍ୟ ଆଡକୁ ହାତ ଯୋଡିଥିଲେ ଶାଶୁ : "ମୋ ଝିଅକୁ ଭଲରେ ଭଲରେ ଉଦ୍ଧାର

**କାହାଣୀ ପଛର କାହାଣୀ**

**ମୋ ପାଇଁ ଗଳ୍ପ ଏକ ଅଦୃଶ୍ୟ ମାନସର କଥା ଆଦୌ ନୁହେଁ । ଖୁବ୍ କମ୍ ଗପ ଲେଖେ ମୁଁ । ସୁନାରେ ଖାଦ ମିଶେଇ ଗହଣା ଗଢିଲା ପରି ମୋ ଗପ ମାନଙ୍କର ଚରିତ୍ରମାନେ ମୋ ଚାରିକଡରେ ପ୍ରେତ ପରି ଘୁରୁଥାନ୍ତି । ସେ କେଉଁ ଏକ ଦୁର୍ବଳ ମୁହୂର୍ତ୍ତ ଯେଉଁଠି ମୁଁ ଗୋଟେ ଚରିତ୍ରକୁ ବା ସମୟକୁ ଗପ କରେ କେଜାଣି ! ! ଅତନ୍ଦ୍ର ରାତିମାନେ ସକାଳର କୋମଳ ସ୍ପର୍ଶରେ ନିଦେଇ ଯାଆନ୍ତି ବିଛଣା ଉପରେ । ଗପଟିଏ ସରିନଥାଏ । ଆଖି ତଳ ଦାଗମାନେ ଆହୁରି ଗାଢ ହୁଅନ୍ତି । ଶେଷସ୍ପର୍ଶ ଦେଉ ଦେଉ ଥରେ ଥରେ ସମୟ ଅନେକ ଆଗେଇ ଯାଇଥାଏ । ଚମ୍ପାଗଛର କଥା କାହିଁକି କିଏ ପଢିବ ଯଦି ମୋତେ ପଚରା ଯାଏ, ତାର ଏକ ନିର୍ଦ୍ଦିଷ୍ଟ ଉତ୍ତର ମୋ ପାଖରେ ନାହିଁ । ଯଦି କେହି ଜଣେ ଏକ ଗପର ଭିତରେ ଚମ୍ପାଫୁଲର ବାସ୍ନା ପାଇବେ ତେବେ ଶ୍ରମ ସାର୍ଥକ । ଦ୍ରବୀଭୂତ ରାତିମାନେ ଆଉଥରେ ଜୀବନ୍ୟାସ ପାଇ ପୁଣି ଆଉ ଗୋଟେ ଗପ ବୁଣିବେ । କଥା ଦେଲି ।**

ଶୁଭଶ୍ରୀ ଶୁଭସ୍ମିତା ମିଶ୍ର

କର ମାଆ ମଙ୍ଗଳା, କଳା ଶାଢି ଚଢେଇବି । ଚୈତ୍ର ମଙ୍ଗଳବାରରେ କାଷ୍ଠା ଉପାସ କରିବି ! !"

ଜନନୀର ଅନନ୍ତ ଓ ଅସୀମ ଯନ୍ତ୍ରଣା କେବଳ ଆଉଜଣେ ମାଆ ଅନୁଭବ କରିପାରେ । ସେଦିନ ଓଟି ବାହାରେ ଦୁଇଟି ମାଆ ହାତ ଧରାଧରି ହେଇ ଭିତରେ ଜଣେ ଆସନ୍ନପ୍ରସବା ଜନନୀ ପାଇଁ, ଦିବ୍ୟ ଜନନୀ ଆଗରେ ଅଧିଆ ପଡିଥିଲେ । ଈଶ୍ୱର ଶୁଣିଲେ କି ନା ଅଜଣା କିନ୍ତୁ ଦୁଇଟି ମାଆର ବିକଳତାରେ ସେଦିନ ଆକାଶ ବି ମୁହଁ ଶୁଖେଇ ପକାଇ ଥିଲା । ବାହାରେ ଅନର୍ଗଳ ଢାଳୁଥିଲା ବର୍ଷା ।

ଜାହ୍ନବୀର ଜନ୍ମ ପରେ ମାଆ ଓ ଝିଅର ସମ୍ପୂର୍ଣ୍ଣ ଦାୟିତ୍ୱ ନେଇଥିଲେ ଶାଶୁ । ଉଦିପ୍ତିର ବୋଉ ଛଳଛଳ ହେଇଯାଆନ୍ତି ! ଏ ଶାଶୁବୋହୂଙ୍କର ଆତ୍ମିୟତାରେ । ଛଅ ମାସର କୁନି ଝିଅର ଦାୟିତ୍ୱ ସମ୍ପୂର୍ଣ୍ଣ ଶାଶୁ ନିଜେ ସମ୍ଭାଳି ବୋହୂକୁ ପଠାଇ ଦିଅନ୍ତି ଡାକ୍ତରଖାନା । କୁହନ୍ତି: "ତୁମେମାନେ ଦ୍ୱିତୀୟ ଈଶ୍ୱର, ତୁମର କର୍ମ ଏକ ମହାନ କର୍ମ । ତୁ କର୍ମ କର୍ ଝିଅ । ତୋ ଝିଅକୁ ପାଳିବାର ଦାୟିତ୍ୱ ଆଜିଠୁ ମୋର । ତୋ ଶଶୁର ଅତି ଅଳ୍ପ ବୟସରେ ମୋତେ ଏକୁଟିଆ କରି ଚାଲି ଯାଇଥିଲେ । ସେବେଠୁ ମୁଁ କେବଳ ମାଆଟିଏ, ଆଉ ମାଆର ଅବସର ନଥାଏ । ମୋତେ ମୋ ନାତୁଣୀର ମାଆ ହେବାକୁ ଦେ' । ତୁ ସେମାନଙ୍କୁ ଦେଖ୍ ଯେଉଁମାନେ ନିଜର ସବୁ କଷ୍ଟକୁ ଧରି ତୋ ପାଖକୁ ଆସୁଛନ୍ତି ।"

ବିଫଳ ହେବା ଖୁବ୍ ଗୋଟେ ବଡକଥା ନୁହେଁ । ମଣିଷ ବିଫଳତାରୁ ହିଁ ସଫଳ ହେବାର ସୂତ୍ର ଖୋଜିନିଏ । ଏସବୁ କଥା ହୁଏତ ଫିଲୋସଫି ବହିରେ ସୁନ୍ଦର । କିନ୍ତୁ ବାସ୍ତବ ଜୀବନରେ ! ମଣିଷ ଅଲବତ ସଫଳ ହେବାକୁ ବାଧ !

ସମ୍ପୂର୍ଣ୍ଣତା ଗୋଟେ ବସ୍ତବ ମିଥ୍ୟା ।

ଏପରି ଏକ ସମ୍ପୂର୍ଣ୍ଣତା ଭିତରେ ବିବାହ ବିଚ୍ଛେଦର ଯେ' କେମିତି ଆଉ କୋଉଠୁ ପଶି ଆସିଲା ସେ କଥା କେହି ବିଶ୍ୱାସ କରି ପାରିଲେ ନାହିଁ । ନିଜେ ଶାଶୁ ମାଆର ସମସ୍ତ ସୋହାଗ ଓ ପ୍ରଚେଷ୍ଟା ନେଇ କାରଣ ଜାଣିବାର ଜିଜ୍ଞାସାରେ ହତାଶ ହେଲେ ସିନା । ଉଦିପ୍ତି କେବଳ ନିଜର ସ୍ପଷ୍ଟ ଉତର ସମସ୍ତଙ୍କୁ ଶୁଣାଇ ଦେଲା 'ତାର ଡିଭୋର୍ସ ଦରକାର' । ରାଘବଙ୍କ ଠୁ ବି ସମସ୍ତେ ନିରାଶ ହେଲେ । ଅତଏବ ସହମତିରେ ସେମାନେ ପରସ୍ପର ଠୁ ଅଲଗା ହେଇଗଲେ । ରାଘବ ଘର ଛାଡିଲା ଦିନ ଶାଶୁ ଦୃଢ ଭାବରେ ଶୁଣାଇ ଦେଲେ ଯେ' ସେ ନିଜର ଝିଅ ଓ ନାତୁଣୀକୁ ଛାଡି ପୁଅ ସହ ଯିବେ ନାହିଁ ଯଦି' ଉଦିପ୍ତିର କୌଣସି ଆପତ୍ତି ନଥାଏ ତେବେ ସେ ତା ସହ ହିଁ ରହିବେ !

ସେଦିନ ହିଁ ଉଦିପ୍ତି ଭୋ ଭୋ ହୋଇ କାନ୍ଦିଥିଲା ତାର ଶାଶୁଙ୍କୁ ଧରି । ସେଇ ଶେଷ ଦିନ ଯେମିତି, ଲୁହମାନେ ଶୁଖି ଯାଇଥିଲେ ଆଖିରେ ! ତା ପରଠୁ ତାର ଆଖି ଗୋଟେ ମରୁଭୂମୀ । ଏତେ ଟିକେ ଜଳକଣାର ସନ୍ଧାନ କେହି ପାଇ ନାହାନ୍ତି ସେହିଦିନ ପରେ ।

ଏକାଠି ଗୋଟିଏ ହସ୍ପିଟାଲ୍‌ରେ କାମ କରୁଥିଲେ ବି ରାଘବଙ୍କ ସହ କେବଳ ପ୍ରଫେସନାଲ୍ ସମ୍ପର୍କ ରଖିଥିଲା ସେ ! ଛଳଛଳ କଳକଳ ନଦୀଟେ ବୋହିବା ଭୁଲି ଯାଇଥିଲା । ନିଜର ସମସ୍ତ ଛଳଛଳ ପଣକୁ ଯେମିତି ଉଦିପ୍ତି ବିସର୍ଜନ କରି ଦେଇଥିଲା ସେଇ ଶେଷ ଥରକର କାନ୍ଦରେ ! ତା ପରଠୁ ସେ କେବଳ ଗୋଟେ ଯନ୍ତ୍ର ! ଆଉ ଯନ୍ତ୍ରର କୌଣସି ଯନ୍ତ୍ରଣା ନଥାଏ !

ସକାଳରୁ ରାତି ସେ କେବଳ ଖଟୁଥିଲା । ଏପରି ଏକ ଯାନ୍ତ୍ରିକ ଜୀବନର ରହସ୍ୟ ସମସ୍ତଙ୍କ ପାଖରେ ଅଜଣା ରହିଗଲା । ମୁଦା ଲଫାପାଟି ପରି କେବେ ବି ନିଜର ସମ୍ପର୍କ ବିଷୟରେ ପାଟି ଖୋଲିଲା ନାହିଁ ସେ । ଘରକୁ ଯିବା ବି କମାଇ ଦେଇଥିଲା ! ନନା ବୋଉ ମଝିରେ ମଝିରେ ଆସନ୍ତି ତା ପାଖକୁ, ବାସ ! ସେ ଗାଁ ଆଡେ ଯାଇନି ପ୍ରାୟ ତିନିବର୍ଷ ହେବ !

ସେଦିନ ଥିଲା ଚୈତ୍ର ମଙ୍ଗଳବାର । ଶାଶୁଙ୍କର ଉପବାସ ! ତେଣୁ ତାଙ୍କ ପାଇଁ ବାଦାମ ଖିର ତିଆରି କରି ରଖିଲା ଉଦିପ୍ତି । ମନ୍ଦିରରୁ ଫେରିଲେ ତାଙ୍କୁ ଜବରଦସ୍ତ ପିଆଇ ଦେବାକୁ ହେବ । ନହେଲେ ପୁରାଦିନ ସେ ସେମିତି ରହିଯିବେ । ଏଇ ବର୍ଷେ ହେଲା ସେ ତାଙ୍କୁ ବାଧ କରି, ଅଳିକରି ନହେଲେ ଆଖି ଦେଖାଇ ଚୈତ୍ର ମଙ୍ଗଳବାରରେ କିଛି ପିଆଏ ! ମଙ୍ଗଳବାରରେ ଶାଶୁଙ୍କର ଥକ୍କା ଥକ୍କା ଚେହେରା ଦିଶିଲେ ନିଜକୁ ଦୋଷୀ ଦୋଷୀ ଲାଗେ । ଅନେକ କଷ୍ଟରେ ଅତି ଅଳ୍ପ କିଛି ଖାଆନ୍ତି ସେ, ଏତକ ସେ ନିଜେ କରେ । ମେଡ୍ ଉପରେ ଛାଡେନା । ଶାଶୁଙ୍କ ପାଇଁ ଅପେକ୍ଷା କରି ଅନ୍ୟମନସ୍କ ଉଦିପ୍ତିର ଧ୍ୟାନ ଭାଙ୍ଗିଲା ଫୋନ୍‌ର କର୍କଶତାରେ !

ଏ ଅସମୟରେ ନନାଙ୍କ ଫୋନ୍ ଦେଖି ଚମକି ପଡିଲା ସେ ! ଦିନ ଦଶଟା ପରେ ଉଠିବା ଲୋକ ସକାଳ ସାତରେ ଫୋନ୍ କରିଛନ୍ତି ? ଫୋନ୍ ଉଠାଇ ହାଲୋ କହୁ କହୁ ସେପଟୁ ଶୁଣିଲା ନନାଙ୍କ ଉଦାସ କଣ୍ଠସ୍ୱର: "ମାଆରେ କୁଳିଆ ଦାଦିର ଦେହ ଭୀଷଣ ଖରାପ ! ତୋତେ ଭାରି ଖୋଜୁଛି, ଆସିକି ଟିକେ ଦେଖି ଯିବୁ କି ? ଆଉ ବେଶିଦିନ ନୁହେଁ ବୋଧେ !"

ଶେଷ ଆଡକୁ ନନାଙ୍କ ସ୍ୱର ବାଷ୍ପିୟ ! ତାର ନନା ଜଣେ ପ୍ରଚଣ୍ଡ ମଣିଷ, ତାଙ୍କର ଏପରି ଅବସ୍ଥାରେ ଗମ୍ଭୀର ହେଇଗଲା ଉଦିପ୍ତି ।

କହିଲା: "କାଲି ଆସୁଛି ନନା ! ଦାଦି ଖାଇ ପାରୁଛି ?"

"ଆଉ ଖାଇ ପାରୁନି, ଯଦି ହବ ଗୋଟେ ହର୍‌ଲିକ୍ସ ଆଣିବୁ ତା ଲାଗି ! ଏତେ ବଡ ମଣିଷଟା କତରାଲଗା ହେଇ ଗଲାଣି ! ! ଦେଖି ହେଉନି ତାକୁ ମାଆ !"

ଆଗକୁ ଆଉ ଶୁଣି ପାରିଲା ନାହିଁ ସେ, ଫୋନ୍ କାଟିଲା ! ସେଦିନ ସମ୍ପୂର୍ଣ୍ଣ ଦିନଟି ସେ ଅନ୍ୟମନସ୍କ ରହିଲା । କାଲି ପାଇଁ ଲିଭ୍ ଆପ୍ଲିକେସନ୍‌ଟି ଡିପାର୍ଟମେଣ୍ଟର ହେଡ୍‌ଙ୍କୁ ମେଲ୍ କରି ଜଲ୍‌ଦି ହସ୍ପିଟାଲ ଛାଡିଲା ସେ । ଘରକୁ ଫେରି ତାର ପରଦିନ ସକାଳୁ ଗାଁକୁ ଯିବା କଥା ଜଣାଇଲା ଶାଶୁଙ୍କୁ ! ଖାଇବାକୁ ଆଦୌ ଇଚ୍ଛା ନଥିଲେ ବି କିଛି ସ୍ମୁଦି( କଦଳୀ, କାଜୁ, ବାଦାମ ଓ କିଛି ମଞ୍ଜିର ମିଶ୍ରଣ) ବନାଇଲା । ଶାଶୁ ନହେଲେ କିଛି ନଖାଇ ସେମିତି ରହିଯିବେ ।

ସ୍ମୁଦି ଗ୍ଲାସ୍ ଧରି ରୁମ୍ ଭିତରେ ପଶିଲା । ଏବେ ବି ତା କାନରେ ପ୍ରତିଧ୍ୱନିତ ହେଉଥିଲା ସକାଳେ ନନାଙ୍କ କହିଥିବା କଥାସବୁ ! ଆଖି ବୁଜିଲା ସେ' କୁଳିଆ ଦାଦି କୁ ମନେ ପକାଇ ! ତାର ବନ୍ଦ ଆଖିର ଅନ୍ଧାର ଭିତରେ ଦେଖାଗଲା ଏକ ଶକ୍ତ, ବଳିଷ୍ଠ, ବପୁମାନ ଦୀର୍ଘ ଚେହେରା । କଳା କୁଞ୍ଚୁକୁଞ୍ଚିଆ କେଶ ସାଙ୍ଗକୁ, ରଜା ପରି ନିଶ । କଳା ମଚମଚ ଦେହରୁ ମାଛି ଖସି ପଡୁଥିବ । ବାହୁ ଓ ପେଟର ମାଂସପେଶୀ ମାନେ ବେଶ୍ ଲୋଭନୀୟ ! କହିବାକୁ ଗଲେ ଆଧୁନିକ ଯୁଗର ସିକ୍ସପ୍ୟାକ୍ ଆବ୍‌ସ୍ !

ଏପରି ଏକ ବଳିଷ୍ଠ ଚେହେରା କୌଣସି କୋମଳ ଶିଶୁଙ୍କ ପାଇଁ ଦୁଷ୍ଟାମୀ ବେଳାରେ ଭୟର କାରଣ ହେଇପାରେ ନିଶ୍ଚିତ ! ସେଇ ଗଭୀର ଅନ୍ଧାର ଭିତରୁ ଭାସି ଆସୁଥିଲା ବୋଉର ସ୍ୱର: "ବୁଢୀ କ୍ଷୀର ପିଇବୁ ନା କୁଳିଆ ଦାଦିକୁ ଡାକିବି !"

ଆଉ ବି ଦିଶୁଥିଲା, ବୋଉର କଥା ଶେଷ ନହେଉଣୁ ଗୋଟେ ୭/୮ ବର୍ଷର କୁନିଝିଅ ଢକ ଢକ କରି କ୍ଷୀର ଗ୍ଲାସ୍ ଖାଲି କରିଦେବାର ଦୃଶ୍ୟ ! ଏଇ ଗଭୀର ଅନ୍ଧାର ଭିତରୁ ଆଉ ଟିକେ ଦୂରରୁ ଶୁଭୁଥିଲା ଗୋଟେ ଶାନ୍ତ, ସଶକ୍ତ ଓ ଗମ୍ଭୀର ସ୍ୱର: "ଝୁମୁରୀ, ମାଆରେ ଜଲ୍‌ଦି ଖାଇଦିଅ ନହେଲେ ଅନ୍ଧାର ଘୁଡୁଘୁଡି ଆସିବ ! !"

କୁଳିଆ ଦାଦି ତାକୁ ଝୁମୁରୀ ଡାକୁଥିଲା, କାହିଁକି ? ସେ ତ କେବେ ପାଉଁଜି ପିନ୍ଧୁ ନଥିଲା ?

ସବୁ ପିଲାମାନଙ୍କ ଭିତରେ ଦାଦି ତାକୁ ସବୁଠୁ ଅଧିକ ଭଲ ପାଉଥିଲା ! ସମଗ୍ର ପରିବାର ସେ ସେ ଏକମାତ୍ର ଝିଅ । ବାକି ସମସ୍ତଙ୍କର କେବଳ ଗୋଟେ ଯୋଡିଏ ପୁଅ ! ଆରେ କୁଳିଆ ଦାଦିର ବି ଚାରୋଟି ଯାକ ସନ୍ତାନ ପୁଅ ଥିଲେ ! !

ପରଦିନ ଖୁବ୍ ସକାଳୁ ସେ ଗାଁ ଅଭିମୁଖେ ବାହାରି ଗଲା ! ଗତଦିନର ତାର ଅନ୍ୟମନସ୍କତା ଦେଖି ଶାଶୁ ତାକୁ ଡ୍ରାଇଭର୍‌କୁ ସାଙ୍ଗରେ ନେବାକୁ କହିଲେ, "ଚାରି ବର୍ଷର ଏଲକେଜିରେ ପଢୁଥିବା ଝିଅ ଦିନେ ସ୍କୁଲ୍ ନଗଲେ ପୃଥିବୀ ପ୍ରଳୟ ହେଇ ଯିବନି", ପରି ଯୁକ୍ତି ଆଗରେ ହାର୍ ମାନିଲା ସେ । ଅତଏବ ଡ୍ରାଇଭର୍ ସହ ସେ ଗାଁ ଉଦ୍ଦେଶ୍ୟରେ ବାହାରି ଗଲା । ଭୁବନେଶ୍ୱର ଠୁ ତାର ଗାଁ ଶହେ

କିଲୋମିଟର । ପିଲାଦିନର କଥା ସବୁ ଗୁଡେଇ ତୁଡେଇ ହେଉଥିଲେ ତାର ସ୍ମୃତିରେ !

ଜମିଦାର ବାଳକୃଷ୍ଣ ମିଶ୍ରଙ୍କ ପ୍ରଥମ ସନ୍ତାନ ଥିଲା ଜଣେ କନ୍ୟା, ତାଙ୍କ ପ୍ରଥମ ସ୍ତ୍ରୀଙ୍କ ଗର୍ଭରୁ । ଝିଅଟି ଜମାରୁ ଲାବଣ୍ୟମୟୀ ନୁହେଁ, ବରଂ ଅଳ୍ପ ପୁରୁଷଙ୍କ ପରି ଚେହେରା ତାର । କନ୍ୟା ସନ୍ତାନକୁ ଜନ୍ମନେଇ ମିଶ୍ରେଙ୍କ ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁ ହେବା ପରେ ତାଙ୍କର ଦ୍ୱିତୀୟ ବିବାହ ଗଙ୍ଗାଦେବୀଙ୍କ ସହ ହେଲା । ନାଁ ପରି ଗଙ୍ଗା ଥିଲେ ଅତ୍ୟନ୍ତ ସୁନ୍ଦରୀ ତଥା କୋମଳ ହୃଦୟା । ତେଣୁ ତାଙ୍କ ପିଲାମାନେ ରୂପବାନ ହେବା ସ୍ୱାଭାବିକ । ପ୍ରଥମ ପକ୍ଷର କନ୍ୟା ସୁନ୍ଦରୀ ନଥିଲେ ବି ତାଙ୍କ ଆଖି ଥିଲା ଆକର୍ଷଣୀୟ ଓ ମୁଣ୍ଡରେ ମୁଣ୍ଡେ କଳା ମଚମଚ ବାଳ । ସାବତ ମାଆ ଗଙ୍ଗା କୌଣସି ଦିନ ବଡ ଝିଅକୁ ଅଲଗା କରି ଦେଖି ନାହାନ୍ତି । ବଂର ତେଲ, ହଳଦୀ, ବେସନ ଆଉ ଲହୁଣୀ ଲଗାଇ ଗାଧୋଇ ଦେବା ପରେ, ଭିଡିକି ଗୋଟେ ଲମ୍ବା ବେଣୀ ପକାନ୍ତି ତାର କଳା ମଚ ମଚ ବାଳରେ । ଆଉ କଳା ଟିପେ ଲଗାଇ ଦେଇ କୁହନ୍ତି: "ମୋ ବସୁମତିର ଏ ପୋଟଳ ଚିରା ଆଖି ଓ ଲମ୍ବା ବାଳକୁ ଭଲା କିଏ ସରି ହେବ ବା! ଥୁ ଥୁ ଥୁ । ନଜର ନଲାଗୁ ମୋ ଝିଅକୁ !"

ତାଙ୍କ ମମତ୍ୱ ସତ । ବସୁର ଡଉଲ ଡାଉଲ ପୁରିଲା ଚେହେରା ଦେଖିଲେ ଯେ' କେହି ଏକଥା ସ୍ୱୀକାର କରିବେ !!

ଉଦିପ୍ତିର ଏଇ ବିକ୍ଷିପ୍ତ ଭାବନାକୁ ଭାଙ୍ଗିଦେଇ ହଠାତ୍ ବ୍ରେକ୍ କସିଲା ଡ୍ରାଇଭର: "ମ୍ୟାଡାମ୍ !! ମୁଁ ଟିକେ ଚା ପିଇ ଆସେ । ଏତେ ସକାଳୁ ବାହାରି ଆସିଲି ଯେ' କିଛି ଖାଇପିଇ ପାରିନି !! ଆପଣ ବସନ୍ତୁ ମୁଁ ଏଇ ଆସୁଛି !"

ପର୍ସରୁ ଶହେ ଟଙ୍କା ବାହାର କରି ସେ ବଢାଇଲା, ଡ୍ରାଇଭର୍ ଆଡକୁ, "କିଛି ଖାଇନେବ ବି, ନଅଟା ବାଜିଛି ଆମେ ସାଢେ ଦଶଟା ସୁଧା ପହଞ୍ଚିଯିବା !!

ଡ୍ରାଇଭର ଚାଲିଗଲା ଖାଇବାକୁ ! ସେ ଫେରିଲା ତା ଭାବନାକୁ !

ଜମିଦାର ବାଳକୃଷ୍ଣ ମିଶ୍ରଙ୍କୁ କୁଳିଆ ମିଳିଥିଲା ତାଙ୍କ ମହାନଦୀ ପଠାରେ ଥିବା ମଇଁଷି ଗୋଠର ପଛପଟକୁ ଲାଗି ଅଳିଆ ଗଦାରେ । ସଦ୍ୟ ଲାହି କଟା ହେଇଥିବା ବେଶ ସୁସ୍ଥ ସବଳ ଛୁଆଟେ, ତାର କାନ୍ଦରେ ଚହଳ ପକାଇ ଦେଇଥିଲା ଖଣ୍ଡମଣ୍ଡଳ । ଜମିଦାର ବାବୁ ତାକୁ ଦେଖି ଦୟାର୍ଦ୍ର ହେଇଗଲେ । ତାଙ୍କ ମଇଁଷି ଗୋଠର ଦେଖାଶୁଣା କରୁଥିବା ଲୋକଟିର କୌଣସି ପିଲାପିଲି ନଥିବାରୁ ତାରି କୋଳକୁ ପିଲାଟିକୁ ଟେକି ଦେଇ, ସେଦିନ ସେ କହିଥିଲେ: "ନେ ସୁଦାମ ଏ ପିଲାଟିକୁ ତୋତେ ଗୋପିନାଥ ଦେଇଛନ୍ତିରେ । ମହାନଦୀ କୂଳରେ ମିଳିଛି, ପିଲାଟା ନାଁ ତେବେ କୁଳିଆ ରହୁ !!"

କୁଳିଆର ଭରଣପୋଷଣ ପାଇଁ ନିଜେ କେବେ କେବେ ସାହାଯ୍ୟ କରୁଥିଲେ ଜମିଦାର । ଅତ୍ୟନ୍ତ ଦୁଷ୍ଟ ସାତବର୍ଷର କୁଳିଆକୁ ନିଜେ ଜବରଦସ୍ତ ପାଖ ଏମ୍‌ଇ ସ୍କୁଲରେ ନାମ ଲେଖାଇଥିଲେ ସେ । ସ୍କୁଲ ତିଆରି କରିବାରେ ଜମିଦାରଙ୍କ ଅବଦାନ ଅନେକ । ତେଣୁ ସ୍କୁଲରେ ଭର୍ତ୍ତି ହେବାରେ କିଛି ଅସୁବିଧା ହୋଇ ନଥିଲା କୁଳିଆର । ସ୍କୁଲ୍ ଯିବାର ମାତ୍ର ଦୁଇ ମାସ ପରେ ହେଡ୍‌ସାର୍ ତାକୁ ପ୍ରଥମରୁ ଦ୍ୱିତୀୟକୁ ନେଇ ଯାଇଥିଲେ । ଅତି ବିଚକ୍ଷଣ ଭାବରେ ଧିସମ୍ପର୍ଣ୍ଣ ପିଲା ଥିଲା କୁଳିଆ । ପାଠତକ ଘୋଳିବାଟି ପିଇ ଯାଉଥିଲା ଯେମିତି ! ତାର ତୃତୀୟ ଶ୍ରେଣୀ ବେଳକୁ ସ୍କୁଲ୍‌କୁ ଆସିଲା ବସୁମତି । ସ୍କୁଲରେ ବସୁର ଯାବତୀୟ କାମର ଭାର ପଡିଲେ କୁଳିଆ ଉପରେ ! ବସୁମତିର ପାଠରେ ମନ ନଥିଲା ! କୋଉଠୁ ଆମ୍ବ ତୋଳା ହେବ ତ କୋଉଠୁ ପିଜୁଳି । କୋଉଠୁ ପଦ୍ମକଢ ଆସିବ, ଏ ସବୁ ସେ କୁଳିଆ କୁ କହିବା ଆଉ କୁଳିଆ ନିର୍ବିକାର ରେ ଏସବୁ କରିବା ଏକ ପ୍ରକାର ଧାର୍ଯ୍ୟ । କୁଳିଆ ପାଠ ପରି ଖେଳକୁଦରେ ବି ଭାରି ପାରଙ୍ଗମ । ବସୁମତି ବି ଖେଳରେ ଭଲ । ଝିଅଟିଏ ପୁଣି ଖେଳକୁଦ ? ସେତେବେଳେ ଏତେ ସୁଯୋଗ ନଥିଲେ ବି ସେ ଦୌଡ, ଖୋ ଖୋ ଆଉ କବାଡି ଭାରି ଭଲ ଖେଳୁଥିଲା । ଜମିଦାରଙ୍କ ଝିଅ ବୋଲି କେହି କିଛି କହୁନଥିଲେ ବୋଧେ !!




ସେ ନନାଙ୍କ ଠୁ ଶୁଣିଛି, ବଡ ହେଲା ପରେ ବସୁନାନିର ଚେହେରା ପାଇଁ ଅନେକ ପ୍ରସ୍ତାବ ଭାଙ୍ଗିଛି । ତଥାପି ସେ ଯେମିତି ନିର୍ବିକାର! ତା ଚିନ୍ତାରେ ଜେଜେଙ୍କୁ ଡାଇବେଟିସ୍ ହେଇଗଲା ବୋଲି ମାଆ କୁହେ । ଏତେ ବଢିଗଲା ଯେ ସେ ବାକିର ଜୀବନ ଇନସୁଲିନ୍‌ରେ ରହିଲେ !!

ସପ୍ତମ ଶ୍ରେଣୀପରେ କୁଳିଆ ଆଉ ଆଗକୁ ପଢି ପାରିଲା ନାହିଁ । ଜମିଦାର ବାବୁ ତାକୁ ଉଚ୍ଚଶିକ୍ଷା ଦେବାକୁ ଅକ୍ଷମ ନଥିଲେ ଯଦିଓ କିନ୍ତୁ! ଏଇ କିନ୍ତୁ ଉତର ହୁଏତ ଉଦିପ୍ତି ଓ ତାର ନନା ଭଲକି ଜାଣନ୍ତି । କିନ୍ତୁ କେହି କାହା ଆଗରେ ପ୍ରକାଶ କରନ୍ତି ନାହିଁ । ହେଲେ ବି ଜମିଦାର ବାଳକୃଷ୍ଣ ବାବୁ କୁଳିଆକୁ ଦେଲେ କିଛି ହୃଷ୍ଟପୁଷ୍ଟ ମଇଁଷି ଓ କିଛି ଚାଷଜମୀ ! ଲୋକଟା ଯେମିତି ହାଡଭଙ୍ଗା ପରିଶ୍ରମ କରିବାକୁ ଜନ୍ମ ହେଇଥିଲା । ଅତି ଅଳ୍ପ ଜମିରେ ବି ଭଲ ଫସଲ କରୁଥିଲା ! ଧାନ, ମୁଗ, ବିରି, କୋଳଥ ସାଙ୍ଗକୁ ଘର ପଛ ପଟେ ଜାତିଜାତକା ପରିବା । ମଇଁଷି ମାନଙ୍କ ଉପଯୁକ୍ତ ଯତ୍ନ ଯୋଗୁଁ କ୍ଷୀର, ଦହି, ଘିଅ ବି ପ୍ରଚୁର ।

ଅତଏବ କୁଳିଆ ଦାଦି ଜଣେ ସୁସ୍ଥ, ସବଳ ଓ ସୁଖି ମଣିଷ । ଯାହାଙ୍କ ଦେହର ମାଂସପେଶୀ ବେଶ ଲୋଭନୀୟ ମଧ୍ୟ !

ଦାଦି ଏସବୁ ପରେ ବି ଉଦିପ୍ତିଙ୍କ ଘରେ ଶ୍ରମଦାନ କରନ୍ତି । ଠିକ୍ ଘର ମଣିଷ ପରି ତାଙ୍କର ଚଳପ୍ରଚଳ ! ତାଙ୍କୁ ସମସ୍ତେ ଭଲ ପାଆନ୍ତି ଆଉ ସେ' ଟିକେ ଡରେ କିନ୍ତୁ ଆଦର ପାଏ ବି । ନନାଙ୍କ ଠୁ ଶୁଣିଥିଲା । ହଠାତ୍ ଦିନେ ବସୁନାନିଙ୍କ ବିବାହ ଅତି ଅଳ୍ପ

ଦିନରେ ଠିକ୍ ହେଇଗଲା । ସ୍ୱାମୀ ତାଙ୍କର ଜଣେ ଓକିଲ, ଭଲ ଘର । ପିଉସା ଘରର ଏକମାତ୍ର ପୁଅ । ବାହାଘର ପରେ ପରେ ଅତି ଅଳ୍ପ ବ୍ୟବଧାନରେ ଗୋଟିଏ ଝିଅ ଓ ଗୋଟିଏ ପୁଅ । ପରିପୂର୍ଣ୍ଣ ସଂସାର ।

ଧିରେ ଧିରେ ଅନ୍ୟମାନଙ୍କର ବି ବାହାଘର ହେଲା । ନନାଙ୍କ ବାହାଘର ପରେ କୁଳିଆ ଦାଦି ବି ବାହାହେଲା, ପାଖ ଗାଁ ର ଗୋଟେ ଅନାଥ ଝିଅକୁ । ଆଶିର୍ବାଦ ଦେବାକୁ ଜେଜେ ନଥିଲେ । ମାଆ ଯାଇଥିଲେ ! ମୋଟା ରୂପାର ପାଉଁଜି ହଳେ ଦେଇଥିଲେ ବୋହୂକୁ । ଦାଦିର ତା ପରଠୁ ଆସିବା କମି ଯାଇଥିଲା ତାଙ୍କ ଘରକୁ ! ବୋଉ କୁହେ ମୋ ଜନ୍ମ ପରେ ପରେ କାଳେ ସେ ପୁଣି ବେଶି ବେଶି ଆସିଲା ଘରକୁ, ପୂର୍ବପରି ! ଉଦିପ୍ତିକୁ ଭାରି ଭଲ ପାଉଥିଲା ସେ, ଆଉ ତାଙ୍କରି ଡରରେ ସେ ଗ୍ଲାସେ ଖିର ଢକଢକ କରି ପିଇ ଯାଉଥିଲା !!

ଡ୍ରାଇଭର ବ୍ରେକ୍ କସିଲା ଆମ ଘର ଆଗରେ । ବାହାର ବାରଣ୍ଡାରେ ନନା ବସିଥିଲେ । ଉଦିପ୍ତି ଗାଡିରୁ ଓହ୍ଲାଇ ପାଦ ଛୁଇଁଲା ! ଏ କିଛି ବର୍ଷରେ ସେ ଆଉ ଟିକେ ବୁଢା ହେଇଛନ୍ତି ! ଛ' ଫୁଟ ଦୁଇ ଇଞ୍ଚର ଲୋକଟା ବେକ ପାଖରେ ଟିକେ ବାଙ୍କି ଗଲେଣି । ଟିକେ କାନ୍ଦ କାନ୍ଦ ଲାଗିଲା ତାକୁ । ଜଙ୍ଗଲରେ ବାଘ ବି ବୁଢା ହୁଏ ଦିନେ । ଘର ଭିତରକୁ ଯାଉ ଯାଉ ପଚାରିଲା: "କେତେବେଳେ ଯିବା ଦାଦି ପାଖକୁ ?"

"ବୋଉ କଣ ଇଟିଲି ଘୁଗୁନି ମଗାଇଛି ଦାମସାହୁ ଦୋକାନରୁ, ତୋତେ ଭଲ ଲାଗେ ବୋଲି ! ଖାଇଦେ' ବାହାରିବା !!"

ବୋଉ ଖାଇବା ବାଢିଲା ଭିତରେ ଥରେ ସେ ବାଡି ପଟରୁ ବୁଲି ଆସିଲା ! ତାର ଏଇ ଘର ପଛର ବାଡିପଟ ତାର ସବୁଠୁ ପ୍ରିୟ ଜାଗା ! ଏଠି ଅନେକ ଗଛ ! ଅଧିକାଂଶ ଅନେଶୋତ ବାତ୍ୟାରେ ଉପୁଡି ଗଲେ । ଯିଏ ବି ଅଛନ୍ତି ସେମାନେ ଚିହ୍ନନ୍ତି ତାକୁ । ସେ ଅନ୍ୟମନସ୍କ ହୋଇ ବୁଲୁ ବୁଲୁ ପଛ ପୋଖରୀକୁ ଲାଗି ଚମ୍ପା ଗଛ ମୂଳରେ ପହଞ୍ଚିଲା !

ଏଇ ଚମ୍ପାଗଛ ଓ ଗଙ୍ଗ ଶିଉଳିଗଛ କୁଳିଆ ଦାଦି ଲଗାଇ ଥିଲା । ତାର ମନେଅଛି । ବାତ୍ୟା ପରଦିନ ସେ ଅତି ବିକଳରେ ଦୌଡି ଆସିଥିଲା ଦେଖିବାକୁ ଏଇ ଗଛ ଦିଓଟି ଅଛନ୍ତି କି ନାହିଁ ! ଅନେକ ଡାଳ ଭାଙ୍ଗି ଯାଇଥିଲେ ବି ଗଛ ଦିଓଟି ଥିଲେ ! ପରେ ପରେ ଗଛ ଦିଓଟିକୁ ବଞ୍ଚାଇବାକୁ ଅନେକ ପରିଶ୍ରମ କରିଥିଲା ଦାଦି ! ଅଦ୍ଭୁତ ମଣିଷଟେ ! ଯେତେ ଶକ୍ତ ଚେହେରାର ସେତିକି କୋମଳ ହୃଦୟଟେ !! ଏମିତି ମଣିଷ ବିରଳ ।

ତାର ଚିନ୍ତାକୁ ବାଧା ଦେଇ ଫୋନ୍ ବାଜିଲା । ବୋଉ ଡାକୁଥିଲା ଖାଇବାକୁ । ଅତଏବ ତାକୁ ଫେରିବାକୁ ହେଲା ।

ବୋଉ ମଗାଇଥିଲା ଇଟିଲି, ଘୁଗୁନି । ଗାଁର ଦାମ ସାହୁ ଦୋକାନରୁ ! ଆବାଲ୍ୟରୁ ତାର ଏଇଟି ଭାରି ପସନ୍ଦ । ଜୀବନର ଅନେକ ବର୍ଷ ସେ ହଷ୍ଟେଲରେ ରହିଲେ ବି ଯେତିକି ଦିନ ସେ ଗାଁରେ ରହିଛି, ସକାଳ ଜଳଖିଆରେ ଏଇଟି ତାର ପ୍ରଥମ ପସନ୍ଦ । ବୋଉ ମଗେଇଇଛି ତାର ପ୍ରିୟ ଜଳଖିଆ । ବୋଉ ଗୁଡାଇ କିଛି ଭୁଲନ୍ତି ନାହିଁ ! ବୋଧେ ଏମାନଙ୍କୁ ଏମିତି ଜଣେ କିଏ ବନାଇଥାଏ ଚିରକାଳ ବୋଉ ହେଇ ରହିବାକୁ ! ସେ କଣ ତାର ବୋଉ ପରି ହେଇ ପାରିଛି ? ଖାଉ ଖାଉ ଏଇ ପ୍ରଶ୍ନଟି ତାର ମୁଣ୍ଡକୁ ଆସୁଥିଲା । ଭାବୁଥିଲା ବୋଉ ହେବା ଗୋଟେ ସାଧନା । ସେ କଣ ଏ ସାଧନା କରି ପାରିଛି ?

ପାଖରେ ବସି ଗୋଟେ ପରେ ଆଉ ଗୋଟେ ଇଟିଲି ତା ପ୍ଲେଟ୍‌କୁ ବଢାଇ ଦେଉଥିଲା ବୋଉ !

"ଥାଉ ଥାଉ କେତେ ଖୁଆଇବୁ ! ପାଞ୍ଚଟା ଖାଇ ସାରିଲିଣି ପା !"

"ଖାଇଲା ବେଳେ ଗଣନ୍ତିନି, ନଜର ପଡେ !"

ଏତକ କହି ବୋଉ ଥୁ ଥୁ କରି ତଳକୁ ଟିକେ ଥୁକି ଦେଲା, ଉଦିପ୍ତି ଖାଇବା ସାରି ଉଠିଲା । ନନା ଡ୍ରେସ୍ ପିନ୍ଧିଥିଲେ । ପଚାରିଲା: "ଗାଡି ଦାଦିର ଘର ଯାକେ କେମିତି ଯିବ ନନା ?"

"ଏବେ ପୋଲ ହେଇଗଲାଣି, ମହାନଦୀ ବି ଢେର୍ ପଛକୁ ଚାଲି ଗଲାଣି ! ବେଶି ବାଲି ବି ନାହିଁ !"

"ଆଉ, ଦାଦିର ମଇଁଷି ଗୋଠ ?"

"ପିଲାମାନେ ତାର ସବୁ ବିକିବାକି ଦେଲେଣି । ସବା ସାନ ପୁଅଟା ବୋଧେ କିଛି ରଖିଛି !"

"ହଁମ୍....."

ଡ୍ରାଇଭର୍ ସହ ନନା ଆଗରେ ବସିଲେ ପଛରେ ଉଦିପ୍ତି ! ନନା ବାଟ ବତାଉ ଥିଲେ ଆଉ ନିଜ ଗାଁର ପ୍ରେମରେ ଆଉଥରେ, ପୁଣିଥରେ ପଡିବାର ସୁଯୋଗକୁ ଉପଭୋଗ କରୁଥିଲା ଉଦିପ୍ତି ! ତାର ଇଚ୍ଛା ହେଉଥିଲା ପାଦରୁ ଚପଲ ଖୋଲିଦେଇ ସେଇ ମାଟିରେ ଚାଲିବାକୁ । ଜନ୍ମ ମାଟିର ମହକ ଓ ସ୍ପର୍ଶ ସବୁବେଳେ ନିଆରା ।

ଅଳ୍ପ ସମୟ ପରେ ସେମାନେ ଦାଦିର ଘର ପାଖରେ ପହଞ୍ଚିଗଲେ । ଦାଦିର ସବୁ ପରିବାର ଏକାଠି ହେଇଗଲେ ସ୍ୱାଗତ କରିବାକୁ । ପ୍ରାରମ୍ଭିକ ଆଦାନପ୍ରଦାନ ତଥା କୁଶଳ ବାର୍ତ୍ତା ଢେର୍ ବେଳ ଯାକେ ଚାଲିଲା । ଦାଦିର ବୋହୂମାନେ ବ୍ୟସ୍ତ ହେଉଥାନ୍ତି କଣ କିଏ ଖାଇବେ ? କିଭଳି ଚର୍ଚ୍ଚା କରିବେ ? ଉଦିପ୍ତିର ଘର ଏମାନଙ୍କ ପାଖରେ ବାବୁଘର, ହେଲେ ସେ ଏସବୁ ମାନେନା ! ନନାଙ୍କ ସହ ଏସବୁ ନେଇ ମତ ପାର୍ଥକ୍ୟ ରହେ ତାର !

ଉଦିପ୍ତି ପଚାରିଲା : "ଦାଦି ?"

ସମସ୍ତଙ୍କ ନଜର ଏକ ଘର କବାଟ ଆଡକୁ ଲମ୍ବିଗଲା । ଉଦିପ୍ତି ନିଜେ ସେଠାକୁ ଚାଲିଗଲା, କବାଟ ଠେଲି ଭିତରକୁ ପଶୁ ପଶୁ ଦାଦି ଆଖି ଖୋଲିଲା । ସତେ ଯେମିତି ଅପେକ୍ଷା କରିଥିଲା ତାକୁ ! ଦାଦି ଶେଯରୁ ଉଠି ପଡୁପଡୁ ଧରିନେଲା ସେ' ତା ପାଖକୁ ଲାଗି ବସିଲା ଖଟରେ । ଦାଦିକୁ ଦୁଇଟି ତକିଆ ଦେଇ ଆଉଜାଇ ଦିଆଗଲା । ନନା ବସିଲେ ସାମ୍ନାର ଚେୟାରରେ ! ଦାଦି ବାରମ୍ବାର କାଶୁଥାଏ । କିଛି ଅଳ୍ପ ସମୟର କଥା, ନନା ସମସ୍ତଙ୍କୁ ପଚାରି ଭଲମନ୍ଦ ବୁଝିଲେ । ଉଦିପ୍ତି ଦେଖୁଥାଏ ଦାଦିର ରିପୋର୍ଟ ସବୁ । ଅଗତ୍ୟା ନନା ଉଠିଲେ, କହିଲେ: "ତୁ ଏଇଠି ବସି ଗପୁଥା । ମୁଁ ଟିକେ ନଦୀପାଖ ବିଲତକ ଦେଖି ଆସେ ! ଏବେ ବେଶି ଦେଖିବାକୁ ଆସି ପାରୁନି । ଆସିଛି ଯେତେବେଳେ ଟିକେ ବୁଲି ଆସେ ।"

ଦାଦିର ସ୍ତ୍ରୀଙ୍କ ବାରମ୍ବାର ଅନୁରୋଧ ପରେ ଉଦିପ୍ତି କହିଲା ଚୁନାମାଛ ବେସର ଖାଇବ ସେ' ଆମ୍ବୁଲ ଦେଇ । ଖୁବ୍ ଖୁସି ହେଇଗଲେ ସମସ୍ତେ ! ଯଦିଓ ନନାଙ୍କ ଅସନ୍ତୋଷ ତାଙ୍କ ଚେହେରାରେ ସ୍ପଷ୍ଟ ଦିଶୁଥିଲା !

ବେଶ୍ କିଛି ସମୟ ପରେ ରୁମ୍‌ଟି ଖାଲି ହେଇଗଲା । ଉଦିପ୍ତି ଦାଦିର ଆଖିରେ ଗଭୀର ଭାବରେ ଚାହିଁ ପଚାରିଲା:"ଦାଦି ତୋର କ୍ୟାନ୍‌ସର୍, ତା ବି ହୃତ୍‌ପିଣ୍ଡରେ ! ତୁ ପ୍ରମାଣ କରିଦେଲୁ ତୋ ପରି ବଳିଷ୍ଠ ଲୋକଟିର ବି ହୃଦୟଟେ ଥାଏ ! ନୁହେଁ !"

ଟିକେ ହସିବାକୁ ଯାଇ ଆଉଥରେ କାଶି ଉଠିଲା ଦାଦି । କହିଲା: "ଝିଅରେ ଅନେକ ଆଗରୁ ଏଇ କେନ୍‌ସର୍ ହେଇଯିବାର ଥିଲା । ଯେଉଁଦିନ ତୋ ବସୁ ପିଉସୀ ଏଇ ଦୁନିଆଁ ଛାଡି ଚାଲିଗଲା ବା ଯେଉଁଦିନ ନିଜ ହାତରେ ନିଜ ଦେହର ଅଧାଗଢା ରକ୍ତ ପିଣ୍ଡୁଳାକୁ ତୁମ ଘର ପଛପଟ ଗଡିଆ ପାଖରେ ପୋତିଦେଇ ଆସିଲି ! ବୋଧେ ସେବେଠୁ । ହେଲେ ଏ ଜୀବନ ଭିତରେ ହିଁ ବୋଧେ ମୋତେ ମୋ ପାପର ପ୍ରାୟଶ୍ଚିତ କରିବାର ଥିଲା !"

ଚମକି ପଡିଲା ଉଦିପ୍ତି !

"ଦାଦି, ତୁ କଣ ପାଗଳ ହେଇ ଗଲୁଣି ? କଣ ସବୁ କହୁଛୁ ?"

"ତୋତେ କହିବା ପାଇଁ ବୋଧେ ଏ ଜୀବ ଅଟକି ରହିଛି ଝିଅ ! ତୋ ବସୁନାନିର ଅସମୟରେ ଚାଲିଯିବା କଥା, ମୋ ମହାପାପର କାହାଣୀ ତୋ ଆଗରେ ଗୋଟି ଗୋଟି କରି ମାନିଯିବାର ଅଛି ମୋତେ !"

ଅତି ଆଶ୍ଚର୍ଯ୍ୟ ହୋଇ ଉଦିପ୍ତି ଶୁଣୁଥିଲା ଗୋଟେ ଦୃପ୍ତ, କୋମଳ, ଅନାଲୋଚିତ ତଥା ରକ୍ତାକ୍ତ ଅତୀତର କାହାଣୀ ! ବେତାଳ ପରି ଦାଦି ଗପୁଥିଲା;

ତୋ ବସୁନାନି ସ୍କୁଲ୍ ଆସିବା ପରଠୁ ହିଁ ଆମ ଭିତରେ ଗଢି ଉଠିଲା ଗୋଟେ ବନ୍ଧୁତା । ତାର ସେ ବନ୍ଧୁତ୍ୱ ପାଇଁ ମୁଁ ଦଳ ଗାଡିଆରେ ପଶି ପଦୁଅଁ ତୋଳିଛି, ସାପ ଦଶିଆଁକୁ ଖାତର ନକରି । ସମୟ, ଜୀବନ ଓ ଯୌବନ ସହ ତାଳ ଦେଇ ସେ ବନ୍ଧୁତା

କେତେବେଳେ ପ୍ରେମ ପାଲଟି ଗଲା ଆମେ କେହି ଜାଣି ପାରିନୁ । ଗୋପିନାଥଙ୍କ ରାଣ ଝୁଅ କୌଣସି ଦିନ ତାକୁ ପାଇଯିବାର ମୋହ ମୋର ନଥିଲା । ସେ ମୋ ପାଇଁ ଥିଲା ଆମ ଗ୍ରାମଦେବତୀ ଯାହାକୁ ଦୂରରୁ ପୂଜିବାରେ ହିଁ ମୋର ମୋକ୍ଷ । ଯୌବନ ବେଳାରେ ତାର ଅନେକ ପ୍ରସ୍ତାବ ଭାଙ୍ଗିଲା ତା ରୂପ ଲାଗି । ମୋତେ ରାଗ ଲାଗେ ଯେ' କାହିଁକି ଫେରି ଯାଉଛନ୍ତି ବରଘର ? କେମିତି ଦିଶୁନି ତାଙ୍କ ଆଖିକୁ ବସୁମତିର ସୌନ୍ଦର୍ଯ୍ୟ ? ଏତେ ସୁନ୍ଦର ଲମ୍ବା କଳା ମଚମଚ ବାଳ, ହରିଣୀ ପରି ଦୁଇଯୋଡ଼ା ଆଖି ! ଏତେ ସୁନ୍ଦର ତଥା ନିର୍ମଳ ମନ ! ! ବସୁମତୀ ମୁହଁରେ ନମାନିଲେ ବି ତାର ମନଦୁଃଖ ହେବା ମୁଁ ଦେଖିଛି । ଅନେକ ସଂଧ୍ୟାରେ ସେ ବାରିପଟେ ଏକା ବସି ଲୁହ ଗଡାଇଛି । ମୁଁ ଲୁଚି ଲୁଚି ଦେଖିଛି ତାକୁ, ଦୂରରୁ । ଭୂତପରି ଜଗି ରହିଛି ତାକୁ । ଛାଇ ପରି ରହିଛି ତା ଚାରିକଡେ ।

ଶେଷଥର ଯେତେବେଳେ ତାର ପ୍ରସ୍ତାବ ଭାଙ୍ଗିଥିଲା, ମୋର ମନେଅଛି ଅନେକ ସମୟ ସେ ଭୋ ଭୋ ଡକାପାରି କାନ୍ଦିଥିଲା । ମୁଁ ସେମିତି ଦୂରରେ ଠିଆ ହେଇ ଦେଖୁଥାଏ । କିଛି ସମୟ ପରେ ସେ ଭୁସ୍ କରି ଉଠିଲା ଆଉ ଗଡିଆ ତଳକୁ ଗଡ଼ିଗଲା । ମୁଁ ଭୟରେ ପାଟିକରି ତା ଆଡକୁ ମାଡିଗଲି, ସେ ପାଣି କଡିରେ ଠିଆ ହେଇଥାଏ, ମୁଁ ପାଗଳ ପରି ତାକୁ କୁଣ୍ଡେଇ ପକେଇ ପଚାରିଲି: "ଏ କଣ କରୁଛୁ ତୁ ? ବାବୁ ଆଉ ମାଆ ଜାଣିଲେ କଣ ହେବ ? ଏମିତି କର ନା ବସୁ, ଏମିତି କର ନା ! ତୁ ଖୁବ୍ ସୁନ୍ଦରୀ, ତୋ ଠୁ ସୁନ୍ଦରୀ ଝିଅ ମୁଁ ଖଣ୍ଡମଣ୍ଡଳରେ ଦେଖିନି ! ତୋ ଏ ଦେହ ଅତି ସୁନ୍ଦର । ମୋର ଲୋଭ ହୁଏ ଲୋ, ମୋର ......"

କହୁ କହୁ ଅଟକି ଗଲି ମୁଁ; କଣ ଏ ସବୁ କହୁଛି । ଏ ସେଇ ଲୋକର ଝିଅ ଯେ ମୋତେ ନୂଆ ଜୀବନ ଦେଇଥିଲେ, ନିଜେ ନିଜ ଅକ୍ତିଆରକୁ ଫେରି ଆସୁଛି, ବସୁ ମୋତେ ତା ଛାତିରେ ଭିଡି ଧରିଲା ;

"ସତରେ ମୁଁ ତୁମକୁ ସୁନ୍ଦର ଲାଗେ ? ମୋ ଦେହ ତୁମକୁ ଉଛାଟ କରେ ? ସତ କୁହ ତୁମର କଣ ମୋତେ ଛୁଇଁବାକୁ ଇଛା ହୁଏ ?"

ତାର ପ୍ରତିଟି କଥା ମୁଣ୍ଡରେ ଢାଉଁ ଢାଉଁ ଘଣ୍ଟା ପିଟୁଥିଲା । ମୋ ଦେହସାରା ଘୁରୁଥିଲା ତାର ହାତ ! ତା ନାକରୁ ବୋହୁଥିଲା ଅଣତାଶ, ତା ବଡ ବଡ ଆଖି ଲାଲ୍ ଦିଶୁଥିଲା, ମୋ ଦେହରେ ବିଜୁଳି ଖେଳୁଥିଲା । ଧିରେ ଧିରେ ମୁଁ ନଇଁଗଲି ତଳକୁ । କାହାକୁ କିଛି ବୁଝାଇବାର ନଥିଲା । ସବୁ ଘଟୁଥିଲା ଆପେ ଆପେ । କିଛି ମନେ ନଥିଲା ଆମର । ସମ୍ପର୍କ, ବୁନିଆଦି, ରକ୍ତ, ପ୍ରତିଷ୍ଠା ସମସ୍ତେ ଗୋଟେ ପରେ ଗୋଟେ ଭାଙ୍ଗି ପଡୁଥିଲେ, ଦୁଇଟି ଦେହ ମିଶି ଏକାକାର ହେଉଥିଲେ । ନିଜେ ସୂର୍ଯ୍ୟ ଦେବତା ବି ପଶ୍ଚିମରେ ବୁଡି ଯାଉଥିଲେ । ଲଜ୍ଜାରେ କି ଭୟରେ କେଜାଣି ?

ଏ ଘଟଣା ପରେ, ମୁଁ ବସୁକୁ ଆଖି ଉଠେଇ ଚାହିଁ ପାରୁ ନଥିଲି । ହେଲେ ସେ ଥିଲା ନିର୍ବିକାର । ବରଂ ସେ ବେଶି ବେଶି ମୋ ଆଡକୁ ଢଳି ପଡୁଥିଲା । ଏମିତି ନୁହେଁ ଯେ' ମୋର ଦୁର୍ବଳତା ନଥିଲା କିନ୍ତୁ ବାବୁଙ୍କର ଉପକାର ମୋତେ ଆଖି ଉଠାଇବା ପାଇଁ ଅନୁମତି ଦେଉ ନଥିଲା । କିଛି ଦିନ ପରେ ମୁଁ ତୁମ ଘରକୁ ଯିବା ଆସିବା କମ୍ କରିଦେଲି । କେତେଦିନ ହେବ କେଜାଣି ମୁଁ ଯାଇ ନଥାଏ । ମୋତେ ଗୋଟେ ଯୁଗ ପ୍ରମାଣେ ଲାଗୁଥିଲା । ବାବୁ ମଝିରେ ମଝିରେ ଡାକିଲେ ଜମିଆଡେ ଯାଇଁ ଦେଖା କରିଆସେ ।

କିନ୍ତୁ ସେଦିନ ବାହାରେ ବର୍ଷା ହେଉଥାଏ । ସଂଧ୍ୟାରେ ଖବର ଆସିଲେ ଅତି ଶିଘ୍ର ଘରକୁ ଆସିବାକୁ । ମୁଁ ପହଞ୍ଚିଲା ବେଳକୁ ସଂଧ୍ୟା ଗଡି ଗଲାଣି ! ଘର ସେଦିନ ସମ୍ପୂର୍ଣ୍ଣ ଖାଲି, ଏତେ ଗହଳ ମାହାଳ ଘରରେ କେହି ନାହାନ୍ତି ?

ଦେଖିଲି ଗୁମାସ୍ତା ବାବୁ ଠିଆ ହେଇଛନ୍ତି, ମୋତେ ତଳପଟ ଘରକୁ ଯିବାକୁ ଠାରି ଦେଇ ସେ ଦାଣ୍ଡ କବାଟ କିଳିଲେ ! ମୋତେ ସବୁ ଅତି ବ୍ୟସ୍ତ ଲାଗୁଥାଏ । ମୁଁ ତଳ ପଟକୁ ଗଡୁଗଡୁ ଗୋଟେ ଚିତ୍କାର ହଠାତ ଶୁଭି ପବନ ପରି ମିଳେଇ ଗଲା । ଅତି ଅଳ୍ପ ସମୟରେ ବି ମୋତେ ଲାଗିଲା ଏ ଚିତ୍କାର ବସୁର, ମୁଁ ଦୌଡିଗଲି ସେ ଆଡକୁ ! ବାବୁ ତଳପଟକୁ ଲାଗି ଡିଙ୍କିଶାଳର ପଛଘର ପିଣ୍ଡା ଆଗରେ ବସି ଥାଆନ୍ତି ଚେୟାର ଉପରେ ! ରାଗରେ କି ଲାଜରେ କେଜାଣି ଲାଲ୍ ଦିଶୁଥାଏ ଚେହେରା ! ଅତି ଧିମା ସ୍ୱରରେ ବି ଗର୍ଜନ କରୁଥାନ୍ତି: "କନା ବିଣ୍ଡା ଦେଇ ଦିଅ ସେ ଅଲକ୍ଷଣୀର ପାଟିରେ । ମୋ ବଂଶ, ପରମ୍ପରା, ବୁନିଆଦିରେ କଳଂକ ଲଗେଇ ଦେଲା ଏ ଝିଅ । ମାଆ ସହ ହେଲେ ମରି ଯାଇଥାନ୍ତା, ମୋତେ ଏ ଦିନ ଦେଖେଇ ନଥାନ୍ତା !"

ମୋତେ ଦେଖୁ ଦେଖୁ ବାବୁ ମୋତେ ଧରିନେଲେ, ଲୁହ ଡବଡବ ସ୍ୱରରେ କହିଲେ : କୁଳରେ ଏ ଝିଅ ମୋ ସଫା ଧୋତିରେ ଗୋବର ଛିଟା ଲେପିଦେଲା ! କୋଉଠି ମୁହଁ କଳା କରିଛି କେଜାଣି, ପଚାରିଲେ ବି ଉତ୍ତର ନାହିଁ ।

ନାକ କାନର ପାଣିକୁ ଧୋତିରେ ପୋଛୁ ପୋଛୁ କହିଲେ: ତିନି ମାସର ଗର୍ଭ, ଭଙ୍ଗେଇ ହେବନି ବୋଲି ବଇଦ କହିବାରୁ, ଦୁଇ ମାସ ଅପେକ୍ଷା କରି ଆଜି ଗୁମାସ୍ତା ଏ ଔଷଧ ଆଣି ଦେଇଛନ୍ତି, ପିଲାଟା ପ୍ରସବ ହେଇଯିବ । ତେବେ ଯଦି ପେଟରେ ମରି ଯାଇଥାଏ ତେବେ ପାପ ଯିବ !

ମୋ ହାତଗୋଡ ସବୁ ଅଚଳ ଏଥର । ସେଇଠି ବାବୁଙ୍କ ପାଦ ପାଖରେ ଲଥ୍ କରି ବସି ପଡିଲି । ମଝିରେ ରହି ରହି ଶୁଭୁଥାଏ ବସୁର କଷ୍ଟ ଓ କାନ୍ଦଣା । ମୁଁ ନିଜକୁ ଧିକ୍କାର କରୁଥାଏ ଆଉ ତାର ପ୍ରତିଟି ଅସ୍ପଷ୍ଟ ଚିତ୍କାର ସହ ଶହ ଶହ ଥର ମରୁଥାଏ । କେତେ ସମୟ ହେବ କେଜାଣି । ମୋତେ ତ ଲାଗିଲା ଯୁଗ ଯୁଗରୁ ମୁଁ ସେଇଠି ବସି ରହିଛି ଅସହାୟ, ଭିତରେ ମୋ ବସୁମତି କଷ୍ଟ ପାଉଛି ଦୁନିଆ ଯାକର । ରାତି କେତେ ହେବ ? ଜହ୍ନ

> **ତୋ ବସୁନାନି ସ୍କୁଲ୍ ଆସିବା ପରଠୁ ହିଁ ଆମ ଭିତରେ ଗଢି ଉଠିଲା ଗୋଟେ ବନ୍ଧୁତା । ତାର ସେ ବନ୍ଧୁତ୍ୱ ପାଇଁ ମୁଁ ଦଳ ଗାଡିଆରେ ପଶି ପଦୁଅଁ ତୋଳିଛି, ସାପ ଦଶିଆଁକୁ ଖାତର ନକରି । ସମୟ, ଜୀବନ ଓ ଯୌବନ ସହ ତାଳଦେଇ ସେ ବନ୍ଧୁତା କେତେବେଳେ ପ୍ରେମ ପାଲଟି ଗଲା ଆମେ କେହି ଜାଣି ପାରିନୁ । ଗୋପିନାଥଙ୍କ ରାଣ ଝୁଅ କୌଣସି ଦିନ ତାକୁ ପାଇ ଯିବାର ମୋହ ମୋର ନଥିଲା । ସେ ମୋ ପାଇଁ ଥିଲା ଆମ ଗ୍ରାମଦେବତୀ ଯାହାକୁ ଦୂରରୁ ପୂଜିବାରେ ହିଁ ମୋର ମୋକ୍ଷ । ଯୌବନ ବେଳାରେ ତାର ଅନେକ ପ୍ରସ୍ତାବ ଭାଙ୍ଗିଲା ତା ରୂପ ଲାଗି । ମୋତେ ରାଗ ଲାଗେ ଯେ' କାହିଁକି ଫେରି ଯାଉଛନ୍ତି ବରଘର ? କେମିତି ଦିଶୁନି ତାଙ୍କ ଆଖିକୁ ବସୁମତୀର ସୌନ୍ଦର୍ଯ୍ୟ ? ଏତେ ସୁନ୍ଦର ଲମ୍ବା କଳା ମଚମଚ ବାଳ, ହରିଣୀ ପରି ଦୁଇଯୋଡ଼ା ଆଖି ! ଏତେ ସୁନ୍ଦର ତଥା ନିର୍ମଳ ମନ ! ! ବସୁମତୀ ମୁହଁରେ ନମାନିଲେ ବି ତାର ମନଦୁଃଖ ହେବା ମୁଁ ଦେଖିଛି । ଅନେକ ସଂଧ୍ୟାରେ ସେ ବାରିପଟେ ଏକା ବସି ଲୁହ ଗଡାଇଛି । ମୁଁ ଲୁଚି ଲୁଚି ଦେଖିଛି ତାକୁ, ଦୂରରୁ । ଭୂତ ପରି ଜଗି ରହିଛି ତାକୁ । ଛାଇ ପରି ରହିଛି ତା ଚାରିକଡେ ।**

ଆକାଶରେ ମଉଳି ଯିବା ଉପରେ ଯେମିତି । ବାବୁ ମୋତେ ହଳେଇ ଉଠେଇଲେ, ଛାତିରେ କୋହ ଆଉ ଆଖି ଲୁହକୁ ଲୁଚେଇ ପକେଇ କହିଲେ: ନେଇ ଯା' କୁଳ, ମଳା ଛୁଆଟାକୁ ପଛପଟ ଗାଡ଼ିଆ ପଟେ ପୋତିଦେବୁ । ଝିଅଟେ, ମରି ଯାଇଛି ପେଟରେ । ଆଉ ମୋ ମୁଣ୍ଡ ଛୁଇଁ ନିଅମ କର, ଏ କଥା ତୁ ମଲାଯାକେ ଯେମିତି କେହି ଜାଣିବେ ନାହିଁ । ଭାବିନେ ମୋ ଋଣ ଶୁଝିଦେଲୁ ।

ପିଲାଟାକୁ ମୋ ହାତକୁ ବଢେଇ ଦେଇ ସେ ଚାଲିଗଲେ । ଗୋଟେ ଲୁଗାରେ ଗୁଡେଇ ହେଇଥାଏ ଛୁଆଟା । ମୋର ସବୁ ଅଣାୟତ୍ତ ଅସହାୟତା ମୋତେ ମାଡିବସି ଅଥର୍ବ କରି ଦେବା ଆଗରୁ, ମୁଁ କୋଦାଳ ଓ ଛୋଟ ଲଣ୍ଠନଟେ ଧରି ବାହାରି ଗଲି । ଲଣ୍ଠନ ଓ କନାଗୁଡା ସେ ଶିଶୁକୁ ତଳେ ଥୋଇ ହାଉଁ ହାଉଁ କରି ମାଟି ହାଣି ଚାଲିଲି ଗୋଟେ ପିଶାଚ ପରି । ପାଖ ବୁଦାରୁ ବେଶ୍ କିଛି କଣ୍ଟା ବି କାଟିଲି । କନାରେ ଗୁଡା ଛୁଆଟାକୁ ଗାତ ଭିତରେ ଥୋଇବାକୁ ବାହାରିଛି, ହଠାତ୍ ହାତ ଉସୁମ୍ ଲାଗିଲା, ଭାରି ଇଚ୍ଛା ହେଲା ଛୁଆଟାକୁ ଦେଖିବାକୁ । ଥରିଲା ହାତରେ କନାକୁ ଅଳ୍ପ ଆଡେଇ ଦେଖିଲି ! ସତେ ଯେମିତି ଅଧାଗଢା ଦେବୀ ମୂର୍ତ୍ତିଟେ ! ଥରଥର ହେଇ ଦେହ ଥରିଲା ଆଖିରୁ ଲୁହର ଧାର ଛୁଟିଲା, ଛାତି ଭିତରେ ଅସମ୍ଭବ କଷ୍ଟ । ସତେ ଯେମିତି ଏଇ ଏବେ ଫାଟିଯିବ ଭୂଇଁ ! ଜହ୍ନର ଆଲୁଅ ବି କମି ଆସିଲା,ମଲା ଛୁଆଟିକୁ ଭଲରେ କପଡାରେ ଗୁଡେଇ ଗାତରେ ଥୋଇ କଣ୍ଟା ଦେଇଦେଲି, ପାଗଳ ପରି ମାଟି ଉପରେ ମାଟି ଥୋଇ ବୁଜିଦେଲି ଗାତ । ସେଦିନ ସେଇ ଗାତ ତଳେ ପୋତି ଦେଇ ଆସିଲି ନିଜ ରକ୍ତର ଖଣ୍ଡେ ଅଧାଗଢା ଦେବୀମୂର୍ତ୍ତି । ପୋତି ଦେଲି ମୋ ତମାମ୍ ଜୀବନର ଶାନ୍ତି ଓ ସୁଖ ।

ଅନେକ ସମୟ ସେଇ ଗାତ ପାଖରେ ବସି ରହିଲି । ନିର୍ବାକ ଆଉ ସ୍ପନ୍ଦନହୀନ ପରି । ମୋ ଛାତିର ଧକଧକ ମୋ କାନକୁ ଆଉ ଶୁଭୁ ନଥିଲା । ଟିକେ ଫର୍ଚ୍ଚା ହେବାରୁ ଘରକୁ ଫେରିଲି । ସିଧା ସେଉଠୁ ଘରକୁ ଆସିଲି, ବେମାର ପଡିଲି ଅନେକ ଦିନ ! ସେଇ ବେମାରି ଭିତରେ ଖବର ପାଇଲି ବସୁମତୀର ବିଭାଘର ଠିକ୍ ହେଇଛି ! କେତେଦିନ ହେବ ? ଘଟଣାର ମାତ୍ର ମାସେ ପରେ ପରେ ! ମୁଁ ଟିକେ ନିଜକୁ ସାଷ୍ଟାଙ୍ଗ କରି ଫେରିଲି ପୁଣି ବାବୁଙ୍କ ଘରକୁ ! ବାରମ୍ବାର ଆଖି ଖୋଜୁଥାଏ ବସୁକୁ । ହେଲେ ବସୁ ଯେମିତି ମୋତେ ଦେଖା ନଦେବାର ପଣ କରିଛି । ତା ବାହାଘରରେ ଅନେକ କାମ ଥାଏ । ସବୁ କାମ ଭିତରେ ବି ମୁଁ ଥରେ ତାକୁ ଦେଖିବି ବୋଲି ଆଉଟି ପାଉଟି ହେଉଥାଏ । ଶେଷରେ ବିଭାଘର ଚାରିଦିନ ଅଛି ତାକୁ ଦେଖିଲି ପଛପଟ ଘରୁ ବାହାରିବା । ଅତି ଆବେଗରେ ପାଖକୁ



ମାଡିଗଲି, ହେଲେ ତା ପାଖିପାଖି ଅଟକି ଗଲା ପାଦ ! ଆଖି ଉଠେଇ ଚାହିଁ ପାରିଲି ନାହିଁ ! କିଛି କହିବି କହିବି ହେଉଛି, ସେ ବାଟ କାଟି ଯିବାକୁ ବାହାରିଲା, ମୁଁ କେବଳ ଥରେ ଆସ୍ତେ ଡାକିଲି: ବସୁ, ମୁଁ ।

– ନିଜ ହାତରେ ନିଜ ଛୁଆକୁ ମାଟି ତଳେ ପୋତି ଦେଲା ବେଳେ ତୁମ ହାତ ଥରିନି, ଏତେ ଟିକେ କଷ୍ଟ ହେଇନି ଛାତିରେ ? ନା ପୁରୁଷ ଗୁଡାକଙ୍କ ପାଖରେ ହୃଦୟ ବୋଲି କିଛି ନଥାଏ ?

ମୁଁ ଥରେ ଲୁହ ଡବଡବ ଆଖିରେ ତାକୁ ଚାହିଁଲା ବେଳେକୁ ତା ଆଖିରୁ ଦୁଇଧାର ଲୁହ ତଳକୁ ଗଡି ପଡିଲା, ସେ ଶେଷଥର ପାଇଁ ମୋତେ ଚାହିଁଲା । ମୁହଁ ଛିଞ୍ଚାଡି ଥରେ ଘୃଣାରେ 'ଛି' ବୋଲି କହିଲା ଆଉ ସେଠୁ ଚାଲିଗଲା !

ସେଇ ତାର ଶେଷ 'ଛି'କୁ, ଘୃଣାକୁ ବାକି ଜୀବନର ପାଥେୟ କରି ମୁଁ ପୁରା ଜୀବନ କାଟିଦେବି ବୋଲି ହିଁ ଭାବିଥିଲି । ଭାବିଥିଲି ତାର ଘୃଣା ହିଁ ମୋର ସବୁକିଛି । ତା ବିଭାଘର ପରେ ସେଇ ଜାଗାରେ ଦୁଇଟି ଗଛ ଲଗେଇଲି । ଗୋଟେ ଗଙ୍ଗଶିଉଳି ଆଉ ଗୋଟେ ଚମ୍ପା । ତାର ଏଇ ଦୁଇଟି ଫୁଲ ଭାରି ପସନ୍ଦ ଥିଲା ।

ମାଆରେ, ଜାଣୁ ଗୋଟେ ନାରୀ ତା ଜୀବନରେ ପ୍ରେମ ଓ ଘୃଣା ଭାରି ମନଦେଇ କରେ । ମୋତେ ତ ସେମିତି ଲାଗିଲା । ନହେଲେ କହ ଏତେ ଭଲ ଘର, ଭଲ ବର, ଦୁଇଟି ସୁନ୍ଦର ଛୁଆ ପରେ ବି ଏମିତି କାହିଁକି ଘଟିଲା । ଅଧା ଜୀବନରେ ତୋ ବସୁନାନୀ କେନ୍ସର୍‌ରେ ଚାଲିଗଲା । କାଳେ ତା ଛୁଆଦାନୀରେ କେନ୍ସର୍ ହେଇଥିଲା ବୋଲି ଶୁଣିଲି । ସେ ମରି ଗଲାନି ତ, ମୋତେ ସାରା ଜୀବନ ପାଇଁ ଦୋଷୀ କରିଗଲା । ମୁଁ ଆଜିଯାକେ ନିଜକୁ କ୍ଷମା ଦେଇନି ଝିଅ । ମୋ ମୃତ୍ୟୁ ପରେ ବି କଣ କିଛି କ୍ଷମା ମୋ ପାଇଁ ଥିବ ?”

କଥା ଶେଷ କରୁ କରୁ ସେ କାଶରେ ଆକ୍ରାମାକ୍ରା ହେଲେ । ସମସ୍ତେ ଦୌଡଡି ଆସିଲେ, କିଛି ପାଣି ଓ ଘଷାମୋଡା ପରେ ସେ ଟିକେ ସୁସ୍ଥ ହେଲେ । ସମସ୍ତେ ଆଉଥରେ ଘର ଖାଲି କରି ଯିବା ପରେ, ମୁଁ ନିରବତା ଭାଙ୍ଗି ପଚାରିଲି: “ଦାଦି ଏ ସବୁ ମୋତେ କାହିଁକି କହିଲ ? କେବଳ ମୋତେ କାହିଁକି ?”

ଦାଦି ଅଳ୍ପ ହସିଲା, କହିଲା: “ସେଦିନ ଯେଉଁ ଅଧାଗଢା ଦେବୀମୂର୍ତ୍ତିକୁ ନିଜ ହାତରେ ମାଟି ତଳେ ପୋତିଦେଇ ଆସିଥିଲି, ସେଇ ମୁହଁ ଯାହାକୁ ମୁଁ ଜୀବନରେ କେବଳ ଥରଟିଏ ଦେଖିଛି, ଅଥଚ କେବେ ଭୁଲିନି ! ସେଇ ମୁହଁର ଅନେକ ସାମଞ୍ଜସ୍ୟ ତୋର ଏଇ କୋମଳ ମୁହଁରେ ମୋତେ ବାରମ୍ବାର ଦିଶିଛି ! ସେ ସତରେ ଯେମିତି ଗୋଟେ ଅଭିଶପ୍ତ ଅପ୍‌ସରା ଥିଲା । ନହେଲେ ଆମ ଦୁହିଁଙ୍କ ରକ୍ତ ଆଉ ଏତେ ସୌନ୍ଦର୍ଯ୍ୟ ? ଅସମ୍ଭବ !!

ମୁଁ ସମ୍ପୂର୍ଣ୍ଣ ନିରବ ହେଇ ବସି ରହିଲି । ମୋ ଆଖିରେ ଧାର ଧାର ଲୁହ । ଦାଦି ମୋତେ ଆଉଁସି ଦେଉ ଦେଉ କହିଲା: “ଯଦି ପାରିବୁ ତେବେ କ୍ଷମା କରିବୁ ଝିଅ, ଏ ଦାଦିକୁ ତୋର । ଏ ପୁରୁଷଜାତିକୁ, ତାର ଭୀରୁତାକୁ !!”

ଏତକ କହି ଦାଦି ହାତ ଯୋଡିଲା, ମୁଁ କୁଣ୍ଢାଇ ଧରିଲି ତା ହାତ !!

ସେଦିନ ସେଠୁ ଫେରିଲା ବେଳକୁ ଦିନ ଗଡି ସାରିଥିଲା । ବୋଉ ମୋତେ ଛାଡିଲା ନାହିଁ, ଅଗତ୍ୟା ମୋତେ ରହିବାକୁ ହେଲା । ପରଦିନ ବଡି ଭୋର୍‌ରୁ ମୁଁ ଉଠି ଚାଲିଲି ବାଡି ପଟକୁ ସେଇ ଗଛ ମୂଳକୁ । ଅଳ୍ପ କିଛି ସମୟ ନିରବରେ ଠିଆ ହେଲି, କିଛି ଚମ୍ପାଫୁଲ ତଳେ ପଡିଥିଲେ, ଗୋଟେଇ ହାତରେ ଧରିଲି । ତଥାପି ସେଥିରେ ବାସ୍ନା ବାକି ଥିଲା ।


ନଟା ବେଳକୁ ଭୁବନେଶ୍ୱରର ଅଭିମୁଖେ ବାହାରିଲି । ଗାଡି ପାଖାପାଖି ତାରପୁର ହେଇଛି ନନା ଫୋନ୍ କଲେ: “ମାଆ କୁଳିଆ ଦାଦି ଚାଲିଗଲା !!”

ମୁଁ କାର୍ ଝରକା ଖୋଲି ଦାଦି ଉଦ୍ଦେଶରେ ହାତ ଯୋଡିଲି । ସେ କହିଥିଲା କ୍ଷମା କରି ଦେବାକୁ ।

ରାଘବଙ୍କୁ ଫୋନ୍ ଲଗାଇଲି; ସେ ପଟରୁ ଫୋନ୍‌ରେ ହାଲୋ କହିଲେ ସେ ! ମୁଁ କହିଲି: “ତୁମର ସମସ୍ତ ଅବିଶ୍ୱସ୍ତତା ଲାଗି ତୁମକୁ କ୍ଷମା କଲି ରାଘବ । ବିଶ୍ୱାସ କର ଏଇ କ୍ଷମା ଅନେକାଂଶରେ ଅନେକଙ୍କୁ ମିଳେନା !!”

ସେ ହୁଏତ ଆଉ କିଛି କହିଥାନ୍ତେ ! ମୁଁ ଫୋନ୍ କାଟିଲି ।

# ମାଛ ଝୋଳ



# ମାଛ ଝୋଳ


## ଅଜୟ କୁମାର ପଣ୍ଡା

ଶ୍ରୀବିହାର କଲୋନୀ, ତୁଳସୀପୁର,
କଟକ-୭୫୩୦୦୮
ଫୋନ: ୯୪୩୭୦୦୬୮୦୮


ଚିତ୍ର : ସୁସ୍ମିତା ମିଶ୍ର

**ପ୍ରମିଳା, କବାଟକୁ ଆଉଜି ଲକ୍ଷ୍ୟ କରୁଥିଲା ସାଗରଙ୍କ ଶାଳୀନତା । ବାପାଙ୍କ ପସନ୍ଦର ସୋରିଷ ମସଲା ଦିଆ ସେରେଣା ମାଛ ଝୋଳ କରିବାକୁ ଚିନ୍ତା କରୁଥିଲା । ସେଦିନ ସେ ସେରେଣା ମାଛ ଧରି ବଜାରରୁ ଫେରୁଥିବା ବେଳେ ହିଁ ଦୁର୍ଘଟଣା ଘଟିଥିଲା । ବାସ୍, ମାଛତକ ଇଆଡେ ସିଆଡେ ରାସ୍ତାରେ ବିଞ୍ଚି ହୋଇ ପଡିଥିଲା ।**


ଗଳ୍ପକାର ଅଜୟ କୁମାର ପଣ୍ଡା

ଅରୁନ୍ଧତୀ ଶୁଣୁଛ, ଆଜି ବୁଧବାର, ଆଇଁଷ କଣ ଆଣିବି ବିବେକ ବାବୁ ପଚାରୁଛନ୍ତି ବା କାହିଁକି, ସେ ଭଲ ଭାବରେ ଜାଣନ୍ତି, ଅରୁନ୍ଧତୀ ମାଛ ବ୍ୟତୀତ ଆଉ କିଛି ଆଇଁଷ ଖାଆନ୍ତି ନାହିଁ । ମାଛ, ପୁଣି ରୋହି କି ଭାକୁର, ବାସ୍ । ସେ ଆନ୍ଧ୍ର ରୋହି ଭାକୁର ଖାଇ ଖାଇ ପାଟିକୁ ଅରୁଚି ବିବେକ ବାବୁଙ୍କର । ତାଙ୍କର ଇଛାଟି, ଚୂନା ଦଣ୍ଡିକିରି, ଚେଙ୍ଗ, କେରାଣ୍ଡି, କଣ୍ଟିଆଳି, ବାଲୁକୁଡି, ସେରେଣା, ଯାହାକୁ ଅରୁନ୍ଧତୀ କି ଝିଅ ପ୍ରମିଳା କେହି ପସନ୍ଦ କରନ୍ତିନି । ବାଧ୍ୟ ହୋଇ ବିବେକ ବାବୁ ରୋହି କି ଭାକୁର ଆଣନ୍ତି ଓ କେବଳ ମୁଣ୍ଡଟିକୁ ବାଛିବୁଛି ଖାଆନ୍ତି ।

କିଛି ସଂକ୍ରାନ୍ତି, ପୂର୍ଣ୍ଣମୀ କି ପୂଜା ପର୍ବ ନ ଥିଲେ ଏଦିନ ଆଇଁଷ ନିଶ୍ଚୟ ହୁଏ । ମାଛ ଦୋକାନୀ ପିଲାଟି ସକାଳୁ ସକାଳୁ ଫୋନ୍ କରି ପଚାରି ବୁଝେ ଆଜି କଣ ଯିବାର ଅଛି ଓ କହିବାର ଅଧ ଘଣ୍ଟା ଭିତରେ ଆଣି ପହଞ୍ଚାଇ ଦିଏ । କଲିଙ୍ଗ ବେଲ୍ ବଜାଇବାରେ ଟିକେ ବେଶୀ ବଳ ଖର୍ଚ୍ଚ କରେ, ଆଉ କବାଟ ଖୋଲିବାରେ ଟିକେ ଡେରି ହେଲେ ଥଳିଟା କବାଟ ହାଣ୍ଡଲ୍‌ରେ ଟଙ୍ଗେଇ ଦେଇ ଡ଼ିଆଁ ମାରିବ । ଭାବେ ବୋଧେ କବାଟ ପଛରେ କିଏ ଅନେଇକି ଠିଆ ହୋଇଥାଏ ଖୋଲିବା ପାଇଁ । କୋଉ ଟ୍ରେନ୍ ଧରିବାର ଥାଏ କେଜାଣି । ପଇସା ପଛେ ପରେ ନିଏ, ସେଠି ସେ ଦୁଇ ସେକେଣ୍ଡ ଠିଆ ହେବନି । ଆଜି ବିବେକ ବାବୁ କହିବା ମୁତାବକ ଏକ କିଲୋ ଆନ୍ଧ୍ର ରୋହି ମାଛ ଆଣି ଦେଇଗଲା ।

ଆଜି ଝିଅ ପ୍ରମିଳା ରୋଷେଇ କରିବ, ଆଳୁ ଓ ମସଲା ଦେଇ ମାଛ ଝୋଳ ରାନ୍ଧିଲା । ଛୁଟି ଦିନରେ ବିବେକ ବାବୁ ଦିନ ଦୁଇଟା ନ ବାଜିଲେ ଗାଧାନ୍ତି ନାହିଁ । ଝିଅର ତାଗିଦ୍, ବାପା ଜଲ୍‌ଦି ଗାଧାଅ, ଭୋକ କଲାଣି । ମୋ ହାତ ରନ୍ଧା ମାଛ ତରକାରୀ କିପରି ହୋଇଛି କହିବ । ଏହା କହି ପ୍ରମିଳା, ବିବେକ ବାବୁଙ୍କ ହାତ ଧରି ଟାଣିଟାଣି ଗାଧୁଆଘରକୁ ନେଇଗଲା । ଗାଧେଇବା ବେଳେ ବିବେକ ବାବୁ ଭାବୁଥିଲେ, ଆଗକୁ ନାହିଁ ପଛକୁ ନାହିଁ, ବକଟେ ବୋଲି ସନ୍ତାନ ଈଶ୍ୱର ଦେଇଛନ୍ତି, ସତରେ କେଡ଼େ ସ୍ନେହୀଟିଏ, ଠିକ୍ ତା ବୋଉ ପରି ।

ଅରୁନ୍ଧତୀ ଖାଇବାକୁ ବାଢ଼ିଲା ବେଳେ ବିବେକ ବାବୁଙ୍କ ପ୍ଲେଟ୍‌ରେ ମୁଣ୍ଡ ଲାଞ୍ଜ ଓ ଗୋଟିଏ ପିସ୍ ଦେଖି ପ୍ରମିଳା କହିଲା, "ଇଏ କଣ ବୋଉ, ମୋ ପାଇଁ ଏତେ ଗୁଡ଼ାଏ ପିସ୍ ଆଉ ବାପାଙ୍କର ପିସ୍ କାହିଁ ?"

ଅରୁନ୍ଧତି କହିଲେ, "ସେ ମୁଣ୍ଡ ଖାଇବାକୁ ଭଲ ପାଆନ୍ତି, ସେ ଟିକେ ଖାଇ ସାରନ୍ତୁ ତୁ ଦେଖିବୁ ପ୍ଲେଟ୍‌ଟା ସେ କେମିତି ଖାଇଥିବେ ।" ସତରେ ପ୍ରମିଳା ଲକ୍ଷ୍ୟ କରୁଥିଲା, ବାପା ମାଛ ମୁଣ୍ଡର ଅବଶିଷ୍ଟ ଅଂଶ କେମିତି ବାଛିବୁଛି ଗଦା କରିଛନ୍ତି ।

ପ୍ରମିଳା ଭାବେ, ମୋ ବାପା ସତରେ ଭଲ ପାଆନ୍ତି ମାଛ ମୁଣ୍ଡ ଖାଇବାକୁ ନା ଆମେମାନେ କେହି ନଖାଉ ଓ ଆମର ପିସ୍ ସଂଖ୍ୟା କାଳେ କମିଯିବ, ସେଇଥି ପାଇଁ ପସନ୍ଦ କରନ୍ତି !

"ବାପା, କହିଲନି ତ, ମୋ ପ୍ରଥମ ମାଛ ତରକାରୀ କେମିତି ହୋଇଛି ?"

"ଆରେ, କହିବାର ଅଛି, ଆହାଃ, ତୋ ବୋଉ ପରି ଅବିକଳ କରି ଦେଇଛୁ । ଆସନ୍ତା ରବିବାର ଟିକେ ମଟନ୍ ଆଣିବା, ରାନ୍ଧିବୁ ?" "ଯା ଯା" କହି ପ୍ରମିଳା, ବିବେକ ବାବୁଙ୍କୁ କୁଣ୍ଢେଇ ପକାଇଲା ।

ଅରୁନ୍ଧତୀ, ବାପାଝିଅଙ୍କ କଥା ଶୁଣି ଚିହିଙ୍କି ଉଠିଲେ: "ମଟନ୍ ଫଟନ୍ ହବନି, କେତେଥର ମନା କରିଛି ?"

"ଅରୁନ୍ଧତୀ, ଫଟନ୍ ନୁହେଁ ମଟନ୍ କଥା ଟିକେ କହୁଥିଲି", କହିଲେ ବିବେକ ବାବୁ । "ନାହିଁ ପରା କହିଲି, ବିଲ୍‌କୁଲ ନୁହେଁ ।" "ହଉହଉ, ହେଲା, ଚିକେନ୍ ଟିକେ ଆଣିବା ?" "ନାହିଁ ନାହିଁ ଜମା ନୁହେଁ", କହିଲେ ଅରୁନ୍ଧତୀ । "ଆଚ୍ଛା, ହେଲା ବାବା, ଅଣ୍ଡା ଝୋଳ ଟିକେ ।" ବାନ୍ତି ଉଠାଇ ଅରୁନ୍ଧତୀ କହିଲେ, "କିଏ ତୁମକୁ ବ୍ରାହ୍ମଣ ଘରେ ଜନ୍ମ ଦେଲେ ବା ?"

ଅରୁନ୍ଧତୀ ଶେଷରେ ଖାଇ ବସି, ମାଛ ଝୋଳରୁ ହାପୁଡ଼ାଏ ନେଇ ପ୍ରମିଳାକୁ ଡାକ ଛାଡିଲେ: "ହଇଲୋ ପମି, ତୁ ତରକାରୀରେ ଲୁଣ ପକେଇନୁ ? ବାପ ଝିଅ ତ ବେଶ୍ ଖୁସିରେ ଖାଇଦେଲ ? ମୁଁ କରିଥିଲେ ତୋ ବାପା ଏଇଲେ ତୁମ୍ବିତୋଫାନ୍ କରି ଥାଆନ୍ତେ ।"

ବିବେକ ବାବୁ ଶୋଇବାର ଅଭିନୟ କରି କଡ଼ ନେଉଟାଇ ହସୁଥିଲେ ।

.....ବାହାଘର ପ୍ରସ୍ତାବ ଶୁଣୁଶୁଣୁ ଗୋଡ଼ କଚାଡି ଚିତ୍କାର କଲା ପ୍ରମିଳା । ମନା କଲି ମୁଁ ଏବେ ବାହା ହେବିନି, ତଥାପି କୋଉ ମୁହଁରେ ତୁ ଡାକି ଦେଇଛୁ ସେ ଲୋକର ଘରବାଲାଙ୍କୁ । ତୁ ଡାକିଛୁ, ତୁ ବୁଝିବୁ, ମୁଁ ଘରେ ରହି ପାରିବିନି ।

ଟିକେ ଆସ୍ତେ କହନ୍ତୁ, ସେପଟେ ଜଣା ଖୁଡି ଅଛନ୍ତି । ଶୁଣିଲେ କଣ ଭାବିବେ । ଯାହା ଭାବନ୍ତୁ ସେମାନେ, ମୋର କଣ ଯାଏ ।

ତୋର କିଛି ସିନା ଯିବନି ମୁଁ ତ ପୁଣି ସେଇମାନଙ୍କୁ ଧରିଲେ ଚଳିବି ନା । କଣ ଦିନକର କଥା ହେଉଛି । ବାପା ତ ତୋର ବିଛଣାରେ ବର୍ଷେ ହେଲା । ସିଲେଇ ମେସିନ୍ ପକେଇ ଯାହା ଅର୍ଜିଲି ଅଧାରୁ ଅଧିକ ତାଙ୍କ ଲାଗି ଖର୍ଚ୍ଚ ହେଲା । ନା ତତେ ଭଲମନ୍ଦ କରି ଖୁଆଇ ପାରିଲି ନା ମନଲାଖି ଖଣ୍ଡେ ପିନ୍ଧିବାକୁ ଦେଇ ପାରିଲି । ପାଠ ପଢ଼ିବାକୁ ସମ୍ବଳ ଆସିବ କୋଉଠୁ । ଯୋଉଠି ବାପ ଅକର୍ମଣ୍ୟ, ସେଠି ନ କହିଲା ଲୋକ ଦୁଇପଦ କହି ଦେଇଥିବେ ।

ନରମି ଯାଇଥିଲା ପ୍ରମିଳା । ଏଇତ ତା ପାରିବାରିକ ଜୀବନର ନଗ୍ନ ଚିତ୍ର । ବାପାଙ୍କର ଗୋଟେ ସଡ଼କ ଦୁର୍ଘଟଣାରେ ଅକର୍ମଣ୍ୟ ହେବା ପରେ, ପରିବାରର ମାନଚିତ୍ର ହଠାତ୍ ବଦଳି

ଯାଇଛି । ଦୋକାନ କରି ଗୁଜୁରାଣ ମେଣ୍ଟାଇବା ବାପା ପାରାଲିସିସ୍‌ରେ ପଡ଼ି ଯାଇଥିଲେ । ଦୋକାନଘର ଭଡ଼ା ଦେଇ ନ ଥିବାରୁ ଘର ମାଲିକ ସବୁ ଜିନିଷପତ୍ର ରଖିଦେଲା, ତଥାପି ପନ୍ଦର ହଜାର ବାକି ପଡୁଛି । ସେତକ ଶୁଝି ହେଇନି ବୋଲି ରାସ୍ତାରେ ଘାଟରେ ଯେଉଁଠି ଦେଖିଲେ ଅପଦସ୍ତ କରୁଛି ।

ତା ଭିତରେ କକାଖୁଡ଼ୀଙ୍କ ବ୍ୟବହାର ଆହୁରି ଖରାପ । ନାମକୁ ମାତ୍ର ଏକାଠି ଅଛନ୍ତି ସିନା, ଦୁଇଟି ଅଲଗା ଅଲଗା ଚୁଲା, ମନ ଭିତରେ ଦୂରତ୍ୱ ଯୋଜନ ଯୋଜନ । ବେଳ ପଡ଼ିଲେ ବେଶ୍ ଦୁଇପଦ ଶୁଣେଇ ଦେବାକୁ ଭୁଲନ୍ତିନି । ସବୁ ଶୁଣନ୍ତି ଅରୁନ୍ଧତୀ, ବହୁତ କଷ୍ଟ ହୁଏ, ହେଲେ କଣ କରିବେ । ଭାଗ୍ୟ ତ ତାଙ୍କ ସହ ଏଇ ଖେଳ ଖେଳିଛି । ହସଖୁସିର ଦୁନିଆଁ ତାଙ୍କର ଉଜୁଡ଼ିଗଲା କାହାର କାଳ ନଜର ପଡି ।

ଅରୁନ୍ଧତୀ ବସିଗଲେ ସେଇଠି ଝାଡୁ ମୁଠାଟା ଧରି । ଚାଳରେ କୁଆ ରାବୁଛି ମୁହଁକୁ ଚାହିଁ, କାଳେ ଚାଉଳ ଯୋଡିଏ ମିଳିବ । ଦେବାକୁ ଇଚ୍ଛା ଥିଲେ ବି ଦେଇ ପାରୁନାହାନ୍ତି ଅରୁନ୍ଧତୀ । କାଳେ ସାନ ଯାଆ ଭାନୁମତୀ ଦେଖିଦେବ, ତାପରେ ମହାଭାରତ ଆରମ୍ଭ ହେଇଯିବ ।

ସେ ସାନଯାଆ ହେଲେ ବି ତାକୁ ଅରୁନ୍ଧତୀଙ୍କ ବହୁତ ଡର ତାକୁ । ନାଆଁ ସିନା ଭାନୁମତୀ, ଭିତରେ ବାହାରେ କିନ୍ତୁ ଅଜସ୍ର ଘୃଣାର ବଟବୃକ୍ଷ । ଆଗ୍ନେୟଗିରିର ତରଳ ଲାଭା ପରି କେତେବେଳେ କାହା ଉପର ଦେଇ ବୋହିଯିବ, କେହି ଜାଣି ପାରିବେନି । ଯୋଉଠି ତା'ର ସ୍ୱାମୀ ପୁଅ ଛାଡ ଯାଉନାହାନ୍ତି ଗାଳି ଶୁଣିବାରୁ, ସେଠି ଅରୁନ୍ଧତୀର ବା କାଟ୍‌ତି କେତେ ! ସେହି ଭାନୁମତୀ ଆଣିଛନ୍ତି ପ୍ରସ୍ତାବ ପ୍ରମିଳା ପାଇଁ ତାଙ୍କର କୋଉ ଦୂର ସମ୍ପର୍କର ଭାଇ ସହିତ । ବୟସ ଟିକେ ଅଧିକା ହେଇଯାଇଛି ସିନା ଦେଖିବାକୁ ରାଜା ପୁଅ ଭଳି । ଆଗରୁ ଥରେ ବାହା ହେଇଥିଲା, ସ୍ତ୍ରୀ ମରିଯାଇଛି । କାହିଁକି ମଲା, କେମିତି ମଲା କିଛି ଜଣାନାହିଁ ଅରୁନ୍ଧତୀକୁ ।

ଜାଣିଲ ଅପା ଭାଇନା ମୋର ଖାଣ୍ଟି ସୁନା, ମାଛିକି ମ ବୋଲି କହେନି । ରୋଗିଣା ଝିଅଟା, ବାପା ତାର ଲୁଚେଇ ବାହା କରିଦେଲା । ଆମେ କିଛି ଜାଣି ପାରିଲୁନି । ତଥାପି ତାର ଯତ୍ନରେ କିଛି ହେଳା କରିନି ମୋ ଭାଇ, ଅଳ୍ପାୟୁସିଟା ଚାଲିଗଲା ।

ଯାଆଁଳା ପିଲା ହେବାର ଥିଲା, ଜନ୍ମ କରି ପାରିଲାନି, ମରିଗଲା । ଭାଗ୍ୟ ଜୋର୍ ଥିଲା ବୋଲି ପୁଅ ଛୁଆଟା ବଞ୍ଚିଗଲା । ଏବେ ପୁଅଟା ବି ବଡ଼ ହେଇଗଲାଣି, ଚାକିରୀ କରି ବାହାରେ ରହୁଛି । ଭାଇନା ମୋର ଘରେ ଏକୁଟିଆ । କୋଉ ବୋହୂ ଶଶୁର ପାଖେ ରହି ସେବା କରିବାକୁ ଚାହୁଁଚି । ଏତେ ଧନସମ୍ପତ୍ତି କିଏ ଭୋଗ କରିବ । ସାବତ ମା' ଆସିଲେ କାଳେ ପିଲାକୁ କଷ୍ଟ ଦେବ ବୋଲି ବାହା ହେବାକୁ ରାଜି ହେଉ ନଥିଲା । ଏବେ ତ ଛୁଆ ବଡ଼ ହେଇ ବାହାରେ ରହିଲା, ନିଜ କଥା ନିଜେ ବୁଝିଲା ସେଥିଲାଗି ପରା ଖାଲି ଘର ବୁଝିବାକୁ ଭାଇନା ମୋର ବାହାହେବାକୁ ରାଜି ହେଲା, କମ୍ ବୁଝେଇଲି ତାକୁ । ଶେଷରେ ମୋ କଥା ଶୁଣିଲା । ଖାଇବା ପିଇବା କି ଲଗେଇବା ପିନ୍ଧିବା କୋଉଥିରେ ଊଣା ହେବନି ଆମ ପମିର ।


ତୁମ ମାନଙ୍କର ବି ସବୁ ସୁବିଧା ଅସୁବିଧାରେ ସେ ଠିଆ ହେବ । ଯେତେ ଦେଣା କରଜ ଅଛି ସବୁ ଶୁଝେଇ ଦେବ ସେ, ଖାଲି ପମି ଚାରୁ ବାହା ହେଇସାରୁ ।

ହେଲେ ଭାନୁ ,ବୟସ ଟିକେ ବେଶି ଅଧିକା ହେଇ ଯାଉନି କି ତାଙ୍କର । ପମି ମୋର ଛୋଟିଆ ଝିଅ, ସେ କଣ ଏତେ ସବୁ ବୁଝିପାରିବ ? କି କଥା କହୁଛ ଅପା । ପୁଅ ପିଲାର ବୟସ ଗୋଟାଏ କଣ ? ତୁମେ ଦେଖିବନି, ଭାଇନା ମୋର କେମିତି ଦିଶିଲା ଅଛି । ଆଉ ଗୋଟେ କଥା, ପମିକୁ ଆସି କୋଡ଼ିଏ ହେବ, କୋଉ ଛୋଟିଆ ଝିଅ ହେଇଛି । ପାଠ ପଢ଼ିଛି ଯେତିକି ତା ଘରର ହିସାବ କିତାବ ଠିକ୍ ବୁଝିବ ।

ବାପା ତ ତାର ଅପଙ୍ଗ, କଣ ଦେଇନେଇ ତାକୁ ବାହା କରିପାରିବ, ଆମରି ମୁଣ୍ଡରେ ସବୁ ଦାୟିତ୍ୱ । ମୋର ବି ଝିଅ ଦୁଇଟା ବାହାରି ପଡିଲେଣି ବାହା ହେଲା ଭଳି । ତାଙ୍କ କଥା ତ ପୁଣି ବୁଝିବି । ବଡ଼ ଥାଉ ଥାଉ ସାନକୁ ତ ଆଉ ବାହା କରି ପାରିବିନି, ଲୋକେ କଣ କହିବେ ? ତେଣୁ ତୁମେ ଭାବ, ତୁମେ କ'ଣ କରିବ । ଭାଇନା ଆଜି ଆସିବ, ଫାଇନାଲ କରି କି ଯିବ । ଯଦି ହଁ କହିଲେ ତ ଭଲରେ ବାହାଘର କରିଦେବି, ଯଦି ମନା ହେଲା ତୁମ କଥା ତୁମେ ବୁଝିବ,ମତେ ପଛରେ କହିବନି ।

ଅରୁନ୍ଧତୀ ଆଖିରୁ ଲୁହ ବାହାରି ଆସୁଥିଲା । ଭେଣ୍ଡିଆ ପୁଅ ଥିବା ଗୋଟେ ଦରବୁଢ଼ା ଲୋକହାତରେ ନିଜ ଝିଅର ଭବିଷ୍ୟତ ଟେକିଦେବେ କଣ ଖାଲି ଗରିବ ଅକର୍ମଣ୍ୟ ସ୍ୱାମୀ ବୋଲି ! ନା ସେକଥା ସେ କେବେ କରେଇ ଦେବନି । ସିଧା ମନା କରିଦେବେ । ଭାନୁ ଠିକ୍ କଥା କହିଛି, ଆଜି ଆସନ୍ତୁ ତା ଭାଇନା, ଫାଇନାଲ ହେଇଯିବ । ପଛେ ଭିକ ମାଗିବେ ଦୁହେଁ ହେଲେ ଏମିତି ବରକୁ ନିଜ ଝିଅକୁ ବାହା ଦେଇ ପାରିବେନି । ମନକୁ ଟାଣ କରି ଅରୁନ୍ଧତି ଉଠିଲେ, କେତେ କାମ ପଡ଼ିଛି ।

ଯଥା ସମୟରେ ଭାନୁର ଭାଇନା ପହଞ୍ଚି ଯାଇଥିଲେ, ସାଙ୍ଗରେ ପୁଅକୁ ନେଇ । ଭାଇନାକୁ ଚର୍ଚ୍ଚା କରିବାରେ ହେଳା କରି ନଥିଲେ ଭାନୁମତୀ, ଗୋଡ଼ ତଳେ ଲାଗୁନଥିଲା । ଜଳଖିଆ ପରେ କଥାବାର୍ତ୍ତା ଆରମ୍ଭ ହେବ ।




ରାଣ ପକେଇ ପ୍ରମିଳାକୁ ମନା କରିଥିଲେ ଅରୁନ୍ଧତୀ । ବାହାଘର ହେଉ ବା ନ ହେଉ ସେ ଯେମିତି ଯାଡ଼ୁସାଡ଼ୁ କିଛି କହି ଅତିଥିଙ୍କୁ ଅପମାନ ନକରେ । ତେଣୁ ପ୍ରମିଳା ଖୁଡ଼ୀର ଭଲ ଶାଢ଼ି ଖଣ୍ଡେ ପିନ୍ଧିଛି । ବେକରେ କାନରେ ତାଙ୍କ ଝିଅମାନଙ୍କର ମାଳି ଆଉ ଝୁମୁକା ନାଇଛି । ଖୁଡ଼ୀର ନିର୍ଦ୍ଦେଶରେ ସେମାନଙ୍କ ପାଖକୁ ଯାଇ ମୁଣ୍ଡିଆ ମାରି ବସି ପଡ଼ିଲା । ମାଆ ଉପରେ ତାର ଅନେକ ଭରସା । ସେ ଜାଣେ ମାଆ କେବେ ତାର ଖରାପ ଚାହିଁ ବନି ଆଉ ଯଦି ଠିକ୍ ଭାବି ସେ ବୁଢ଼ାକୁ ବାହା କରିଦେଲା ତେବେ ସାରା ଜୀବନ ପାଇଁ ବାପଘର ବାଟ ଭୁଲିଯିବ ପ୍ରମିଳା ।

ବାପପୁଅ ଚୁପ୍‌ଚାପ୍ । ଭାବୁଛନ୍ତି କଣ ପଚାରିବେ, କିଏ ଆଗ ପଚାରିବ । ପୁଅ ମୁହଁ ଖୋଲିଲା । ମୋ ନାଁ ସାଗର, ସାଗର ଆଚାର୍ଯ୍ୟ । ମୁଁ ବାହାରେ ରହୁଛି, ସରକାରୀ ଆଇଟିଆଇ, କଟକରୁ ପାଶ୍ କଲା ପରେ ଗୋଟେ କାରଖାନାରେ ଚାକିରୀ କରୁଛି । ପ୍ରମିଳା ଭାବୁଥିଲା ତୋ ନାଁ ଗାଁ ଜାଣି କଣ କରିବି ବା, ବାପାକୁ ବାହା କରିବାକୁ ଆସିଛୁ, ତା ନାଁ ଗାଁ ଗୁଣଗ୍ରାମ କହୁନ । ନିର୍ଲଜଟା ବାପ ବାହାଘର ପାଇଁ କନ୍ୟା ଦେଖି ଆସିଛି ।

ଇଏ ମୋ ବାପା, ବୈକୁଣ୍ଠନାଥ ଆଚାର୍ଯ୍ୟ । ଗାଁ ରେ ରହନ୍ତି, ଚାଷବାସ ବୁଝନ୍ତି । ମୋର ଇଚ୍ଛା ତାଙ୍କୁ ନେଇ ପାଖରେ ରଖିବି । ମୋ ଛଡ଼ା ତାଙ୍କର ଆଉ କିଏ ଅଛି । ହେଲେ ସେ କଣ ବୁଝନ୍ତି । ଏକା ଜିଦ୍ ଆଗେ ବାହାଘର ତାପରେ ଯୋଉ କଥା ।

ପ୍ରମିଳା ଭାବୁଥିଲା, ହଁ ଜିଦ୍ କରିବେନି ତ ଆଉ କଣ କରିବେ । ପୁଅକୁ ବାହା କରିବା ବୟସ ହେବା ପରେ, ବାପ ଯଦି ନିଜେ ବାହା ହେବାକୁ ମନ କରୁଛି, ଆଉ ପୁଅଠି କାମ କଣ ?

ସାଗର କହିଲା ଆମର ପସନ୍ଦ ହେଇଛି । ମୁଁ ଯାହା କହିବି ବାପା କେବେ ବାହାରି ଯିବେନି । ଯଦି ତୁମର କିଛି କହିବାର ଅଛି କି ପଚାରିବାର ଅଛି ପଚାର ।



ଭାନୁମତୀ କହିଲେ ପଚାରିବ କଣ ମ, ଏମିତି ଘରବର କଣ ତାକୁ ମିଳିଥାନ୍ତା ? ତା ଭାଗ୍ୟ ଜୋର୍ ଅଛି କହ । ପ୍ରମିଳା ଚାହିଁଲା ବୋଉ ଅରୁନ୍ଧତିଙ୍କ ମୁହଁକୁ । ବୋଉ ଆଖିରେ ଢଳଢଳ କରୁଥିଲା ଲୁହ । ସାଗରର ନଜର ପଡିଗଲା, ଆରେ ଆପଣ କାନ୍ଦୁଛନ୍ତି କାହିଁକି ? ଆପଣଙ୍କ ଝିଅକୁ ଆମେ ଖୁବ୍ ଭଲରେ ରଖିବୁ, ଚିନ୍ତା କରନ୍ତୁନି, ବାପା ମୁଁ ଠିକ୍ କହିଲି ନା ?

ଖୁସି ହେଇଗଲେ ଭାନୁମତୀ, ହଁ ହଁ ମୋ ପୁତୁରା କଣ କେବେ ଖରାପ କଥା କହିବକି । ଜାଣିଲ ଅପା, ମୋ ଭାଇନାକୁ ସାଗର ଭାରି ଭଲପାଏ, ବେଶ୍ ସମ୍ମାନ କରେ । କି ଭଲପାଇବା ତାଙ୍କ ଦୁଇ ଜଣଙ୍କ ଭିତରେ । ସାଗର ମନକୁ ପାଇଛି ମାନେ ଭାଇନା କେବେ ନାପସନ୍ଦ କରିବେନି ।

ବୈକୁଣ୍ଠନାଥ ଖୁବ୍ ଖୁସି ହେଇଗଲେ । ବୁଝିଲୁ ଭାନୁ, ତୋ ଭାଉଜ ଗଲା ପରେ ଏଇ ପୁଅକୁ କେତେ କଷ୍ଟରେ ମଣିଷ କରିଛି, ସେକଥା ଖାଲି ମୁଁ ଜାଣେ, ଏବେ ତା ଚିନ୍ତା ସରିଲା । ଯଦି ଅରୁନ୍ଧତି ଅପାଙ୍କର କିଛି ଆପତ୍ତି ନଥାଏ, ଆସନ୍ତା ଲଗ୍ନରେ କାମଟା ସାରିଦେବା । ପ୍ରମିଳାର ମତ କଣ ଆଗେ କହୁ । କୁହ ପ୍ରମିଳା, ଯାହା କହିବାର ଅଛି ମନଖୋଲି କହିଦିଅ ।

ମୋର ପାଠ ପଢ଼ା ସରିନି । ତେଣୁ ଏବେ ପାଇଁ ବାହାଘର କଥା କିଛି ଭାବିନି । ଇଚ୍ଛା ଥିଲା ପାଠପଢି କୋଉଠି ଛୋଟମୋଟ ଚାକିରୀ ଖଣ୍ଡେ କରିବି । ବାପାଙ୍କ କଥା ତ ଆପଣ ଦେଖୁଛନ୍ତି । ତାଙ୍କର ଟ୍ରିଟ୍‌ମେଣ୍ଟ ନିହାତି ଦରକାର । ମୋ ମନ କହୁଛି ସେ ସେବା ଯତ୍ନ ସହ ଚିକିତ୍ସା ପାଇଲେ ଶୀଘ୍ର ଭଲ ହେଇଯିବେ । ସାଗର କହିଲା ସେସବୁ ଦାୟିତ୍ୱ ମୁଁ ନେବି । ମୋ ବାପା ଛଡ଼ା ଆମର ଆଉ କିଏ ଅଛି କି । ମୁଁ ତୁମର କିଛି ଅସୁବିଧା କରାଇ ଦେବିନି ।

ଭାନୁମତୀ ଖୁବ୍ ଉତ୍ସାହରେ ମିଠା ପ୍ଲେଟ୍‌ରୁ ମିଠା ନେଇ ବୈକୁଣ୍ଠ ଭାଇନାଙ୍କ ପାଟିରେ ପୂରେଇ ଦେଇ କହିଲେ, ବହୁତ୍ ବଢ଼ିଆ ହେଲା ଭାଇନା । ପ୍ରମିଳା ଭଳି ଝିଅଟିଏ ପାଇବା ଭାଗ୍ୟର କଥା । ହଁ ଭାଗ୍ୟ ନୁହେଁ ତ ଆଉ କଣ । ଠାକୁରେ ଚାହିଁଲେ ମାଘମାସ ଶ୍ରୀ ପଞ୍ଚମୀ ଦିନ ବାହାଘର କାମଟା ସାରିଦେବା ନା କଣ ଅରୁନ୍ଧତୀ ଅପା ? ନାଇଁ ଆଉ ଅପା କହିବିନି, ସମୁଦୁଣୀ ଭଳି ମଧୁର ସମ୍ପର୍କ ଥାଉଥାଉ ଅପା କାହିଁକି କହିବି ?

ଏକାବେଳେ ଚମକି ପଡ଼ିଲେ ତିନିଜଣ ଯାକ ଅରୁନ୍ଧତୀ, ଭାନୁମତୀ ଆଉ ପ୍ରମିଳା । ଭାଇନା ଏ କଣ କହୁଛ ତୁମେ, ସମୁଦୁଣୀ କିଏ ? କାଇଁ ପୁଅର ମୋର କଣ ବାହା ବୟସ ହେଇନି କି । ଯଦି ପ୍ରମିଳା ମୋର ବୋହୂ ହୁଏ ତେବେ ଅରୁନ୍ଧତୀ ଅପା ମୋର ସମୁଦୁଣୀ ହେବ ନା ନାହିଁ ?

ହେଲେ ମତେ ତ ତୁମେ କହିଥିଲ ଯେ ତୁମେ ଝିଅ ଖୋଜୁଛ ବୋଲି, ମୁଁ ଭାବିଲି କି, କଥା ଛଡେଇ ନେଇ ବୈକୁଣ୍ଠନାଥ କହିଲେ ପାଗଳିଟା କିଲୋ । ମୁଁ ଝିଅ ଖୋଜୁଥିଲି ଏ କଥା ସତ, ହେଲେ କାହା ପାଇଁ ତୁ କଣ ଜାଣି ପାରିଲୁନି ? ମତେ ପଚିଶ ବରଷ ବେଳେ କୋମଳ ଶିଶୁଟିକୁ ମୋ କୋଳରେ ଛାଡ଼ି ଆଖି ବୁଜିଲେ ତୋ ଭାଉଜ । ତୁମେମାନେ କେତେ କହିଲ, ବୋଉ କେତେ କାନ୍ଦିଲା ଛୁଆଟା ଲାଗି ମାଆଟାଏ ଆଣିବାକୁ । ହେଲେ ମୁଁ କଣ କାହା କଥା ଶୁଣିଥିଲି, ଆଉ ଆଜି ମୁଁ ଯେତେବେଳେ ଯୁଆନ ରୋଜଗାରିଆ ପୁଅର ବାପା ହେଇଗଲାଣି ଆଉ ଥରେ ବାହା ହେବି ନା କଣ ?

ତୋର ଇଚ୍ଛା କଣ କହୁନୁ ସାଗର । ସାଗର ଲାଜରେ ମୁହଁ ତଳକୁ କଲା । ଯଦି ଆପଣଙ୍କର ପସନ୍ଦ ହେଇଛି ମୁଁ ମନା କରିବିନି ହେଲେ ସେ କଣ କହିଲେ ଶୁଣିଲ ତ । ପାଠପଢ଼ା ଅଛି ଚାକିରୀ କରିବେ । ସେକଥା ମୁଁ ବୁଝିବି, ତୋର ଚିନ୍ତା କରିବା ଦରକାର ନାହିଁ । ପ୍ରମିଳା ତୋର ମା ମତ କଣ କହୁନୁ, ସାଗର ତୋର ପସନ୍ଦ ତ ? ପ୍ରମିଳା ଉଠି ଠିଆ ହେଲା । ପକେଟ୍‌ରୁ ମୁଦିଟିଏ କାଢି ପ୍ରମିଳା ହାତରେ ପିନ୍ଧେଇ ଦେଲେ ବୈକୁଣ୍ଠନାଥ । ଅରୁନ୍ଧତୀ ଠାରିଦେଲେ, ବୈକୁଣ୍ଠନାଥଙ୍କୁ ପାଦ ତଳେ ମୁଣ୍ଡିଆ ମାରିଲା ପ୍ରମିଳା । ମୁଣ୍ଡରେ ହାତ ଦେଇ ଆଶୀର୍ବାଦ କଲେ ବୈକୁଣ୍ଠନାଥ ।

ଗୋଟିଏ ମୁହୂର୍ତ୍ତରେ ବଦଳି ଯାଇଥିଲା ପ୍ରମିଳାର ମନ । ଖୁସିରେ କୁରୁଳି ଉଠୁଥିଲା ସେ । ଯେମିତି ନୂଆ ଡେଣା ଗଜୁରି ଉଠିଛି ଆଉ ସେ ଆଜି ସେଇ ଡେଣାରେ ଉଡ଼ିଯିବ କେଉଁ ଅଜଣା ରାଇଜକୁ । ସାଗର ଆଡେ କଣେଇ ଚାହିଁଲା ପ୍ରମିଳା, ଆଖିରେ ଆଖି ମିଶାଇଲା । ଦୁଇଟି ଆଖି ସହ ଦୁଇଟି ମନର ମିଳନ ମୁହୂର୍ତ୍ତକୁ ଉପଭୋଗ କରୁଥିଲେ ସମସ୍ତେ ।

ଆଖିବୁଜି କାଳିଆ ସାଆନ୍ତଙ୍କ ଫଟୋ ସାମ୍ନାରେ ହାତ ଯୋଡ଼ି ଠିଆ ହୋଇଥିଲେ ଅରୁନ୍ଧତି, ହେ ଲୀଳାମୟ, ତୁମ ଲୀଳା କେବଳ ତୁମକୁ ହିଁ ଜଣା । ପାଖ ଖଟରେ ଶୋଇ ରହି ବିବେକ ବାବୁ ସବୁ କଥା ଶୁଣୁଥାଆନ୍ତି । ଅରୁନ୍ଧତୀ ପଢି ପାରୁଥିଲେ ତାଙ୍କର ଆଖିର ଔଜଲ୍ୟ । ସେଇ ବଖରା ଭିତରକୁ ବୈକୁଣ୍ଠନାଥ ବାବୁ ଓ ସାଗର ପଶି ଆସି ବିବେକ ବାବୁଙ୍କୁ ସମ୍ବର୍ଦ୍ଧନା ଓ ଆଶ୍ୱାସନା ଦେଲେ ।

ପ୍ରମିଳା, କବାଟକୁ ଆଉଜି ଲକ୍ଷ୍ୟ କରୁଥିଲା ସାଗରଙ୍କ ଶାଳୀନତା । ବାପାଙ୍କ ପସନ୍ଦର ସୋରିଷ ମସଲା ଦିଆ ସେରେଣା ମାଛ ଝୋଳ କରିବାକୁ ଚିନ୍ତା କରୁଥିଲା । ସେଦିନ ସେ ସେରେଣା ମାଛ ଧରି ବଜାରରୁ ଫେରୁଥିବା ବେଳେ ହିଁ ଦୁର୍ଘଟଣା ଘଟିଥିଲା । ବାସ୍, ମାଛତକ ଇଆଡେ ସିଆଡେ ରାସ୍ତାରେ ବିଞ୍ଚି ହୋଇ ପଡିଥିଲା ।



HIGHLAND
A Highland Group Entity
HIGHLAND
Highland Ajisen
Highland Oishii
Highland De La Mer Pvt. Ltd, founded and promoted by Mr. Pratik Jena is making a mark in the export market of frozen shrimp with good and world class quality materials.
HIGHLAND DE LA MER PVT. LTD
Alupur, O.T Road, Balasore, Odisha, India - 756001
sales@highlanddelamer.in, + 91 - 9861201752
www.highlanddelamer.in

# ମୋ ପସନ୍ଦର ନୂଆମୁହଁ

ଆଜିର ସମୟରେ ଯୋଉମାନଙ୍କର ମୁହଁ ଦିଶୁଛି କବିତାର ସ୍ୱର୍ଣ୍ଣିମ-ବଳୟ ଭିତରୁ, ତନ୍ମଧ୍ୟରୁ ଅନେକଙ୍କ କବିତାରେ ରହିଛି ନୂଆ ଚିତ୍ର, ନୂଆ ସ୍ୱର ଏବଂ ଭିନ୍ନ ଭାବବଳୟ- ଜୀବନକୁ ଜଳେଇ, ସିଝେଇ ବାଷ୍ପୀଭୂତ କରି ତାକୁ ପୁଣି ଶୀତଳେଇ ଠିଆ କରେଇବା ସ୍ୱଚ୍ଛ ସ୍ୱରୂପରେ ସେମାନଙ୍କ କବିତା ଉଭା । କାରଣ ହଜି ଯାଉଥିବା ଓ ଖୋଜି ହେଉଥିବା ତଥା ଛିଡ଼ି ଛିଡ଼ି ଯାଉଥିବା ଅଥଚ ଯୋଡ଼ି ହେଇ ରହିବାର ଅଦମନୀୟ ପ୍ରଚେଷ୍ଟା ଜନିତ ସଂଘାତ, ସଂଘର୍ଷ ଓ ପ୍ରତିକ୍ରିୟା ସହିତ ଏକ ବିସ୍ତାରବାଦୀ ଯୁଦ୍ଧଖୋର ସମୟର ଅସହାୟତା, କ୍ଳେଶ, ଗ୍ଲାନି ଓ ବିବିଧ ଅବକ୍ଷୟର ଆତଙ୍କରେ ଜର୍ଜରିତ ଏକ ବିଚିତ୍ର କାଳଖଣ୍ଡର କକ୍ଷପଥରେ ଗତି କରୁଛି ଆମର ବିଶ୍ୱ । ସେଇଠି ହିଁ ଆମର ନୂଆମୁହଁମାନେ ଆହରଣ କରୁଛନ୍ତି କବିତାର ବେଗ ଓ ବିଶ୍ୱାସ । ନୂଆମୁହଁଙ୍କ ଭିତରେ କାଣିଚାଏ ବିଶ୍ୱାସ ଓ ଆସ୍ଥା ଛିଞ୍ଚି ଦେବାର ଏ ପ୍ରୟାସ 'ରେବତୀ' କରି ଆସୁଛି । ଆଶା, ଏଇ ନୂଆମାନେ ଦିନେ ମହାଦ୍ରୁମ ହୋଇ ଚମକେଇ ଦେବେ ଆମକୁ ।



# ଓଡ଼ିଆ କବିତାରେ ନୂଆମୁହଁ

**ତ୍ରିନାଥ ସିଂହ**
ଭବିଷ୍ୟନିଧି କାର୍ଯ୍ୟାଳୟ, ପାନପୋଷ ମାର୍ଗ,
ରାଉରକେଲା-୭୬୯୦୧୨,
ଫୋନ: ୮୮୯୫୦୯୯୪୬୪

**ଏ ଯାବତ୍ ନିର୍ଣ୍ଣିତ ହେଇପାରିଲା ନାହିଁ କବିତାର ସଂଜ୍ଞା; ଏବଂ ଅନିର୍ଣ୍ଣିତ ହେଇ ରହିଯିବାଟା ହିଁ ବୋଧହୁଏ ଅବଧାରିତ କବିତା ପାଇଁ । ଏହି ସୁବିଶାଳ ବ୍ରହ୍ମାଣ୍ଡ ଠାରୁ ବି ଆହୁରି ବିଶାଳ କବିତାର କାନ୍‌ଭାସ୍- ଯାହାର କିୟଦଂଶକୁ ବାଦ୍ ଦେଲେ, ବହୁ ବିଶାଳ ଭାଗ ଏବେ ବି ଆମ ପାଇଁ ଅନାଲୋକିତ ଓ ଅନାଲୋଚିତ; ଯୋଉଥିପାଇଁ କବିତା ପ୍ରତିଥର ନୂଆ ରୂପରେ ଆସି ଠିଆ ହେଇପଡ଼େ ଆମ ସମ୍ମୁଖରେ ଓ ଆଚମ୍ବିତ କରୁଥାଏ ଥରକୁ ଥର । ସେଇ କବିତା ଭିତରୁ ଯେଉଁ ନୂଆମୁହଁ ଦିଶୁଥାଏ ତୁହାକୁ ତୁହା, ସେପରି ତିନି ଜଣ ହିଁ ଆଲୋଚ୍ୟ ଏଥର ।**

ଏ ଯାବତ୍ ନିର୍ଣ୍ଣିତ ହେଇପାରିଲା ନାହିଁ କବିତାର ସଂଜ୍ଞା; ଏବଂ ଅନିର୍ଣ୍ଣିତ ହେଇ ରହିଯିବାଟା ହିଁ ବୋଧହୁଏ ଅବଧାରିତ କବିତା ପାଇଁ । ଏହି ସୁବିଶାଳ ବ୍ରହ୍ମାଣ୍ଡ ଠାରୁ ବି ଆହୁରି ବିଶାଳ କବିତାର କାନ୍‌ଭାସ୍- ଯାହାର କିୟଦଂଶକୁ ବାଦ୍ ଦେଲେ, ବହୁ ବିଶାଳ ଭାଗ ଏବେ ବି ଆମ ପାଇଁ ଅନାଲୋକିତ ଓ ଅନାଲୋଚିତ; ଯୋଉଥିପାଇଁ କବିତା ପ୍ରତିଥର ନୂଆ ରୂପରେ ଆସି ଠିଆ ହେଇପଡ଼େ ଆମ ସମ୍ମୁଖରେ ଓ ଆଚମ୍ବିତ କରୁଥାଏ ଥରକୁ ଥର ।

ଅଷ୍ଟମ ଶତାବ୍ଦୀରେ, କବିତାର ସ୍ୱରୂପ ବର୍ଣ୍ଣନା କରିବାକୁ ଯାଇ ସେବେକାର ସଂସ୍କୃତସାହିତ୍ୟର ବିଶିଷ୍ଟ ବିଦ୍ୱାନ ଆଚାର୍ଯ୍ୟ ବାମନ କହିଲେ: 'ରୀତିରାତ୍ମା କାବ୍ୟସ୍ୟ' ଅର୍ଥାତ୍ ରୀତି ହେଉଛି କାବ୍ୟ ବା କବିତାର ଆତ୍ମା । ଠିକ୍ କଥା । ଏହାର ସାତଶତାବ୍ଦୀ ପରେ ପଞ୍ଚଦଶ ଶତାବ୍ଦୀ ବେଳକୁ ସୁଖ୍ୟାତ ଓଡ଼ିଆ ବୟାକରଣିକ କବିରାଜ ବିଶ୍ୱନାଥ ମହାପାତ୍ର କହିଲେ, 'ବାକ୍ୟମ୍ ରସାତ୍ମକମ୍ କାବ୍ୟମ୍' ଅର୍ଥାତ୍ ଯୋଉ ବାକ୍ୟ ଶ୍ରୋତା ବା ପାଠକର ହୃଦୟକୁ ରସାପ୍ଲୁତ କରେ, ତାହା କବିତା । ଠିକ୍ । କିନ୍ତୁ ବିଂଶ ଶତାବ୍ଦୀର ସର୍ବାଧିକ ଜନାଦୃତ କବି T.S.Eliot କହିଲେ, it is a test, that, genuine poetry can communicate before it is understood. ଅସଲି କବିତା ବୁଝିବା ଆଗରୁ ପାଠକକୁ ଆକ୍ରାନ୍ତ କରି ସାରିଥାଏ । ଏହା ମଧ୍ୟ ଶତ ପ୍ରତିଶତ ଠିକ୍ ।

ଏ ସବୁର ଊର୍ଦ୍ଧ୍ୱରେ ବହୁପଠିତ ଓ ବହୁଚର୍ଚ୍ଚିତ ଆଫ୍ରୋ-ଆମେରିକୀୟ କବି ଗ୍ୱେଣ୍ଡୋଲିନ୍ ବୃକ୍ସ ମାତ୍ର ତିନୋଟି ଶବ୍ଦରେ କବିତାକୁ କହିଲେ -poetry is life distilled. ପରିସ୍ରବଣ ବା ପାତନ ପ୍ରକ୍ରିୟାରୁ ଉନ୍ନୀତ ଜୀବନ ହେଉଛି କବିତା । ଗ୍ୱେଣ୍ଡୋଲିନ୍ କହନ୍ତି, ମୋ କବିତା ହେଉଛି ଜୀବନ, ଯାହାର ସମାପ୍ତି ନାହିଁ । ଜୀବନ ପରି ତାହା ଅଙ୍କୁରିତ ହେଉଥିବ, ପଲ୍ଲବିତ ହେଉଥିବ, ବଢ଼ୁଥିବ, କିନ୍ତୁ କେବେ ଶେଷ ହେବ ନାହିଁ ।

ଏହା ହିଁ ଆଜିର କବିତା, ନବପ୍ରଜନ୍ମର କବିତା । ଯୋଉଥିରେ ସମାହିତ ଆଚାର୍ଯ୍ୟ ବାମନଙ୍କ ଠାରୁ କବିରାଜ ବିଶ୍ୱନାଥ ମହାପାତ୍ର ଓ ଟି.ଏସ୍. ଇଲିୟଟ୍‌ଙ୍କ ଉକ୍ତି ବି ।

ବର୍ତ୍ତମାନ ସମୟରେ ଯୋଉମାନଙ୍କର ମୁହଁ ଦିଶୁଛି କବିତାର ସ୍ୱର୍ଣ୍ଣିମ-ବଳୟ ଭିତରୁ, ତନ୍ମଧ୍ୟରୁ ଅନେକଙ୍କ କବିତାରେ ପାଖାପାଖି ଏହି ଚିତ୍ର, ଏହି ସ୍ୱର, ଏହି ଭାବବଳୟ- ଜୀବନକୁ ଜଳେଇ, ସିଝେଇ ବାଷ୍ପୀଭୂତ କରି ତାକୁ ପୁଣି ଶୀତଳେଇ ଠିଆ କରେଇବା ସ୍ୱଚ୍ଛ ସ୍ୱରୂପରେ । କାରଣ ହଜି ଯାଉଥିବା ଓ ଖୋଜି ହେଉଥିବା ତଥା ଛିଡ଼ି ଛିଡ଼ି ଯାଉଥିବା ଅଥଚ ଯୋଡ଼ି ହେଇ ରହିବାର ଅଦମନୀୟ ପ୍ରଚେଷ୍ଟା ଜନିତ ସଂଘାତ, ସଂଘର୍ଷ ଓ ପ୍ରତିକ୍ରିୟା ସହିତ ଏକ ବିସ୍ତାରବାଦୀ ଯୁଦ୍ଧଖୋର ସମୟର ଅସହାୟତା, କ୍ଲେଶ, ଗ୍ଲାନି ଓ ବିବିଧ ଅବକ୍ଷୟର ଆତଙ୍କରେ ଜର୍ଜରିତ ଏକ ବିଚିତ୍ର କାଳଖଣ୍ଡର କକ୍ଷପଥରେ ଗତି କରୁଛି ଆମର ବିଶ୍ୱ । ଏ କଥା କହିବା ବେଳେ ମୋ ସାମ୍ନାକୁ ଆସି ଯାଆନ୍ତି **ସଂଘମିତ୍ରା ଭୂତିଆ, ଚନ୍ଦନ ନାଗ, ନାରାୟଣ ସାହୁ, ମନୀଷା ବିଶ୍ୱାଳ, ପ୍ରତୀଚୀ ନନ୍ଦ, ଗଙ୍ଗୋତ୍ରୀ ସ୍ୱାଇଁ, ଅଜୟ ଜେନା, ଜ୍ୟୋତିରଞ୍ଜନ, ବିଶ୍ୱଜିତ୍ ରାଉତ, ସୁଜାତା ସାହାଣୀ, ସୁମିତ ପଣ୍ଡା, ପୁଣ୍ୟଦୀପା ଖମାରୀ, ସ୍ମୃତିରଞ୍ଜନ ପାତ୍ର, ରଶ୍ମି ସାହୁ, ମୃଗେଶ ବୈଷ୍ଣବ, ରାଜେଶ ପୂଜାରୀ, ରୂପେଶ ସାହୁ, ଦିପୁନ ପୁହାଣ, ଆଲୋକ ଷଡ଼ଙ୍ଗୀ** ପରି ଆହୁରି ବେଶ୍ କିଛି ନୂଆମୁହଁ, ଯୋଉମାନେ ତାଙ୍କ କବିତାରେ ତୀକ୍ଷ୍ଣ-ଆବେଦନ ପାଇଁ ଅଳ୍ପେ ବହୁତେ ଚର୍ଚ୍ଚିତ । ଏହି ପୃଷ୍ଠା ପାଇଁ କେତେକଙ୍କ ସହ ମୁଁ ଯୋଗାଯୋଗ କରିଥିଲି, କେତେଜଣ ସହଯୋଗ କଲେ, କିଛି ନିରବ ରହିଗଲେ । ସେମାନଙ୍କ ମଧ୍ୟରୁ ଅପେକ୍ଷାକୃତ ସ୍ୱଳ୍ପାଲୋଚିତ ତିନିଜଣଙ୍କ କବିତାକୁ ଏଇଠି ଉପସ୍ଥାପିତ କରୁଛି 'କବିତାରେ ନୂଆମୁହଁ' ଭାବେ ।

## ମନୀଷା ବିଶ୍ୱାଳ, କାଳୁପଡ଼ା ଘାଟ, ଖୋର୍ଦ୍ଧା

ଅଗ୍ନିକାର ପ୍ରତିଶବ୍ଦ ମନୀଷା ବି ହେଇପାରେ... ! ମନୀଷା ବିଶ୍ୱାଳ । ଖାଲି କଣ ନିଆଁ ହିଁ ଫୁତ୍କାରୀ ପାରେ ଅଗ୍ନିକଣା... ବରଫର ପାହାଡ଼ ତଳେ ବି ଶୋଇଥାଇ ପାରେ ଅଗ୍ନିର କଣିକା... ଜାଳି ଦେବା ପାଇଁ ନୁହେଁ, ବରଂ ଆଲୋକିତ କରିବା ପାଇଁ ଝଡ଼ିପଡ଼ିଥିବା ତାରାର ଅଗଣା, ପରିତ୍ୟକ୍ତ ନଈତୁଠ, ରାତିର ହକଳା ଦେହ, ଆମର ବିଶ୍ୱାସ ଓ ତଥାକଥିତ ବ୍ୟବସ୍ଥା... ଯୋଉ ଯୋଉଠି ଜମିଥାଏ କଳଙ୍କିର ଦାଗ ଆଉ ଅନ୍ଧାରର ଧୂଆଁ । ନବପ୍ରଜନ୍ମର କବିତାରେ ମନୀଷା ବିଶ୍ୱାଳ ଏକ ନୂଆମୁହଁ ହେଲେ ହେଁ, ହଜାର ହଜାର ବର୍ଷ ଧରି ଆମେ ବୋହିଆଣିଥିବା ପୁରୁଣା ଘାଆ, ପୁରୁଣା ଯନ୍ତ୍ରଣା ଓ ଅହଂର ସ୍ଥାଣୁତ୍ୱକୁ ଭାଙ୍ଗିଦେବାର ସାମର୍ଥ୍ୟ ରଖେ ତାଙ୍କର କବିତା ।



ତାଙ୍କ କବିତାର କାନ୍ଥରେ ଅନେକ ଚିତ୍ର, ଯୋଉ ଚିତ୍ରମାନଙ୍କର ଚରିତ୍ର ନଥାଏ, ଅଥଚ ଚିତ୍ରେଇ ଦେବାର କ୍ଷମତା ଥାଏ ନିଜର ରଙ୍ଗରେ ରଙ୍ଗେଇ ଦେବା ପାଇଁ ଆକାଶର କନ୍ଦିବିକନ୍ଦିକୁ- ସେଇ ଆକାଶ, ଯିଏ ପ୍ରେମରେ ନୀଳକଇଁ ଆଉ ଘୃଣାରେ ନାଲିମନ୍ଦାର । କବିତାର କଥା ପଚାରିଲେ ମନୀଷା କହନ୍ତି ସେ ଦେଖୁଥିବା ଗୋଟିଏ ନିର୍ଦ୍ଦିଷ୍ଟ ସ୍ୱପ୍ନର କଥା: ତାଙ୍କୁ ଥରକୁ ଥର ନଦୀଟିଏ ବୁଡ଼େଇ ଦେଉଥାଏ... ସେ ଭଉଁରୀରେ ଥାଆନ୍ତି, ବୁଡ଼ିଯିବାର ଭୟରେ ଥାଆନ୍ତି, ଥାଆନ୍ତି ବି ଭଉଁରୀର କୋଳରେ- ଯାହା ତାଙ୍କୁ ରହସ୍ୟ ବିଜଡ଼ିତ ସୌନ୍ଦର୍ଯ୍ୟରେ ମୁଖରିତ କରେ, ଅଥଚ ନଦୀ ତାଙ୍କୁ କେବେ ବୁଡ଼େଇ ପାରିନି । ସେଇ ରହସ୍ୟବୋଧର ଆକାଶକୁ ମାପିବାର ଦୁର୍ବାର ଇଚ୍ଛା ରଖୁଥିବା ପକ୍ଷୀ ହେଉଛି ତାଙ୍କ ପାଇଁ କବିତା, ଯାହା ପାଇଁ ଆକାଶ କେବେ ସରେନାହିଁ ।


▶ ମନୀଷା ବିଶ୍ୱାଳ

## ଈଶ୍ୱର

**ମନୀଷା ବିଶ୍ୱାଳ**

କେଉଁ ଏକ ରାତିରେ ହିଁ ଗଢ଼ାହୁଅନ୍ତି
ଈଶ୍ୱର
କେତେ ଆଉ ଖୋଜିବ
କୋଉଠି ବା ଟର୍ଚ୍ଚ ଧରି ବାଡ଼ି ବୁଲେଇବ !

ମୁକ୍ତି ଖୋଜୁ ଖୋଜୁ ମଧ୍ୟରାତ୍ରି
ଛାଇମାନଙ୍କ ଗୁମୁରା କାନ୍ଦ
ଜହ୍ନରେ ରକ୍ତର ଛିଟା...
ଈଶ୍ୱର ଝୁଣ୍ଟିଲେ ହିଁ ଏମିତି ହୁଏ ।

ଟ୍ରେନ୍‌ଲାଇନ୍ କଡ଼ରେ ପଡ଼ିଥିବା କେଇପଟ ରୁଟି
କାହା ଦେହର ମାଂସ, କେତେଟା ପଚାଶବ...
ସବୁ ପଥଭ୍ରଷ୍ଟ ।

ସେମାନେ କଣ ନାସ୍ତିକ ?
ନା' ଈଶ୍ୱର କେବଳ ଏକ ପ୍ରହେଳିକା...!!

ନିଶ୍ଚିନ୍ତରେ ଶୋଇଥିବା ଲୋକଟି ହିଁ
ଠିକ୍ ଜାଣେ, ପ୍ରେମ କେଉଁଠି ସରେ!!
ସେ ଜାଣେ, ମିଛ ଜହ୍ନରାତିର ପ୍ରତିବିମ୍ବ କେଉଁଠି ଦେହ ହକାଳେ !!

ଈଶ୍ୱର ଶୂନ୍ୟତା ଭୋଗୁଛନ୍ତି ବୋଲି
ସେ ହିଁ ଦାବି କରେ ।

ତା ଆଖି ଦି'ଟା
ଗଛକୋରଡ଼ରେ ମିଟ୍‌ମିଟ୍ କରେ...
ତା ଛାତ ଦେଇ ଉଡି ଯାଉଥିବା ଉଡ଼ାଜାହାଜକୁ
ସେ ଲକ୍ଷ୍ୟ କରେ
ଏକ ଅଦମ୍ୟ ଅଭିଳାଷ ନେଇ ।

ସେ ପ୍ରତିଥର ନିଜକୁ ପାଏ
ଅନୁର୍ବର ମୃତ୍ତିକାର ସ୍ତୁପ ଉପରେ
ଫଡ଼ଫଡ଼ କରୁଥିବା ଚଢ଼େଇର ଡେଣାରେ
ମେଞ୍ଚାଏ ଲମ୍ବା ଦୀର୍ଘଶ୍ୱାସ ମଝିରେ ।

ସେ ବି ତରଳିଯାଏ
ବରଫର ଆକାରଟେ ନେଇ,
ଧସେଇ ପଶେ ମାଟିର ଆଁ ଭିତରକୁ...
ତା ଦେହଟା ଯାକ ପୋକ ସାଲୁବାଲୁ ।

ଈଶ୍ୱର କୁଆଡେ ଖୁବ୍ ଜିଦିଆ...
ତାଙ୍କ ଜିଦିରେ ସୃଷ୍ଟି ହେଇଛି ଗ୍ରହନକ୍ଷତ୍ର, ଉଲ୍‌କାପିଣ୍ଡ ଓ
ସେଇ ଲୋକଟାର ବିଶ୍ୱାସ ।

ହେଲେ ତା ପାଇଁ
ଈଶ୍ୱର ଏବେ ବି ଏକ ପ୍ରଶ୍ନବାଚୀ
ଅସମାହିତ ପ୍ରଶ୍ନମାନଂକର ।

ଯଦିଓ ତା ଈଶ୍ୱର ବି ରାତିରେ ହିଁ ଗଢ଼ାହୁଅନ୍ତି । ▲

**ବିଶ୍ୱଜିତ୍ ରାଉତ, ଇଞ୍ଜୋଳ, ହାଟଡ଼ିହି, କେନ୍ଦୁଝର**

ନବପ୍ରଜନ୍ମ ଆଗରେ ଗୋଟିଏ ନୂଆ ପୃଥିବୀ, ନୂତନ ଦିଗନ୍ତକୁ ଚାହିଁଥିବା ଗୋଟିଏ ପରିବର୍ତ୍ତିତ ଜୀବନ ଓ ତା'ର ଜିଜୀବିଷା, ନୂଆ ବିଷୟ ଓ ବୈଷୟିକତା..!! ସେଇ ପୁରୁଣା ଦୁଃଖ, ସେଇ ପୁରୁଣା କ୍ଷତ ଓ ସେଇ ପୁରୁଣା ପୃଷ୍ଠାର ସେପାଖରୁ କିନ୍ତୁ ଘଡ଼ିମାରି ଉଇଁଥାଏ ଗୋଟିଏ ନୂଆଜହ୍ନର ଲୋହିତ ସହର, ଯୋଉ ସହରର ଗଳିରେ ଗଳିରେ ବୁଲୁଥାଏ କବିଟିଏ... ଆଖିରେ ଜିଜ୍ଞାସା ଓ ଛାତିରେ ଜିଗୀଷା ନେଇ । ଇଏ ହେଉଛନ୍ତି ନବପ୍ରଜନ୍ମର ଅନ୍ୟ ଏକ ନୂଆ ମୁହଁ : କବି ବିଶ୍ୱଜିତ୍ ରାଉତ ଏବଂ ତାଙ୍କ କବିତାର ଧରା ଆଉ ଧାରା । ବିଶ୍ୱଜିତ୍ ଭଲପାଆନ୍ତି ସେଇ ପୁରୁଣା ଆକାଶକୁ, ସେଇ ପୁରୁଣା ଅନ୍ଧାରକୁ ଓ ସେଇ ପୁରୁଣା ଗାଆଁର ପୁରୁଣା ଗୀତକୁ, ହେଲେ ପ୍ରତ୍ୟାଖ୍ୟାନ କରନ୍ତି ତା' ଭିତରର ଜଡ଼ତାକୁ ଓ ଚକାମାଡ଼ି ବସିଥିବା ଶଗଡ଼ଗୁଳାକୁ । ଶଗଡ଼ଗୁଳାର ପୃଥିବୀକୁ ଡେଇଁ ସେ ସଂଚରି ଯିବାକୁ ଚାହାନ୍ତି ଅନନ୍ତ ପର୍ଯ୍ୟନ୍ତ ଜୀବନ, ଜିଜ୍ଞାସା ଓ ଜିଗୀଷାର ଗୋଟିଏ ନୂଆଗୀତର ସୁର ଧରି । ତାଙ୍କର ଏହି ଅଲଗାପଣ ତାଙ୍କୁ ଅଲଗା କରି ଠିଆ କରାଏ ସମୟର କବିତା-ହାଟରେ ! ତାଙ୍କ ଭାବବଳୟର ଏହି ଦୃଷ୍ଟି ଓ ଦର୍ଶନ ଆଗାମୀ କବିତାକୁ କୋଉ ଦିଗନ୍ତର ଠିକଣା ଦେବ, ତାହା ଇଙ୍ଗିତ କରେ ତାଙ୍କର ସଦ୍ୟତମ କବିତା ସଙ୍କଳନ 'ଏ ସହର ଧୂଳି ନୁହେଁ' ...


▶ ବିଶ୍ୱଜିତ୍ ରାଉତ

## ଏ ସହର ଧୂଳି ନୁହେଁ

**ବିଶ୍ୱଜିତ୍ ରାଉତ**

ଆକାଶରେ ଅନ୍ଧାର
ଆମ୍ବିଳା ପବନରେ ଭଙ୍ଗାମନ୍ଦିରର ହସ
ଗଳିସଂଧିରୁ ପୋଡ଼ାମଦର ଗନ୍ଧ

ଅଇଣ୍ଠା ପାଖୁଡ଼ାର ଦେହ
ବରଗଛ ମୂଳେ ମଶାଣିର ଅପନ୍ତରା
ଅଳିଆ ଭିତରୁ ଭଙ୍ଗାପାନିଆର ଖଣ୍ଡ
ହଜିଲା ଯୁଗର ଧୂଳି
ଆଉ ନଈଧାରରେ ଅବିଶ୍ରାନ୍ତ ଗତି...

ଏ କାନ୍ଦ କିଏ ଶୁଣୁ କି ନ ଶୁଣୁ
ଶୁଣେ ଏଇ ସହରର ରାତି... !

ଜହ୍ନ ଆଲୁଅରେ ଉବୁଟୁବୁ ପାଳଭୂତ
ଆଜି ରକ୍ତମାଂସର ମଣିଷ,
କୁଆଁରୀର ନିଷ୍ଫଳ ରାତିର କଅଁଳଶେଯରେ
ଘୂରିବୁଲନ୍ତି ହାତଗଢ଼ା ଏ ମନର ଭୂତ,
ସକାଳର ବଉଳିଆ ନିଶା
ଭଙ୍ଗାଦଦରା ଛପର ନଥିବା ଘର
ପଞ୍ଜରାରେ ନିଦଭଙ୍ଗା ଆଲୁଅ...

କିଏ ଶୁଣୁ ବା ନ ଶୁଣୁ
ଶୁଣେ ଏଇ ବଡ଼ସହରର ରାତି... !

ସାହି ଭିତରୁ ଖଇକଉଡ଼ିର ଶବ୍ଦ
ମଶାଣି ସାଜିଛି ଯୌବନର ତୀର୍ଥ...
କିନ୍ତୁ ବଡ଼ସହର ଦାନ୍ତ ଘଷୁଛି
ଆଜି କେମିତି ନୂଆନୂଆ ଲାଗୁଛି
ସବୁ ସପ୍ନ ଆଉ ଅନୁଭୂତି ଛନ୍ଦାଛନ୍ଦି ହୋଇ
ଗାଇ ଉଠନ୍ତି ଗୀତ କେଇପଦ

କିନ୍ତୁ, ଏ ସହର ଧୂଳି ନୁହେଁ...
ଏ ସହର ଧୂଳି ନୁହେଁ... ! !▲

**ରଶ୍ମି ସାହୁ, ଏ/୩୧, ସେକ୍ଟର - ୬, ରାଉରକେଲା**

କ୍ଷଣକୁ କ୍ଷଣ ବଦଳୁଛି ପୃଥିବୀ, ବଦଳିଯାଉଛି ଜୀବନର ସଂଜ୍ଞା ଓ ସମୟର ବେଗ ବି । ଏଇ ପରିବର୍ତ୍ତନର ପ୍ରବାହରେ ଆମେ ହଜେଇ ଦେଉନୁ ତ ଆମର ଅସ୍ମିତା, ଆମ ଭିତରର ସମ୍ବେଦନଶୀଳତା... ! ! ଲିଭେଇ ଦେଉନୁ ତ କାଳ କାଳ ଧରି ଆମେ ସଂଖୁଳି ଆସିଥିବା ସମ୍ପର୍କ, ସଂସ୍କାର ଓ ପରମ୍ପରାର ଦାଉ ଦାଉ ମୁରୁଜ ଓ ଆଳପନା... ! ! କୋଉଠି ଝରିପଡ଼ିନି ତ ହଡ଼ାବଳଦର ଆଖିରୁ ତତଲା ଲୁହ, ଖସି ପଡ଼ିନି ତ ଗଛର ଡାଳରୁ ପାଚିଲାପତ୍ରର ଆର୍ତ୍ତି, ଠିଆ ହେଇପଡ଼ିନି ତ ଛାତିର ଅଗଣାରେ କୋଉଠି ବିଭାଜନର କାନ୍ଥ... ! ! ! ଅନେକ ଆଶଙ୍କା, ଅନେକ ପ୍ରଶ୍ନବାଚୀ ଏବେ ନବପ୍ରଜନ୍ମର ମୁକୁରରେ । ସେ ଖୋଜିହୁଏ, ସୁଖର ସଂଜ୍ଞା ଘୋଷୁଥିବା ଦେଶର ଲିଭି ଯାଇଥିବା ପାଦଚିହ୍ନକୁ, ଖୋଜିହୁଏ ଅସ୍ମିତାର ଭୋକ ଓ ଭୂଗୋଳ । ଏଇ ସବୁ ଜ୍ୱଳନକୁ ପ୍ରତ୍ୟକ୍ଷ କରିହୁଏ ବର୍ତ୍ତମାନ ସମୟର ନୂଆ ଅଥଚ ପ୍ରଖରସ୍ୱର ରଶ୍ମି ସାହୁଙ୍କ କବିତାର ଭାବବଳୟରୁ । ତାଙ୍କ କବିତା ମଣିଷ ଓ ମାଟିରୁ ଝରୁଥିବା ସ୍ୱେଦ ଓ ଲୁହର କ୍ଷତ ଉପରେ ଠିଆ ହେଇଥାଏ ଅସୁମାରୀ ପ୍ରଶ୍ନ ଧରି, ଅନ୍ୟମନସ୍କ । କବିତା ସମ୍ପର୍କରେ ପଚାରିଲେ ରଶ୍ମି କହନ୍ତି, ପୂଜାଘରେ ଜଳୁଥିବା ପ୍ରଦୀପର ଆଲୋକିତ ବିଶ୍ୱାସ ହେଉଛି ତାଙ୍କ ପାଇଁ କବିତା, ଯା' ଭିତରେ କଡ଼ ଲେଉଟଉଥାଏ ଜୀବନକୁ ଜିଇଁବାର ପ୍ରତିବଦ୍ଧତା । ରଶ୍ମି ସାହୁ କବିତା ଲେଖନ୍ତି ନାହିଁ, ବରଂ କବିତା ତାଙ୍କୁ ଲେଖେ... ସେତେବେଳେ, ଯେତେବେଳେ ଚାଲୁ ଚାଲୁ କେହିଜଣେ ବାଟକୁ ଝୁଣ୍ଟିପଡ଼େ, ସେ ମଣିଷ ହେଉ, କି ପବନ ହେଉ, କି ଦେଶ... ! ! !




## ବାଟ

**ରଶ୍ମି ସାହୁ**

ହଜିବା ଆଉ ଖୋଜିବାର ବାଟମଝିରେ
ବାରମ୍ବାର ଭେଟୁଥିଲି ଦେଶକୁ

ଯେଉଁ ବାଟରେ ଫିକା ଫିକା ଦିଶୁଥିଲା
ଦେଶ ପାଇଁ କାନ୍ଦୁଥିବା ଆଖି
କଟାହାତରେ ରୁଧିରର ସ୍ୱାଦ...
ତିନିରଙ୍ଗର ପୁଲକର ମୋହ ଓ ପ୍ରତିଧ୍ୱନିରେ
ଗୁଳିଗୋଳାର ଶବ୍ଦ ।

ଉଚ୍ଚାରଣରେ
କୋଳେଇ ନେବାର ସ୍ୱପ୍ନ...
ଧୂଳିରେ ପୋତି ହୋଇପଡୁଥିବା ଦେଶର
ଧୂସର ଦେହରେ
ଅସ୍ମିତାର ଭୋକ ଆଉ ଭୂଗୋଳ ।

ଏବେ ତୁମେ କହିବାକୁ ଚାହୁଁଥିବା
ମଣିଷମାନଙ୍କୁ ଖୋଜିବାର ରାସ୍ତାରେ
ମୁଁ ଭେଟୁଥିଲି ଦେଶକୁ...
ଭୋକ ସାଙ୍ଗେ ବିବାଦ
ମାଟିରୁ ସାଉଁଟି ଖାଉଥିବା ଭାତର ପେଜୁଆ ହାତ
ପେଟର ଜ୍ୱଳନରେ ମାଆ ଡେଜୁଛି ନିୟତିର ସୁଖ...

ସ୍ୱପ୍ନ ଦେଖିବା କ'ଣ ସହଜ କଥା... ! !

ବଦଳିବ ବଦଳିବ କହି
ନାରୀର ଅସହାୟତା ଜଳିଯାଉଥାଏ
ଶହ ଶହ ଉଲଗ୍ନ ଆଖିର ନିଆଁରେ
ମଣିପୁରରୁ ମଧ୍ୟପ୍ରଦେଶ, ମଶାଣି ବାଟ ଦେଇ ।

ସୁଖର ସଜ୍ଞା ବଦଳାଇ
ଦେଶ ସଳଖୁଛି ନିଜକୁ ଥରକୁ ଥର...
କିଛି କିଛି ଶୂନ୍ୟସ୍ଥାନ ଭରିଦେଇ ପବନରେ ।

ତଥାପି ସମ୍ଭାବନାର ସବୁଜିମାରେ
ପାଲଟି ଦେଇ ଯେତେସବୁ କ୍ଷତର ଯନ୍ତ୍ରଣା
ପ୍ରତିନିୟତ କଡ ଲେଉଟାଉଥାଏ ଦେଶ...
ଆବାହନୀର ନିବିଡ଼ ମହାମନ୍ତ୍ରରେ
ଦୀକ୍ଷିତ କରି ନିଜକୁ
ଖୋଜୁଥାଏ ହଜେଇ ଦେଇଥିବା ସବୁ
ପାଦଚିହ୍ନର ମହକ ।▲

ଆଶା କରାଯାଇପାରେ ଏହି ପୃଷ୍ଠାରେ ଉପସ୍ଥାପିତ ନୂଆମୁହଁତ୍ରୟ ଆଗାମୀ ଓଡ଼ିଆ କବିତା-ସାହିତ୍ୟକୁ ଉଦ୍ଭାସିତ କରିବେ ନିଜ ନିଜର କାବ୍ୟିକ ପ୍ରଭାରେ । ସେମାନଙ୍କ ନୂଆ ସ୍ୱରରେ ଝଙ୍କୃତ ହେବ ଓଡ଼ିଆ କବିତା । କେଉଁଠି ନା କେଉଁଠି ସେମାନେ ଆଗାମୀର ବାର୍ତ୍ତାବହ ହୋଇ ଚମକାଇ ଦେବେ ସମକାଳ ସମ୍ଭାବନାକୁ । ଆସନ୍ତୁ ସେମାନଙ୍କୁ ହାତ ଧରି କଢେଇ ନେବା ବାଟ ଆଗକୁ ।

ପ୍ରସଙ୍ଗ-୮

# ସମର୍ପିତା ସୁସ୍ମିତା



ଚିତ୍ରକଳାର ସେ ଜଣେ ମନସ୍କା ଶିଳ୍ପୀ । ସାହିତ୍ୟ କିନ୍ତୁ ତାଙ୍କର ଶକ୍ତି । ରଙ୍ଗ ଓ ତୂଳୀ ଭିତରେ ଜୀବନକୁ ଗପ ପରି ଗଢୁଥିବା ସୁସ୍ମିତା ମିଶ୍ରଙ୍କୁ ବାଛି ଆଣନ୍ତି ଗୁଣଚିହ୍ନରା ସଂଜୟ ଭଟ୍ଟ ।

ସୁସ୍ମିତା ମିଶ୍ରଙ୍କ କଳାକୃତି ▶




# ଚିତ୍ରକଳାରେ ସମର୍ପିତା : ସୁସ୍ମିତା

**ସଂଜୟ ଭଞ୍ଜ**

ସଂସ୍କୃତି ଫାଉଣ୍ଡେସନ, ପ୍ଲଟ୍ ନଂ- ୭୮୪/୨୬୪୭,
ପ୍ରଥମ ମହଲା, ପ୍ରମେୟ ଅଫିସ୍ ପାଖ, ଏଚ୍‌ଡିଏଫ୍‌ସି
ବ୍ୟାଙ୍କ ପଛ, ଜାଗମରା, ଖଣ୍ଡଗିରି
ଭୁବନେଶ୍ୱର-୭୫୧୦୩୦

ଫୋନ: ୭୯୭୮୩୫୬୮୮୩

**ଶ୍ରୀମତୀ ସୁସ୍ମିତା ମିଶ୍ର କେବଳ ଜଣେ ଦୃଶ୍ୟକଳା ଶିଳ୍ପୀ ନୁହନ୍ତି, ସେ ଜଣେ ବହୁମୁଖୀ ସୃଜନୀ ଶକ୍ତି, ଯିଏ ନିର୍ବିଘ୍ନରେ କାହାଣୀ ବୁଣନ୍ତି ଏବଂ ନିଜ କ୍ୟାମେରା ଏବଂ ବ୍ରଶ୍ ଷ୍ଟ୍ରୋକ୍ ମାଧ୍ୟମରେ ଜୀବନର ସାରାଂଶକୁ ତୋଳି ଧରନ୍ତି । ତାଙ୍କର କଳାକୃତି ଭିତରେ ଏକ ସକରାତ୍ମକ ଜୀବନାନୁଭବର ଛାପ ଥାଏ । କାନ୍‌ଭାସ୍ ଉପରେ ଚିତ୍ର ଆଙ୍କଲା ବେଳେ ସୁସ୍ମିତା ଭୁଲି ଯାଆନ୍ତି ନିଜକୁ । ଏକ ସମର୍ପିତ ପ୍ରାଣରେ ସେ ଆଙ୍କି ଚାଲନ୍ତି ଚିତ୍ର ଚରିତ୍ର ।**



▶ ଲେଖକ ସଂଜୟ ଭଞ୍ଜ

ଶ୍ରୀମତୀ ସୁସ୍ମିତା ମିଶ୍ର, ଏକ ମନଲୋଭା ଦୃଶ୍ୟକଳାକାର ଓ କାହାଣୀକାର ଭାବେ, ଯାହାଙ୍କ ସୃଜନାତ୍ମକ ଯାତ୍ରା ଆରମ୍ଭ ହୋଇଥିଲା ତାଙ୍କ ବିମୁଗ୍ଧକର ପିଲାଦିନରୁ । 'ଜହ୍ନମାମୁଁ' ଓ 'ଚିତ୍ରିତ ଅମର ଚିତ୍ରକଥା' ପୃଷ୍ଠାରୁ । ଚାରୁକଳା ଓ ସାହିତ୍ୟ ପ୍ରତି ତାଙ୍କର ଭଲ ପାଇବା ଛୋଟବେଳୁ ହିଁ ପ୍ରସ୍ଫୁଟିତ ହୋଇଥିଲା , ଜଣେ ଛାତ୍ରୀ ଭାବରେ ସେ ଅସଂଖ୍ୟ ପ୍ରଶଂସା ଅର୍ଜନ କରିଥିଲେ ।

ସୁସ୍ମିତାଙ୍କର ଜନ୍ମ ୨୬ ନଭେମ୍ବର ୧୯୭୭ ମସିହାରେ ବଣ ପାହାଡ ଘେରା ସୁନ୍ଦର ରାଜଗାଙ୍ଗପୁର ସହରରେ ହୋଇଥିଲା । ଶ୍ରୀ ଗିରିଧାରୀ ମିଶ୍ର ଥିଲେ ସ୍ଥାନୀୟ କଲେଜର ଅଧ୍ୟାପକ । ପିଲାଙ୍କ ଜୀବନ ଗଢିବା ସହ ତାଙ୍କର ବାପା ଥିଲେ ଜଣେ କୁଶଳୀ ଫଟୋଗ୍ରାଫର୍ ଓ ଚିତ୍ରଶିଳ୍ପୀ ।

ବାପାଙ୍କର ତୃତୀୟ ସନ୍ତାନ ଥିଲେ ସୁସ୍ମିତା । ପିଲାଦିନରୁ ଖୁବ୍ ମେଧାବୀ ବି ଥିଲେ ସେ । ଜେଜେମା ହରପ୍ରିୟା ମିଶ୍ରଙ୍କର ଝୋଟି, ଚିତା, ମୂରୁଜ ଓ ମାଟି ମୂର୍ତ୍ତି ଗଢିବା ତାଙ୍କୁ ଚିତ୍ରକଳା ପ୍ରତି ପ୍ରଥମେ ଆକର୍ଷିତ କରିଥିଲା । ଜେଜେମା ତାଙ୍କୁ ତାଙ୍କ ଭାଇଭଉଣୀଙ୍କ ସହିତ ଜହ୍ନରାତିରେ ଅବୋଲକରା କଥା ଓ ଟୁଆଁ ଟୁଇଁ ଗପ କହି ତାଙ୍କ ମନରେ ସୃଜନଶୀଳତାର ମଞ୍ଜି ବୁଣିଥିଲେ । ସମ୍ଭବତଃ ସେଇଠୁ ଅଙ୍କୁରୋଦ୍‌ଗମ ହୋଇଥିଲା ତାଙ୍କ ସୃଜନଶୀଳତାର ଉତ୍ସ ।

ତୃତୀୟ ଶ୍ରେଣୀରେ ସେ ପାଇଥିଲେ ଚିତ୍ରକଳା ପାଇଁ ବ୍ଲକସ୍ତରୀୟ ଏକ ପୁରସ୍କାର । ଧୀରେ ଧୀରେ ସେ ତୁଳସୀ ଦୁଇ ପତ୍ରରୁ ବାସିଲା ପରି ମହକିବା ଆରମ୍ଭ କଲେ । ଯୁକ୍ତ ଦୁଇ ବିଜ୍ଞାନ ପଢିଲା ବେଳେ ସେ ସୃଜନ ଲିଖନ ଓ ଚିତ୍ରକଳାରେ ପ୍ରଥମ ପୁରସ୍କାର ପାଇଥିଲେ । ତାଙ୍କର ଇଚ୍ଛା ଥିଲା ଚିତ୍ରକରଟିଏ ହେବା ପାଇଁ । ହେଲେ ବାପାଙ୍କର ଜିଦ୍ ଥିଲା ସେ ଜଣେ ବୈଜ୍ଞାନିକ ହେବେ ।

ଜୀବନ ବିଜ୍ଞାନରେ ସ୍ନାତକୋତ୍ତର ରେ ଉତ୍ତୀର୍ଣ୍ଣ ହେବା ସତ୍ତ୍ୱେ ସୁସ୍ମିତାଙ୍କ ମନରେ ସୃଜନଶୀଳତା ପ୍ରତି ଆଗ୍ରହ ବଢ଼ି ଚାଲିଥିଲା । ମାରିଓ ମିରାଣ୍ଡା ଓ ଯାମିନୀ ରାୟଙ୍କ ପ୍ରତିଭାରେ ଅନୁପ୍ରାଣିତ ହୋଇ ସେ ଉଭୟ ଭିଜୁଆଲ୍ ଆର୍ଟ ଓ ଷ୍ଟିଲ୍ ଫଟୋଗ୍ରାଫିରେ ନିଜର ପ୍ରତିଭାର ପରିଚୟ ଦେଇ ଜାତୀୟ ଓ ଅନ୍ତର୍ଜାତୀୟ ବିଜ୍ଞାପନ କ୍ଷେତ୍ରରେ ଏକ ଅଲିଭା ଛାପ ଛାଡ଼ିଥିଲେ ।

ତାଙ୍କର ପ୍ରାଣବନ୍ତ ଚିତ୍ରକଳା ଓଡ଼ିଆ ପତ୍ରିକାଗୁଡ଼ିକର ପୃଷ୍ଠାରେ ସ୍ଥାନ ପାଇଛି ଏବଂ କିଛି ଚିତ୍ରକଳା ମର୍ଯ୍ୟାଦାଜନକ ମୋଜାର୍ଟୋ ଆର୍ଟ ଗ୍ୟାଲେରୀରେ ବିକ୍ରି ପାଇଁ ମଧ୍ୟ ଉପଲବ୍ଧ । ଶ୍ରୀମତୀ ମିଶ୍ରଙ୍କ କଳାତ୍ମକ କାରିଗରୀ ଓ ଦକ୍ଷତାକୁ ୨୦୨୦ ମସିହାରେ ଲଳିତା କଳା ଏକାଡେମୀ ଆନୁଷ୍ଠାନିକ ଭାବେ ସ୍ୱୀକୃତି ପ୍ରଦାନ କରିଥିବା ବେଳେ ୨୦୨୨ ମସିହାରେ ଭୁବନେଶ୍ୱରର ଏସ୍‌ଏନ୍‌ଏଲ୍‌ଏଫ୍ ପକ୍ଷରୁ ତାଙ୍କୁ 'ଅଭିରୁଚି ଚିତ୍ରକଳା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା ।

କାନ୍‌ଭାସ୍ ବାହାରେ ସୁସ୍ମିତାଙ୍କ କାହାଣୀ ପ୍ରମୁଖ ଓଡ଼ିଆ ଦୈନିକ ଓ ପତ୍ରିକାରେ ସ୍ଥାନ ପାଇବା ସହ ଜଣେ ଦକ୍ଷ ଗାଳ୍ପିକା ଭାବେ ମଧ୍ୟ ସେ ବେଶ୍ ପ୍ରଶଂସା ସାଉଣ୍ଟିଛନ୍ତି । ଜଣେ ଫଟୋଗ୍ରାଫର୍ ଭାବେ ସେ ନିଜର ମନ୍ତ୍ରମୁଗ୍ଧ ମାକ୍ରୋ ଫଟୋଗ୍ରାଫି ମାଧ୍ୟମରେ ଅର୍ବାଚୀନକୁ ଅଦ୍ଭୁତ ଓ ଅସାଧାରଣରେ ରୂପାନ୍ତରିତ କରିବାର ଅନନ୍ୟ ଦକ୍ଷତା ରଖନ୍ତି ।

ଶ୍ରୀମତୀ ସୁସ୍ମିତା ମିଶ୍ର କେବଳ ଜଣେ ଦୃଶ୍ୟକଳା ଶିଳ୍ପୀ ନୁହନ୍ତି, ସେ ଜଣେ ବହୁମୁଖୀ ସୃଜନୀ ଶକ୍ତି, ଯିଏ ନିର୍ବିଘ୍ନରେ କାହାଣୀ ବୁଣନ୍ତି ଏବଂ ନିଜ କ୍ୟାମେରା ଏବଂ ବ୍ରଶ୍ ଷ୍ଟ୍ରୋକ୍ ମାଧ୍ୟମରେ ଜୀବନର ସାରାଂଶକୁ ତୋଳି ଧରନ୍ତି ।

ଧାରାବାହିକ ଚରିତ୍ର-ଉପନ୍ୟାସ



# ପାଖେ ଆପଣେ

୩୬

# ଦାସେ ଆପଣେ

**ପବିତ୍ର ମୋହନ ଦାଶ**

ଅଧ୍ୟାପକ : ଇଂରାଜୀ ବିଭାଗ,
ଶାସ୍ତ୍ରୀ ସ୍ମୃତି ଡିଗ୍ରୀ ମହାବିଦ୍ୟାଳୟ, ବାଲିପୁଟ, ପୁରୀ
ଫୋନ : ୯୪୩୭୨୦୭୫୪୮

ଫଟୋ ସୌଜନ୍ୟ : ଲେଖକ
ପୋଟ୍ରେଟ୍ : ସଂଜୟ ରାଉଳ

'ଦାସେ ଆପଣେ' କହିଲେ ଆମ ସାମ୍ନାରେ ଭାସି ଉଠେ ଯେଉଁ ଛବିଟି, ସେ ହେଲେ ଗୋପବନ୍ଧୁ ଦାସ । ଉତ୍କଳର ମଣି ସେ । ଉତ୍କଳମଣି । କୋଟି କୋଟି ଓଡ଼ିଆଙ୍କ ମନପ୍ରାଣରେ ବସା ବାନ୍ଧିଥିବା ଏ ମଣିଷ ଜଣକ ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ । ଆଧୁନିକ ଯୁଗର ପଞ୍ଚସଖାମାନଙ୍କ ମଧ୍ୟରେ ସେ ଥିଲେ ଅନ୍ୟତମ । ଭକ୍ତକବି ମଧୁସୂଦନ ରାଓଙ୍କ ନିଷ୍ପତ୍ତି କ୍ରମେ, ଗୋପବନ୍ଧୁ ସାକ୍ଷୀଗୋପାଳର ବକୁଳ ଓ ଛୁରିଆନା କୁଞ୍ଜରେ ପ୍ରତିଷ୍ଠା କରିଥିଲେ ସତ୍ୟବାଦୀ ବନ ବିଦ୍ୟାଳୟ । ଏହି ବିଦ୍ୟାଳୟରୁ ସେତେବେଳେ ଜାତୀୟ ସ୍ୱାଧୀନତା ଆନ୍ଦୋଳନ ପରିଚାଳିତ ହେଉଥିଲା । ୧୯୧୮ରୁ ୧୯୨୦ ମଧ୍ୟରେ ଓଡ଼ିଶାରେ ସଂଘଟିତ ବନ୍ୟା, ମରୁଡ଼ି, ଦୁର୍ଭିକ୍ଷ ଓ ଅନାବୃଷ୍ଟି ତାଙ୍କୁ ମର୍ମାହତ କରିଥିଲା । ସେ ଚୁଡା, ଚାଉଳ ଧରି ପ୍ରପୀଡ଼ିତ ଅଞ୍ଚଳରେ ବାଣ୍ଟିଥିଲେ ।

ତାଙ୍କରି ଅମୂଲ୍ୟ ଓ ଅତୁଳ୍ୟ ଜୀବନକୁ ନେଇ କବି ପବିତ୍ର ମୋହନ ଦାଶ ଆରମ୍ଭ କରିଛନ୍ତି ଏଇ ଉପନ୍ୟାସ । ତେବେ ଗୋପବନ୍ଧୁଙ୍କୁ ନେଇ କାହିଁକି ? ଅନେକ ଜୀବନୀ ତାଙ୍କର ପ୍ରକାଶିତ । ତାଙ୍କ ସମସାମୟିକମାନଙ୍କ ଆତ୍ମଜୀବନୀ ଗୁଡ଼ିକରେ ମଧ୍ୟ ତାଙ୍କ ବିଷୟରେ ବର୍ଣ୍ଣନା ଉପଲବ୍ଧ । କିନ୍ତୁ ତାଙ୍କର ବୃହତ୍ ପୂର୍ଣ୍ଣାଙ୍ଗ ଜୀବନୀଟେ କାହିଁ ? ସୁତରାଂ ଜୀବନୀ ନଲେଖି ଉପନ୍ୟାସ କାହିଁକି ? ଏମିତି ଏକ ପ୍ରଶ୍ନ ଆସିପାରେ । ଗୋପବନ୍ଧୁ ଓଡ଼ିଆ ଜାତିର ଗଣ ଅବଚେତନରେ ସଂଚିତ ଏକ ଶିହରଣ । ତାଙ୍କ ନାଁ ଶୁଣିବା ମାତ୍ରେ କରୁଣା, ଉଦାରତା, ତ୍ୟାଗ, ତପସ୍ୟା, ମାନବିକତା ଓ ସତ୍ୟରେ ଗଢ଼ା ଏକ ଉଜ୍ଜ୍ୱଳ ମୂର୍ତ୍ତି ଆମ ସାମ୍ନାରେ ଉଭା ହୁଏ । ସଂଗ୍ରାମୀ, କବି, ସାମ୍ବାଦିକ, ସମ୍ପାଦକ, ଶିକ୍ଷକ, ଶିକ୍ଷାବିତ୍, ରାଜନେତା, ବିଧାୟକ, ଏମିତି କେତେ ଉପାଦାନରେ ଭରା ତାଙ୍କ ଜୀବନ । ସାଧାରଣ ଜନତା ପାଇଁ ସେ ପରମ କାରୁଣିକ । ଅବିରତ ନିଜ ଆଖିରୁ ଲୁହ ଝରାଇ ଅନ୍ୟ ଆଖିରୁ ଲୁହ ପୋଛୁଥିବା ଜଣେ ଦରଦୀ ପରିବ୍ରାଜକ । ତଙ୍କ ଜୀବନ କୌଣସି ଉପନ୍ୟାସ ଠାରୁ କମ ରୋମାଞ୍ଚକ ନୁହେଁ । ସେ ଆମ ପାଇଁ କେବଳ ଇତିହାସ ଓ ତଥ୍ୟ ନୁହଁନ୍ତି । ସେ ଚଳନ୍ତି କିମ୍ବଦନ୍ତୀ, ଓଡ଼ିଆ ଜାତିର । ତାଙ୍କ ମୃତ୍ୟୁରେ ବ୍ୟଥିତ ସେ ସମୟର ତରୁଣ ବିପ୍ଳବୀ ସୁଭାଷ ଚନ୍ଦ୍ର ବୋଷ କହିଥିଲେ, ଗୋପବନ୍ଧୁଙ୍କ ସହକର୍ମୀମାନେ ତାଙ୍କ ବିସ୍ମୟକର ଜୀବନ ବିଷୟରେ ଦୁନିଆକୁ ଜଣାନ୍ତୁ ।

ଏ ଉପନ୍ୟାସଟି ବସ୍ତୁତଃ ତାଙ୍କ ବିସ୍ମୟକର ଜୀବନ ଭିତରକୁ ପ୍ରବେଶର ଏକ ବିମଳ ପ୍ରୟାସ । ଦାସେ ଆପଣେ ଶିରୋନାମାରେ ରଚିତ ଏ ଚରିତ-ଉପନ୍ୟାସଟି ଲେଖକଙ୍କ ବହୁବର୍ଷର ଗବେଷଣା ଓ ଅନୁଧ୍ୟାନର ଫଳଶ୍ରୁତି । 'ରେବତୀ'ରେ ଏହା ଜାନୁଆରୀ ୨୦୨୦ ଠାରୁ ଧାରାବାହିକ ଭାବେ ପ୍ରକାଶ ପାଉଛି । ଆଶା, ଆମର ପାଠକଙ୍କୁ ଏହା ନୂଆ ସ୍ୱାଦ ଦେବ ।



▲ ଔପନ୍ୟାସିକ ପବିତ୍ର ମୋହନ ଦାଶ

**ପବିତ୍ର ମୋହନ ଦାଶ:** ଆମ ସମୟର ଜଣେ ପ୍ରଖର କବି । ସେ କବିତା ସର୍ଜନା ସହିତ ଉପନ୍ୟାସ ଓ ପ୍ରବନ୍ଧ ମଧ୍ୟ ଲେଖନ୍ତି । ତାଙ୍କ ରଚିତ ବହିଗୁଡ଼ିକ ହେଲା: (କବିତା) ବଜ୍ରବଂଶୀ, ରକ୍ତଶସ୍ୟ, ସ୍ୱପ୍ନମେଧ, ମେଘସଂଚାର, ବିକ୍ଷୁବ୍ଧ ସମୁଦ୍ର, ଦାଣ୍ଡିବୃତ୍ତ । (ଉପନ୍ୟାସ) ହଂସହାନି, ପାହାର । (ପ୍ରବନ୍ଧ) ମୂଲ୍ୟାୟନର ପ୍ରଶ୍ନ ।

ସ୍ଥାନ ବିହାର-ଓଡ଼ିଶା ବ୍ୟବସ୍ଥାପକ ସଭା । ୧୯୧୮ ମାର୍ଚ୍ଚ ମାସ ତେର ତାରିଖ । ସଦସ୍ୟମାନଙ୍କ ପାଇଁ ଉଦ୍ଦିଷ୍ଟ ଆସନରେ ବସିଥାନ୍ତି ଗୋପବନ୍ଧୁ । ବାହାରକୁ ମନେ ହେଉଥାଆନ୍ତି ଯେମିତି ଆଉ ଜଣେ କେହି । ଦେହରେ କଳାପାହାଡ଼ି ଧୋତି ଆଉ ଚଦର ବଦଳରେ ଆଦବ କାଏଦାର ପୋଷାକ । ପରିଧାନରେ କଳା ମଖମଲ କନାରେ ତିଆରି ପ୍ୟାଣ୍ଟ, କୋର୍ଟ । ମୁଣ୍ଡରେ ପଗଡ଼ି । ପକେଟରେ ଥାଏ ଗୋଟିଏ ଗୋଲ ଘଂଟା, ତହିଁରେ ବନ୍ଧା ହୋଇଥାଏ କଳା ସୂତା । ଦେହକୁ ଏ ସାହେବୀ ପୋଷାକ ଲାଗୁଥାଏ ଭାରୀ ଭାରୀ । ହେଲେ ବ୍ୟବସ୍ଥାପକ ସଭାର ମର୍ଯ୍ୟାଦାକୁ ଜଗି ଏସବୁ ସେ ପିନ୍ଧୁଥାନ୍ତି । କାଉନସିଲକୁ ଆସିବା ଦିନରୁ ସେ ଏହାକୁ ଅଭ୍ୟାସରେ ପକାଇଥାନ୍ତି । ତଥାପି ମନ ଭିତରେ ଏ ପୋଷାକକୁ ନେଇ ସେ ସହଜ ହୋଇ ନଥାନ୍ତି । ସେ ଜାଣିଥାନ୍ତି ନିର୍ବାଚିତ ସଦସ୍ୟ ଭାବରେ ତାଙ୍କର ବିଶେଷ କିଛି ଭୂମିକା ନାହିଁ । ୧୯୦୯ର ମର୍ଲେ-ମିଣ୍ଟୋ ଶାସନ ସଂସ୍କାର ମୁତାବକ - ଦେଶରେ ଶାସନ ବ୍ୟବସ୍ଥା ତ ରହିଲା ମାତ୍ର କୌଣସି ପ୍ରତିନିଧି ମୂଳକ ସରକାର ରହିଲା ନାହିଁ । ଏହି ଅନୁସାରେ ଲେଜିସ୍‌ଲେଟିଭ୍ କାଉନ୍‌ସିଲ୍ ତ ଗଠିତ ହେଲା ହେଲେ ନିର୍ବାହୀ ଅଧିକାରୀ ଓ ମନୋନୀତ ସଭ୍ୟମାନେ ହେଲେ ସଂଖ୍ୟା ଗରିଷ୍ଠ । ତାଙ୍କ ଭଳି କେତେ ଜଣଙ୍କୁ ଜନ ପ୍ରତିନିଧି ଭାବେ ଅଣା ଗଲା ହେଲେ ନୀତି ନିର୍ଦ୍ଧାରଣରେ ସେମାନଙ୍କର କୌଣସି ଭୂମିକା ନାହିଁ । ସଂଖ୍ୟା ଗରିଷ୍ଠତା ଯେ ସରକାରଙ୍କ ପାଖରେ ! ତହିଁକି ପୁଣି ସରକାରଙ୍କ ମତରେ ସେମାନେ ହେଲେ ଅତିରିକ୍ତ ସଦସ୍ୟ । ଏପରି ଅତିରିକ୍ତ ସଦସ୍ୟ ଓଡ଼ିଆଙ୍କ ଭାଗ୍ୟରେ ଥିଲା ଗୋଟିଏ । ମଧୁବାବୁ ତାଙ୍କୁ କହିଥିଲେ "ଗୋପ ତୁମେ କାଉନସିଲ ସଭ୍ୟ ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କର । ମୁଁ ଚାହେଁ ତୁମେ ବ୍ୟବସ୍ଥାପକ ସଭାର ସଦସ୍ୟ ହୁଅ ।"

"ସଦସ୍ୟ ହୁଏତ ତା'ର ମତବ୍ୟକ୍ତ କରିବ । ହେଲେ ସରକାର ତାକୁ ଗୁରୁତ୍ୱ ନ ଦେଇ ପାରନ୍ତି ।" ଉତ୍ତର ଦେଇଥିଲେ ଗୋପବନ୍ଧୁ ।

"ବ୍ୟବସ୍ଥା ଭିତରେ ରହି ଲଢେଇ କରିବାର ମଧ ଅଲଗା ଆବେଦନ ଅଛି ଗୋପ ।"

"ପ୍ରକୃତରେ ସଦସ୍ୟ ହେଲେ ମୁଁ ମୋ ଦେଶର ନିରନ୍ନ ଜନତାଙ୍କ ପାଇଁ କିଛି କରିପାରିବି କି ?" ଏ ପ୍ରଶ୍ନ ବେଶୀ ଘାରୁଛି ମୋତେ ।

ତାଙ୍କ କଥାର ଉତ୍ତର ଦେଇ ମଧୁବାବୁ କହିଥିଲେ, "କିଛି ନ କରି ପାରିଲେ ଲୋକଙ୍କ କଥା ତ ଉଠାଇ ପାରିବ ।"

ମଧୁବାବୁଙ୍କ କଥାରେ ସେ ନାମାଙ୍କନ କରିଥିଲେ ଓ ଲୋକାଲ ବଡ଼ି ଦ୍ୱାରା ନିର୍ବାଚିତ ବି ହୋଇଥିଲେ ।"

ପ୍ରଥମେ ସେ ଭାବିଥିଲେ ସଦସ୍ୟ ଭାବେ ସେ ବିଶେଷ କିଛି କରି ପାରିବେ ନାହିଁ । ବ୍ୟବସ୍ଥାପକ ପଦ କେବଳ ଆଳଙ୍କାରିକ । ତେବେ ଥରେ ନିର୍ବାଚିତ ହେଲା ପରେ ସେ ନିଷ୍ଠାର ସହ କାମ କଲେ । ନିଜର ବକ୍ତୃତା ପ୍ରସ୍ତୁତି ସେ ବଡ଼ ଆନ୍ତରିକତାର ସହ କରିଥାନ୍ତି । କାଉନସିଲରେ କେଉଁ ବିଷୟରେ କହିବେ ସେ ପ୍ରସଙ୍ଗରେ ଗୋଦାବରୀଶ, ନୀଳକଣ୍ଠ, ବ୍ରଜସୁନ୍ଦର ଓ ହରିହରଙ୍କ ସହ ଆଲୋଚନା କରନ୍ତି । ନିଜ ଲେଖା ସେମାନଙ୍କୁ ଶୁଣାନ୍ତି । ସେମାନଙ୍କର ମତାମତ ନେଇ ଆବଶ୍ୟକ ପରିବର୍ତ୍ତନ ବି କରନ୍ତି । ତଥ୍ୟ ପାଇଁ ଇମ୍ପେରିଆଲ ପାଠାଗାର,ଏସିଆଟିକ ସୋସାଇଟି ଯାଆନ୍ତି । ତାଙ୍କର ଏ ପ୍ରସ୍ତୁତି ଦେଖି ଥରେ ନୀଳକଣ୍ଠ କହିଲେ, "ଆପଣେ ଗୋଖଲେଙ୍କ ଭଳି ନିଷ୍ଠାର ସହ ପ୍ରସ୍ତୁତ କରୁଛନ୍ତି । ଏପରି କେତେ ଜଣ ବା କରୁଥିବେ ।"

ବିଭିନ୍ନ ପ୍ରସ୍ତାବ ଦେଲା ବେଳେ ତାଙ୍କର ଯେତିକି ଆନ୍ତରିକତା ରହୁଥିଲା ବଜେଟ୍ ପ୍ରସଙ୍ଗରେ ଆଲୋଚନା କଲାବେଳେ ରହୁଥିଲା ସେତିକି ତୀକ୍ଷଣତା । ଯଦିଓ ସେ ଜାଣୁଥିଲେ ବଜେଟ ସମ୍ପର୍କରେ ତାଙ୍କ ପରି ସଦସ୍ୟମାନଙ୍କ ଟିପ୍ପଣୀର ମୂଲ୍ୟ କିଛି ନାହିଁ ତଥାପି ସେ ତାଙ୍କ ମନ୍ତବ୍ୟ ଦେବାରେ ଥିଲେ ତୀବ୍ର । ବକ୍ତୃତା ଆରମ୍ଭ କଲାବେଳେ ସେ ବଡ଼ ମର୍ଯ୍ୟାଦା ଜଗି ସରକାରଙ୍କୁ ସମ୍ମିହ କରି କଥା କହୁଥିଲେ । କଥା କହିବା ଭିତରେ ତାଙ୍କ ଭିତରର ଅସଲ ସମାଲୋଚକଟି ବାହାରି ପଡୁଥିଲା । ଆଉଁସିବା ସହିତ କରତି ଦେବା ଯେମିତି ତାଙ୍କ ବକ୍ତୃତାର ସ୍ୱରୂପ ଥିଲା । ସନ୍ତୁଳନ ରଖି ସେ ନିଜ ମତ ଉପସ୍ଥାପନ କରୁଥିଲେ । ୧୯୧୭-୧୮ ବଜେଟ୍ ଉପରେ ସେ ପ୍ରତିକ୍ରିୟା କରି କହିଥିଲେ,

"Your honour

It is not a customary congratulation that I offer here to the Hon'ble finance member on the well considered budget he has presented to the council, but I wish to express my sympathy for him in his difficulty in framing it under the present financial conditions of the province which cannot be said to be very progressive or promising. The quinquennial review of the provincial finances made by the hon'ble member with his characteristic clearness and precision shows that our revenue since 1914-15 averages Rs24,28000 in excess of our settlement standard and our normal expenditure, excluding any incurred on the high court or the New Capital,Rs27,47000 In spite of the fact that the later has been reduced to the minimum on account of the financial stringency. From it is clear that it will be long before the province can be self -contained no matter how ever great may be our solicitude to give it the character of a completely self -contained administration with it's High court, the circuit court and the university. True, the Hon'ble member estimates for a further rise in the revenue for the coming year, but reading between the lines of his statement, one is inclined to think that he does not feel the position very secure in view of the almost inexpensive character of the provincial revenues. The province has therefore to depend for it's development and continued progress on the imperial grants hitherto given is no stinted measure for which we have to be grateful. But as long as the war lasts any increase in the imperial grants can hardly be expected.

Although at a great distance from scene of operations this country has been affected by the war in more ways than one, and it is well that it is so. For it has come to feel more than ever that it belongs to a world wide empire whose weal or woes it has to it has to share and with which it's destinies are indissolubly bound up. There has been an occasion for India to show it's loyalty and devotion which is now established beyond doubt while a spirit of cooperation and feeling of solidarity has developed among the various parts of the empire .Speaking of the people of Orissa ,where the comparative absence of agitation may sometimes be calculated to minimize the value of their loyalty, I may be permitted to say that though smarting under a sense of disappointment in many of their hopes and aspirations under the new as under the old administrative

arrangements , the Oriyas as a race still hold fast to their faith in the British sense of Justice and fairness to which their silence is due, and while endeavouring in their humble way to do all they can for the stability of the empire they wait quietly and patiently for a better treatment in future. The spirit which led the Hon'ble Mr. M.S. Das to move in the imperial legislative council his resolution of loyalty calling upon the people of India to sacrifice for the sake of the empire inspired also the unlettered peasants of Balasore to risk their lives in the interest of the crown. This is the characteristic Oriya spirit. But it is an irony of fate that the enforcement of the defence of India Act which was extended to Balasore to punish the offenders from outside should continue there as a bolt on the fair name of an Oriya district whose people helped in bringing those offenders to justice.

On the reason of orissa's name being joined as an equal partner with Bihar in the naming of the province your honour's predecessor sir Charles Bayley gave an assurance of equal treatment of Orissa with Bihar in his reply to an address to the people of cuttack soon after the creation of the province.But that assurance still remains a promise to be fulfilled. While thanking the government for the recent affiliation of the Ravenshaw college in history up to the B.A. honours standard,I have to say that their reply to my question regarding the establishment of B.L. and M.A. classes at cuttack has caused great disappointment among the people of Orissa.The Ravenshaw college is the only institution of it's kind in Orissa including the feudatory states and the neighbouring Oriya speaking tracts of the Madras presidency altogether a vaster area than Bihar. The suggestion that it will in course of time be made a centre of university for all oriyas ,doesn't inspire much hope in the minds of the people who to tell the truth ,feel themselves neglected by the unequal and inadequate educational advantages now given to them in Orissa as compared with those in Bihar. It is a pity that the establishment of an engineering school at cuttack,which has been under the consideration of government even before the formation of this province and for which an Oriya Raja made a decent contribution some five years ago,could not be provided for in the budget as the sanction of the Government of India had not yet been received. I am afraid the wheel of administrative machinery moves very slowly with regard to Orissa.lt would have been some consolation to the people of Orissa if the Sanskrit school at Puri,an ancient and time-honored seat of Sanskrit learning ,had been provincialised along with the Dharma samaj Sanskrit school at Muzaffarpur.

"These and many others are the complaints of Orissa which I don't think it desirable to recount at a time like the present when the only universal complaint of the whole empire is against the militarism of Germany for the suppression of which all our energy and attention should be directed.

ସେ ଯେଉଁଠିକୁ ଯାଆନ୍ତୁ ବା ଯେଉଁଠି ଥାଆନ୍ତୁ ତାଙ୍କ ଭିତରର ଶିକ୍ଷକ ଜଣକ ସବୁ ବେଳେ ଜାଗ୍ରତ ରହୁଥାଏ । ସେଥିପାଇଁ ତ ବଜେଟ ଉପରେ ଆଲୋଚନା ବେଳେ ସେ ରେଭେନ୍ସା କଲେଜ, ପୁରୀ ସଂସ୍କୃତ ବିଦ୍ୟାଳୟ ଆଉ କଟକର ଇଂଜିନିୟରିଂ ସ୍କୁଲ୍‌କୁ ନେଇ ନିଜର ମତାମତ ଦେଲେ । ଶିକ୍ଷାନୁଷ୍ଠାନ କଥା ଯେମିତି ତାଙ୍କ ଅନ୍ତରକୁ ଆଲୋଡିତ କରେ । ସେଦିନ ସିନା ଇଂଜିନିୟରିଂ ସ୍କୁଲ କଥା ଉଠାଇ ରହିଗଲେ, କାରଣ ଦର୍ଶାଇଲେ ଯେ ସେ ଆଉ ଅଧିକ ଅଭିଯୋଗ କରୁନାହାନ୍ତି କାରଣ ସରକାରଙ୍କ ପାଇଁ ବଡ଼ ଆହ୍ୱାନ ବିଶ୍ୱଯୁଦ୍ଧ ।

ହେଲେ ଆଜି ପୁଣି ମନକୁ ଆସିଲା ସେ କଥା । ବ୍ରଜ ସହ ସେ ଇଂଜିନିୟରିଂ ସ୍କୁଲ୍‌ର ଆବଶ୍ୟକତା ଉପରେ କେତେ ଆଲୋଚନା କରିଛନ୍ତି । ଆଜିର ବକ୍ତୃତା ସେଇ ପ୍ରସଙ୍ଗ ଆଧାରିତ ।

କଟକରେ ପ୍ରସ୍ତାବିତ ଇଂଜିନିୟରିଂ ସ୍କୁଲ୍ ପ୍ରସଙ୍ଗରେ ସେ ମୁଭ୍ କଲେ ନିମ୍ନୋକ୍ତ ରିଜୋଲୁସନ୍ ।

"That this council recommends to the lieutenant Governor in council that Rs26000 be allotted in the budget for the proposed engineering school at cuttack ( of which the necessary preliminaries may be undertaken without further delay in anticipation of the sanction of the government of India)and that to make up this amount Rs14000 be taken from the non recurring grant of Rs 84000 for the high school at Patna and Rs12000 from the grant of Rs32000 for the boarding house in the protestant European school at cuttack."

ତା ପରେ ସେ କହିଲେ,

"Your honour,

The question of an Engineering school for Orissa has long been under the consideration of Government.It was first mooted some twelve years ago when Orissa was with Bengal.The students who passed the two years' course of cuttack survey school having not proved competent as sub-overseers, the necessity of raising the school to the standard of the Bihar school of engineering was clearly recognised.Even in 1906 a site was selected for the proposed Engineering school at cuttack, but the matter didn't proceed further until 1913 when the survey school was reduced to an Amin class.What a sad disappointment this was to the people of Orissa who expected that under the new administration which promised them greater care and

attention,the establishment of an engineering school for which the chief of Athgarh has already contributed Rs20000 would not be further delayed. This sum has been in deposit with Government for last five years .

Upon the reduction of the survey school.to an Amin class the government directed that the concession previously granted to the passed students of the school qualifying them for appointment as third grade sub- overseers should be withdrawn .The effect of this was that the number of students fell considerably , the figure for March 1917 being 13 against 84 in 1912.In fact the Amin class has been not only unpopular in the extreme but also absolutely useless. Yet it is maintained at a heavy cost .The monthly cost for the education of each student was Rs43-8-0 during the year 1915-16,though a passed student of the school can hardly expect to get an appointment worth Rs10 or 12 a month.The commissioner of the division who visited the school in April last, was of opinion that the school served no purpose and that it was desirable to introduce at any rate the first year of the sub- overseer course,pending the sanction of the Government of India to the scheme for an Orissa school of Engineering.

The delay in the establishment of the Engineering school has caused much dissatisfaction and uneasiness on the minds of the public in Orissa.Orissa members have touched on the subject in their budget speeches in this council successively for the last two years in their interpellations in the council and interviews with authorities have sufficiently indicated the public impatience and anxiety over the matter.But we are always told that proposals have been submitted to the Government of India for a complete reconstitution on the lines of the Bihar school of engineering .

The need for an engineering school in Orissa is obvious and cannot be too strongly emphasized. Oriyas are very poorly, or practically not at all represented in the public works department of their own division. There is only one oriya sub- overseer on a grade above Rs50 in executive staff of the department. Under local bodies and in the feudatory states the number of Oriya overseers and sub-overseers is extremely insignificant.The educated community in Orissa cannot but look upon this state of helplessness with a sense of grief and pain. Proposals have no doubt been submitted to the government of India but the delay has been unusually long and intolerably trying. I earnestly hope that this government will move the Government of India to expedite matters.And in anticipation of sanction from that Government steps should be taken to prepare the necessary preliminaries and open the first year of the sub-overseer course as was suggested by the hon'ble Mr.le.Mesurier in April last.This will inspire hope and faith in the minds of the educated community and will hasten the execution of the scheme in all completeness immediately after the sanction is obtained.

Such provisions in anticipation of sanction have often been made in the budget and my proposal introduces no new principle. I propose only a very modest sum to be provided in the budget for the preliminary works of the proposed engineering school.I don't suggest curtailment from a different head in the budget.There should be no objection to the transfer of certain sum of money from one educational item to another. The whole sum of Rs84000 allotted for the high school in Patna cannot be spent in one year.If it be reduced by onlyRs14000 it will not in any way affect the work.

A boarding house for the cuttack protestant European school may be necessity but an engineering school is a greater necessity of the same locality,so there ought to be a settlement between the two. I am afraid most of the boarding houses of our public schools are often made more costly than is necessary.

Considering the number of students of the cuttack European school for whom a hostel may urgently be needed,I think Rs20000 will be sufficient for the purpose.If necessary the hostel may be extended afterwords.So Rs 12000 may be taken from that head.

Sir I hope I am making no unreasonable request and I trust Your Honour's Government will give the subject the sympathetic consideration that it deserves.With these few words I beg to move the resolution which stands against my name.

ଏହା ପରେ ଗୋପବନ୍ଧୁଙ୍କ ବକ୍ତବ୍ୟ ଉପରେ ଆଲୋଚନା ହେଲା । ସେ ଉଠାଇଥିବା ସମସ୍ୟା ଉପରେ ଦୃଷ୍ଟି ରଖାଯିବ ବୋଲି ପ୍ରତିଶ୍ରୁତି ଦିଆଗଲା । ତା ପରେ ସେ କହିଲେ,

Your Honour It is very painful to live always in hope. However with assurance that every endeavour will be made by this Government to carry out the proposal of an engineering school as soon as the sanction of the Government of India is received. I think I should withdraw my resolution; but before I resume my seat I again urge most respectfully that all possible preliminary steps should be taken so that no further delay may be caused when sanction is received .

ନିଷ୍ଠୁର ହୃଦୟ ସାମାନ୍ୟ ତରଳିଲେ ଅନ୍ତରରେ ବିନମ୍ର ହେବା ତାଙ୍କର ସ୍ୱଭାବ ଥିଲା । ତେଣୁ ସେ କାଉନସିଲ ପ୍ରତି କୃତଜ୍ଞତା ଜ୍ଞାପନ କଲେ । ବସାକୁ ଫେରି ତାଙ୍କର ପ୍ରଥମ କାମ ହେଲା ଏ ପୋଷାକ ବଦଳାଇବା । ଧୋତି ପାଲଟି ସେ କହିଲେ, ରାମା ଏବେ ହାଲୁକା ଲାଗିଲା ।

# ନିଆରା ନାଗଲିଙ୍ଗ



# ନାଗଲିଙ୍ଗ ଫୁଲ

**ଶ୍ୱେତା ରାଉତ**

ପ୍ଲଟ୍ ନଂ. ୨୩୬, ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର-୭୫୧୦୦୬
ଫୋନ: ୯୪୩୯୭୨୬୦୬୦

ଫଟୋ ସୌଜନ୍ୟ : ଗୁଗୁଲ୍

**ଶିବଲିଙ୍ଗ ବୃକ୍ଷ ବା ନାଗଲିଙ୍ଗ ବୃକ୍ଷ ଏମିତି ଏକ ପୁଷ୍ପ ବୃକ୍ଷ ଯାହାକୁ ହିନ୍ଦୁ ଏବଂ ବୌଦ୍ଧ ଧର୍ମରେ ପବିତ୍ର ଓ ଅଲୌକିକ ଭାବେ ବିଶ୍ୱାସ କରାଯାଏ । ଏହି ବୃକ୍ଷ ଭାରତର ପ୍ରାୟ ସବୁଆଡ଼େ ବା ଶିବମନ୍ଦିର ପ୍ରାଙ୍ଗଣରେ ଦେଖିବାକୁ ମିଳେ ଏବଂ ଶ୍ରୀଲଙ୍କା ଓ ଥାଇଲାଣ୍ଡର ବୌଦ୍ଧ ମଠମାନଙ୍କରେ ଦେଖିବାକୁ ମିଳିଥାଏ । ଏହାକୁ କେହି 'ଶିବଲିଙ୍ଗ' କହିଥାନ୍ତି ତ କେହି 'ଶିବକମଳ' କହିଥାନ୍ତି । ଏହାର ଫୁଲଗୁଡ଼ିକ ପଦ୍ମଫୁଲ ଉପରେ ଶିବଲିଙ୍ଗଙ୍କୁ ଆଚ୍ଛାଦନ କରି ରହିଥିବା ଶେଷନାଗଙ୍କ ବିରାଟ ଫଣା ପରି ଆକୃତି ହୋଇଥିବା ଯୋଗୁଁ ଏହାକୁ ସବୁଆଡ଼େ 'ନାଗଲିଙ୍ଗ ଫୁଲ' କହିଥାନ୍ତି ।**



▲ଲେଖିକା ଶ୍ୱେତା ରାଉତ

## ପରିଚୟ

ଭାରତୀୟମାନେ ସର୍ବଦା ଧାର୍ମିକ ଭାବନାକୁ ଅଧିକ ଗୁରୁତ୍ୱ ଦିଅନ୍ତି । କେବଳ ଈଶ୍ୱରଙ୍କ ପ୍ରତିମୂର୍ତ୍ତି ନୁହେଁ ଗଛ, ଲତା, ପାଣି, ପବନ ସବୁ ଭିତରେ ଈଶ୍ୱରଙ୍କ ଉପସ୍ଥିତିକୁ ଉପଲବ୍ଧି କରିଥାନ୍ତି । ପ୍ରକୃତିକୁ ମାତାର ମାନ୍ୟତା ଦେଇ ପ୍ରକୃତି ସହିତ ଘନିଷ୍ଠ ସମ୍ପର୍କ ରଖିବାକୁ ଯାଇ ବୃକ୍ଷକୁ ବି ଦେବତା ରୂପେ ପୂଜା କରିଥାନ୍ତି । ଶିବଲିଙ୍ଗ ବୃକ୍ଷ ବା ନାଗଲିଙ୍ଗ ବୃକ୍ଷ ଏମିତି ଏକ ପୁଷ୍ପ ବୃକ୍ଷ ଯାହାକୁ ହିନ୍ଦୁ ଏବଂ ବୌଦ୍ଧ ଧର୍ମରେ ପବିତ୍ର ଓ ଅଲୌକିକ ଭାବେ ବିଶ୍ୱାସ କରାଯାଏ । ଏହି ବୃକ୍ଷ ଭାରତର ପ୍ରାୟ ସବୁଆଡ଼େ ବା ଶିବମନ୍ଦିର ପ୍ରାଙ୍ଗଣରେ ଦେଖିବାକୁ ମିଳେ ଏବଂ ଶ୍ରୀଲଙ୍କା ଓ ଥାଇଲାଣ୍ଡର ବୌଦ୍ଧ ମଠମାନଙ୍କରେ ଦେଖିବାକୁ ମିଳିଥାଏ । ଏହାକୁ କେହି 'ଶିବଲିଙ୍ଗ' କହିଥାନ୍ତି ତ କେହି 'ଶିବକମଳ' କହିଥାନ୍ତି । ଏହାର ଫୁଲଗୁଡ଼ିକ ପଦ୍ମଫୁଲ ଉପରେ ଶିବଲିଙ୍ଗଙ୍କୁ ଆଚ୍ଛାଦନ କରି ରହିଥିବା ଶେଷନାଗଙ୍କ ବିରାଟ ଫଣା ପରି ଆକୃତି ହୋଇଥିବା ଯୋଗୁଁ ଏହାକୁ ସବୁଆଡ଼େ 'ନାଗଲିଙ୍ଗ ଫୁଲ' କହିଥାନ୍ତି । ଏହା ଏକ ପର୍ଣ୍ଣପାତୀ ବୃକ୍ଷ ଯାହା ଉଷ୍ମକଟୀବନ୍ଧୀୟ କ୍ଷେତ୍ରରେ ଭଲ ବଢ଼ିଥାଏ । ଏହାର ବୈଜ୍ଞାନିକ ନାମ ହେଉଛି 'ଗିୟାନେନ୍‌ସିସ୍' । ଏହି ନାମ ୧୭୭୫ରେ ଫ୍ରାନ୍ସର ବନସ୍ପତି ଶାସ୍ତ୍ରୀ ଜି.ଏ. ଏକ ଓବଲେଟ୍ ରଖିଥିଲେ । ଯଦିଓ ଏହାର ଉତ୍ପତ୍ତିସ୍ଥଳ ଦକ୍ଷିଣ ଆମେରିକା ବୋଲି ଉଦ୍ଭିଦବିଜ୍ଞାନୀମାନେ କହିଥାନ୍ତି, ଆମ ଭାରତରେ ଧର୍ମୀୟ ବିଶ୍ୱାସ ଓ ପୁରାଣ, କିମ୍ବଦନ୍ତୀ ଅନୁସାରେ ଏହା ବହୁ ପ୍ରାଚୀନ ଓ ଭାରତୀୟ ଫୁଲ ବୋଲି ପ୍ରମାଣିତ ଅଛି । ନାଗଲିଙ୍ଗ ଫୁଲ ୬ ସେ.ମି. ପର୍ଯ୍ୟନ୍ତ ବଢ଼ିଥାଏ । ଏହାର ରଙ୍ଗ ଉଜ୍ଜ୍ୱଳ ଗୋଲାପୀ । ଲାଲ୍ ଓ ହଳଦୀ ରଙ୍ଗର ହୋଇଥାଏ । ଫୁଲର ମଧ୍ୟଭାଗରେ ପୁଂକେଶର ରହିଥାଏ, ଯାହାକି ନାଗ ଫଣା ସଦୃଶ ଦେଖାଯାଏ । ଯଦିଓ ଏହି ଫୁଲର କେଶରରୁ ମଧୁ ବା ଅମୃତ ବାହାରି ନଥାଏ, ତଥାପି ଏହାର ପାଖୁଡ଼ାଗୁଡ଼ିକ ମହୁମାଛିଙ୍କୁ ଆକର୍ଷିତ କରିଥାଏ, ଯାହାଫଳରେ ନାଗଲିଙ୍ଗ ଫୁଲର ପରାଗଗଣ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଚାଲି ଯାଇଥାଏ । ଏହାର ଫଳ ବହୁତ ବଡ଼, ଓଜନିଆ ହୋଇଥିବାରୁ ରାସ୍ତାକଡ଼ ମାନଙ୍କରେ ଲଗାଯାଇ ନଥାଏ- (ଦୁର୍ଘଟଣା ଭୟରେ) । ଗୋଟେ ଫଳ ଭିତରେ ପାଖାପାଖି ୬୫ଟି ମଞ୍ଜି ରହିଥାଏ । ଅଧିକ ବଡ଼ ଫଳ ଭିତରେ ୫୦୦ ରୁ ଊର୍ଦ୍ଧ୍ୱ ମଞ୍ଜି ବି ରହିପାରେ । ଗୋଟିଏ ଗଛରେ ୧୫୦ ରୁ ଅଧିକ ଫଳ ହୋଇଥାଏ, ପାଖାପାଖି ୧ ବର୍ଷ ନେଇଥାଏ ପାଚିବାକୁ ଓ ତଳେ ପଡ଼ିଲେ ଏହା ଫାଟିଯାଏ ଓ ଦୁର୍ଗନ୍ଧ ହୋଇଥାଏ । ଏହି ଫଳ ଖୁବ୍ ଆକର୍ଷକ ହେବା ସହିତ ଏଥିରେ ନାନାଦି ଔଷଧୀୟ ଗୁଣ ରହିଥାଏ, ଯାହା ଆମକୁ ଅନେକ ରୋଗରୁ ଉପଶମ ଦେଇଥାଏ । ତେବେ ଆସନ୍ତୁ ଜାଣିବା ନାଗଲିଙ୍ଗ ବା ଶିବଲିଙ୍ଗ ଫୁଲ ସମ୍ପର୍କରେ ଆଉ କିଛି ଜାଣିବା କଥା ।



## ନାଗଲିଙ୍ଗ ଫୁଲର ବିଭିନ୍ନ ନାମ

ନାଗଲିଙ୍ଗ ଫୁଲର ବୈଜ୍ଞାନିକ ନାମ କୋରୌପିଟା ଗିୟାନେନ୍‌ସିସ୍ । ଏହାକୁ ଇଂରାଜୀରେ କ୍ୟାନନ୍‌ବେଲ୍ ଟ୍ରି କୁହାଯାଏ । ହିନ୍ଦୀରେ - ଶିବ ଲିଙ୍ଗ ଫୁଲ, ଶିବ କମଲ, ନାଗଲିଙ୍ଗ, ତୋପକା ଗୋଲା, କୈଲାସପତି, ନାଗବଲ୍ଲି, କାନାଡାରେ - ନାଗଲିଙ୍ଗ ପୁଷ୍ପ, ନାଗମଲ୍ଲି, ମଲ୍ଲିକାର୍ଜୁନ, ତାମିଲ୍‌ରେ- ନାଗଲିଙ୍ଗମ, ତେଲଗୁରେ- ଶିବଲିଙ୍ଗ ପୁଷ୍ପମ୍, ନାଗଲିଙ୍ଗ, ମଲ୍ଲିକାର୍ଜୁନ ଫୁଲ, ମରାଠୀରେ- କୈଲାସପତି, ନାଗଲିଙ୍ଗମ, ଇଣ୍ଡୋନେସିଆ- ସାଲା, ପେରୁ- ଆୟା ଦୁ ମା, କୋଷ୍ଟାରିକା- ବାଲା ଡି କାନନ୍, ଥାଇଲାଣ୍ଡ- ସାଲାଲଙ୍କା, ଲାଟିନ୍- କୌ-ରା-ପି-ଟା ଓ ଓଡ଼ିଆରେ -ନାଗଲିଙ୍ଗ, ଶିବକମଳ, ଶିବଲିଙ୍ଗ ଫୁଲ କହିଥାନ୍ତି ।

## ନାଗଲିଙ୍ଗ ଫୁଲର ପୌରାଣିକ ମାନ୍ୟତା

ଦେବରାଜ ଇନ୍ଦ୍ରଙ୍କ ଚିରାଚରିତ ଦୁର୍ବ୍ୟବହାରରେ କ୍ଷୁବ୍ଧ ହୋଇ ଧ୍ୟାନରତ ଋଷି ଦୁର୍ବାସା ସମସ୍ତ ଦେବତାମାନଙ୍କୁ ସେମାନଙ୍କ ଶକ୍ତି ଓ ଆମୋଦ କ୍ଷୁର୍ଣ୍ଣ ହେବାର ଅଭିଶାପ ଦେଇଥିଲେ । ଯାହାଫଳରେ ଦେବତା ଓ ଅସୁରମାନଙ୍କ ମଧ୍ୟରେ ସଦାସର୍ବଦା ଯୁଦ୍ଧ ଲାଗି ରହୁଥିଲା ଏବଂ ଦେବତାମାନେ ପ୍ରତିକାର ନିମନ୍ତେ ଦେବାଦିଦେବ ମହାଦେବଙ୍କ ନିକଟକୁ ଗଲେ । ମହାଦେବ ନିରପେକ୍ଷ ବିଚାର କରି ସମୁଦ୍ର ମନ୍ଥନର ପରାମର୍ଶ ଦେଲେ ଏବଂ କହିଲେ ସମୁଦ୍ର ମନ୍ଥନରୁ ଯାହା ରତ୍ନାଦି ମୂଲ୍ୟବାନ ଜିନିଷ ମିଳିବ ତାହା ହିଁ ହେ ଦେବତାମାନଙ୍କର ସମ୍ପୂର୍ଣ୍ଣ ଶକ୍ତି ଓ ବିଜୟ । ମନ୍ଥନ ନିମନ୍ତେ ସ୍ୱୟଂ

ମହାଦେବ ଶେଷନାଗ ଅବତାର ନେଇଥିଲେ ଓ ମନ୍ଥନ ପରେ ଶେଷନାଗଙ୍କ ଶରୀର ଅସୁର ଓ ଦେବତାମାନଙ୍କ ସଂଘର୍ଷରେ କ୍ଷତାକ୍ତ, ରକ୍ତାକ୍ତ, ହୋଇ ଯାଇଥିଲା । ଶେଷନାଗ ପୀଡ଼ା ସହନ କରିପାରୁ ନଥିଲେ । ନିଜ ପୀଡାରୁ ମୁକ୍ତି ପାଇବାକୁ ଭଗବାନ ବିଷ୍ଣୁଙ୍କୁ ଆରାଧନା କଲେ । ଶ୍ରୀବିଷ୍ଣୁ, ଶେଷନାଗଙ୍କୁ ସ୍ପର୍ଶ କରିବା ମାତ୍ରେ ଶେଷନାଗ ପୁନଃ ସୁସ୍ଥ ହୋଇ ବସୁଧାକୁ ଟେକି ରଖିଥିବା ତାଙ୍କର ସହସ୍ର ଫଣାକୁ ଦୋହଲାଇ କୃତଜ୍ଞତା ପ୍ରକଟ କରୁଥିଲେ । ଶ୍ରୀବିଷ୍ଣୁ ଓ ବ୍ରହ୍ମଦେବ ଶେଷନାଗଙ୍କୁ କହିଲେ, "ଶେଷନାଗ ତୁମେ ସ୍ୱୟଂ ମହାଦେବଙ୍କ ଅବତାର, ତୁମେ ଶିବାଂଶ, ତେଣୁ କୃତଜ୍ଞତା ଆମକୁ ନୁହେଁ ବରଂ ମହାଦେବଙ୍କୁ ପ୍ରକଟ କର ।" ଶେଷନାଗ ମହାଦେବଙ୍କୁ ଆରାଧନା କଲେ ଓ ବ୍ରହ୍ମାଙ୍କ ଆସ୍ଥାନ କମଳ ଉପରେ ଲିଙ୍ଗ ସ୍ଥାପନ କରି ତ୍ରିଦେବଙ୍କୁ ନତମସ୍ତକ କଲେ । ବେଦବର ବ୍ରହ୍ମା ଶେଷନାଗଙ୍କର ଶିବଙ୍କ ପ୍ରତି ଅନୁରାଗ ଦେଖି ପ୍ରକୃତିମାତାକୁ ସ୍ମରଣ କଲେ: "ହେ ପ୍ରକୃତି ମାତା ଏହି ଅଲୌକିକ ମୁହୂର୍ତ୍ତକୁ ସାରା ସଂସାର ମନେ ରଖିବା ପାଇଁ ଏବଂ ଦେବତାଙ୍କ ସମୁଦ୍ର ମନ୍ଥନରେ ଶେଷନାଗଙ୍କର କୃତଜ୍ଞତାକୁ ସମ୍ମାନ ଦେବା ପାଇଁ ଏକ ଅଲୌକିକ ସ୍ମାରକୀ ଭାବେ ପ୍ରତିପାଦନ କର ।"



ବ୍ରହ୍ମଦେବ ଏକ ଦିବ୍ୟ ଅଲୌକିକ ପୁଷ୍ପର ସର୍ଜନା କରି ପ୍ରକୃତି ମାତାକୁ ସମର୍ପଣ କଲେ । ସେହି ପୁଷ୍ପରେ ବ୍ରହ୍ମଦେବଙ୍କ କମଳ, ଶ୍ରୀବିଷ୍ଣୁଙ୍କ ଶେଷନାଗ ଓ ମହାଦେବଙ୍କ ଫଣା ସ୍ପଷ୍ଟ ସୂଚିତ ହେଉଥିଲା । ମହାଦେବଙ୍କ ଲିଙ୍ଗ ଉପରେ ଶେଷ ନାଗ ଫଣାଟେକି ରହିଥିଲେ, ସତେ ଯେମିତି ମହାଦେବଙ୍କ ସାଧନାରେ ଯେମିତି ବିଘ୍ନ ନ ଘଟେ । ପ୍ରକୃତି ଏହି ଅଦ୍ଭୁତ, ଅଲୌକିକ ଫୁଲକୁ ଧରଣୀ ଉପରେ ପ୍ରସ୍ଫୁଟିତ କରାଇ ଭୋଳାନାଥଙ୍କୁ ଅର୍ପଣ କଲେ ଏବଂ ଶେଷନାଗ ଓ ଲିଙ୍ଗର ସମନ୍ୱୟ ପ୍ରତିପାଦନ କରୁଥିବା ଏହି ଫୁଲର ନାମ ଦେଲେ: 'ନାଗଲିଙ୍ଗ ଫୁଲ' । କେହି କେହି, ଏହି ଫୁଲରେ ବ୍ରହ୍ମଦେବଙ୍କ କମଳ ଓ ଶିବଶମ୍ଭୁଙ୍କ ଲିଙ୍ଗ ଦର୍ଶନ କରି ଏହାକୁ 'ଶିବ କମଳ' କହିବାକୁ ଲାଗିଲେ ।

ଅନ୍ୟତମ ମାନ୍ୟତା ଶୁଣିବାକୁ ମିଳେ ଯେ ଏକଦା ଦେବୀ ପାର୍ବତୀ ଦିବ୍ୟ ପୁଷ୍କରିଣୀରେ ସ୍ନାନ କଲାବେଳେ ତାଙ୍କ କର୍ଣ୍ଣ କୁଣ୍ଡଳର ଏକ ରତ୍ନ ଖସି ପଡ଼ିଥିଲା । ପାର୍ବତୀ ବହୁତ ଖୋଜିଲେ କିନ୍ତୁ ପାଇଲେ ନାହିଁ । ଏକଥା ମହାଦେବଙ୍କ କାନକୁ ଗଲା, ମହାଦେବ ଶିବଗଣଙ୍କୁ ଖୋଜିବାକୁ ପଠାଇଲେ ସମସ୍ତଙ୍କ ପ୍ରୟାସ ବ୍ୟର୍ଥ ହେଲା ହେଲେ ରତ୍ନ ମିଳିଲା ନାହିଁ । ମହାଦେବ କ୍ରୋଧିତ ହୋଇ ସମଗ୍ର ଜଳସଉାକୁ ଶୁଷ୍କ କରିବାକୁ ଯାଉଥିଲେ, ସେତିକିବେଳେ ଦେବର୍ଷୀ ନାରଦ ସୂଚନା ଦେଲେ ଯେ ମାତା ପାର୍ବତୀଙ୍କ କୁଣ୍ଡଳର ରତ୍ନ ପାତାଳରେ ଥିବା ଶେଷନାଗଙ୍କ ନିକଟରେ ଅଛି । ମହାଦେବ ଏ କଥା ଶୁଣି ଶେଷନାଗଙ୍କ ସହ ଯୁଦ୍ଧ କରିବାକୁ ଅଗ୍ରସର ହେଲେ ଓ ରତ୍ନ ଫେରାଇ ଦେବାକୁ ଶେଷନାଗଙ୍କୁ ନିର୍ଦ୍ଦେଶ ଦେଲେ । ଶେଷନାଗ କିନ୍ତୁ ଶୁଣିଲେ ନାହିଁ । ମହାଦେବ କ୍ରୋଧ ହୋଇ ପାତାଳକୁ ଯାଇ ଶେଷନାଗଙ୍କ ସହ ଯୁଦ୍ଧ କଲେ ଓ ତତ୍କ୍ଷଣାତ୍ ମହାଦେବଙ୍କ ଦୃଷ୍ଟି ପଡ଼ିଲା । ଶେଷନାଗ ଏକ ଦିବ୍ୟ କମଳ ଉପରେ ରତ୍ନଟିକୁ ସ୍ଥାପିତ କରି ନିଜ ବିଶାଳ ଫଣାକୁ ଘୋଡାଇ ରଖି 'ଓଁ ନମୋଃ ଶିବାୟ' ଜପ କରୁଛି । ଶିବଶମ୍ଭୁ, ଶେଷନାଗଙ୍କ ଏ ମୁଦ୍ରାରେ ଧ୍ୟାନ କରିବା ଦେଖି ଆଶ୍ଚର୍ଯ୍ୟ ହେଲେ ଓ କାହିଁକି ପୁଷ୍ପ ଉପରେ ରତ୍ନଟି ରଖି ମୋତେ ସ୍ମରଣ କରୁଛ ପଚାରିଲେ । ଶେଷନାଗ କହିଲେ, "ମହାଦେବ, ଏ ରତ୍ନ ମା' ପାବର୍ତୀଙ୍କ ଆଭୂଷଣରୁ ନିଃସୃତ ଅର୍ଥାତ୍ ଆପଣଙ୍କ ଅର୍ଦ୍ଧାଙ୍ଗିନୀଙ୍କର ଯେକୌଣସି ଦ୍ରବ୍ୟ ବି ତ ଆପଣଙ୍କର । ଏ ରତ୍ନ ଭିତରୁ ମୁଁ ମହାଦେବଙ୍କୁ ଦେଖୁଚି, ତେଣୁ ତାଙ୍କୁ ଆରାଧନା କରୁଚି ।" ମହାଦେବ, ଶେଷନାଗଙ୍କର ଭକ୍ତିଭାବରେ ପ୍ରୀତ ହୋଇ ରତ୍ନଟିକୁ ପୁଷ୍ପ ସମେତ ହାତରେ ଧରି କୈଳାସ ଫେରିଲେ ଏବଂ ମାତା ପାର୍ବତୀଙ୍କୁ ଅର୍ପଣ କଲେ । ମାତା ପାର୍ବତୀ ପୁଷ୍ପ ଭିତରେ ରତ୍ନଟି ଦେଖି ଖୁସି ହୋଇ ବାହାର କରିବାକୁ ଗଲାବେଳେ ଦେଖିଲେ ତାଙ୍କ କର୍ଣ୍ଣକୁଣ୍ଡଳର ସେ ରତ୍ନଟି ଏକ ଧବଳ ଲିଙ୍ଗରେ ପରିଣତ ହୋଇଯାଇଛି ଓ ଲିଙ୍ଗ ଉପରେ ଶେଷନାଗଙ୍କର ସହସ୍ର ଫଣା ଘୋଡେଇ ହୋଇ ରହିବା ଭଳି ପୁଷ୍ପ କେଶର ଫଣା ଟେକି ରହିଛି । ପାର୍ବତୀ, ମହାଦେବଙ୍କୁ ଏ ଅଲୌକିକ ପୁଷ୍ପ ଭିତରେ ନାଗ ଓ ଲିଙ୍ଗର ଅପୂର୍ବ ନିବିଡତା ଦେଖି ଏହାକୁ 'ନାଗଲିଙ୍ଗ' ଫୁଲ ନାମରେ ନାମିତ କଲେ । ପୃଥିବୀରେ ଯେତେ ଶିବ ମନ୍ଦିର ଅଛି, ସେଠାରେ ଏହି ନାଗଲିଙ୍ଗ ଫୁଲ ଗଛ ଲଗାଇ ଏହି ଅଦ୍ଭୁତ 'ନାଗଲିଙ୍ଗ' ଫୁଲ ବା 'ଶିବ କମଳ' ଫୁଲକୁ ମହାଦେବଙ୍କୁ ଅର୍ପଣ କରିବାକୁ ମାତା ପାର୍ବତୀ ପରାମର୍ଶ ଦେଲେ । କୁହାଯାଏ ଯଦି ଶ୍ରାବଣ ମାସରେ ଏହି ନାଗଲିଙ୍ଗ ଫୁଲ ମହାଦେବଙ୍କୁ ଅର୍ପଣ କରାଯାଏ, କୋଟି ଜନ୍ମର ପୁଣ୍ୟ ମିଳିଥାଏ ।



## ନାଗଲିଙ୍ଗ ଫୁଲର ପ୍ରଜାତି ଓ ପରାଗଣ

ନାଗଲିଙ୍ଗ ଫୁଲର ତିନୋଟି ମୁଖ୍ୟ ପ୍ରଜାତି ରହିଛି "କୌରୌପିଟା ଗିୟାନେଁସିସ୍" ବା ତୋପ କା ପେଡ୍ । ଗୁଆନା କଲମ୍ବିଆ, ଇକ୍ୱାଡୋର ପୂର୍ବରୁ ଅମାପା ଏବଂ ଦକ୍ଷିଣର ବିଲିବିୟା ୱେଷ୍ଟଇଣ୍ଡିଜ୍ ସହିତ ବାଂଲାଦେଶ, ଶ୍ରୀଲଙ୍କା ଏବଂ ଅଣ୍ଡାମାନ ଓ ନିକୋବରଠାରେ ପ୍ରାକୃତି ଭାବେ ଦେଖିବାକୁ ମିଳେ । "କୋରାପିଟା ନିକାରାଗୁ ଆରୋନ୍ସିସ୍" ଆଉ ଏକ ପ୍ରଜାତି, ଏହାର ଫୁଲଗୁଡ଼ିକ "ବାଲା ଡି କାଓନ୍, କୋକୋ ଦେ ମୋନୋ, ପାରାଏସୋ, ଜାପୋଟ୍ ଡି ମାଇକୋ ବା ଜାପୋଟ୍ ଦେ ମୋନୋ - ନିକାରଗୁଆ, କୋଷ୍ଟାରିକା, ହୋଣ୍ଡୁରାସ, ପାନାମା ପରେ ଦେଖିବାକୁ କିଳେ । ଅନ୍ୟତମ ପ୍ରଜାତି ହେଉଛି "କୋରୋପିଟା ସବ୍‌ସେସିଲିସ୍ । ଏହି ନାଗଲିଙ୍ଗ ଫୁଲ ଉତ୍ତମ ବ୍ରାଜିଲ୍ ଉତ୍ତର ପେରୁଠାରେ ଦେଖିବାକୁ ମିଳେ ।

### ପରାଗଣ :

ଯଦିଓ ନାଗଲିଙ୍ଗ ଫୁଲରେ ମଧୁରସ ନଥାଏ, ତଥାପି ତା'ର କୋମଳ ପାଖୁଡାରେ ଆକର୍ଷିତ ହୋଇ ମହୁମାଛିମାନେ ପରାଗଣ ପାଇଁ ଆସିଥାନ୍ତି । ଏହି ଫୁଲର ପୁରୁଷ ଅଂଶର ଗଠନ ବ୍ରାଜିଲ୍‌ର ବାଦାମ ପରିବାରର ପ୍ରଜାତି ବ୍ୟତୀତ ଦୁନିଆରେ ଅନ୍ୟ କୌଣସି ଉଦ୍ଭିଦ ପରିବାରରେ ଦେଖାଯାଏନାହିଁ । ନାଗଲିଙ୍ଗ ଗଛରେ ଉର୍ବର ଷ୍ଟାମେନ୍ ହ୍ରାସ ହୋଇଥିବା ଶୈଳୀରେ ଏକ ରିଙ୍ଗରେ ମିଳିଥାଏ

ଏବଂ ଷ୍ଟେରାଇନ୍ ପଲିନ୍ ସହିତ ପୁଂକେଶର ହୁଡ୍‌ରେ ଅବସ୍ଥିତ ଷ୍ଟେମିନୋଡର କେଶରରେ ରହିଥାଏ (ଓଭାରି ଉପରେ ଲାଗିଥିବା ଷ୍ଟାମିନାଲ୍ ରିଙ୍ଗ୍‌ର ଗୋଟିଏ ପାର୍ଶ୍ୱରୁ ବିସ୍ତାର ହୋଇ ଅଣ୍ଡାଶୟ ଉପରେ ରହିଥାଏ) କାର୍ପେଟର ମହୁମାଛିକୁ ମୁଖ୍ୟ ପରାଗଣକାରୀ ଭାବେ ଚୟନ କରାଯାଏ । ବଡ଼ ବଡ଼ କଳା କାର୍ପେଟର ମହୁମାଛିମାନେ ସେମାନଙ୍କର ଭେଣ୍ଟାଲ୍ ପାର୍ଶ୍ୱ ସହିତ ଓଭାରି ଉପରେ ଥିବା ଷ୍ଟେରଏଡ୍ ଷ୍ଟାମେନ୍ ଏବଂ ମୁଣ୍ଡ ଓ ପିଠିକୁ ଉର୍ବର ପଲିନ୍ ସହିତ ରିଙ୍ଗର ବିପରୀତରେ ପ୍ରବେଶ କରିଥାନ୍ତି ଓ ସେମାନଙ୍କ ସ୍ଥିତିରେ ଫଳସ୍ୱରୂପ ସେମାନେ ନିଜ ପିଠି ଓ ମୁଣ୍ଡରେ ପଲିନ୍ ଦ୍ୱାରା ଧୂଳି ହୋଇଯାନ୍ତି । ୧୮୨୫ ମସିହାରେ ଫ୍ରାନ୍ସର ଉଦ୍ଭିଦ ବିଜ୍ଞାନୀ ପି ଆର ଆଣ୍ଟୋଏନ୍ ପୋଏଟୋଙ୍କ ଦ୍ୱାରା ଦୁଇ ପ୍ରକାର ଭିନ୍ନ ପଲିନ୍‌କୁ ଆବିଷ୍କାର କରାଯାଇଥିଲା, ଯିଏ ସମାନ ଦେଖାଯାଉଥିଲେ ମଧ୍ୟ 'ଲେସିଥାଇଡେସିଆ'କୁ ପ୍ରଥମେ ଚିହ୍ନଟ କରା ଯାଇଥିଲା । ନାଗଲିଙ୍ଗ ଫୁଲର ରିଙ୍ଗ୍ ଓ ହୁଡ୍‌ରେ ଭିନ୍ନ ପଲିନ୍ ରହିଥାଏ । 'ରିଙ୍ଗ୍-ପଲିନ୍' ପରାଗଣ କରୁଥିବା ବେଳେ 'ହୁଡ୍-ପଲିନ୍' ବନ୍ଧ୍ୟା ହୋଇଥାଏ, କିନ୍ତୁ ଏହା ମହୁମାଛିମାନଙ୍କୁ ଆକୃଷ୍ଟ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ମହୁମାଛିମାନଙ୍କ ପରବର୍ତ୍ତୀ ଫୁଲକୁ ସ୍ଥାନାନ୍ତରଣ ଫଳରେ ମଞ୍ଜି ବିକଶିତ ହୁଏ ।



## ନାଗଲିଙ୍ଗ ଫୁଲର ରୋପଣ ବିଧି

ଲେସିଥିଡେସି ପରିବାରର ଏକ ସଦସ୍ୟ ହେଉଛି 'ନାଗଲିଙ୍ଗ ଫୁଲଗଛ' । ଏହା ଖାଇବା ଯୋଗ୍ୟ ଫଳ ପ୍ରଦାନ କରିଥାଏ । ମନ୍ଦିର ପାର୍ଶ୍ୱରେ ଶୋଭା ବଢାଉଥିବା ଏହି ନାଗଲିଙ୍ଗ ଫୁଲର ଗଛ ରୋପଣ କରିବା ପାଇଁ ଆର୍ଦ୍ର ବାତାବରଣର ଆବଶ୍ୟକତା ହୋଇଥାଏ । ଏହା ସମ୍ପୂର୍ଣ୍ଣ ସୂର୍ଯ୍ୟକିରଣ ଆବଶ୍ୟକ କରେ । ଏହି ଗଛ ୬.୦ ରୁ ୭.୦ ପି.ଏଚ୍. ବାଲା ଉତ୍ତମ ଜଳ ନିଷ୍କାସନ ହେଉଥିବା ମାଟିରେ ଭଲ ବଢିପାରେ । ଯଦି କୌଣସି ସ୍ଥାନରେ ମାଟି ଭଲ ନଥାଏ, ଏଥିରେ ଉପଯୁକ୍ତ ପରିମାଣର ଖାଦ, ଖତ ଓ ବାଲି ମିଶ୍ରଣ କରାଯାଏ । ମଞ୍ଜିରୁ ଉତ୍ପନ୍ନ କରିବା ଅପେକ୍ଷା ଏହି ଗଛ କଟିଂକୁ କଲମି କରି ଲଗାଇଲେ ଶୀଘ୍ର ବଢିଥାଏ । ଯଦି ଛୋଟ ଚାରା ରୋପଣ କରୁଛନ୍ତି, ତେବେ ଯେତିକି ଆକାରର ଚେର ଥାଏ, ତାହାର ଦୁଇଗୁଣ ଚଉଡ଼ା ଓ ସେତିକି ଗଭୀର ଗାତ କରି ଚାରା ରୋପଣ କରି ମାଟି ଭରି ଦେବେ ଏବଂ ହାଲୁକା ପାଣି ଦେବେ । ସମ୍ପୂର୍ଣ୍ଣ ସୂର୍ଯ୍ୟକିରଣ ପଡୁଥିବା ସ୍ଥାନରେ ଲଗାଇଲେ ଏହା ଉର୍ବର ହୋଇଥାଏ । ରୋପଣ କରିବାର କିଛି ମାସ ପର୍ଯ୍ୟନ୍ତ ନିୟମିତ ପାଣି ଦେବାକୁ ପଡ଼ିଥାଏ । ଯଦି ମାଟି ଅଧିକ ଶୁଖିଯାଏ ତେବେ ସପ୍ତାହରେ ଗୋଟେ ଦୁଇଦିନ ଅଧିକ ପାଣି ଦେବାକୁ ପଡେ । ପର୍ଯ୍ୟାୟକ୍ରମେ ଗଛମୂଳରେ ସନ୍ତୁଳିତ ଖାଦ୍ୟ ଓ ସାର ଦେଇ ମୂଳକୁ ହାଲୁକା ଖୁସେଇ ଦିଆଯାଏ । ନାଗଲିଙ୍ଗ ଫୁଲର ବଡ଼ ବଡ଼ ଏକାଥରକେ ୧୦୦୦ଟି ପର୍ଯ୍ୟନ୍ତ ଫୁଲ ଫୁଟାଇଥାଏ । ଏହାର ଫଳଗୁଡ଼ିକ ବହୁତ ବଡ଼ ଓ ଓଜନିଆ ହୋଇଥିବାରୁ ଏହାକୁ ବଗିଚା ବା ଘର ସାମ୍ନାରେ ଯାତାୟତ କରୁଥିବା ସ୍ଥାନରେ ବା ରାସ୍ତା ପାର୍ଶ୍ୱରେ ଲଗାଯାଇ ନଥାଏ (କୌଣସି ଦୁର୍ଘଟଣା ଭୟରେ) । ନାଗଲିଙ୍ଗ ଫୁଲ ପ୍ରାୟତଃ ଶିବ ମନ୍ଦିରମାନଙ୍କରେ ମନ୍ଦିର ବେଢାରେ ଅଧିକ ଦେଖିବାକୁ ମିଳେ । ଏହି ଫୁଲଗଛ ଅନେକାଂଶରେ ଆପେ ଆପେ ଉଠିଥାଏ ଓ ଲୋକମାନେ ତାକୁ ଶିବ ମନ୍ଦିର ପ୍ରାଙ୍ଗଣରେ ରୋପିତ କରିଥାନ୍ତି ।


## ଔଷଧୀୟ ଉପଚାରରେ ନାଗଲିଙ୍ଗ

ନାଗଲିଙ୍ଗ ଫୁଲ ପରିବେଶ, ବାତାବରଣର ସୌନ୍ଦର୍ଯ୍ୟ ବଢ଼ାଇବା ପାଇଁ ଏକ ଅଳଙ୍କରଣ ବୃକ୍ଷ ଭାବେ ରୋପଣ କରାଯାଇଥାଏ । ଯଦିଓ ଏହାର ଫଳ ଖାଇବାଯୋଗ୍ୟ, ତଥାପି ଏହାର ଅତ୍ୟଧିକ ଦୁର୍ଗନ୍ଧ ଯୋଗୁଁ ଏହି ଫଳ ଖାଇବାକୁ ଦିଆ ଯାଇଥାଏ । ନାଗଲିଙ୍ଗ ଫୁଲ କେବଳ ନୁହେଁ, ଏହାର ଅନେକ ଅଂଶ ଔଷଧ ପାଇଁ ବ୍ୟବହୃତ ହୋଇଥାଏ । ଏହି ଗଛ ଟିସୁରୁ ବାହାର କରାଯାଉଥିବା ଆଣ୍ଟିସେପ୍ଟିକ୍ ଏବଂ ଆଣ୍ଟିଫଙ୍ଗାଲ୍ ଗୁଣ ରହିଛି, ଯାହା ମ୍ୟାଲେରିଆ ଚିକିତ୍ସା ପାଇଁ ଆମାଜନିଆନ୍ ଶ୍ୟାମାନ୍ ଦ୍ୱାରା ବ୍ୟବହୃତ ହୋଇଥିଲା । ଏହାର ଛୋଟ ପତ୍ର ଦାନ୍ତ ଯନ୍ତ୍ରଣା ପାଇଁ ପତ୍ରର ରସ ଚର୍ମ ରୋଗ ପାଇଁ ଓ ଡିଜେନ୍ସିଫିକେସନ୍ ପାଇଁ ବ୍ୟବହୃତ ହୋଇଥାଏ । ନାଗଲିଙ୍ଗର ଛାଲକୁ ପାଣିରେ ସିଝାଇ ସେବନ କଲେ ଥଣ୍ଡା, ଶର୍ଦ୍ଦି ହୋଇନଥାଏ । ନାଗଲିଙ୍ଗକୁ ପଶୁ ଚିକିତ୍ସା ପାଇଁ ନାଗଲିଙ୍ଗକୁ ବ୍ୟବସାୟୀକ ଭାବେ ବିକ୍ରି କରାଯାଇ ଆସୁଛି । କିଛି ଦଶକ ପୂର୍ବରୁ ଗବେଷଣାରୁ ଜଣା ପଡ଼ିଛି ଯେ ଏଥିରେ କ୍ୟାନ୍‌ସର ବିରୋଧି ଗତିବିଧି, ଅଲ୍ସର୍ ବିରୋଧି ଓ ଫୁଲାରୋଗ କମ୍ କରିବା ଲକ୍ଷଣ ମିଳିଛି ଏବଂ ଯୋଗ ସମ୍ବନ୍ଧୀୟ ଔଷଧି ଯଥା ତେଲ, କିଟୋ ଷ୍ଟେରଏଡ୍, ଗ୍ଲାଇକୋସାଇଡ୍, କୋରୋପୋଏଟିନ୍, ଇଣ୍ଡିରୁବିନ୍ ଆଇସାଟିନ୍ ଏବଂ ଫେନୋଲିକ୍ ପଦାର୍ଥ ମିଳିଛି । ନାଗଲିଙ୍ଗର ବିଭିନ୍ନ ଅଂଶରୁ ଔଷଧୀୟ ଗତିବିଧି ପରିଲକ୍ଷିତ କରି ସେଥିରେ ସଫଳତା ପାଇଥିବାରୁ ଗବେଷକମାନଙ୍କ ଦ୍ୱାରା ଏବେ ଅନେକ ଔଷଧରେ ଏହା ପ୍ରୟୋଗ କରାଯାଉଛି । ନାଗଲିଙ୍ଗରେ ରହିଛି ଆଣ୍ଟି - ଆଲର୍ଜିକ୍, ଆଣ୍ଟି - ଫଙ୍ଗଲ୍, ଆଣ୍ଟି-ସେପ୍ଟିକ୍ ଏବଂ ଆଣ୍ଟି ଏନାଲଜୋସିକ୍ ଗୁଣ ଯାହା ଶରୀରର ବିଭିନ୍ନ ରୋଗରୁ ଉପଶମ ଦେଇଥାଏ । ରୋଗ ସୃଷ୍ଟି କରୁଥିବା ଜୀବାଣୁମାନଙ୍କୁ ବିନାଶ କରି ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ । ଏଥିରେ ରହିଥାଏ ଫାଇଟୋକେମିକଲ୍ ଘଟକ ଯାହା ନାଗଲିଙ୍ଗକୁ ଏକ ଔଷଧୀୟ ବୃକ୍ଷ ବିବେଚନା କରିଥାଏ । 'ପୁଡୁଚେରୀ'ର ରାଷ୍ଟ୍ରୀୟ ଫୁଲ ମାନ୍ୟତା ପ୍ରାପ୍ତ ଏହି 'ନାଗଲିଙ୍ଗ' ଫୁଲ ଧାର୍ମିକ ମାନ୍ୟତା ଦୃଷ୍ଟିରୁ ଯେତିକି ମାନସିକ ଶାନ୍ତି ଅଭିବୃଦ୍ଧି କରିଥାଏ, ସେତିକି ଔଷଧୀୟ ଉପଯୋଗ ପାଇଁ ଶାରୀରିକ ଉପଶମରେ ବ୍ୟବହୃତ ହୋଇଥାଏ । ପଶୁ ହୁଅନ୍ତୁ କି ମନୁଷ୍ୟ ଏହା ସମସ୍ତଙ୍କ ଉପଯୋଗରେ ଆସିଥାଏ ।



ଧାରାବାହିକ ଆତ୍ମଜୀବନୀ

# ସ୍ମୃତିର ପ୍ରଜ୍ଞାପୀଠ



**ଜୟନ୍ତୀ ରଥ**
'ସାଇସୁଧା', ୩୬୫/୩୦୨୫, ଶିଶୁ ବିହାର,
ପଟିଆ କିଟ୍, ଭୁବନେଶ୍ୱର-୭୫୧୦୨୪
ଫୋନ : ୮୮୯୫୬୧୭୯୫୬

ଫଟୋ ସୌଜନ୍ୟ :ଲେଖିକା

**'ପ୍ରଜ୍ଞାପୀଠରେ ତେତିଶ୍‌ବର୍ଷ': ଜୟନ୍ତୀ ରଥଙ୍କ ଏକ ଆତ୍ମଜୀବନୀ ମୂଳକ ଆଲେଖିକା । ଏଥିରେ ସେ ଧାରାବାହିକ ଭାବେ ଖୋଲିବେ ତାଙ୍କ ଜୀବନର ସେଇସବୁ ପାଖୁଡ଼ା, ଯେଉଁଥିରେ ପାଠକଙ୍କ ପାଇଁ ରହିବ ରାଶି ରାଶି ତଥ୍ୟ ଓ ଜୀବନ କାହାଣୀ, ପ୍ରାୟପୋନ୍ୟାସ ଶୈଳୀରେ । ଜୟନ୍ତୀ ରଥ ଆମ ସମୟର ଜଣେ ସୁଶୀଳ କଥାଶିଳ୍ପୀ । ଅସଂଖ୍ୟ ଗଳ୍ପ ଲେଖି ସେ ଓଡ଼ିଆ ପାଠକଙ୍କ ମନ ଜିଣି ପାରିଛନ୍ତି । ପାଖାପାଖି ୧୯ଟି ଗଳ୍ପ ସଂକଳନ, ୩ଟି ଉପନ୍ୟାସ, ୪ଟି କବିତା ସଂକଳନର ସେ ସ୍ରଷ୍ଟା । ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ପଦବୀରୁ ଅବସର ନେଇ ସେ ଏବେ ସାହିତ୍ୟ ସାଧନାରେ ମଗ୍ନ । 'ରେବତୀ'ର ପାଠକଙ୍କ ପାଇଁ ଏହି ଧାରାବାହିକଟି, ଅଧୁନା ତାଙ୍କ ସ୍ୱପ୍ନ ଓ ସଂକଳ୍ପ ।**



ଲେଖିକା ଜୟନ୍ତୀ ରଥ

# (୨୭) ପ୍ରଜ୍ଞାପୀଠରେ ତେତିଶ ବର୍ଷ

ସ୍ୱତନ୍ତ୍ର ବ୍ୟକ୍ତିତ୍ୱର ଅଧିକାରିଣୀ ଥିଲେ ତା'ର ବାନ୍ଧବୀ ମିନତି । ଡକ୍ଟର ମିନତି ପଣ୍ଡା ବିଜେବି, ରମାଦେବୀ ମହାବିଦ୍ୟାଳୟରେ ସେ କେବଳ ଅଧ୍ୟାପନା କାର୍ଯ୍ୟ କରୁ ନଥିଲେ । ମହାବିଦ୍ୟାଳୟର ପରୀକ୍ଷା ପରିଚାଳନା, ନାମଲେଖା ଏବଂ ଆହୁରି ବହୁତ ଦାୟିତ୍ୱରେ ସଂଶ୍ଳିଷ୍ଟ ରହୁଥିଲେ । ତାଙ୍କର କର୍ମପ୍ରବଣତା, ନିଷ୍ଠା ଅନ୍ୟମାନଙ୍କ ପାଇଁ ଉଦାହରଣ ଥିଲା । କେବେହେଲେ କାହା ବିରୁଦ୍ଧରେ ପ୍ରତିକୂଳ ମନ୍ତବ୍ୟ ଦେଉ ନଥିଲେ । ବହୁତ କଥା ଶିଖିବାର ଥିଲା ତାଙ୍କଠୁ । ମିନତି ପାଇଁ ବେବି ମନରେ ସ୍ନେହ ଠାରୁ ସମ୍ମାନ ଥିଲା ଅଧିକ । ଏକାଠି ପାଖରେ ବସିଲା ବେଳେ ମିନତି ପଦେ ପଦେ କଥା କହନ୍ତି । ତାହା ଅଲିଭା ଗାର ହୋଇ ରହିଯାଏ ବେବିର ମନରେ । ଥରେ କହିଥିଲେ- "ମୁଁ କୌଣସି ସମ୍ପର୍କକୁstrained ହେଲା ପର୍ଯ୍ୟନ୍ତ ବଢ଼ିବାକୁ ଦିଏନି ।

ରମାଦେବୀ ମହାବିଦ୍ୟାଳୟର ଛାତ୍ରୀମାନଙ୍କୁ ବ୍ରାହ୍ମୀଲିପି ଶିଖେଇଥିଲା ବେବି ମିନତିଙ୍କ ଅନୁରୋଧରେ । ଆଜି ବି ମନେପଡ଼େ ଯେତେବେଳେ ସେ କଳାପଟାରେ ବ୍ରାହ୍ମୀଲିପିରେ ରମାଦେବୀ ମହାବିଦ୍ୟାଳୟ, ଇତିହାସ ବିଭାଗ ଲେଖିଥିଲା- ଆନନ୍ଦ ଉଚ୍ଛ୍ୱାସରେ କିଭଳି ଫାଟି ପଡ଼ିଥିଲା ସେଇ ବିରାଟ ହଲ୍ ।

ଆଜି ମିନତି ନାହାନ୍ତି । ସେଇ ସ୍ମୃତି ଜୀବନ୍ତ ଅଛି । ୨୦୨୦ରେ ଅବସର ନେବାର ଅଳ୍ପଦିନ ପରେ ମିନତି ଅସୁସ୍ଥ ହୋଇପଡ଼ିଲେ । କିଛି ମାସ ଶଯ୍ୟାଶାୟୀ ରହିବା ପରେ ସେ ଏ ସଂସାରରୁ ବିଦାୟ ନେଲେ ଚିରଦିନ ପାଇଁ । ମିନତି ସହିତ କେତେ କ'ଣ ଗପିବାର ଥିଲା- ଇତିହାସ, ସାହିତ୍ୟ, ଜୀବନ, ଦର୍ଶନ । ସବୁଥିରେ ପୂର୍ଣ୍ଣଚ୍ଛେଦ ପଡ଼ିଗଲା ।

Never get tined of doing little things for others, sometimes those little things take up a big place in their heart.

X X X X


Life is not about pleasing everyone, it is about hurting no one.

ଏଇ ଥିଲା ମିନତିଙ୍କର ଭାବାଦର୍ଶ । ଲୁହ ଢାଳିଲେ ତାଙ୍କର ସ୍ମୃତି ପ୍ରତି ଅମର୍ଯ୍ୟାଦା ହେବ । ଜୀବନରେ ସମ୍ମାନାସ୍ପଦା ଥିଲ । ମରଣରେ ବି ତମେ ସେଇ ସମ୍ମାନର ଆସନରେ ରୁହ....ମିନତି ସ୍ମୃତିକୁ ଆସିଲେ ନିରବରେ କହେ ବେବି ।

ମିନତି ପରି ବାନ୍ଧବୀ ପାଇବା ପ୍ରକୃତରେ ସୌଭାଗ୍ୟ ।

ପାର୍ଲିଆମେଣ୍ଟାରୀ ସର୍ଭିସେସ୍ ଛାଡ଼ି ଓଡ଼ିଶା ପ୍ରଶାସନିକ ସେବାରେ ଯୋଗ ଦେଇଥିଲେ ଗୋପବନ୍ଧୁ । ଦିଲ୍ଲୀରେ ବିଶିଷ୍ଟ ଐତିହାସିକ ରୋମିଲା ଥାପରଙ୍କ ପାଖେ ଗବେଷଣା କରୁଥିଲେ । ଇତିହାସ ସହିତ ଅର୍ଥନୀତି, ରାଜନୀତି ବିଶ୍ୱ ସାହିତ୍ୟ ସବୁଥିରେ ଗଭୀର ପ୍ରବେଶ ତାଙ୍କର । ପ୍ରଶାସନିକ ସେବାରେ ପରୀକ୍ଷାରେ ସମଗ୍ର ଓଡ଼ିଶାରେ ପ୍ରଥମ ହୋଇ ସେ ଓଡ଼ିଶା ଆସି କାର୍ଯ୍ୟରେ ଯୋଗଦେବା ପରେ ମଝିରେ ମଝିରେ ଗ୍ରନ୍ଥ ସୂଚନା ନେବାକୁ ସଂଗ୍ରହାଳୟ ଲାଇବ୍ରେରୀ ଆସୁଥିଲେ ବହୁ ବର୍ଷର ବ୍ୟବଧାନରେ ।

ସଂଗ୍ରହାଳୟରେ ଭେଟ ହେଲାବେଳକୁ ଗୋପବନ୍ଧୁ ଜଣେ ରୂପାନ୍ତରିତ ମଣିଷ । କଥାରେ ଗଞ୍ଜାମୀ ଭାଷାର ଟାଣ । ମାତ୍ର ଭାବ କେତେ ଗଭୀର, କେତେ ବିସ୍ତୃତ । ବାପା ଥରେ କହିଦେଲେ, "ତୁ କୋଠେ କୋଠେ ବୁଲିବୁ, ଇଷ୍ଟ ଦେବତା ନୃସିଂହଙ୍କ ପୂଜାପାଠ କିଏ ବୁଝିବ ?" ଏଇ ଗୋଟିଏ କଥାରେ କେନ୍ଦ୍ର ସରକାରଙ୍କ ଚାକିରି ଛାଡ଼ି ଚାଲି ଆସିଲେ । ୧୯୯୦ରୁ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ କିଛି ବର୍ଷ କାମ କରିବା ପରେ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରେ ଯୁଗ୍ମ ଶାସନ ସଚିବ, ଅତିରିକ୍ତ ଶାସନ ସଚିବ ରହିଲେ । ଏବେ ସ୍ୱତନ୍ତ୍ର ଅଧିକାରୀ ଭାବେ କାର୍ଯ୍ୟ ନିର୍ବାହ କରୁଛନ୍ତି ବହୁ ବ୍ୟସ୍ତତା, ବହୁ ଜଂଜାଳ, ମଝିରେ କିଛି ସମୟ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଦାୟିତ୍ୱରେ ବି ଥିଲେ । ଲୋକମାନଙ୍କର ବିଭିନ୍ନ ପ୍ରକାର ସମସ୍ୟା, ବିଚିତ୍ର ମନୋବୃତ୍ତି ସବୁ ଶୁଣି ମନ୍ଦେ ରଖି ସଜେଇ କରି କହନ୍ତି । ସେସବୁକୁ ନେଇ ଗପ ଲେଖିବାକୁ ତାକୁ ପ୍ରଚୋଦିତ କରନ୍ତି । ସବୁବର୍ଷ ମେ ୧୮, ଆନ୍ତର୍ଜାତିକ ସଂଗ୍ରହାଳୟ ଦିବସ ପାଇଁ ଏକ ନିର୍ଦ୍ଦିଷ୍ଟ ଥିମ୍ ଥାଏ । ଇଣ୍ଟରନେଟ୍‌ରେ ସେ ସେଇ ଥିମ୍ ଦେଖି ବହୁ ପୂର୍ବରୁ ସେଇ




ଗୋପବନ୍ଧୁ, ଡିଟମାର ରୋଥରମଣ୍ଡ

ଅନୁସାରେ ଉତ୍ସବ ପାଳନ କରିବା ପାଇଁ ଗୋପବନ୍ଧୁ ତାଙ୍କୁ ଚେତେଇ ଦିଅନ୍ତି ।

ନିଜେ କେବେ ସ୍ୱତନ୍ତ୍ର ଧ୍ୟାନ ଲୋଡ଼ନ୍ତି ନାହିଁ ।

ସଂଗ୍ରହାଳୟକୁ ବିଶେଷ ସଂପାନରେ ବିଶ୍ୱପ୍ରସିଦ୍ଧ ଐତିହାସିକ, ପ୍ରତ୍ନତତ୍ତ୍ୱବିଦ୍ ଡୋନାଲଡ଼ସନ୍, ହରମାନ୍ କୁଲ୍‌କେ ଆସନ୍ତି । ଗୋପବନ୍ଧୁ ବହୁ ବ୍ୟସ୍ତତା ଭିତରୁ ସମୟ କାଢ଼ି ଆସନ୍ତି । ଚୁପ୍‌ଚାପ୍ ପଛରେ ବସି ସେମାନଙ୍କ ଭାଷଣ ଶୁଣି ଚାଲି ଯାଆନ୍ତି । ପରେ ଫୋନ୍‌ରେ ସେ ବିଷୟରେ ଆଲୋଚନା କଲାବେଳେ ବେବି ଜାଣେ ସଭାରେ ସେ ଉପସ୍ଥିତ ଥିଲେ ।







ଲେଖିକା ଇପସିତା ଦାଶ

ରାଜ୍ୟ ପ୍ରଶାସନିକ ଗୁରୁ ଦାୟିତ୍ୱ ଭିତରେ ଥାଇ ବି ଚମତ୍କାର କବିତା ଲେଖୁଛନ୍ତି ଗୋପବନ୍ଧୁ । ତାଙ୍କ କବିତାର ଶୀର୍ଷକ 'ଛୋଟ ଘର ବଡ଼ ଆକାଶ', 'ପ୍ରଜାପତି ଓ ମୃତ ସାଗର', 'ଛାଇର ଶବ୍ଦ', 'ଅଧାଖୋଲା ଦ୍ୱାର' ବି ବେବି ମନରେ ଖେଳେଇ ଦିଏ ତରଙ୍ଗ । କେତେ କବିତା ଅଧାବୁଝା ରହେ । ବାରମ୍ବାର ତାକେ ପଢ଼ିବା ପାଇଁ । ଗୋପବନ୍ଧୁ ନିଜେ ଆବୃତ୍ତି କଲାବେଳେ ବୁଝି ହୋଇଯାଏ ଅଧାବୁଝା କବିତାର ଅର୍ଥ । ତାଙ୍କ କବିତା ସଂକଳନ 'ଛାଇର ଶବ୍ଦ' ବହୁ ବିଶିଷ୍ଟ କବିଙ୍କ ଦୃଷ୍ଟି ଆକର୍ଷଣ କରିଛି । ପ୍ରଶାସନିକ ବ୍ୟବସ୍ଥା, କାବ୍ୟାନୁରକ୍ତି, ସାମାଜିକ ଦାୟିତ୍ୱ ଭିତରେ କେମିତି ସମନ୍ୱୟ ରକ୍ଷାକରି ପାରନ୍ତି ଗୋପବନ୍ଧୁ ? କେମିତି ସବୁ ବନ୍ଧୁଙ୍କ ସହିତ ବନ୍ଧୁତା ଅତୁଟ ରଖି ପାରିଛନ୍ତି । ଭାବିଲେ ଆଶ୍ଚର୍ଯ୍ୟ ହୁଏ ବେବି । ତାଙ୍କ ଝିଅ ଇପସିତା(ନିଶି) ଦାଶ ଇଂରାଜୀରେ ଲେଖୁଚି ଗପ, ଉପନ୍ୟାସ ତା'ର ସଦ୍ୟଲିଖିତ ଉପନ୍ୟାସ 'Ploughing the mirage ସୁଧୀ ସମାଜର ଦୃଷ୍ଟି ଆକର୍ଷଣ କରିଛି । ଏତେ କମ୍ ବୟସରେ ଏତେ ସୁନ୍ଦର ଲେଖା । ଉତ୍ତରାଧିକାର ସୂତ୍ରରେ ପିତାଠାରୁ ପୁତ୍ରୀ ଗ୍ରହଣ କରିଚି ଲିଖନ କଳା ।

ଗୋପବନ୍ଧୁ ଜଣେ ଆଦର୍ଶ ପ୍ରଶାସକ । ଜଣେ ଆଦର୍ଶ ବନ୍ଧୁ । ଜଣେ ଆଦର୍ଶ ପିତା । ସର୍ବୋପରି ସରଳ, ନିରାଡ଼ମ୍ବର ଆଦର୍ଶ ମଣିଷ । ବହୁ ସହପାଠୀ ବନ୍ଧୁ ତାଙ୍କୁ ଆଦରରେ 'ଗୋପ' ଡାକନ୍ତି ।






କବି ଅକ୍ଷୟ ବେହେରା

ବି.ଜେ.ବି. କଲେଜରେ ତା' ସହିତ ପଢୁଥିଲେ ସିଦ୍ଧାର୍ଥ କାନୁନଗୋ, ବିଭାସ କାନୁନଗୋ । ଦୁହେଁ ପରବର୍ତ୍ତୀ ଜୀବନରେ ସଚିବାଳୟ ଅର୍ଥ ବିଭାଗରେ ଉଚ୍ଚ ଅଧିକାରୀ ପଦ ମଣ୍ଡନ କରିଥିଲେ । ପଢ଼ିଲା ବେଳେ ସେମାନଙ୍କ ସହ ବାର୍ତ୍ତାଳାପ ନଥିଲା ପ୍ରାୟ । ମାତ୍ର ଚାକିରି କ୍ଷେତ୍ରରେ ଏ ଦୁହିଁଙ୍କଠୁ ସେ ବହୁ ସହଯୋଗ ପାଇଛି ।

ସିଦ୍ଧାର୍ଥ ଇତିହାସ, ସଂସ୍କୃତି, ଜଗନ୍ନାଥ ଚେତନା, ପରମ୍ପରାକୁ ନେଇ ମନନଶୀଳ ପ୍ରବନ୍ଧ ଲେଖନ୍ତି । ପଢ଼ିବା ପାଇଁ ବରାବର ସଂଗ୍ରହାଳୟ ଲାଇବ୍ରେରୀ ଆସନ୍ତି । ଟେଣ୍ଡର କାମ, ଅଡିଟ୍ ପାର୍ଟିଙ୍କ କାମ ଓ ଅନ୍ୟାନ୍ୟ ଅର୍ଥ ସମ୍ବନ୍ଧୀୟ କାମରେ ସଂଗ୍ରହାଳୟରେ ହାତ ଗଣତିରେ ୨ଜଣ କର୍ମଚାରୀ ଥାଆନ୍ତି । ବୟପ୍ରାପ୍ତ କର୍ମଚାରୀ ଅବସର ନେବା ପରେ ଏଇ କାମ ଗୁଡ଼ିକ କଲାବେଳେ ସେମାନେ ଛନ୍ଦଣି ମନ୍ଦଣି ହୋଇ ଯାଉଥାନ୍ତି । ସିଦ୍ଧାର୍ଥ ସେମାନଙ୍କୁ ପାଖକୁ ଡାକି ବସେଇ କାର୍ଯ୍ୟର ଧାରା ବତେଇ ଦିଅନ୍ତି । ସେମାନଙ୍କୁ ବିଷମ ଲାଗୁଥିବା କାର୍ଯ୍ୟ ସହଜ ହୋଇଯାଏ । ଧନ୍ୟବାଦଟା ପରି ଛୋଟିଆ ଶବ୍ଦ...କୃତଜ୍ଞତା ଜଣାଇବାକୁ ଯଥାଯଥ ଭାଷା ପାଏନି ବେବି ।

ସଂଗ୍ରହାଳୟର ବିରାଟ ଲାଇବ୍ରେରୀ । ଧର୍ମ, ସଂସ୍କୃତି, ଇତିହାସ, ନୃତତ୍ତ୍ୱ, ପୁରାତତ୍ତ୍ୱ, ସାହିତ୍ୟ, ଦର୍ଶନକୁ ନେଇ ଲକ୍ଷାଧିକ ପୁସ୍ତକ ମହଜୁଦ ଅଛି ଲାଇବ୍ରେରୀରେ । ଲାଇବ୍ରେରିଆନ୍ ମାତ୍ର ଜଣେ । ସେ ଅବସର ନେବାର ସମୟ ଆସିଲା । ସଙ୍ଗେ ସଙ୍ଗେ ପଦ ପୂରଣ ହେବାର ନଥିଲା । ଲାଇବ୍ରେରୀ ବନ୍ଦ ହେବା ଅନିବାର୍ଯ୍ୟ ଥିଲା । ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ସାକ୍ଷାତ୍ୟ କରିଥିଲେ ବିଭାସ ।

ହସିହସି କହିଥିଲେ, "ତମେ ଲାଇବ୍ରେରିଆନ୍‌ଙ୍କୁ ରଖିବାକୁ ଚାହୁଁଛ ତ ।"

"ହଁ, ନହେଲେ କେମିତି ହେବ !" କହିଥିଲା ବେବି ।

"ସେ ଚିନ୍ତା ମୋର । ତମେ ନିଶ୍ଚିନ୍ତ ରୁହ ।" ତାଙ୍କୁ ଆଶ୍ୱାସନା ଦେଇ କହିଥିଲେ ବିଭାସ ।

ଲାଇବ୍ରେରିଆନ୍ ଯଥା ସମୟରେ ପୁନଃ ନିଯୁକ୍ତି ପାଇଲେ । ଏତଦ୍ୱାରା କେବଳ ଲାଇବ୍ରେରିଆନ୍ ମନ୍ମଥ ସାମଲ ନୁହେଁ, ସଂଗ୍ରହାଳୟକୁ ପଢ଼ିବାକୁ ଆସୁଥିବା ଶହଶହ ଗବେଷକ, ଅଧ୍ୟାପକ, ଛାତ୍ରଛାତ୍ରୀ ଉପକୃତ ହେଲେ ।

ବେବି ଜୀବନରେ ଉପଲବ୍ଧ ସଦିଚ୍ଛାର ସହସ୍ର ଧାରାରୁ ଇଏ ଗୋଟିଏ ।

ବେବି ଅଧୀକ୍ଷକ ଦାୟିତ୍ୱରେ ଥିଲାବେଳେ ଓଡ଼ିଶାର ମହା ମୁଖ୍ୟ ଡାକପାଳ ଭାବେ ଯୋଗ ଦେଇଥିଲେ ସନ୍ତୋଷ । ସନ୍ତୋଷ କୁମାର କମିଲା । ସନ୍ତୋଷ ବାଣୀବିହାରରେ ଇତିହାସ ବିଭାଗରେ ତା'ର ସହପାଠୀ ଥିଲେ । ପରେ ସେ ନିଜେ ଆସି ସଂଗ୍ରହାଳୟରେ ସାକ୍ଷାତ କରିଥିଲେ ତା' ସହ । ସନ୍ତୋଷଙ୍କ ପତ୍ନୀ ବିଶିଷ୍ଟ କଣ୍ଠଶିଳ୍ପୀ, ଅଧ୍ୟାପିକା ମିତାଲୀଙ୍କ ସହ ସାଂସ୍କୃତିକ କାର୍ଯ୍ୟକ୍ରମରେ ବରାବର ଦେଖା ହେଉଥିଲା । ଏବେ ଦୁହିଁଙ୍କୁ ଏକାଠି ଭେଟିବାର ସୁଯୋଗ ମିଳିଲା । ୨୦୧୫ରୁ ୨୦୧୯ ଓଡ଼ିଶାରେ ଅବସ୍ଥାପିତ ରହିଲେ ସନ୍ତୋଷ । ଏ ଚାରିପାଞ୍ଚ ବର୍ଷ ଯୋଗାଯୋଗ ଅବିଚ୍ଛିନ୍ନ ରହିଥିଲା ସନ୍ତୋଷ ସହିତ । ଏକାଠି ମିଶି ବଡ଼ କାମ କିଛି କରିବାର ପ୍ରେରଣା ତାଙ୍କୁ ଦେଉଥିଲେ ସନ୍ତୋଷ । ପ୍ରତିବର୍ଷ ଆରମ୍ଭରେ ନୂଆ ଡାଏରୀ । ନୂଆ କ୍ୟାଲେଣ୍ଡର ପଠଉଥିଲେ ତା' ପାଇଁ । ସଂଗ୍ରହାଳୟରେ ଗୋଟିଏ ପୋଷ୍ଟାଲ ଗ୍ୟାଲେରୀ ଖୋଲିବାର କଳ୍ପନା ଥିଲା ତାଙ୍କର । ସେ ବିଷୟରେ ପରେ କୁହାଯିବ । ଏଇ ଗ୍ୟାଲେରୀ ହେବା ପଛରେ ଥିଲା ସନ୍ତୋଷଙ୍କର ଦୃଢ଼ ସଂକଳ୍ପ ଓ ଅଦମ୍ୟ ଇଚ୍ଛାଶକ୍ତି ।

ନିଜ ସମ୍ପାଦିତ 'କଥାକଥା:କବିତା କବିତା' ପତ୍ରିକା ନେଇ ଆସନ୍ତି କବି ବହୁ ଅକ୍ଷୟ । ବିଶ୍ୱସାହିତ୍ୟ, ଭାରତୀୟ ସାହିତ୍ୟର ପ୍ରମୁଖ ଦିଗ ଉପରେ ବିଶ୍ଳେଷଣାତ୍ମକ ପ୍ରବନ୍ଧ ସହିତ ବହୁ ଉଚ୍ଚମାନର ଗଳ୍ପ କବିତାକୁ କଳାତ୍ମକ ଭାବରେ ଉପସ୍ଥାପନା କରିବାରେ ଅକ୍ଷୟଙ୍କ ସ୍ୱାତନ୍ତ୍ର୍ୟ ବାରି ହୋଇପଡ଼େ ।

ଏଇ ପତ୍ରିକାର ସମ୍ପାଦନା ପାଇଁ ତାଙ୍କୁ ବହୁ ମୂଲ୍ୟ ଦେବାକୁ ପଡ଼େ । ନିଜର କବି ପରିଚୟ ପଛ ହୋଇଯାଏ । ବ୍ୟବସାୟିକ ବୃତ୍ତିର ଗତି ମନ୍ଥର ହୋଇଯାଏ । ସେ ଜାଣନ୍ତି । ମାତ୍ର ପତ୍ରିକାର ମୋହ ଛାଡ଼ି ପାରନ୍ତି ନାହିଁ । ନିଜ କବି ପ୍ରତିଭାକୁ ବଳି ଦେଇ ଓଡ଼ିଆ କାବ୍ୟ ଜଗତରେ ସେ ବହୁ ନୂଆ ସ୍ୱର ଆବିଷ୍କାର କରି ଚାଲିଛନ୍ତି । ବେବି ତାଙ୍କୁ ମନେ ମନେ ସଲାମ୍ ଜଣାଏ ।



# ଦେବଦୂତ ଦେବରାଜ

# ଗାଁ ଶେଯରୁ ଦେବରାଜ

**ଡକ୍ଟର ମମତା ପ୍ରିୟଦର୍ଶିନୀ ସାହୁ**

ସହକାରୀ ପ୍ରଫେସର: ଓଡ଼ିଆବିଭାଗ,
ଡକ୍ଟର ପର୍ଶୁରାମ ମିଶ୍ର ଅଗ୍ରଗାମୀ ଶିକ୍ଷା ପ୍ରତିଷ୍ଠାନ,
ମୋତିଝରନ୍, ସମ୍ବଲପୁର-୭୬୮୦୦୧
ଫୋନ: ୯୩୩୭୦୬୭୧୮୬

ଫଟୋ ସୌଜନ୍ୟ: ଲେଖିକା

**ଶ୍ରୀ ଦେବରାଜ ସାହୁ କେବଳ ଜଣେ ଶିକ୍ଷକ ନୁହନ୍ତି, ସେ ଜଣେ ସୁଲେଖକ, ଜଣେ ସମାଜସେବୀ ଏବଂ ଶିକ୍ଷା ପାଇଁ ସମର୍ପିତ ଜଣେ ଅସାଧାରଣ ମଣିଷ । ଏହା ପରେ ତାଙ୍କ ଆଉ ଏକ ପରିଚୟ ଅଛି : ସେ ଜଣେ ଭଲ ବାପା । ଲେଖିକା ଭାବେ ପରିଚୟ ହାସଲ କରିଥିବା ତାଙ୍କର କନ୍ୟା ହେଲେ ମମତା ପ୍ରିୟଦର୍ଶିନୀ ସାହୁ, ଯିଏ ଓଡ଼ିଆ ସାହିତ୍ୟର ଜଣେ ପରିଚିତ ମୁହଁ । ଏଥର ତାଙ୍କ ବାପାଙ୍କ ବିଷୟରେ ପ୍ରଗଲ୍‌ଭା ସେ 'ମୋ ବାପା' ବିଭାଗରେ ।**



▲ ଲେଖିକା ମମତା ପ୍ରିୟଦର୍ଶିନୀ ସାହୁ

## ଛାତ୍ରଛାତ୍ରୀଙ୍କ ପାଇଁ ସଦା କାର୍ଯ୍ୟରତ: ସୁନ୍ଦରଗଡୀୟ ସଳଖ ପ୍ରାଣ ଶ୍ରୀ ଦେବରାଜ

ପିଲାବେଳୁ ଦେଖିଛି ବହି ମଝିରେ ଥାଏ ତାଙ୍କରି ସତ୍ତା । ବିନା ପୁସ୍ତକ, ଡାଏରୀ ଆଉ କଲମରେ କେବେ ତାଙ୍କୁ କଳ୍ପନା କରି ହୁଏନି । ଶୋଇବା ପୂର୍ବରୁ ଯେମିତି ବହି ମଝିରେ ଥାନ୍ତି ଠିକ୍ ସେମିତି ସକାଳେ ଆଖି ଖୋଲି ଦେଖିଛି ତାଙ୍କୁ ସେଇ ବହି ସାଙ୍ଗରେ । ସହଧର୍ମିଣୀ ଶ୍ରୀମତୀ ଗୀତାରାଣୀ ବି ପାଠ୍ୟାଲୋଚନାରେ ମଜ୍ଜି ଲେଖନୀକୁ ତାଙ୍କର କରିଦିଅନ୍ତି ଶାଣିତ ଓ ସାବଲୀଳ । ଆମେ ଚାରି ଭାଇଭଉଣୀ (ମମତା ପ୍ରିୟଦର୍ଶିନୀ, ନୀଳିମା ପ୍ରିୟଦର୍ଶିନୀ, ମାନିନୀ ପ୍ରିୟଦର୍ଶିନୀ ଏବଂ ପ୍ରଭାତ କିଶୋର) ବି ତାଙ୍କରି ଶିଷ୍ୟ ଶିଷ୍ୟାମାନଙ୍କ ସାଙ୍ଗରେ ବସି ପଢୁ ପଢ଼ିବା ପାଇଁ, ଖରାଦିନେ ବାଡିପଟ ତେନ୍ତୁଳି ଗଛ ମୂଳରେ । ଖରାବର୍ଷା, ଶୀତକାକର- ସବୁଦିନେ ଆମଘର ପାଲଟେ ପାଠଶାଳା, ଏକ ପ୍ରକାର ଗୁରୁକୁଳ । ବହୁ ପିଲା ପଢନ୍ତି ବିନା ପାଉଣାରେ । ଛୋଟ ପିଲା ବସନ୍ତି ମା'ଙ୍କ ପାଖରେ ଚକୋଲେଟ୍ ଆଉ ଆଚାର ଖାଇ ଖାଇ । ଆଉ ପ୍ରଥମ ଶ୍ରେଣୀରୁ ଏମ୍ଏ, ଓଏଏସ୍, ଆଇଏଏସ୍ ପର୍ଯ୍ୟନ୍ତ ପାଠ ପଢ଼ିବାକୁ ବସନ୍ତି ବାପାଙ୍କ ସେଇ ଗଛମୂଳେ ।

ମୋ ଭଳି ବହୁ ପିପାସୁ ସକାଳ ଓ ସନ୍ଧ୍ୟା ଭ୍ରମଣରେ ବି ସାଉଁଟି ନିଅନ୍ତି ପାଠ, ଗାଁ ଇଚ୍ଛା ନଈ କୂଳେ କୂଳେ । ବେଳେ ବେଳେ ରବିବାର ଦିନ ଆଉ ଛୁଟିଦିନରେ ବି ଭିଡ଼ ଜମେ ବହୁ ଛାତ୍ରଛାତ୍ରୀ, ଅଧ୍ୟାପକ, ପ୍ରଫେସର ମାନଙ୍କର ଲାରୀ ଚାଷ ଜମିରେ, ମହୁଲ ଗଛ ମୂଳରେ ତ କେବେ ଗୁହାଳ ଘର ପାଖରେ ।

ଏ ନିଃସ୍ୱାର୍ଥପର ଶିକ୍ଷକତା ପାଇଁ 'ଗୋପବନ୍ଧୁ ଜ୍ୟୋତି ଆଦର୍ଶ ଶିକ୍ଷକ ସମ୍ମାନ ପାଇଛନ୍ତି ସେ । ସେତକ ପାଇଁ ବି ସେ ଯିବାକୁ ଅମଙ୍ଗ ହେଲାବେଳେ ମୋର ଓ ଭାଇଭଉଣୀ ଏବଂ ଛାତ୍ରଛାତ୍ରୀଙ୍କ ଅନୁରୋଧ କ୍ରମେ ସେ ଆଣିଛନ୍ତି ତାହା ।

ଏବେ ବି ଏକସ୍ତରୀ ବର୍ଷ ବୟସରେ ଉଭୟ ବାପା ମାଙ୍କୁ ପୂର୍ବବତ୍ ସେଇ ନିୟମାବଳୀରେ ଦେଖୁଛି । ଏଯାବତ୍ ଶିକ୍ଷକତାରେ ମନ ଦେଇ ପ୍ରତ୍ୟହ ଅଧ୍ୟାପନା ପାଇଁ ଯାଉଛନ୍ତି ଆଉ କେତେଜଣ ଶିକ୍ଷକଙ୍କ ସହ ମିଳିତ ଉଦ୍ୟମରେ ସ୍ୱହାତରେ ଗଢିଥିବା ହିନ୍ଦ୍ ଜିଙ୍କ ବିଦ୍ୟାଳୟକୁ । ବରିଷ୍ଠ ଇଂରାଜୀ ଶିକ୍ଷକ ନିଜ ପୁଅ ପ୍ରଭାତ କିଶୋରକୁ ବି ନିୟୋଜିତ କରିଦେଇଛନ୍ତି ଛାତ୍ରଛାତ୍ରୀଙ୍କ ସେବାରେ ।

ଦେଖିଛି ବିଦ୍ୟାଳୟରୁ ଫେରିବା ବାଟରେ ଯେଉଁ ଛାତ୍ର ଭେଟ ହୁଏ ସେଇଠି ହିଁ ତାଙ୍କ ପାଠପଢ଼ା ଜମିଯାଏ, ତାହା ଗଛ ମୂଳେ ହେଉ କି କୋଉ ପୋଲ ଉପରେ । ବଜାର ସଉଦା ବି ବ୍ୟାଗ୍‌ରୁ ସରି ଯାଇଥାଏ । ମା'ଙ୍କ ସେ ଦୁଃଖ ଆଉ କ୍ରୋଧ ମିଶା ଉକ୍ତି ମନେ ଅଛି: "ସବୁ ବାଣ୍ଟି ଦେଲେ ପିଲା ଖାଇବେ କଣ ?"

କେବଳ ହସଟିଏ ଫୁଟି ଉଠେ ବାପାଙ୍କ ଓଠରେ । ଏଇଥି ପାଇଁ ଆମ ଭାଇଭଉଣୀ ସଭିଙ୍କୁ କିଛି କିଛି ସ୍ୱାର୍ଥ ତ୍ୟାଗିବାକୁ ପଡ଼ିଛି । ତଥାପି ସେଥିରେ ଆମେ ପାଇଛୁ ଆନନ୍ଦ ।

ମୋ ଭଳି ବହୁ ଛାତ୍ରଛାତ୍ରୀ ଓ ଗବେଷକ ଏମ୍ଏ, ଏମ୍ଫିଲ୍ ଓ ପିଏଚ୍‌ଡ଼ିର ଗବେଷଣା କାର୍ଯ୍ୟକୁ ସଫଳ କରିବା ପାଇଁ ତାଙ୍କରି ସହଯୋଗ ଲୋଡିଥାନ୍ତି । ସେ ବିନା ଦ୍ୱିଧାରେ ଘଣ୍ଟା ଘଣ୍ଟା ଧରି ସହଯୋଗ କରିଥାନ୍ତି ।

## ଚିରକାଳ ମା ବାଗ୍‌ଦେବୀଙ୍କର ସେବାରେ: ସାରସ୍ୱତ ସାଧକ ଶ୍ରୀ ଦେବରାଜ

"ତୁମେ ଆଉ ଏତେ ଲେଖନି ! ଆଉ ଉଇମାନଙ୍କୁ ଦେଇ ବାଡିପଟ ତେନ୍ତୁଳି ଗଛ ମୂଳରେ ପକାଅନି । ଯଦି ଲେଖିବ ତାକୁ ଲୋକଙ୍କ ପାଇଁ ଛାଡ଼ିଦିଅ । ଲୋକେ ପଢନ୍ତୁ, ପିଲାଏ ପଢି ମଣିଷ ହୁଅନ୍ତୁ ।"

ମା'ଙ୍କ ଏ ତାଗିଦ୍ ଥାଏ ବାପାଙ୍କ ପ୍ରତି ସବୁବେଳେ । ମୁଁ ଶୁଣେ । କିନ୍ତୁ କିଛି ଜାଣି ପାରୁନଥିଲି । ଯୋଉ ଦିନୁ ଲେଖାଲେଖିରେ ମନ ଦେଲି ଶ୍ରେଣୀ ଅଷ୍ଟମରେ, ବାପାଙ୍କୁ ବୁଝିଲି, ତାଙ୍କ ମନ ଆଉ କଲମକୁ ବି ।

ଓଡ଼ିଆ ଓ ଇଂରାଜୀ ଉଭୟ ଭାଷାରେ ପାରଙ୍ଗମ କବି **ଶ୍ରୀ ଦେବରାଜ ସାହୁ** ମୋ ବାପା, ଲେଖିଛନ୍ତି ରାଶି ରାଶି କବିତା, ପ୍ରବନ୍ଧ ଓ ସମାଲୋଚନା । କିନ୍ତୁ ଅପ୍ରକାଶିତ ଏସବୁ ଏବେ ବି । ପରିବାର, ବିଦ୍ୟାଳୟର ଦାୟିତ୍ୱରେ ଛନ୍ଦି ହୋଇ ପ୍ରକାଶ କରିବାକୁ ସମର୍ଥ ହୋଇପାରିନାହାନ୍ତି । କେବେ ବାଧକ ସାଜିଛି ଅର୍ଥ ତ ଆଉ କେବେ ସମୟ । ପିଲାଛୁଆ, ଘରସଂସାର, ଛାତ୍ରୀଛାତ୍ରୀ, ଓ ଲୋକଙ୍କୁ ସାହାଯ୍ୟ ସହଯୋଗରେ କରିପାରିନାହାନ୍ତି ପୁସ୍ତକ, କିନ୍ତୁ ଲେଖନୀ ଚାଳନା କେବେ ବନ୍ଦ ହୋଇନାହିଁ, ଅଦ୍ୟାବଧି ଏହା ସଦା ଚଳଚଞ୍ଚଳ ।

ଏକଦା ଦୈନିକ ଖବରକାଗଜ 'ସମ୍ବାଦ'ର ପୃଷ୍ଠାମଣ୍ଡନ କରିଥିଲା ତାଙ୍କର ଏକ ଶ୍ରେଷ୍ଠ କବିତା 'ଲାଲ୍ ଗୋଲାପର ଲୋଡ଼ା ନାହିଁ' । ଦେଖିଛି କେତେ ପ୍ରଶଂସା ପତ୍ରର ସୁଅ ଛୁଟିଥିଲା ଆମ ଗାଁ ଘର

ଆଡ୍ରେସ୍‌ରେ ।

## ଝରିଆପାଲି ଗାଁ, ଇଚ୍ଛା ନଈ ଓ ଦେବରାଜ

ଅନନ୍ୟ ସୌନ୍ଦର୍ଯ୍ୟର ଗନ୍ତାଘର, ସୁନ୍ଦରଗଡ଼ ଜିଲ୍ଲାର ସେଇ ଛୋଟ ଗାଁ, ନାଁ ଯାର ଝରିଆପାଲି । ଇଚ୍ଛା ନଈ କୂଳେ କୂଳେ ଯିଏ ତାର ପଣତ କାନିରେ ବାନ୍ଧି ରଖିଛି ବହୁ ପରିବାର । ତା'ରି ଭିତରେ ରହିଛି ପୁରୀ ବାସିନ୍ଦା ସ୍ୱର୍ଗତ କିଶେଇ ସାହୁ (ମହାଜନୀ କାରବାରରେ ବେଶ୍ ଜଣାଶୁଣା ଓ ବହୁ ମାନ୍ୟଗଣ୍ୟ)ଙ୍କ ବଂଶର ବୁନିୟାଦିକୁ ଧରି ରଖିଥିବା ଘର, ଯେଉଁଠି ଦିନେ କୁଆଁ କୁଆଁ ଡାକି ଜନ୍ମ ନେଇଥିଲେ କବି ଓ ଶିକ୍ଷକ ଦେବରାଜ, ପିତା ଶ୍ରୀ ବଳରାମ ସାହୁ ଓ ମାଆ କମଳା ଦେବୀଙ୍କ କୋଳରେ, ୨୭-୦୬-୧୯୫୩ ମସିହାରେ ।

ଅଳିଅଳ ନାତି ଦେବରାଜ ଜେଜେମା ସ୍ୱର୍ଗତା କୁନ୍ତୀ ଦେବୀଙ୍କ କୋଳରେ ଦିନେ ସ୍ୱପ୍ନ ବୁଣୁଥିଲେ ଏକ ସାହସୀ ଜୀବନର, ଦୁଇ କୂଳ ଖାଇ ବଢ଼ନ୍ତା ଇଚ୍ଛା ନଈକୁ ପାର୍ କରି ଲାରୀ ଜମିର ପ୍ରାନ୍ତରେ । ବାପାଙ୍କ ତାଗିଦ୍‌ରେ ପାଠପଢ଼ା, ମା'ଙ୍କ ମୁହଁରେ ରାମାୟଣ, ଭାଗବତର ପଦପଂକ୍ତି ଜୀବନ ଗଢ଼ିଥିଲା ଦେବରାଜଙ୍କର ।

ଗାଁ ପଞ୍ଚାୟତ ଉଜ୍ଜ୍ୱଳପୁର ହାଇସ୍କୁଲରୁ ସପ୍ତମ ଶ୍ରେଣୀରେ ସ୍କୋଲାରସିପ ପ୍ରାପ୍ତି ତାଙ୍କ ପାଠପଢ଼ାକୁ କରିଥିଲା ସଶକ୍ତ । ମ୍ୟାଟ୍ରିକ୍ ପଢିଲା ବେଳକୁ ସେ ହୋଇଥିଲେ ସୁବକ୍ତା ଉଭୟ ଓଡ଼ିଆ ଏବଂ ଇଂରାଜୀ ଭାଷାରେ ।

## ଇଚ୍ଛା ନଈ କୂଳରୁ ପୁଣି ଗଂଗାଧରମେହେର ମହାବିଦ୍ୟାଳୟ ଏବଂ ଜେଏନ୍‌ୟୁକୁ ଯାତ୍ରା

ବିଚକ୍ଷଣ ବୁଦ୍ଧିମତା ଆଣି ଦେଇଥିଲା ତାଙ୍କୁ ସଫଳତା, ଇଂରାଜୀ ଭାଷା ସାହିତ୍ୟର ଅନର୍ସରେ ଗଂଗାଧର ମେହେର ମହାବିଦ୍ୟାଳୟ (ବର୍ତ୍ତମାନର ବିଶ୍ୱବିଦ୍ୟାଳୟ) ସମ୍ବଲପୁରରେ । ତାପରେ ଦିଲ୍ଲୀକୁ ଯାତ୍ରା ଉଚ୍ଚ ଶିକ୍ଷା ଓ





ଆଇଏଏସ୍ ପରୀକ୍ଷା ପାଇଁ ପ୍ରସ୍ତୁତି ଲାଗି । ଭାଗ୍ୟର ଖେଳରେ ଆଇଏଏସ୍ ଚାକିରି ପାଇ ମଧ ଯୋଗ ନଦେଇ ପାରିବାର ଦୁଃଖ ବହୁ ଯାତନା ଦେଇଛି ତାଙ୍କୁ । ଭାଙ୍ଗି ଯାଇଥିବା ମନୋବଳକୁ ପୁଣି ଥରେ ସାଉଁଟି ନେଇଛନ୍ତି ସହଧର୍ମିଣୀ ନିଜସ୍ୱ ଲୁହକୁ ପୋଛିଦେଇ । ମାମୁଁଘରେ ଅଜା ସ୍ୱର୍ଗତ ଶ୍ରୀ ବୈରାଗୀ ପ୍ରସାଦ ସାହୁ ଜଣେ ପୁରସ୍କାର ପ୍ରାପ୍ତ ଶିକ୍ଷକ, ସ୍ୱାଧୀନତା ସଂଗ୍ରାମୀ, ସମାଜ ସେବକ ଏବଂ ମାମୁଁ ମାନେ ମଧ ଶିକ୍ଷକ ଥିବାରୁ ସମସ୍ତେ ପ୍ରାୟ ବୁଝେଇଛନ୍ତି ବାପାଙ୍କୁ ଶିକ୍ଷା ଦ୍ୱାରା ସମାଜ ସେବା କରିବାକୁ । ମା ଶିକ୍ଷକତା ଓ କବିତ୍ୱର ବଳୟରେ ବାନ୍ଧି ଦେଇଛନ୍ତି ତାଙ୍କ ମନୋରଥକୁ । ଏଯାବତ୍ ଉଭୟେ କରି ଚାଲିଛନ୍ତି ସାରସ୍ୱତ ସାଧନା ବହୁ ବାଧା ବିପତ୍ତିକୁ ସାମ୍ନା କରି ।

କେବେ କହିନାହାନ୍ତି ତାଙ୍କ ମନକଥା, ତଥାପି ବୁଝିଛି ତାଙ୍କର ସେଇ ଇଚ୍ଛାକୁ , ଯାହା ଥିଲା ଦିନେ ଆଇଏଏସ୍ ହୋଇ ସମାଜର ସେବା କରିବାକୁ । ମାତ୍ର ଶିକ୍ଷକତାରେ ସେ ଏ ସମାଜକୁ ଦିଗ୍‌ଦର୍ଶନ ଦେଇ ଆନନ୍ଦରେ ରହିଛନ୍ତି ।

ଶିକ୍ଷକତା ଟାଣି ଆଣିଛି ଗାଁ ପରିବେଶକୁ । ପାଖ ଗାଁମାନଙ୍କରେ ବହୁ ଜାଗାରେ ଶିକ୍ଷକତା କରି ବହୁ ଗରିବ ଛାତ୍ରଛାତ୍ରୀଙ୍କୁ କରିଛନ୍ତି ମଣିଷ । ଆଜି କିଏ ଆଇଏଏସ୍, ତ କିଏ ଡାକ୍ତର ଅବା କିଏ ଶିକ୍ଷକ ଭାବରେ ଦଣ୍ଡାୟମାନ ଅଛନ୍ତି ସମାଜରେ ।

ଶ୍ରୀ ଦେବରାଜ ନିଜର ଅଧ୍ୟବସାୟ ଯୋଗୁଁ ପରବର୍ତ୍ତୀ ସମୟରେ ଡିଲିଟ୍ (DOCTOR OF LETTERS) ଡିଗ୍ରୀ ପ୍ରାପ୍ତ କରିଛନ୍ତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ ଅନୁଷ୍ଠାନ, ବାଙ୍ଗାଲୋର ଠାରୁ, ଯାହାକି ସାଉଥ୍ ଆମେରିକା ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ହେଉଛି । ଏହା ସେ ୨୦୧୭ ମସିହାରେ ନିଜ ଇଂରାଜୀ ପ୍ରବନ୍ଧ ପାଇଁ ପାଇଥିଲେ ।

ବହୁ ଆନ୍ତର୍ଜାତୀୟ ଆଲୋଚନା ଚକ୍ରରେ ଭାଗ ନେଇ ପୁରସ୍କୃତ ହୋଇଛନ୍ତି କବି ଶ୍ରୀ ଦେବରାଜ । ରେଭେନ୍ସା ମହାବିଦ୍ୟାଳୟରେ, ଫକୀରମୋହନ

# ମୋ କବିତାରେ ବାପା

## ବାପା ଆଉ କିଏ କି ???

### ଡକ୍ଟର ମମତା ପ୍ରିୟଦର୍ଶିନୀ ସାହୁ



ଭଲ ପାଇବାର
ପର୍ଯ୍ୟାପ୍ତ ଅଳଙ୍କାର ଦେଉଥିବା
କାରିଗର ଜଣେ ସେ ।

ଅଯାଚିତ ଭାବେ
ଲମ୍ୱେଇ ଦେଉଥିବା ହାତର
ଗୋଟେ ବିରାଟ ଗଛ ।

ପାଇ ନଥିବା
ଆକାଶର ପରିବ୍ୟାପ୍ତିକୁ
ପାପୁଲିରେ ଭର୍ତ୍ତି କରି ଦେଉଥିବା
ଦେବତା ଜଣେ ।

ଅଜସ୍ର ଘା'ର କ୍ଷତକୁ
ଧୋଇ ପାରୁଥିବା
ଅଦୃଶ୍ୟ ଧନ୍ୱନ୍ତରୀ ସେ ।

ବାପା ଆଉ କିଏ କି ???

ମାଟି ଫାଟି ଆଁ ହେବା ପୂର୍ବରୁ
ଯିଏ ବର୍ଷି ଯାଇପାରେ ଅନବରତ
ତଡିତ୍‌ର ପ୍ରହାର ସତ୍ତ୍ୱେ
ସେଇ ତ ଏକା ଆକାଶର ଛାତି
ଏ ବାସ୍ତବତାର ମରୁଭୂମି ପରେ
ସ୍ୱର୍ଗୀୟ ଦେବତା ଜଣେ ।

ସେନାପତିଙ୍କ ଲେଖନୀକୁ ନେଇ ଲିଖିତ ଏକ ପ୍ରବନ୍ଧକୁ ଆଲୋଚନା କରି ସମ୍ମାନିତ ହୋଇଛନ୍ତି । ଏଭଳି ବହୁ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ ହେବା ସହ ଯଶ ଲାଭ କରିଛନ୍ତି ।

### ଦୁଃଖ ଭିତରେ ସୁଖର ସନ୍ଧାନେ : ସାହୁ ସାର୍

ବହୁ ବାଧା ବିଘ୍ନ ଅତିକ୍ରମି ବୁଢା ବରଗଛ ଭଳି ଠିଆ ହୋଇଛନ୍ତି ସେ ନୀରବ ହୋଇ ।

ଦେଖିଛି ପ୍ରତି ଥର ଝୁଣ୍ଟି ପଡ଼ିଲା ବେଳେ ଭିନ୍ନ ଭିନ୍ନ ବିଷୟରେ ଆଲୋଚନା ପୂର୍ବକ ଆମକୁ ସଳଖେଇ ନିଅନ୍ତି । ଲେଖାଲେଖି ପାଇଁ, ଅଧ୍ୟାପନା ପାଇଁ ଖୋରାକ ଯୋଗାଇଥାନ୍ତି ।

ସନ୍ଥକବି ଭୀମଭୋଇଙ୍କ ସେଇ ପଦକୁ ସବୁବେଳେ ପାଥେୟ କରି ଜୀବନକୁ ଅବଗାହନ କରିଚାଲିଛନ୍ତି ।

'ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁଦେଖୁ କେବା ସହୁ
ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ ।

ଜେଜେମା ଓ ଗାଁର ବୟସ୍କ ବ୍ୟକ୍ତିମାନଙ୍କ ମୁହଁରୁ ଶୁଣିଛି, ପିଲାବେଳୁ ବାପା ସେମିତି । ସେତେବେଳେ ଆମ ଗାଁ (ଏଇ ସୁନ୍ଦରଗଡର ଝରିଆପାଲି) ଅଞ୍ଚଳରେ ଲୋକଙ୍କ ପାଖରେ ପଇସା ପତ୍ର ନଥିଲା, ବାପା ନିଜ ଜେଜେମାଙ୍କ ଠୁ ପଇସା ନେଇ ବାଣ୍ଟି ଦେଉଥିଲେ । ଯାର ସାଇକେଲ ନଥିଲା ତାକୁ ସାଇକେଲ ଦେଉଥିଲେ ଚଳେଇବା ପାଇଁ । 'ହରିଜନ' ପତ୍ରିକା ପଢି ହରିଜନ ବସ୍ତିକୁ ଯାଇ ଲୋକଙ୍କୁ ବୁଝାଉଥିଲେ । ଏଥିପାଇଁ ଜାତିଆଣ ମନୋଭାବୀ ମାନେ ଆକ୍ଷେପ କରୁଥିଲେ, ଜେଜେବାପା ଙ୍କୁ କହୁଥିଲେ । କିନ୍ତୁ ସେଥିରୁ ସେ ନିବୃତ୍ତ ହେଉନଥିଲେ ।

ପରବର୍ତ୍ତୀ ସମୟରେ ଦିଲ୍ଲୀରୁ ଫେରିବା ପରେ ବି ଲୋକଙ୍କୁ ଗୋଡି କାମ ନ କରି ନିଜେ କାମ କରିବାକୁ ପ୍ରବର୍ତ୍ତେଇବାରେ ପ୍ରଚେଷ୍ଟା କରିଥିଲେ ।

ଆଜି ସମୟ ବଦଳିଛି । ଯେବେଠୁ ବାପାଙ୍କୁ ଜାଣିଛି, ତାଙ୍କୁ କେବଳ ପର ହିତ ପାଇଁ ଚିନ୍ତା କରିବା, ଶିକ୍ଷା ଓ ସାହିତ୍ୟ ପାଇଁ ନିରନ୍ତର କାର୍ଯ୍ୟ କରିବାର ଦେଖିଛି ।

### ଓଡ଼ିଆ ଓ ଇଂରାଜୀ କବିତାର ବଳୟରେ କବି ଦେବରାଜ

ବାପାଙ୍କ ସାହିତ୍ୟର ଛତ୍ରେ ଛତ୍ରେ ମଣିଷ ଜୀବନ, ଆବେଗ, ସହାନୁଭୂତି,



# ବାପା

## ଡକ୍ଟର ମମତା ପ୍ରିୟଦର୍ଶିନୀ ସାହୁ

ତୁମ ଅଭ୍ୟନ୍ତରର ମଣିଷକୁ /ଠିକ୍ ଚିହ୍ନିଛନ୍ତି ଏମାନେ ବାପା !
ଖାସ୍ ସେଇଥିପାଇଁ ତ
ଶବ୍ଦର ମାୟା ସମୁଦ୍ରରେ
ସାଉଁଟି ଚାଲିଛନ୍ତି ଢେଉ,
ଏଇ ଇଚ୍ଛା ନଈପଠା କାଶତଣ୍ଡୀ, ଆଉ
ପଶ୍ଚିମ ପ୍ରଦେଶର ଅସ୍ତଗାମୀ ସୂର୍ଯ୍ୟ ।

ବିସର୍ଜି ଦେଇଛନ୍ତି
ଧନଧାନ୍ୟ ବିମଣ୍ଡିତ କୋଳାହଳକୁ
ଚନ୍ଦ୍ରାଲୋକରେ ଚାକଚକ୍ୟ ଖୋଜିବାର କଳାକୁ,
ଆପଣେଇ ନେଇଛନ୍ତି
ସାକାର ଶବ୍ଦ ସମୂହକୁ
ଚେତନାର ଚିତ୍ରକଳ୍ପକୁ ଉତ୍ତରିତ କରିବା ପାଇଁ ।

ଏ ମାଟିର ମହମହ ବାସ୍ନା ଜାଣିଛି
ତୁମ ତ୍ୟାଗ, ସମର୍ପଣ,
ଆଉ ଅକୁହା ଦୁଃଖର ଆର୍ତ୍ତନାଦକୁ,
ଶୂନ୍‌ଶାନ୍ ଆକାଶର ଦିଗନ୍ତ ବାରିଛି
ଗୋଟେ ପରିବାର ଗଠନରେ
ତମର ଲୁହ ପାଲଟିଥିବା
ଲହୁର ଭବିତବ୍ୟକୁ ।

କେତେକ ସ୍ୱପ୍ନକୁ ସାକାର କରିବାକୁ
ନିଜ ଭିତରେ
ନିଜକୁ ବି ହଜେଇ ଦେଇଛ ବାପା !
ବୁଝି ପାରିଛି ଏଇ ଇଚ୍ଛା ନଈ ଜଳ,
ତୁମ ଜୀବନ ଖୋଜିବା ପଣକୁ
ହଜି ଯାଇଥିବା ଆତ୍ମାମାନଙ୍କୁ
ସାଉଁଟି ନେବାର ଚେଷ୍ଟାକୁ
ଏ ଜୀବନ ଜଞ୍ଜାଳର
ଘଡିସନ୍ଧି ଭିତରେ ।



ଜୀବନ ଭିତରେ ଦର୍ଶନର ମନ୍ତ୍ରପାଠ
ଶିଖି ଚାଲିଛନ୍ତି ଏମାନେ ତୁମଠୁ
ଦୁଃଖ, ପୀଡ଼ା, ଶୋକକୁ ଭୁଲି,
ମିଳିମିଶି ଏବେ ପଥଚାରୀ ହେଉଛନ୍ତି
ହଜିଲା ଈଶ୍ୱରଙ୍କ ଠିକଣା ଖୋଜିବାକୁ ।

ଜୀବନ ମୃତ୍ୟୁର ସତ୍ୟତା
ଏ ସଂସାରର ଅସାରତାକୁ
ଠିକ୍ ଠଉରେଇ ନେଇଛନ୍ତି ଏମାନେ,
ତୁମ ପାଦ ସ୍ପର୍ଶରେ ବାପା !

ଏବେ ସଜିଲ ହୋଇସାରିଛନ୍ତି
ନୂତନ ସକାଳର ନୀଳିମାରେ
ନୂଆ ଗୀତ ଗାଇବାକୁ
ସ୍ୱପ୍ନ, ଭ୍ରମ ଆଉ ମାୟାକୁ ଏଡି ।

ପ୍ରକୃତିକୁ ଉପଲବ୍ଧି କରିହୁଏ । ଇଂରାଜୀ ହେଉ କି ଓଡ଼ିଆ ତାଙ୍କ ଦ୍ୱାରା ଲିଖିତ ଉଭୟ ଭାଷାର କବିତାର ଏହା ହିଁ ମୁଖ୍ୟ ଆଭିମୁଖ୍ୟ ହୋଇଛି । ଓଡ଼ିଆ ଭାଷାରେ ରଚିତ ତାଙ୍କର 'ମହାଜାଗୃତି' ପୁସ୍ତକର ପ୍ରାୟ ପ୍ରତିଟି କବିତା ଏହାର ନିଦର୍ଶନ ତାଙ୍କ ଇଂରାଜୀ କବିତା ସବୁ ପଢି ବିଶିଷ୍ଟ ଶିକ୍ଷାବିତ୍ ବରିଷ୍ଠ ପ୍ରଫେସର କାଳିଦାସ ମିଶ୍ର ଏବଂ ଯଶସ୍ୱୀ କବି ସୌଭାଗ୍ୟବନ୍ତ ମହାରଣାଙ୍କ ମନ୍ତବ୍ୟକୁ ଏଇଠି ଉଦ୍ଧାର କରିବାକୁ ଉଚିତ ମନେ କରୁଅଛି ।

ବାପାଙ୍କ ବାତ୍ସଲ୍ୟ ଓ ସ୍ନେହ ଭାବର ପ୍ରଗାଢତାକୁ ଆହୁରି ବୁଝି ହୁଏ ଯେବେ ସେ ତାଙ୍କର ଶୁଆ (ପ୍ରତିପାଳିତ ଶୁଆ /ମିଟୁ , ଯାର ନା ଫିଜା)ସହିତ ଏକାତ୍ମ ହୋଇ ସମୟକୁ ବିତେଇଥାନ୍ତି । ତାକୁ ମଣିଷ ଭଳି ସକାଳ ସନ୍ଧ୍ୟା ଖାଇବା ଦେଇ, ତା ଗାଧୋଇବା, ତାର ଘୋଡେଇ ହେବା ପାଇଁ ସାମଗ୍ରୀ ତିଆରିବାକୁ ଦେଖି ଥରେ ଜଣେ ଶିକ୍ଷକ କହିଥିଲେ, "ସାହୁ ବାବୁ ଆପଣଙ୍କ ଜୀବେ ଦୟା, ଦେଖି ମନ କୁରୁଳି ଉଠୁଛି ।" କେବଳ ଏ ଶୁଆ ତାଙ୍କର ପୁତ୍ରବତ୍




ସ୍ନେହ ପାଏ ନାହିଁ, ଗାଈ ବାଛୁରୀ ପାଇଁ ବି ଠିକ୍ ମଣିଷ ଭଳି ସେବା ଯତ୍ନ ଯୋଗାଇ ଦିଅନ୍ତି । ସେମାନଙ୍କ ପାଇଁ ସବୁ ବ୍ୟବସ୍ଥା, ଘୋଡେଇ ହେବା ପାଇଁ ବି ଅଖାରେ ତିଆରନ୍ତି ବହୁ ଲମ୍ବା ଲମ୍ବା ଚାଦର ଭଳି ଜିନିଷ । ଗଛପତ୍ରକୁ ବି ମଣିଷ ସଦୃଶ ଚିନ୍ତି ସେମାନଙ୍କ ସହ କଥା ହୋଇ ନିତି ସେବା କରନ୍ତି ।

ଆଜି ଯାଏଁ ମୁଁ ଦେଖିନାହିଁ ଯେ ଆମ ଦୁଆରୁ କେହି ନ ଖାଇ ନପିଇ ଯାଇ ନାହିଁ । ବରଂ ସବୁରି ମୁହଁରେ ହସ ଫୁଟେଇ ସେ ବିଦା କରନ୍ତି ।

ଚିରକାଳ ମା ମାଟି ଓ ମଣିଷକୁ ନେଇ ବିଭୋର କବି, ଶିକ୍ଷକ ଓ ଜଣେ ଉଦାରବାଦୀ ମଣିଷ ଭାବରେ ପରିଚିତ ବାପା ଶ୍ରୀ ଦେବରାଜ ସାହୁଙ୍କ ଲେଖନୀ ଆହୁରି ପ୍ରଖର ହେଉ, ସେ ଏମିତି ହିଁ ମଣିଷଙ୍କ ସେବା ଯତ୍ନରେ ମନୋନିବେଶ କରି ଶାନ୍ତି ପ୍ରାପ୍ତ ହେଉଥାନ୍ତୁ, ଏହା ହିଁ ମୋର ପ୍ରାର୍ଥନା ପ୍ରଭୁ ଜଗନ୍ନାଥଙ୍କ ପାଦପଦ୍ମରେ । ଯାହାଙ୍କ ହାତ ଧରି ମୁଁ ଚାଲିବା ଶିଖିଲି ଏ ସଂସାରରେ, ଯିଏ ମୋର ବାପା, ଗୁରୁ (ଶିକ୍ଷା ହେଉ କି ଦୀକ୍ଷା), ଯାହାଙ୍କ ଆଶୀର୍ବାଦ ବିନା ମୁଁ ତୁଚ୍ଛ ତାଙ୍କରି ସୁସ୍ୱାସ୍ଥ୍ୟ ଏବଂ ସାହିତ୍ୟ ଜୀବନର ଉତ୍ତରୋତ୍ତର କାମନା ହିଁ ମୋର ଏକମାତ୍ର କାମ୍ୟ ।

# ସଙ୍ଗୀତାଙ୍କ ରାନ୍ଧଣା


## ସଙ୍ଗୀତା ଦାସ

ରବି ରାୟ ଲେନ୍, କଲ୍ୟାଣୀ ନଗର, ମଧୁପାଟଣା,
କଟକ-୭୫୩୦୧୦
ଫୋନ: ୯୩୪୮୪୬୮୬୭୭
ଫଟୋ ସୌଜନ୍ୟ : ଲେଖିକା


**ମସଲା ସବୁ ଭଲରେ କଷି ହେଇଗଲା ପରେ ସେଥିରେ ଚିକେନ ଏବଂ ଲୁଣ ପକେଇ କଷିବା । ୧୫ ମିନିଟ୍ ପରେ ସେଥିରେ ବଟା ହେଇଥିବା କାଜୁ ପେଷ୍ଟକୁ ପକେଇବା ଆଉ ୨ ଚାମଚ ଦହି ଦେବା । କିଛି ସମୟ ସିଝିବାକୁ ଛାଡ଼ିଦେବା । ତାପରେ ସେଥିରେ ଟିକେ ବଟର ପକେଇବା ଏବଂ ମେଥି ଆଉ ଧନିଆ ପାତ୍ର ଦେଇ ଗ୍ୟାସ୍‌କୁ ବନ୍ଦ କରିଦେବା । ପ୍ରସ୍ତୁତ ହେଇଗଲା ଚିକେନ ବଟର ମସଲା । ଏହାକୁ ଆମେ ବଟର ନାନ୍ କିମ୍ବା ରୁଟି ସହ ଖାଇଲେ ବେଶି ଭଲ ଲାଗିଥାଏ ।**



▶ ଲେଖିକା ସଙ୍ଗୀତା ଦାସ



### ଲାଉ ଦୁଧୁରା ପିଠା

**ଆବଶ୍ୟକ ସାମଗ୍ରୀ :** ବିରି - ୧୫୦ଗ୍ରାମ, ଅରୁଆ ଚାଉଳ ୨୫୦ଗ୍ରାମ, ଲାଉ କୋରା ୧୦୦ଗ୍ରାମ, ନଡ଼ିଆ କୋରା ୫୦ ଗ୍ରାମ, ଗୁଜୁରାତି ଗୁଣ୍ଡ, ଗୁଡ- ୨୦୦ଗ୍ରାମ, ଲୁଣ ସ୍ୱାଦ ଅନୁସାରେ, ରିଫାଇନ୍ ତେଲ କିମ୍ବା ଘିଅ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ବିରି ଚାଉଳକୁ ପାଣି ବତୁରାଇବା । ତାପରେ ପାଣିରୁ ଛାଣି ବିରି, ଚାଉଳ ଏବଂ ଲାଉକୁ ବାଟି ଦେବା । ତାପରେ ସେଥିରେ ଲୁଣ, ଗୁଡ, ନଡ଼ିଆ କୋରା, ଗୁଜୁରାତି ଗୁଣ୍ଡ ପକେଇ ଗୋଳେଇ ଦେଇ କିଛି ସମୟ ରଖିଦେବା । ଅନ୍ୟ ଏକ କଡେଇରେ ଘିଅ କିମ୍ବା ତେଲ ଗରମ କରିବା । ତାପରେ ତାକୁ ଗୋଲ ଗୋଲ ଆକାରରେ ପତଳା କରି ଛାଣିବା । ତାପରେ ପ୍ରସ୍ତୁତ ହୋଇଯିବ ଲାଉ ଦୁଧୁରା ପିଠା । ଏହାକୁ ଗରମ ଗରମ ଖାଇଲେ ବହୁତ ସ୍ୱାଦିଷ୍ଟ ଲାଗିଥାଏ ।

### ଚିକେନ ବଟର ମସଲା

**ଆବଶ୍ୟକ ସାମଗ୍ରୀ :** ଚିକେନ ୨୫୦ ଗ୍ରାମ, କାଜୁ ୫୦ଗ୍ରାମ, ଗୋଟା ଗରମ ମସଲା ୧୦ ଗ୍ରାମ, ଅଦା ୨୫ଗ୍ରାମ, ରସୁଣ ୫୦ଗ୍ରାମ, ପିଆଜ ୨୦୦ ଗ୍ରାମ, ହଳଦୀ ଗୁଣ୍ଡ, ଲଙ୍କା, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, ଦହି, ବଟର, ତେଲ, ଲୁଣ, ମେଥି ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଅଦା ଏବଂ ରସୁଣ, ଟମାଟୋକୁ ତେଲରେ ଭାଜି ଦେଇ ତାର ମସଲା ପ୍ରସ୍ତୁତ କରିବା । ତା ପରେ କାଜୁ ୫୦ଗ୍ରାମ, ଆଉ କିଛି ଶୁଖିଲା ଲଙ୍କା ଭାଜି ଦେବା । ଟମାଟୋ ସହ ମିଶେଇ ବାଟିବା । ଅନ୍ୟ ଏକ ପାତ୍ରରେ ତେଲ ଗରମ କରି ସେଥିରେ ଚିନି ଏବଂ ଗୋଟା ଗରମ ମସଲା ପକେଇବା ଏବଂ ଅଳ୍ପ ଚିନି ଦେବା । ଛୋଟ କଟା ପିଆଜ ପକେଇବା ଏବଂ ବାଦାମୀ ହେବା ପର୍ଯ୍ୟନ୍ତ ଭାଜିବା । ତାପରେ ସେଥିରେ ମସଲା ପକେଇବା । ହଳଦୀ ଗୁଣ୍ଡ, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ ପକେଇ କଷିବା । ମସଲା ସବୁ ଭଲରେ କଷି ହେଇଗଲା ପରେ ସେଥିରେ ଚିକେନ ଏବଂ ଲୁଣ ପକେଇ କଷିବା । ୧୫ ମିନିଟ୍ ପରେ ସେଥିରେ ବଟା ହେଇଥିବା କାଜୁ ପେଷ୍ଟକୁ ପକେଇବା ଆଉ ୨ ଚାମଚ ଦହି ଦେବା । କିଛି ସମୟ ସିଝିବାକୁ ଛାଡ଼ିଦେବା । ତାପରେ ସେଥିରେ ଟିକେ ବଟର ପକେଇବା ଏବଂ ମେଥି ଆଉ ଧନିଆ ପାତ୍ର ଦେଇ ଗ୍ୟାସ୍‌କୁ ବନ୍ଦ କରିଦେବା । ପ୍ରସ୍ତୁତ ହେଇଗଲା ଚିକେନ ବଟର ମସଲା । ଏହାକୁ ଆମେ ବଟର ନାନ୍ କିମ୍ବା ରୁଟି ସହ ଖାଇଲେ ବେଶି ଭଲ ଲାଗିଥାଏ ।

**ପ୍ରଥମେ ବିରି ଚାଉଳକୁ ପାଣିରେ ବତୁରାଇ ଦିଅନ୍ତୁ । ତାପରେ ପାଣିରୁ ଛାଣି ବିରି, ଚାଉଳ ଏବଂ ଲାଉକୁ ବାଟି ଦିଅନ୍ତୁ । ତାପରେ ସେଥିରେ ଲୁଣ, ଗୁଡ, ନଡ଼ିଆ କୋରା, ଗୁଜୁରାତି ଗୁଣ୍ଡ ପକେଇ ଗୋଳେଇ ଦେଇ କିଛି ସମୟ ରଖିଦିଅନ୍ତୁ ।**



# ଐଶ୍ୱର୍ଯ୍ୟାଙ୍କ ରାନ୍ଧଣା


ଐଶ୍ୱର୍ଯ୍ୟା ପ୍ରଧାନ

ଗ୍ରାମ: କନ୍ଧେଇମାଳ, ପୋ.ଅ: ଉକ୍ଳେଲା,
ଜିଲ୍ଲା: କଳାହାଣ୍ଡି-୭୬୬୦୧୧
ଫୋନ: ୭୦୦୮୯୩୧୫୯୯
ଫଟୋ ସୌଜନ୍ୟ: ଲେଖିକା


**ପରିବା ସିଝିଗଲେ ସେଥିରେ ବଟା ମସଲା ଓ ଗୁଡ ଦେଇ ଘାଣ୍ଟି ଦିଅନ୍ତୁ । ଚାଉଳ ଚୁନାରେ ପାଣି ଦେଇ ଘୋଳ ପ୍ରସ୍ତୁତ କରନ୍ତୁ । ଧିରେ ଧିରେ ଘୋଳକୁ ପକେଇ ଘାଣ୍ଟି ଦିଅନ୍ତୁ । ବହଳା ହୋଇ ଆସିଲେ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ । ଫୁଟଣ ପାଇଁ କଡ଼େଇରେ ତେଲ ଗରମ୍ କରି ପଞ୍ଚଫୁଟଣ, ଭୃଷଙ୍ଗ ପତ୍ର, ଛେଚା ରସୁଣ, ଜିରା ଓ ଶୁଖିଲା ଲଙ୍କା ଦେଇ ଫୁଟାନ୍ତୁ ଓ ଲେଥା (ଆମ୍ବିଳ )ରେ ପକେଇ ଘୋଡଣୀ ଦେଇ ଦିଅନ୍ତୁ । ପ୍ରସ୍ତୁତ ହୋଇଯିବ ସୁଆଦିଆ ଲେଥା (ଆମ୍ବିଳ) ।**



▶ ଲେଖିକା ଐଶ୍ୱର୍ଯ୍ୟା ପ୍ରଧାନ

## ଲେଥା ତୁନ୍(ଆମ୍ବିଳ)



**ଆବଶ୍ୟକ ସାମଗ୍ରୀ :** ବାଉଁଶ କରଡି ଅଳ୍ପ, ଭେଣ୍ଡି ଛୋଟ ଛୋଟ କଟା ହୋଇଥିବା, କଖାରୁ ଛୋଟ କଟା ହୋଇଥିବା, କାକୁଡ଼ି ଛୋଟ କଟା ହୋଇଥିବା, ବାଇଗଣ ଛୋଟ କଟା ହୋଇଥିବା, ସାରୁ ଛୋଟ କଟା ହୋଇଥିବା, ଟମାଟୋ କଟା ହୋଇଥିବା, ମୂଳା ଛୋଟ କଟା ହୋଇଥିବା, ଆମ୍ବୁଲ ୪ ଟା, ଅରୁଆ ଚାଉଳ ଚୁନା ଗୋଟିଏ କପ୍, କିଛି ଗୁଡ଼ ସ୍ୱାଦ ଅନୁସାରେ, ଜିରା ଧନିଆ ହଳଦୀ ରସୁଣ ଲଙ୍କା ବଟା ମସଲା ଅଳ୍ପ, ଅଳ୍ପ ତେଲ, ସ୍ୱାଦ ଅନୁସାରେ ଲୁଣ, ଫୁଟଣ ପାଇଁ, ଭୃଷଙ୍ଗ ପତ୍ର, ଶୁଖିଲା ଲଙ୍କା, ପଞ୍ଚଫୁଟଣ, ଜିରା, ରସୁଣ ସାତ କୋଲା ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଗ୍ୟାସ୍‌ରେ ଡେକ୍‌ଚି ବସେଇ ପାଣି ଦେଇ ଫୁଟାନ୍ତୁ । ଫୁଟିଗଲେ ଲୁଣ ହଳଦୀ, କରଡ଼ି ଓ ସବୁ ପରିବା ଦେଇ ଘୋଡ଼େଇ ଦିଅନ୍ତୁ ସିଝିବା ପର୍ଯ୍ୟନ୍ତ । ପରିବା ସିଝିଗଲେ ସେଥିରେ ବଟା ମସଲା ଓ ଗୁଡ ଦେଇ ଘାଣ୍ଟି ଦିଅନ୍ତୁ । ଚାଉଳ ଚୁନାରେ ପାଣି ଦେଇ ଘୋଳ ପ୍ରସ୍ତୁତ କରନ୍ତୁ । ଧିରେ ଧିରେ ଘୋଳକୁ ପକେଇ ଘାଣ୍ଟି ଦିଅନ୍ତୁ । ବହଳା ହୋଇ ଆସିଲେ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ । ଫୁଟଣ ପାଇଁ କଡ଼େଇରେ ତେଲ ଗରମ୍ କରି ପଞ୍ଚଫୁଟଣ, ଭୃଷଙ୍ଗ ପତ୍ର, ଛେଚା ରସୁଣ, ଜିରା ଓ ଶୁଖିଲା ଲଙ୍କା ଦେଇ ଫୁଟାନ୍ତୁ ଓ ଲେଥା (ଆମ୍ବିଳ )ରେ ପକେଇ ଘୋଡଣୀ ଦେଇ ଦିଅନ୍ତୁ । ପ୍ରସ୍ତୁତ ହୋଇଯିବ ସୁଆଦିଆ ଲେଥା (ଆମ୍ବିଳ) । ଏହା ଆମ ପଶ୍ଚିମ ଓଡ଼ିଶାର ଏକ ପାରମ୍ପରିକ ବ୍ୟଞ୍ଜନ । ଆମ ଗଣପର୍ବ ନୂଆଖାଇରେ ଏହା ପ୍ରସ୍ତୁତ କରାଯାଏ ।

## ଚୁନା ମାଛ ବେସର

**ଆବଶ୍ୟକ ସାମଗ୍ରୀ :** ଛୁନା ମାଛକୁ ସଫା କରି ନେଇ ଧୁଆ ହୋଇଥିବ । ଜିରା, ଧନିଆ, ସୋରିଷ, ରସୁଣ, ଲଙ୍କା ବଟା, ଅଳ୍ପ ହଳଦୀ ଗୁଣ୍ଡ, ସ୍ୱାଦ ଅନୁସାରେ ଲୁଣ, ଗୋଟେ ଆମ୍ବୁଲ, ଦୁଇଟି ଛୋଟ କଟା ଯାଇଥିବା ଟମାଟୋ, ଶୁଖିଲା ଲଙ୍କା ୨, ସୋରିଷ ଅଳ୍ପ ଫୁଟଣ ପାଇଁ, ଅଳ୍ପ ଧନିଆ ପତ୍ର, ସୋରିଷ ତେଲ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ କଡ଼େଇରେ ସୋରିଷ ତେଲ ଗରମ୍ କରି ସୋରିଷ ଶୁଖିଲା ଲଙ୍କା ଫୁଟଣ ଦେଇ ବଟା ମସଲା ଓ ହଳଦୀ ଗୁଣ୍ଡ ପକାନ୍ତୁ, ଟିକେ କଷି ହେଲା ପରେ କଟା ଟମାଟୋ ଓ ସ୍ୱାଦ ଅନୁସାରେ ପକାଇ ଲୁଣ ପକାଇ ଘୋଡାଇ ଦିଅନ୍ତୁ ଟମାଟୋ ସିଝିବା ପର୍ଯ୍ୟନ୍ତ,ଏବେ ଘୋଡଣୀ ଖୋଲି ଗୋଟେ ଆମ୍ବୁଲ ଓ ଚୁନା ମାଛ ପକେଇ ଧିରେ ଧିରେ ଘାଣ୍ଟି ଦିଅନ୍ତୁ । କିଛି ସମୟ ପରେ ଅଳ୍ପ ପାଣି ଦେଇ ଘୋଡ଼େଇ ଦିଅନ୍ତୁ, ପାଣି ମରିଗଲେ ଧନିଆ ପତ୍ର ପକେଇ ଗ୍ୟାସ୍ ବନ୍ଦ କରି ଦେଇ ଗରମ୍ ଗରମ୍ ଭାତ ସହିତ ପରଷି ଦିଅନ୍ତୁ ଚୁନା ମାଛ ବେସର ।

**ଘୋଡଣୀ ଖୋଲି ଗୋଟେ ଆମ୍ବୁଲ ଓ ଚୁନା ମାଛ ପକେଇ ଧିରେ ଧିରେ ଘାଣ୍ଟି ଦିଅନ୍ତୁ । କିଛି ସମୟ ପରେ ଅଳ୍ପ ପାଣି ଦେଇ ଘୋଡ଼େଇ ଦିଅନ୍ତୁ, ପାଣି ମରିଗଲେ ଧନିଆ ପତ୍ର ପକେଇ ଗ୍ୟାସ୍ ବନ୍ଦ କରି ଦେଇ ଗରମ୍ ଗରମ୍ ଭାତ ସହିତ ପରଷି ଦିଅନ୍ତୁ ଚୁନା ମାଛ ବେସର ।**



# ରତିଙ୍କ ରାନ୍ଧଣା


## ରତିକାନ୍ତ ପାତ୍ର

ଫ୍ଲାଟ୍ ନଂ-୭, ତୃତୀୟ ମହଲା, ଡିଲାଇଟ୍ ଆପାର୍ଟମେଣ୍ଟ୍, ହ୍ୱାଇଟ୍ ଟାଉନ୍, ପୁଡୁଚେରୀ-୬୦୫୦୦୧, ଫୋନ:୯୯୦୨୭ ୭୪୩୯୧


ଫଟୋ ସୌଜନ୍ୟ: ଲେଖକ

**ବର୍ତ୍ତମାନ କଡାଇରେ ସୋରିଷ ତେଲ ଗରମ କରି ସେଥିରେ ୧-୨ଟା ଡାଲଚିନି ଓ ତେଜ ପତ୍ର ପକାଇ ଫୁଟେଇ ନେବେ। ବଟା ହେଇଥିବା ମସଲାକୁ ତେଲରେ ପକାଇ ପାଣି ଛାଡ଼ିଲା ପର୍ଯ୍ୟନ୍ତ ଭାଜିବେ। ଏଥର ସମସ୍ତ ଗୁଣ୍ଡ ମସଲା ଓ କସ୍ତୁରୀ ମେଥି ପକାଇ କଷିବେ।**



▶ ଲେଖକ ରତିକାନ୍ତ ପାତ୍ର



## ଚିକେନ ଦମ୍ ବିରିୟାନି

**ଆବଶ୍ୟକ ସାମଗ୍ରୀ :** ତେଜପତ୍ର - ୩/୪, ଅଳେଇଚ- ୭/୮, ଡାଲ୍‌ଚିନି- ୬/୭ ଖଣ୍ଡ, ଅନାସି ଫୁଲ- ୩/୪, ଲବଙ୍ଗ- ୫/୬, ଗୋଲମରିଚ- ୧୦/୧୨, ଶୁଖିଲା ଲଙ୍କା ୨/୪

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ପିଆଜକୁ ସରୁ ସରୁ କରି କାଟି ତେଲରେ ଭଲ ଭାବେ ଛାଣି ନିଅନ୍ତୁ ଓ ଅଲଗା ରଖନ୍ତୁ। ଏହାପରେ ଚିକେନ୍‌କୁ ଭଲ ଭାବରେ ଧୋଇ ନିଅନ୍ତୁ ଓ ପାଣିକୁ ଛାଣି ବାହାର କରି ଦିଅନ୍ତୁ। ସେଥିରେ ଦହି, ତେଲ ଏବଂ ସମସ୍ତ ଗୁଣ୍ଡ ମସଲା ଓ ଗୋଟା ମସଲା ପକାଇ ଭଲ ଭାବେ ମିଶାଇ ନିଅନ୍ତୁ। ସେଥିରେ ୨-୩ ଚାମୁଚ ଅଦା ରସୁଣ ବଟା ମିଶାଇ ନିଅନ୍ତୁ। ଏଥର ଆଗରୁ ଛଣା ହେଇଥିବା ପିଆଜକୁ ମିଶାଇ ନିଅନ୍ତୁ। ଏ ସବୁକୁ ଅତି କମ୍‌ରେ ୩୦-୪୫ ମିନିଟ୍ ପାଇଁ ଘୋଡ଼େଇ ରଖି ଦିଅନ୍ତୁ। ଏଥର କଡାଇରେ କିଛି ତେଲ ନେଇ ଗରମ କରି ସେଥିରେ ମାରିନେଟ୍ ହେଇଥିବା ଚିକେନ୍‌କୁ ପକାଇ କଷିବା ଆରମ୍ଭ କରନ୍ତୁ। ଚିକେନ୍‌କୁ ଅଧା କଷନ୍ତୁ କାରଣ ବାକି ଚିକେନ୍ ଦମ୍‌ରେ ଭଲ ଭାବେ ରାନ୍ଧି ହେଇଯିବ। ଅନ୍ୟ ଏକ ପାତ୍ରରେ ପାଣି ଗରମ କରି ସେଥିରେ କିଛି ଗୋଟା ମସଲା, ଲୁଣ ଓ ଗୁଆ ଘିଅ ସହ ଚାଉଳ ଦିଅନ୍ତୁ। ଧ୍ୟାନ ଦେବେ ଚାଉଳ ଯେମିତି ପୁରା ନ ଶିଝି ଯାଏ। ଚାଉଳ ଅଧା ଶିଝା ରଖିବେ ତାହା ହେଲେ ବାକି ଦମ୍ ଦେଲା ବେଳେ ଭଲ ଭାବେ ଶିଝି ଯିବ ଓ ଗୋଟା ଗୋଟା ରହିବ। ବର୍ତ୍ତମାନ ଆଉ ଗୋଟା ମୋଟା ପତ୍ର ନିଅନ୍ତୁ ଏବଂ ସେଥିରେ କିଛି ଗୁଆ ଘିଅ ଦେଇ ଗରମ କରନ୍ତୁ। ଏଥର ଚିକେନ ଏବଂ ଭାତକୁ ଅଲଗା ଅଲଗା ସ୍ତର କରି ମିଶାନ୍ତୁ। ପ୍ରତି ସ୍ତରରେ ଛଣା ପିଆଜକୁ ବିଞ୍ଚି ଦିଅନ୍ତୁ। ଚୁଲିର ଆଞ୍ଚକୁ ଧୀର କରି ଦିଅନ୍ତୁ ଓ ଭଲ ଭାବେ ଢାଙ୍କୁଣି ଲଗେଇ ଦିଅନ୍ତୁ। କିଛି ଅଟାର ଗୋଲଣି ନେଇ ପାତ୍ର ଓ ଢାଙ୍କୁଣିର ଫାଟକୁ ଚାରିପଟରୁ ଲେପି ଦିଅନ୍ତୁ। ଦେଖିବେ ବାମ୍ଫ ଯେମିତି ନ ବାହାରି ଯାଏ। ୩୦-୪୦ ମିନିଟ୍ ପର୍ଯ୍ୟନ୍ତ କମ ଆଞ୍ଚରେ ରାନ୍ଧିବା ପାଇଁ ଛାଡ଼ି ଦିଅନ୍ତୁ। ଏଥର ଆପଣଙ୍କ ଦମ୍ ବିରିୟାନି ପ୍ରସ୍ତୁତ ହେଇ ଯାଇଛି। ଦହି ରାଇତା ସହ ଗରମ ଗରମ ପରଷି ଦିଅନ୍ତୁ।

## କାବୁଲି ଚଣା ମସଲା

**ଆବଶ୍ୟକ ସାମଗ୍ରୀ :** କାବୁଲି ଚଣା (ବଡ଼)-୨ କପ, ବଡ଼ ପିଆଜ- ୨/୩ ଟା, ଟମାଟୋ- ୧/୨ଟା, ଅଦା-୬/୭ ଖଣ୍ଡ, ରସୁଣ-୭/୮ କୋଳ, ଧନିଆ ପତ୍ର, କସ୍ତୁରୀ ମେଥି, ସୋରିଷ ତେଲ, ଲୁଣ, ତେଜପତ୍ର -୧/୨ ଟା, ଅଳେଇଚ-୨/୩ଟା, ଡାଲଚିନି-୪/୫ ଖଣ୍ଡ, ଲବଙ୍ଗ- ୧/୨ ଟା, ଗୋଲମରିଚ- ୪/୫ଟା, ଶୁଖିଲା ଲଙ୍କା-୨/୩ ଟା, ଜିରା-୧ ଛୋଟ ଚାମଚ, ଧନିଆ ଗୋଟା -୧ ଛୋଟ ଚାମଚ, ଗରମ ମସଲା, ଜୀରା ଗୁଣ୍ଡ, ଲଙ୍କା ଗୁଣ୍ଡ, ଧନିଆ ଗୁଣ୍ଡ।

**ପ୍ରସ୍ତୁତି ପ୍ରଣାଳୀ:** କାବୁଲି ଚଣାକୁ ପାଣିରେ ଧୋଇ ୧୦-୧୨ ଘଣ୍ଟା ବା ଗୋଟେ ରାତି ଭିଜେଇ ରଖନ୍ତୁ। ଏଥର ପାଣିରେ ଲୁଣ ଓ ହଳଦୀ ଗୁଣ୍ଡ ଦେଇ ସେଥିରେ ଭିଜା ହେଇଥିବା କାବୁଲି ଚଣାକୁ ପକେଇ ପ୍ରେସର୍ କୁକର୍‌ରେ ୪-୫ଟି ସିଟି ମାରି ସିଝାଇ ଦିଅନ୍ତୁ। ଧ୍ୟାନ ଦେବେ ଯେମିତି ଚଣା ଅତ୍ୟଧିକ ସିଝି ନ ଯାଏ। ଏହା ପରେ ସିଝା ଚଣା ପାଣିରୁ ବାହାର କରି ଅନ୍ୟତ୍ର ରଖନ୍ତୁ। ଏଥର ବଟା ମସଲା ପ୍ରସ୍ତୁତ କରିବା। ପିଆଜ, ଟମାଟୋ, ଅଦା, ରସୁଣ, ଅଳେଇଚ,ଡାଲଚିନି, ଲବଙ୍ଗ, ଗୋଲମରିଚ, ଗୋଟା ଜିରା, ଗୋଟା ଧନିଆ ଓ ଶୁଖିଲା ଲଙ୍କା କୁ ନେଇ ଭଲ ଭାବରେ ବାଟି ଗୋଟେ ପେଷ୍ଟ ତିଆରି କରିବା। ବର୍ତ୍ତମାନ କଡାଇରେ ସୋରିଷ ତେଲ ଗରମ କରି ସେଥିରେ ୧-୨ଟା ଡାଲଚିନି ଓ ତେଜ ପତ୍ର ପକାଇ ଫୁଟେଇ ନେବା। ବଟା ହେଇଥିବା ମସଲାକୁ ତେଲରେ ପକାଇ ପାଣି ଛାଡ଼ିଲା ପର୍ଯ୍ୟନ୍ତ ଭାଜିବା। ଏଥର ସମସ୍ତ ଗୁଣ୍ଡ ମସଲା ଓ କସ୍ତୁରୀ ମେଥି ପକାଇ କଷି ନେବା। ଏହା ପରେ ଶିଝା କାବୁଲି ଚଣା ପକାଇ ଭଲ ଭାବେ ମିକ୍ସ କରି ଆଉ କିଛି ସମୟ କଷିବା।

ବର୍ତ୍ତମାନ ଆବଶ୍ୟକ ଅନୁଯାୟୀ ପାଣି ଦେଇ ଢାଙ୍କୁଣି ଲଗେଇ ଦେବା ଓ କିଛି ସମୟ ଫୁଟିବା ପାଇଁ ଛାଡ଼ିଦେବା। ଧ୍ୟାନ ଦେବେ ଯେମିତି ପାଣିଆ ନ ହେଇ ଯାଉ କାରଣ ଏହା ବହଳିଆ ହେଲେ ହି ଖାଇବା ପାଇଁ ଓ ଦେଖିବା ପାଇଁ ଭଲ ଲାଗେ। ଫୁଟିଗଲା ପରେ ଧନିଆ ପତ୍ରକୁ ଛୋଟ ଛୋଟ କରି କାଟି ଉପରେ ବିଞ୍ଚି ଦିଅନ୍ତୁ। ଆପଣଙ୍କ ଛୋଲେ ପ୍ରସ୍ତୁତ ହେଇ ଯାଇଛି। ରୁଟି, ପୁରୀ, ପରଟା, ଭାତ ସହ ଗରମ ଗରମ ପରଷି ଦିଅନ୍ତୁ।



# ସର୍ଜନାରେ ନୂଆମୁହଁ

ସର୍ଜନଶୀଳତା କ୍ଷେତ୍ରରେ ଯେଉଁମାନେ ପ୍ରତିଷ୍ଠିତ ଏବଂ ନିଜ ପାଇଁ ସ୍ୱତନ୍ତ୍ର ସ୍ଥାନ ତିଆରି କରି ସାରିଛନ୍ତି, ସେମାନେ ନୂଆପିଢ଼ି ଲେଖକଙ୍କୁ ସାଦରେ ଗ୍ରହଣ କରି ସେମାନଙ୍କ ପାଇଁ ବାଟ ତିଆରି କରିବା ଉଚିତ । ମାତ୍ର ଅନେକ ସମୟରେ ଏହାର ବ୍ୟତିକ୍ରମ ନୂଆମାନଙ୍କୁ କେବଳ ବୀତସ୍ପୃହ କରୁନାହିଁ, ସେମାନେ ପ୍ରତିଷ୍ଠିତମାନଙ୍କ ପ୍ରତି ଏକ ବିରୂପ ମନୋଭବ ପୋଷଣ କରୁଥିବା ଦେଖାଯାଉଛି । ଫଳରେ ସର୍ଜନା କ୍ଷେତ୍ରଟି ଧୀରେ ଧୀରେ ନୂଆମାନଙ୍କ ପାଇଁ ଏକ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇ ଝଟକୁ ନାଇଁ । ଆଜିର ସମୟରେ ନୂଆମାନେ ସର୍ଜନା କ୍ଷେତ୍ରକୁ ଆସିବାର ହାର କମି କମି ଯିବା ଏକ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରୁଛି ।


ନୂଆ ଲେଖକଟିଏ ସର୍ଜନା କ୍ଷେତ୍ରରେ ପ୍ରବେଶ କରିବା ବେଳେ ଅନେକ ଦୃଷ୍ଟିରୁ ସେ କେବଳ ଅନଭିଜ୍ଞ ନଥାଏ, ବରଂ ଅନେକ କଥା ତାକୁ ଶିଖିବାକୁ ପଡ଼ିଥାଏ, ଅନୁସରଣ କରିବାକୁ ପଡ଼ିଥାଏ । ଏତିକିବେଳେ ସେମାନଙ୍କ ଆଗରେ ବଡ଼ ଲେଖକମାନେ ବା ସେମାନଙ୍କ ସିନିୟର୍‌ମାନେ ସାହାଯ୍ୟକାରୀ ଭାବେ ଆଗେଇ ଆସିବା ଉଚିତ । କିନ୍ତୁ ଅନେକ ସମୟରେ ନୂଆମାନଙ୍କର ଅଭିଯୋଗ ହୁଏ ଯେ, ସେମାନଙ୍କୁ ପଢ଼ିବା ତ ଦୂରର କଥା, ବଡ଼ମାନେ ସେମାନଙ୍କ ପାଇଁ ପ୍ରେରଣା ମଧ୍ୟ ସାଜି ପାରନ୍ତି ନାହିଁ । ବେଳେବେଳେ କିଛି ସିନିୟର୍ ଲେଖକ ଆଚରଣ ଓ ବ୍ୟବହାରରେ ନୂଆମାନଙ୍କୁ ଭୟଭୀତ କରାଇ ରଖନ୍ତି ମଧ୍ୟ ।

ତେବେ ଏସବୁ ସତ୍ତ୍ୱେ, ନୂଆମାନଙ୍କୁ ଆଗକୁ ଆଣିବା ପାଇଁ ଓଡ଼ିଆ ସାହିତ୍ୟରେ ନାନା ପ୍ରକାର କାର୍ଯ୍ୟ କରାଯାଉଛି । ଅନେକ ପ୍ଲାଟ୍‌ଫର୍ମରେ ନୂଆମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ଜଣେ ଜଣେ ସମ୍ଭାବନାମୟୀ ଲେଖକ ଭାବରେ ସ୍ୱୀକୃତିପତ୍ର ଦିଆ ଯାଉଛି । ଅନେକ ଅନୁଷ୍ଠାନ ନୂଆମାନଙ୍କୁ ଉତ୍ସାହ ଦେବା ପାଇଁ ସେମାନଙ୍କୁ ନେଇ ନୂଆ ନୂଆ କାର୍ଯ୍ୟକ୍ରମ କରୁଥିବା ଦେଖାଯାଉଛି । ଫଳରେ ନୂଆ ଲେଖକମାନଙ୍କ ଭିତରେ ଏକ ଆସ୍ଥା ଓ ବିଶ୍ୱାସ ଉପୁଜିବା ସହ ସେମାନେ ଲେଖାଲେଖି ଦିଗରେ ନିଜକୁ ନିୟୋଜିତ କରୁଛନ୍ତି । ଏହା ଏକ ଶୁଭଙ୍କର ଲକ୍ଷଣ । ଏ ଦିଗରେ କଥା ନବପ୍ରତିଭା ପ୍ରତିଯୋଗିତା, କାଦମ୍ବିନୀ ନବଉନ୍ମେଷ, ଟାଇମ୍‌ପାସ୍ ଉଦୟରାଗ, ଓଡ଼ିଆ ମିଡ଼ିଆର ଓଡ଼ିଶା ଯୁବ ପୁରସ୍କାର, ଗଦ୍ୟାଂଶ ଉତ୍ସବ ଆଦି ଗୋଟିଏ ଗୋଟିଏ ବତୀଘର ।

ନୂଆମାନେ ସାହିତ୍ୟ ଜଗତକୁ ପ୍ରବେଶ ନକଲେ, ସର୍ଜନଶୀଳତା ଯେ ଶୁଷ୍କ ମରୁଭୂମି ପାଲଟିନଯିବ- କିଏ କହିବ ! ପୁରୁଣାମାନେ ବିଦାୟ ନେବେ ଓ ନୂଆମାନେ ସେମାନଙ୍କ ସ୍ଥାନରେ ନିଜକୁ ପ୍ରତିଷ୍ଠା କରାଇବେ- ସାହିତ୍ୟର ଏ ସୃଜନ-ଚକ୍ର ଚାଲିଛି ଓ ଚାଲିଥିବ । ତେବେ ନୂଆ ଲେଖକମାନଙ୍କ ସାମ୍ନାରେ ଅନେକ ଆହ୍ୱାନ ରହିଛି । ରାତାରାତି ଜଣେ ଲେଖକ ହୋଇଯିବା ଅବା ଗୋଟିଏ ଦିନରେ ଯଶ ଖ୍ୟାତି ସବୁ ପାଇଯିବା- ଏପରି ଭାବିବା ଅନୁଚିତ । ସାହିତ୍ୟ ଯେହେତୁ ଏକ ସାଧନାର କଥା, ତେଣୁ ଏ ଦିଗରେ ଯେଉଁ ନୂଆମୁହଁ ମାନେ ଆସୁଛନ୍ତି, ସେମାନେ ନିଜକୁ ପ୍ରସ୍ତୁତ କରି ଆସନ୍ତୁ ଯେ, ସାହିତ୍ୟ ପାଇଁ ସେମାନେ ସମୟ ଦେବେ । ସ୍ୱେଦ ବୁହାଇବେ । ସାହିତ୍ୟରେ ପ୍ରତିଷ୍ଠା ତତ୍କାଳ ମିଳେ ନାହିଁ । ଯେଉଁମାନେ ଆଜି ପ୍ରତିଷ୍ଠିତ ସେମାନେ ଦୀର୍ଘକାଳ ସାହିତ୍ୟ ଜଗତ ସହିତ ଜଡ଼ିତ ରହି ସାଧନାରତ ରହିଛନ୍ତି । ଫଳରେ ସେମାନଙ୍କୁ ଏକ ବୃହତ୍ତର ପାଠକ ମହଲ ଚିହ୍ନୁଛନ୍ତି ବା ଜାଣୁଛନ୍ତି । ଆକାଶରୁ ଖସି ପଡ଼ିନାହିଁ ପ୍ରସିଦ୍ଧି । ନୂଆମାନେ ଏ କଥାକୁ ହେଜିବା ଉଚିତ । ଆଜି ଆସି ଆସନ୍ତାକାଲି ସୁନାମ ଅର୍ଜନ କରିବା ପ୍ରଲୋଭନରେ ନପଡ଼ି ନିଜର ଲେଖାଲେଖିରେ ମନୋନିବେଶ କଲେ ହିଁ ଫଳପ୍ରାପ୍ତି ହେବ, ଏକଥା ନୂଆମାନେ ଜରଇ ରଖିବା ଉଚିତ । ନିଜ ଲେଖାଲେଖିରେ ନିରବଚ୍ଛିନ୍ନ ଭାବେ ଲାଗି ରହିବା ଏବଂ ପଢ଼ାପଢ଼ି ଓ ଅଧ୍ୟୟନ ମାଧ୍ୟମରେ ନିଜର ଜ୍ଞାନ ଓ ଅଭିଜ୍ଞତା ବୃଦ୍ଧି କରି ନିଜର ସର୍ଜନ-କ୍ଷମତାକୁ ଶକ୍ତିଶାଳୀ କରିବା ଦିଗରେ ମଧ୍ୟ ଚେଷ୍ଟା କରିବା ଉଚିତ୍ ।

ଆଜିର ସମୟରେ ନୂଆ ମୁହଁଙ୍କ ପାଇଁ ପ୍ରକାଶନର ବାଟ ଆଦୌ ଜଟିଳ ନୁହେଁ । ସାମାଜିକ ଗଣମାଧ୍ୟମର ଏକ ବୃହତ୍ ଅଂଶକୁ ବ୍ୟବହାର କରି ପ୍ରତ୍ୟେହ ନୂଆ ନୂଆ ଲେଖକମାନେ ସାହିତ୍ୟ ଜଗତରେ ପ୍ରବେଶ କରୁଥିବା ଦେଖାଯାଉଛି । ଅବଶ୍ୟ ସେମାନଙ୍କ ମଧ୍ୟରୁ କେତେଜଣ ତିଷ୍ଠି ରହୁଛନ୍ତି ଓ କେତେଜଣ ସମୟର ପ୍ରବାହରେ ନିଶ୍ଚିହ୍ନ ହୋଇ ଯାଉଛନ୍ତି, ତାହା ବିଚାର୍ଯ୍ୟ । କିନ୍ତୁ ସାମାଜିକ ଗଣମାଧ୍ୟମ ସର୍ଜନଶୀଳତାରେ ଆଗ୍ରହ ବୃଦ୍ଧି କରିବା ପାଇଁ ଏକ ବଡ଼ ସହାୟକର ଭୂମିକା ନିର୍ବାହ କରୁଛି- ଏଥିରେ ସନ୍ଦେହର ଅବକାଶ ନାହିଁ । ଜଣେ ନୂଆ ଲେଖକକୁ ସମ୍ପାଦକଟିଏ ଭରସି ପାରୁ ନଥିବା ବେଳେ ତା'ର ପ୍ରଥମ ଲେଖାକୁ ଛାପିବା ପାଇଁ ନାମଙ୍ଗ ମଧ୍ୟ ହେଉଛନ୍ତି । ଫଳରେ ନୂଆ ଲେଖକ ଭିତରୁ ଆଗ୍ରହ ମରି ଯାଉଛି । ସେ କ୍ଷେତ୍ରରେ ଫେସ୍‌ବୁକ୍ ଭଳି ଗଣମାଧ୍ୟମରେ ନିଜେ ଯାହା କିଛି ଲେଖି ପବ୍ଲିଶ୍ କରିବା ପାଇଁ କୌଣସି ପ୍ରକାର ସମ୍ପାଦକୀୟ କଟକଣା ନରହିବାରୁ ନୂଆ ଲେଖକଟି ଫେସ୍‌ବୁକ୍‌କୁ ମାଧ୍ୟମ କରୁଛି । ସୁତରାଂ ଫେସ୍‌ବୁକ୍ ନୂଆ ଲେଖକଙ୍କ ପାଇଁ ଏକ ସୁବର୍ଣ୍ଣ ସୁଯୋଗ କହିହେବ । ତେବେ ସବୁବେଳେ ଯେ ଫେସ୍‌ବୁକ୍‌ରେ ଖରାପ ଲେଖା ଦୃଷ୍ଟିଗୋଚର ହୁଏ, ତା' ନୁହେଁ । ଅନେକ ଭଲ ଲେଖାର ଲେଖକକୁ ପ୍ରଥମଥର ଠାବ କରି ଆମେ ସେମାନଙ୍କୁ ଭରସା କରୁ ଓ ନିଜ ପତ୍ରିକାରେ ମଧ୍ୟ ସ୍ଥାନ ଦେଉ- ଏ ଦୃଷ୍ଟାନ୍ତ ମଧ୍ୟ ମୋ ପାଖରେ ଅଛି । ତେଣୁ ନୂଆଲେଖକଙ୍କୁ ପତ୍ରିକାର ସମ୍ପାଦକମାନେ କୋହଳ ମନୋବୃତ୍ତି ପୋଷଣ କରି ସେମାନଙ୍କ ଲେଖାକୁ ଗ୍ରହଣ କଲେ ସେମାନଙ୍କ ଭିତରେ ଉତ୍ସାହ ବଢ଼ିବା ସଙ୍ଗେ ସଙ୍ଗେ ଆତ୍ମବିଶ୍ୱାସ ଆସିବ ଯେ ହଁ ମୁଁ ଲେଖିପାରିବି । ଜଣେ ସମ୍ପାଦକ ପାଖରେ ସେତିକି ଯୋଗ୍ୟତା ଥିବା ଉଚିତ, କେଉଁ ନୂଆ ଲେଖକ ଭିତରେ ଆଗକୁ ଯିବାର ସମ୍ଭାବନା ଅଛି ଏବଂ କାହା ଭିତରେ ନାହିଁ । ତଦନୁସାରେ ସେ ନୂଆମାନଙ୍କୁ ସ୍ଥାନିତ କରିବା ଦରକାର । ଶେଷରେ କହିବି : "ଆସ ଆସ ନୂଆମାନେ ମୋ ପିଣ୍ଡାରେ ବସ, ପିଇବାକୁ ଦେବି ତମକୁ ନାରିକେଳ ରସ, ଖାଇବାକୁ ଦେବି ପୁଣି ସୃଜନର ଶସ ।"

**ସୃଜନ-ସ୍ଲେଟ୍‌ରେ ଲେଖିଦେବାକୁ ଯେଉଁ ଭରସାଯୋଗ୍ୟ ନୂଆମୁହଁଙ୍କ ନାମ ଏଇ ମୁହୂର୍ତ୍ତରେ ମୋର ମନେ ପଡୁଛି, ସେମାନେ ହେଲେ ସରୋଜିନୀ ଶଙ୍ଖୁଆ, ଶ୍ରୀସିକ୍ତା ଶୁଭଦର୍ଶିନୀ ନାୟକ, ପୁଣ୍ୟଦୀପା ଖମାରୀ, ଜିନାତମାମ୍, ଗୌରୀ ସାହୁ, ସୁଦୀପା ସାହୁ, ସ୍ୱାଗତିକା ମିଶ୍ର, ସଙ୍ଘମିତ୍ରା ଭୁତିଆ, କୈଳାସ ବେହେରା, ସଂଗ୍ରାମ କେଶରୀ ସେନାପତି, ମନୀଷା ବିଶ୍ୱାଳ ଏବଂ ଆହୁରି କିଛି ।**






## Product Profile


Headless (HL)


PUD


PD


Karikadi


Easy Peel


PDTO

/highlandagro

# HIGHLAND AGRO FOOD PVT. LTD.

Plot No. 347-358, Gadabhanga, Khantapada, Balasore, Odisha, India - 756043
Email : info@highlandgroups.com Website : www.highlandgroups.com

The **REBATI AMA MATIRA SWARA** ● January 2024 Vol - 6 Issue - 03 ● R.N.I. REGD. No. : ODIODI/2018/78444 ● Postal Regn. No - Balasore (Orissa)/ 02/2023-2024 ● Rs. 50
Total Page : 108




Associate editor : **Krushna Kumar Mohanty**
Editor : **Subasini Jena**